


କତାର ଓପନ୍ ଜିତିଲେ ଅଲ୍‌କାରାଜ

▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-238 ♦MONDAY ♦23 FEBRUARY 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୨୩୮ ♦ସୋମବାର ♦୨୩ ଫେବୃଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୬.୦୦







Flat
45% off
on making charges
of gold jewellery.

90 YEARS
TRUST IS TIMELESS

BHUBANESWAR SHOWROOMS: • Saheed Nagar, Janpath • District Center, Chandrasekharpur • Samantarapur • Soubhagya Nagar
SHOWROOMS ALSO AT: ANGUL | BERHAMPUR | CUTTACK | JAJPUR ROAD | JHARSUGUDA | PURI | ROURKELA | SAMBALPUR (Opening Shortly)

- BIS Hallmarked HUID Pure Gold Jewellery
- Fair Price Policy
- Tested And Certified Diamonds
- Lifetime Buyback Guarantee
- 100% Exchange Of Old Gold
- Free Insurance On Diamonds
- Safe Gold Purchase Scheme

Khimjijewellers.com | 1800 3131 777 | FOLLOW US ON:

SCAN TO KNOW MORE

ସକାଳ
THE SAKALA

ଔଷଧ କମ୍ପାନୀ ମ୍ୟାନେଜରଙ୍କୁ ହତ୍ୟା ଘଟଣା; ପୂର୍ବତନ କର୍ମଚାରୀ ଗିରଫ

ରାଉରକେଲା, ୨୨।୨(ସମିସ)

ଔଷଧ କମ୍ପାନୀ ମ୍ୟାନେଜରଙ୍କୁ ହତ୍ୟା ଘଟଣାର ପର୍ଦ୍ଦାଫାସ କରିଛି ରଘୁନାଥପାଲି ଥାନା ପୁଲିସ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବଚସା ପରେ ଅଭିଯୁକ୍ତ ବହିସ୍କୃତ କର୍ମଚାରୀ ଲୁହା କଡାରେ ଔଷଧ କମ୍ପାନୀ ମ୍ୟାନେଜରଙ୍କୁ ହତ୍ୟା କରିଥିବା ତଦନ୍ତରୁ ଜଣାପଡ଼ିଥିବା ପାନପୋଷ ଏସ୍‌ଡିପିଓ ମନୋରଞ୍ଜନ ପ୍ରଧାନ କହିଛନ୍ତି। ଗିରଫ ଅଭିଯୁକ୍ତ ହେଉଛି ବଳରାମ ଦାସ ଓରଫ ବଳିଆ (୨୮)। ତାଙ୍କ ଘର ଯାଜପୁର ଜିଲ୍ଲା କୁଆଖିଆ ଅଞ୍ଚଳରେ ବୋଲି ଜଣାପଡ଼ିଛି। ଆଜି ତାକୁ ପୁଲିସ ଗିରଫ ପରେ କୋର୍ଟକୁ ଚାଲାଣ କରିଥିବା ଜଣାପଡ଼ିଛି। ସୂଚନା ମୁତାବକ, ଜଗତସିଂହପୁର ଜିଲ୍ଲା ଏରସମା ଅନ୍ତର୍ଗତ ନୂଆଗାଁ ଅଞ୍ଚଳର ଭାଗିରଥି ସାହୁ (୩୫) ଏକ ଔଷଧ କମ୍ପାନୀରେ ମ୍ୟାନେଜର ଭାବେ କାମ କରୁଥିଲେ। ସେ ଭୁବନେଶ୍ୱରରୁ ଗତ ୨୦ ତାରିଖରେ ରାଉରକେଲାକୁ କୌଣସି କାମରେ ଆସି ତାଙ୍କର ସହକର୍ମୀ ତଥା ଅଭିଯୁକ୍ତ ବଳରାମ ଦାସ ରହୁଥିବା



ସିଭିଲ ଟାଉନସିପ କ୍ୟୁକ୍ୟୁକ୍ୟୁ /୧୪ ଭଡା ଘରେ ଆଶ୍ରୟ ନେଇଥିଲେ। ସେଠାରେ ଆଉ ୨ରୁ ୩ ଜଣ ମେଡିସିନ କର୍ମଚାରୀ ରହିଥିଲେ। ରାତିରେ ସମସ୍ତେ ମଦ୍ୟପାନ କରିବା ସହ ନୈଶ ଭୋଜି କରି ଖାଇଥିଲେ। ପୂର୍ବରୁ ଉକ୍ତ



କମ୍ପାନୀରେ କାମ କରୁଥିବା ସହକର୍ମୀ ବଳରାମ ଦାସଙ୍କୁ

ପୂର୍ବଶତ୍ରୁତାରୁ ହତ୍ୟା

କମ୍ପାନୀ ଓଡ଼ିଶାରୁ ହରିୟଣାକୁ ବଦଳି କରି ଦେଇଥିଲା। ଆଉ ତାଙ୍କ ସ୍ଥାନରେ ଭାଗିରଥିଙ୍କୁ ମ୍ୟାନେଜର କରିଥିଲା। ପରେ ବଳରାମ ହରିୟାଣା ନ ଯାଇ ଚାକିରି ଛାଡି ଦେଇଥିଲେ। ଏହି ଘଟଣାକୁ ନେଇ ଘଟଣା ଦିନ ରାତିରେ ଭାଗିରଥିଙ୍କ ସହ ବଳରାମ ପାଟିତୁଣ୍ଡ କରିଥିଲା। ପରେ ରାଗି ଯାଇ ଭାଗିରଥୀଙ୍କୁ ବଳରାମ ହାତରେ ପିନ୍ଧିଥିବା ଲୁହା କଡାରେ ଆକ୍ରମଣ କରି ହତ୍ୟା କରିଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିଥିବା କହିଛି। ଛେଣ୍ଡ କଲୋନୀ ଏଚଆଇଜି ବି-୭୭ରେ ବାସ କରୁଥିବା ପ୍ରମୋଦ କୁମାର ପରିଡ଼ା ଏ ସମ୍ପର୍କରେ ରଘୁନାଥପାଲି ଥାନାରେ ଅଭିଯୋଗ କରିଥିଲେ। ଏହି ହତ୍ୟାକାଣ୍ଡରେ ଜଣେ ନା ଏକାଧିକ ହତ୍ୟାକାରୀ ସମ୍ପୃକ୍ତ ରହିଛନ୍ତି ତାର ପୁଲିସ ଏବେ ବି ତଦନ୍ତ ଜାରି ରଖିଛି। ଆଜି ରାଉରକେଲା ସହରର ସିଭିଲ ଟାଉନସିପ୍‌ର ଔଷଧ କମ୍ପାନୀ ମ୍ୟାନେଜର ଭାଗୀରଥୀ ସ୍ୱାଇଁଙ୍କୁ ହତ୍ୟା ଘଟଣାରେ ଅଭିଯୁକ୍ତ ହତ୍ୟାକାରୀକୁ ବଳରାମ ଦାସଙ୍କୁ ରଘୁନାଥପାଲ୍ଲି ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ମୃତ ଭାଗିରଥୀ ସ୍ୱାଇଁ ମ୍ୟାନକାଇଣ୍ଡ ଭେଟେନାରୀ ଡିଭିଜନ କମ୍ପାନୀରେ ମ୍ୟାନେଜର ଭାବେ ଚାକିରି କରୁଥିଲେ। ହତ୍ୟାକାଣ୍ଡ ଘଟିଥିବା ସିଭିଲ ଟାଉନସିପ୍‌ର ଉକ୍ତ ଘରେ ବଳରାମ ସହ ଜନ୍ମେଜୟ ନାମକ ଜଣେ କର୍ମଚାରୀ ବି ରହୁଥିବା ଜଣାପଡ଼ିଛି।

ଆର୍‌ଏସ୍‌ପି ମହିଳା କର୍ମଚାରୀଙ୍କୁ ଆତ୍ମସୁରକ୍ଷା କୌଶଳ ପ୍ରଶିକ୍ଷଣ



ରାଉରକେଲା, ୨୨।୨(ସମିସ): ରାଉରକେଲା ଇସ୍ପାତ କାରଖାନାର ମହିଳା କର୍ମଚାରୀଙ୍କୁ ଆତ୍ମସୁରକ୍ଷା କୌଶଳ ପ୍ରଶିକ୍ଷଣ ପ୍ରଦାନ ନିମନ୍ତେ ଫେବୃଆରୀ ୧୭ ଓ ୧୮ ତାରିଖରେ 'ଦୂର୍ଗା' ନାମକ ଦୁଇ ଦିନିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏମଏସ ଓ ଏଚଆର ଏଲଆଣ୍ଡଡି ବିଭାଗର ସିଜିଏମ୍ ପିକେ ସାହୁ ସିପିଟିଆଇଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ଏହି ଅବସରରେ ଏଚଆର ଏଲଆଣ୍ଡ ବିଭାଗର ଜିଏମଏଚ ପତି ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅଧିବେଶନରେ ମହିଳା ଅଧିକାରୀଙ୍କ ସମେତ ସର୍ବମୋଟ ୨୬ ଜଣ ମହିଳା କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଶ୍ରୀ ସାହୁ ଆତ୍ମସୁରକ୍ଷା କୌଶଳର ଆବଶ୍ୟକତା ଉପରେ କହିବା ସହ ଯେକୌଣସି ପରିସ୍ଥିତି ନିମନ୍ତେ ପ୍ରସ୍ତୁତ ରହିବା ପାଇଁ ଏହି କୌଶଳ ଶିକ୍ଷାଲାଭ କରିବାକୁ ଆହ୍ୱାନ ଦେଇଥିଲେ। ବିଭିନ୍ନ ପରିସ୍ଥିତିରେ ଯଥା ବସ ଓ ଅଟୋରେ ଯାତ୍ରା ସମୟରେ, ଅପହରଣ ପ୍ରୟାସ, ପ୍ରାତଃ ଭ୍ରମଣ କାଳୀନ ଅଥବା କାର୍ଯ୍ୟସ୍ଥଳୀରେ କିମ୍ବା କୌଣସି ଅପ୍ରୀତିକର ବିଷମ ସ୍ଥିତିରେ ଆତ୍ମସୁରକ୍ଷା ନିମନ୍ତେ ମାର୍ଶାଲ ଆର୍ଟ କୌଶଳ ଶିକ୍ଷା ଆଦି ମୁଖ୍ୟ ଆକର୍ଷଣ ଥିଲା। ପେନାକ ସିଲଟ ଆସୋସିଏସନ ସୁନ୍ଦରଗଡ଼ର ସାଧାରଣ ସମ୍ପାଦକ ଶରତ କୁମାର ଦାସ ଓ ତାଙ୍କ ଦଳ, ଏମଆରଡ଼ି ବିଭାଗର ଜିଏମ ତଥା ଆତ୍ମସୁରକ୍ଷା କୌଶଳ ପ୍ରଶିକ୍ଷକ ସନ୍ତୋଷ କୁମାର ଭୂୟାଁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏଥିରେ ବିଭିନ୍ନ ଆତ୍ମରକ୍ଷା କୌଶଳ ଯେପରିକି ପଞ୍ଚ, କିକ୍ ଏବଂ ବ୍ଲକ ଆଦି ଶିକ୍ଷା ପ୍ରଦାନ କରାଯାଇଥିଲା। ପରେ ବିଭିନ୍ନ ଆତ୍ମସୁରକ୍ଷା କୌଶଳର ପ୍ରୟୋଗାତ୍ମକ ଶିକ୍ଷା ପ୍ରଦାନ କରାଯାଇଥିଲା। ଶେଷରେ ଅଂଶଗ୍ରହଣକାରୀମାନେ ଲବ୍ଧ ଶିକ୍ଷାର ପ୍ରୟୋଗାତ୍ମକ ପ୍ରଦର୍ଶନ ପ୍ରସ୍ତୁତ କରିଥିଲେ। ଏଚଆର ଏଲଆଣ୍ଡଡି ବିଭାଗର ସିନିୟର ମ୍ୟାନେଜର ଅର୍ଣ୍ଣପୂର୍ଣ୍ଣା ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ଉତ୍କଳ ଦିବସ ପାଳନ ପାଇଁ ପ୍ରସ୍ତୁତି

ରାଉରକେଲା, ୨୨।୨(ସମିସ): ଉତ୍କଳ ସମ୍ମିଳନୀ ରାଉରକେଲା ଶାଖା ପକ୍ଷରୁ ଉତ୍କଳ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ସଭାପତି ସୁଦାମ ଚନ୍ଦ୍ର ଦାଶଙ୍କ ପୌରୋହିତ୍ୟରେ ବାସନ୍ତୀ ସାଂସ୍କୃତିକ ପରିଷଦ ଗୃହରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆଗାମୀ ଉତ୍କଳ ଦିବସ ଅବସରରେ ସମ୍ମିଳନୀ ପକ୍ଷରୁ ବିଶାଳ ଶୋଭାଯାତ୍ରା, ସାଧାରଣ ସଭା, ଓଡ଼ିଶାର ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଆଦି କରାଯିବା ସହ ଶାଖା ପକ୍ଷରୁ ଏକ ସ୍ମରଣିକା ପ୍ରକାଶ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ସାଧାରଣ ସମ୍ପାଦକ ଅକ୍ଷୟ କୁମାର ଦାସ ତମାମ ବର୍ଷ ପାଇଁ ସମ୍ମିଳନୀ କରିବାକୁ ଥିବା ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିସହ ଦଶପଲ୍ଲାଠାରେ ଅନୁଷ୍ଠିତ ରାଜ୍ୟ ଉତ୍କଳ ସମ୍ମିଳନୀର କର୍ମକର୍ତ୍ତା ନିର୍ବାଚନରେ ରାଉରକେଲାରୁ ସୁଦାମ ଚନ୍ଦ୍ର ଦାଶ ଓ ଅକ୍ଷୟ କୁମାର ଦାସ ଯଥାକ୍ରମେ ଉପସଭାପତି ଓ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିବା ସୂଚାଇଥିଲେ। ଏହି ଅବସରରେ ଉଭୟଙ୍କୁ ଶାଖା ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ରାଉରକେଲା ଓ ଏହାର ଆଖପାଖ ସ୍ଥାନରେ ଥିବା ଦୋକାନ ତଥା ବାଣିଜ୍ୟ ପ୍ରତିଷ୍ଠାନ ଆଦିରେ ଓଡ଼ିଆ ନାମ ଫଳକ ଲେଖିବାକୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଥିବା ସତ୍ତ୍ୱେ ତାହାକୁ ସମ୍ପୃକ୍ତ ବ୍ୟବସାୟୀ ଓ ବାଣିଜ୍ୟ ପ୍ରତିଷ୍ଠାନର ମାଲିକମାନେ କାର୍ଯ୍ୟକାରୀ କରୁ ନ ଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ଏନେଇ ଏକ ଆବେଦନ ତଥା ଅଭିଯୋଗ ପତ୍ର ରାଉରକେଲା ନଗରନିଗମ ଆଯୁକ୍ତ ତଥା ଅତିରିକ୍ତ ଜିଲ୍ଲାପାଳଙ୍କୁ ଗତ ଡିସେମ୍ବର ମାସରୁ ପ୍ରଦାନ କରାଯାଇଥିଲେ ମଧ୍ୟ ନିୟମ ଉଲ୍ଲଂଘନକାରୀଙ୍କ ପ୍ରତି କୌଣସି ସତର୍କତା ପ୍ରଦାନ କରାଯାଇ ନାହିଁ ବୋଲି ମତ ପ୍ରକାଶ ପାଇଥିଲା। ଏହି ପରିପ୍ରେକ୍ଷୀରେ ସମ୍ମିଳନୀ ପକ୍ଷରୁ ଖୁବ୍ ଶୀଘ୍ର ସମ ଭାବାପନ୍ନ ଅନୁଷ୍ଠାନମାନଙ୍କୁ ସାମିଲ କରି ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ ଉପସଭାପତି ଚିତ୍ତରଞ୍ଜନ ଦାଶ, ତପସ୍ୱିନୀ ବହିଦାର, ଅନୀଲ କୁମାର ଦାଶ, ସହ ସାଧାରଣ ସମ୍ପାଦକ ବିଜୟ କୁମାର ବରାଳ, କୋଷାଧ୍ୟକ୍ଷ ଭଗବାନ ମହାପାତ୍ର, ସମ୍ପାଦକ ବିଜୟକୁମାର ସାହୁ, ହରିହର ଶତପଥୀ, ସଭ୍ୟ ଉତ୍ତମ ବାରିକ, ସୌଭାଗ୍ୟବତୀ ସାହୁ, ଡ. ସୁବାସ ଚନ୍ଦ୍ର ଲେଙ୍କା, ରାଜେନ୍ଦ୍ର କୁମାର ମହାନ୍ତି, ଗଣମାଧ୍ୟମ ସଂଯୋଜକ ସୁନୀଲ କୁମାର ମହାନ୍ତିଙ୍କ ସମେତ ବହୁ ସଭ୍ୟସଭ୍ୟା ଉପସ୍ଥିତ ଥିଲେ। କୋଷାଧ୍ୟକ୍ଷ ଭଗବାନ ମହାପାତ୍ର ଧନ୍ୟବାଦ ଦେଇଥିଲେ।

କୋଇଡ଼ାରେ ବିଶାଳ ହିନ୍ଦୁ ସମ୍ମିଳନୀ



କୋଇଡା, ୨୨।୨(ସମିସ): କୋଇଡା ସମଗ୍ର ହିନ୍ଦୁ ସମାଜ ପକ୍ଷରୁ ବିଶାଳ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କୋଇଡା ବାବା ଲଙ୍ଗଳେଶ୍ୱର ମନ୍ଦିର ପ୍ରାଙ୍ଗଣରୁ ପ୍ରଥମେ ବୈଦିକ ପରମ୍ପରା ଗାନ, ବାଦ୍ୟ, ସନାତନୀ ପତାକା, ବ୍ୟାନର ସହ ଗୋ ସୁରକ୍ଷା, ଧର୍ମାନ୍ତୀକରଣ ବନ୍ଦ, ହିନ୍ଦୁ ଏକତା, ଭାରତ ମାତା କି ଜୟ, ଜୟ ଶ୍ରୀରାମ, ଜୟ ଜଗନ୍ନାଥ ପ୍ରତିଧ୍ୱନି ଓ ସ୍ଲୋଗାନ ଦେଇ ଏକ ବିଶାଳ ଶୋଭାଯାତ୍ରା କୋଇଡା ପରିକ୍ରମା କରି ପୁନଃ ବାବା ଲଙ୍ଗଳେଶ୍ୱର ମନ୍ଦିରରେ ପ୍ରାଙ୍ଗଣରେ ପହଞ୍ଚିଥିଲା। ପରେ ସେଠାରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଉକ୍ତ ଶୋଭାଯାତ୍ରାରେ ବଣାଇଁ ପୂର୍ବତନ ବିଧାୟକ ଭୀମସେନ ଚୌଧୁରୀ, କୋଇଡା ସରପଞ୍ଚ ହୃଷିକେଶ ଦେହୁରୀ, କୋଇଡା ଜିଲ୍ଲା ପରିଷଦ ସଦସ୍ୟ ଅଶୋକ କୁମାର ନାଏକ, ବିଜେପି କୋଇଡା ମଣ୍ଡଳ ସଭାପତି ରାମଚନ୍ଦ୍ର ପଲେଇ ପ୍ରମୁଖଙ୍କ ସହ ହଜାର ହଜାର ସଦସ୍ୟ ଯୋଗଦେଇଥିଲେ। ସଭା କାର୍ଯ୍ୟରେ ଅତିଥି ଭାବେ ବିଶ୍ୱ ହିନ୍ଦୁ ପରିଷଦ କେନ୍ଦ୍ରୀୟ ସମ୍ପାଦକ ଅଚ୍ୟୁତାନନ୍ଦ କର, ରାଜଗାଙ୍ଗପୁର ସେବା ପରିଷଦ ସଭାପତି ଦୌଲତ ଅଗ୍ରୱାଲ, ବିଏଚ୍‌ପି ପରିଯୋଜନା ପ୍ରମୁଖ ଜୁଗଲ କିଶୋର ମହାନ୍ତ, ବଡବିଲ ହିନ୍ଦୁ ଏକତା ମଞ୍ଚ ସନ୍ତୋଷ ପ୍ରସାଦ, ନୈନା ରାଠୋର ପ୍ରମୁଖ ଯୋଗଦେଇଥିଲେ। ମଞ୍ଚାସୀନ ଅତିଥିମାନେ ସନାତନୀ ସଂସ୍କୃତି, ଐତିହ୍ୟ, ପରମ୍ପରା, ହିନ୍ଦୁ ଏକତା, ପୁର୍ବ ପୁରୁଷଙ୍କ ଅବଦାନ ଏବଂ ଜୋରଜବରଦସ୍ତ, ପ୍ରଲୋଭନ ଦେଖାଇ ଧର୍ମାନ୍ତରୀକରଣକୁ ବିରୋଧ କରି ଏହାକୁ ବନ୍ଦ କରିବାକୁ ଚେତାବନୀ ଦେଇଥିଲେ। ଏଥିସହ ପୂର୍ବରୁ ଧର୍ମ ପରିବର୍ତ୍ତନ କରିଥିବା ୨୮ ଜଣ ହିନ୍ଦୁଙ୍କୁ ପୁନଃ ଘରବାହୁଡା କରାଇ ତାଙ୍କୁ ରୀତିନୀତି ସହ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବଡବିଲ, ଯୋଡା ଅଞ୍ଚଳରୁ ଆସିଥିବା ଗୋ ସୁରକ୍ଷା ଆବାହକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସଂଯୋଜକ ଦୁର୍ଗା ମାଧବ ପରିଡ଼ାଙ୍କ ସହ ସୁନିଲ କୁମାର ପଣ୍ଡା ଓ ଅବିନାଶ ଶର୍ମା ମଞ୍ଚ ପରିଚାଳନା କରିଥିଲେ।

ସିଆର୍‌ଏମ୍ ଋଣ ସମବାୟ ସମିତିର ସାଧାରଣ ବୈଠକ



ରାଉରକେଲା, ୨୨।୨(ସମିସ): କୋଲଡ୍ ରୋଲିଙ୍ଗ ମିଲ୍(ସିଆର୍‌ଏମ୍) ଋଣ ସମବାୟ ସମିତିର ୫୧ତମ ସାଧାରଣ ବୈଠକ ଆଜି ସ୍ଥାନୀୟ ସେକ୍ଟର - ୨ ସ୍ଥିତ ସେହନାଇ ମଣ୍ଡପଠାରେ ଅନୁଷ୍ଠିତ ହୋଇଛି। ପ୍ରଦୀପ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆରଏସପିର ମହାପ୍ରବନ୍ଧକ ଡି. ବାନାର୍ଜୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଆରଏସପି ଏଜିଏମ ପ୍ରଶାନ୍ତ ଭୂମିଜ ଓ ବିପିନ ରାଓ୍ୱାତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ଅନ୍ୟତମ ଅତିଥି ଭାବେ ମ୍ୟାନେଜର ଆରକେ ପଣ୍ଡା ମଞ୍ଚାସିନ ହୋଇଥିଲେ। କୋଷାଧ୍ୟକ୍ଷ ନିର୍ମଳ ଚନ୍ଦ୍ର ମଲିକ ମଞ୍ଚ ପରିଚାଳନା କରିଥିଲା ବେଳେ କମିଟି ସଦସ୍ୟ ଏସ୍‌କିସକୁ, ସମ୍ପାଦକ ଅଜୟ ମଲିକ ସହଯୋଗ କରିଥିଲେ। ସମ୍ପାଦକ ଅଜୟ ମଲିକ ସମ୍ପାଦକୀୟ ବିବରଣୀ ପାଠ କରି ୨୦୨୫-୨୬ର ବଜେଟ ଓ ୨୦୨୬-୨୭ର ଅଗ୍ରିମ ବଜେଟ ଉପସ୍ଥାପନା କରିଥିଲେ। ଏହା ସହିତ ୨୦୧୮ ରୁ ୨୦୨୨ ଆର୍ଥିକ ବର୍ଷର ଅଡିଟ ରିପୋର୍ଟ ସମ୍ପାଦକଙ୍କ ଦ୍ୱାରା ଉପସ୍ଥାପିତ କରାଯାଇଥିଲା। ଏଥିରେ ଅନେକ ଗୁଡିଏ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ସର୍ବସମତିକ୍ରମେ ଗୃହୀତ ହୋଇଥିଲା। ସମବାୟ ସମିତି ସଦସ୍ୟମାନେ ସମବାୟର ସୁପରିଚାଳନା ନିମନ୍ତେ ସହଯୋଗର ହାତ ବଢ଼ାଇବା ପାଇଁ ଅନୁରୋଧ ରଖିଥିଲେ। ଅନ୍ୟ ସଦସ୍ୟଙ୍କ ମଧ୍ୟରେ ମନୋଜ ଦାସ. ବିକ୍ରମ ପଣ୍ଡା, ରୋମାନ୍ସ ନାୟକ, ଅରୁଣ ପରିଡ଼ା, ମନୋଜ ମଙ୍ଗରାଜ, କାଳିଚରଣ ଦାସ, ସୁରଜ ସରାଫ, ରବୀନ୍ଦ୍ର ବେହେରା, ପ୍ରଦୋଷ ପଣ୍ଡା. ଅମିତାଭ ମହାନ୍ତି, ପଦ୍ମନାଭ ମହାପାତ୍ର, ପୀତବାସ ଭୋଇ, ପ୍ରଦୀପ ପାଣିଗ୍ରାହୀ, ତ୍ରିନାଥ ପଟୁଆ, ଶରତ ନାୟକ, ବେଣୁଧର ତ୍ରିପାଠୀ, ହୀରାଲାଲ ପାଣ୍ଡେ, ଚିନ୍ମୟ ପଟନାୟକ, ଚିତ୍ତରଞ୍ଜନ ନାୟକ, ଗଣେଶ ତିଗା, ସଞ୍ଜୟ ମହାନ୍ତି, ବିପିନ ପାତ୍ରୀ, ପ୍ରଶାନ୍ତ ତାର୍କି, ଚନ୍ଦ୍ରଭାନୁ ମହାନ୍ତି, ଏମ୍ ଆନସାରୀ, କେସି ପଣ୍ଡା, ପାଣ୍ଡବ ମଲିକ. ଲଳିତ ସୁନ୍ଦର ଜେନାଙ୍କ ସମେତ ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ। ସଭା ଶେଷରେ ଦେବାଶିଷ ଭୋଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ଆଚାର୍ଯ୍ୟ ହରିହର ଦାଶଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ରାଉରକେଲା, ୨୨।୨(ସମିସ) : ଓଡ଼ିଶାର ଅଗ୍ରଗଣ୍ୟ ସ୍ୱାଧୀନତା ସେନାନୀ, ଆଦର୍ଶ ଶିକ୍ଷକ, ସମାଜ ସଂସ୍କାରକ, ସାହିତ୍ୟିକ ଓ କବି ଆଚାର୍ଯ୍ୟ ହରିହର ଦାଶଙ୍କ ପ୍ରତିମୂର୍ତ୍ତି ଛେଣ୍ଡ ଚିନ୍ମୟ ବିଦ୍ୟାଳୟ ନିକଟସ୍ଥ ଆଚାର୍ଯ୍ୟ ହରିହର ଛକରେ ଉନ୍ମୋଚିତ ହୋଇଛି। ଏହି ଅବସରରେ ରାଉରକେଲା ବିଧାୟକ ଶାରଦା ପ୍ରସାଦ ନାୟକ ଉଦ୍‌ଘାଟକ ଭାବେ ଯୋଗଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ମୁଖ୍ୟଅତିଥି ଭାବେ ରାଉରକେଲା ମହାନଗର ନିଗମର କମିଶନର ଓ ଏଡିଏମ୍ ସୁଶ୍ରୀ ଦୀନା ଦସ୍ତଗୀର ଉପସ୍ଥିତ ଥିଲେ। ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ରୋଟାରି ଇଣ୍ଟରନ୍ୟାସନାଲର ପୂର୍ବତନ ଡିଜି ରୋଟେରିୟାନ ମଞ୍ଜିତ ସିଂହ ଅରୋରା, ରୋଟାରି କ୍ଲବ୍ ଅଫ୍ ରାଉରକେଲା ଭାଇବ୍ରାଣ୍ଟର ଅଧକ୍ଷା ପ୍ରଫେସର ଡ. ମିନତୀ ପଣ୍ଡା, ଚିନ୍ମୟ ବିଦ୍ୟାଳୟ (ଇଏମ୍)ର ଅଧକ୍ଷା ଶର୍ମିଷ୍ଠା କବି ଶତପଥୀ, ଅଧିବକ୍ତା ସୁଜୟ ପାଣି ଓ ପୂର୍ବତନ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଆଚାର୍ଯ୍ୟ ହରିହର ପ୍ରତିମୂର୍ତ୍ତି ସ୍ଥାପନ ସମିତିର ଅଧକ୍ଷ ଓ ରୋଟେରିୟାନ ଇଞ୍ଜିନିୟର ଅଜିତ ମୋହନ ପୁଜାରୀ ପରିଚାଳନା କରିଥିଲେ। ସମାଜସେବୀ ଜୟନ୍ତ କୁମାର ମିଶ୍ର ଓ ହରିହର ଶତପଥୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅତିଥିମାନେ ଆଚାର୍ଯ୍ୟ ହରିହର ଦାଶଙ୍କ ଅସାଧାରଣ ଜୀବନ ଦୃଷ୍ଟିକୋଣ, ସମାଜ ପ୍ରତି ତାଙ୍କର ନିଷ୍କାମ ସେବା ଓ ତ୍ୟାଗକୁ ସ୍ମରଣ କରିଥିଲେ। ତାଙ୍କର ଆଦର୍ଶ ଓ ମୂଲ୍ୟବୋଧ ଆଜିର ଯୁବପିଢ଼ୀକୁ ସତ୍ୟ, ନିଷ୍ଠା ଓ ସେବାର ପଥରେ ଅଗ୍ରସର କରିବ ବୋଲି ମତ ପ୍ରକାଶ ପାଇଥିଲା।

୭୫ତମ ରାଜ୍ୟ ପୁଲିସ ହକି ଚାମ୍ପିଅନ୍‌ସିପ୍ ଉଦ୍‌ଘାଟିତ

ରାଉରକେଲା, ୨୨।୨(ସମିସ): ରାଉରକେଲା ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍‌ଠାରେ ଆଜି ୭୫ ତମ ରାଜ୍ୟ ପୁଲିସ ହକି ଚାମ୍ପିଅନ୍‌ସିପ୍ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ପଶ୍ଚିମାଞ୍ଚଳ ପୁଲିସ ଡ଼ିଆଇଜି ବ୍ରିଜେଶ କୁମାର ରାଏ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରି ୭୫ତମ ରାଜ୍ୟ ପୁଲିସ ହକି ଚାମ୍ପିଅନ୍‌ସିପ୍ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ, ସୁନ୍ଦରଗଡ଼ ଏସପି ଅମ୍ରିତପାଲ କୌର ଓ ରାଉରକେଲା ମହାନଗର ନିଗମ କମିଶନର ଦୀନାଃ ଦସ୍ତଗୀର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ତିନି ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ ପୁଲିସ ହକି ଚାମ୍ପିଅନ୍‌ସିପରେ ୪ ଟି ପୁଲରେ ମୋଟ ୧୪ଟି ଟିମ ଅଂଶ ଗ୍ରହଣ କରିଛନ୍ତି। ପୁଲ



ଏ ରେ ୪ର୍ଥ ଓଏସଏପି ରାଉରକେଲା, କମିସନରେଟ୍ ବି, ସମ୍ବଲପୁର ଓ ସୁନ୍ଦରଗଡ଼ ଟିମ ଅଛନ୍ତି। ପୁଲ ବିରେ ୬ଷ୍ଠ ଓଏସଏପି ବାଟାଲିୟନ କଟକ, ଓଆଇଏସଏଫ ଭୁବନେଶ୍ୱର, ୮ମ ବାଟାଲିୟନ ଛତ୍ରପୁର ଓ ଚତୁର୍ଥ ଆଇଆରବିଏନ ଦେବଗଡ଼ ଟିମ ଅଛନ୍ତି। ସେହିପରି ପୁଲ ସିରେ ରାଉରକେଲା, ଦ୍ୱିତୀୟ ଆଇଆରବିଏନ ରାୟଗଡ଼ ଓ ପୁରୀ ଟିମ ଅଛନ୍ତି। ପୁଲ ଡିରେ କମିସନରେଟ୍ ଏ, ତୃତୀୟ ବାଟାଲିୟନ କୋରାପୁଟ ଓ କୋରାପୁଟ ଜିଲ୍ଲା ପୁଲିସ ଟିମ ଅଂଶ ଗ୍ରହଣ କରିଛନ୍ତି।

ଅନ୍ତର୍ଜାତୀୟ ମହିଳା ଦିବସ ପାଇଁ ସେଲ୍‌ର ପ୍ରତିଯୋଗିତା

ରାଉରକେଲା, ୨୨।୨(ସମିସ): ଆନ୍ତର୍ଜାତୀୟ ମହିଳା ଦିବସ ପାଇଁ ସେଲ୍‌ଫ, ରାଉରକେଲା ଇସ୍ପାତ କାରଖାନା(ଆର୍‌ଏସ୍‌ପି) ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା ଆରମ୍ଭ ହୋଇଛି। ଫେବୃଆରୀ ୧୮ ତାରିଖରେ 'ମହିଳା ସଶକ୍ତିକରଣ' ବିଷୟବସ୍ତୁ ଉପରେ ଆର୍‌ଏସ୍‌ପିସ୍ତରୀୟ ନାଟକ ପ୍ରତିଯୋଗିତାରୁ ଏହା ଆରମ୍ଭ ହୋଇଛି। ଏହି ପ୍ରତିଯୋଗିତା ଆରଏସପିର ସମସ୍ତ କର୍ମଚାରୀଙ୍କ ପାଇଁ ପ୍ରଯୁଜ୍ୟ ଥିବା ବେଳେ ଏହି କାର୍ଯ୍ୟକ୍ରମ ୭ ଜଣଙ୍କୁ ନେଇ ଗଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସମାଜ ଏବଂ କର୍ମକ୍ଷେତ୍ରରେ ମହିଳାମାନଙ୍କର ଭୂମିକା ଉପରେ ଆଲୋକପାତ କରି ଆକର୍ଷଣୀୟ ପ୍ରଦର୍ଶନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ବିଇ ଏଲ୍‌ଏଣ୍ଡଡି ବିଭାଗର



ସିଜିଏମ ପିକେ ସାହୁ ଏବଂ ଲୋକ ସମ୍ପର୍କ ବିଭାଗର ଜିଏମ୍ ଏବଂ ସଞ୍ଚାର ମୁଖ୍ୟ ଅର୍ଚ୍ଚନା ଶତପଥୀ ବିଚାରକ ଥିଲେ। ଆସନ୍ତା ମାର୍ଚ୍ଚ ୬ ତାରିଖରେ ସିଭିକ୍ ସେଣ୍ଟରଠାରେ ଅନୁଷ୍ଠିତ ହେବାକୁ ଥିବା ସେଲ୍‌ଫସ୍ତରୀୟ ସ୍କିଟ୍ ପ୍ରତିଯୋଗିତାରେ ବିଜେତା ଦଳ ଆର୍‌ଏସ୍‌ପିକୁ ପ୍ରତିନିଧିତ୍ୱ କରିବେ ବୋଲି ଜଣାପଡ଼ିଛି। ଏଚଆର ଏଲ୍‌ଆଣ୍ଡଡି ବିଭାଗର ସିନିୟର ମ୍ୟାନେଜର ଅନ୍ନପୂର୍ଣ୍ଣା ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ଅନ୍ତର୍ଜାତୀୟ ମାତୃଭାଷା ଦିବସ

'ମାତୃଭାଷାର ପ୍ରଚାର ଓ ପ୍ରସାର ଦିଗରେ ସମସ୍ତଙ୍କ ଉଦ୍ୟମ ଜରୁରି'



ରାଉରକେଲା, ୨୨।୨(ସମିସ)

ରାଉରକେଲା ସ୍ଥିତ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ମାୟାଧର ବାରିକ ମୁଖ୍ୟ ଅତିଥିଭାବେ ଯୋଗଦେଇ ସମସ୍ତେ ନିଜ ନିଜର ମାତୃଭାଷାକୁ ଭଲ ପାଇବା ସହ ଏହାର ପ୍ରଚାର ଓ ପ୍ରସାର ଦିଗରେ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏଥିରେ ଅନ୍ୟତମ ଅତିଥିଭାବେ ବରିଷ୍ଠ ଅଧ୍ୟାପକ ପ୍ରଶାନ୍ତ କୁମାର ସେଠୀ ଯୋଗଦେଇ ମା' ଭଳି ମାତୃଭାଷାକୁ ଭଲ ପାଇବା ପାଇଁ ଆହ୍ୱାନ ଦେଇଥିଲେ। ଏଥିରେ ଓଡ଼ିଆ ବିଭାଗର ଅଧ୍ୟାପକ ଶୁଭନାଥ ସା ଓ ହିନ୍ଦି ବିଭାଗର ମୁଖ୍ୟ ନମିତା ସ୍ୱାଇଁ ଯୋଗଦେଇ ମାତୃଭାଷା ଦିବସ ପାଳନର ଗୁରୁତ୍ୱ ଏବଂ ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଡ. ସୁଷମା ମୋଦି ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ ସହିତ ନିଜର ମାତୃଭାଷାର ପ୍ରଚାର ଓ ପ୍ରସାର ଦିଗରେ ବିଶେଷ କରି ଓଡ଼ିଆ ଭାଷାର ବ୍ୟବହାର ପାଇଁ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ଏଥିରେ ମହାବିଦ୍ୟାଳୟର ଅଧ୍ୟାପକ ଗୌରାଙ୍ଗ ଚରଣ ମହାପାତ୍ର, ଡ.ମାନସ କୁମାର ବେହେରା ଓ ମହେନ୍ଦ୍ର ମିଶ୍ର ପ୍ରମୁଖଙ୍କ ସମେତ ଛାତ୍ର ସୌମ୍ୟ ରଞ୍ଜନ ମହାନ୍ତି, ଶୁଭମ ବରୁଆ ଏବଂ ଛାତ୍ରୀ ମାନସୀ ମାଇତି ପ୍ରମୁଖ ଦିବସ ପାଳନ ସମ୍ପର୍କରେ କହିଥିଲେ। ଓଡ଼ିଆ ବିଭାଗର ଅଧ୍ୟାପିକା ରଜନୀ କିସାନଙ୍କ ସଂଯୋଜନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ଅଧ୍ୟାପକ ଓ ଅଧ୍ୟାପିକା, ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ। ଓଡ଼ିଆ ବିଭାଗର ଅଧ୍ୟାପକ ଡ. ମାନସ ମୁଖାର୍ଜୀ, ଅଧ୍ୟାପିକା ସୁଚିସ୍ମିତା ମଜୁଆଲ, ପ୍ରିୟଙ୍କା କଂସାରୀ ପ୍ରମୁଖଙ୍କ ସମେତ ବିଭାଗର ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ।

ଓଡ଼ିଆ ଭାଷା ବିକାଶ ମଞ୍ଚ

ଓଡ଼ିଆ ଭାଷା ବିକାଶ ମଞ୍ଚ ପକ୍ଷରୁ ବିଶ୍ୱ ମାତୃଭାଷା ଦିବସ ଆମ୍ବାଗାନ ନିକଟସ୍ଥ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ପାଳନ କରାଯାଇଛି। ମଞ୍ଚର ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ରଙ୍କ ଆବାହକତ୍ୱ ଓ ସଂଯୋଜନା ଏବଂ ଶିକ୍ଷାବିତ ପ୍ରଶାନ୍ତ କୁମାର ପତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ଗଗନ ବିହାରୀ ଧଳ, ସମ୍ମାନିତ ଅତିଥି ଭାବେ ସୁମନ ଦତ୍ତ ଯୋଗଦେଇ ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ମାତୃଭାଷା ହେଉଛି ହୃଦୟର ଭାଷା। ଭାଷା ବିନା କଳା, ସାହିତ୍ୟ, ସଂସ୍କୃତି ମୂଲ୍ୟହୀନ। ପ୍ରତ୍ୟେକ ଜାତି ତାର ଭାଷା ଓ ସାହିତ୍ୟକୁ ନେଇ ଗର୍ବିତ। ମାତୃଭାଷା ମାଧ୍ୟମରେ ଜଣେ ବ୍ୟକ୍ତି ଅତି ସୁନ୍ଦର ଭାବରେ ହୃଦୟର ଭାବକୁ ବ୍ୟକ୍ତ କରିପାରେ ବୋଲି ଅତିଥିମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଳରାମ ରାଉଳ, ସୁକାନ୍ତ ଚନ୍ଦ୍ର ଖୁଣ୍ଟିଆ, ଶ୍ରୀଧର ସୁନା, ଗଙ୍ଗାଧର ପୁହାଣ, ପ୍ରଫୁଲ୍ଲ ସାମଲ, ଶ୍ରୀଧର ସୁନା, ପରେଶ ବିଶ୍ୱାଳ, ସସ୍ମିତା ପ୍ରଧାନ, ଗୌତମ ଦାସ, କୁଞ୍ଜବିହାରୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।





ଝାରସୁଗୁଡ଼ା ପୁଲିସ ରିଜର୍ଭ ପଡ଼ିଆରେ ରବିବାର ସଡ଼କ ଦୁର୍ଘଟଣାରେ ମୃତ ୫ ପୁଲିସ କର୍ମଚାରୀଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଘରୁ ମହିଳାଙ୍କ ମୃତଦେହ ଉଦ୍ଧାର ଘଟଣା

ରୁକ୍ମିଣୀଙ୍କ ମୃତ୍ୟୁ ଏବିବି ରହସ୍ୟ ଘେରରେ

ଝାରସୁଗୁଡ଼ା, ୨୨।୨(ସମିସ)

ଜିଲ୍ଲାର ବ୍ରଜରାଜନଗର ଓରିଏଣ୍ଟ ଥାନା ଅଧୀନ ସାନଜୋବ ହନୁମାନ ମନ୍ଦିର ପଡ଼ାରେ ବନ୍ଦ ଘର ଭିତରୁ ମୃତ ରୁକ୍ମିଣୀ ଭୋଇ(୫୫)ଙ୍କ ଶବ ଉଦ୍ଧାର ହେବା ପରେ ସ୍ୱାମୀ ଗୋବିନ୍ଦ ଭୋଇ (୬୧)ଙ୍କ ମଧ୍ୟ ଚିକିତ୍ସାଳୟରେ ମୃତ୍ୟୁ ଘଟିଥିଲା। ପୁଲିସ ମୃତଦେହ ଉଦ୍ଧାର କରିବା ସହିତ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ଗୋବିନ୍ଦ-ରୁକ୍ମିଣୀ ନିଃସନ୍ତାନ ଥିଲେ। ତେଣୁ ପୁଲିସ ଓ ଗ୍ରାମବାସୀ ତାଙ୍କର ୫ ଭଉଣୀ ସୁଲୋଚନା, କଳାବତୀ, ବୁନ୍ଦେ, ଶିଳାବତୀ, କମଳାଙ୍କ ସହିତ





ଆଲୋଚନା କରିଥିଲେ। ଏହାପରେ ଭଣଜା ଭରତ ଭୋଇ ଶୁଦ୍ଧିକ୍ରିୟା ସମ୍ପନ୍ନ କରିଥିଲେ। ଇବ ନଦୀ ଘାଟରେ ଶବ ସଂସ୍କାର ହୋଇଥିଲା। ଭଣଜା ମୁଖାଗ୍ନି ଦେଇଥିଲେ। ତେବେ ଏହି ଘଟଣାଟି ସମଗ୍ର ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। କିଭଳି ଓ କାହିଁକି ଏହି ଘଟଣା ଘଟିଲା ଏବେବି ରହସ୍ୟାବୃତ ହୋଇ ରହିଛି। ଅପରପକ୍ଷେ ଉଭୟଙ୍କର ଭିଷେରା

ହସ୍ପିଟାଲରେ ସ୍ୱାମୀଙ୍କ ମୃତ୍ୟୁ ହୋଇଥିଲା

ସଂଗ୍ରହ କରାଯାଇଛି। ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ଘର ଭିତରୁ ପୁଲିସକୁ ସେପରି କୌଣସି ସନ୍ଦେହଜନକ ତଥ୍ୟ ମିଳିନାହିଁ। ସ୍ଥାନୀୟ ଲୋକଙ୍କ ଅନୁସାରେ ଗୋବିନ୍ଦ ସ୍ଥାନୀୟ ଲୋକଙ୍କ ସହ ବିଶେଷ ସମ୍ପର୍କ ରଖୁ ନଥିଲେ। ସେ କୋଇଲା ଖଣି କର୍ମଚାରୀ ଭାବେ ଅବସର ନେଇଥିଲେ। ତେବେ ଏତେ ଦୁର୍ଗନ୍ଧ ଭିତରେ ସେ କିଭଳି ୪ଦିନ ରହିଥିଲେ ତାହା ଲୋକଙ୍କୁ ଆଶ୍ଚର୍ଯ୍ୟ କରିଛି। ରୁକ୍ମିଣୀଙ୍କ ମୃତ୍ୟୁ କିଭଳି ହେଲା ତାହା ତଦନ୍ତ ଯୋଗ୍ୟ ରହିଛି। ଆଜି ପୁଲିସ ସାମ୍ନାରେ ଭଣଜା ଓ ଭଉଣୀ ମାନେ ଘର ଖୋଲି ସବୁ ଜିନିଷପତ୍ର ପୁଲିସ ଜିମାରେ ଦେଇଥିଲେ। ପୁଲିସ ନିର୍ଦ୍ଦେଶରେ ବାକି ସାମଗ୍ରୀକୁ ଜାଳି ଦେଇଥିଲେ। ତଦନ୍ତ ସରିବା ପରେ ଭଣଜା ଭରତ ଭୋଇଙ୍କୁ ଘର ଚାବି ହସ୍ତାନ୍ତର କରିବେ ବୋଲି ଓରିଏଣ୍ଟ ପୁଲିସ ପକ୍ଷରୁ ସୂଚନା ରହିଛି।

ମାଁ ମହାମାୟୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ



ଦେବଗଡ଼, ୨୨।୨ (ସମିସ): ଦେବଗଡ଼ ପୌରାଞ୍ଚଳ ଖପରସାହିରେ ନବନିର୍ମିତ ମାଁ ମହାମାୟୀ ମନ୍ଦିର ଓ ମାଁଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଦୀର୍ଘ ତିନି ଦିନ ଧରି ଏଥିପାଇଁ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲା। ପ୍ରଥମ ଦିବସରେ କଳସ ଶୋଭାଯାତ୍ରା ଓ ଅଧିବାସ କାର୍ଯ୍ୟକ୍ରମ ହୋଇଥିଲା। ଶତାଧିକ ମହିଳା ଓ ଯୁବତୀ କଳସ ଶୋଭାଯାତ୍ରାରେ ପ୍ରଧାନପାଟ ଜଳପ୍ରପାତରୁ ଜଳ ସଂଗ୍ରହ କରି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ପାରମ୍ପରିକ ପୂଜାର୍ଚ୍ଚନା, ହୋମଯଜ୍ଞ, ଚଣ୍ଡୀପାଠ ସହିତ ମନ୍ଦିର ପ୍ରତିଷ୍ଠା ପରେ ମାଁ ମହାମାୟୀଙ୍କ ପ୍ରାଣ ପ୍ରତିଷ୍ଠା କରାଯାଇ ବିଗ୍ରହ ସ୍ଥାପନ କରାଯାଇଥିଲା। ହୋମକାର୍ଯ୍ୟରେ ଉମାଶଙ୍କର ସାହୁ ଏବଂ ତାଙ୍କ ଧର୍ମପତ୍ନୀ ପବନୀ ସାହୁ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ବିଭିନ୍ନ ସଂକୀର୍ତ୍ତନ ଦଳ ସାମିଲ ହୋଇ ସଂକୀର୍ତ୍ତନ ପରିବେଷଣ କରିଥିଲେ। ସାହି ବାସିନ୍ଦାଙ୍କ ସମେତ ଶହଶହ ଶ୍ରଦ୍ଧାଳୁଙ୍କ ସହଯୋଗ ଓ ଉପସ୍ଥିତିରେ ମାଁ ମହାମାୟୀଙ୍କ ମନ୍ଦିର ନିର୍ମାଣ କରାଯାଇଥିଲା। ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ପରିଚାଳନାରେ ମାଁ ମହାମାୟୀଙ୍କ ପୂଜା କରୁଥିବା ଦେହୁରାଣୀ ମିନା ସାହୁ, ପ୍ରସନ୍ନ ବେହେରା, ବେହେରା ସହଯୋଗ କରିଥିଲେ।

ଜିଲ୍ଲାପାଳଙ୍କ ଏକତାଲି ସରକାରୀ ମତ୍ସ୍ୟ ପ୍ରଜନନ କେନ୍ଦ୍ର ପରିଦର୍ଶନ

ଝାରସୁଗୁଡ଼ା, ୨୨।୨(ସମିସ): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଏକତାଲି ସ୍ଥିତ ସରକାରୀ ମତ୍ସ୍ୟ ପ୍ରଜନନ କେନ୍ଦ୍ର ପରିଦର୍ଶନ କରି ଏହାର ଭିତ୍ତିଭୂମି ଓ ବିକାଶମୂଳକ କାର୍ଯ୍ୟର ସ୍ଥିତି ସମୀକ୍ଷା କରିଛନ୍ତି। ପରିଦର୍ଶନ ସମୟରେ ଜିଲ୍ଲାପାଳ ସମ୍ପୂର୍ଣ୍ଣ ଫାର୍ମ ଅଞ୍ଚଳ ବୁଲି ଦେଖିବା ସହ ଜିଲ୍ଲା ମତ୍ସ୍ୟ ଅଧିକାରୀ ଏବଂ ଫାର୍ମ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ସହ ଏହାର ଆଧୁନିକୀକରଣ ଓ ଆଗାମୀ ଦିନରେ ଆବଶ୍ୟକ ଥିବା ସରଞ୍ଜାମ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଜିଲ୍ଲାରେ ମତ୍ସ୍ୟ ଜାଆଁଳା ଉତ୍ପାଦନ କ୍ଷମତା ବୃଦ୍ଧି କରିବା ପାଇଁ ଫାର୍ମର ପ୍ରତ୍ୟେକ ଅଂଶକୁ ସଠିକ୍ ଭାବେ ଉପଯୋଗ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହାବ୍ୟତୀତ, ଫାର୍ମର ଦ୍ୱିତୀୟ ଭାଗରେ

ମାଛ ଜାଆଁଳା ଉତ୍ପାଦନ ବୃଦ୍ଧି ଓ ଫାର୍ମର ଉନ୍ନତିକରଣ ଉପରେ ଗୁରୁତ୍ୱ

ଜବରଦଖଲ ମୁକ୍ତ କରିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ହୋଇଥିବା ଜବରଦଖଲ ସମ୍ପର୍କରେ ଅବଗତ ହେବା ପରେ ଜିଲ୍ଲାପାଳ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଉକ୍ତ ସରକାରୀ ଜମିକୁ ତୁରନ୍ତ ଜବରଦଖଲ ମୁକ୍ତ କରିବା ପାଇଁ ଝାରସୁଗୁଡ଼ା ତହସିଲଦାରଙ୍କ ସହ ସମନ୍ୱୟ ରକ୍ଷା କରି ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଜିଲ୍ଲାର ମତ୍ସ୍ୟ ଚାଷୀମାନଙ୍କୁ ସମସ୍ତ ପ୍ରକାରର ସହାୟତା ଯୋଗାଇବା ଏବଂ ସ୍ଥାନୀୟ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ଜିଲ୍ଲାକୁ ଆଗୁଆ କରିବା ପାଇଁ ଜିଲ୍ଲାପାଳ ଏହି ଗସ୍ତ ସମୟରେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବନ୍ଧବାହାଲରେ ବୁଲିଲା ଖଣ୍ଡା, ୫ ଗୁରୁତର ଆହତ

ଇବଥର୍ମାଲ, ୨୨।୨(ସମିସ): ବନହରପାଲି ଥାନା ବନ୍ଧବାହାଲ ଆଇବି କଲୋନୀ ସ୍ଥିତ ମାଛ ବଜାର ନିକଟରେ ଥିବା ବିରୁଆ ବସ୍ତିରେ ରବିବାର ଖଣ୍ଡା ଆକ୍ରମଣ ଘଟଣାରେ ଆତଙ୍କ ସୃଷ୍ଟି ହୋଇଛି। ଏଥିରେ ୫ ଜଣ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଆହତ ମାନେ ହେଲେ ସୁରେଶ ସିଂହ(୨୬), ସରସ୍ୱତୀ ନନ୍ଦ (୨୫), ବାବୁଲି ନାଗ (୨୬), ତୁଳସୀ ଛତ୍ରିଆ (୨୩), ଡେମା ସିଂହ (୨୫)। ସମସ୍ତ ଆହତଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ପ୍ରଥମେ ଏମସିଏଲ ଲଖନପୁର କ୍ଷେତ୍ରର ବନ୍ଧବାହାଲ କଲୋନୀ ସ୍ଥିତ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସା କରିବା ପରେ ଟିଆରଏଲ ଡାକ୍ତର ଖାନାକୁ ନିଆଯାଇଥିଲା। ସେଠାରେ ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସମସ୍ତଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

ଖବର ଲେଖାଯିବା ପର୍ଯ୍ୟନ୍ତ ପୁଲିସ ଘଟଣାରେ ଅଭିଯୋଗକାରୀ ପାନ ନନ୍ଦଙ୍କ ଲିଖିତ ଏତଲା ଆଧାରରେ ମାମଲା ରୁଜୁକରି ତଦନ୍ତ କରୁଥିବା ବେଳେ ବନହରପାଲି ଥାନା ଅଧିକାରୀ ଓ ବ୍ରଜରାଜନଗର ଏସଡିପିଓ ଚିନ୍ତାମଣି ପଧାନ ସୂଚନା ଦେଇଛନ୍ତି। ଆକ୍ରମଣକାରୀ ଅଙ୍କିତ ସିଂହ(୨୮) ଓ ତାର ବାପା ଦିନାନାଥ ସିଂହ (୫୭)ଙ୍କୁ ପୁଲିସ ଧରିବାକୁ ଉଦ୍ୟମ ଜାରି ରଖିଥିବା ପୁଲିସ ପକ୍ଷରୁ ପ୍ରକାଶ। ସୂଚନାନୁଯାୟୀ, ଗତ ୨୦ ତାରିଖ ସୁରେଶ ସିଂହ ଓ ସେହି ପଡ଼ାର ଦିନାନାଥଙ୍କ ମଧ୍ୟରେ କୌଣସି କାରଣରୁ ବିବାଦ ହୋଇଥିଲା। ଏପରିକି ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା। ସୁରେଶଙ୍କ ଭଉଣୀ ଆସି ଝଗଡ଼ା ନକରିବାକୁ ବାରଣ କରିବାରୁ ସେ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ଏଥିରେ ତାଙ୍କର ମୁଣ୍ଡ ଫାଟିଯାଇଥିଲା। ଘଟଣା ଦିନ ଏନେଇ ବନ୍ଧବାହାଲ ପୁଲିସ ନିକଟରେ ଲିଖିତ ଅଭିଯୋଗ ହୋଇଥିଲା। ଅପରପକ୍ଷରୁ ମଧ୍ୟ ଅଭିଯୋଗ ହେବାରୁ ପୁଲିସ ୨ଟି ମାମଲା ରୁଜୁକରି ନୋଟିସ ଦେଇ ତଦନ୍ତ ଆରମ୍ଭ କରିଥିଲା। ଆଜି ମଧ୍ୟାହ୍ନରେ ଦିନନାଥ ସିଂହଙ୍କ ପୁଅ ଅଙ୍କିତକୁ ସୁରେଶଙ୍କ ପକ୍ଷରୁ ଗାଳିଗୁଲଜ କରିବା ସହ ମାଡପିଟ କରିବାକୁ କହୁଥିବା ଅଙ୍କିତ ବାହାରୁ ଶୁଣି ଘରକୁ ଆସିଥିଲା ବୋଲି କୁହାଯାଇଛି। ପରେ ଏକ ଭାଇରାଲ ଭିଡିଓରେ ଅଙ୍କିତ ଓ ତାର ବାପା ଦିନାନାଥ ତାଙ୍କ ଘର ସମ୍ମୁଖରେ ଖଣ୍ଡା ଧରି ବୁଲାଉଥିବା ବେଳେ ଅପରପକ୍ଷର ଲୋକେ ସେମାନଙ୍କ ଉପରକୁ ଟେକା ପଥର ମାଡ଼ କରିଥିବା ଦେଖିବାକୁ ମିଳିଛି। ଏଥିରେ ବାପ ପୁଅ ଦୁହେଁ ଘର ଭିତରକୁ ପଶି ଯାଇଥିଲେ। ଅପରପକ୍ଷର ଲୋକେ ସେମାନଙ୍କ ଘରକୁ ପଶିବାରୁ ଉଭୟ ବାପପୁଅଙ୍କ ଖଣ୍ଡାର ଆକ୍ରମଣର ଶିକାର ହୋଇଥିବା ନେଇ ପୁଲିସର ପ୍ରାଥମିକ ତଦନ୍ତରୁ ଅନୁମାନ କରାଯାଇଛି। ଅନ୍ୟପକ୍ଷରେ ଆହତଙ୍କ ପେଟ, ମୁଣ୍ଡ ସମେତ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତହୋଇ ପ୍ରଚୁର ରକ୍ତସ୍ରାବ ହୋଇଥିବା ଦେଖି ବନ୍ଧବାହାଲ ସମିତି ସଭ୍ୟା ପଦ୍ମିନୀ ସିଂହ ଓ ଅନ୍ୟମାନେ ସେମାନଙ୍କୁ ଚିକିତ୍ସା ନିମନ୍ତେ ପଠାଇଥିବା ଜଣାପଡ଼ିଛି।

ବାଇକ୍ ଚୋରି: ୩ ଅଭିଯୁକ୍ତ ଗିରଫ, ୩ ବାଇକ୍ ଜବତ

ଝାରସୁଗୁଡ଼ା, ୨୨।୨(ସମିସ): ଜିଲ୍ଲା ବ୍ରଜରାଜନଗର ଥାନାରେ ୨ଟି ପୃଥକ ବାଇକ ଚୋରି ମାମଲାରେ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହିତ ୩ଟି ବାଇକ୍‌କୁ ବ୍ରଜରାଜନଗର ପୁଲିସ ଜବତ କରିଥିବା ରବିବାର ପୁଲିସ ତରଫରୁ ସୂଚନା ଦିଆଯାଇଛି। ବ୍ରଜରାଜନଗର ଥାନା ମୁଖ୍ୟ ମାର୍କେଟର ଶୈଳେଶ ସଂଘାଇ ଓ କ୍ଷେତ୍ରସନପଡ଼ାର ସମୀର କ୍ୟୁରେଶିଙ୍କ ବାଇକ୍ ଚୋରି ହୋଇଥିବା ନେଇ ବ୍ରଜରାଜନଗର ଥାନାରେ ୨ଟି ପୃଥକ ମାମଲା ରୁଜୁ କରାଯାଇଥିଲା। ଥାନା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ୨ଟି ପୁଲିସ ଟିମ ଗଠନ କରାଯାଇ ତଦନ୍ତ ଆରମ୍ଭ ଆରମ୍ଭ ହୋଇଥିଲା। ବ୍ରଜରାଜନଗରରେ ଲାଗିଥିବା ବିଭିନ୍ନ ସିସିଟିଭି ଆଧାରରେ ତଦନ୍ତ



କରାଯାଇ ରବିବାର ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୁଲିସ ସଫଳ ହୋଇଛି। ଗିରଫ ଅଭିଯୁକ୍ତ ମାନେ ହେଲେ ବନହରପାଲି ଥାନା ବନ୍ଧବାହଲର ମନୋଜ ବାରିକ (୨୭), ବ୍ରଜରାଜନଗର ଥାନାରାମପୁର ବିନାସିପଡ଼ାର ସମୀର ଖାନ(୪୪) ଓ ଓପିଏମ୍ କଲୋନୀର ବିଶାଳ ବାଗ (୩୦)। ଗିରଫ ଅଭିଯୁକ୍ତ ମାନଙ୍କ ନିକଟରୁ ଏକ ଟିଭିଏସ ଆପାଚି, ଏକ ହିରୋ ସୁପର ସ୍ପ୍ଲେଣ୍ଡର ଓ ଗୋଟିଏ ନମ୍ବର ବିହୀନ ହୋଣ୍ଡା ଆକ୍ଟିଭା ୬ଜିକୁ ଜବତ କରାଯାଇଛି। ଅଧିକ ତଦନ୍ତ ଜାରି ରହିଥିବା ନେଇ ପୁଲିସ ତରଫରୁ ସୂଚନା ଦିଆଯାଇଛି।

ବିଧାୟକଙ୍କ ସାପ୍ତାହିକ ଅଭିଯୋଗ ଶୁଣାଣି ଶିବିର



ଦେବଗଡ଼, ୨୨।୨(ସମିସ): ତିଲେଇବଣି ବ୍ଲକ ସଦର ମହକୁମା ସ୍ଥିତ କଲ୍ୟାଣ ମଣ୍ଡପରେ ରବିବାର ଦେବଗଡ଼ ବିଧାୟକଙ୍କ ସାପ୍ତାହିକ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଏଥିରେ ଜନସାଧାରଣଙ୍କ ନିକଟରୁ ଅଭିଯୋଗ ପତ୍ର ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଅଭିଯୋଗ ଗୁଡିକ ମଧ୍ୟରେ ୧୪ଟି ବ୍ୟକ୍ତିଗତ ଏବଂ ସାମୂହିକ ଅଭିଯୋଗ ରହିଥିବା ଜଣାପଡ଼ିଛି। ବିଶେଷ ଭାବେ ଟାଇଁସର ଗାଁରେ ଏକ ମଣ୍ଡପ ଗୃହ ନିର୍ମାଣ, ଅଶୁରଖୋଲ ଗାଁରାସ୍ତାର ମରାମତି ଓ ଉନ୍ନତିକରଣ, ଫୁଲପଥରଖୋଲ ଗାଁର ପାନୀୟ ଜଳ ସମସ୍ୟା, କଣ୍ଢେଇକୋଳି ଗାଁରରାସ୍ତା ଏବଂ କେଫର୍ମ ପଟ୍ଟା ସମସ୍ୟାର ସମାଧାନ ଆଦି ଅଭିଯୋଗ ରହିଥିଲା। ଶିବିରରେ ବିଧାୟକଙ୍କ ତିଲେଇବଣି ବ୍ଲକ ପ୍ରତିନିଧି ନଗେନ ପଣ୍ଡା ମଧ୍ୟ ଉପସ୍ଥିତ ଥିଲେ।

୨୬ରୁ ଝାରସୁଗୁଡ଼ାରେ ଜିଲ୍ଲାସ୍ତରୀୟ ମେଗା ନିଯୁକ୍ତି ମେଳା

ଝାରସୁଗୁଡ଼ା, ୨୨।୨(ସମିସ): ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ବିଶାଳ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଆୟୋଜିତ ହେବାକୁ ଯାଉଛି। ଜିଲ୍ଲାର ଯୁବକ ଓ ଯୁବତୀମାନଙ୍କୁ ସ୍ୱାବଲମ୍ବୀ କରିବା ଏବଂ ସେମାନଙ୍କୁ ଉପଯୁକ୍ତ ଜୀବିକା ଯୋଗାଇଦେବା ଲକ୍ଷ୍ୟରେ ମେଗା ନିଯୁକ୍ତି ଅଭିଯାନ ଆରମ୍ଭ କରାଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଶା ସମେତ ଦେଶର ବିଭିନ୍ନ ପ୍ରତିଷ୍ଠିତ ଘରୋଇ ଶିଳ୍ପ ସଂସ୍ଥା ଓ କମ୍ପାନୀମାନେ ଅଂଶଗ୍ରହଣ କରି ପ୍ରାର୍ଥୀମାନଙ୍କୁ ଚୟନ କରିବେ। ଚୟନ ପ୍ରକ୍ରିୟାରେ କେତେକ ସଂସ୍ଥା ଯୋଗ୍ୟ ପ୍ରାର୍ଥୀଙ୍କୁ ସିଧାସଳଖ ନିଯୁକ୍ତି ପ୍ରଦାନ କରୁଥିବା ବେଳେ ଅନ୍ୟ କେତେକ ସଂସ୍ଥା ପ୍ରଥମେ ନିଯୁକ୍ତି ଭିତ୍ତିକ ବୈଷୟିକ ତାଲିମ ପ୍ରଦାନ କରିବା ପରେ ନିଯୋଜିତ କରିବାର ବ୍ୟବସ୍ଥା ରହିଛି। ନିଯୁକ୍ତି ମେଳାରେ ସାମିଲ ହେବା ପାଇଁ ଶିକ୍ଷାଗତ ଯୋଗ୍ୟତା ଅତି କମରେ ୮ମ ଶ୍ରେଣୀ ପାସ୍‌ରୁ ଆରମ୍ଭ କରି ଦଶମ, +୨, +୩ (ସ୍ନାତକ), ଆଇଟିଆଇ, ଡିପ୍ଲୋମା ଏବଂ ବିଟେକ୍ ପର୍ଯ୍ୟନ୍ତ ରଖାଯାଇଛି। ଆବେଦନକାରୀଙ୍କ ବୟସ ସୀମା ୧୮ରୁ ୩୫ ବର୍ଷ ମଧ୍ୟରେ ହୋଇଥିବା ଅନିର୍ବାର୍ଯ୍ୟ। ସମସ୍ତ ଆଗ୍ରହୀ ପ୍ରାର୍ଥୀମାନେ ନିଜର ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର, ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ଏବଂ ସଦ୍ୟ ଅପଡେଟ୍ ହୋଇଥିବା ପାସ୍‌ପୋର୍ଟ ସାଇଜ୍ ଫଟୋଗ୍ରାଫ୍ ସହିତ ଆସନ୍ତା ୨୬ ତାରିଖ ଗୁରୁବାର ସକାଳ ୧୦ରୁ ଅପରାହ୍ଣ ୪ ମଧ୍ୟରେ ବେହେରାମାଲ ସ୍ଥିତ ଏମ୍‌ସିଏଲ୍ ପ୍ରେକ୍ଷାଳୟଠାରେ ଉପସ୍ଥିତ ରହିବାକୁ ଜିଲ୍ଲା ପ୍ରଶାସନ ତରଫରୁ ସୂଚନା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମ ଜିଲ୍ଲାର ନିଯୁକ୍ତି ଆଶାୟୀ ଯୁବକଯୁବତୀଙ୍କ ପାଇଁ ଏକ ସୁବର୍ଣ୍ଣ ସୁଯୋଗ। ଏଣୁ ଏହାର ସଦୁପଯୋଗ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଶେଷ ଭାବେ ଅନୁରୋଧ କରାଯାଇଛି।

୮ମ ରୁ ବିଟେକ୍ ପର୍ଯ୍ୟନ୍ତ ସମସ୍ତଙ୍କୁ ଅଂଶଗ୍ରହଣ କରିବାକୁ ଆହ୍ୱାନ

ନବ ଦାସ ପାର୍କ ଓ ଶ୍ରମିକ ଆଶ୍ରୟ ସ୍ଥଳର ଜିଲ୍ଲାପାଳଙ୍କ ପରିଦର୍ଶନ



ଝାରସୁଗୁଡ଼ା, ୨୨।୨(ସମିସ): ସହରର ଭିତ୍ତିଭୂମି ବିକାଶ ଓ ନାଗରିକ ସୁବିଧା ସୁଯୋଗର ସମୀକ୍ଷା କରିବା ଉଦ୍ଦେଶ୍ୟରେ ଜିଲ୍ଲାପାଳ କୁଣାଳ ମୋତିରାମ ଚହ୍ୱାଣ ନବ ଦାସ ପାର୍କ ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ପରିଦର୍ଶନ କରିଛନ୍ତି। ଗସ୍ତ ସମୟରେ ଜିଲ୍ଲାପାଳ ପାର୍କ ସମ୍ମୁଖରେ ଥିବା ପରିତ୍ୟକ୍ତ ଶ୍ରମିକ ଆଶ୍ରୟ ସ୍ଥଳର ସ୍ଥିତି ଅନୁଧ୍ୟାନ କରିବା ସହ ଏହାର ତୁରନ୍ତ ନବୀକରଣ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଭବନର ସମସ୍ତ ମରାମତି କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ସେ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଜିଲ୍ଲାପାଳ ନବ ଦାସ ପାର୍କ ପରିସର ବୁଲି ଦେଖିବା ସହ ସେଠାରେ ଉପଲବ୍ଧ ଥିବା ବିଭିନ୍ନ ଆନୁଷଙ୍ଗିକ ସୁବିଧା ସୁଯୋଗର ଯାଞ୍ଚ କରିଥିଲେ। ପାର୍କ ମଧ୍ୟରେ ଥିବା ଅଚଳ ଫୁଆରା ଏବଂ ଶିଶୁରେଳଗାଡିର ସ୍ଥିତିକୁ ଦେଖି ଜିଲ୍ଲାପାଳ ଅସନ୍ତୋଷ ପ୍ରକାଶ କରିଥିଲେ। ଏହାର ମରାମତି କରି ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ପୌରପାଳିକା ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସହରବାସୀଙ୍କ ମନୋରଞ୍ଜନ ପାଇଁ ଉଦ୍ଦିଷ୍ଟ ଏହି ପାର୍କର ରକ୍ଷଣାବେକ୍ଷଣ ଏବଂ ସୌନ୍ଦର୍ଯ୍ୟକରଣକୁ ପ୍ରାଥମିକତା ଦେବାକୁ ସେ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଜଙ୍ଗଲ ନିଆଁ ନିରାକରଣ ସଚେତନତା ପାଇଁ ଫୁଟବଲ ଟୁର୍ଣ୍ଣାମେଣ୍ଟ

ଝାରସୁଗୁଡ଼ା, ୨୨।୨(ସମିସ)

ଝାରସୁଗୁଡ଼ା ବନଖଣ୍ଡ ଅଧୀନ ବେଲପାହାଡ ବନାଞ୍ଚଳ ଦ୍ୱାରା ଜଙ୍ଗଲ ନିଆଁକୁ କିପରି ନିରାକରଣ କରାଯିବ ସେ ବିଷୟରେ ଅନେକ ଗୁଡିଏ କାର୍ଯ୍ୟକ୍ରମ ହାତକୁ ନିଆ ଯାଇଛି। ବେଲପାହାଡ ବନାଞ୍ଚଳର ରେଞ୍ଜ ଅଫିସର ପ୍ରଦୀପ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଦମଡିହି ଓ ଭିକମପାଲି ସେକ୍ସନ ଠାରେ ସଞ୍ଚାର ମାଧ୍ୟମରେ ଲୋକ ମାନଙ୍କୁ ସଚେତନ କରାଇଥିଲେ। ଶନିବାର ମହା ସିଂ ଠାରେ ଅନୁଷ୍ଠିତ ଜଳନ୍ଧର ମହାରାଜଙ୍କ ଦରବାରରେ ସଚେତନତା ବାର୍ତ୍ତା ଦିଆଯାଇଥିଲା। ରବିବାର ବନାଞ୍ଚଳ ଦ୍ୱାରା ଗ୍ରୀଣ୍ଡୋଲା ଖେଳ ପଡ଼ିଆ ଠାରେ ସଚେତନତା ପାଇଁ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଛି। ଟୁର୍ଣ୍ଣାମେଣ୍ଟକୁ ଅତିଥି ଭାବେ ବନଜାରୀ ସରପଞ୍ଚ ସୀମା ସାହୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ପ୍ରତିମା ବଡ଼େଇ ଓ ଗ୍ରୀଣ୍ଡୋଲା ବନ ସୁରକ୍ଷା ସମିତିର ସଭାପତି ଧନେଶ୍ୱର ବଡ଼େଇ ଉପସ୍ଥିତ ଥିଲେ। ଏହି ଏକଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରଥମ ସେମି ଫାଇନାଲରେ କାଉଧର ଓ ବରତାବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କାଉଧର ଦଳ ୧-୦ ଗୋଲରେ ବିଜୟୀ ହୋଇ ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲା। ଦ୍ୱିତୀୟ ସେମିଫାଇନାଲ



କାଉଧରକୁ ପରାସ୍ତ କରି ଜାହାଜପଡ଼ା ଚାମ୍ପିଅନ

ଜାହାଜ ପଡ଼ା ଓ ସୁଲଦିଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜାହାଜ ପଡ଼ା ଦଳ ଟାଇ ବ୍ରେକରରେ ୩-୨ ଗୋଲରେ ବିଜୟୀ ହୋଇ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ଫାଇନାଲରେ ଜାହାଜ ପଡ଼ା ଦଳ ୧-୦ ଗୋଲରେ କାଉଧର ଦଳକୁ ପରାସ୍ତ କରି ଚାମ୍ପିଅନ ହୋଇଛି। ଉପବିଜେତା କାଉଧର ଦଳକୁ ଟ୍ରଫି ସହିତ ୩ ହଜାର ଟଙ୍କା ଓ ବିଜୟୀ ଜାହାଜ ପଡ଼ା ଦଳକୁ ଟ୍ରଫି ସହିତ ୫ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଉଦ୍‌ଯାପନୀ ଉତ୍ସବରେ ଝାରସୁଗୁଡ଼ା ଜିଲ୍ଲା ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ତଥା ଜିଲ୍ଲା ପରିବେଶ ସମିତିର ସଭାପତି ପ୍ରହ୍ଲାଦ ନାୟକ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡା ସଂଘର ସାଧାରଣ ସମ୍ପାଦକ ତଥା ଜିଲ୍ଲା ପରିବେଶ ସମିତିର ଆଜୀବନ ସଦସ୍ୟ ବିଜୟ ବେହେରା, ବେଲପାହାଡ ଜୁନିୟର କଲେଜର ଅଧ୍ୟକ୍ଷ ସୁରେନ୍ଦ୍ର ଭୋଇ, ପରିବେଶବିତ ତଥା ଏମପିଏଫର ପ୍ରତିଷ୍ଠାତା ହମିଦ ମହାପାତ୍ର ଉପସ୍ଥିତ ଥିଲେ। ବନାଞ୍ଚଳ ଅଧିକାରୀ ପ୍ରଦୀପ ନାୟକ ସଭାପତିତ୍ୱ କରିଥିବା ବେଳେ, ସୁଜିତ ବସ୍ତିଆ ଅତିଥି ପରିଚୟ ପ୍ରଦାନ କରିଥିଲେ। ହମିଦ ମହାପାତ୍ର ସମସ୍ତ ଖେଳାଳି, ଅତିଥି ଓ ଉପସ୍ଥିତ ଜନସାଧାରଣଙ୍କୁ ଜଙ୍ଗଲ ନିଆଁ ନିରାକରଣ ଶପଥ ପାଠ କରାଇଥିଲେ। ଟୁର୍ଣ୍ଣାମେଣ୍ଟରେ ଗ୍ରୀଣ୍ଡୋଲା ବନ ସୁରକ୍ଷା ସମିତି, ଗାଁବାସୀ ଏବଂ ବେଲପାହାଡ ଫରେଷ୍ଟର ସୁନିଲ ଭୋଇ, ଇକୋ ଟୁରିଜିମ ଫରେଷ୍ଟର ସନ୍ତୋଷ ଗୁରୁ, ବାଗମୁଣ୍ଡା ଫରେଷ୍ଟର ସୌଦାଗର କିଷାନ, ଲଖନପୁର ଫରେଷ୍ଟର ଲଳିତ ଅଡ଼ା, ଭିଖମପାଲି ଫରେଷ୍ଟର ସରୋଜ ଖମାରି, ଫରେଷ୍ଟର ପ୍ରଦୀପ ବେସନ, ମୁନି ଦାସ, ଫରେଷ୍ଟଗାର୍ଡ ବିପିନ ସା, ଭାଗିରଥି ପଧାନ, ଶିବଶଙ୍କର ମୁଣ୍ଡା, ସୁରେନ୍ଦ୍ର ଖମାରି, ଅନୁପ ଲାକ୍ରା, ହର୍ଷ ବର୍ଦ୍ଧନ ମିଶ୍ର, ରାହୁଲ ବେହେରା, ଯୁଧିଷ୍ଠିର ବାରୁ, ତେଜସ୍ୱୀନି ଶା, ଏଫଏମ ଯୁର ଶକ୍ତିମୟ ପୃଷ୍ଟି, ସୁବ୍ରତ ଛନ୍ଦା, ସୁମନ ବିଶ୍ୱାଳ, ସୁଜିତ ବସ୍ତିଆ, ନିମାଇଁ ବାରିକ ଓ ଟିକେଶ୍ୱରୀ ପଟେଲ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ଆୟୋଜନରେ ସହଯୋଗ କରିଥିଲେ।

ବାଗଡ଼ିହି ବନ ବିଭାଗର ନିଆଁ ନିରାକରଣ ସଚେତନତା



ଝାରସୁଗୁଡ଼ା, ୨୨।୨(ସମିସ): ଝାରସୁଗୁଡ଼ା ବନଖଣ୍ଡ ଅଧୀନ ବାଗଡ଼ିହି ବନାଞ୍ଚଳର ବାଙ୍କୀ ଖେଳପଡ଼ିଆ ଠାରେ ବନାଞ୍ଚଳ ଅଧିକାରିଣୀ ଡ.ବନ୍ଦନା ପସାୟତଙ୍କ ତତ୍ତ୍ୱାବଧାନରେ ଜଙ୍ଗଲ ନିଆଁ ନିରାକରଣ ଏବଂ ସଚେତନତା ନିମନ୍ତେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ବାଗଡ଼ିହି ବନାଞ୍ଚଳ ଅଧୀନ ମୋଟ ୮ଟି ଦଳ ଯଥା ବାଙ୍କୀ, ଫରେଷ୍ଟ ଇଲେଭେନ, ବାରଗାଡ, କୁଅଁରମାଲ, କାଦୋବାହଲ, ଭଉଁରା, ଭୀମଜୋର ଏବଂ ଢ଼େଙ୍ଗୁରଜୋର ଗାଁର ଦଳ ମାନେ ଯୋଗ ଦେଇଥିଲେ। ଟୁର୍ଣ୍ଣାମେଣ୍ଟରେ ଭୀମଜୋର ବିଜୟ ଲାଭ କରିଥିବା ବେଳେ କୁଅଁରମାଲ ଦଳ ରନର୍ସଅପ୍ ହୋଇଥିଲେ। କାର୍ଯ୍ୟକ୍ରମରେ ଲଇକେରା ବ୍ଲକ ଅଧ୍ୟକ୍ଷ ସଞ୍ଜିତ ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କିର୍ମିରା ତହସିଲଦାର ସଞ୍ଜୀବ କୁଲୁ, ବାବୁଛିପିଡିହି ସରପଞ୍ଚ ମନୋଜ ବୁଦୁଲା, ସାମାଜିକକର୍ମୀ ଦୀପକ ରାଉତ, ରାଜସ୍ୱ ପର୍ଯ୍ୟବେକ୍ଷକ ସରୋଜ ସା, ସମିତି ସଭ୍ୟ ମନମୋହନ କଂସରାଳୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମସ୍ତ ଯୁବଖେଳାଳି ତଥା ବାଙ୍କୀ ଗ୍ରାମବାସୀଙ୍କୁ ବାଗଡ଼ିହି ବନାଞ୍ଚଳ ଦ୍ୱାରା ଚଳିତ ବର୍ଷ କିପରି ବାଗଡ଼ିହି ବନାଞ୍ଚଳ ଅଧୀନରେ ଥିବା ଜଙ୍ଗଲ ମାନଙ୍କରେ ନିଆଁ ନ ଲାଗିବ ସେ ବିଷୟରେ ସଚେତନ ତଥା ଶପଥ ପାଠ କରାଯାଇଥିଲା। 'ଆସନ୍ତୁ ସମସ୍ତେ ମିଳିମିଶି ଜଙ୍ଗଲକୁ ନିଆଁ ଦାଉରୁ ସୁରକ୍ଷା ଦେବା।' କାର୍ଯ୍ୟକ୍ରମରେ ବନାଞ୍ଚଳ ଅଧିକାରିଣୀ ବନ୍ଦନା ପଶାୟତଙ୍କ ସମେତ ବାଗଡ଼ିହି ବନାଞ୍ଚଳ ବନପାଳ ମୁରାରୀ ପ୍ରସାଦ ସାହୁ, ଅମୀର ପଟେଲ, ଫରେଷ୍ଟ ଗାର୍ଡ ରାଜକିଶୋର ପାଣିଗ୍ରାହୀ ଏବଂ ବାଗଡ଼ିହି ବନାଞ୍ଚଳର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

ସକାଳ
THE SAKALA

ରବି ଧାନ କ୍ରୟକୁ ନେଇ ଆଶା ଆଶଙ୍କାରେ ଚାଷୀ

ସମ୍ବଲପୁର, ୨୨।୨ (ସମିସ)

ଚଳିତ ଖରିଫ୍‌ରେ ଧାନକ୍ରୟ ଏପର୍ଯ୍ୟନ୍ତ ବ୍ୟବସ୍ଥିତ ହୋଇପାରିନାହିଁ। ପୁଣି ଡିସେମ୍ବର ପ୍ରଥମ ସପ୍ତାହରୁ ଜିଲ୍ଲାରେ ରବି ଧାନଚାଷ ଆରମ୍ଭ ହୋଇଯାଇଛି। ଏବେ ପହ୍ଲା ରୁଆ ସରିବାପରେ ଦ୍ୱିତୀୟ ପର୍ଯ୍ୟାୟ ସାର ଦେବା ଆରମ୍ଭ ହେଲାଣି। ଏପ୍ରିଲ ମଧ୍ୟଭାଗ ସୁଦ୍ଧା ଅମଳ ହେବ। ପ୍ରତିବର୍ଷ ସମ୍ବଲପୁର ଜିଲ୍ଲାରେ ପ୍ରାୟ ୧୫ ହଜାରରୁ ଊର୍ଦ୍ଧ୍ୱ ଚାଷୀ ରବିଋତୁରେ ସରକାରଙ୍କୁ ଧାନ ବିକ୍ରୟ କରିଥାନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରାୟ ୧୫ରୁ ୩୦ ଦିନ ପୂର୍ବରୁ ରବି ଧାନ ସଂଗ୍ରହ ସକାଶେ ଜିଲ୍ଲା ଧାନକ୍ରୟ କମିଟି (ଡିଏଲପିସି) ବୈଠକ ଡକାଯାଇଥାଏ। କିନ୍ତୁ ଖରିଫ୍ ଧାନକିଣା ସରିନଥିବାବେଳେ ରବି ଉତ୍ପାଦକୁ ନେଇ ସରକାରୀସ୍ତରରେ କୌଣସି ତତ୍ପରତା ପ୍ରକାଶ ପାଉ ନ ଥିବାରୁ ତାହାକୁ ନେଇ ଚାଷୀ ମହଲରେ ଆଶଙ୍କା ପ୍ରକାଶ ପାଉଛି। ଡିସେମ୍ବର ମଧ୍ୟଭାଗ ସୁଦ୍ଧା ଚାଷୀ ଖରିଫ୍ ଧାନ ବିକ୍ରୟକରି ପୁଣି ରବି ଋତୁ ସକାଶେ ଚାଷ କାର୍ଯ୍ୟରେ ଲାଗିଯାଏ। କେନାଲ ଡିସେମ୍ବର ମାସ ୧୦ ରୁ ୨୦ ତାରିଖ ଭିତରେ ପାଣି ଛାଡ଼ିଥାଏ। ସାଧାରଣତଃ ଡିସେମ୍ବର ପ୍ରଥମ ସପ୍ତାହରେ ରବି ଧାନଚାଷ ପାଇଁ ପହ୍ଲା ପକାଯାଇଥାଏ। ଜାନୁଆରୀ ଦ୍ୱିତୀୟ ସପ୍ତାହରୁ ରବି ଧାନଚାଷ ସକାଶେ ପହ୍ଲା ରୋଇବା ଆରମ୍ଭ ହୁଏ। ରୁଆ ସରିବାର ପ୍ରାୟ ୨୦ରୁ ୨୫ ଦିନ ପରେ ଦ୍ୱିତୀୟ ସାର ଦିଆଯାଇଥାଏ। ସମ୍ପ୍ରତି ୧ ମାସ ବିତିଯାଇଥିବାରୁ ଚାଷୀମାନେ ରୁଆ ସମୟରେ କାଦୁଅ-ସାର ଦେଇଥିବାବେଳେ ଏବେ ପିଲ-ସାର ହିସାବରେ ୟୁରିଆ ଓ ପଟାସ ସାର ଦେଉଛନ୍ତି। ବିଭିନ୍ନ ସଂସ୍ଥା ପକ୍ଷରୁ ୟୁରିଆ ଅଭାବ ଦର୍ଶାଇ ସମ୍ବଲପୁର ଜିଲ୍ଲାରେ କଳାବଜାର ଆରମ୍ଭ ହୋଇଯାଇଛି। ପୁଣି ୟୁରିଆ ଦୁଇବସ୍ତା ସହ ନାନୋ ୟୁରିଆ ଜବରଦସ୍ତି ଦେବାକୁ ନେଇ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରତିବର୍ଷ ଭଳି ଚାଷୀ ରବି ଫସଲକୁ ଧାରଉର୍ଦ୍ଧ୍ୱାର କରି ପିଲ-ସାର ପର୍ଯ୍ୟନ୍ତ ଯାଇଛି। ଏପ୍ରିଲ ଶେଷ ସୁଦ୍ଧା କେନାଲ ପାଣି ଯୋଗାଇବା ବନ୍ଦ କରିବାସହ ଅମଳ ଆରମ୍ଭ ହୋଇଯିବ। ଏପ୍ରିଲ ୧୫ରୁ ରବି ଧାନ ଅମଳ ଆରମ୍ଭ ହୋଇଯିବ ଏବଂ ମେ ପ୍ରଥମ ସପ୍ତାହରେ ପ୍ରତିବର୍ଷ ମଣ୍ଡି ଖୋଲିଯାଇ ଜୁନ ୧୫ ସୁଦ୍ଧା ଶେଷହୁଏ। ପୁଣି ଜୁନ୍‌ରେ ବର୍ଷା ଆରମ୍ଭ ହୋଇ, ଚାଷୀର ଧାନ ଓଦାହୋଇ ନଷ୍ଟ ହୋଇଯାଇଥାଏ। ଏଯାଏ ସରକାର ରବି ଧାନ କିଣା ନେଇ କୌଣସି ସ୍ପଷ୍ଟ କରିନାହାନ୍ତି। ଆଗାମୀ ରବି ଫସଲ କିଣିବେ କି ନାହିଁ, ତାହାକୁ ନେଇ ଚାଷୀ ଆଶଙ୍କାରେ ରହିଛି। ଚଳିତବର୍ଷ ଖରିଫ୍ ଧାନକିଣା ଏପର୍ଯ୍ୟନ୍ତ ଶେଷ ହୋଇନାହିଁ ଏବଂ ଅବ୍ୟବସ୍ଥା ଜାରି ରହିଛି।





ଉଲ୍ଲେଖଯୋଗ୍ୟ ଯେ, ସମ୍ବଲପୁର ଜିଲ୍ଲାରେ ରବି ଧାନସଂଗ୍ରହ ୨୦୨୪-୨୫ରେ ଜିଲ୍ଲାର ୧୬୬୫୮ ଜଣ ଚାଷୀ ୧୪୧୮୧୭.୬୧ କ୍ୱିଣ୍ଟାଲ ଧାନ ବିକ୍ରୟ କରିଥିଲେ। ଏଥର ସରକାର ଯଦି ରବି ଧାନ କ୍ରୟ ନକରନ୍ତି, ତେବେ ଅମଳ ଡାଲୁଆ ଧାନକୁ ନେଇ ଚାଷୀ କରିବ କ'ଣ ଏବଂ ଚାଷ ପାଇଁ କରିଥିବା ଋଣ କିପରି ପରିଶୋଧ କରିବ ବୋଲି ଚିନ୍ତାଗ୍ରସ୍ତ ଚାଷୀ। ହୀରାକୁଦ କମାଣ୍ଡ ଏରିଆର ଚାଷୀ ଉମେଶ ଚନ୍ଦ୍ର ମିଶ୍ରଙ୍କ ଅନୁଯାୟୀ, ଏଭଳି ସମସ୍ୟା କେବେ ହୋଇନଥିଲା, ଏହା ଇତିହାସ। ଖରିଫ୍‌ରେ ଧାନସଂଗ୍ରହ ବିଳମ୍ବ ହେବା ଯୋଗୁଁ ରବି ଚାଷ ବିଳମ୍ବିତ ହେଲା। ଚାଷୀ ଏବେ ସନ୍ଦେହରେ ଅଛନ୍ତି ସରକାର ରବି ଧାନ କିଣିବେ ନା' ନାହିଁ। ଖରିଫ୍‌ରେ ସରକାର ପ୍ରତିଶ୍ରୁତି ଦେଇଥିଲେ ପଞ୍ଜିକରଣ ଅନୁଯାୟୀ ସମସ୍ତ ଧାନ କିଣିବେ। କିନ୍ତୁ ଏବେ ବି ଦ୍ୱନ୍ଦ୍ୱ ଜାରି ରହିଛି। ଖରିଫ୍‌ରେ ସମସ୍ତ ଟୋକନ ବା ୯୦ ପ୍ରତିଶତ ଟୋକନ ଛାଡ଼ିଦେଲୁ ବୋଲି ବାହାବା ନେଉଛନ୍ତି, କିନ୍ତୁ କେତେ ଜମି ରେଜିଷ୍ଟ୍ରେସନ ହୋଇଛି ଏବଂ ସରକାର କେତେ ଟୋକନ ଦେଇଛନ୍ତି। ବଡ଼ ଚାଷୀ ଛୋଟ ଚାଷୀ କଥା ନୁହେଁ ବରଂ ଛୋଟ ଚାଷୀ କର ନେଇକି ଚାଷ କରୁଥିବାରୁ କ୍ଷତିଗ୍ରସ୍ତ ହେଉଛନ୍ତି।

ସମ୍ବଲପୁର କୃଷକ ସୁରକ୍ଷା ସଙ୍ଗଠନ ସଭାପତି ବ୍ୟୋମକେଶ ଠାକୁର କହିଛନ୍ତି, ରବି ଫସଲରେ ପିଲ-ସାର ଦେବା ଆରମ୍ଭ ହୋଇଛି। ରବି ଫସଲ କମ୍ ଆଇକଟ୍-ଏରିଆ ଏବଂ ପ୍ରାୟତଃ ସମ୍ବଲପୁର ସଦର ସବ୍‌ଡିଭିଜନରେ ଚାଷ ହୋଇଥାଏ। ଏପରିସ୍ଥଳେ ୟୁରିଆ ସାର ଅଭାବ ଦେଖାଯିବା କଥା ନୁହେଁ। କିନ୍ତୁ ବେପାରୀ ଓ କିଛି ସରକାରୀ ଅଧିକାରୀ ମିଶି ୟୁରିଆର କୃତ୍ରିମ ଅଭାବ ସୃଷ୍ଟି କରୁଛନ୍ତି। ରବି ଧାନ କିଣିବାକୁ ନେଇ ସରକାର ଶୀଘ୍ର ତାଙ୍କ ସ୍ଥିତି ସ୍ପଷ୍ଟ କରିବାକୁ ଶ୍ରୀ ଠାକୁର ଦାବି କରିଛନ୍ତି।



ରବିବାର ବଡି ଭୋର୍‌ରେ ଯୁଯୋମୁରା ବ୍ଲକ କୁକୁଡ଼ାପାଲି ପଞ୍ଚାୟତର ସିକ୍ରାପାଲି ଗ୍ରାମରେ ଏକ ଦନ୍ତା ବୁଲୁଥିବା ଦେଖାଯାଇଥିଲା।

ହୋମଗାର୍ଡ ଚାକିରି ନାଁରେ ୮ ଲକ୍ଷ ଠକେଇ

ସମ୍ବଲପୁର, ୨୨।୨(ସମିସ): ହୋମଗାର୍ଡ ଚାକିରି କରାଇଦେବା ନାଁରେ ସମ୍ବଲପୁରରେ ଠକେଇ ହୋଇଥିବା ଅଭିଯୋଗ ହୋଇଛି। ପୁଲିସ ବିଭାଗରେ ଚିହ୍ନା ଅଛି ସହଜରେ ଚାକିରି ମିଳିଯିବ। ଏଥିପାଇଁ ଖର୍ଚ୍ଚ ବାବାଦକୁ କିଛି ଟଙ୍କା ଦେବାକୁ ପଡ଼ିବ, ଏପରି ଲାଳସା ଦେଖାଇ ଜଣେ ଅଭିଯୁକ୍ତ ୮ ଲକ୍ଷରୁ ଅଧିକ ଟଙ୍କା ଠକି ନେଇଛି। ଅଭିଯୋଗ ପରେ ଧନୁପାଲି ଥାନା ପୁଲିସ ଜଣକୁ ଗିରଫ କରିଛି। ସେ ହେଉଛି ଧନୁପାଲି ଥାନା ଚାରଭାଟିର ଦିଲୀପ ସାହୁ(୪୬)। ଯୁଯୁମୁରା ଥାନା ଅଞ୍ଚଳର ୬ ଜଣଙ୍କୁ ହୋମଗାର୍ଡ ଚାକିରି



୬ଜଣଙ୍କୁ ଠକି ଜଣେ ଗିରଫ

କରେଇଦେବା ଆଳରେ ୮ ଲକ୍ଷ ୨୭ ହଜାର ଟଙ୍କା ଠକିନେଇଥିଲେ। ସୂଚନା ଅନୁସାରେ ସଦର ଥାନା ପଡ଼ିଆବାହାଲରେ ଦିଲୀପ ସହ ଯୁଯୁମୁରା ଅଞ୍ଚଳର କିଛି ଯୁବକଙ୍କ ସହ ଭେଟ ହୋଇଥିଲା। ପରେ ଦିଲୀପ ପୁଲିସ ବିଭାଗ ସହ ଭଲ ସମ୍ପର୍କ ରହିଥିବା କହିଥିଲା। ଆଗକୁ ହୋମଗାର୍ଡ ଚାକିରି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ। ତେଣୁ ଜଣଙ୍କ ପିଛା ଲକ୍ଷେରୁ ଅଧିକ ଟଙ୍କା ଦେଲେ ଚାକିରି ମିଳିବ ବୋଲି ଆଶା ଦେଇଥିଲା। ଯୁବକ ମାନେ ଦିଲୀପକୁ ବିଶ୍ୱାସ କରି ଟଙ୍କା ଦେଇଥିଲେ। ସଞ୍ଜୀବ ପ୍ରଧାନ ୨.୯୦ ଲକ୍ଷ, ଡମ୍ବୁରୁଧର ସାହୁ ୨.୧୯ ଲକ୍ଷ, ଅଗଷ୍ଟୁସ ଏକ୍କା ୯୪ ହଜାର, ବିଜୟ ପ୍ରଧାନ ୯୦ ହଜାର, ଅଙ୍ଗଦ ମିର୍ଧା ୯୪ ହଜାର ଓ ଅଶ୍ୱିନୀ ବେହେରା ୯୪ ହଜାର ଟଙ୍କା ଦିଲୀପକୁ ଦେଇଥିଲେ। ହୋମଗାର୍ଡ ଚାକିରିର ଚୟନ ତାଲିକା ପ୍ରକାଶ ପାଇଥିଲା। ସେଥିରେ ଟଙ୍କା ଦେଇଥିବା ଉପରୋକ୍ତ ଯୁବକଙ୍କ ନାମ ନଥିଲା। ତେଣୁ ସେମାନେ ଦିଲୀପକୁ ଟଙ୍କା ଫେରାଇବାକୁ କହିଥିଲେ। ହେଲେ ଦିଲୀପ ଆଉ ଧରା ଛୁଆଁ ଦେଉନଥିଲା। ଧନୁପାଲି ଥାନରେ ଅଭିଯୋଗ ପରେ ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଅତିରିକ୍ତ ଏସପି ଅଜୟ କୁମାର ମିଶ୍ର କହିଛନ୍ତି।

ଟଙ୍କା ଦେଇ ପୁଲିସ ଚାକିରି ମିଳେନାହିଁ : ଏଏସ୍‌ପି

ପୁଲିସ ବିଭାଗ ସମସ୍ତ ଚାକିରି ରାଜ୍ୟ ସରକାରୀଙ୍କ ନିଯୁକ୍ତି ପକ୍ରିୟା ଅନୁସାରେ ହୋଇଥାଏ। ଟଙ୍କା ବିନିମୟରେ କୌଣସି ଚାକିରି ମିଳିନଥାଏ। ତେଣୁ ଏଥି ପ୍ରତି ସାବଧାନ ରହିବାକୁ ସମ୍ବଲପୁର ଅତିରିକ୍ତ ଏସ୍‌ପି ଅଜୟ କୁମାର ମିଶ୍ର କହିଛନ୍ତି। ହୋମଗାର୍ଡ ଚାକିରି ପାଇଁ ସମ୍ବଲପୁର ଧନୁପାଲି ଅଞ୍ଚଳରେ ଠକେଇ ହୋଇଛି। ତେଣୁ ଯେ କେହି ହୋମଗାର୍ଡ ଚାକିରି ପାଇଁ ଟଙ୍କା ଦେଇ ଠକାମୀରେ ପଡ଼ିଛନ୍ତି ତୁରନ୍ତ ଥାନାରେ ଅଭିଯୋଗ କରନ୍ତୁ। ସମ୍ବଲପୁର ହୋମଗାର୍ଡ ଚାକିରି ଦକ୍ଷତା ଭିତିରେ ନିଯୁକ୍ତି ହେଉଛି। ତେଣୁ କେହି ବି ଚାକିରି ପ୍ରଲୋଭନରେ ଟଙ୍କା ଦିଅନ୍ତୁ ନାହି ବୋଲି ସେ କହିଛନ୍ତି।

'ପରିଚୟ' ପାଳିଲା ବାର୍ଷିକୋତ୍ସବ

ସମ୍ବଲପୁର, ୨୨।୨ (ସମିସ): ହୀରାକୁଦରେ ଆଜି ସାମାଜିକ ଅନୁଷ୍ଠାନ ପରିଚୟର ୧୧ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ନିଜର ନିଷ୍ପାପର କର୍ମ ଓ ସେବା ମାଧ୍ୟମରେ ସମାଜରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଏହି ଅନୁଷ୍ଠାନର ମୁଖ୍ୟ ଆଭିମୁଖ୍ୟ ହେଉଛି ମାନସିକ ଅନଗ୍ରସର ଓ ନିରାଶ୍ରୟ ବ୍ୟକ୍ତିମାନଙ୍କୁ ଉଦ୍ଧାର କରିବା। ସୂଚନାଯୋଗ୍ୟ ଯେ, ଅନୁଷ୍ଠାନ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ମୋଟ ୬୩୦ ଜଣ ମାନସିକ ଅନଗ୍ରସର ବ୍ୟକ୍ତିଙ୍କୁ ବିଭିନ୍ନ ସ୍ଥାନରୁ ଉଦ୍ଧାର କରି ସୁସ୍ଥ କରିବା ସହ ନିଜ ପରିବାର ସହ ସଫଳତାର ସହ ପୁନଃମିଳନ କରାଯାଇଛି। କେବଳ ଚଳିତ ୨୦୨୫-୨୦୨୬ ବର୍ଷରେ ହିଁ ଅନୁଷ୍ଠାନ ୮୪ ଜଣଙ୍କୁ ଉଦ୍ଧାର କରିଛି। ସଭାରେ ମୁଖ୍ୟ ଅତିଥି ଭାବେ ଅତ୍ରତ୍ରାଣ ମିଶ୍ର ଯୋଗଦେଇ ଅନୁଷ୍ଠାନର ମହତ୍ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଶଙ୍କର ମିଶ୍ର, ପ୍ରଫେସର ରଶ୍ମିକାନ୍ତ ପତି ଏବଂ ରାମଦାସ ପଣ୍ଡା ଉପସ୍ଥିତ ରହି ସେବା ହିଁ ପରମ ଧର୍ମ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଆଗାମୀ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା, ଯେଉଁଥିରେ ସଭାପତି ଭାବେ ବିପିନ ବିହାରୀ ପଣ୍ଡା, ଉପ-ସଭାପତି ଶ୍ରୀମନ୍ତ ପାତ୍ର, ସମ୍ପାଦକ ମଳୟ ଦାଶ, ଯୁଗ୍ମ ସମ୍ପାଦକ ହେମାନନ୍ଦ ଦେହୁରୀ ଓ ଅନିଲ ବାବୁ, କୋଷାଧ୍ୟକ୍ଷ ଭାବେ ସୁଧୀର କୁମାର ବରପଣ୍ଡା ଏବଂ କାର୍ଯ୍ୟକାରୀ କମିଟିରେ ନୀଳକଣ୍ଠ ସ୍ୱାଇଁ, ନାରାୟଣ ପ୍ରଧାନ, ଦୀପିକା ପ୍ରଧାନ, ଦିଲୀପ ଦାଶ ଓ ଅବିନାଶ ମିଶ୍ରଙ୍କୁ ନୂତନ ଦାୟିତ୍ୱ ଅର୍ପଣ କରାଯାଇଛି।

ଏ ପର୍ଯ୍ୟନ୍ତ ୬୩୦ ମାନସିକ ବିକାରଗ୍ରସ୍ତଙ୍କୁ ଉଦ୍ଧାର କରିଛି

ଅଲ୍‌ଓଡ଼ିଶା ଓପନ୍ ପ୍ରୋ-କ୍ୟାରମ୍ ଚାମ୍ପିଅନସିପ୍

ସମ୍ବଲପୁର, ୨୨।୨ (ସମିସ) : ସମ୍ବଲପୁର ଜିଲ୍ଲା କ୍ୟାରମ୍ ଆସୋସିଏସନ୍ ପକ୍ଷରୁ ଦଲେଇପଡ଼ା କଲ୍ୟାଣ ମଣ୍ଡପଠାରେ ଅଲ୍ ଓଡ଼ିଶା ଓପନ୍ ପ୍ରୋ କ୍ୟାରମ୍ ଚମ୍ପିଆନସିପ୍ ୨୦୨୬ ଆଜି ଉଦଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ସଭାରେ ପୂର୍ବତନ ଉପନଗରପାଳ ସିଦ୍ଧାର୍ଥ ସାହା, ବିଜେପି ନେତା ସୁଧୀର ବହିଦାର ପ୍ରମୁଖ ଯୋଗଦାନ କରି ପ୍ରତିଯୋଗିତାକୁ ଅନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସମ୍ବଲପୁର ଜିଲ୍ଲା କ୍ୟାରମ୍ ଆସୋସିଏସନ୍ ପକ୍ଷରୁ ବହୁ ବରିଷ୍ଠ ପୂର୍ବତନ କ୍ୟାରମ ଖେଳାଳି ମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି ପ୍ରତିଯୋଗିତା ୩ ଦିନ ଧରି ଚାଲିବ। ଏଥିରେ ୪୮ ଇଞ୍ଚ କ୍ୟାରମ୍ ବୋର୍ଡ ଡବଲ ବର୍ଗରେ ୬୦ଟି ଦଳ ଅଂଶଗ୍ରହଣ କରିଥିବାବେଳେ ୫୬ ଇଞ୍ଚ କ୍ୟାରମ ବୋର୍ଡ ସିଙ୍ଗଲ ବର୍ଗରେ ୬୪ଟି ଦଳ ଓ ଡବଲ ବର୍ଗରେ ୫୦ ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତାରେ କଟକ, ଭୁବନେଶ୍ୱର, ଖୋର୍ଦ୍ଧା, ଗଞ୍ଜାମ ତଥା ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଦଳଗୁଡ଼ିକ ଭାଗ ନେଇଥିବା ଆୟୋଜକ ମାନଙ୍କ ସୂତ୍ରରୁ ପ୍ରକାଶ।



ହୀରାକୁଦ ପ୍ରିମିୟର ଲିଗ୍ କ୍ରିକେଟ ଉଦ୍‌ଘାଟିତ

ହୀରାକୁଦ, ୨୨।୨ (ସମିସ): ହୀରାକୁଦ ଅଥ୍‌ଲେଟିକ ଆସୋସିଏସନ ଦ୍ୱାରା ଆୟୋଜିତ ହୀରାକୁଦ ପ୍ରିମିୟର ଲିଗ୍ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍ ସୁଲତାନ ୱାରିଅର ଓ ଗତ ବର୍ଷର ଉପ ବିଜେତା କେବିଏସ ୱାରିଅର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଯାଇଛି। କେବିଏସ୍ ଦଳ ୩ ୱିକେଟରେ ସୁଲତାନ ଦଳକୁ ପରାସ୍ତ କରିଛି। ଅତିଥି ଭାବେ ହିନ୍ଦାଲକୋ ମାନବ ସମ୍ବଳ ଅଧିକାରୀ ସତ୍ୟପ୍ରସାଦ ଦାଶ, ସିଏସ୍‌ଆର ମୁଖ୍ୟ ଆନନ୍ଦ ଚକ୍ରବର୍ତ୍ତୀ ଉପସ୍ଥିତ ଥିଲେ। ଗଣେଶ ପଳାଇ, ପ୍ରତାପ କୁମାର ତାଣ୍ଡି, ବିଘ୍ନେଶ୍ୱର ପାଣିଗ୍ରାହୀ, ପ୍ରହ୍ଲାଦ ତାଣ୍ଡି, ସନ୍ୟାସୀ ସିଂ, ଅଭିଷେକ ଦାଶ, ସେକ୍ ଚାନ୍ଦ ବାବୁ, ଶତନାମ ସିଂ, ଶେମ ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ମ୍ୟାଚକୁ ଅମ୍ପାୟର ରାଜା ରଣା ଓ ଅନନ୍ତ ପତି ପରିଚାଳନା କରିଥିଲେ। ସ୍କୋରର ଦାୟିତ୍ୱ ଯାଟାଧାରୀ ଛନ୍ଦ ତୁଲାଇଥିଲେ।

ସମ୍ବଲପୁର ପ୍ରେସ୍ କ୍ଲବ୍‌ର ସାଧାରଣ ପରିଷଦ ବୈଠକ



ସମ୍ବଲପୁର, ୨୨।୨ (ସମିସ): ସମ୍ବଲପୁର ପ୍ରେସ କ୍ଲବର ସାଧାରଣ ପରିଷଦ ବୈଠକ ଆଜି ପୂର୍ବାହ୍ଣରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ତ୍ରିବିକ୍ରମ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ ପ୍ରାରମ୍ଭରେ ପ୍ରେସ କ୍ଲବର ଦିବଙ୍ଗତ ସଦସ୍ୟ ମାନଙ୍କ ଆତ୍ମାର ସଦ୍‌ଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ସାଧାରଣ ସମ୍ପାଦକ ଭବାନୀ ଶଙ୍କର ଭୋଇଙ୍କ ଦ୍ୱାରା ବିଗତ ଦିନର ଖର୍ଚ୍ଚ ବିବରଣୀ ଉପସ୍ଥାପନ କରାଯିବାସହ ସାଧାରଣ ପରିଷଦ ବୈଠକରେ ଆଲୋଚନା କରାଯାଇଥିଲା। ସମ୍ବଲପୁର ପ୍ରେସ କ୍ଲବରେ ହୋଇଥିବା ବିକାଶ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ପ୍ରେସ କ୍ଲବର ସଦସ୍ୟ ମାନଙ୍କ ବିକାଶ ପାଇଁ ବ୍ୟାଙ୍କ ଆକାଉଣ୍ଟରେ ରହିଥିବା ଟଙ୍କାକୁ ଫିକ୍ସ ଡିପୋଜିଟ କରାଯିବାନେଇ ବୈଠକରେ ଆଲୋଚନା ହୋଇଥିଲା। ଏହାସହ ଆଗାମୀ ମାର୍ଚ୍ଚ ୧ ତାରିଖରେ ନିର୍ବାଚନ କରାଯିବା ନେଇ ବୈଠକରେ ସ୍ଥିର କରାଯାଇଥିଲା। ନିରପେକ୍ଷ ନିର୍ବାଚନ ପରିଚାଳନା ନିମନ୍ତେ ଜିଲ୍ଲା ଓକିଲ ସଂଘର ଚାରିଜଣିଆ କମିଟିର ସହଯୋଗ ନିଆଯିବ। ନିର୍ବାଚନ କାର୍ଯ୍ୟସୂଚୀ ସ୍ଥିର କରାଯିବା ସହ ପ୍ରତି ଦୁଇବର୍ଷରେ ଥରେ ନିର୍ବାଚନ ନିଶ୍ଚିତ କରିବାକୁ ବୈଠକରେ ଆଲୋଚନା କରାଯାଇଥିଲା। ବୈଠକରେ ବରିଷ୍ଠ ସଦସ୍ୟ ମାନେ ସମ୍ବଲପୁର ପ୍ରେସକ୍ଲବର ସମ୍ମାନ ରକ୍ଷା କରି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ବୈଠକରେ ବହୁସଂଖ୍ୟକ ସଦସ୍ୟ ନିଜର ମତ ଉପସ୍ଥାପନ କରିଥିଲେ।

ରସାୟନ ବିଜ୍ଞାନ ବିଭାଗର ଅନ୍ତର୍ଜାତୀୟ ସମ୍ମାନ ଉଦ୍‌ଯାପିତ

ସମ୍ବଲପୁର, ୨୨।୨ (ସମିସ) : ସରକାରୀ ମହିଳା ମହାବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗ ଏବଂ ଅନ୍ତରୀଣ ଗୁଣବତ୍ତା ଆଶ୍ୱାସନା ପ୍ରକୋଷ୍ଠ (ଆଇକ୍ୟୁଏସି) ର ମିଳିତ ସହଯୋଗରେ 'ସାମ୍ପ୍ରତିକ କାଳରେ ରସାୟନ ବିଜ୍ଞାନର ଅଗ୍ରଗତି' ଶୀର୍ଷକ ଦ୍ୱିଦିବସୀୟ ଅନ୍ତର୍ଜାତୀୟ ସମ୍ମାନ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଭାରତର ବିଭିନ୍ନ ପ୍ରାନ୍ତରୁ ଆଗତ ବିଶେଷଜ୍ଞ ଓ ଗବେଷକ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ଉତ୍ସବ ଅଧ୍ୟକ୍ଷା କଳ୍ପନା ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ରାମ ନରେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ। ଓଡ଼ିଶା ତଥା ଦେଶର ବିଭିନ୍ନ ପ୍ରାନ୍ତରୁ ଗବେଷକ ତଥା ଛାତ୍ରଛାତ୍ରୀମାନେ ଏହି ସମ୍ମାନରେ ଭାଗ ନେଇଥିଲେ।

ଦ୍ୱିଦିବସୀୟ ଆଲୋଚନାଚକ୍ରରେ ଆଭାସୀ ତଥା ପ୍ରତ୍ୟକ୍ଷ ଭାବରେ ବହୁ ଖ୍ୟାତିସମ୍ପନ୍ନ ରସାୟନ ବିଜ୍ଞାନୀ ଯୋଗଦାନ କରିଥିଲେ। ସେମାନଙ୍କ ମଧ୍ୟରେ ଜାତୀୟ ବିଜ୍ଞାନ ଓ ଅନୁସନ୍ଧାନ ପ୍ରତିଷ୍ଠାନ, ଭୁବନେଶ୍ୱରର ପ୍ରଫେସର ବିଷ୍ଣୁପ୍ରସାଦ ବିଶ୍ୱାଳ, ଶିବ ନାଦର ବିଶ୍ୱବିଦ୍ୟାଳୟର ଡ. ଅନିମେଶ ସାମନ୍ତ, ଜର୍ଜିଆର ଅଗଷ୍ଟା ବିଶ୍ୱବିଦ୍ୟାଳୟର ପଫେସର ଶିବଶଙ୍କର ପଣ୍ଡା, ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ହୀରକ ଚକ୍ରବର୍ତ୍ତୀ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପ୍ରଫେସର ଦେବାଶିଷ ବେହେରା, ଜର୍ମାନୀସ୍ଥିତ ଚେମନିଜ୍ ବୈଷୟିକ ବିଶ୍ୱବିଦ୍ୟାଳୟର ଗବେଷକ ଡ. ଗୋପାଳ ଦାସ ଅଧିକାରୀ, ସୁନ୍ଦରଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ଡ. ପ୍ରଦୀପ ସାମନ୍ତରା ପ୍ରମୁଖ ନିଜ ନିଜର



ପ୍ରବନ୍ଧ ଉପସ୍ଥାପନ କରିଥିଲେ। ରସାୟନ ବିଜ୍ଞାନ ବିଭାଗର ଡ. ସୂର୍ଯ୍ୟକାନ୍ତ ଦେହୁରୀ, ଅଧାପିକା ମଧୁସ୍ମିତା ବିଶ୍ୱାଳ, ସମ୍ବିତ ପଣ୍ଡା, ସ୍ନେହାଂଶୁ ମହାପାତ୍ର, ଶୁଭଲକ୍ଷ୍ମୀ ସାହୁ, ସଦାନନ୍ଦ ଦାସ, ଦିଲେନ୍ଦ୍ରୀ ମାଝୀ ପ୍ରମୁଖ ସମ୍ମାନ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେରଙ୍କ ସଭାପତିତ୍ୱ ଉଦ୍‌ଘାଟନୀ ଉତ୍ସବରେ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ, ବୁର୍ଲାର ପ୍ରଫେସର ଶରତ କୁମାର ସ୍ୱାଇଁ ମୁଖ୍ୟଅତିଥି ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ସମ୍ବଲପୁର ଆଞ୍ଚଳିକ ଅଧିକାରୀ ଡ. ସତ୍ୟନାରାୟଣ ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥି ପ୍ରଫେସର ସ୍ୱାଇଁ ଭିତ୍ତି ପ୍ରବନ୍ଧ ଉପସ୍ଥାପନ କରି ସାମ୍ପ୍ରତିକ କାଳରେ ଆନ୍ତର୍ଜାତିକ କ୍ଷେତ୍ରରେ ରସାୟନ ବିଜ୍ଞାନ ଗବେଷଣା ଓ ପ୍ରଗତି ସମ୍ବନ୍ଧରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଡ. ନନ୍ଦ ନିଜ ବକ୍ତବ୍ୟରେ ପ୍ରଦୂଷଣ ମୁକ୍ତ ପୃଥିବୀ ପାଇଁ ରସାୟନ ବିଜ୍ଞାନର ଭୂମିକା ଉପରେ ଆଲୋକପାତ କରିଥିଲେ। ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ଡ. ସୁବାସ ଚନ୍ଦ୍ର ସାହୁ ଅତିଥିମାନଙ୍କର ପରିଚୟ ପ୍ରଦାନ ଏବଂ ଆଇକ୍ୟୁଏସି ଅଧିକାରୀ ପ୍ରଫେସର ରବୀନ୍ଦ୍ର ପାଣିଗ୍ରାହୀ ସମ୍ମାନର ଆବଶ୍ୟକତା ଓ ବ୍ୟବହାରିକ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ସଂଗଠନ ସମ୍ପାଦକ ଡ. ଶ୍ରୀକାନ୍ତ ସାହୁ ସମ୍ମାନର ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ଡ. ସନ୍ଧ୍ୟାମୟୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ଉଦଘାଟନୀ ଉତ୍ସବର ସଂଯୋଜନା କରିଥିଲେ।

ହୀରାଖଣ୍ଡ ନାଗରିକ ପରିଷଦ ବୈଠକ

ସମ୍ବଲପୁର, ୨୨।୨ (ସମିସ): ହୀରାଖଣ୍ଡ ନାଗରିକ ପରିଷଦର ଏକ ବୈଠକ ନନ୍ଦକିଶୋର ଦେବତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଭା ପ୍ରାରମ୍ଭରେ ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ, ସାମ୍ବାଦିକ ଶିବ ପ୍ରସାଦ ମେହେର ଓ ବିଶିଷ୍ଟ ଗାୟକ ଅଭିଜିତ ମଜୁମଦାରଙ୍କ ବିୟୋଗରେ ଦୁଇମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହାପରେ ସଭ୍ୟମାନେ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଭା କାର୍ଯ୍ୟ ପରିଚାଳନା କରୁଥିବା ସମ୍ପାଦକ ସୀତାଂଶୁ ତ୍ରିପାଠୀ ଡାକ୍ତର ପାଣିଗ୍ରାହୀ ବିଧାୟିକା ଥିବା ସମୟରେ କିପରି ପ୍ରଶାସନଠାରେ ସମ୍ବଲପୁର ବିକାଶର ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯାଉଥିଲା ସେନେଇ ବ୍ୟାଖ୍ୟା କରିଥିଲେ। ଡା. ପାଣିଗ୍ରାହୀଙ୍କ ସେବା ଏବଂ ବିଧାୟକ ଥିବାବେଳେ ସମ୍ବଲପୁରର ଉନ୍ନତି ପାଇଁ ବିଭିନ୍ନ କାର୍ଯ୍ୟ ସକାଶେ ଶାନ୍ତିନଗର ରାସ୍ତାକୁ ତାଙ୍କ ନାମରେ ନାମିତ କରିବାକୁ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରିବାକୁ ସଭାରେ ନିଷ୍ପତ୍ତି ନିଆଯାଇଥିଲା। ଏହାପରେ ପ୍ରଫେସର କିଶୋର ବାରିକ ବରିଷ୍ଠ ନାଗରିକ ମାନଙ୍କ ଜୀବନଶୈଳୀ ଏବଂ ଜୀବନଧାରା ଉପରେ ଆଲୋକପାତ କରିଥିଲେ। ବିଭିନ୍ନ ଉଦାହରଣ ଦେଇ ସେ ସୁସ୍ଥ ଓ ନିରାମୟ ଜୀବନ ଜିଇଁବାର ରାହା ବିଷୟରେ ଆଲୋକପାତ କରିଥିଲେ। ଉପସଭାପତି ରାମେଶ୍ୱର ପାଢ଼ୀ ମଧ ବକ୍ତବ୍ୟ ରଖିଥିଲେ। ସୀତାଂଶୁ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ବ୍ଲକସ୍ତରୀୟ ଅଂଶୀଦାର କର୍ମଶାଳା



ସମ୍ବଲପୁର, ୨୨।୨(ସମିସ): ଜେଏସ୍‌ଡବ୍ଲୁ ବିପିଏସଏଲର ସିଏସଆର ଶାଖା, ଜେଏସଡବ୍ଲୁ ଫାଉଣ୍ଡେସନ, ୱାଶ ପଦକ୍ଷେପ ଅଧୀନରେ ରେଙ୍ଗାଲି ବ୍ଲକରେ ଜଳ, ପରିମଳ ଏବଂ ସ୍ୱଚ୍ଛତା ସ୍ଥାୟିତ୍ୱକୁ ସୁଦୃଢ଼ କରିବା ପାଇଁ ଅଂଶୀଦାରଙ୍କୁ ନେଇ ଏକ କର୍ମଶାଳା ଆୟୋଜିତ ହୋଇଥିଲା। ରେଙ୍ଗାଲି ବ୍ଲକର ଠେଲକୋଲୋଇ, ଶ୍ରୀପୁରା, ଖିଣ୍ଡା ଏବଂ ଘିଚାମୁରା ଗ୍ରାମ ପଞ୍ଚାୟତରେ ସାଢ଼େ ତିନି ବର୍ଷରୁ ଅଧିକ ସମୟ ଧରି ୱାଶ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଛି। ଏହି ପଦକ୍ଷେପ ଗ୍ରାମବାସୀଙ୍କ ମଧ୍ୟରେ ଖୋଲା ମଳତ୍ୟାଗ ମୁକ୍ତ ସ୍ଥିତି ବଜାୟ ରଖିବା ସହ ବାହାର ଅଳିଆ ମୁକ୍ତ ଅଞ୍ଚଳ ସୃଷ୍ଟି କରିପାରିଛି। ବୈଠକରେ ଜେଏସଡବ୍ଲ୍ୟୁ ଫାଉଣ୍ଡେସନ (ସମ୍ବଲପୁର ଏବଂ ଝାରସୁଗୁଡ଼ା) ମୁଖ୍ୟ ବିଶାଳ ରାଜ, ରେଙ୍ଗାଲି ବିଡିଓ ପ୍ରୀତମ ତାଣ୍ଡି, ଏବିଡିଓ ରେଙ୍ଗାଲି ମୋନିକା ବହିଦାର, ଜିଲ୍ଲା ପରିମଳ ପରାମର୍ଶଦାତା ପ୍ରମୋଦ ଏକ୍କା, ଫିଡବ୍ୟାକ ଫାଉଣ୍ଡେସନର ପ୍ରତିନିଧି, କମ୍ପାନୀ ଫାଉଣ୍ଡେସନର ଅଧିକାରୀ, ଡିଡବ୍ଲ୍ୟୁଏସସିଏସ ଏବଂ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟମାନେ ଉପସ୍ଥିତ ଥିଲେ।

'ସମ୍ବଲପୁରୀ ଭାଷା ଆନ୍ଦୋଳନରେ ଯୁବଗୋଷ୍ଠୀଙ୍କୁ ସାମିଲ ଜରୁରୀ'

ସମ୍ବଲପୁର, ୨୨।୨ (ସମିସ)

କଲମ ପରିବାର ଟ୍ରଷ୍ଟର ଚତୁର୍ଥ ପ୍ରତିଷ୍ଠା ଦିବସ ଆଜି ପୂର୍ବାହ୍ଣରେ ସାମ୍ବାଦିକ ଭବନରେ ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତମାନ ସମ୍ବଲପୁରୀ ଭାଷାର ମାନ୍ୟତା ପାଇଁ ଆନ୍ଦୋଳନ ଅବ୍ୟାହତ ରହିଛି। ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ମାନ୍ୟତା ପାଇବା ପାଇଁ ଆନ୍ଦୋଳନକୁ ଆହୁରି ତୀବ୍ର କରିବାକୁ ହେବ। ଆନ୍ଦୋଳନର ସଫଳତା ପାଇଁ ଏଥିରେ ଯୁବଗୋଷ୍ଠୀଙ୍କୁ ସାମିଲ କରିବା ଅତ୍ୟନ୍ତ ଜରୁରୀ ବୋଲି ଭାଷା ଗବେଷକ ଉତ୍ପନ୍ନ ଭୋଇ ମତବ୍ୟକ୍ତ କରିଛନ୍ତି। ସୁପ୍ତକୁ ଜାଗ୍ରତ କରିବା ପାଇଁ ଚେତନା ଆବଶ୍ୟକ। ଲେଖକ ଲେଖିକା ଲେଖା ସଙ୍ଗେ ସଙ୍ଗେ ସଙ୍ଗଠିତ ହୋଇ ଆନ୍ଦୋଳନରେ ସାମିଲ ହେବା କଥା। ଲକ୍ଷ୍ୟ ହାସଲ ପାଇଁ ଆମକୁ ରଚନାତ୍ମକ ଓ ଯୋଜନାବଦ୍ଧ ଭାବେ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ଅନ୍ୟ ବକ୍ତାମାନେ ମତ ରଖିଥିଲେ। ପ୍ରାରମ୍ଭରେ ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ଓ ବରିଷ୍ଠ ସାମ୍ବାଦିକ ଶିବପ୍ରସାଦ ମେହେରଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା।


କଲମ ସଭାପତି ତଫିଜୁଲ ହୁସେନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ କ୍ଷେତ୍ରମଣି ବିଭାର ଗତ ତିନିବର୍ଷରେ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ବିଷୟରେ ସୂଚନା ପ୍ରଦାନ କରିଥିଲେ। କଲମ ପରିବାର ଟ୍ରଷ୍ଟର ଉପଦେଷ୍ଟା ଡ. ପ୍ରଦୀପ କୁମାର ପଣ୍ଡାଙ୍କ ସଭାପତିତ୍ୱରେ 'ଭାଷା ଆନ୍ଦୋଳନଥି ଆମର୍ ଏକତା କେତେ ଦୂର' ଶୀର୍ଷକ ଆଲୋଚନାଚକ୍ରରେ ଭାଷା ଗବେଷକ ଉତ୍ପନ୍ନ ଭୋଇ, ସାହିତ୍ୟିକ ମୁକ୍ତକଣ୍ଠ ପ୍ରଧାନ ଏବଂ ଅଧ୍ୟାପକ ମୋହନ ସାହୁ ଅଲୋଚକ ଭାବେ ଯୋଗ ଦେଇଥିଲେ। ପରେ ପୁତୁଲ ସୁପ୍ରିୟା ଦାସଙ୍କ ସଂଯୋଜନାରେ କବିତା ପାଠ ଅନୁଷ୍ଠିତ ହୋଇଥିଲା। କବିତା ପାଠ ପରେ ସାହିତ୍ୟିକ ଅନୀଲ କୁମାର ଦାସ କବିତା ଗୁଡ଼ିକର ସମୀକ୍ଷା କରିଥିଲେ। ଶେଷରେ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଶଙ୍କର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

କଲମ ପରିବାର ଟ୍ରଷ୍ଟର ଚତୁର୍ଥ ପ୍ରତିଷ୍ଠା ଦିବସ



ସୁଶାନ୍ତ ଅଗ୍ରୱାଲଙ୍କ ପରଲୋକ

ଅତାବିରା, ୨୨।୨ (ସମିସ): ଅତାବିରା ଦୁର୍ଗା ମନ୍ଦିର କର୍ମକର୍ତ୍ତା ତଥା ସାମାଜିକ କର୍ମୀ ସୁଶାନ୍ତ ଅଗ୍ରୱାଲ(୫୮) ଙ୍କ ରବିବାର ଅପରାହ୍ନରେ ପରଲୋକ ହୋଇଯାଇଛି।



ଅପରାହ୍ନ ସମୟରେ ଦୁର୍ଗା ମନ୍ଦିର ପାଖରେ ତାସ ଖେଳୁଥିବା ବେଳେ ହଠାତ ଟଳି ଯାଇଥିଲେ। ତାଙ୍କୁ ସ୍ଥାନୀୟ ଏକ ଡାକ୍ତରଙ୍କ ପାଖକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମର ଶରୀର ବରଗଡ଼ର ଏକ ଘରୋଇ ହସ୍ପିଟାଲରେ ଆଇସ୍ ଚେମ୍ବରରେ ରଖାଯାଇଛି। ତାଙ୍କ ବନ୍ଧୁ ପରିବାର ଆସିବା ପରେ ସୋମବାର ସ୍ଥାନୀୟ ଶ୍ମଶାନରେ ଅନ୍ତିମ ସତ୍କାର କରାଯିବ ବୋଲି ଜଣାପଡ଼ିଛି।

ରେଢ଼ାଖୋଲ ବିଜ୍ଞାପିତ ଅଞ୍ଚଳ ପରିଷଦସ୍ତରୀୟ କିଶୋରୀ ମେଳା

ରେଢ଼ାଖୋଲ, ୨୨।୨(ସମିସ)

ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଶିଶୁ ବିକାଶ କାର୍ଯ୍ୟାଳୟ ପରିସରରେ ଶନିବାର ଶିଶୁ ବିକାଶ ଯୋଜନା ଆନୁକୂଲ୍ୟରେ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନାର ରେଢ଼ାଖୋଲ ବିଜ୍ଞାପିତ ଅଞ୍ଚଳ ପରିଷଦସ୍ତରୀୟ କିଶୋରୀ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଏନ୍ଏସି ଅଧ୍ୟକ୍ଷ ଶିବରାମ ସାହୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିଶୁ ବିକାଶ ଜିଲ୍ଲା ସଂଯୋଜିକା ସୁନୀତା ତ୍ରିପାଠୀ, ଉପାଧ୍ୟକ୍ଷା ଅନୁସୟା ପ୍ରଧାନ, କାଉନସିଲର ତପସ୍ୱୀନି ମହାକୁଡ଼,



ସିଆସିସି ବିଦ୍ୟାଧର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ସିଡିପିଓ ଆରତୀ ମିଶ୍ର ପରିଚାଳନା କରିଥିବାବେଳେ ଏଥିରେ ଅଧ୍ୟକ୍ଷ ଶିବରାମ କିଶୋରୀ ମାନଙ୍କୁ ଦେଶୀୟ ଖାଦ୍ୟପେୟ ସ୍ୱାସ୍ଥ୍ୟ ପକ୍ଷେ ଲାଭ ଦାୟକ ସମ୍ପର୍କରେ ଆଲୋକପାତ କରିଥିଲେ। ସୁନିତା ତ୍ରିପାଠୀ କିଶୋରୀ କିଶୋରମାନଙ୍କୁ ସହାୟତା ନିମନ୍ତେ ବିଭିନ୍ନ ପ୍ରକାରର ଆଇନ୍ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ରଜନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ବନାଗ୍ନି ସଚେତନତା ରଥ ଶୁଭାରମ୍ଭ



କୁଚିଣ୍ଡା, ୨୨।୨(ସମିସ): କୁଚିଣ୍ଡା ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ବନାଗ୍ନି ସଚେତନତା ରଥ ଶୁଭାରମ୍ଭ ହୋଇଛି। ଏହି ଅବସରରେ ବନାଗ୍ନି ପ୍ରଶମନ ଓ ପରିଚାଳନା ଉପରେ ବନାଗ୍ନି ସଚେତନତା ରଥ ଶୁଭାରମ୍ଭ କରି ଗାଁ ଗାଁ ଯାଇ ସୂଚନା ପ୍ରଦାନ କରାଯିବ ବୋଲି ରେଞ୍ଜର କହିଥିଲେ। ଚଳିତବର୍ଷ ଯେଭଳି ଅଧିକ କ୍ଷତି ନ ହେବ ସେଥିପ୍ରତି ବର୍ତ୍ତମାନ ଠାରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଯାଇଛି। ଜଙ୍ଗଲ ମଧ୍ୟରେ ଥିବା ଗାଁ ସହ ନିକଟବର୍ତ୍ତୀ ଜନବସତି ଅଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ କରାଯିବ। ଯେଉଁ ବନ ସୁରକ୍ଷା ସମିତି ବନାଗ୍ନି ରୋକିବାରେ ସଫଳ ହେବ ତାକୁ ପୁରସ୍କୃତ କରାଯିବ। କୁଚିଣ୍ଡା ରେଞ୍ଜର୍ ଲେଖାରାଣୀ ମହାନନ୍ଦ ସବୁଜ ପତାକା ଦେଖାଇ ରଥ ଶୁଭାରମ୍ଭ କରିଥିଲେ। ଏହି ରଥ ଜଙ୍ଗଲ ଭିତର ଗାଁ ଗାଁ ଯାଇ ପାଲା ମାଧ୍ୟମରେ ସଚେତନ କରିବ। ଏହି ଅବସରରେ ଶୁଶିଳ କର, ପ୍ରସନ୍ନ ସାମଲ, କୁଚିଣ୍ଡା ବଣଖଣ୍ଡର ସମସ୍ତ ବନରକ୍ଷୀ ଉପସ୍ଥିତ ଥିଲେ।

ଶିଅଳ ସମାଜର ବାର୍ଷିକ ସଭା

କୁଚିଣ୍ଡା, ୨୨।୨ (ସମିସ): କୁଚିଣ୍ଡା ବ୍ଲକ ଶିଅଳ (ଖଜୁରିଆ) ସମାଜର ବାର୍ଷିକ ସଭା ସ୍ଥାନୀୟ ନୁଆଁ ବାଇପାସ ସ୍ଥିତ ଶିଅଳ ସମାଜର କଲ୍ୟାଣ ମଣ୍ଡପଠାରେ ବୀରବର ବେହେରା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମାଜର ଉନ୍ନତି ପାଇଁ ଓ ତଳସ୍ତରରେ ବିଭିନ୍ନ କ୍ଷେତ୍ରରେ ଶୋଷିତ ହେଉଥିବା ଜାତିଭାଇ ବିକାଶ ଦିଗରେ ଏକଜୁଟ ହୋଇ କାମ କରିବାକୁ ମତ ପ୍ରକାଶ ପାଇଥିଲା। ଏହିସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ନାଏକ ଯୋଗଦେଇ ଥିଲେ। ସମାଜର ସମସ୍ତ ସଭ୍ୟଙ୍କ ଉପସ୍ଥିତରେ ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ସଭାପତି ବିରବର ବେହେରା, ଉପ ସଭାପତି ଦେବାଧି ବେହେରା, ସମ୍ପାଦକ ବୈଦ୍ୟନାଥ ବେହେରା, ସହ ସମ୍ପାଦକ ଶ୍ରୀଚରଣ ବେହେରା, କୋଷାଧ୍ୟକ୍ଷ ଶଙ୍କର୍ଷଣ, କାର୍ଯ୍ୟ ନିର୍ବାହୀ କମିଟିରେ ସଞ୍ଜୟ ବେହେରା, ହୀରଲାଲ ବେହେରା, ତପେଶ୍ୱର ବେହେରା, ସ୍ୱପେଶ୍ୱର ବେହେରା, ଶିଶିର ବେହେରା, ଉପସ୍ଥିତ ରହିଥିଲେ।

ଜିଲ୍ଲା ରଜକ ସମାଜର ପରିବାର ସମ୍ମିଳନୀ

ବରଗଡ଼, ୨୨।୨(ସମିସ): ଜିଲ୍ଲା ରଜକ ସେବା ସମିତି ଆନୁକୂଲ୍ୟରେ ରଜକ ସମାଜର ପରିବାର ସମ୍ମିଳନୀ ୱାର୍ଡ ନ ୧୩ ରଙ୍ଗଘର ପଡ଼ାଠାରେ ଅନୁଷ୍ଠିତ ହୋଇଯାଇଛି। ସମିତିର ଅଧ୍ୟକ୍ଷ ଅର୍ଜୁନ ସେଟ୍ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକରୁ ୫୦ରୁ ଉର୍ଦ୍ଧ୍ୱ ରଜକ ପରିବାର ଯୋଗ ଦେଇଥିଲେ। ଏହି ଅବସରରେ ରଜକ ସମାଜର ରହିଥିବା ବିଭିନ୍ନ ସାମାଜିକ ସମସ୍ୟା ଗୁଡିକ ଉପରେ ଆଲୋଚନା କରାଯାଇ ଆଗାମୀ ଦିନରେ ସେଗୁଡିକର ସମାଧାନ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ



ପଦକ୍ଷେପ ନେବାକୁ ନିଷ୍ପତ୍ତି ଗୃହୀତ ହୋଇଥିଲା। ଉପ ସଭାପତି ଉଦ୍ଧବ ସେଟ୍, ଅରୁଣ ସେଟ୍, ହାଡୁ ସେଟ୍ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାରେ ସମିତିର ସାଂଗଠନିକ ସ୍ଥିତି ଉପସ୍ଥାପନ କରି ତୃଣମୂଳ ସ୍ତରରୁ ସମସ୍ତେ ସଂଗଠିତ ହୋଇରହିବା ପାଇଁ ଆହ୍ୱାନ ଦେଇଥିଲେ। ସମିତିର ସମ୍ପାଦକ ଆନନ୍ଦ ସେଟ ଧନ୍ୟବାଦ ଅର୍ପଣ କରିଥିଲେ।

ଅନ୍ତର୍ଜାତୀୟ ମାତୃ ଭାଷା ଦିବସ

ବରଗଡ଼, ୨୨।୨(ସମିସ): ବରଗଡ଼ ବ୍ଲକ ଅଧୀନ ନାଗେନପାଲି ନିଃଶୁଳ୍କ ଶିକ୍ଷାଦାନ କେନ୍ଦ୍ର ପରିସରରେ ଅନ୍ତର୍ଜାତୀୟ ମାତୃ ଭାଷା ଦିବସ ପାଳିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚନ୍ଦ୍ର ଶେଖର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ବଳିଷ୍ଠ ପ୍ରଧାନ, ମୁହୁରିଆ ପ୍ରଧାନ ଓ କପିଳେଶ୍ୱର ବାଗ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଏହି ଦିବସ ପାଳନର ମହତ୍ତ୍ୱ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଛାତ୍ରଛାତ୍ରୀ ମଧ୍ୟ ମାତୃଭାଷା ଦିବସ ଉପରେ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଶିକ୍ଷକ ଗୋପବନ୍ଧୁ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

କବି ତୁଳସୀ ଦାସଙ୍କୁ ଓଡ଼ିଆ ଭାଷା ସାହିତ୍ୟ ସମ୍ମାନ

ବରଗଡ଼, ୨୨।୨(ସମିସ): ବିଶ୍ୱ ମାତୃଭାଷା ଦିବସ ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ଶ୍ରୀ ରାଧାକୃଷ୍ଣ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ସଭାରେ ବରଗଡ଼ର କବି ତଥା ସାମ୍ବାଦିକ ତୁଳସୀ ଚରଣ ଦାସଙ୍କୁ ଓଡ଼ିଆ ଭାଷା ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଛି।



ଏଥିରେ ଅତିଥି ଭାବେ ସଭାପତି ଆଦିକନ୍ଦ ରାଉତ, ଉପସଭାପତି ଅରୁଣ କୁମାର ଦାସ, ପ୍ରତିଷ୍ଠାତା ଓ ସଂଯୋଜକ ଡ଼ ଆଶୁତୋଷ ଦେବୀପ୍ରସାଦ ରାଉତ, ସହ ସମ୍ପାଦିକା ଜୟନ୍ତୀ ବେହେରା, ମୁଦ୍ରିତ ସଂଯୋଜକ ଅବିନାଶ ଜେନା, ଉପଦେଷ୍ଟା ହିମାଂଶୁ ଭୂଷଣ ଜେନା, ଶଶଧର ରାଉତ, କାହ୍ନୁଚରଣ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ।

କୋଶଲ କ୍ରିକେଟ କପ୍ ଉଦ୍ଯାପିତ

ଝାରବନ୍ଧ, ୨୨।୨(ସମିସ): ଝାରବନ୍ଧ ବ୍ଲକ କୁର୍ମା ଗ୍ରାମରେ ତିନି ଦିନିଆ କୋଶଲ କ୍ରିକେଟ କପ୍-୨୦୨୬ ଉଦ୍ଯାପିତ ହୋଇଯାଇଛି। ଉଦ୍ଯାପନୀ ଦିବସର ପ୍ରତିଯୋଗିତାକୁ



ଲୌଡିଦର୍ହା ସରପଞ୍ଚ ପ୍ରତିନିଧି ଗଣେଶ ରାମ ଶତନାମୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ଶରତ ସାହୁ, ୱାର୍ଡ ସଭ୍ୟ ସ୍ୱଦେଶ ପ୍ରଧାନ ଓ ପବିତ୍ର ଭୁଏ ଉପସ୍ଥିତ ଥିଲେ। କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ସମାଜସେବୀ ମନୋରଞ୍ଜନ ସିଂ ବରିହା ଓ ଶିଶୁପାଳ ଦାଶ ଅତିଥି ଭାବେ ଯୋଗଦେଇଥିଲେ। ଉଦଯାପନୀ ଉତ୍ସବରେ ପଦ୍ମପୁରର ବରିଷ୍ଠ ଆଇନଜୀବୀ ଯୋଗେନ୍ଦ୍ର ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ଗୋପବନ୍ଧୁ ସାହୁ, ଗାଁ କମିଟି ସଭାପତି ବିଶାଳ ସାହୁ, ଶେଖ ଅନୱର ଓ ଜୟଚନ୍ଦ୍ର ମେହେର ପ୍ରମୁଖ ଉପସ୍ଥିତ ଥିଲେ। ମୋଟ ୧୬ଟି ଦଳ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଫାଇନାଲରେ ରାନୀଦର୍ହା ଦଳ ଶ୍ରେଷ୍ଠ ପ୍ରଦର୍ଶନ କରି ଚାମ୍ପିଅନ୍ ହୋଇ ୧୫ ହଜାର ଟଙ୍କା ନଗଦ ପୁରସ୍କାର ସହ ଟ୍ରଫି ଗ୍ରହଣ କରିଥିଲେ। ଶିକାରୀପାଲି ଦଳ ଉପବିଜେତା ହୋଇ ୮ ହଜାର ଟଙ୍କା ଓ ଟ୍ରଫି ପାଇଥିଲେ। ମଞ୍ଚ ପରିଚାଳନା ମନୋହର ସାହୁ କରିଥିବାବେଳେ ଆମ୍ପାୟର ଭାବେ ଶ୍ରବଣ ଭୋଇ ଓ ଦୁଃଖନାସନ ନାୟକ ଦାୟିତ୍ୱ ନିର୍ବାହ କରିଥିଲେ। ପ୍ରତିଯୋଗିତାକୁ ସଫଳ କରିବାରେ କୋଶଲ ସ୍ପୋର୍ଟିଙ୍ଗ କ୍ଲବର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।

ଶ୍ରୀମାଙ୍କ ୧୪୮ ତମ ଜନ୍ମ ଦିବସ

ଝାରବନ୍ଧ, ୨୨।୨(ସମିସ): ଝାରବନ୍ଧ ସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରଠାରେ ଦିବ୍ୟ ଜନନୀ ଶ୍ରୀମାଙ୍କ ୧୪୮ ତମ ଜନ୍ମ ଦିବସ ଅନୁଷ୍ଠିତ ହୋଇଛି। ଶ୍ରୀଅରବିନ୍ଦ



ପାଠଚକ୍ର, ଝାରବନ୍ଧ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅପାଭାଇମାନଙ୍କ ସହ ବହୁ ଛାତ୍ରଛାତ୍ରୀ ଯୋଗଦେଇ ଶ୍ରୀମାଙ୍କ ପାଦପଦ୍ମରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଚିତ୍ର ପାଦତଳେ ଧୂପ ଓ ଦୀପ ପ୍ରଜ୍ୱଳନ କରାଯାଇଥିଲା। ପରେ ସାମୁହିକ ନିରବ ଧ୍ୟାନ, ନାମଜପ, ମାତୃମନ୍ତ୍ର ପାଠ ଓ ଦୁର୍ଗା ସ୍ତୋତ୍ର ପାଠ କରାଯାଇଥିଲା। ସମସ୍ତ ଅପା ଓ ଭାଇମାନଙ୍କ ଦ୍ୱାରା ବାଣୀ ପଠନ ଓ ବ୍ୟାଖ୍ୟା ମାଧ୍ୟମରେ ଶ୍ରୀମାଙ୍କ ଆଦର୍ଶ, ଜୀବନ ଦର୍ଶନ ଓ ଆଧ୍ୟାତ୍ମିକ ମୂଲ୍ୟବୋଧ ଉପରେ ଆଲୋଚନା ହୋଇଥିଲା। 'ଶ୍ରୀମା' ବିଷୟକ ଆଲୋଚନା ସଭାରେ ତାଙ୍କର ସେବା, ଶାନ୍ତି ଓ ମାନବିକତାର ସନ୍ଦେଶକୁ ସ୍ମରଣ କରାଯାଇଥିଲା। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବାଣୀ ପଠନ ଓ ମାତୃ ସଙ୍ଗୀତ ଗାନ କରାଯାଇଥିଲା। ସୌଦାମିନି ଅପା, କୈଳାସ ଭାଇ, ଯଶୋବନ୍ତି ଅପା ଓ ନମିତା ଅପା ଉପସ୍ଥିତ ରହି ପରିଚାଳନା କରିଥିଲେ।

କବି ଭୋଜରାଜ ବୁଡେକଙ୍କୁ ଝରଣା କବି କୁସୁମ ସମ୍ମାନ



ସାରସ୍ୱତ ସମାରୋହରେ କବି ଭୋଜରାଜ ବୁଡେକଙ୍କୁ 'ଝରଣା କବି କୁସୁମ ସମ୍ମାନ'ରେ ସମ୍ମାନିତ କରିଛନ୍ତି। କବି ନିକଟରେ କଟକରେ ରାଜ୍ୟସ୍ତରୀୟ ପ୍ରଜ୍ଞାପ୍ରାଣ ସମ୍ମାନ, ବୌଦ୍ଧ ଜିଲ୍ଲାରେ ସଂସ୍କୃତି ସମନ୍ୱୟ ସମ୍ମାନ ଓ ଭୁବନେଶ୍ୱରଠାରେ ରାଜ୍ୟ ସ୍ତରୀୟ ବୀଣାପାଣି

ପାଇକମାଳ, ୨୨।୨(ସମିସ): ଝାରସୁଗୁଡ଼ା ସଂସ୍କୃତି ଭବନରେ ଝାରସୁଗୁଡ଼ା ଝରଣା ସାହିତ୍ୟ ଓ ସଂସ୍କୃତି ପରିଷଦ ଆନୁକୂଲ୍ୟରେ ରବିବାର ରାଜ୍ୟସ୍ତରୀୟ ନବମ ବାର୍ଷିକ ଗୀତିକବି ସମ୍ମାନ, ସମ୍ବଲପୁରରେ ଜାତୀୟ ଗଙ୍ଗାଧର କାବ୍ୟରତ୍ନ, ଢେଙ୍କାନାଳରେ ତମ୍ରାପଟ୍ଟା ସାହିତ୍ୟନିଧି ସମ୍ମାନରେ ସମ୍ମାନୀତ ହୋଇଛନ୍ତି।

OFFICE OF THE NOTIFIED AREA COUNCIL, TUSURA 13001/13167/2526

(Dept. of Housing & Urban Development, Govt. of Odisha)
At/po/ps- Tusura, Dist.- Balangir-767030, email: nactusura@gmail.com

e-tender notice details
BID Identification No. Tusura NAC-1-2026
e-tender call notice / DTCN No. 154/18.02.2026

Bid Documents consisting of work, Estimated Cost, Cost of Tender Paper, EMD, time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in

1.	Name of the work	:	Civil Construction works as mentioned in website.
2.	No. of works.	:	07 nos. of Civil Projects
3.	Tender Cost	:	Rs.500000/- to Rs.20,00000/-
4.	Period of Completion	:	30days
5.	Date & Time of availability of Bid Documents in the Portal	:	From 21.02.2026, 12:00 am to 02.03.2026, 5:00 PM.
6.	Last date & time for receipt of bids in the portal.	:	On 02.03.2026 at 5:00 PM.
7.	Last date & time for deposit Of Fees& Documents (in sealed envelope) at Office tender box.	:	On 07.03.2026 at 05:00 PM.
8.	Bids received online & Offline will be opened on	:	On 10.03.2026 at 11:00 AM.
9.	Name and address of the officer inviting Bid	:	Executive Officer, Tusura NAC.

Further details can be seen from the procurement portal i.e. https://tendersodisha.gov.in

Sd/- Chandan Ku. Satpathy
Executive Officer, Tusura NAC

OIPR-13001/13167/1/25-26/0001

ଜ୍ୟୋତିର୍ମୟ ପ୍ରଧାନଙ୍କୁ ଭବ୍ୟ ସମ୍ବର୍ଦ୍ଧନା

ପାଇକମାଳ, ୨୨।୨(ସମିସ): ପାଇକମାଳ ବ୍ଲକ ଡୁମେରବାହାଲ ଗ୍ରାମର ଭୂତପୂର୍ବ ସେନା ଜ୍ୟୋତିର୍ମୟ ପ୍ରଧାନ ଦୀର୍ଘ ୧୮ ବର୍ଷ ଧରି ଭାରତୀୟ ସେନାରେ କାର୍ଯ୍ୟରତ ରହିବା ପରେ ଅବସରଗ୍ରହଣ କରିଛନ୍ତି। ତାଙ୍କ ଅବସର ଉପଲକ୍ଷେ ଗାଁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଏକ



ଭବ୍ୟ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ପ୍ରଥମେ ଜ୍ୟୋତିର୍ମୟ ପ୍ରଧାନଙ୍କୁ ଡିଜେ ବାଜା ଓ ଘଣ୍ଟାବାଦ୍ୟର ତାଳେ ଗ୍ରାମ ପରିକ୍ରମା କରାଯାଇଥିଲା। ପରେ ବିଦ୍ୟାଳୟ ପ୍ରାଙ୍ଗଣରେ ତାଙ୍କୁ ଫୁଲଚନ୍ଦନ, ପୁଷ୍ପଗୁଚ୍ଛ ଓ ଉପହାର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସଭାରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଭେଟେରାନ ନବୀନ ପ୍ରଧାନ (ସେନା ମେଡାଲଗ୍ୟାଲାଣ୍ଟ୍ରି) ମୁଖ୍ୟଅତିଥି ଭାବେ ଯୋଗଦେଇ ଜ୍ୟୋତିର୍ମୟ ପ୍ରଧାନଙ୍କ ଦୀର୍ଘ ସେବାଜୀବନକୁ ସ୍ମରଣ କରିଥିଲେ। ଦେଶର ସୀମାରେ ନିଜକୁ ନିୟୋଜିତ କରି ଆମକୁ ସୁରକ୍ଷା ପ୍ରଦାନ କରୁଥିବା ଏଭଳି ସୈନିକଙ୍କୁ ସମାଜ ଏଭଳି ସମ୍ମାନ ଦେବା ଆବଶ୍ୟକ ବୋଲି କହିଥିଲେ। ଜ୍ୟୋତିର୍ମୟ ପ୍ରଧାନ କହିଥିଲେ, ସେନା ଜୀବନ ମୋତେ ଶୃଙ୍ଖଳା, ଆତ୍ମବିଶ୍ୱାସ ଓ ଦେଶପ୍ରେମର ମୂଲ୍ୟ ବୁଝାଇଛି। ୧୮ ବର୍ଷ ଧରି ଦେଶର ବିଭିନ୍ନ ସ୍ଥାନରେ କାର୍ଯ୍ୟ କରିବା ସମୟରେ ଅନେକ ସମସ୍ୟା ଓ ଚ୍ୟାଲେଞ୍ଜ ସମ୍ମୁଖୀନ ହୋଇଛି, କିନ୍ତୁ ଦେଶ ପାଇଁ କାମ କରିବାର ସନ୍ତୋଷ ସବୁଠାରୁ ବଡ଼। ଆଜି ଗ୍ରାମବାସୀମାନଙ୍କ ଭଲପାଇବା ଓ ସମ୍ମାନ ମୋ ପାଇଁ ଅମୂଲ୍ୟ ବୋଲି କହିଥିଲେ। ସଭାରେ ସୁବଳ ଗଡ଼ତିଆ, ପ୍ରଦୀପ ବେହେରା, ମହାଦେବ ଭୋଇ, ଅଗ୍ନେସ ବାରିକ, ଅଶୋକ ବିଶ୍ୱାଳ, ଲଳିତ ପଧାନ, ଜୟକୁମାର ସାହୁ, ଏସ.ଡି. ପାଣିଗ୍ରାହୀ, ରାଜେନ୍ଦ୍ର ବେହେରା, ଲକ୍ଷ୍ମୀକାନ୍ତ ପଧାନ, ସୁରେନ୍ଦ୍ର ସାହୁ, ବୁଦ୍ଧଦେବ ପଧାନ, ବୃନ୍ଦାବନ ବିଶ୍ୱାଳ, ଚନ୍ଦ୍ରକିଶୋର ସାହୁ ଓ ହରାକିଶୋର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

ମହିଳା ପତଞ୍ଜଳି ଯୋଗ ସମିତିର ପ୍ରଶିକ୍ଷଣ ଶିବିର ଉଦ୍ଯାପିତ



କୁଚିଣ୍ଡା, ୨୨।୨(ସମିସ): ମହିଳା ପତାଞ୍ଜଳି ଯୋଗ ସମିତିର କୁଚିଣ୍ଡା ଉପଖଣ୍ଡସ୍ତରୀୟ ସହଯୋଗ ଶିକ୍ଷିକା ପ୍ରଶିକ୍ଷଣ ଶିବିର ଶେଷ ହୋଇଯାଇଛି। ଏହି ପ୍ରଶିକ୍ଷଣ ଶିବିର ଆବାସି ମାଧ୍ୟମରେ ଦୀର୍ଘ ୨୫ ଦିନ ଧରି ଚାଲିଥିଲା ଏବଂ ୧୫ ଜଣ ଶିକ୍ଷିକା ଅଂଶଗ୍ରହଣ କରିଥିଲେ। ଉଦ୍ଯାପନୀ ସମାରୋହରେ ପତଞ୍ଜଳି ମହିଳା ଯୋଗ ସମିତି ରାଜ୍ୟ ପ୍ରଭାରୀ ଜେ ଗିରିଜା ଦେବୀ, କୁଚିଣ୍ଡା ଅଟଳ ଯୋଗ ଟ୍ରଷ୍ଟ ସଭାପତି ନଳିନିକାନ୍ତ ମହାନ୍ତି, କୁଚିଣ୍ଡା ଅଟଳ ଯୋଗ ଟ୍ରଷ୍ଟର ପ୍ରତିଷ୍ଠାତା ସଦସ୍ୟ ସତ୍ୟନାରାୟଣ ଅଗ୍ରୱାଲ, ଜଗନ୍ନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

GOVERNMENT OF ODISHA 32001/112/2526
OFFICE OF SUPERINTENDING ENGINEER
MINOR IRRIGATION DIVISION, JEYPORE
E-mail ID: - mijeypore@yahoo.co.in

NOTICE INVITING TENDER
E-Procurement Notice
Bid Identification No. MIDJEY - 21/2025-26
Letter No. 235 / Dt. 18.02.2026

The Superintending Engineer, Minor Irrigation Division, Jeypore on behalf of Governor of Odisha invites Percentage rate bids in Single cover system through Online Mode. The bid documents consisting of work, Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-procurement portal https://tendersodisha.gov.in

1.	Name of the work	:	IDF Scheme for the year 2025-26.
2.	Total Number of work	:	01 (One) No.
3.	Estimated cost	:	Approximately Rs. 20.83 lakhs .
4.	Period of completion	:	02 (Two) Calendar Months
5.	Class of Contractor	:	"C" and "B" Class Contractor
6.	Date and time of availability of bid documents in the portal	:	From 10.00 A.M of 24.02.2026 to 5.30 PM of 05.03.2026
7.	Last date /time for receipt of bids in the portal	:	5.30 P.M on 05.03.2026
8.	Date of opening of bid	:	At 11.00 A.M on 06.03.2026 in website (www.tendersorissa.gov.in)
9.	Submission of Bids	:	Online mode
10.	Name of the Officer inviting Bid	:	Superintending Engineer, Minor Irrigation Division, Jeypore
11.	Further details can be seen from the Government of Odisha Web-site:www.tendersorissa.gov.in		

Superintending Engineer
M.I. Division, Jeypore

OIPR-32001/32374/1/25-26/0001

ଲୋକଙ୍କ ଭରସାର ପ୍ରତୀକ ଦୀପା ବାରିକ

ବରଗଡ଼, ୨୨।୨(ସମିସ)

ବରଗଡ଼ ଜିଲ୍ଲାର ପାଇକମାଲ ବ୍ଲକ ଅଧୀନ ଟେମରି ଗାଁର ସ୍ୱେଚ୍ଛାସେବୀ ଦୀପା ବାରିକ ସ୍ଥାନୀୟ ସମସ୍ୟା ଗୁଡିକର ସମାଧାନ କରି ଲୋକ ମାନଙ୍କ ଭରସାର ପ୍ରତୀକ ହୋଇଛନ୍ତି। ପ୍ରତିଦିନ ତାଙ୍କ ଘରେ ଅନେକ ଲୋକ ବିଭିନ୍ନ ଅଭିଯୋଗ ଓ ସମସ୍ୟା ନେଇ ଆସୁଥିବା ବେଳେ ସେ ଯଥା ସମ୍ଭବ ସହାୟତା କରି ସମାଧାନର ମାର୍ଗ ଦେଖାଉଛନ୍ତି। ଏପର୍ଯ୍ୟନ୍ତ ତାଙ୍କ ସହାୟତାରେ ପ୍ରାୟ ୧୦ ହଜାରରୁ ଅଧିକ ସମସ୍ୟାର ସମାଧାନ ହୋଇଥିବା କୁହାଯାଉଛି। ସମ୍ପ୍ରତି ବରଗଡ଼ ଜିଲ୍ଲା ପଦ୍ମପୁର ଅଞ୍ଚଳର ଭେଉଁରିଆ ଗାଁର ଦୀର୍ଘଦିନର ଗମନାଗମନ ସମସ୍ୟାକୁ ନେଇ ଦୀପା ବାରିକ ଗୁରୁତ୍ୱ ଦେଇଛନ୍ତି। ଗାଁର କିଛି ଉଦ୍ଦ୍ୟକ୍ତିଙ୍କ ଅନୁରୋଧରେ ସେ ଗାଁରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଆଲୋଚନାରେ ଜଣାପଡ଼ିଲା ଯେ ଭେଉଁରିଆ ସାରଙ୍ଗକଟା ରାସ୍ତାରୁ ବିଜୁ ଏକ୍ସପ୍ରେସ ୱେ ପର୍ଯ୍ୟନ୍ତ ଏକ ସଂଯୋଗୀ

୧୦ ହଜାରରୁ ଅଧିକ ସମସ୍ୟାର ସମାଧାନ

ରାସ୍ତା ନିର୍ମାଣ ହେଲେ ଗାଁ ଓ ପାଶ୍ୱବର୍ତ୍ତୀ ଅଞ୍ଚଳର ଅନେକ ଲୋକ ଉପକୃତ ହେବେ। ଏହିରାସ୍ତା ନିର୍ମାଣ ହେଲେ ଯାତାୟାତ ସୁବିଧା ସହ ଶିକ୍ଷା, ଚିକିତ୍ସା ଓ ବ୍ୟବସାୟିକ କାର୍ଯ୍ୟକଳାପରେ ମଧ୍ୟ ଗତି ଆସିବ। ଏହାକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ସହିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ମଧ୍ୟ ଅଭିଯୋଗ କରାଯାଇଥିବା ଜଣାଯାଇଛି। ଆଗାମୀ




ଦିନରେ ଉକ୍ତ ସମସ୍ୟାର ସମାଧାନ ହେବ ବୋଲି ସ୍ଥାନୀୟ ଲୋକମାନେ ଆଶା ପ୍ରକାଶ କରିଛନ୍ତି। ଭେଉଁରିଆ ଗାଁକୁ ପହଞ୍ଚିବା ସମୟରେ ଗ୍ରାମବାସୀ ମାନେ ଦୀପା ବାରିକଙ୍କୁ ଭବ୍ୟ ସ୍ୱାଗତ ଜଣାଇଥିଲେ। ଉପହାର ଦେଇ ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ସମୟରେ ନରେନ୍ଦ୍ର ସାହୁ, ଶୁଶୀଳ ସାହୁ, ସତ୍ୟ ବାରିହା, ଶାନ୍ତ ଦଳେଇ, ଗଜରାଜ ବାରିକ, ପ୍ରେମାନନ୍ଦ ବାରିକ, ପଞ୍ଚାନନ ସାହୁ ଓ ଦୀନବନ୍ଧୁ ଦାସ ସହିତ ଅନ୍ୟାନ୍ୟ ଗ୍ରାମବାସୀ ଉପସ୍ଥିତ ଥିଲେ। ଗ୍ରାମବାସୀଙ୍କ ସ୍ନେହ, ଶ୍ରଦ୍ଧା ଓ ଆଦର ପ୍ରତି ଦୀପା ବାରିକ କୃତଜ୍ଞତା ଜଣାଇଥିଲେ।

ସକାଳ
THE SAKALA

ବରଯାତ୍ରୀଙ୍କୁ ଆକ୍ରମଣ, ୧୦ରୁ ଅଧିକ ଆହତ

ପଟ୍ଟାମୁଣ୍ଡାଇ,୨୨।୨(ସମିସ)



ବିବାହର ଖୁସି ମାହୋଲ ମଧ୍ୟରେ ଅପ୍ରତ୍ୟାଶିତ ଭାବେ ବରଯାତ୍ରୀଙ୍କୁ ଆକ୍ରମଣ ଘଟଣା ଅଞ୍ଚଳରେ ଚର୍ଚ୍ଚା ଓ ଉତ୍ତେଜନା ସୃଷ୍ଟି କରିଛି। ଏହି ଆକ୍ରମଣରେ ୧୦ରୁ ଅଧିକ ବରଯାତ୍ରୀ ଆହତ ହୋଇଥିବାବେଳେ ସେମାନେ ପଟ୍ଟାମୁଣ୍ଡାଇ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି।

ସୂଚନା ମୁତାବକ, ପଟ୍ଟାମୁଣ୍ଡାଇ ବ୍ଲକର ବଲୁରିଆ ଗ୍ରାମରୁ ବରଯାତ୍ରୀ ଭୁବନେଶ୍ୱରକୁ ବାହାରିଥିଲା। ବିବାହକୁ ନେଇ ସମସ୍ତେ ଖୁସି ମିଜାଜରେ ଥିବା ସହ ବରଯାତ୍ରୀ ନାଚଗୀତରେ ମଗ୍ନ ଥିଲେ। ହଠାତ କିଛି ଅଜଣା ବ୍ୟକ୍ତି ବରଯାତ୍ରୀଙ୍କୁ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ଆତଙ୍କ ସୃଷ୍ଟି ହୋଇଥିଲା ଓ ଖୁସିର ପରିବେଶରେ ଶୋକରେ ପରିଣତ ହୋଇଯାଇଥିଲା। ଆକ୍ରମଣରେ ପ୍ରାୟ ୧୦ରୁ ଅଧିକ ବରଯାତ୍ରୀ ଆହତ ହୋଇଥିବାବେଳେ ସେମାନଙ୍କୁ ପଟ୍ଟାମୁଣ୍ଡାଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ସମସ୍ତଙ୍କୁ ଚିକିତ୍ସା ଯୋଗାଇ ଦିଆଯାଉଛି। ଘଟଣା ପରେ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହେବାରୁ ପୁଲିସ ଘଟଣାସ୍ଥଳରେ ମୁତୟନ ହୋଇ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଏହି ସମୟରେ ଗ୍ରାମବାସୀ ଓ ବରପକ୍ଷ ଲୋକ ରାସ୍ତାରୋକ କରି ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ବରଙ୍କ ମାଆ କବିତା ମଲିକ କହିଛନ୍ତି, ବିବାହ ଭଳି ଖୁସି ଅବସରରେ ଏପରି ଆକ୍ରମଣ ଘଟଣା ଆମକୁ ଗଭୀର ଭାବେ ମର୍ମାହତ କରିଛି। ଦୋଷୀଙ୍କ ବିରୋଧରେ ପୁଲିସ କଠୋର ପଦକ୍ଷେପ ନିଅନ୍ତୁ। ସେହିପରି ବରଯାତ୍ରୀ ବିଶ୍ୱଜିତ ମହାନ୍ତି କହିଛନ୍ତି, ଆମେ ସମସ୍ତେ ନାଚଗୀତ କରୁଥିବାବେଳେ ହଠାତ କିଛି ଲୋକ ଆସି ଆମକୁ ଆକ୍ରମଣ କରିଥିଲେ। କେହି କିଛି ବୁଝିବା ପୂର୍ବରୁ ଅନେକ ଆହତ ହୋଇଥିଲେ। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବାବେଳେ ଆକ୍ରମଣର କାରଣ ଓ ସଂପୃକ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରିବା ପାଇଁ ପଦକ୍ଷେପ ନିଆଯାଉଛି।

ବଲୁରିଆରେ ଉତ୍ତେଜନା, ପୁଲିସ ଫୋର୍ସ ମୁତୟନ

ଆବାସ ଯୋଜନା ସାତସପନ

କୁଡ଼ିଆ ଘରେ ବିତୁଛି ବୃଦ୍ଧା ପାର୍ବତୀଙ୍କ ଜୀବନ

ମହାକାଳପଡ଼ା, ୨୨।୨ (ସମିସ): ଗରିବ ଓ ଜନଜାତି ଲୋକଙ୍କ ଉନ୍ନତି ପାଇଁ ସରକାରଙ୍କ ପକ୍ଷରୁ ଏକ ପରେ ଏକ ଯୋଜନା ଘୋଷଣା ହେଉଥିବା ସତ୍ତ୍ୱେ ତୃଣମୂଳ ସ୍ତରରେ ତାହାର ସଠିକ୍ କାର୍ଯ୍ୟକାରୀ ହେଉ ନ ଥିବାର ଜୀବନ୍ତ ଉଦାହରଣ ମହାକାଳପଡ଼ା ବ୍ଲକ ବଉଳକଣି ପଞ୍ଚାୟତର ସିଂପଡା ଗାଁରେ ଦେଖିବାକୁ ମିଳିଛି। ଏଠାରେ ଜନଜାତି ସମୁଦାୟର ୬୫ ବର୍ଷୀୟା ପାର୍ବତୀ ସିଂ ସ୍ୱାମୀଙ୍କ ମୃତ୍ୟୁର ପ୍ରାୟ ୩୦ ବର୍ଷ ପରେ ମଧ୍ୟ ଭଙ୍ଗା କୁଡ଼ିଆ ତଳେ ଅସହାୟ ଅବସ୍ଥାରେ ଜୀବନ କାଟୁଛନ୍ତି। ବୟସର ଭାର ସହ ଦୃଷ୍ଟିଶକ୍ତି କମିଯାଇଥିବା ପାର୍ବତୀ ଦିନକୁ ଦିନ ଜୀବନ ସଂଗ୍ରାମରେ ହାର୍ ମାନୁଛନ୍ତି। ପେଟ ଭୋକ ମେଣ୍ଟାଇବା ପାଇଁ ସେ ଗହୀରପାଟ ବିଲ ଓ ଧାନଖେତରୁ ଅବଶିଷ୍ଟ ଧାନ ପେଣ୍ଡା ସଂଗ୍ରହ କରି ଦୁଇମୁଠା ଖାଦ୍ୟ ଯୋଗାଡ଼ କରୁଥିବାବେଳେ ଅନେକ ସମୟ ଉପବାସରେ ରାତି କାଟିବାକୁ ପଡୁଛି।



ଛିଣ୍ଡା ପଲିଥିନ ତଳେ ମୁଣ୍ଡ ଗୁଞ୍ଜି ଭାଗ୍ୟକୁ ଆଦରି ଜୀବନର ଅବଶିଷ୍ଟ ଦିନ ଗଣୁଛନ୍ତି ଏହି ବୃଦ୍ଧା। ସରକାରୀ ଯୋଜନା ଥିଲେ ମଧ୍ୟ ପାର୍ବତୀଙ୍କ ପାଇଁ ସେଗୁଡିକ ସାତସପନ ହୋଇରହିଛି। ତାଙ୍କ ନିକଟରେ ନାହିଁ ରାସନ୍ କାର୍ଡ, ନାହିଁ ଆବାସ ଯୋଜନାରେ ପକ୍କାଘର, ନାହିଁ ବିଧବା ଭତ୍ତାର ସୁବିଧା। ବିଧବା ଭତ୍ତା ପାଇବା ଆଶାରେ ବିଭିନ୍ନ କାର୍ଯ୍ୟାଳୟ ଦୌଡ଼ି ଦୌଡ଼ି ସେ ନୟାନ୍ତ ହୋଇପଡିଥିବାବେଳେ କୌଣସି ସ୍ପଷ୍ଟ ସହାୟତା ମିଳୁ ନ ଥିବା ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଜନଜାତି ଲୋକଙ୍କ ପାଇଁ ଘୋଷିତ ଯୋଜନା ସ୍ଥାନୀୟ ସ୍ତରରେ ଲାଗୁ ହେବାରେ ଅବହେଳା ହେଉଛି। ଫଳରେ ଅସହାୟ ପରିବାର ଲାଭରୁ ବଞ୍ଚିତ ହେଉଛନ୍ତି। ଏ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ମହାକାଳପଡ଼ା ବିଡିଓ ରବିନାରାୟଣ ଆଚାର୍ଯ୍ୟ କହିଛନ୍ତି, ଘଟଣାର ତଦନ୍ତ କରାଯାଇ ଶୀଘ୍ର ପାର୍ବତୀଙ୍କୁ ଆବଶ୍ୟକ ସରକାରୀ ସହାୟତା ଯୋଗାଇବା ପାଇଁ ପଦକ୍ଷେପ ନିଆଯିବ।

ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଡେରାବିଶ, ୨୨।୨(ସମିସ): ଖମୋଳ ପଞ୍ଚାୟତ ଅନ୍ତର୍ଗତ ବଡ଼ସଲାରୋ ଉନ୍ନୀତ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୌଦାମିନୀ ନାୟକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି।



ଶିକ୍ଷାବିତ୍ ଲଲାଟ ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଆରସିସି ଦେବଦତ୍ତ ଶତପଥୀ, ମୁଖ୍ୟବକ୍ତା ମଣ୍ଡଳ ସହଶିକ୍ଷାଧିକାରୀ ଖଗେଶ୍ୱର ନାୟକ, ସମ୍ମାନିତ ଅତିଥି ସହଶିକ୍ଷାଧିକାରୀ ସଚିକାନ୍ତ ମିଶ୍ର, ଖମୋଳ ସରପଞ୍ଚ ତୃପ୍ତିମୟୀ କର, ଶିକ୍ଷାବିତ ଶରତ ଆଚାର୍ଯ୍ୟ, ସିଆରସିସି ପ୍ରମୋଦ ମଲ୍ଲ ଓ ପ୍ରଧାନଶିକ୍ଷକ ଖଗେଶ୍ୱର ନାଥ ଯୋଗଦେଇ ବିଦାୟୀ ଶିକ୍ଷୟିତ୍ରୀ ଶ୍ରୀମତୀ ନାୟକଙ୍କ ଛାତ୍ର ବତ୍ସଳତା ଓ ସମୟାନୁବର୍ତ୍ତିତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପରେ ଅତିଥି, ସହକର୍ମୀ ଓ ଛାତ୍ରାଭିଭାବକ ଶିକ୍ଷୟିତ୍ରୀ ଶ୍ରୀମତୀ ନାୟକଙ୍କୁ ପୁଷ୍ପଗୁଚ୍ଛ, ଅଙ୍ଗାଭରଣ ଓ ଉପହାର ପ୍ରଦାନ କରି ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ। ଶିକ୍ଷକ ଭଜକୃଷ୍ଣ ମହାପାତ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସିଆରସିସି ନିର୍ମଳ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଖମୋଳ ଆଞ୍ଚଳିକ ସାଧନକେନ୍ଦ୍ର ଅଧୀନ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରାଭିଭାବକ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ପଲେଇ, ମାନସୀ ମହାପାତ୍ର ଓ ପୁରାତନ ଛାତ୍ର ପରିଚାଳନା କରିଥିଲେ।

● ବନ୍ଧୁକ ଦେଖାଇ ୧ ଲକ୍ଷ ଦାଦାବଟି ଦାବି

୮ ଜଣଙ୍କ ବିରୋଧରେ ମାମଲା; ୩ ଗିରଫ

କେନ୍ଦ୍ରାପଡ଼ା,୨୨।୨(ସମିସ): ଶାନ୍ତ ଥିବା କେନ୍ଦ୍ରାପଡ଼ା ଜିଲ୍ଲାରେ ପୁଣି ଅପରାଧୀ ଗୋଷ୍ଠୀ ସକ୍ରିୟ ହେବା ଘଟଣା ସାମ୍ନାକୁ ଆସିଛି। ନଦୀବନ୍ଧରେ ଚାଲିଥିବା ପଥର ସ୍ପର ନିର୍ମାଣ କାମରେ ନିୟୋଜିତ କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ଦାଦାବଟି ଦାବି କରିବା ଘଟଣାରେ ପୁଲିସ ୮ ଜଣଙ୍କ ବିରୋଧରେ ମାମଲା ରୁଜୁ କରିଥିବାବେଳେ ୩ ଜଣଙ୍କୁ ଗିରଫ କରିଛି। ଅନ୍ୟ ୫ ଜଣ ଫେରାର ଥିବା ଜଣାପଡ଼ିଛି। ସୂଚନା ମୁତାବକ, କପାଳେଶ୍ୱର ଅଞ୍ଚଳର ସୁନୀଲ ମହାନ୍ତି (୪୦) କୁଦାନଗରୀ ଥାନାରେ ଏ ନେଇ ଏକ ଲିଖିତ ଅଭିଯୋଗ କରିଥିଲେ। ସାନ୍ତନୁ କୁମାର ମଲ୍ଲିକଙ୍କ ନାମରେ ନଦୀବନ୍ଧରେ ପଥର ସ୍ପର ନିର୍ମାଣ କାମ ଚାଲିଥିବାବେଳେ ନାରାୟଣ ନାଥ ସୁପରଭାଇଜର ଭାବେ କାମ କରୁଥିଲେ। ଏହି ସମୟରେ କିଛି ସ୍ଥାନୀୟ ଯୁବକ ଘଟଣାସ୍ଥଳକୁ ଆସି କାମ ବନ୍ଦ କରିବା ସହ ସୁପରଭାଇଜରଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଧମକ ଦେଇଥିଲେ। ପରେ ଅଭିଯୁକ୍ତମାନେ ପୁଣି ଘଟଣାସ୍ଥଳକୁ ଆସି ଦାଦାବଟି ଦାବି କରିବା ସହ ଭୟଭୀତ କରିଥିଲେ। ଏହି ସମୟରେ ଫୋନପେ ମାଧ୍ୟମରେ ୧୦ ହଜାର ଟଙ୍କା ନେଇଥିବା ଅଭିଯୋଗ ହୋଇଛି। ପରେ ପୁଣି ୧ ଲକ୍ଷ ଟଙ୍କା ଦାବି କରିଥିଲେ। ଠିକାଦାର ଟଙ୍କା ଦେବାକୁ ମନା କରିବାରୁ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ସ୍ଥାନୀୟ ତଦନ୍ତ ଓ ପଚାରାଉଚରା ପରେ ସୁମନ୍ତ ଦାସ, ସୁଜିତ, ଦେବୁନା, ବୁବୁ, ଆଦିତ୍ୟ, ପାର୍ଥ ସାରଥୀ ଦାସ, ଏସ୍.କେ ଅରମାନ ଓ ଏସ୍.କେ ଚାନ୍ଦଙ୍କ ସଂପୃକ୍ତି ସାମ୍ନାକୁ ଆସିଥିଲା। ପୁଲିସ ୩ ଜଣଙ୍କୁ ଗିରଫ କରିଥିବାବେଳେ ଅନ୍ୟମାନଙ୍କୁ ଧରିବା ପାଇଁ ଚଢ଼ଉ ଜାରି ରଖିଛି। ଏ ନେଇ କୁଦାନଗରୀ ପୁଲିସ ମାମଲା ରୁଜୁ କରି ଏସ୍ଆଇ କୈଳାସ ପରିଡାଙ୍କୁ ତଦନ୍ତ ଦାୟିତ୍ୱ ଦେଇଛି। ପୁଲିସ ଘଟଣାର ସମସ୍ତ ପ୍ରସଙ୍ଗ ଉପରେ ତଦନ୍ତ ଚାଲୁ ରଖିଛି। ଯୁବକମାନେ ରୋଜଗାର ଛାଡ଼ି ଦାଦାବଟି ଆଦାୟ କରିବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଚାଲିଥିବାବେଳେ କେନ୍ଦ୍ରାପଡ଼ାରେ ପୁଣି ଅପରାଧୀ ଗ୍ୟାଙ୍ଗ ସକ୍ରିୟ ହେଉଥିବା ନେଇ ସାଧାରଣ ଲୋକ ଚିନ୍ତା ପ୍ରକାଶ କରିଛନ୍ତି।

ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଶିକ୍ଷା ପରିଭ୍ରମଣ

ଡେରାବିଶ,୨୨।୨(ସମିସ): ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ନେଇ ଆଜି ଶିକ୍ଷା ପରିଭ୍ରମଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡେରାବିଶ ମଣ୍ଡଳ ଶିକ୍ଷାଧିକାରୀ ନାରାୟଣ



ପ୍ରସାଦ ମନ୍ତ୍ରୀ ଓ ବିଆରସିସି ଦେବଦତ୍ତ ଶତପଥୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ଲକ ଅନ୍ତର୍ଗତ ୪୦ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକ କଟକ ଜିଲ୍ଲା ଅନ୍ତର୍ଗତ ପ୍ରସିଦ୍ଧ ବୌଦ୍ଧପୀଠ ଲଳିତଗିରି ଓ ଯାଜପୁର ଜିଲ୍ଲା ଅନ୍ତର୍ଗତ ପ୍ରସିଦ୍ଧ ମହାବିନାୟକଙ୍କ ପୀଠକୁ ପରିଦର୍ଶନରେ ଯାଇଥିଲେ। ଗୋଷ୍ଠୀ ସମ୍ବଳ ଶିକ୍ଷକ ଜୟନ୍ତ ସ୍ୱାଇଁ ଓ ଆଲୋକ ବେହେରା ସମସ୍ତ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ଲଳିତଗିରିରେ ବୁଦ୍ଧଙ୍କ ବିଭିନ୍ନ ମୁଦ୍ରାରେ ରହିଥିବା ମୂର୍ତ୍ତି ଓ ବୁଦ୍ଧଙ୍କ ଅସ୍ଥିକୁ ବୁଲାଇ ଦେଖାଇବା ସହିତ କିପରି ଆମ ଅଞ୍ଚଳରେ ବୌଦ୍ଧ ଧର୍ମର ପ୍ରଚାର ପ୍ରସାର ଓ ସେତେବେଳର ଆଧ୍ୟାତ୍ମିକ ସଂସ୍କୃତି ସମ୍ପର୍କରେ ବୁଝାଇଥିଲେ। ପରେ ସମସ୍ତ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ମହାବିନାୟକଙ୍କ ପୀଠକୁ ନେଇ ପ୍ରଭୁ ବିନାୟକଙ୍କ ଦର୍ଶନ କରାଇବା ସହିତ ଏହାର ମନୋରମ ପ୍ରାକୃତିକ ପରିବେଶକୁ ବୁଲାଇ ଦେଖାଇଥିଲେ। ଏହି କାର୍ଯ୍ୟକ୍ରମକୁ ଅନ୍ତର୍ନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀ ପ୍ରଦ୍ୟୁମ୍ନ ଜେନା, ସୁଶାନ୍ତ ନାୟକ, ଗୋକୁଳ ତ୍ରିପାଠୀ, ଦୀପକ ଦାଶ, ଭବାନୀଶଙ୍କର ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

ସ୍କୁଟିରୁ ଖସିପଡ଼ି ଅଙ୍ଗନବାଡି ସହାୟିକାଙ୍କ ମୃତ୍ୟୁ

କେନ୍ଦ୍ରାପଡ଼ା,୨୨।୨(ସମିସ): କାମେଶ୍ୱର ଯାତ୍ରା ଦେଖି ଫେରୁଥିବାବେଳେ ସ୍କୁଟିରୁ ଗଳିପଡି ଜଣେ ଅଙ୍ଗନବାଡି ସହାୟିକାଙ୍କ ମୃତ୍ୟୁ ଘଟିଛି। ମୃତକ ଗରଦପୁର ପତିସାହି ଅଙ୍ଗନବାଡି କେନ୍ଦ୍ରର ସହାୟିକା ବନଲତା ପତି। ଶନିବାର ରାତି ପ୍ରାୟ ୧୦ଟା ସମୟରେ ସେ ପୁଅ ସତ୍ୟଜିତ ପଣ୍ଡାଙ୍କ ସହ ସ୍କୁଟିରେ କାମେଶ୍ୱର ଯାତ୍ରା ଦେଖି ଘରକୁ ଫେରୁଥିଲେ। ପନ୍ଦିଆପହଣା ସେତୁ ନିକଟରେ କୌଣସି କାରଣରୁ ହଠାତ୍ ସେ ସ୍କୁଟିରୁ ଖସିପଡ଼ିଥିଲେ। ଦୁର୍ଘଟଣାରେ ସେ ଗୁରୁତର ଆହତ ହୋଇ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିଲେ। ସ୍ଥାନୀୟ ଲୋକଙ୍କ ସହଯୋଗରେ ତାଙ୍କୁ ପାଟକୁରା ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବନଲତା ପତିଙ୍କ ଅକାଳ ମୃତ୍ୟୁରେ ଗରଦପୁର ଓ ପତିସାହି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



ତରାଣ୍ଡୋ ହାଇସ୍କୁଲ ପୁରାତନ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ

କେନ୍ଦ୍ରାପଡ଼ା,୨୨।୨(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ତରାଣ୍ଡୋସ୍ଥ ତରାଣ୍ଡୋ ହାଇସ୍କୁଲର ୧୯୮୦ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ ଜଜାଙ୍ଗ-ଗରାପୁର ଗ୍ରାମ ଦ୍ୱୟର ଅଧିଷ୍ଠାତ୍ରୀ ଦେବୀ ମା' ବେଲମଙ୍ଗଳାଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ପାଞ୍ଚ ଦଶନ୍ଧି ପରେ ପୁଣିଥରେ ଏକତ୍ରିତ ହୋଇ ପୁରାତନ ସହପାଠୀ ସ୍କୁଲ ଜୀବନର ଅମୂଲ୍ୟ ସ୍ମୃତିକୁ ପୁନଃ ସ୍ମରଣ କରିଥିଲେ। ପରସ୍ପର ସହିତ ଅତୀତର ସ୍ମୃତି ବାଣ୍ଟିବା ସହ ବନ୍ଧୁତ୍ୱର ଗଭୀର ସମ୍ପର୍କକୁ ଆହୁରି ମଜବୁତ କରିଥିଲେ। ଏହି କାର୍ଯ୍ୟକ୍ରମରେ ନୃସିଂହ ଭଦ୍ର, ଶରତ ବିଶ୍ୱାଳ, ପ୍ରଦୀପ ରାଉତ, ସୁଶୀଳ ପ୍ରଧାନ, ବସନ୍ତ ପତି, ଅନନ୍ତ ପଲାଇ, ଜ୍ୟୋତ୍ସ୍ନାରାଣୀ ତ୍ରିପାଠୀ, ବନ୍ଦନା ପାଣି, ରାଜେନ୍ଦ୍ର ତ୍ରିପାଠୀ, ସୁକାନ୍ତ ବିଶ୍ୱାଳ, ଅଜୟ ସ୍ୱାଇଁ, ଶୈଳେନ୍ଦ୍ର ସ୍ୱାଇଁ,



ଗଙ୍ଗାଧର ସ୍ୱାଇଁ, ପ୍ରମୋଦ ସିଂ, ସହଦେବ ବେହେରା, ରମେଶ ଦାସ, ପହଲି ଭଦ୍ର, ଉମେଶ ଜେନା, ବିବେକ ମହାନ୍ତି, ନୟନା ବେହେରା ଓ ପ୍ରଭାତ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଏ ଅବସରରେ ଅକ୍ଷୟ ଦାସ ଓ ସନ୍ତୋଷ ମିଶ୍ର ପୁରାତନ ଛାତ୍ରଛାତ୍ରୀଙ୍କୁ ସମାଜର ଉନ୍ନତିମୂଳକ କାର୍ଯ୍ୟରେ ସକ୍ରିୟ ଭାଗ ନେବାକୁ ଆହ୍ୱାନ ଦେଇଥିଲେ। ସେମାନେ କହିଥିଲେ, ବନ୍ଧୁମିଳନ କେବଳ ସ୍ମୃତିଚାରଣରେ ସୀମିତ ନ ରହି ସମାଜ ପାଇଁ ଏକ ସକାରାତ୍ମକ ଶକ୍ତିରୂପେ ପରିଣତ ହେବା ଆବଶ୍ୟକ। ଆଗାମୀ ଦିନରେ ବିଭିନ୍ନ ସାମାଜିକ, ଶିକ୍ଷାମୂଳକ ଓ ସେବାମୂଳକ କାର୍ଯ୍ୟକ୍ରମକୁ ବନ୍ଧୁମିଳନ ସହ ଯୋଡ଼ିବା ପାଇଁ ସମସ୍ତେ ସଂକଳ୍ପ ଗ୍ରହଣ କରିଥିଲେ।

କଳିକାପୁରରେ ମେଗା ସ୍ୱାସ୍ଥ୍ୟ ସେବା ଶିବିର

ରାଜକନିକା, ୨୨।୨(ସମିସ): ଆଜି ପୂର୍ବାହ୍ନ ୯ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ କିମ୍ସ ପକ୍ଷରୁ କାଳିକାପୁରଠାରେ ମେଗା ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ୨୫ ବିଭାଗର ପ୍ରତିଷ୍ଠିତ ଡାକ୍ତରଙ୍କ ଦ୍ୱାରା ପ୍ରାୟ ୫ ହଜାର ରୋଗୀଙ୍କୁ ସ୍ୱାସ୍ଥ୍ୟ ସେବା ପ୍ରଦାନ କରାଯାଇଛି। କିମ୍ସ ପ୍ରତିଷ୍ଠାତା ଡଃ ଅଚ୍ୟୁତ ସାମନ୍ତ ଏହି ମେଗା ସ୍ୱାସ୍ଥ୍ୟ ଶିବିରକୁ ଉଦଘାଟନ କରି ଓଡିଶା ସ୍ୱାସ୍ଥ୍ୟ ସେବା ଓ ଶିକ୍ଷାଦାନ କ୍ଷେତ୍ରରେ ୩ ଅନୁଷ୍ଠାନର ଉଦ୍ଦେଶ୍ୟ ଓ ସଫଳତା କାମନା କରିଥିଲେ। ଗ୍ରାମାଞ୍ଚଳରେ ଥିବା ସାଧାରଣ ଲୋକଙ୍କ ପାଖରେ ସୁପର ସ୍ପେଶାଲିଷ୍ଟ ହସ୍ପିଟାଲର ସ୍ୱାସ୍ଥ୍ୟ ସେବା ଯୋଗାଇବାକୁ କିମ୍ସର ଉପଦେଷ୍ଟା ସନ୍ତୋଷ ସାହୁ, ରିଚିଂ ଦି ଅନରିଚଡ୍ ସ୍ଲୋଗାନକୁ ନିଜ ଅଞ୍ଚଳରେ ପହଞ୍ଚାଇ ଥିବାରୁ ତାଙ୍କର ମାଟି ପ୍ରତି ଦାୟିତ୍ୱର ଅବତାରଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଡ. ହରିଶ ଚୌଧୁରୀ ସଂଯୋଜନା କରିଥିବାବେଳେ କନିକା ହାଇସ୍କୁଲର ପୂର୍ବତନ ଛାତ୍ର ସଂସଦ, କାଳିକାପୁରର ସୁଶ୍ରୀ ଦେବୀ ହାଇସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓ ରାଇଜିଂ ଷ୍ଟାର କ୍ଲବ ପକ୍ଷରୁ ଡଃ ସାମନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱାସ୍ଥ୍ୟ ଶିବିରରେ ବୟୋଜ୍ୟେଷ୍ଠ ସ୍ୱାସ୍ଥ୍ୟକର୍ମୀ ଶୁକଦେବ ସାହୁ, ଆୟତନ ପୁରାତନ ଛାତ୍ର ସଂସଦ ସମ୍ପାଦକ ନବକିଶୋର ସୂତାର, ଏସଡି ହାଇସ୍କୁଲ ପ୍ରଧାନଶିକ୍ଷକ ବିକ୍ରମ ପରିଡା, ତିନି କଲେଜର ଅଧକ୍ଷ, ସ୍ୱେଚ୍ଛାସେବୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶିବିରରେ ବହୁ ସଂଖ୍ୟକ ଲୋକ ଚିକିତ୍ସିତ ହୋଇ ମାଗଣାରେ ଔଷଧ ପାଇଥିଲେ।

ସ୍ତମ୍ଭକାର ଦିବାକର ବିଶ୍ୱାଳଙ୍କ ଜୟନ୍ତୀ

ପଟ୍ଟାମୁଣ୍ଡାଇ,୨୨।୨(ସମିସ): ବିଶିଷ୍ଟ ସ୍ତମ୍ଭକାର, ବ୍ୟଙ୍ଗକାର, କଥାକାର, କଳାକାର, ନାଟ୍ୟ ନିର୍ଦ୍ଦେଶକ ଓ ଶିକ୍ଷକ ନେତା ଦିବଂଗତ ଦିବାକର ବିଶ୍ୱାଳଙ୍କ ୯୬ତମ ଜୟନ୍ତୀ ସ୍ଥାନୀୟ କଷଣଅଣ୍ଟା



ରାଧାରାଣୀ ମଣ୍ଡପରେ ପାଳିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଲେଖାଲେଖି ପ୍ରକାଶନର ମିଳିତ ସହଯୋଗରେ ଆୟୋଜିତ ଜୟନ୍ତୀ ସଭାରେ ପ୍ରଦୀପ୍ତ ବେହୁରା ପୌରୋହିତ୍ୟ କରିଥିଲେ। ରାଜନଗରର ପୂର୍ବତନ ବିଧାୟକ ଡ. ଅଲେଖ ଜେନା ମୁଖ୍ୟଅତିଥି, ନାଟ୍ୟକାର ଗୋଲେଖ ମହାରଣା ମୁଖ୍ୟବକ୍ତା, ଶିକ୍ଷାବିତ୍ କଣ୍ଢୁରୀ ଚରଣ ସ୍ୱାଇଁ ଓ କସ୍ତୁରୀ କଳା ନିକେତନ ସଭାପତି ସୁରେଶ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦିବଂଗତ ଦିବାକର ବିଶ୍ୱାଳଙ୍କ ସ୍ମୃତିଚାରଣ କରିଥିଲେ। ଏଅବସରରେ ସ୍ୱର୍ଗତ ବିଶ୍ୱାଳଙ୍କ ଉପରେ ଏକ ସ୍ମରଣିକା "ଦିବ୍ୟଦର୍ଶୀ ଦିବାକର' ଲୋକାର୍ପିତ ହୋଇଥିଲା। ସଂସ୍କୃତିପ୍ରେମୀ ତଥା ଅଭିନେତା ନବକିଶୋର ପଣ୍ଡାଙ୍କୁ ଦିବାକର ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। କବିତା ପାଠୋତ୍ସବରେ କବି ସଚିତ୍ର ବେହୁରା, ସୁଶାନ୍ତ ଦାଶ, ରାମକୃଷ୍ଣ ଦାଶ, ବୈଷ୍ଣବ ମଲିକ ସ୍ୱରଚିତ କବିତା ପାଠ କରିଥଲେ। ବେଲେଶ୍ୱର ସାହିତ୍ୟ ସଂସଦ ସମ୍ପାଦକ ପ୍ରମୋଦ ସାହୁ ସ୍ୱାଗତ ଭାଷଣ ଓ ଗାଳ୍ପିକ ପ୍ରଦୀପ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ମନୋଜ୍ଞ ଉତ୍ସବରେ କବି ବ୍ରଜବନ୍ଧୁ ଦାଶ, ପ୍ରମୋଦ ନାୟକ, ବିଜୟ ସାହୁ, ସଂଘମିତ୍ରା ବିଶ୍ୱାଳ, ବନଜା ପାତ୍ର, ସରୋଜ ମଲ୍ଲିକ, ଗୋଲକ ପାତ୍ର, କୃପାସିନ୍ଧୁ ନାୟକ, ଉମେଶ ଚନ୍ଦ୍ର ଜେନା ପ୍ରମୁଖ ଯୋଗ ଦେଇଥିଲେ। ସୁରେଶ ଚନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ।

ଜମିବାଡ଼ି ବିବାଦକୁ କେନ୍ଦ୍ରକରି ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ପଞ୍ଚୁପାଣ୍ଡବ,୨୨।୨(ସମିସ): ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ରାଜନଗର ଗ୍ରାମରେ ଜମିବାଡ଼ିକୁ ନେଇ ମରଣାନ୍ତକ ଆକ୍ରମଣ ହୋଇଛି। ଗ୍ରାମର କିଛି ଅନାବାଦୀ ଜାଗାକୁ କେନ୍ଦ୍ରକରି ଦୀର୍ଘଦିନ ହେବ ସନ୍ତୋଷ ସାମଲ ଓ ମନୋରଞ୍ଜନ ସାହୁଙ୍କ ମଧ୍ୟ ତିକ୍ତତା ରହିଥିଲା। ଆଜି ତାହା ଉଗ୍ରରୂପ ନେଇଛି। ସନ୍ତୋଷ ପାନ ଦୋକାନକୁ ପାନ ପାଇଁ ଯାଇଥିବାବେଳେ ଉଭୟଙ୍କ ମଧ୍ୟରେ କଥା କଟାକାଟି ହୋଇଥିଲା। ପରେ ସନ୍ତୋଷଙ୍କୁ ମନୋରଞ୍ଜନ ଓ ତାଙ୍କ ସାନ ଭାଇ ଚିତ୍ତ ମିଶି



ଆକ୍ରମଣ କରିଥିଲେ। ସନ୍ତୋଷଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ବାମ ହାତ ଭାଙ୍ଗିଯାଇଥିବା ଅଭିଯୋଗ ହୋଇଛି। ଖବର ପାଇ ପରିବାର ଓ ଗ୍ରାମର କିଛି ଯୁବକ ମିଶି ସନ୍ତୋଷଙ୍କୁ ପ୍ରଥମେ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ଡେରାବିଶ ଥାନାରେ ଉଭୟ ପକ୍ଷରୁ ଏତଲା ହୋଇଥିବାବେଳେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସ୍ୱାମୀଙ୍କ ମୃତ୍ୟୁ ପରେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

କେନ୍ଦ୍ରାପଡ଼ା,୨୨।୨(ସମିସ): ପାଟକୁରା ଥାନା ଅନ୍ତର୍ଗତ ବିଚଣା ନୂଆପଡ଼ା ଗ୍ରାମରେ ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଓ ଶୋକର ପରିବେଶ ସୃଷ୍ଟି କରିଛି। ମୃତକ ତିଳୋତ୍ତମା ସାହୁ (୪୮)। ସେ ନିଜ ଘରେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ଖବର ପାଇ ପରିବାର ଓ ସ୍ଥାନୀୟ ଲୋକ ଘଟଣାକୁ ନେଇ ପୁଲିସକୁ ସୂଚନା ଦେଇଥିଲେ। ତିଳୋତ୍ତମାଙ୍କ ସ୍ୱାମୀ ସଞ୍ଜୟ ସାହୁ ବେଙ୍ଗାଲୁରୁରେ ଶ୍ରମିକ ଭାବେ କାମ କରୁଥିଲେ। କୌଣସି କାରଣବଶତଃ ଗତ ମାସରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ୱାମୀଙ୍କ ମୃତ୍ୟୁ ପରେ ତିଳୋତ୍ତମା ମାନସିକ ଚାପରେ ରହୁଥିବା ସହ ସନ୍ତାନ ନ ଥିବା ନେଇ ମଧ୍ୟ ଚିନ୍ତାଗ୍ରସ୍ତ ଥିବା ପରିବାର ଲୋକ କହିଛନ୍ତି। ପାଟକୁରା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ଶବକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି। ପୁଲିସ ଘଟଣାର ସମସ୍ତ ପ୍ରାସଙ୍ଗିକ ଦିଗକୁ ନେଇ ତଦନ୍ତ ଜାରି ରଖିଛି।

ପଦ୍ମପୁର ଅଞ୍ଚଳରେ ଚୋରି

କେନ୍ଦ୍ରାପଡ଼ା,୨୨।୨(ସମିସ): ପାଟକୁରା ଥାନା ଅନ୍ତର୍ଗତ ପଦ୍ମପୁର ଅଞ୍ଚଳରେ ଶନିବାର ବିଳମ୍ବିତ ରାତିରେ ଏକ ଘରେ ପଶି ଦୁର୍ବୃତ୍ତମାନେ ସୁନା, ରୂପା ଅଳଙ୍କାର ସହ ନଗଦ ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ଅଭିଯୋଗ ପାଇ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପଦ୍ମପୁର ଅଞ୍ଚଳର ଲିକୁନା ମହାନ୍ତିଙ୍କ ସିଡି ଘର ଦେଇ ଦୁର୍ବୃତ୍ତ ଘର ଭିତରକୁ ପ୍ରବେଶ କରିଥିଲେ। ସେମାନେ ଲିକୁନାଙ୍କ ମା' ଶୋଇଥିବା ଘରକୁ ପଶି ସେଠାରେ ଥିବା ଟ୍ରଙ୍କ ଓ ଆଟାଚି ଭାଙ୍ଗି ତଲାସି କରିଥିଲେ। ସେଥିରେ ଥିବା ସୁନା କାନଫୁଲ ୩ ହଳ, ଏକ ମଙ୍ଗଳସୂତ୍ର, ସୁନା ଶଙ୍ଖା ୨ ହଳ, ରୂପା ପାଉଁଜି ୩ ହଳ, ପ୍ରାୟ ୨ ଶହ ଗ୍ରାମ ରୂପା ଟଙ୍କା ଓ ନଗଦ ୩୦ ହଜାର ଟଙ୍କା ଲୁଟି ନେଇଥିଲେ। ଲୁଟ ସୁନାର ଓଜନ ପ୍ରାୟ ୨୬ ଗ୍ରାମ ଓ ରୂପାର ଓଜନ ପ୍ରାୟ ୪୫୦ ଗ୍ରାମ ହେବ। ଲୁଟ୍ ପରେ ଦୁର୍ବୃତ୍ତମାନେ ଘଟଣାସ୍ଥଳରେ ଚପଲ ଓ ଗାମୁଛା ଛାଡ଼ି ଯାଇଥିବା ଜଣାପଡ଼ିଛି। ସକାଳେ ଘଟଣା ଜଣାପଡ଼ିବା ପରେ ଲିକୁନା ମହାନ୍ତି ପାଟକୁରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପାଟକୁରା ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ଉତିକଣ ଅଞ୍ଚଳର ବନ୍ୟା ସୁରକ୍ଷା ପାଇଁ ପଦକ୍ଷେପ

ବିଧାୟକଙ୍କ ଦ୍ୱାରା ବ୍ରାହ୍ମଣୀ ନଦୀବନ୍ଧର ଶିଳାନ୍ୟାସ

ପଟ୍ଟାମୁଣ୍ଡାଇ,୨୨।୨(ସମିସ)

ସମଗ୍ର ଉତିକଣ ଓ ଧୋୟାଅଞ୍ଚଳର ସୁରକ୍ଷା କବଚ ବ୍ରାହ୍ମଣୀ ନଦୀବନ୍ଧ ଦୁର୍ବଳ ହୋଇପଡିଥିବାରୁ ବନ୍ୟା ବିଭୀଷିକା ଭୟରେ ସମଗ୍ର ଉତିକଣ ଅଞ୍ଚଳ ସହିତ ବନ୍ୟା ବିପନ୍ନ ଧୋୟାଅଞ୍ଚଳବାସୀ ଆଶା ଆଶଙ୍କା ଓ ଚିନ୍ତାରେ ଥିଲେ। ଏ ସମ୍ପର୍କରେ ଅବଗତ ହେବା ପରେ ରାଜନଗର ବିଧାୟକ ଧ୍ରୁବ ସାହୁ ବ୍ରାହ୍ମଣୀ ନଦୀ ବନ୍ଧ ସୁଦୃଢ଼ୀକରଣ ପାଇଁ ରାଜ୍ୟ ସରକାରଙ୍କଠାରେ ଦାବି କରିବା ସହ ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ, ମୁଖ୍ୟଯନ୍ତ୍ରୀ, କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ନିର୍ବାହୀ ଯନ୍ତ୍ରୀଙ୍କୁ ନେଇ ଘଟଣା ସ୍ଥଳ ପରିଦର୍ଶନ କରିଥିଲେ। ରାଜନଗର ନିର୍ବାଚନମଣ୍ଡଳୀର ୧୫ଟି ପଞ୍ଚାୟତବାସୀଙ୍କୁ ବନ୍ୟା ଦାଉରୁ ସୁରକ୍ଷା ଦେଇ ଆସୁଥିବା ବ୍ରାହ୍ମଣୀ ଘେରୀବନ୍ଧ ରାସ୍ତାର କିଛି ଅଂଶ ଗତ ବର୍ଷାଋତୁ ସମୟରେ ବ୍ରାହ୍ମଣୀ ନଦୀ ଗ୍ରାସ କରିଥିବାରୁ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଥିଲେ। ରାଜ୍ୟ ସରକାର ସମସ୍ତ ବିଷୟରେ ଅବଗତ ହେବା ପରେ ବ୍ରାହ୍ମଣୀ ନଦୀବନ୍ଧର ଦକ୍ଷିଣ ପାଶ୍ୱର୍ ସୁଦୃଢ଼ୀକରଣ ପାଇଁ ଅର୍ଥ ମଞ୍ଜୁର କରିଥିଲେ। ଆଜି ରାଜନଗର ବିଧାୟକ ଧ୍ରୁବ ସାହୁ କଖାରୁଣୀ ପୋଲ ନିକଟରୁ ଶୋଭାଯାତ୍ରାରେ ଯାଇ ୧୮ କୋଟି ଟଙ୍କା ବ୍ୟୟରେ ନିମପୁର ବ୍ରାହ୍ମଣୀ ନଦୀକୂଳରେ ନଦୀବନ୍ଧ ଦକ୍ଷିଣ ପାଶ୍ୱର୍ ସୁଦୃଢ଼ୀକରଣ ପାଇଁ ଶିଳାନ୍ୟାସ କରିଛନ୍ତି।



ବ୍ରାହ୍ମଣୀ ନଦୀବନ୍ଧ ଶିଳାନ୍ୟାସ ଉତ୍ସବରେ ବିଧାୟକ ଶ୍ରୀସାହୁ ସମଗ୍ର ଉତିକଣ ଓ ଧୋୟାଅଞ୍ଚଳବାସୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ନଦୀବନ୍ଧ ସୁଦୃଢ଼ୀକରଣ ସହ ଉତ୍ତମ ଗମନାଗମନ ସୁବିଧା ପାଇଁ ଏହି ନଦୀବନ୍ଧ ରାସ୍ତାକୁ ୨ ଥାକିଆ ରାସ୍ତାରେ ପରିଣତ କରିବାକୁ ବିଧାନସଭାରେ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବେ ବୋଲି ପ୍ରକାଶ କରିବା ସହ ପ୍ରକଳ୍ପର ସଫଳ କାର୍ଯ୍ୟକାରିତା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଶିଳାନ୍ୟାସ ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ଇଂ ମନୋରଞ୍ଜନ ସାହୁ, ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ ଓ ରଶ୍ମି ମଲିକ, ସମାଜସେବୀ ସୁଶାନ୍ତ ପଣ୍ଡା, ଶାସନ ସରପଞ୍ଚ ସଂଗ୍ରାମ ବାରିକ, ପୂର୍ବତନ ସରପଞ୍ଚ ଅଶୋକ ପରିଡ଼ା, ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା, ସମିତି ସଭ୍ୟ କୈଳାସ ପରିଡ଼ା, ଚନ୍ଦନନଗର ସମିତି ସଭ୍ୟ ମାନସ ମଲ୍ଲିକ, ଗଙ୍ଗାରମପୁର ସମିତି ସଭ୍ୟ ବିଶ୍ୱରଞ୍ଜନ ଭୂୟାଁ, ସାନଜରିଆ ସମିତିସଭ୍ୟ ସୁବାସ ବାରିକ, ଖଣତା ସମିତି ସଭ୍ୟ ସୁରେଶ ଜେନା, ସଂସାରଫଳ ସମିତିସଭ୍ୟ ପର୍ଶୁରାମ ବେହେରା, ପୂର୍ବତନ ସରପଞ୍ଚ ମିନତୀ ପାତ୍ର, ବରିଷ୍ଠ ନେତା ପଞ୍ଚାନନ ଧଳ, ଶ୍ରୀରାମ ଫାଉଣ୍ଡେସନ ଅଧ୍ୟକ୍ଷ ଉତ୍ତମ ଖୁଣ୍ଟିଆ, ନଗର ବିଜେଡି ସଭାପତି ଅଶୋକ ଧଳ, ଏମଡି ପପୁ, ଶିକ୍ଷାବିତ ନାରାୟଣ ଦାସ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ସ୍ଥାନୀୟ ଲୋକ ପ୍ରତିନିଧି ଓ ଜନସାଧାରଣ ଯୋଗ ଦେଇଥିଲେ। ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ, ଯୁବନେତା ଅଶୋକ ଧଳ, ଏମଡି ପପୁ, ପ୍ରଶାନ୍ତ ସାହୁ ଓ ନୟନ ଗିରିଙ୍କ ନେତୃତ୍ୱରେ ବିଜେଡି ନେତା ଓ କର୍ମୀ ବିଧାୟକ ଧ୍ରୁବ ସାହୁଙ୍କୁ କଖାରୁଣୀ ପୋଲ ନିକଟରୁ ଏକ ଶୋଭାଯାତ୍ରାରେ ନିମପୁର ଶିଳାନ୍ୟାସ ସ୍ଥଳ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ।

ପାରାଦୀପ ପରିବା ମାର୍କେଟରେ ଭୟାବହ ଅଗ୍ନିକାଣ୍ଡ

ଜଳିଗଲା ୩୦ରୁ ଊର୍ଦ୍ଧ୍ୱ ଦୋକାନ ଘର

ପାରାଦୀପ,୨୨।୨(ସମିସ)

ବିଳମ୍ବିତ ରାତିରେ ପାରାଦୀପ ପରିବା ମାର୍କେଟରେ ଭୟାବହ ଅଗ୍ନିକାଣ୍ଡ ଘଟିଯାଇଛି। ଯେଉଁଥିରେ ୩୦ରୁ ଅଧିକ ଦୋକାନ ଘର ଜଳିପୋଡି ପାଉଁଶ ହୋଇଯାଇଛି। ତେବେ କ୍ଷୟକ୍ଷତିର ପରିମାଣ ପାଖାପାଖି ୫୦ଲକ୍ଷ ଟଙ୍କାରୁ ଅଧିକ ହେବ ଅନୁମାନ କରାଯାଉଛି। ଯେହେତୁ ରାତି ୨ଟା ହେବ ଏହି ଘଟଣା ଘଟିଥିଲା ତେବେ ନିଆଁ ଲାଗିବାର ପ୍ରକୃତ କାରଣ ଜଣାପଡି ନଥିଲେ ମଧ ସଟସର୍କିଟ୍‌ରୁ ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି। ଖବର ମୁତାବକ ଗତକାଲି ବିଳମ୍ବିତ ରାତ୍ରୀରେ ଏକ ଦୋକାନରେ ପ୍ରଥମେ ନିଆଁ ଲାଗିଥିଲା। ଏହି ନିଆଁ ଚାହୁଁଚାହୁଁ ଗୋଟିଏ ଲାଇନ୍‌ରେ ଥିବା ସମଗ୍ର ପରିବା ମାର୍କେଟକୁ ବ୍ୟାପୀ ଯାଇଥିଲା। ସେହି ସମୟରେ ପରିବା ମାର୍କେଟ ମଧରେ ଥିବା ଏକ ପୋଷା କୁକୁର ଭୁକିବାରୁ ମାର୍କେଟ ଭିତରେ ଶୋଇଥିବା କିଛି ବ୍ୟବସାୟୀ ଉଠିପଡ଼ିଥିଲେ ଓ ଡକାଡକି ହେବା ବେଳକୁ ନିଆଁ ସବୁ ଦୋକାନ ଘରକୁ ବ୍ୟାପୀ ଯାଇଥିଲା। ଏକା ସମୟରେ ସବୁ ଦୋକାନ ଘର ଗୁଡିକ ଜଳିବାରୁ ଲାଗିଥିଲା। ଏତେ ଭୟଙ୍କର ଥିଲା ଯେ, କେହି କିଛି ଭାବିବା ଆଗରୁ ଉଭୟ ପାର୍ଶ୍ୱର ସମଗ୍ର ପରିବା ମାର୍କେଟ ନିଆଁର ବଳୟ ଭିତରେ ରହିଯାଇଥିଲା। ପରିବା, ଟଙ୍କା, ଓଜନକଣ୍ଟା, ସାଇକଲ, ବାଇକ୍, ବ୍ୟବସାୟୀଙ୍କ ବିଭିନ୍ନ ଆସବାବପତ୍ର ସମ୍ପୂର୍ଣ୍ଣ ଜଳିପୋଡି ପାଉଁଶ ହୋଇଯାଇଥିଲା। ତା' ସହିତ ଏକ ପୋଷା କୁକୁର, ଗୋଟିଏ ସାପ ମଧ ଏହି ନିଆଁରେ ପୋଡି ଯାଇଥିଲା। ଖବର ପାଇବା ପରେ କୁଜଙ୍ଗ ଅଗ୍ନିଶମ ବିଭାଗ, ପାରାଦୀପ ବନ୍ଦର, ପିପିଏଲ୍, ଇଫକୋ ସହିତ ଅନ୍ୟାନ୍ୟ ଶିଳ୍ପସଂସ୍ଥାର ୫ରୁ ଅଧିକ ନିଆଁଲିଭା ଗାଡି ଆସି ପହଞ୍ଚି ଦୀର୍ଘ ଘଣ୍ଟା ଧରି ଅକ୍ଳାନ୍ତ ପରିଶ୍ରମ କରିବା ପରେ ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରିଥିଲେ। ସମଗ୍ର ପାରାଦୀପ ବାସୀଙ୍କ ପରିବା ର ଚାହିଦା ମେଣ୍ଟାଉଥିବା ଏହି ସର୍ବବୃହତ ପରିବା ମାର୍କେଟରେ ରହିଥିବା ଅସ୍ଥାୟୀ ପିଣ୍ଡି ଗୁଡିକ ବାଉଁଶ ଓ ପାଲରେ ତିଆରି ହୋଇଥିବାରୁ ନିଆଁ ଲାଗିବା ପରେଏହାକୁ ଆୟତ୍ତ କରିବା କଷ୍ଟକର ହୋଇ ପଡିଥିଲା ବୋଲି ବଣିକ ସଙ୍ଘର ସଦସ୍ୟ ମାନେ କହିଛନ୍ତି।

ପୂର୍ବରୁ କିଛି ମାସ ତଳେ ଏହିଭଳି ବିଳମ୍ବିତ ରାତ୍ରୀରେ ଅଗ୍ନିକାଣ୍ଡ ଘଟିଥିଲେ ମଧ ବ୍ୟବସାୟୀମାନଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ୨ରୁ ୩ ଟି ଦୋକାନ କ୍ଷତି ହୋଇଥିଲା। ପୁଣି ମାର୍କେଟ ପଛପଟ ବସ୍ତିରେ ମଧ ଅଗ୍ନିକାଣ୍ଡ ଘଟି ବହୁ କ୍ଷୟକ୍ଷତି ହୋଇଥିଲା। ତା' ସହିତ ଏହି ଦୁଇ ବର୍ଷ ମଧ୍ୟରେ ଏହାକୁ ମିଶାଇ ଚାରି ଥର ଅଗ୍ନିକାଣ୍ଡ ଘଟିଲାଣି। ତେବେ ଏଭଳି ଦୁର୍ଘଟଣା କାହିଁକି ବାରମ୍ବାର ଘଟୁଛି ତାକୁ ନେଇ କିଛି ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଗତକାଲିର ଦୁର୍ଘଟଣା ବଡ଼ ପଡ଼ିଆ ପରିବା ମାର୍କେଟର ସମଗ୍ର ବ୍ୟବସାୟୀଙ୍କ ମେରୁଦଣ୍ଡ ଦୋହଲାଇ ଦେଇଛି। ତେବେ କେଉଁ କାରଣରୁ ଅଗ୍ନିକାଣ୍ଡ ଘଟିଛି ତାହା ଜଣା ପଡି ନ ଥିଲେ ମଧ ବ୍ୟାପକ କ୍ଷୟକ୍ଷତି ହୋଇଛି। ସକାଳେ ଖବର ପାଇ ଘଟଣାସ୍ଥଳରେ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ପାରାଦୀପ ନଗର ବିଜେଡି ସଭାପତି କୁମରବର ନାୟକ, ସମୀର ବିଶ୍ୱାଳ, ଚିତ୍ତରଞ୍ଜନ ରାଉତରାୟ, ରଶ୍ମିରଞ୍ଜନ ପରିଡା, ମାନସ ବିଶ୍ୱାଳ, ଅନୁପ ସହାଣୀ ଓ ବହୁ ବିଜେଡି ନେତା, ବିଜେପି ନଗର ସଭାପତି ସୁବ୍ରତ ପ୍ରଧାନ ଓ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଘଟଣାସ୍ଥଳ ପରିଦର୍ଶନ କରି ବ୍ୟବସାୟୀମାନଙ୍କ ସହ ଆଲୋଚନା କରିଥିଲେ। ଏହାର କିଭଳି ସ୍ଥାୟୀ ସମାଧାନ ବ୍ୟବସ୍ଥା କରାଯିବ ସେ ସମ୍ପର୍କରେ ବନ୍ଦର ପ୍ରଶାସନ ଓ ପୌର ପ୍ରଶାସନ ସହିତ ଆଲୋଚନା କରାଯିବା ନେଇ ପ୍ରତିଶ୍ରୁତି ଦେଇଛନ୍ତି। ଖବର ପାଇ ଜଗତସିଂହପୁର ଜିଲ୍ଲା କଂଗ୍ରେସ ସଭାପତି ଦେବପ୍ରସାଦ ନାୟକ, ପାରାଦୀପ ନଗର କଂଗ୍ରେସ ସଭାପତି କେଦାର ବିଶ୍ୱାଳଙ୍କ ସମେତ ଅନେକ କଂଗ୍ରେସ କର୍ମକର୍ତ୍ତା ଘଟଣାସ୍ଥଳରେ ପହଞ୍ଚି କ୍ଷତିଗ୍ରସ୍ତ ଦୋକାନୀମାନଙ୍କୁ ଦେଖା କରି ସାନ୍ତ୍ୱନା ଦେଇଥିଲେ। ଜିଲ୍ଲା କଂଗ୍ରେସ କମିଟି ଉପସଭାପତି ଅଶ୍ୱିନୀ ସ୍ୱାଇଁ, ସମ୍ପାଦକ ସରୋଜ ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ। ଆଜି ସକାଳ ସମୟରେ ବଡ଼ପଡ଼ିଆ ମାର୍କେଟରେ କଞ୍ଚା ପରିବାର ଅଭାବୀ ଦେଖାଦେଇଥିଲା। ଯେହେତୁ ଆଜି ରବିବାର ଆମିଷ ବାର, ତେଣୁ ମାଛ ମାର୍କେଟରେ ଅଧିକ ଗହଳି ଦେଖିବାକୁ ମିଳିଥିଲା।



୨୨୦ ବୋତଲ ମଦ ଜବତ; ୨ ଗିରଫ

ଜଗତସିଂହପୁର, ୨୨।୨(ସମିସ): ଜଗତସିଂହପୁର ସଦର ଥାନା ପୁଲିସ ଦ୍ୱାରା ଏକ ସ୍କୁଟି ସହିତ ୨୨୬ ବୋତଲ (୬୯.୭୫ ଲିଟର) ଚୋରା ମଦ ଜବତ କରାଯାଇଥିବା ବେଳେ ଦୁଇଜଣ ନିଶା ବେପାରୀଙ୍କୁ ଗିରଫ କରାଯାଇଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ରନହୋତା ଗ୍ରାମର ସୁବ୍ରତ ସାହୁ ଏବଂ ଅଡଙ୍ଗା ଗ୍ରାମର ସମୀର ନାୟକ। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।

ଆଦିବାସୀ ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗ

ରଘୁନାଥପୁର, ୨୨।୨(ସମିସ): ଜନୈକା ଆଦିବାସୀ ନାବାଳିକାଙ୍କୁ ପୂରଣ ଗ୍ରାମର ଜନୈକ ଲୋକ ଦୁଷ୍କର୍ମ କରିଥିବା ରଘୁନାଥପୁର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗରୁ ପ୍ରକାଶ, ରଘୁନାଥପୁର ଥାନା ଅନ୍ତର୍ଗତ ପୂରଣ (ବାଙ୍କଲ) ଗ୍ରାମର ଆଦିବାସୀ ସାହିରେ ଆଜି ଅପରାହ୍ନ ଜନୈକ ଆଦିବାସୀ ବ୍ୟକ୍ତି ଓ ତାର ସ୍ତ୍ରୀ କାମକୁ ଯାଇଥିଲେ। ଘରେ ୧୪ ବର୍ଷର ନାବାଳିକା ଥିଲେ। ଏହି ଅବସରରେ ପୂରଣ ଗ୍ରାମର ଗୁନା ପଲେଇଙ୍କ ପୁଅ ମଡିଆ ପଲେଇ (୬୧) ତାଙ୍କ ଘରେ ପଶି ଉକ୍ତ ନାବାଳିକାଙ୍କୁ ଦୁଷ୍କର୍ମ କରିଥିଲା ବୋଲି ପୀଡିତାର ବାପା ଓ ମା' ଥାନାରେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ ଥାନା ଏସ୍‌ଆଇ ଯୋଗେଶ୍ୱର ବେହେରା ଗ୍ରହଣ କରି ତଦନ୍ତ ଆରମ୍ଭ କରିଛନ୍ତି।

ଶୁଖୁଆଖଳାରେ ମୀନାବଜାର



ପାରାଦୀପ,୨୨।୨(ସମିସ): ପାରାଦୀପ ତିନି ନମ୍ବର ୱାର୍ଡ ଶୁଖୁଆଖଳା ଅଞ୍ଚଳରେ ଏକ ମୀନାବଜାର ଆରମ୍ଭ ହୋଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାରାଦୀପ ପୌର ପରିଷଦର ଅଧକ୍ଷ ବସନ୍ତ ବିଶ୍ୱାଳ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ମୀନାବଜାର ଉତ୍ସବ ସାତଦିନ ଧରି ଚାଲିବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। ଏହା ତିନି ନମ୍ବର ୱାର୍ଡର ପାରିଷଦ ସମୀର କୁମାର୍ ସାହୁ ଓ ଶୁଖୁଆଖଳା ବଣିକ ସଙ୍ଘ ସଭାପତି ଧନେଶ୍ୱର ସାହୁଙ୍କ ତତ୍ତ୍ୱାବଧାନରେ ସୂଚାରୁ ରୂପେ ଆୟୋଜିତ ହୋଇଛି। ଏଠାରେ ସମସ୍ତ ପ୍ରକାର ସାମଗ୍ରୀ ଓ ଖାଇବା ଷ୍ଟଲ ଆଦି ଦେଖିବାକୁ ମିଳିଛି। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ମଧ ଆୟୋଜନ କରାଯାଉଛି।

ଆଇନସେବା ପ୍ରାଧିକରଣର ସଚେତନତା କାର୍ଯ୍ୟକ୍ରମ



ଜଗତସିଂହପୁର,୨୨।୨(ସମିସ): ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଜିଲ୍ଲା ଓ ଦୌରା ଜଜ୍ ତଥା ପ୍ରାଧିକରଣ ଅଧକ୍ଷ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ନିର୍ଦ୍ଦେଶକ୍ରମେ ନାଉଗାଁ ବ୍ଲକ ଅନ୍ତର୍ଗତ ଅଙ୍ଗେଶ୍ୱରପଡା ସ୍ଥିତ ମୁଣ୍ଡାସାହିରେ ଜାତୀୟ ଆଇନସେବା ପ୍ରାଧିକରଣର ଅନୁସୂଚିତ ଜନଜାତି ବର୍ଗର ବ୍ୟକ୍ତିମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବା "ସମ୍ବାଦ" ଯୋଜନା ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଇନସେବା ପ୍ରାଧିକରଣ ସଚିବଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଶିଖର ଗ୍ରାମ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ପାରା ଲିଗାଲ ସ୍ୱେଚ୍ଛାସେବୀ ଓ ଅନୁସୂଚିତ ଜନଜାତି ବର୍ଗର ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ସରପଞ୍ଚ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ସଚିବ "ସମ୍ବାଦ" ଯୋଜନା ବିଷୟରେ ଆଲୋଚନା କରିଥିଲେ। ଜାତୀୟ ଆଇନ ସେବା ପ୍ରାଧୀକରଣ ଆଇନ ୧୯୮୭ର ଧାରା ୧୨ ଅନୁଯାଇ ଆଇନସେବା ପ୍ରାଧିକରଣ ତରଫରୁ ଅନୁସୂଚିତ ଜନଜାତି ବର୍ଗର ବ୍ୟକ୍ତିମାନଙ୍କ ପାଇଁ ନିଃଶୁଳ୍କ ଆଇନସେବା ଯୋଗାଇ ଦିଆଯାଇଥାଏ। ଅଦାଲତରେ ଯେ କୌଣସି ମୋକଦ୍ଦମାର ପରିଚାଳନା ପାଇଁ ମାଗଣାରେ ଆଇନଜୀବୀ ନିଯୋଜିତ କରାଯାଏ। ଆଇନ ସହାୟତା ପାଇବା ପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ଏକ ଆବେଦନ ପତ୍ର ଦାଖଲ କରିବାକୁ ପଡିଥାଏ କିମ୍ବା ଜାତୀୟ ଆଇନ ସେବା ପ୍ରାଧିକରଣ ହେଲ୍ପ ଲାଇନ ନମ୍ବର ୧୫୧୦୦ରେ ଯୋଗାଯୋଗ କରିହେବ। କେବଳ ଆଇନଗତ ସହାୟତା ନୁହେଁ; ଯଦି ଅନୁସୂଚିତ ବର୍ଗର ବ୍ୟକ୍ତିମାନେ ସରକାରୀ ଯୋଜନା, ଜାତିଗତ ପ୍ରମାଣପତ୍ର, ଜନ୍ମ ପ୍ରମାଣପତ୍ର, ଶ୍ରମ କାର୍ଡରୁ ବଞ୍ଚିତ ହେଉଥାନ୍ତି; ତେବେ ଜିଲ୍ଲା ଆଇନସେବା ପ୍ରାଧିକରଣ ସହ ଯୋଗାଯୋଗ କରିବାକୁ ସଚିବ ସଚେତନ କରାଇଥିଲେ। ପରିଶେଷରେ ସମିତିସଭ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

ସର୍ବସାଧାରଣ ସ୍ଥାନ ପ୍ଲାଷ୍ଟିକ୍ ମୁକ୍ତ କରିବାକୁ ସଚେତନତା



ପାରାଦୀପ,୨୨।୨(ସମିସ): ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ମିଳିତ ଭାବେ ରାଜ୍ୟର ବିଭିନ୍ନ ସର୍ବସାଧାରଣ ସ୍ଥାନକୁ ପ୍ଲାଷ୍ଟିକ୍ ମୁକ୍ତ ରଖିବା ପାଇଁ ପଦକ୍ଷେପ ନିଆଯାଉଛି। ମାନବ ସ୍ୱାସ୍ଥ୍ୟ, ପ୍ରାଣୀ ଏବଂ ସାମୁଦ୍ରିକ ଜୀବନ ଉପରେ ଏକକ ବ୍ୟବହାର ପ୍ଲାଷ୍ଟିକର ଭୟାବହତା ବିଷୟରେ ଜନସାଧାରଣଙ୍କୁ ସଚେତନ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଏଏମ୍/ଏନ୍‌ଏସ୍ ଇଣ୍ଡିଆର ପାରାଦୀପ ପେଲେଟ୍ ପ୍ଲାଣ୍ଟ ଟିମ୍ ଏବଂ ପାରାଦୀପସ୍ଥିତ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ ମିଳିତ ସହଯୋଗରେ ଏକ ସଚେତନତା ଅଭିଯାନ ଆୟୋଜନ କରିଥିଲେ। ଯେଉଁଥିରେ ପରିବେଶ ସୁରକ୍ଷା ପାଇଁ ସାମୂହିକ ଶପଥ ପାଠ କରାଯିବା ସହ ସର୍ବସାଧାରଣ ସ୍ଥାନ ଓ ପିକନିକ୍ ସ୍ପଟ୍ ଗୁଡ଼ିକରେ ଉଚିତ ଓ ଅନୁଚିତ ପଦକ୍ଷେପ ବିଷୟରେ ପ୍ରଚାରପତ୍ର ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ପୁଷ୍ପଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧରେ ଏଏମ୍/ଏନ୍‌ଏସ୍ ଇଣ୍ଡିଆ ପକ୍ଷରୁ ପାରାଦୀପ ପେଲେଟ୍ ପ୍ଲାଣ୍ଟ, ସ୍ଲରି ପାଇପ ଲାଇନ ଓ ଏଏମ୍/ଏନ୍‌ଏସ୍ ପୋର୍ଟ୍ସର ମୁଖ୍ୟ ସିଏଚ୍ ହରିପ୍ରସାଦ, ଓଡ଼ିଶା ପରିବେଶ ବିଭାଗ ମୁଖ୍ୟ ଶୁଭେନ୍ଦୁ କୁମାର ଦାଶ, ପାରାଦୀପ ପେଲେଟ୍ ପ୍ଲାଣ୍ଟ କମ୍ପ୍ଲେକ୍ସର ପରିବେଶ ବିଭାଗ ପ୍ରବନ୍ଧକ ଦେବଦତ୍ତ ଦାସ ଏବଂ ମନ୍ଦିର ଟ୍ରଷ୍ଟର ସଦସ୍ୟମାନେ ଉପସ୍ଥିତ ଥିଲେ। ସେହିପରି କେନ୍ଦୁଝରସ୍ଥିତ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଜଙ୍ଗଲ ବିଭାଗର ସହଯୋଗରେ ଏଏମ୍/ଏନ୍‌ଏସ୍ ଇଣ୍ଡିଆ ପକ୍ଷରୁ ଆନନ୍ଦପୁରର ଗଡ଼ଚଣ୍ଡୀ ପିକନିକ୍ ସ୍ପଟରେ ଏକ ସପ୍ତାହବ୍ୟାପୀ ପ୍ଲାଷ୍ଟିକ୍ ମୁକ୍ତ ଅଭିଯାନ ଆୟୋଜନ କରାଯାଇଥିଲା। ହଦଗଡ଼ ରେଞ୍ଜ ଅଫିସର ।ଶୀଲ କିସ୍କୁଙ୍କ ଦ୍ୱାରା ଏହି ଅଭିଯାନର ଉଦ୍‌ଘାଟନ କରାଯାଇଥିବା ବେଳେ ଏହି ଅବସରରେ ସ୍ଥାନୀୟ ସରପଞ୍ଚ, ଗଡ଼ଚଣ୍ଡୀ ମନ୍ଦିର କମିଟିର ସଦସ୍ୟ ଏବଂ ଏଏମ୍/ଏନ୍‌ଏସ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ଲାଷ୍ଟିକ୍ ମୁକ୍ତ ସର୍ବସାଧାରଣ ସ୍ଥାନ ପାଇଁ ଜୈବ ଅବକ୍ଷୟଯୋଗ୍ୟ ସାମଗ୍ରୀର ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ଉଭୟ ସ୍ଥାନରେ ପ୍ରଚାର ପତ୍ର, କାଗଜ ପ୍ଲେଟ୍ ଏବଂ କାଗଜ ଗ୍ଲାସ୍ ବଣ୍ଟନ କରାଯାଇଥିଲା। ପରିବେଶ ପରିଷ୍କାର ପରିଚ୍ଛନ୍ନତା ସୁନିଶ୍ଚିତ କରିବା, ପରିବେଶ ସନ୍ତୁଳନ ବଜାୟ ରଖିବା ଏବଂ ଏକ ଦୀର୍ଘସ୍ଥାୟୀ ଭବିଷ୍ୟତ ପାଇଁ ସଚେତନତା ସୃଷ୍ଟି କରିବା ଏହି ପ୍ରୟାସର ଉଦ୍ଦେଶ୍ୟ ଥିଲା।

ଜାଗୁଳାଇଙ୍କ ପୀଠରେ ଗୁରୁକୃପା ମହୋତ୍ସବ



ନାଉଗାଁ,୨୨।୨(ସମିସ): ନାଉଗାଁ ବ୍ଲକ ଅନ୍ତର୍ଗତ ତିହୁଡାସ୍ଥିତ ମା'ଜାଗୁଳାଇଙ୍କ ପୀଠରେ ଶ୍ରୀଜଗନ୍ନାଥ ସଂସ୍କୃତିର ଅନ୍ତର୍ରାଷ୍ଟ୍ରୀୟ ପ୍ରଚାରକ ବାବାଜୀ ସତ୍ୟାନନ୍ଦ ଦାସଙ୍କ ୫୦ତମ ସ୍ୱନକ୍ଷତ୍ର ଅବସରରେ ଗୁରୁକୃପ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଓଡ଼ିଶା ସାଧୁସନ୍ଥ ସମାଜର ସଭାପତି ତଥା ଗୋଠଦା ମଠର ମହନ୍ତ ଚିନ୍ତାମଣି ପର୍ବତ, ରାଧାବଲ୍ଲଭ ମଠାଧୀଶ ମହନ୍ତ ମହାରାଜ ରାମକୃଷ୍ଣ ଦାସ, ବାବାଜୀ ଦାମୋଦର ଦାସଙ୍କ ସମେତ ବିଭିନ୍ନ ଜିଲ୍ଲାର ମଠ ଓ ଆଶ୍ରମ ଆଦିରୁ ବରେଣ୍ୟ ସାଧୁସନ୍ଥ ମାନେ ଆସି ଯୋଗଦେଇ ଉପସ୍ଥିତ ଶ୍ରଦ୍ଧାଳୁ ମାନଙ୍କୁ ଆଶ୍ରିବଚନ ପ୍ରଦାନ କରିଥିଲେ। ଏଥିସହିତ ଏହି ଉତ୍ସବରେ ସଦଗୁରୁ ପୂଜନ, ସତ୍ୟ ସେବାମଣ୍ଡଳ କାର୍ଯ୍ୟକ୍ରମ, ସାଧୁସନ୍ଥ ସମ୍ମିଳନୀ ସହିତ ଭଜନ କୀର୍ତ୍ତନ ଆଦିର ଆୟୋଜନ ମଧ କରାଯାଇଥିଲା।

ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ

ଜଗତସିଂହପୁର,୨୨।୨(ସମିସ): ଜଗତସିଂହପୁର କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଏକବିଂଶତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକଟି ପ୍ରଫେସର୍ ପ୍ରସନ୍ନଜିତ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା ଏବଂ ଡ. ଶ୍ରବାଣୀ ଦାସ (ଯୁଗ୍ମ ନିର୍ଦ୍ଦେଶକ, ସୂଚନା) ଏହାକୁ ପରିଚାଳନ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ସଫଳତା ଏବଂ ଆଗାମୀ ବର୍ଷର ବାର୍ଷିକ ଖସଡ଼ା ପ୍ରସ୍ତୁତ ନିମନ୍ତେ ଏହି ବୈଠକଟି ଉଦ୍ଦିଷ୍ଟ ଥିଲା। ବୈଜ୍ଞାନିକ ଡ. କଲ୍ୟାଣ ଆଭାସୀ ମାଧ୍ୟମରେ ଯୋଗଦାନ କରି କୃଷି ବିଜ୍ଞାନ କେନ୍ଦ୍ରର ଉନ୍ନତି ନିମନ୍ତେ ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। ଏହି ଅବସରରେ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରୁ ମୁଖ୍ୟ, କୃଷି ପାଣିପାଗ ବିଭାଗ ପ୍ରଫେସର୍ ତୁଷାର ରଞ୍ଜନ ମହାନ୍ତି, ସହଯୋଗୀ ଗବେଷଣା ନିର୍ଦ୍ଦେଶକ ଆଞ୍ଚଳିକ କୃଷି ଗବେଷଣା ଓ ସମ୍ପ୍ରସାରଣ କେନ୍ଦ୍ର ଭୁବନେଶ୍ୱର ପ୍ରଫେସର୍ ପ୍ରମୋଦ କୁମାର ପଣ୍ଡା ଯୋଗ ଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ଜୀବନଜିତ୍ ସେନ୍ କେନ୍ଦ୍ରର ବାର୍ଷିକ ବିବରଣୀ ପାଠ କରିଥିଲେ। ଏଥିରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ କୁଳମଣି ବାରିକ୍, ପ୍ରାଣୀ ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଅଜୟ କୁମାର ସାହୁ, ମତ୍ସ୍ୟ ଅଧିକାରୀ ତିର୍ତ୍ତୋଲ ଗୋବିନ୍ଦ ପ୍ରଧାନ, ସହକାରୀ ନିର୍ଦ୍ଦେଶକ ମୃତ୍ତିକା ସଂରକ୍ଷଣ ମୋନାଲିସ ହୋତା, ଲିଡ୍ ବ୍ୟାଙ୍କ୍ ପ୍ରବନ୍ଧକ ଅନିଲ୍ କୁମାର ପ୍ରଧାନ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଙ୍କ ପ୍ରତିନିଧି ପ୍ରିୟଙ୍କା ପଟ୍ଟନାୟକ, ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ସତ୍ୟରଞ୍ଜନ ଦାସ, ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ, କୃଷି ବିଜ୍ଞାନ କେନ୍ଦ୍ର କଟକ, କେନ୍ଦ୍ରାପଡ଼ା ଓ ପୁରୀ ଯୋଗଦେଇ ସୁଚିନ୍ତିତ ମତାମତ ଓ ଉପଦେଶ ଦେଇଥିଲେ। ଏହି ଜିଲ୍ଲାର ଚାରି ଜଣ ଅଗ୍ରଣୀ ଚାଷୀ ପ୍ରତିନିଧି ପ୍ରମୁଖ ଯୋଗ ଦେଇ ନିଜର ଚାଷରେ ସୁବିଧା ଅସୁବିଧା ଜଣାଇଥିଲେ। ଏହି ଅବସରରେ ସମାଚାର ପତ୍ରିକା, କୃଷିଶ୍ରୀ ସହିତ ଅନ୍ୟାନ୍ୟ ୫ ଗୋଟି କୃଷି ଭିତ୍ତିକ ଉପାଦେୟ ପୁସ୍ତକ ଉନ୍ମୋଚନ ହୋଇଥିଲା।

ଶିଶୁ ମନ୍ଦିରରେ ଶିଶୁବାଟିକା, ବିଜ୍ଞାନ ମେଳା



ଜଗତସିଂପୁର,୨୨।୨(ସମିସ): ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଅନ୍ତର୍ଗତ ବୋରିକିନା ପଞ୍ଚାୟତ ବରଗୁଡ଼ିପଡ଼ା ସରସ୍ୱତୀ ଶିଶୁମନ୍ଦିରରେ ଶିଶୁ ବାଟିକା, ବିଜ୍ଞାନ ମେଳା ଓ ମୀନାବଜାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଅଭିମନ୍ୟୁ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବାଲିକୁଦା ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟର ଅବସରପ୍ରାପ୍ତ ସହକାରୀ ମଣ୍ଡଳ ଶିକ୍ଷା ଅଧିକାରୀ ଆଦିକନ୍ଦ ଦାସ ଉଦ୍‌ଘାଟନ କରିଥିବା ବେଳେ ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ସାହୁ ମୁଖ୍ୟଅତିଥି, ରାମୋତଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ବାରିକ ମୁଖ୍ୟ ବିଚାରକ ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ସଭାପତି ପ୍ରକାଶ କୁମାର ସାହୁ, ମୁଖ୍ୟ ଉପଦେଷ୍ଟା ନିରଞ୍ଜନ ଦାଶ ଏବଂ ଉପଦେଷ୍ଟା ଉମେଶଚନ୍ଦ୍ର ଲେଙ୍କା ବିଚାରକ ଭାବରେ ଯୋଗ ଦେଇଥିଲେ। ବିଦ୍ୟାଳୟର ସହ ପ୍ରଧାନ ଆଚାର୍ଯ୍ୟା ସୁଶ୍ରୀ ସୌଭାଗିନୀ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ରମାକାନ୍ତ ଗୁରୁଜୀ, ମାନସୀ ଗୁରୁମା, ପ୍ରିୟଙ୍କା ଗୁରୁମା, ଜୟଶ୍ରୀ ଗୁରୁମା, ଲିପ୍ସା ଗୁରୁମା ଏବଂ ରାଜଶ୍ରୀ ଗୁରୁମା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବାଟିକା ପ୍ରଦର୍ଶନୀରେ ୨୭ଟି ହାତ ତିଆରି ଜିନିଷ ସ୍ଥାନ ପାଇଥିବା ବେଳେ ୧୮ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ମୀନାବଜାରରେ ୮ ଜଣ ଛାତ୍ରଛାତ୍ରୀଙ୍କ ହାତ ତିଆରି ବିଭିନ୍ନ ସ୍ୱାଦିଷ୍ଟ ଖାଦ୍ୟ ସ୍ଥାନ ପାଇଥିଲା। ଉକ୍ତ ବିଜ୍ଞାନମେଳା, ଶିଶୁବାଟିକା ଓ ମୀନବଜାରରୁ ମୋଟ ୧୭ ଜଣ ଶିଶୁ ଛାତ୍ରଛାତ୍ରୀ ମାନଙ୍କୁ ୧ମ, ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିବାର ଘୋଷଣା କରାଯାଇ ଥିଲା।

ମେଘମହ୍ଲାର ସାରସ୍ୱତ ଆସର ଓ କବିତା ପାଠୋତ୍ସବ

'ଲୋକମୁଖର ଭାଷା ବ୍ୟବହାର ହେଲେ ସାହିତ୍ୟ କାଳଜୟୀ ହୋଇପାରିବ'

ପାରାଦୀପ,୨୨।୨(ସମିସ)



ସାହିତ୍ୟରେ ମଣିଷର ଭାବାବେଗ, ଅଭାବବୋଧ, ଅସହାୟ ଓ ଜୀବନରେ ଘଟିଯାଉଥିବା ଘଟଣା ସାଧାରଣ ଭାଷାରେ ରୂପ ପାଇ ପାରିଲେ ତାହା ଜନାଦୃତ ହୋଇପାରିବ ବୋଲି ପାରାଦୀପଠାରେ ଆୟୋଜିତ ସାରସ୍ୱତ ଆସରରେ ମତ ପ୍ରକାଶ ପାଇଛି। ଓଡିଶା ସାହିତ୍ୟ ଏକାଡେମୀ ଓ ମେଘମହ୍ଲାର ମିଳିତ ସହଯୋଗରେ ଅଫିସର୍ସ କ୍ଲବ ସଭାକକ୍ଷରେ ସଭାପତି ଡ. କେଶବଚନ୍ଦ୍ର ଦଳାଇଙ୍କ ଅଧକ୍ଷତାରେ ଆୟୋଜିତ ଏକଦିବସୀୟ ସାରସ୍ୱତ ଆସର ଓ କବିତା ପାଠୋତ୍ସବକୁ ସାଂସଦ ଡ. ବିଭୁପ୍ରସାଦ ତରାଇ ଉଦ୍‌ଘାଟନ କରିଥିଲେ। ସାହିତ୍ୟ ସମାଜର ଦିକ୍ଷାଗୁରୁ ଭାବରେ ମଣିଷର ଆବେଗ ସହିତ ଯୋଡି ହେବା ସହିତ ଜୀବନକୁ ଦିଗ୍ ଦର୍ଶନ ଦେଇଥାଏ ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କୃତ କବି ଡ. ରଞ୍ଜିତା ନାୟକ ସାହିତ୍ୟ ବିନା ସୁନ୍ଦର ସମାଜ ଅସମ୍ଭବ ବୋଲି କହିଥିଲେ। ମୁଖ୍ୟବକ୍ତା ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କୃତ କବି ପୀତାମ୍ବର ତରାଇ ସତ୍ୟର ଅନୁସରଣ କରିବା ପାଇଁ ସାହିତ୍ୟ ହିଁ ଏକମାତ୍ର ମାଧ୍ୟମ ବୋଲି କହିଥିଲେ। କ୍ୟାନମାସ ସଂପାଦକ ଶ୍ରୀମନ ନାରାୟଣ ମିଶ୍ର, କବି ଚିରଶ୍ରୀ ଇନ୍ଦ୍ରସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜଗତସିଂହପୁରର ତିନିଜଣ ସୃଜନ ସାଧକ ଡ. ରଘୁ ସାହୁଙ୍କୁ ଆଦିକବି ସାରଳାଦାସ ସାଧନା ସମ୍ମାନ, ଶରତ କୁମାର ମହାପାତ୍ରଙ୍କୁ ସାରଳା ଦାସ ସାହିତ୍ୟ ସମ୍ମାନ ଓ ଇଂ. ନିର୍ମଳ ଚନ୍ଦ୍ର ରାଉତଙ୍କୁ ଶୁଦ୍ରମୁନି କାବ୍ୟ କବିତା ସମ୍ମାନ ପ୍ରଦାନ କରିଯାଇଥିଲ। ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ସାହିତ୍ୟ ମାନବବାଦର ଜନ୍ମଦାତା ବୋଲି କହିବା ସହିତ ସାହିତ୍ୟିକମାନଙ୍କ ଭାବାବେଗ ସହିତ ଯୋଡ଼ିହେବା ପାଇଁ ଏକାଡେମୀର ଗୁରୁ ଦାୟିତ୍ୱ ରହିଛି ବୋଲି କହିଥିଲେ। ଦିତୀୟଅଧିବେଶନରେ ଡ. ରଘୁ ସାହୁଙ୍କ ପୌରୋହିତ୍ୟ କରିଥିବା ବେଳେ ଅତିଥି ଭାବେ କବି ଉମାକାନ୍ତ ନାୟକ, ମୋନାଲିସା ସଂପାଦିକା ସଂଘମିତ୍ରା ସ୍ୱାଇଁ, କବି ଅୟସକାନ୍ତ ଯୋଗଦେଇଥିଲେ। ଏଥିରେ କବି ପ୍ରଭାତୀ ମାଝୀ, ସଂଗୀତା ପଣ୍ଡା, ତୁଳସୀ ବରାଳ, ମହାଶ୍ୱେତା ଓଝାଙ୍କ ସଂଯୋଜନାରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା କବି ଅମିୟ ମହାପାତ୍ର, ମୋହିତ ଚକ୍ରବର୍ତ୍ତୀ, ପ୍ରେମାନନ୍ଦ ଖଣ୍ଡୁଆଳ, ବନମାଳୀ ସେନାପତି, ବାମଦେବ ସ୍ୱାଇଁ, ରମେଶ ପତି, କାମଦେବ ମହାରଣା, ବିଜୟ ମୁଦୁଲି, ଉମାକାନ୍ତ ମହାପାତ୍ର, ପୂଜାଶ୍ରୀ ସେଠୀ, ସୁଶ୍ରୀ ଶୁଭସ୍ମିତା ମିଶ୍ର, ଦିପ୍ତି ଖଣ୍ଡୁଆଳ, ଗୀତା ଦାସ, ରମେଶ ବହିରା, ମନ୍ମଥ ବରାଳ, ଡ. ଶ୍ରୀଧର ସାମଲ, ବୃନ୍ଦାବନ ଦାସ ପ୍ରମୁଖ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଏକାଡମୀର ସହ ସଚିବ ସଞ୍ଜୟ ଛୁଆଳସିଂହ ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ବିଜୟ ଖଟେଇ ଧନ୍ୟବାଦ ଅର୍ପଣ କରିଥିଲେ।

କଲାମ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ



ପାରାଦୀପ,୨୨।୨(ସମିସ): ପାରାଦୀପ ତାରିଣୀ ଗଡ଼ା ଠାରେ ଥିବା କଲାମ ପବ୍ଲିକ ସ୍କୁଲର ପ୍ରଥମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ସ୍କୁଲର କୁନିକୁନି ପିଲାମାନଙ୍କ ଦ୍ୱାରା ବିଭିନ୍ନ ନୃତ୍ୟ ପରିବେଷଣ କରାଯାଇଥିଲା। ବାର୍ଷିକ ଉତ୍ସବ ଅବସରରେ ଉପସ୍ଥିତ ଅତିଥିମାନେ ବିଦ୍ୟାଳୟର ଉନ୍ନତି କାମନା କରିଥିଲେ। ଅତିଥି ଭାବେ ସ୍କୁଲର ଏମ୍‌ଡି ଅଶୋକ କୁମାର ବିଶ୍ୱାଳ, ସମ୍ପାଦକ ତାପସ କୁମାର ବିଶ୍ୱାଳ ଓ କୋଷାଧକ୍ଷ ଆଲୋକ କୁମାର ବିଶ୍ୱାଳ ଯୋଗ ଦେଇଥିଲେ। ସ୍କୁଲର ଅଧକ୍ଷା ସୁଚିସ୍ମିତା ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ସ୍କୁଲର ଭାଇସ ପ୍ରିନ୍ସିପାଲ ସରୋଜିନୀ ସେଠୀ, ଶିକ୍ଷୟତ୍ରୀ ଗୀତାଞ୍ଜଳି ସାହୁ, କଳ୍ପନା ନାୟକ, ତୃପ୍ତିମୟୀ ଲେଙ୍କା, ଯସ୍ମିନୀ ପରିଡା, ଅଭିସ୍ମିତା ସ୍ୱାଇଁ ଓ ଶୁଭ୍ରଜିତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

ଜିଲ୍ଲା କଂଗ୍ରେସ ପଦାଧିକାରୀଙ୍କ ବୈଠକ



ବାଲେଶ୍ୱର,୨୨।୨(ସମିସ): ବାଲେଶ୍ୱର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଜିଲ୍ଲା କଂଗ୍ରେସ କମିଟିରେ ସ୍ଥାନ ପାଇଥିବା ସମସ୍ତ ପଦାଧିକାରୀଙ୍କୁ ସମ୍ବର୍ଦ୍ଧନା ଓ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସ ଏହି ବୈଠକରେ ପୌରୋହିତ୍ୟ କରି ଆସନ୍ତା ୧୦ ଦିନ ମଧ୍ୟରେ ବ୍ଲକ୍ କଂଗ୍ରେସ କମିଟି ଏବଂ ଜୋନ ସଭାପତି ଚୟନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାଛଡା ପ୍ରତି ମାସରେ ବିଧାନସଭା ନିର୍ବାଚନ ମଣ୍ଡଳୀ ସ୍ତରରେ ଏକ ମିଶ୍ରଣ ପର୍ବ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ସଞ୍ଜୀବ ଗିରି, ରେମୁଣା ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ଜଳେଶ୍ୱର କଂଗ୍ରେସ ନେତା ସୁଦର୍ଶନ ଦାସ, ବସ୍ତା ନେତା ବିଜନ ନାୟକ, ସୋର ନେତା ସୁବ୍ରତ ଧଡ଼ା, ସିମୁଳିଆ ନେତା ହିମାଂଶୁ ବେହେରା, ସଦର ନେତା ସରୋଜ ଲେଙ୍କା, ଜିଲ୍ଲା ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ ପ୍ରମୁଖ ଉଦବୋଧନ ଦେଇଥିଲେ। ଉପସ୍ଥିତ ଜିଲ୍ଲାର ବିଭିନ୍ନ ପଦାଧିକାରୀ ନିଜର ସୁଚିନ୍ତିତ ମତାମତ ଦେଇଥିଲେ। ଜିଲ୍ଲା ସଂଖ୍ୟା ଲଘୁ ସେଲ୍ ଅଧ୍ୟକ୍ଷ ଅଜଗର ଅଲ୍ଲୀ, ମନରେଗା ସଂଯୋଜକ ନିଶିଥ ବାରିକ, ଆର ଜି ପି ଆର ଏସ ଅଧ୍ୟକ୍ଷ ଆଶିଷ ପଟ୍ଟନାୟକ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ।

ରାଧାରମଣ ଷଡ଼ଙ୍ଗୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

ବାଲେଶ୍ୱର,୨୨।୨(ସମିସ): ବିଶିଷ୍ଟ ବାମପନ୍ଥୀ ଶ୍ରମିକ ନେତା ରାଧାରମଣ ଷଡଙ୍ଗୀଙ୍କ ପ୍ରତିମୂର୍ତ୍ତି ମୋଟର ଟ୍ରାନ୍ସପୋର୍ଟ ୱାର୍କର୍ସ ୟୁନିଅନ ଅଫିସ ରେ ଉନ୍ମୋଚନ ହୋଇଯାଇଛି। ପ୍ରଥମେ ସିଆଇଟିୟୁର ରାଜ୍ୟ ସମ୍ପାଦକ ତଥା ସର୍ବଭାରତୀୟ ଉପସଭାପତି ବିଷ୍ଣୁ ମହାନ୍ତି ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ କମ୍ରେଡ ଅସିତ୍ ବରଣ ଦାସ ଙ୍କ ସଭାପତିତ୍ୱରେ ରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ସିଆଇଟିୟୁର ରାଜ୍ୟ ସମ୍ପାଦକ ଉଲ୍ଲାସ ସ୍ୱାଇଁ ରାଧାରମଣ ଷଡଙ୍ଗୀଙ୍କ ତ୍ୟାଗପୂତ ଜୀବନୀ ଉପରେ ଆଲୋଚନା କରିଥିଲେ। ଉକ୍ତ ସଭାରେ ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ସି ଆଇ ଟି ୟୁ ର ଜିଲ୍ଲା ସାଧାରଣ ସମ୍ପାଦକ ବିଜୟ କୁମାର ପାତ୍ର, ଜିଲ୍ଲା ସଭାପତି ରାଜକିଶୋର ଲେଙ୍କା, କୃଷକ ସଭାର ରାଜ୍ୟ ନେତା ସିତାଂଶୁ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

ବିଶ୍ୱ ଚିନ୍ତନ ଦିବସ

ବାଲେଶ୍ୱର,୨୨।୨ (ସମିସ): ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ ଏଣ୍ଡ ଗାଇଡ୍ସ ପକ୍ଷରୁ ବିଶ୍ୱ ଚିନ୍ତନ ଦିବସ ସ୍ଥାନୀୟ ଡା. ଯଦୁନାଥ ମହାବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟର ପ୍ରଥମ ସମ୍ପାଦକ ସ୍ୱର୍ଗତଃ ଜଗନ୍ନାଥ ଜୀଙ୍କ ନାମରେ ରୋଭର୍ସ



କ୍ରିୟୁ ଏବଂ ତାଙ୍କ ପତ୍ନୀ ସ୍ୱର୍ଗତଃ ଲକ୍ଷ୍ମୀପ୍ରିୟା ଜୀଙ୍କ ନାମରେ ରେଞ୍ଜର ଟିମ୍‌କୁ ନାମିତ କରାଯାଇଛି। ଏହି ଉପଲକ୍ଷେ କଲେଜ ପରିସରରେ ଆୟୋଜିତ ଉତ୍ସବରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଜଗନ୍ନାଥ ଜୀ ଏବଂ ଲକ୍ଷ୍ମୀପ୍ରିୟା ଦେବୀଙ୍କର ତୈଳଚିତ୍ରକୁ କଲେଜର ସ୍କାଉଟ ଆଣ୍ଡ ଗାଇଡ୍ କାର୍ଯ୍ୟାଳୟରେ ଅନାବରଣ କରିଥିଲେ। କାର୍ଯ୍ୟକ୍ରମରେ କଲେଜର ଅଧ୍ୟକ୍ଷା ତୃପ୍ତିଲତା ଦାସ ଅଧ୍ୟକ୍ଷତା କରି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଜୟନ୍ତ କୁମାର ଦ୍ୱିବେଦୀ, ପୂର୍ବତନ ଛାତ୍ରସଂସଦର ସଭାପତି ଦିଲ୍ଲୀପ କୁମାର ଦ୍ୱିବେଦୀ, ମହାବିଦ୍ୟାଳୟର ପ୍ରଥମ ଅଧ୍ୟକ୍ଷ ଭାଗିରଥୀ ପଣ୍ଡା, ଆଲୋକ କୁମାର ଜୀ, ସହସମ୍ପାଦକ ଚିତରଞ୍ଜନ ପାଣିଗ୍ରାହୀ, କୋଷାଧକ୍ଷ ସତ୍ୟନାରାୟଣ ଘଣ୍ଟା, ରଜତ କୁମାର ପାତ୍ର, ଯୁଗଳ କିଶୋର ମହଲ ଏବଂ ଶିବାଜୀ ପ୍ରମୁଖ ଯୋଗ ଦେଇଥିଲେ।

ବାଙ୍କତିରା ଜଳସେଚନ ପ୍ରକଳ୍ପ

ଟେଣ୍ଡରକୁ ବିତିଲା ୩ ବର୍ଷ; ଜମି ଅଧିଗ୍ରହଣ ନୋହିଲା

ବାଲେଶ୍ୱର,୨୨।୨(ସମିସ)



ଗୋଟିଏ ପଟେ ପ୍ରକଳ୍ପ କାମ ପାଇଁ ଜମି ଅଧିଗ୍ରହଣ ହୋଇନଥିବା ବେଳେ ଅନ୍ୟପଟେ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହେବାର ଡ଼ିଣ୍ଡିମ ପିଟୁଛନ୍ତି ସରକାର। ଏ ହେଉଛି ବହୁ ପ୍ରତୀକ୍ଷିତ ବାଲେଶ୍ୱରର ବାଙ୍କତିରା ଜଳସେଚନ ପ୍ରକଳ୍ପ। ଦୀର୍ଘ ବର୍ଷ ପରେ ବି ପ୍ରକଳ୍ପ କାମରେ ଅଗ୍ରଗତି ନାହିଁ। ଚଳିତବର୍ଷ ଏପ୍ରିଲ ମାସରେ ସରିବ କାର୍ଯ୍ୟ ଶେଷ ଲକ୍ଷ୍ୟ। ହେଲେ ତିନି ବର୍ଷ ପରେ ବି କାମ ତ ଦୂରର କଥା ଜମି ଅଧିଗ୍ରହଣ କରାଯାଇନାହିଁ। ପ୍ରକଳ୍ପ ପାଇଁ ଡ୍ରଇଂ ଓ ଡିଜାଇନ୍ ପ୍ରସ୍ତୁତ ରହିଛି। ହେଲେ କାମ ଆରମ୍ଭ ହୋଇପାରୁନାହିଁ।

ସୂଚନାଯୋଗ୍ୟ, ଲୁଣା ପାଣି ପ୍ରଭାବିତ ସଦର ନିର୍ବାଚନ ମଣ୍ଡଳୀର ଛାନୁଆ, ଓଡଙ୍ଗୀ, ଓଲନ୍ଦାସାରଗାଁ, ଗୋପୀନାଥପୁର, ବାହାବଳପୁର, ନଗ୍ରମ, ବୁଆଁଳ, ସିନ୍ଧିଆ, ପଥରପଡା, କଷାଫଳ, ପରିଖି, ଦୁବୁଲାଗଡି, ବଇଁଚା ଓ ଚାନ୍ଦିପୁର, କୁରାଡିହା ଓ ସୋଲପଟା ଆଦି ପଞ୍ଚାୟତରେ ଚାଷ ଜମି ଜଳସେଚନ ଅଭାବରୁ ପଡିଆ ପଡୁଛି। କେବଳ ବର୍ଷାଜଳ ଉପରେ ନିର୍ଭରଶୀଳ ଚାଷୀଙ୍କୁ ଅଦିନିଆ ବର୍ଷା ଓ ସ୍ୱଳ୍ପ ବୃଷ୍ଟି ଦାଉ ସାଧୁଛି। ମୟୂରଭଞ୍ଜର ଶିମିଳିପାଳଠାରୁ ବାହାରି ବାଲେଶ୍ୱର ଜିଲ୍ଲାର ରେମୁଣା ଓ ସଦର ନିର୍ବାଚନ ମଣ୍ଡଳୀ ଦେଇ ପ୍ରବାହିତ ହେଉଥିବା ବୁଢାବଳଙ୍ଗ ନଦୀରେ କୌଣସି ଜଳସେଚନ ବ୍ୟବସ୍ଥା ନ ଥିବାରୁ ସମସ୍ତ ଜଳ ସମୁଦ୍ରରେ ଯାଇ ମିଶୁଛି। ଏଭଳି ପରିସ୍ଥିତିରେ ରେମୁଣା ନିର୍ବାଚନ ମଣ୍ଡଳୀର ଦରକୋଇଲି ଗାଁ ଠାରେ ନିର୍ମାଣାଧୀନ ବାଙ୍କତିରା ବୃହତ ଜଳସେଚନ ପ୍ରକଳ୍ପ ଚାଷୀମାନଙ୍କ ପାଇଁ ଏକମାତ୍ର ସାହା ଭରସା ପାଲଟିବ ବୋଲି ଆଶା କରାଯାଉଥିଲା। ହେଲେ ଏହି ପ୍ରକଳ୍ପ ପୂରଣ ନେଇ ଅନିଶ୍ଚିତତା ଦେଖାଦେଇଛି। ନିକଟରେ ଏହି ବାଙ୍କତିରା ପ୍ରସଙ୍ଗ ବଜେଟ ଅଧିବେଶନରେ ଉଠିଛି। ଏଥିରେ ଜଳସେଚନ ବିଭାଗକୁ ନିଜ ଦାୟିତ୍ୱରେ ରଖିଥିବା ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଭାରତ ସରକାରଙ୍କ କେନ୍ଦ୍ରୀୟ ଜଳ ଆୟୋଗର ଅନୁମୋଦନ କ୍ରମେ ଓଡିଶା ସରକାରଙ୍କ ଜଳ ସମ୍ପଦ ବିଭାଗ ଦ୍ୱାରା ରେମୁଣା ତହସିଲ ଅନ୍ତର୍ଗତ ଦରକୋଇଲି ଗ୍ରାମରେ ବାଙ୍କତିରା ବ୍ୟାରେଜ ପ୍ରକଳ୍ପଟି କାର୍ଯ୍ୟକାରୀ ହେଉଛି। ଆକ୍ସେଲେରେଟେଡ ଇରିଗେସନ ବେନିଫିଟ ପ୍ରୋଗ୍ରମ (ତ୍ୱରିତ ଜଳସେଚେନ ଲାଭ କାର୍ଯ୍ୟକ୍ରମ, ଏଆଇବିପି) ଅନ୍ତର୍ଗତ ଏହି ପ୍ରକଳ୍ପ ପାଇଁ ୫୦୫.୯୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଏହି ପ୍ରକଳ୍ପର ସମ୍ପୂର୍ଣ୍ଣ ପ୍ରକଳ୍ପ ବିବରଣୀ ରିପୋର୍ଟ (ଡିଟେଲ୍‌ଡ ପ୍ରୋଜେକ୍ଟ ରିପୋର୍ଟ, ଡିପିଆର) ଓଡିଶା ସରକାରଙ୍କ ଜଳ ସମ୍ପଦ ବିଭାଗ ଦ୍ୱାରା ଅନୁମୋଦିତ ହୋଇଥିବା ବେଳେ ଏହାର ଟେଣ୍ଡର ପ୍ରକ୍ରିୟା ମଧ୍ୟ ସମ୍ପାଦିତ ହୋଇ ସାରିଛି। ସେହି ଅନୁସାରେ ଛତିଶଗଡର ରାୟପୁର ସ୍ଥିତ ଆରଏସଏ ଇନଫ୍ରା ପ୍ରୋଜେକ୍ଟସ ପ୍ରାଇଭେଟ ଲିମିଟେଡକୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ୨୦୨୩ ଅକ୍ଟୋବର ୨୦ ତାରିଖରେ ଏହି ପ୍ରକଳ୍ପ ଆରମ୍ଭ ହୋଇ ୨୦୨୬ ମସିହା ଅପ୍ରେଲ ୧୯ ତାରିଖରେ ଶେଷ ହେବା ନେଇ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲେ ହେଁ ଜମି ଅଧିଗ୍ରହଣ କାର୍ଯ୍ୟରେ ସ୍ଥାନୀୟ ଗ୍ରାମବାସୀଙ୍କ ଅସହଯୋଗ କାରଣରୁ ନିର୍ମାଣ କାର୍ଯ୍ୟରେ ଅଗ୍ରଗତି ହୋଇପାରୁନାହିଁ। ଏହି ବୃହତ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ସଂପୂର୍ଣ୍ଣ ହେଲେ ୨୨ଟି ପଞ୍ଚାୟତର ୭୩୦୦ ହେକ୍ଟର ଜମିରେ ଜଳସେଚନ କରାଯାଇପାରିବ। ଏ ନେଇ ସୋନ ବ୍ୟାରେଜ ଡିଭିଜନ ଏସ୍ ଇ ମାନସ କୁମାର ମାଝୀ ସୂଚନା ପ୍ରଦାନ କରି କହିଛନ୍ତି, ଏଯାଏଁ ଜମି ଅଧିଗ୍ରହଣ ହୋଇନାହିଁ। କାରଣ ସ୍ଥାନୀୟ ଲୋକମାନେ ଜାଗା ଛାଡୁ ନାହାନ୍ତି। ଜାଗା ମୂଲ୍ୟ ଡିସିମିଲ ପିଛା ୩/୪ ହଜାର ଟଙ୍କା ରହିଛି। ଏତେ କମ୍ ଟଙ୍କାରେ ସେଇ ଜାଗାକୁ ଲୋକମାନେ ଦେବାକୁ ଚାହୁଁନାହାନ୍ତି। ଲୋକମାନେ ଆନ୍ଦୋଳନ ବି କରୁଛନ୍ତି। ବ୍ୟାରେଜର ନିର୍ମାଣ କାମ ପାଇଁ ଟେଣ୍ଡର ହୋଇଥିଲା। ଏଜେନ୍ସିର ସମୟ ସୀମା ଆସନ୍ତା ଏପ୍ରିଲ ମାସରେ ଶେଷ ହେବ। ବ୍ୟାରେଜ ତଥା ବନ୍ଧ ପାଇଁ ବି ଜମି ଅଧିଗ୍ରହଣ ଏଯାଏଁ ହୋଇନାହିଁ। ଜମି ଅଧିଗ୍ରହଣ ନହେବା ଯାଏଁ କାମ ଆରମ୍ଭ ହୋଇପାରିବ ନାହିଁ। ପ୍ରକଳ୍ପର ବ୍ୟାରେଜ ନିର୍ମାଣ ପାଇଁ ୧୦ ଏକର ଜାଗା ଦରକାର। ଏଥିସହିତ ବନ୍ଧ କାମ ପ୍ରାୟ ୭୦/୮୦ ଏକର ଜାଗା ଆବଶ୍ୟକ। ହେଲେ ଏହି ଦୁଇ କାମ ପାଇଁ ଏଯାଏଁ ଜମି ଅଧିଗ୍ରହଣ ହୋଇନାହିଁ। ଜିଲ୍ଲା ପ୍ରଶାସନ ଓ ସରକାର ସ୍ଥାନୀୟ ଲୋକମାନଙ୍କ ସହ ବସି ପାରସ୍ପରିକ ବୁଝାମଣା କରି ଜମିର ଏକ ଉପଯୁକ୍ତ ମୂଲ୍ୟ ନିର୍ଦ୍ଧାରଣ କରିବା ଉଚିତ। ଏଥିରେ ଲୋକମାନେ ରାଜି ହେଲେ ଆଗକୁ କାମ ହୋଇପାରିବ ବୋଲି ମତପ୍ରକାଶ ପାଇଛି।

ଡାକ କର୍ମଚାରୀ ସମବାୟ ସମିତିର ବାର୍ଷିକ ସାଧାରଣ ସଭା

ବାଲେଶ୍ୱର,୨୨।୨(ସମିସ): ବାଲେଶ୍ୱର ଡାକ କର୍ମଚାରୀ ସମବାୟ ସମିତିର ବାର୍ଷିକ ସାଧାରଣ ସଭା ମୁଖ୍ୟ ଡାକ ଘର ପରିସରରେ ଅନୁଷ୍ଠିତ ହାଇଯାଇଛି। ଏଥିରେ ସମବାୟ ସମିତିର ସଭାପତି ଅଜୟ ନାରାୟଣ ଦାସ ସଭାପତିତ୍ୱ କରିଥିଲେ। ସମବାୟ ସମିତିର ପ୍ରତିଷ୍ଠାତା ସ୍ୱର୍ଗତ ଜୀବନ ଜନକୃଷ୍ଣ ଦାସ ଓ ପ୍ରାକ୍ତନ ବୋଡର୍ ସଦସ୍ୟ ସ୍ୱର୍ଗତ ଗୌରମୋହନ ସିଅଳଙ୍କ ଉଦ୍ଦେଶ୍ୟରେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ବାଲେଶ୍ୱରର ଡାକ ଅଧୀକ୍ଷକ ତାପସ କୁମାର ଦାଶ ଏହି ସଭାକୁ ଉଦ୍‌ଘାଟନ କରିଥିଲେ। ଡାକ ସମବାୟ ସମିତିର ସଂପାଦକ ଅକ୍ଷୟ କୁମାର ତ୍ରିପାଠୀ ୨୦୨୫-୨୬ର ବାର୍ଷିକ ବିବରଣୀ ପାଠ କରିଥିଲେ। ୨୦୨୨-୨୩ ଠାରୁ ଅଡ଼ିଟ୍ ହୋଇନାହିଁ ବୋଲି ସଂପାଦକ ପ୍ରକାଶ କରିବା ପରେ ଆଜି ସାଧାରଣ ସଭାରେ ଉଚ୍ଚ କର୍ତ୍ତୃପକ୍ଷ ପକ୍ଷଙ୍କ ସହିତ ଯୋଗାଯୋଗ କରି ଶୀଘ୍ର



କରାଇନେବାକୁ ନିଷ୍ପତ୍ତି ଗ୍ରହଣ କରାଗଲା। ସମସ୍ତ ସଭ୍ୟମାନଙ୍କୁ ସମବାୟ ସମିତିରୁ ଋଣ ନେବା ପାଇଁ ଅନୁରୋଧ କରିଥିଲେ। ଏହି ସଭାରେ ଭଦ୍ରକ, ଜଳେଶ୍ୱର ଓ ବାଲେଶ୍ୱରର ବହୁ ସଭ୍ୟସଭ୍ୟା ଯୋଗ ଦେଇଥିଲେ। ବାଲେଶ୍ୱର ଡାକବିଭାଗର ବିଭାଗର ଅଧ୍ୟକ୍ଷ ତାପସ କୁମାର ଦାସ, ଭଦ୍ରକ ପ୍ରାକ୍ତନ ଡାକ ଅଧ୍ୟକ୍ଷ ବିଜୟ କୁମାର ମହାନ୍ତି, ସମ୍ବଲପୁରର ଡାକ ଅଧ୍ୟକ୍ଷ ବସନ୍ତ କୁମାର ସିଂହ, ବାଲେଶ୍ୱର ଏସ୍ ଏସ୍. ଆର.ସି.ଏସ ଗୋପବନ୍ଧୁ ଦାସ, ବରିଷ୍ଠ ସଭ୍ୟ ନିରଞ୍ଜନ ରାଉତ, ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହ ପାଣିଗ୍ରାହୀ, ବରିଷ୍ଠ ଆଇନଜୀବୀ ନିରଞ୍ଜନ ପରିଡ଼ା, ପୂର୍ବତନ ସଭାପତି ଗୋପାଳ ଚନ୍ଦ୍ର ପଡ଼ିଆରୀ ପ୍ରମୁଖ ଯୋଗ ଦେଇ ସମବାୟ ସମିତିର ଅର୍ଥନିତିର ଆର୍ଥିକ ମାନଦଣ୍ଡ ବୃଦ୍ଧି କରିବା ପାଇଁ ବିଭିନ୍ନ ପ୍ରସ୍ତାବମାନ ଦେଇଥିଲେ। ବୈଠକରେ ୧୫ଜଣ ବୋଡର୍ ସଭ୍ୟ, ସଭ୍ୟା ଯୋଗ ଦେଇଥିଲେ। କାର୍ତ୍ତିକ ଚନ୍ଦ୍ର ଜାନା, ରାଜେନ୍ଦ୍ର କୁମାର ମଲ୍ଲିକ, କ, ଆଶୁତୋ ତାଷ ଜେନା, ବୃନ୍ଦିରାମ ସିଂ, ଜୟଦେବ ପରିଡ଼ା, ପ୍ରସନ୍ନ କୁମାର ବିଶ୍ୱାଳ, ରବୀନ୍ଦ୍ର ସାହୁ, ଗଦାଧର ଭୂୟାଁ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ପ୍ରଭାତ ପଣ୍ଡା, ମନୋଜ ମଲ୍ଲିକ, ଦୈପାୟନ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ଅଲିଚିକି ଭାଷା ଶିକ୍ଷକଙ୍କୁ ରାଷ୍ଟ୍ରପତିଙ୍କ ସମ୍ବର୍ଦ୍ଧନା

ବାଲିଆପାଳ, ୨୨।୨ (ସମିସ): ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ଦ୍ୱାରା ନୂଆ ଦିଲ୍ଲୀ ସ୍ଥିତ ଡ. ଭୀମରାଓ ଆମ୍ବେଦକର ସମ୍ମିଳନୀ କକ୍ଷରେ ସାନ୍ତାଳୀ ଭାଷା ଦ 'ଅଲିଚିକିଦ' ଲିପିର ଶତବାର୍ଷିକୀ ସମାରୋହ ଅବସରରେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଜମ୍ବିରାଇ ପ୍ରାଥମିକ ସରକାରୀ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦାକ୍ଷୀନ ମୁର୍ମୁଙ୍କୁ ରାଷ୍ଟ୍ରପତି



ଦ୍ରୌପଦୀ ମୁର୍ମୁ ସମ୍ବର୍ଦ୍ଧନା କରିଛନ୍ତି। ଶ୍ରୀ ମୁର୍ମୁ ଜଣେ ଏକାଧାରରେ ଶିକ୍ଷକ, ସମାଜସେବୀ ଏବଂ ନିଜର ମାତୃଭାଷା ଅଳଚିକିର ପ୍ରଚାର ପ୍ରସାର କରି ଆଦିବାସୀ ସାନ୍ତାଳୀ ସମାଜର ଜନ ମାନସରେ ବିଭିନ୍ନ ଦିଗରେ ଦିଗଦର୍ଶନ ଦେଇ ଅଲଚିକି ଲିପିର ଶିକ୍ଷାକୁ ଉଜ୍ଜୀବିତ ରଖିବାର ପ୍ରୟାସ କରୁଥିବାରୁ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ପକ୍ଷରୁ ରାଷ୍ଟ୍ରପତିଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି। ଶ୍ରୀ ମୁର୍ମୁ ୨୦୦୧ ମସିହାରୁ ରାଇରଙ୍ଗପୁରଠାରେ ଆଦିବାସୀ ସାମାଜିକ ଶିକ୍ଷା ଓ ସାଂସ୍କୃତିକ ସଂଘର ସଭାପତି ଭାବେ କାର୍ଯ୍ୟ ତୁଲାଇ ଆସୁଛନ୍ତି। ଏହା ବ୍ୟତୀତ ଦୀର୍ଘ ୨୬ ବର୍ଷ ଧରି ଡିଗିରିପାହି ଠାରେ ଥିବା ଅଲଚିକି ଅନୁଷ୍ଠାନରେ ଛୁଟି ଦିନ ମାନଙ୍କରେ ଶିକ୍ଷାଦାନ କରନ୍ତି। ଏହି ସଫଳତା ହାସଲ କରିବା ପରେ ତାଙ୍କ ବିଭିନ୍ନ ଅନୁଷ୍ଠାନରୁ ଶୁଭେଚ୍ଛାର ସୁଅ ଛୁଟିଛି।

ହନୁମାନ ମନ୍ଦିର ପ୍ରାଙ୍ଗଣରେ ହିନ୍ଦୁ ସମ୍ମିଳନୀ

କାଳିପଦା, ୨୨।୨ (ସମିସ): ବାଲେଶ୍ୱର ଜିଲ୍ଲା ଓ ବାଲିଆପାଳ ବ୍ଲକ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ବାଲିଆପାଳ ବ୍ଲକ ବେତଗଡିଆ ହନୁମାନ ମନ୍ଦିର ପ୍ରାଙ୍ଗଣରେ ରବିବାର ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ସ୍ୱାମୀ ରୁଦ୍ର ବେସ୍ରା ନନ୍ଦ ଗିରି ମହାରାଜ ମୁଖ୍ୟ ଅତିଥି ଆରଏସଏସ ଜିଲ୍ଲା ସହ ବୌଦ୍ଧିକ ପ୍ରମୁଖ ବିମ୍ବାଧର ମହାନ୍ତି ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ସମ୍ମିଳନୀର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ମଞ୍ଚ ପରିଚାଳନା ସୁଧାଂଶୁ କୁମାର ପଞ୍ଝା କରିଥିଲେ। ଏହି ଅବସରରେ କାଶୀପୁର ମହାଦେବ ମନ୍ଦିର ଠାରୁ ମହିଳା ମାନଙ୍କ ଦ୍ୱାରା କଳସ ଯାତ୍ରା ହନୁମାନ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିଥିଲା। ଉଦ୍‌ଯାପନୀ ଉତ୍ସବରେ ପ୍ରାକ୍ତନ ପ୍ରଧାନଶିକ୍ଷକ ଧୀରେନ୍ଦ୍ର ନାଥ ହାଜିରା ଅଧ୍ୟକ୍ଷତା କରିଥିଲେ। ଏଥିରେ ଅରବିନ୍ଦ ବେହେରା, ମନ୍ମଥ ପାତ୍ର, ଗୌରହରି ଦେ, ଅଜିତ କର, ହେମନ୍ତ ମୁଖି, ଗଙ୍ଗାଧର ମହାନ୍ତି, ହରିପଦ ଦାସ, ଦେବାନନ୍ଦ ପିଳା, ନାରାୟଣ ଜେନା, ପୀତବାସ ଗିରି ପ୍ରମୁଖ କାର୍ଯ୍ୟକର୍ତ୍ତା ମାନେ ଯୋଗ ଦେଇ ଥିଲେ।

ସାରସ୍ୱତ ସାଧକ ବିପିନ ବିହାରୀ ବିଶ୍ୱାଳଙ୍କ ୮୪ତମ ପୂର୍ତ୍ତି ଅଭିନନ୍ଦନ ଉତ୍ସବ

ଜଳେଶ୍ୱର, ୨୨।୨ (ସମିସ) : ଦୀନକୃଷ୍ଣ ସ୍ମୃତି ପରିଷଦର ପ୍ରତିଷ୍ଠାତା ସଂପାଦକ, ପ୍ରାକ୍ତନ ଅଧ୍ୟକ୍ଷ ତଥା ସିନେଟ ସଦସ୍ୟ, ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ, ସାରସ୍ୱତ ସାଧକ ବିପିନ ବିହାରୀ ବିଶ୍ୱାଳଙ୍କ ୮୪ତମ ପୂର୍ତ୍ତି ଅଭିନନ୍ଦନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଶାଳିକୋଠାସ୍ଥିତ ବାଗିଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟରେ ଅଭିନନ୍ଦନ କମିଟି ପକ୍ଷରୁ ଅନୁଷ୍ଠିତ ଉତ୍ସବରେ ସଭାପତି ଡ. ରମାକାନ୍ତ ଭଞ୍ଜ ପୌରହିତ୍ୟ କରି ସୀମାନ୍ତରେ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଉଜ୍ଜିବୀତ କରିବାପାଇଁ ଜାଗ୍ରତ ପ୍ରହରୀ ଭାବେ କାର୍ଯ୍ୟ କରିଆସୁଥିବା ବିବି ବିଶ୍ୱାଳ ଜଳେଶ୍ୱର ପାଇଁ ଗର୍ବ ଓ ଗୌରବ ବୋଲି କହିଥିଲେ। ମୁଖ୍ୟ ଅତିଥି କବି କାଳିକିଂକର



ଦାସ ଓ ମୁଖ୍ୟ ବକ୍ତା ସଂପାଦକ ବ୍ରଜେନ୍ଦ୍ର ନାଥ ଗିରି ଯୋଗଦେଇ ବି.ବି. ବିଶ୍ୱାଳଙ୍କ ଜୀବନବ୍ୟାପି ସାରସ୍ୱତ ସାଧନା ଅନନ୍ୟ ହୋଇଥିବା ବେଳେ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିବାରୁ ତାଙ୍କର ଆଶୁ ଆରୋଗ୍ୟ ଲାଗି ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ଅଧ୍ୟକ୍ଷ ଡ. ବିବେକାନନ୍ଦ ସାହୁ, ନାଟ୍ୟକାର ଡ. ପଦ୍ମଲାଭ ପ୍ରଧାନ, ଶିକ୍ଷାବିତ୍ ଡ. ଅଜିତ୍ ମହାନ୍ତି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାକ୍ତନ ପ୍ରଧାନ ଶିକ୍ଷକ ଯୁଗେଶ ରାଉଳ ମଂଚ ଆହ୍ୱାନ କରିଥିବା ବେଳେ ଗଣେଶଚନ୍ଦ୍ର ପରିଡା ଧନ୍ୟବାଦ ଓ ରବିନାରାୟଣ ମିଶ୍ର ବେଦପାଠ କରିଥିଲେ। ଏଥିରେ ବିବି ବିଶ୍ୱାଳଙ୍କ ବହୁ ଶୁଭେଚ୍ଛୁ, ପ୍ରଶଂସୁ, କବି, ଲେଖକ, ଶିକ୍ଷାବିତ୍ ଯୋଗଦେଇ ତାଙ୍କର ଦୀର୍ଘଜୀବନ କାମନା କରିଥିଲେ।

ଅବସରପ୍ରାପ୍ତ ରାଜ୍ୟ କର୍ମଚାରୀ ସଂଘର ବାର୍ଷିକ ସାଧାରଣ ଅଧିବେଶନ

ବାଲେଶ୍ୱର,୨୨।୨(ସମିସ): ସ୍ଥାନୀୟ ଗାନ୍ଧୀସ୍ମୃତି ଭବନ ପରିସରରେ ଅବସରପ୍ରାପ୍ତ ରାଜ୍ୟ କର୍ମଚାରୀ ସଂଘର ବାର୍ଷିକ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଇଂ ବନମାଳୀ ନାୟକଙ୍କ ସଭାପତିତ୍ୱରେ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲାର ୧୬ଟି ଶାଖା ସଂଘର ସଭାପତି ଓ ସମ୍ପାଦକମାନେ ଯୋଗଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ବାର୍ଷିକ ସାଧାରଣ ଅଧିବେଶନକୁ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଡାକ ସେବା ବୋର୍ଡର ଅବସରପ୍ରାପ୍ତ ସଦସ୍ୟ ଓ ପୂର୍ବତନ ମୁଖ୍ୟ ମହାଡାକପାଳ ଡ ସନ୍ତୋଷ କୁମାର କାମିଲା ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଭାବେ କେନ୍ଦ୍ରାଂଚଳ ରାଜସ୍ୱ କମିଶନରଙ୍କ ସଚିବ ନିହାର ରଞ୍ଜନ ଦାଶ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କେନ୍ଦ୍ର ଯୁବ ଓ କ୍ରୀଡା ବିକାଶ ବିଭାଗର ଜାତୀୟ ସେବାସଂସ୍ଥାର ଆଂଚଳିକ ନିର୍ଦ୍ଦେଶିକା ସୁଶ୍ରୀ ସରିତା ପଟେଲ, ବରିଷ୍ଠ ସାମ୍ବାଦିକ କୁଳମଣି ବାରିକ ପ୍ରମୁଖ ଯୋଗଦେଇଥିଲେ। ଉପସଭାପତି ସୁଦର୍ଶନ ଦାସ ମଞ୍ଚ ଆହ୍ୱାନ କରିଥିବା ବେଳେ ସାଧାରଣ ସମ୍ପାଦକ ଦାମୋଦର ନାୟକ ବିବରଣୀ ପାଠ କରିଥିଲେ। ଇଂ ହୃଷିକେଶ ସାହୁ ଧନ୍ୟବାଦ ଦେଇଥିଲେ।

ଲୟନ୍ସ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ବାଲେଶ୍ୱର,୨୨।୨(ସମିସ): ବାଲେଶ୍ୱର ଲୟନ୍ସ କ୍ଲବ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣର ମିଳିତ ଆନୁକୂଲ୍ୟରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର କୋର୍ଟ ଏଡିଆର ଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଭୁବନେଶ୍ୱରସ୍ଥିତ ମନିପାଲ ହେଲଥ ରିବୋଟର ହୃଦରୋଗ ବିଶେଷଜ୍ଞ ଡା. ମିଲନ କୁମାର ଘଡେଇ, ଅସ୍ଥିଶଲ୍ୟ ରୋଗ ବିଶେଷଜ୍ଞ ପ୍ରିୟାଂଶୁ



ଅଗ୍ରୱାଲ, ପେଟ ରୋଗ ବିଶେଷଜ୍ଞ ଡ ସୌଭାଗ୍ୟ ସେନାପତି, ମେଡିସିନ ବିଭାଗର ବିଶେଷଜ୍ଞ ଡ ସଦାଶିବ ମିଶ୍ର ଓ ହାଡ ସାନ୍ଦ୍ରତା ମାପ ପାଇଁ ବିଶେଷଜ୍ଞ କର୍ମଚାରୀ ଓ ମଧୁମେହ ରୋଗ ନିରୂପଣ ପାଇଁ ରକ୍ତଚାପ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏହି ଶିବିରକୁ ଜିଲ୍ଲା ଓ ଦୌରା ଜଜ ସତ୍ୟନାରାୟଣ ମିଶ୍ର ଉଦଘାଟନ କରିଥିଲେ। ଲୟନ୍ସ କ୍ଲବର ସଭାପତି ହରେକୃଷ୍ଣ ଦାଶ, ଉପଦେଷ୍ଟା ରଘୁନାଥ ପ୍ରଧାନ, ସମ୍ପାଦକ ସାଇରୁଲ ହକଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

ତାଳକୁରୁଣିଆରେ ଯୁବକଙ୍କୁ ହତ୍ୟା ଘଟଣା

ଅଭିଯୋଗକାରୀଙ୍କ ମୋବାଇଲରୁ ପ୍ରମାଣ ନଷ୍ଟ କରିଛି ପୁଲିସ!

ବାଲେଶ୍ୱର, ୨୨।୨(ସମିସ)

ବାଲେଶ୍ୱର ଜିଲ୍ଲା ଗୋପାଳପୁର ଥାନା ତାଳ କୁରୁଣିଆ ଠାରେ ଗତ ୧୪ ତାରିଖ ରାତିରେ ଘଟିଥିବା ହତ୍ୟାକାଣ୍ଡ ଘଟଣାରେ ବର୍ତ୍ତମାନ ସୁଦ୍ଧା ୨ ଜଣ ଗିରଫ ହୋଇଥିବା ବେଳେ ବିବାଦ ଘେରକୁ ଆସିଛି ଗୋପାଳପୁର ଥାନା ପୁଲିସ। ଅଭିଯୋଗକାରୀ ହତ୍ୟାକାଣ୍ଡର ଅଭିଯୁକ୍ତଙ୍କୁ ଧରି ହତ୍ୟାକାଣ୍ଡ ସମ୍ପର୍କିତ ତଥ୍ୟ ସହ ଅଭିଯୁକ୍ତଙ୍କ ବୟାନ ରେକର୍ଡିଂ କରି ପ୍ରମାଣ ସହ ଅଭିଯୁକ୍ତଙ୍କୁ ଗୋପାଳପୁର ଥାନାରେ ଜିମା ଦେଇଥିବା ବେଳେ ଗୋପାଳପୁର ଥାନା ସବ ଇନିସ୍ପେକ୍ଟର ଅଭିଯୁକ୍ତକୁ ଛାଡ଼ି ଅଭିଯୋଗକାରୀଙ୍କ ୨ ଜଣ ସମ୍ପର୍କୀୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏମିତି କି ଅଭିଯୁକ୍ତଙ୍କ ବୟାନ ସହ ପ୍ରମାଣକୁ ମୋବାଇଲରୁ ଡିଲିଟ୍ କରି ଧମକ ଦେଇଥିଲେ ଗୋପାଳପୁର ଥାନାର କାର୍ଯ୍ୟରତ ଏସ୍‌ଆଇ ଚନ୍ଦ୍ରଶେଖର ମହାନ୍ତି। ହତ୍ୟାକାରୀଙ୍କ ସହ ପୁଲିସ ଅଧିକାରୀଙ୍କ ସମ୍ପର୍କକୁ ନେଇ ଅଞ୍ଚଳବାସୀ ସନ୍ଦେହ ପ୍ରକାଶ କରିଛନ୍ତି।

ଗୋପାଳପୁର ଥାନା ତାଳ କୁରୁଣିଆ ଗାଁର ହେମନ୍ତ ମହାରଣାଙ୍କ ପୁଅ ଜୀବନ ଜ୍ୟୋତି ମହାରଣା (୩୦)ଙ୍କୁ ଗତ ଡିସେମ୍ବର ୧୫ ତାରିଖ ଦିନ ଗୋପାଳପୁର ଅନନ୍ତପୁର ସଲଟ ରୋଡ଼ର ଝାଡ଼ତା ଏବଂ ତାଳକୁରୁଣିଆ ରାସ୍ତା ପାଶ୍ୱର୍ରେ ମୃତ ଅବସ୍ଥାରେ ପଡ଼ି ରହିଥିବା ବେଳେ ତାଙ୍କ ଉପରେ ସାଇକେଲ ଲଦା ଯାଇଥିବାର ସ୍ଥାନୀୟ ଲୋକେ ଦେଖିଥିଲେ। ଏମିତି କି ମୃତକ ଜୀବନଜ୍ୟୋତିଙ୍କ ମୁଣ୍ଡରେ କ୍ଷତ ଚିହ୍ନ ଥିବାର ଦେଖି ହତ୍ୟା ସନ୍ଦେହ କରି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ଗୋପାଳପୁର ପୁଲିସ ଘଟଣା ସ୍ଥଳରେ ପହଂଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇ ପଠାଇବା ସହ ଥାନାରେ ୧୨/୨୦୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଚୁପ ବସିଥିଲା। ହେଲେ ମୃତ ଯୁବକଙ୍କ ମାଆ ଶୁଭଲକ୍ଷ୍ମୀ ଏହାକୁ ସହଜରେ ସ୍ୱାଭାବିକ ମୃତ୍ୟୁ ବୋଲି ଗ୍ରହଣ କରିପାରିନଥିଲେ। ସେ ଓଡ଼ିଶା ବାହାରେ ରହୁଥିବା ବେଳେ ଘରକୁ ଫେରି ତାଙ୍କର ପୁଅର ସାଙ୍ଗସାଥୀଙ୍କୁ ପଚରାଉଚୁରା କରିଥିଲେ। ଗତ ଡିସେମ୍ବର ୨୦ ତାରିଖ ଦିନ ମୃତକଙ୍କ ମାଆ ପୁଅର ସାଙ୍ଗ ତାଳକୁରୁଣିଆ ଗାଁର ଜୟ ନାରାୟଣ ଦାଶଙ୍କୁ ପଚରାଉଚୁରା କରିଥିଲେ। ପରେ ଯୁବକ ଜଣକ କିଭଳି ତାଙ୍କ ପୁଅକୁ ହତ୍ୟା କରାଯାଇଥିଲା, ହତ୍ୟାକାଣ୍ଡର ସମ୍ପୂର୍ଣ୍ଣ ତଥ୍ୟ ପ୍ରକାଶ କରିଥିଲେ। ତାଙ୍କର ବୟାନର ଭିଡିଓକୁ ମୋବାଇଲରେ କଏଦ କରି ସେହି ଯୁବକଙ୍କ ସହ ଥାନାରେ ପହଁଚିଥିଲେ। ହେଲେ ଘଟଣାକୁ ହାଲୁକା ଭାବେ ନେଇ ବ୍ୟକ୍ତିଗତ ସ୍ୱାର୍ଥ କାରଣରୁ ଅଭିଯୋଗକାରୀ ମାଆଙ୍କୁ ଗୋପାଳପୁର ଥାନାର ସବ ଇନିସ୍ପେକ୍ଟର ଚନ୍ଦ୍ରଶେଖର ମହାନ୍ତି ଦୁର୍ବ୍ୟବହାର କରିବା ସହ ଧମକ ଦେଇ ହତ୍ୟାକାଣ୍ଡର ବୟାନକୁ ଅଭିଯୋଗକାରୀଙ୍କ ମୋବାଇଲରୁ ଡ଼ିଲିଟି କରି ପ୍ରମାଣ ନଷ୍ଟ କରିଥିଲେ। ଏମିତି କି ଏହି ଘଟଣା ବାବଦରେ କାହାକୁ କହିଲେ ଗିରଫ କରି କୋର୍ଟ ଚାଲାଣ କରି ଦେବାର ଧମକ ମଧ୍ୟ ଦେଇଥିଲେ ଏସଆଇ ଶ୍ରୀ ମହାନ୍ତି। ଯୁବକଙ୍କୁ ଅପହରଣ କରିଥିବା ଦର୍ଶାଇ ପୁଲିସ ମୃତ ଯୁବକଙ୍କ ମାଆଙ୍କର ୨ ଜଣ ସମ୍ପର୍କୀୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ପୁଲିସ। ହେଲେ ସତ କେବେ ଲୁଚି ରହେନା ଭଳି ମୃତ ଯୁବକଙ୍କ ବ୍ୟବଚ୍ଛେଦ ରିପୋର୍ଟରେ ଏକ ଶକ୍ତ ପ୍ରହାର ଯୋଗୁଁ ମୃତ୍ୟୁ ହୋଇଥିବାର ରିପୋର୍ଟ ଆସିବା ପରେ ପୁଲିସର ମୁଣ୍ଡ ବିନ୍ଧାର କାରଣ ପାଲଟିଥିଲା। ସାଇଣ୍ଟିଫିକ ଟିମ ସହ ସନ୍ଧାନୀ କୁକୁର ସହାୟତାରେ ମୃତ୍ୟୁର ୪୭ ଦିନ ପରେ ପୁଣିଥରେ ଆରମ୍ଭ ହୋଇଥିଲା ତଦନ୍ତ। ତଦନ୍ତରେ ଟଙ୍କା ପଇସା ନେଣଦେଣକୁ ନେଇ ଏକ ଲୁହା ରଡରେ ହତ୍ୟା କରାଯାଇଥିବାର ପ୍ରମାଣ ପାଇଥିଲା ପୁଲିସ। ମୃତ ଯୁବକଙ୍କ ମାଆ ମଧ୍ୟ ନିଜ ସ୍ୱାମୀ ସହ ୫ ଜଣଙ୍କ ନାମରେ ହତ୍ୟା ଅଭିଯୋଗ ଆଣିଥିଲେ। ବିଭିନ୍ନ ଦିଗକୁ ଆଧାର କରି ପୁଲିସ ୨୯/୨୬ ରେ ୬ ଜଣଙ୍କ ନାମରେ ହତ୍ୟା ମାମଲା ରୁଜୁ କରିଥିବା ବେଳେ ବର୍ତ୍ତମାନ ସୁଦ୍ଧା ଗୋପାଳପୁର ଥାନା ପୁଲିସ ୨ ଜଣଙ୍କୁ ଏହି ଘଟଣାରେ ଗିରଫ କରି କୋର୍ଟ ଚାଲାଣ କରିଛି। ହେଲେ ଅଭିଯୋଗକାରୀଙ୍କ ମୋବାଇଲରୁ ପ୍ରମାଣ ନଷ୍ଟ କରି ହତ୍ୟାକାଣ୍ଡର ଅଭିଯୁକ୍ତଙ୍କୁ ଛାଡ଼ି ଅଭିଯୋଗକାରୀଙ୍କ ସମ୍ପର୍କୀୟଙ୍କୁ ଜେଲ ପଠାଇଥିବା ଏସ.ଆଇ ଚନ୍ଦ୍ରଶେଖର ମହାନ୍ତିଙ୍କ ଉପରେ ଦୀର୍ଘ ୨ ମାସ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ୍। ଏତଲା କପିରେ ପୁଲିସ ପ୍ରମାଣ ନଷ୍ଟ କଥା ଅଭିଯୋଗକାରୀ ସ୍ପଷ୍ଟ ଭାବେ ଲେଖିଥିବା ବେଳେ ଜିଲ୍ଲା ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏ ନେଇ ବାଲେଶ୍ୱର ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିୱାକରଙ୍କୁ ପଚାରିବାରୁ ଘଟଣାର ବିଧିବଦ୍ଧ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

ପଞ୍ଚାୟତ ମହିଳା କର୍ମଚାରୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ଜଳେଶ୍ୱର, ୨୨।୨ (ସମିସ): ଜଳେଶ୍ୱର ବ୍ଲକରେ କାର୍ଯ୍ୟ କରୁଥିବା ମହିଳା କର୍ମଚାରୀମାନଙ୍କୁ ଗ୍ରାମ ପଂଚାୟତ ମାନଙ୍କରେ ବାରମ୍ବାର ଖରାପ ବ୍ୟବହାର ପରେ ମଧ ଗୋଷ୍ଠୀ ଉନ୍ନୟନ ଅଧିକାରୀ କୌଣସୀ କାର୍ଯ୍ୟାନୁଷ୍ଠାନ ନ ନେବାରୁ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ। ସୂଚନାନୁଯାୟୀ ଗୋପିମୋହନପୁର ଗ୍ରାମ ପଂଚାୟତର ପଞ୍ଚାୟତ ଅଧିକାରୀଭାବେ କାର୍ଯ୍ୟରତ ମହିଳା କର୍ମଚାରୀ ଉକ୍ତ ଗ୍ରାମ ପଞ୍ଚାୟତର ମହିଷାମୁଣ୍ଡା ଗ୍ରାମକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟର ସର୍ଭେ କରିବା ଯାଇଥିବା ବେଳେ ଉକ୍ତ ଗ୍ରାମର ଜଣେ ବ୍ୟକ୍ତି ତାଙ୍କୁ ଖରାପ ବ୍ୟବହାର କରିଥିଲେ। ଏହାର କିଛିଦିନ ପୂର୍ବରୁ ମଧ ଉକ୍ତ ଗ୍ରାମକୁ ଗୃହର ସର୍ଭେ ପାଇଁ ଯାଇଥିବା ବେଳେ ଉକ୍ତ ବ୍ୟକ୍ତି ମହିଳା ଅଧିକାରୀଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ କରିଥିଲେ। ଏଥିନେଇ ଜଳେଶ୍ୱର ଥାନାରେ ଉକ୍ତ ବ୍ୟକ୍ତିଙ୍କ ନାମରେ ଅଭିଯୋଗ କରିବା ପାଇଁ ଯାଇଥିବା ବେଳେ ଥାନା ତରଫରୁ ତାଙ୍କୁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ ଅଭିଯୋଗ କରିବା ପାଇଁ ମତାମତ ଦେଇଥିଲେ। ଫଳରେ ମହିଳା ଅଧିକାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ସବୁକଥା କହିଥିଲେ। ମାତ୍ର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଥାନାରେ ଅଭିଯୋଗ ନକରି ଆପୋସ ସମାଧାନ କରିବା ପାଇଁ କହି କୌଣସୀ ପଦକ୍ଷେପ ନେଇ ନ ଥିବା ମହିଳା ଅଧିକାରୀ କହିଛନ୍ତି।

ଜଳେଶ୍ୱର କ୍ରିୟାନୁଷ୍ଠାନ କମିଟିର ବୈଠକ



ଜଳେଶ୍ୱର ବ୍ଲକ, ୨୨।୨ (ସମିସ): ଭଞ୍ଜଶ୍ରୀ ବିହାର, ନୂଆ ବଜାର,ଜଳେଶ୍ୱର ସମ୍ମିଳନୀ କକ୍ଷରେ ବାଲେଶ୍ୱର ଜିଲ୍ଲା କୃଷି ମହାବିଦ୍ୟାଳୟ ଓ ଗବେଷଣା କ୍ଷେତ୍ର, ଜଳେଶ୍ୱର ଶାଖା ପକ୍ଷରୁ ଏକ ସଭା ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନ ର ସଭାପତି ଦିଲ୍ଲୀପ କୁମାର ଗିରିଙ୍କ ପୌରହିତ୍ୟ କରି କହିଥିଲେ ସମସ୍ତ କୃଷି ର ଭିତ୍ତିଭୂମି ଥିଲା ବେଳେ ବାଲେଶ୍ୱର ଜିଲ୍ଲା କୁ ଉପେକ୍ଷା କରିବା ଏକ ନିନ୍ଦନୀୟ। ଏଣୁ ସରକାର ଏହାର ବିହୀତ ପଦକ୍ଷେପ ନନେଲେ ବ୍ୟାପକ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଥିଲେ। ଅନ୍ୟତମ ବରେଣ୍ୟ ସଦସ୍ୟ କମଳ ଚକ୍ରବର୍ତ୍ତୀ ପ୍ରକାଶ କରିଥିଲେ କେନ୍ଦ୍ରୀୟ କମିଟି ସହ ବିଧାନ ସଭା ସମ୍ମୁଖରେ ଧାରଣାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଜଳେଶ୍ୱର କ୍ରିୟାନୁଷ୍ଠାନ କମିଟିର ସମ୍ପାଦକ ଶିକ୍ଷାବିତ୍ ଡ. ଅଜିତ କୁମାର ମହାନ୍ତି ବିଧାନ ସଭାରେ ସରକାର ବାଲେଶ୍ୱର ଜିଲ୍ଲାକୁ ଉପେକ୍ଷା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କହିଥିଲେ। କୃଷି ବୈଜ୍ଞାନିକ ବିଜୟ କୁମାର ମିଶ୍ର ବାଲେଶ୍ୱର ଜିଲ୍ଲାର କୃଷି ମହାବିଦ୍ୟାଳୟ ଓ ଗବେଷଣା କ୍ଷେତ୍ର ନହେଲେ ଆନ୍ଦୋଳନ ହେବ ବୋଲି କହିଥିଲେ। ବରିଷ୍ଠ ସଦସ୍ୟ ଶ୍ୟାମା ଚରଣ ଦାସ, ପ୍ରାକ୍ତନ ଅଧ୍ୟକ୍ଷ ଡଃ ଲଳିତ ରଂଜନ ସେନାପତି , ସତ୍ୟ ମୟ ଆଚାର୍ଯ୍ୟ, ସୁନୀଲ କୁମାର ନାୟକ, କୃଷି ବୈଜ୍ଞାନିକ ବିଜୟ କୁମାର ମିଶ୍ର, ମନୋରଞ୍ଜନ ଦାସ ପ୍ରମୁଖ ମତାମତ ଓ ପ୍ରସ୍ତାବ ରଖିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ସମ୍ପାଦକ ଡ. ଅଜିତ କୁମାର ମହାନ୍ତି।

ସାନ୍ତାଳୀକୁ ରାଜଭାଷା ପାଇଁ ସେଙ୍ଗେଲର ରାଷ୍ଟ୍ରପତିଙ୍କୁ ଦାବିପତ୍ର

ଜଳେଶ୍ୱର ବ୍ଲକ, ୨୨।୨ (ସମିସ) : ଆଦିବାସୀ ସେଙ୍ଗେଲ ଅଭିଯାନର ପ୍ରଦେଶ ପାର୍ଗାନା ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ତିନି ଦଫା ଦାବି ସମ୍ବଳିତ ସ୍ମାରକପତ୍ର ଜଳେଶ୍ୱର ବିଡ଼ିଓ ଗୌରାଙ୍ଗ ଚରଣ ଘୋଷଙ୍କୁ ପ୍ରଦାନ କରାଯାଇଛି। ଦାବିଗୁଡ଼ିକ ମଧ୍ୟରୁ ରାଷ୍ଟ୍ରୀୟ ମାନ୍ୟତା ପ୍ରାପ୍ତ ସର୍ବବୃହତ ଆଦିବାସୀ ଭାଷା ସାନ୍ତାଳୀକୁ ଆଦିବାସୀ ବହୁଳ ପ୍ରଦେଶ ଝାଡ଼ଖଣ୍ଡରେ ସମ୍ବିଧାନର ଧାରା୩୪୫ ଅନୁସାରେ ଅବିଳମ୍ବେ ପ୍ରଥମ ରାଜଭାଷାର ମାନ୍ୟତା ଦିଆଯାଉ। ଏହା ବ୍ୟତୀତ ଝାଡ଼ଖଣ୍ଡ ରାଜ୍ୟର ପଡ଼ୋଶୀ ବିହାର, ବେଙ୍ଗଲ, ଆସାମ, ଓଡ଼ିଶା ଆଦି ରାଜ୍ୟରେ ସମ୍ବିଧାନର ଧାରା ୩୪୭ ଅନୁଯାୟୀ ଦ୍ୱିତୀୟ ରାଜଭାଷାର ମାନ୍ୟତା ଦିଆଯାଉ। ଆଦିବାସୀ ଭାଷା ହୋ, ମୁଣ୍ଡାରୀ, କୁଡୁଖ, ଖାଡିଆ ଆଦି ଭାଷାଗୁଡ଼ିକୁ ରାଷ୍ଟ୍ରୀୟ ମାନ୍ୟତା ଅର୍ଥାତ୍ ଅଷ୍ଟମ ଅନୁସୂଚୀରେ ଅବିଳମ୍ବେ ଅନ୍ତର୍ଭୁକ୍ତ କରାଯାଉ ବୋଲି ଦୃଢ଼ ଦାବି କରାଯାଇଛି। ପୂର୍ବତନ ସାଂସଦ ତଥା ସେଙ୍ଗେଲର ରାଷ୍ଟ୍ରୀୟ ସଭାପତି ସାଲଖାନ ମୁର୍ମୁଙ୍କ ମାର୍ଗଦର୍ଶନରେ ଉକ୍ତ ସାତଟି ପ୍ରଦେଶରେ ଦାବୀ ପତ୍ର ରାଷ୍ଟ୍ରପତିଙ୍କ ନିକଟକୁ ଦାବି ପ୍ରଦାନ କରିଥିଲେ ଏଥିରେ ବର୍ଷା ହାଁସଦା, ଗୋପୀ ହାଁସଦା, ବୁଦ୍ଧିଆ ସିଂ, ସଞ୍ଜୟ ସିଂ ରହିଥିଲେ।

● ଠିକାଦାରଙ୍କଠାରୁ ୧୦ ଲକ୍ଷ ଦାଦାବଟି ଦାବି କରି ଗୁଳିଚାଳନା ଘଟଣା

ମୁଖ୍ୟ ଅଭିଯୁକ୍ତ ଗିରଫ, ବନ୍ଧୁକ ସହ ଅଫୁଟା ଗୁଳି ଜବତ

ବାଲେଶ୍ୱର, ୨୨।୨(ସମିସ) : ବାଲେଶ୍ୱର ଜିଲ୍ଲାରେ ଦାଦାବଟି ଆତଙ୍କ ପୁଣି ମୁଣ୍ଡ ଟେକିଛି। ଚାନ୍ଦିପୁର ଡ଼ିଆରଡ଼ିଓ ଚାନ୍ଦିପୁର ରାସ୍ତା ନିର୍ମାଣ କାର୍ଯ୍ୟର ଜଣେ ସବ କଣ୍ଟ୍ରାକ୍ଟରଙ୍କୁ ୧୦ ଲକ୍ଷ ଟଙ୍କା ଦାଦା ବଟି ମଗାକୁ କେନ୍ଦ୍ର କରି ଗତ ଜାନୁଆରୀ ୩ ତାରିଖରେ ଘଟିଥିବା ଧମକ, ଆକ୍ରମଣ ଓ ଗୁଳିଚାଳନା ଘଟଣାରେ ଚାନ୍ଦିପୁର ଥାନା ପୁଲିସକୁ ବଡ଼ ସଫଳତା ମିଳିଛି। ପୂର୍ବରୁ ୪ ଜଣଙ୍କୁ ଗିରଫ କରାଯାଇଥିବାବେଳେ ଘଟଣାର ମୁଖ୍ୟ ଅଭିଯୁକ୍ତ ପାତ୍ରପଡ଼ା ଅଞ୍ଚଳର ପ୍ରଶାନ୍ତ ନିଳୟମ ଜେନା ଓରଫ ଗୁନୁରୁଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୟୁଏସଏ ନିର୍ମିତ ଏକ ସେମି-ଅଟୋମେଟିକ ପିସ୍ତଲ ଓ ଦୁଇଟି ଜୀବନ୍ତ ଗୁଳି ଜବତ କରିବାରେ ପୁଲିସ ସଫଳ ହୋଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ, ଗତ ୩ ତାରିଖ ଜାନୁଆରୀ ସନ୍ଧ୍ୟାରେ ଅଭିଯୁକ୍ତମାନେ ଚାନ୍ଦିପୁର ଥାନା ରସଗଡ଼ ଗାଁରେ ଚାନ୍ଦିପୁର ଡ଼ିଆରଡ଼ିଓ ରାସ୍ତାର ଜଣେ ଠିକାଦାରଙ୍କ ଠାରେ କାର୍ଯ୍ୟ କରୁଥିବା ସବ କଣ୍ଟ୍ରାକ୍ଟର ଚିନ୍ତାମଣି ଦାସଙ୍କୁ କିଛି ଯୁବକ ଫୋନ୍‌ରେ ଧମକ ଦେଇ ୧୦ ଲକ୍ଷ ଟଙ୍କା ଦାଦାବଟି ଦାବି କରିଥିଲେ। ଦାବି ପୂରଣ ନ ହେବାରୁ ସେହି ରାତିରେ ୮ରୁ ୧୦ ଜଣ ଅସାମାଜିକ ସହଯୋଗୀଙ୍କ ସହ ଅଭିଯୁକ୍ତମାନେ ସେହି ଯୁବକଙ୍କ ଘର ରସଗଡାରେ ପହଞ୍ଚି ଖଣ୍ଡା, ଭୁଜାଲି ଓ ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ। ଏହାସହ ଘଟଣାସ୍ଥଳରେ ଗୋଟିଏ ରାଉଣ୍ଡ ଗୁଳି ଚାଳନା କରିଥିଲେ।



ଘଟଣା ସମୟରେ ସ୍ଥାନୀୟ ଲୋକେ ଆସିବାରୁ ଅଭିଯୁକ୍ତମାନେ ପଳାଇ ଯାଇଥିଲେ। ତେବେ ଜଣେ ଆହତ ଅଭିଯୁକ୍ତଙ୍କୁ ଲୋକେ ଧରି ପୁଲିସକୁ ଜିମା କରିଥିଲେ। ଏହି ଘଟଣାକୁ ନେଇ ଯୁବକଙ୍କ ମାଆ ସୁମତି ଦାସ ଚାନ୍ଦିପୁର ଥାନାରେ ଅଭିଯୋଗ ପରେ ଚାନ୍ଦିପୁର ଥାନାରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତ ସମୟରେ ପୋଲିସ ସୂଚନା ପାଇ ଗବଗାଁ ଅଞ୍ଚଳରେ ଚଢ଼ାଉ କରି ମୁଖ୍ୟ ଅଭିଯୁକ୍ତ ପାତ୍ରପଡ଼ା ଅଞ୍ଚଳର ପ୍ରଶାନ୍ତ ନିଳୟମ ଜେନା ଓରଫ ଗୁନୁରୁଙ୍କୁ ପୁଲିସ ଗିରଫ କରିଥିଲା। ଯାଞ୍ଚ ବେଳେ ତାଙ୍କ ପାଖରୁ ୟୁଏସଏ ନିର୍ମିତ ସେମି-ଅଟୋମେଟିକ ପିସ୍ତଲ ସହ ଦୁଇଟିଜୀବନ୍ତ ଗୁଳି ମିଳିଥିବା ବେଳେ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇ ଥିବାର ପୁଲିସ ସୂଚନା ଦେଇଛି। ସେପଟେ ଏହି ମାମଲାରେ ୫ ଜଣ ଅଭିଯୁକ୍ତ ଗିରଫ ହୋଇ ସାରିଥିବା ବେଳେ ଅନ୍ୟ କିଛି ଅଭିଯୁକ୍ତ ଏପର୍ଯ୍ୟନ୍ତ ଫେରାର ଥିବାରୁ ସେମାନଙ୍କ ଗିରଫ ପାଇଁ ପୁଲିସ ଚଢ଼ାଉ ଜାରି ରହିଥିବା ବେଳେ ଘଟଣାକୁ ନେଇ ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଛି।

ବାବା ଭୁଷଣ୍ଡେଶ୍ୱର ପୀଠ ନିର୍ମାଣ ପ୍ରସଙ୍ଗ

ଶସ୍ତା ରାଜନୀତି କରି ଲୋକଙ୍କୁ ଭ୍ରମିତ କରୁଛି ଶାସକ ଦଳ: ଗୌତମବୁଦ୍ଧ

ବାଲେଶ୍ୱର(ଉତ୍ତର), ୨୨।୨(ସମିସ)

ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକରେ ବିରାଜିତ ଏସିଆ ମହାଦେଶର ସର୍ବବୃହତ ଶିବ ଲିଙ୍ଗ ବାବା ଭୂଷଣ୍ଡେଶ୍ୱର ଶୈବପୀଠର ଉନ୍ନତିକରଣକୁ ନେଇ ରାଜନୈତିକ ବୟାନ ବାଜି ଜାରି ରହିଛି। ଶାସକ ଦଳର ନେତା ମାନେ ଏପରିକି ବାଲେଶ୍ୱର ସାଂସଦ ପ୍ରଥମେ ୧୦ କୋଟି ପରେ ପୁଣି ୫୦କୋଟି ଟଙ୍କା ଏହି ପୀଠର ଉନ୍ନତିକରଣ ପାଇଁ ଅର୍ଥ ମଞ୍ଜୁର କରାଯାଇଥିବା ନେଇ ବାରମ୍ବାର ବିଭିନ୍ନ ଗଣମାଧ୍ୟମ ତଥା ସାମାଜିକ ଗଣମାଧ୍ୟମ ଜରିଆରେ ବୟାନବାଜି କରି ଆସୁଥିବା ବେଳେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଙ୍କ ବିଧାନସଭା ର ପ୍ରଶ୍ନ ଓ ପର୍ଯ୍ୟଟନ ବିଭାଗ ମନ୍ତ୍ରୀଙ୍କ ଉତ୍ତର ରୁ ଏହାର ସତ୍ୟତା ଏବେ ପଦା କୁ ଆସିଛି।

ସୂଚନାଯୋଗ୍ୟ ଯେ ଭୁଷଣ୍ଡେଶ୍ୱର ପୀଠର ବିକାଶ ପାଇଁ ଭୋଗରାଇ ବିଧାୟକ ଶ୍ରୀ ଦାସ ଙ୍କ ସହ ବସ୍ତା ବିଧାୟିକା ସୁବାସିନୀ ଜେନା ଓ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ପର୍ଯ୍ୟଟନ ବିଭାଗ ନିକଟରେ ଦାବି ରଖିଥିଲେ। ଏହି ବିଭାଗ ଦାୟିତ୍ୱରେ



ଥିବା ଉପମୁଖ୍ୟମନ୍ତ୍ରୀ ଗତବର୍ଷ ମେ'ରେ ଭୋଗରାଇ ଗସ୍ତରେ ଆସିଥିବା ବେଳେ ୧୦ କୋଟି ଟଙ୍କା ଦେବାକୁ ଘୋଷଣା କରିଥିଲେ। ମାତ୍ର ଦୀର୍ଘଦିନ ଏହି ଅର୍ଥ ମଞ୍ଜୁର ନହେବାରୁ ପୁଣି ଶ୍ରୀ ଦାସ ପର୍ଯ୍ୟଟନ ବିଭାଗର ସଚିବଙ୍କୁ ଭେଟି ଏଥିପାଇଁ ପୁନର୍ବାର ଲିଖିତ ଅନୁରୋଧ କରିଥିଲେ। ପରବର୍ତ୍ତୀ ସମୟରେ ଏହାକୁ ନେଇ ଆରମ୍ଭ ହୋଇଥିଲା ଶସ୍ତା ରାଜନୀତି। ଅର୍ଥ ମଞ୍ଜୁର ନ ହେଉଣୁ ଏହାର ଶ୍ରେୟ ନେବା ପାଇଁ ଶାସକ ଦଳ ନେତାମାନଙ୍କ ମଧ୍ୟରେ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। କିଛି ନେତା କହି ବୁଲିଲେ ୧୦ କୋଟି ନୁହେଁ, ଆମେ ୫୦ କୋଟିର ଡିପିଆର୍ ତିଆରି କରି ଦେଇଛୁ। ସାଂସଦ ମଧ୍ୟ ଗଣମାଧ୍ୟମ ଆଗରେ ବିବୃତି ଦେଇ କହିଥିଲେ, ୫୦ କୋଟି ମଞ୍ଜୁର ହୋଇଛି। ତେବେ ଏହାର ସତ୍ୟତା ଏବେ ବିଧାନସଭା ପ୍ରଶ୍ନର ଉତ୍ତରରେ ଜଣା ପଡ଼ିଛି। ପର୍ଯ୍ୟଟନ ବିଭାଗ ଦାୟିତ୍ୱ ରେ ଥିବା ଉପମୁଖ୍ୟମନ୍ତ୍ରୀ ସ୍ପଷ୍ଟ ଭାବରେ କହିଛନ୍ତି ଯେ ଭୁଷଣ୍ଡେଶ୍ୱର ପୀଠର ବିକାଶ ପାଇଁ ୧୦ କୋଟିର ଡିପିଆର୍ ପ୍ରସ୍ତୁତ କରିବାକୁ ବାଲେଶ୍ୱର ଜିଲ୍ଲାପାଳଙ୍କୁ କୁହାଯାଇଛି। ୧୮ ଅକ୍ଟୋବର, ୨୦୨୫ରେ ଜିଲ୍ଲାପାଳଙ୍କୁ ଏନେଇ ବିଭାଗ ପକ୍ଷରୁ ପ୍ରଥମ ଚିଠି ଆସିଥିଲା। ମାତ୍ର ସେ ଏପର୍ଯ୍ୟନ୍ତ ଡିପିଆର୍ ପ୍ରସ୍ତୁତ କରିନଥିବାରୁ ୧୭.୨.୨୬ ଅର୍ଥାତ ୪ଦିନ ତଳେ ବିଭାଗ ପକ୍ଷରୁ ପୁନର୍ବାର ଜିଲ୍ଲାପାଳଙ୍କୁ ଚିଠି କରାଯାଇଛି ଏବଂ ତୁରନ୍ତ ଡିପିଆର୍ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ଯାହା ସମଗ୍ର ବାଲେଶ୍ୱର ବାସୀଙ୍କୁ ଏହା ନିରାଶ କରିଥିବା ଆଲୋଚନା ଜୋର ଧରିଛି। ପ୍ରକାଶ ଯୋଗ୍ୟ କି ୨୦୧୩ମସିହାରେ ବାବା ଭୁଷଣ୍ଡେଶ୍ୱରଙ୍କ ଜରାଜୀର୍ଣ୍ଣ ମନ୍ଦିର ଟି ଭାଙ୍ଗି ଗଲା ପରେ ତତ୍କାଳୀନ ବିଧାୟକ ସ୍ୱର୍ଗତ ଅନନ୍ତ ଦାସଙ୍କ ଆହ୍ୱାନ କ୍ରମେ ଏକ ସର୍ବଦଳୀୟ ବୈଠକ ଡକାଯାଇଥିଲା। ଏଥିରେ ନୂତନ ମନ୍ଦିର ନିର୍ମାଣ କରିବାର ପ୍ରସ୍ତାବ ଗୃହୀତ ହୋଇଥିଲା। ଏହା ସମୁଦ୍ର ତଟବର୍ତ୍ତୀ ଅଞ୍ଚଳ ହୋଇଥିବାରୁ ସିମେଣ୍ଟ କଂକ୍ରିଟ ଓ ଇଟା ଦ୍ୱାରା ମନ୍ଦିର ନିର୍ମାଣ କରାଗଲେ ଏହାର ସ୍ଥାୟୀତ୍ୱ ଦିର୍ଘସ୍ଥାୟୀ ହୋଇ ନ ପରିବା କାରଣରୁ ଏହାକୁ ପଥର ରେ ନିର୍ମାଣ କରାଯିବାର ସିଦ୍ଧାନ୍ତ ହୋଇଥିଲା। ସେତେବେଳେ ପ୍ରଥମ ପର୍ଯ୍ୟାୟରେ ବିଶିଷ୍ଟ ସ୍ଥପତି ସ୍ୱର୍ଗତ ରଘୁନାଥ ମହାପାତ୍ରଙ୍କ ଦ୍ୱାରା ୩୦କୋଟି ଟଙ୍କା ବ୍ୟୟ ଅଟକଳ ପ୍ରସ୍ତୁତ ହୋଇଥିଲା। ମନ୍ଦିର ନିର୍ମାଣ ପାଇଁ କେନ୍ଦ୍ର କିମ୍ବା ରାଜ୍ୟ ସରକାର ସିଧାସଳଖ ଟଙ୍କା ଖର୍ଚ୍ଚ କରାଯିବାର କଟକଣା ଥିବାରୁ ବିଭିନ୍ନ ଅଞ୍ଚଳର ଶ୍ରଦ୍ଧାଳୁ, ଦାତାଙ୍କ ଦାନ ସୂତ୍ରରୁ କିଛି ଅର୍ଥ ଆଦାୟ ହେବା ଏବଂ ତତ୍କାଳୀନ ବିଧାୟକ ସ୍ୱର୍ଗତ ଦାସ ଙ୍କ ବିଧାୟକ ପାଣ୍ଠି ରୁ ଆରମ୍ଭ ହୋଇଥିଲା ମନ୍ଦିର କାର୍ଯ୍ୟ। ପରବର୍ତ୍ତୀ ସମୟରେ ଏବର ବିଧାୟକ ଗୌତମବୁଦ୍ଧ ଦାସ ମଧ୍ୟ ତାଙ୍କ ବିଧାୟକ ପାଣ୍ଠିରୁ ଅର୍ଥ ଦେଇ ବର୍ତ୍ତମାନ ମନ୍ଦିର ନିର୍ମାଣ କାର୍ଯ୍ୟ ଜାରି ରହିଛି। ଏପର୍ଯ୍ୟନ୍ତ ପ୍ରାୟ୩୦ ଫୁଟ ତଳୁ କଂକ୍ରିଟ ପିଲର ନିର୍ମାଣ ଶେଷ ହୋଇ ଉପରକୁ ପଥର ଦ୍ୱାରା ଯୋଡ଼େଇ ହୋଇ ସାରିଛି। ଅପରପକ୍ଷରେ ବିଧାୟକ ଶ୍ରୀ ଦାସ କହିଛନ୍ତି ଯେ ସମସ୍ତେ ଚାହାନ୍ତି ଆମ ଭୋଗରାଇରେ ବିରାଜିତ ଏସିଆର ସର୍ବବୃହତ ଶିବଲିଙ୍ଗ ବାବା ଭୂଷଣ୍ଡେଶ୍ୱର ପୀଠର ବିକାଶ ହେଉ। ମାତ୍ର ବେଳେବେଳେ ଏହି ସଦିଚ୍ଛାକୁ ବଳିଯାଉଛି ଶସ୍ତା ରାଜନୀତି। ବାବା ଭୁଷଣ୍ଡେଶ୍ୱର ପୀଠର ବିକାଶ ପ୍ରସଙ୍ଗରେ ଯେଉଁମାନେ ମିଥ୍ୟାର ସାହାରା ନେଇ ଶସ୍ତା ରାଜନୀତି କରୁଥିଲେ ଏବଂ ଭୋଗରାଇବାସୀଙ୍କୁ ଭ୍ରମିତ କରୁଥିଲେ ତାହା ନ କରି ସେମାନେ ସମସ୍ତେ ଏହି ପୀଠର ଉନ୍ନତି ପାଇଁ ସହଯୋଗର ହାତ ବଢ଼ାଇଲେ ଏସିଆ ମହାଦେଶର ପ୍ରସିଦ୍ଧ ଓ ବୃହତ ଶିବଲିଙ୍ଗ ବାବା ଭୁଷଣ୍ଡେଶ୍ୱରଙ୍କ ଭବ୍ୟ ମନ୍ଦିର ନିର୍ମାଣ ସହିତ ଏହାର ପାରିପାର୍ଶ୍ୱିକ ଉନ୍ନୟନ ସମ୍ଭବ ହୋଇପାରିବ ବୋଲି ସମସ୍ତଙ୍କୁ ନିବେଦନ କରିଛନ୍ତି।

ଜଳେଶ୍ୱରରେ ବନ୍ଦ ହେବ ୪୦ ଇଟାଭାଟି



ଜଳେଶ୍ୱର, ୨୨।୨ (ସମିସ) : ମାଟି ଇଟାଭାଟି ଚାଲିବା ଉପରେ ସରକାରଙ୍କ ପକ୍ଷରୁ କଟକଣା ରହିଛି। କେବଳ କାଗଜ କଲମରେ ହିସାବ ହେଉଥିବା ବେଳେ ଜଳେଶ୍ୱରରେ ଖୁଲମଖୁଲା ଇଟାଭାଟି ଚାଲିଛି। ଜାତୀୟ ରାଜପଥ ପାଶ୍ୱର୍, ଜନବସତି ନିକଟ, ସ୍କୁଲ ଓ ବ୍ୟବସାୟ କେନ୍ଦ୍ର ନିକଟରେ ଏହି ସବୁ ଇଟାଭାଟି ଗୁଡିକ ଚାଲୁଥିବା ବେଳେ ଧର୍ମକୁ ଆଖିଠାର ଭଳି ସେମାନଙ୍କୁ ନୋଟିସ୍ କରାଯାଉଛି। ସୂଚନାଯୋଗ୍ୟ ଜଳେଶ୍ୱର ତହସିଲ ଅଧିନରେ ୩୫ଟି ଇଟାଭାଟି ରହିଥିବା ବେଳେ ୪୪ରୁ ଅଧିକ ଇଟାଭାଟି ଲୁଚାଛପାରେ ଚାଲୁଛି। କେତେକ ଇଟାଭାଟି ଗ୍ରାମ ଭିତରେ ଓ ପଶ୍ଚିମବଂଗ ସୀମାରେ ଚାଲୁଥିବା ବେଳେ ପ୍ରଶାସନ ଜାଣି ନଜାଣିଲାପରି କାର୍ଯ୍ୟ କରୁଛି। ଉପଜିଲାପାଳଙ୍କ ନିର୍ଦ୍ଦେଶରେ ଗତ ସପ୍ତାହରେ ଏହି ସବୁ ଇଟାଭାଟି ମାଲିକ ମାନଙ୍କୁ ବନ୍ଦ ଲାଗି ନୋଟିସ୍ କରାଯାଇଥିଲା। ଶୁକ୍ରବାର ତହସିଲଦାର ସତ୍ୟଜିତ୍ ମହାନ୍ତିଙ୍କ ନିର୍ଦ୍ଦେଶରେ ଅତିରିକ୍ତ ତହସିଲଦାର ଚକ୍ରଧର ମଲ୍ଲିକ, ଆର୍‌ଆଇ, ସୁପରଭାଇଜର, ଅଗ୍ନିଶମ ବିଭାଗର ଖେଲାରାମ ମାରାଣ୍ଡି, ମିଥୁନ ନାଥ, ସମୀର ହାତୀ, ଧୃତିଦିତେନ ପାତ୍ର, କନିଷ୍ଠ ଖଣି ଅଧିକାରୀ ତାପସ କୁମାର ବେହେରା ପ୍ରମୁଖ ଗୋବରଘଟା ଅଂଚଳର ୪ଟି ଇଟାଭାଟିକୁ ଯାଇ କେବଳ ଫଟୋ ଉଠାଇ ଚାଲିଆସିଥିବା ଜଣାଯାଇଛି। ପ୍ରଶାସନର ଏପରି ହାତ ଆଉଁସା କାର୍ଯ୍ୟକୁ ଜନସାଧାରଣ ଗ୍ରହଣ କରିପାରୁନଥିବା ବେଳେ ମାଟି ଇଟାଭାଟି ବନ୍ଦ କରାଯିବା କେବଳ କାଗଜ କଲମରେ ରହିଯିବ ବୋଲି କୁହାଯାଇଛି। ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ଉଲ୍ଲଘଂନ କରି ଏଇମିତି ବେଆଇନ ଇଟାଭାଟି ଚଳେଇବା ପାଇଁ କିଏ ଅନୁମତି ଦେଇଛି ଆଉ କିଏ ଏଥିରୁ ଲାଭବାନ ହେଉଛି? ଏହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ପଞ୍ଚମୁଖୀ ହନୁମାନ ମନ୍ଦିରର ବାର୍ଷିକୋତ୍ସବ



ଭୋଗରାଇ,୨୨।୨(ସମିସ) : ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ନିମାତପୁର ପଞ୍ଚାୟତ ସେହି ଗ୍ରାମର ଥିବା ହାଟ ପ୍ରାଙ୍ଗଣ ପଞ୍ଚମୁଖୀ ହନୁମାନ ମନ୍ଦିରର ଅଷ୍ଟମ ବାର୍ଷିକୋତ୍ସବ ଓ ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞର ଶୁଭାରମ୍ଭ ହୋଇଛି। ରବିବାର ଶୁଭ ମୁହୂର୍ତ୍ତରେ ପସରବିନ୍ଧା ଓ ଟୁଙ୍କୁରୀହାଜିରା ପଞ୍ଚାୟତର ସୀମା ରେଖା ଆଉଷା ବନ୍ଧ ନିକଟରେ ଥିବା ବଙ୍ଗୋପ ସାଗର ଓ ସୁବର୍ଣ୍ଣରେଖା ନଦୀର ମୁହାଣରୁ ପଥରେଶ୍ୱରକୁ ସଂଯୋଗ କରୁଥିବା କେନାଲରୁ ସପ୍ତଗଙ୍ଗା ଆହ୍ୱାନ କରି ପାଣି ଆଣିବା ସହିତ ଆତସବାଜି, ଡିଜେ ଓ ପାରମ୍ପାରିକ ବାଦ୍ୟର ତାଳେ ତାଳେ ମହିଳା ମାନଙ୍କ ଦ୍ୱାରା ଶୁଭକଳସୀ ଶୋଭାଯାତ୍ରା ସହିତ ଘଟଉତ୍ତୋଳନ କରାଯାଇ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଶୁଭାରମ୍ଭ କରାଯାଇଛି। ସ୍ଥାନୀୟ ସରପଞ୍ଚ ରାଜେନ୍ଦ୍ର ଦଳାଇ, ପଞ୍ଚାୟତ ସମିତି ସଦସ୍ୟ ଭଗବାନ ରଣା, ରବିନ୍ଦ୍ର ରଣା, ହରିଶ ଚନ୍ଦ୍ର ପରିଡ଼ା, ରବିନ୍ଦ୍ର ଜେନା ସମେତ ନିମାତପୁର ହାଟ ବଣିକ ସଂଘ ଓ ଗ୍ରାମବାସୀଙ୍କ ପରିଚାଳନାରେ ଅନୁଷ୍ଠିତ ଉତ୍ସବରେ ବହୁ ଭକ୍ତ, ଶ୍ରଦ୍ଧାଳୁ, ସାଧୁ ସନ୍ଥ ଉପସ୍ଥିତ ହୋଇଥିଲେ।

ମିତ୍ରପୁର-ନୀଳଗିରି ରାସ୍ତାରେ ଛିନ୍‌ତାଇ

ନୀଳଗିରି, ୨୨।୨ (ସମିସ): ଅପରାହ୍ନ ପ୍ରାୟ ୫.୩୦ ମିନିଟ ସମୟରେ ମିତ୍ରପୁର ନୀଳଗିରି ରାସ୍ତାର ଏକ ନିଛାଟିଆ ଜାଗାରେ ବାଇକ୍ ଆରୋହୀକୁ ଅଟକାଇ ବାଇକ୍ ସହ ସୁନା ମୁଦି ଏବଂ ନଗଦ ପାଞ୍ଚ ହଜାର ଟଙ୍କା ଛିନ ତାଇ ହୋଇଥିବାର ନୀଳଗିରି ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁସାରେ ଟିପିଏନ୍‌ଓଡିଏଲର କାର୍ଯ୍ୟରତ ଏଷ୍ଟିମିଟର ଜେଇ ଖନ୍ତାପଡା ଥାନା ଶେରଗଡ଼ ଗ୍ରାମର ଅବିନାଶ ମହାପାତ୍ର ନିଜ ସ୍କୁଟିରେ ନିଜ ଶାଶୂଙ୍କୁ ଛାଡ଼ିବା ପାଇଁ ମିତ୍ରପୁର ଆସି ଫେରୁଥିବା ବେଳେ ମିତ୍ରପୁର ନୀଳଗିରି ରାସ୍ତାର ଚଣ୍ଡି କ୍ରିସର ନିକଟରେ ଦୁଇ ଜଣ ଯୁବକ ଧଳା ରଙ୍ଗର ବାଇକ୍ ରେ ଆସି ଅବିନାଶଙ୍କୁ ଅଟକାଇ ବେକରେ କଟୁରୀ ଲଗାଇ ଭୟଭୀତ କରାଇ ତାଙ୍କର ସ୍କୁଟି ଗାଡ଼ି ସହ ଏକ ସୁନା ମୁଦି, ମୋବାଇଲ୍ ଓ ପକେଟ୍‌ରେ ଥିବା ପାଞ୍ଚ ହଜାର ଟଙ୍କା ଛିନ୍‌ତାଇ କରି ଫେରାର ହୋଇ ଯାଇଥିଲେ। ଏନେଇ ଅବିନାଶ ନୀଳଗିରି ଥାନାରେ ରାତ୍ରୀ ୯ ଘଟିକା ସମୟରେ ଅଭିଯୋଗ କରିଛନ୍ତି। ପୁଲିସ ପକ୍ଷରୁ ତଦନ୍ତ ଜାରି ରଖିଛନ୍ତି।

ସୁବର୍ଣ୍ଣରେଖା ନଦୀରୁ ବେଆଇନ ବାଲି ଚାଲାଣ

ହେଉନି କାର୍ଯ୍ୟାନୁଷ୍ଠାନ

କାଳିପଦା, ୨୨।୨ (ସମିସ): ସୁବର୍ଣ୍ଣରେଖା ନଦୀରୁ ଏବେ ଟ୍ରକ୍, ଟ୍ରାକ୍ଟର, ଜେସିବି ଆଦି ଯୋଗେ ବ୍ୟାପକ ବାଲି ଚୋରା ଚାଲାଣ ହେଉଛି। ପ୍ରଶାସନ ସବୁ ଜାଣି ମଧ୍ୟ ନିରବ ରହିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମୁଖ୍ୟତଃ ସୁବର୍ଣ୍ଣରେଖା ଦ୍ୱିତୀୟ ସେତୁ ନିକଟ ଜଳେଶ୍ୱର ତହସିଲ୍ ଅଧିନ କଣ୍ଟାପାଳ ବାଲି ଖାଦାନ ଓ ବାଲିଆପାଳ ତହସିଲ୍ ଅଧିନ ଅସ୍ତି ପଞ୍ଚାୟତର ବଡାପାଳ,ଚଡ ବଡ଼ାପାଳ, ଅସ୍ତି ଗାଁ ତଟ ନଦୀରୁ ଦୈନନ୍ଦିନ ଶତାଧିକ ଟ୍ରକ୍ ଓ ଟ୍ରେକର ଯୋଗେ ବାଲି ଚୋରା ଚାଲାଣ ହେଉଛି।



ରାତିରେ ଏହି ସବୁ ବେଆଇନ୍ କାର୍ଯ୍ୟ ହେଉଛି। କିଛି ମୁଷ୍ଟି ମେୟ ଲୋକ ଉଭୟ ପ୍ରଶାସନ ଓ ସ୍ଥାନୀୟ ଲୋକଙ୍କୁ ହାତ କରି ଏହି କାରବାର କରୁଛନ୍ତି। ପ୍ରଶାସନର କେତେକ ତଳିଆ କର୍ମଚାରୀ ମାସିକିଆ ବଟି ନେଇ ଚୁପ୍ ରହୁଛନ୍ତି। କେତେକ ସମ୍ବାଦଦାତା ମଧ୍ୟ ବାଲି ଗାଡ଼ି ଅଟକାଇ ଚାନ୍ଦା ଆଦାୟ କରୁଛନ୍ତି। କେତେକ ନିଜକୁ ପୁଲିସ, ଆର୍ ଆଇ ଆଦି ପରିଚୟ ଦେଇ ମଧ୍ୟ ଚାନ୍ଦା ଆଦାୟ କରୁଛନ୍ତି। ଏହି ସବୁ ନକଲି ସାମ୍ବାଦିକ, ପୁଲିସ୍ , ଆର୍ ଆଇଙ୍କ ବିରୋଧରେ କୌଣସି ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଫଳରେ ସେମାନଙ୍କ ବେଆଇନ୍ କାର୍ଯ୍ୟ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଶୁକ୍ରବାର ଅସ୍ତି ଗ୍ରାମ ପଞ୍ଚାୟତ ସଧାରଣ ଲୋକ ଦୃଢ଼ ଦାବି କରିଛନ୍ତି। ଅନ୍ୟ ପକ୍ଷରେ ଦୁଇ ବାଲି ଖାଦାନ ନିଲାମକୁ ନେଇ ପ୍ରଶାସନର ଟାଳଟୁଳ ନୀତି ଚୋରା ବାଲି ଚାଲାଣକାରୀକୁ ଖୁବ୍ ସୁହାଇଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ବାଲି ଖାଦାନ ନିଲାମ ହେଲେ ଚୋରି ଅନେକାଂଶରେ ରୋକା ଯାଇ ପାରନ୍ତା। ମାତ୍ର ଦୀର୍ଘଦିନ ଧରି ଦୁଇ ଖାଦାନର ନିଲାମ ବନ୍ଦ ରହିଛି। ନିର୍ଦ୍ଦିଷ୍ଟ ସମୟରେ ବାଲି ଖାଦାନ ନିଲାମ ହେଲେ ଚୋରା ଚାଲାଣ ହୁଅନ୍ତା ନାହିଁ। କିନ୍ତୁ ସରକାରଙ୍କ ଦୂରଦୃଷ୍ଟି ଅଭାବରୁ ଖାଦାନ ନିଲାମ ହୋଇ ପାରୁ ନାହିଁ। ଏଥି ଯୋଗୁଁ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହାନୀ ହେଉଛି। ଏଥି ଯୋଗୁଁ ବାଲି ମାଫିଆମାନେ ମାଲେ ମାଲ ହେଉଛନ୍ତି। ଉଚ୍ଚ ନ୍ୟାୟାଳୟ ସକାଳ ୭ଟାରୁ ରାତି ୯ଟା ମଧ୍ୟରେ ବାଲି ଚାଲାଣ ହୋଇ ପାରିବ ନାହିଁ ବୋଲି କଡ଼ା ନିର୍ଦ୍ଦେଶ ଦେଇ ଛନ୍ତି। ମାତ୍ର ଆଇନକୁ କେହି ମାନୁ ନାହାଁନ୍ତି। ଅନେକ ସମୟରେ ବାଲି ଚୋରା ଚାଲାଣକୁ କେନ୍ଦ୍ର କରି ସ୍ଥାନୀୟ ଲୋକଙ୍କ ମଧ୍ୟରେ ଗଣ୍ଡଗୋଳ ହେଉଛି, ଥାନାରେ ମିଥ୍ୟା କେଶ ପର୍ଯ୍ୟନ୍ତ କଥା ଯାଉଛି। ଘର ତିଆରି ପାଇଁ ବାଲି ଜରୁରୀ ଆବଶ୍ୟକ ପଦାର୍ଥ ହୋଇ ଥିବାରୁ ସରକାର ଏଥିପାଇଁ କଡ଼ା ଆଭିମୁଖ୍ୟ ସ୍ପଷ୍ଟ କରିବା ଉଚିତ୍। ଅନ୍ୟ ପକ୍ଷରେ ସବର୍ଣ୍ଣ ରେଖା ସେତୁର ଉଭୟେ ପାଶ୍ୱର୍ରେ ଦୁଇ ଖାଦାନ ଥିବାରୁ ସେତୁ ଟି ଧୀରେ ଧୀରେ ଦୁର୍ବଳ ହେଉଛି। ରାଜୀବ ଜେନା, ବନମାଳି ମାହାଳିକ, ରାଧା କୃଷ୍ଣ ସାହୁ, ରବୀନ୍ଦ୍ର ନାଥ ନାୟକ, ବେଣୁଧର ପୃଷ୍ଟି, ସନ୍ତୋଷ କୁମାର ଗିରି, ପଙ୍କଜିନୀ ଗୋଛାୟତ, ପ୍ରଶାନ୍ତ କୁମାର କରଣ, କମଳାକାନ୍ତ ମଲ୍ଲିକ, ସଞ୍ଜୟ କୁମାର ବେହେରା, ହରେକୃଷ୍ଣ ନାୟକ, ଭାନୁ ଚରଣ ମଲ୍ଲିକ, ସଞ୍ଜୟ କୁମାର ବେହେରା ପ୍ରମୁଖ ଶତାଧିକ ପଞ୍ଚାୟତ ବାସୀ ଚୋରା ବାଲି ଉତ୍ତୋଳନକୁ ତୀବ୍ର ବିରୋଧ କରିଛନ୍ତି। ଲଘୁ ଖଣିଜ ସମ୍ପଦ ବିଭାଗ ଓ ରାଜସ୍ୱ ବିଭାଗ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

ନିଜାମପୁର ଗାଁରେ ପାନୀୟ ଜଳସଙ୍କଟ

ଆରମ୍ଭ ହେଲା ଜଳଯୋଗାଣ ପାଇଁ ଅଧପନ୍ତରିଆ କାର୍ଯ୍ୟ

ବାଲେଶ୍ୱର(ଉତ୍ତର), ୨୨।୨ (ସମିସ)

ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଦୁଡ଼ପଳ ପଞ୍ଚାୟତ ନିଜାମପୁର ଗ୍ରାମରେ ପାନୀୟ ଜଳ ସଙ୍କଟର ସମାଧାନର ବାଟ ଫିଟିଛି। ଏ ସଂକ୍ରାନ୍ତରେ 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଗତ ଦୁଇ ଦିନ ହେଲା ଷ୍ଟାଣ୍ଡ ପୋଷ୍ଟ ଗୁଡ଼ିକରେ ପାଇପ ସଂଯୋଗ ହେଉଥିବା ବେଳେ ଓଭର ହେଡ ଟ୍ୟାଙ୍କ ନିର୍ମାଣ କାର୍ଯ୍ୟ ଚାଲିଥିବା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ ଯେ ଆଜକୁ ଦୁଇ ବର୍ଷ ପୂର୍ବରୁ ଏହି ଗାଆଁ ରେ ଘରକୁ ଘର ପାଇପ ଲାଇନ ବିଛା ଯାଇଛି, ଟ୍ୟାପ ମଧ୍ୟ ବସିଛି। ମାତ୍ର ସେଥିରୁ ପାଣି ବାହାରୁ ନାହିଁ। ଲୋକେ ଟିକେ ଶୁଦ୍ଧ ପିଇବା ପାଣି ପାଇଁ ଡହଳ ବିକଳ ହେଉଛନ୍ତି। ଆଗକୁ ଆଉ ଦୁଇମାସ ପରେ ଆସୁଛି ଗ୍ରୀଷ୍ମପ୍ରବାହ। ତେଣୁ ପାଣିର ଅଭାବ ଆହୁରି ଭୟଙ୍କର ରୂପ ନେବ ବୋଲି ଲୋକେ ଆଶଙ୍କା ରହିଥିଲା। ଏବେ ଠାରୁ ଟିକେ ଶୁଦ୍ଧ ପାଣି ପାଇଁ ମହିଳା ଓ ଶିଶୁମାନେ ଦୂର ଦୂରନ୍ତରୁ ଯିବାକୁ ବାଧ୍ୟ ହେଉଥିଲେ। ଏପରିକି ଯେଉଁମାନେ ଯାଇ ନପାରୁଛନ୍ତି ସେମାନେ ଦୂଷିତ ପାଣି ବ୍ୟବହାର କରୁଥିଲେ। ଫଳରେ ଅନେକେ ଜଳ ବାହିତ ରୋଗରେ ଆକ୍ରାନ୍ତ ହେଉଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଆଜକୁ ଦୁଇବର୍ଷ ତଳେ ବସୁଧା ଯୋଜନାରେ ଗ୍ରାମକୁ ପାଇପ ଲାଇନ ପଡିଥିଲା। ପ୍ରତ୍ୟେକ ଘରକୁ ମଧ୍ୟ ପାଇପ ସଂଯୋଗ କରାଯାଇ ଟେପ ବସିଥିଲା। ମାତ୍ର ତାହା କେବଳ ଲୋକ ଦେଖାଣିଆରେ ସୀମିତ ରହିଥିଲା। କାର୍ଯ୍ୟ ଅଧାପନ୍ତରିଆ ରଖି ଗ୍ରାମ୍ୟ ପାନୀୟ ଜଳଯୋଗାଣ ବିଭାଗ ଚୁପ ହୋଇ ବସିଥିଲା। ତେବେ ଏ ନେଇ ଗତ ଡିସେମ୍ବର ୨୯ ତାରିଖରେ ଦୈନିକ "ସକାଳ'ରେ ବିସ୍ତୃତ ଖବର ପ୍ରକାଶ



'ସକାଳ' ପ୍ରଭାବ

ପାଇଥିଲା। ପରେ ଏହାକୁ ନେଇ ବିଶିଷ୍ଟ ସମାଜସେବୀ ତଥା ଲକ୍ଷ୍ମୀକାନ୍ତ ରାଉତ ମେମୋରିଆଲ ଟ୍ରଷ୍ଟର ଅଧ୍ୟକ୍ଷ ହରି ନାରାୟଣ ରାଉତ ସିଏମଓ କାର୍ଯ୍ୟାଳୟ ସମେତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଏକ୍ସ ଯୋଗେ ଟ୍ୱିଟ କରିଥିଲେ। ଏହାର ଉତ୍ତରରେ ଗତ ତା. ୩୧-୧୨-୨୦୨୫ ରେ ଜିଲ୍ଲା ପ୍ରଶାସନ ଏବଂ ସି ଏମ ଓ କାର୍ଯ୍ୟାଳୟ ପକ୍ଷରୁ ଏହି ସମସ୍ୟାର ତ୍ୱରିତ ସମାଧାନ ପାଇଁ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ବାଲେଶ୍ୱର ଜିଲ୍ଲା କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ଏହା ମଧ୍ୟରେ ଦେଢ଼ ମାସ ବିତିଯାଇଥିଲେ ବି ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିଲା। ତେବେ ଗତ ଦୁଇଦିନ ଧରି ଅଧା ପଡିଥିବା ଏହି କାର୍ଯ୍ୟ ପୁଣି ଆରମ୍ଭ ହୋଇଛି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

୧୫ ଗୋରୁ ଉଦ୍ଧାର, ପିକ୍‌ଅପ୍ ଭ୍ୟାନ୍ ଜବତ

ବାଲେଶ୍ୱର/ବାହାନଗା,୨୨।୨(ସମିସ): ସାହାସପୁରାରୁ ପଶ୍ଚିମବଙ୍ଗକୁ ବେଆଇନ ଗୋ" ଚାଲାଣ ବେଳେ ଗୋପାଳପୁର ପୁଲିସ ଚଢ଼ାଉ କରି ୧୫ ଗୋଟି ଗୋରୁଙ୍କୁ ଉଦ୍ଧାର କରିଥିବା ବେଳେ ଗୋ ଚାଲାଣରେ ବ୍ୟବହୃତ ପିକଅପ ଭ୍ୟାନକୁ ଜବତ କରିଥିବା ଜଣାପଡ଼ିଛି। ଗୋପାଳପୁର ଥାନା ସାହାସପୁରା ଗାଁରୁ ପ୍ରତିଦିନ ଟ୍ରକ, ପିକଅପ ଏବଂ ଯାତ୍ରୀବାହୀ ବୋଲେରୋ ଗାଡ଼ିରେ ସିଟ ଖୋଲି ବେଆଇନ ଭାବେ ଭାୟା ବାରିକପୁର ତ କେତେବେଳେ ସିଧାସଳଖ ରାସାଳପୁର ହୋଇ ଫୁଲଡ଼ି ଦେଇ ପଶ୍ଚିମବଙ୍ଗ କୁ ଗୋଚାଲାଣ କରାଯାଉଛି। ପୁଲିସକୁ ଜଗି ଗୋରୁ ମଫିଆ ଚାଲାଣ ଚଳାଇ ଆସୁଥିବା ବେଳେ ଗତକାଲି ବିଳମ୍ବିତ ରାତିରେ ଗୋପାଳପୁର ପୋଲିସ ସାହାସପୁରାରୁ ଗୋଚାଲାଣ ନେଇ କୌଣସି ସୂତ୍ରରୁ ଖବର ପାଇଥିଲା। ପରେ ଗୋପାଳପୁର ଥାନା ଆଇଆଇସି ମଧୁସ୍ମିତା ସିଂ ସାହସପୁରାରୁ ପଶ୍ଚିମବଙ୍ଗ ଗୋ ଚାଲାଣ କରାଯାଉଥିବାର ଜାଣି ସାହସପୁରା ଛକରେ ଚଢ଼ାଉ କରିଥିଲେ। ଏକ ପିକଅପ ଭ୍ୟାନକୁ ଅଟକାଇ ଯାଞ୍ଚ କରାଯିବା ପରେ ସେଥିରେ ୧୫ଟି ଗୋରୁଙ୍କୁ ଅମାନୁଷିକ ଭାବେ ବୋଝେଇ କରି ପଶ୍ଚିମବଙ୍ଗ ଚାଲାଣ କରାଯାଉଥିବାର ଜାଣି ଗୋରୁଙ୍କୁ ଉଦ୍ଧାର କରି ବାମପଦା ସ୍ଥିତ ମା" ଭାରତୀ ଗୋ ଶାଳାରେ ଛାଡ଼ି ଥିବାର ଜଣାପଡିଛି। ସେପଟେ ବେଆଇନ ଗୋ ଚାଲାଣ ଅଭିଯୋଗରେ ଥାନାରେ ୪୧ /୨୦୨୬ ରେ ଏକ ମାମଲା ରୁଜୁ କରାଯାଇଥିବା ବେଳେ ପିକଅପ ଭ୍ୟାନକୁ ଜବତ କରି ପୁଲିସ ତଦନ୍ତ ଚଳାଇଥିବା ଜଣାପଡ଼ିଛି।



ଭୁବନେଶ୍ୱର ସିଟି

ଡାକଘର ଜମାକାରୀଙ୍କ ଟଙ୍କା ହଡ଼ପ

ପଞ୍ଜିକୃତ ପୋଷ୍ଟାଲ ଏଜେଣ୍ଟ ଗିରଫ

ଭୁବନେଶ୍ୱର, ୨୨।୨(ସମିସ):



ଡାକଘରେ ଜମାକାରୀଙ୍କ ଠାରୁ ଠକେଇ ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୁଲିସ ପଞ୍ଜିକୃତ ପୋଷ୍ଟାଲ ଏଜେଣ୍ଟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଭଦ୍ରକ ଭଣ୍ଡାରୀ ପୋଖରୀ ଅଞ୍ଚଳର ଆଶିଷ କୁମାର ଧଳ। ଆଶିଷ ଏବେ ଜୟଦୁର୍ଗା ନଗର ଅଞ୍ଚଳରେ ରହୁଛନ୍ତି।

ସୂଚନାଯୋଗ୍ୟ ଯେ, ଅଭିଯୋଗକାରିଣୀ ଡାକ ବିଭାଗ ଅଧୀନରେ ଥିବା ଲକ୍ଷ୍ମୀସାଗର ସବ-ଡାକଘରର ଜଣେ ଜମାକାରୀ ଥିଲେ। ଅଭିଯୁକ୍ତ ଆଶିଷ କୁମାର ଧଳ ଜଣେ ପଞ୍ଜିକୃତ ପୋଷ୍ଟାଲ ଏଜେଣ୍ଟ ଥିଲେ। ପୂର୍ଣ୍ଣ ଚନ୍ଦ୍ର ମହାରଣା ସେହି ସବ-ଡାକଘରର ସବ-ପୋଷ୍ଟମାଷ୍ଟର ଥିଲେ। ଅଭିଯୋଗ ଅନୁସାରେ, ପୂର୍ଣ୍ଣ ଚନ୍ଦ୍ର ମହାରଣା ଆଶିଷ କୁମାର ଧଳଙ୍କ ସହିତ ତାଙ୍କର ପରିଚୟ କରାଇ ତାଙ୍କ ମାଧ୍ୟମରେ ଡାକ ଯୋଜନାରେ ନିବେଶ କରିବାକୁ ପରାମର୍ଶ ଦେଇଥିଲେ। ଅଗଷ୍ଟରୁ ସେପ୍ଟେମ୍ବର ୨୦୨୪ ମଧ୍ୟରେ, ସେମାନଙ୍କ ପରାମର୍ଶ ଅନୁଯାୟୀ ଅଭିଯୋଗକାରୀ ମହିଳା ମୋଟ ୫ ଲକ୍ଷ ୩୦ହଜାର ଟଙ୍କାର ଚେକ୍ ଜାରି କରିଥିଲେ। ଏହା ସହିତ ଆର୍ ଡି ଦେୟ ପାଇଁ ଦସ୍ତଖତ ହୋଇଥିବା ଏକ ଖାଲି ଚେକ୍ ଦେଇଥିଲେ। ୟୁପିଆଇ ମାଧ୍ୟମରେ ଆଶିଷ କୁମାର ଧଳଙ୍କୁ ୬୩ ହଜାର ୩୦୦ ଟଙ୍କା ହସ୍ତାନ୍ତର କରିଥିଲେ। କିନ୍ତୁ ନିବେଶ କରିବା ପରିବର୍ତ୍ତେ, ଆଶିଷ କୁମାର ଧଳ ପୂର୍ଣ୍ଣ ଚନ୍ଦ୍ର ମହାରଣାଙ୍କ ସହ ଅପରାଧିକ ଷଡ଼ଯନ୍ତ୍ର କରି ୫ଲକ୍ଷ ୩୦ହଜାର ଟଙ୍କା ଓ ୧୪ ହଜାର ଟଙ୍କା ହଡ଼ପ କରିଥିଲେ। ପୂର୍ଣ୍ଣ ଚନ୍ଦ୍ର ମହାରଣା ବିନା କୌଣସି ବୈଧ କାରଣ ଥାଇ ଉଚ୍ଚ ମୂଲ୍ୟର ଚେକ୍ କ୍ଲିୟର କରି ତାଙ୍କ ସରକାରୀ ପଦବୀର ଅପବ୍ୟବହାର କରିଥିବା ଅଭିଯୋଗ ରହିଛି। ପରେ ଆଶିଷ କୁମାର ଧଳ ୬ ଲକ୍ଷ ୭ ହଜାର ଟଙ୍କାର ଏକ ଚେକ୍ ଦେଇଥିଲେ। କିନ୍ତୁ ସେହି ଚେକ୍ 'ଡ୍ରୟରଙ୍କ ଦସ୍ତଖତ ଭିନ୍ନ' ଥିବା କାରଣରୁ ଅମାନ୍ୟ ହୋଇଯାଇଥିଲା। ଏହିପରି ଭାବେ ଅଭିଯୁକ୍ତମାନେ ମିଳିତ ଭାବେ ଠକେଇ ଏବଂ ଆପରାଧିକ ଷଡ଼ଯନ୍ତ୍ର କରି ତାଙ୍କ ଟଙ୍କା ହଡ଼ପ କରିଥିବା ଅଭିଯୋଗ ହୋଇଛି। ତଦନ୍ତ ସମୟରେ ପୁଲିସ ଅଭିଯୁକ୍ତ ଆଶିଷ କୁମାର ଧଳଙ୍କୁ ଚନ୍ଦ୍ରଶେଖରପୁର ଡିଏଭି ସ୍କୁଲ ନିକଟରୁ ଗିରଫ କରିଥିବା ବେଳେ, ଏହି ଅପରାଧରେ ତାଙ୍କର ସମ୍ପୃକ୍ତି ସ୍ୱୀକାର କରିଥିଲେ। ତାଙ୍କ ନାମରେ ପୂର୍ବରୁ ଲକ୍ଷ୍ମୀସାଗର ଥାନାରେ ଦୁଇଟି ଠକେଇ ଜନିତ ମାମଲା ରହିଛି।

ଗୁପଚୁପ୍ ପ୍ରିୟ ନବୀନ



ଭୁବନେଶ୍ୱର,୨୧।୨(ସମିସ): କୌଣସି ବିବାହ, ବ୍ରତ କିମ୍ବା ଅନ୍ୟ ସାମାଜିକ କାର୍ଯ୍ୟକ୍ରମରେ ଯୋଗଦେବା ବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗୁପଚୁପ ଖାଇବାକୁ ପସନ୍ଦ କରିଥା'ନ୍ତି। ଗୁପଚୁପ ଦେଖିଲେ ସ୍ୱତଃପ୍ରବୃତ୍ତ ଭାବେ ତାଙ୍କ ପାଦ ଅଟକି ଯାଇଥାଏ। ରବିବାର

ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ

ସେମିତି ଏକ ଦୃଶ୍ୟ ପୁଣିଥରେ ଦେଖିବାକୁ ମିଳିଛି। ଭୁବନେଶ୍ୱର କ୍ଲବ୍ ପରିସରରେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ବେଳେ ନବୀନଙ୍କ ଗୁପଚୁପ ପ୍ରତି ଥିବା ଦୁର୍ବଳତା ପୁଣିଥରେ ଦେଖିବାକୁ ମିଳିଛି। କାର୍ଯ୍ୟକ୍ରମରେ ନବୀନ ଗୁପଚୁପ ଷ୍ଟଲ ନିକଟକୁ ଯାଇ ଦୁଇଟା ଖାଇବେ ବୋଲି କହୁଛନ୍ତି। ମାତ୍ର ନବୀନ ୨ଟାରୁ ଅଧିକ ଗୁପଚୁପ ଖାଇଥିଲେ। ସୂଚନାଯୋଗ୍ୟ ଯେ ନିଜର ନିରାଡ଼ମ୍ବର ଜୀବନଶୈଳୀ ପାଇଁ ନବୀନ ସବୁବେଳେ ଦେଶବ୍ୟାପୀ ଚର୍ଚ୍ଚାରେ ରହିଆସିଛନ୍ତି। ନବୀନଙ୍କ ଏହି ଗୁପଚୁପ ଖାଇବାର ଭିଡିଓ ସାମାଜିକ ଗଣମାଧ୍ୟମରେ ବହୁଳ ଭାବେ ଦେଖିବାକୁ ମିଳୁଥିବା ବେଳେ ଏବେ ବି ତାଙ୍କର ଲୋକପ୍ରିୟତା ସେମିତି ଅକ୍ଷୁଣ୍ଣ ରହିଛି, ତାହା ପ୍ରମାଣିତ କରିଛି।

ସ୍ତ୍ରୀଙ୍କୁ ନିର୍ଯାତନା, ସ୍ୱାମୀ ଗିରଫ

ଭୁବନେଶ୍ୱର,୨୨।୨(ସମିସ): ସ୍ତ୍ରୀଙ୍କୁ ନିର୍ଯାତନା ଦେବା ଅଭିଯୋଗରେ ସ୍ୱାମୀକୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ବାବୁଲି ସେଠୀ। ପୁଲିସ ସୂଚନା ମୁତାବକ, ବାବୁଲି ତାଙ୍କ ସ୍ତ୍ରୀ ହୀରାଙ୍କୁ ବୈଦିକ ରୀତିନୀତିରେ ୧୪ ବର୍ଷ ତଳେ ବିବାହ କରିଥିଲେ। ତାଙ୍କର ଦୁଇଟି ସନ୍ତାନ ରହିଛି। ବିବାହର କିଛି ଦିନରେ ସେ ନିୟମିତ ଭାବେ ନିଶା ସେବନ କରି ଘରକୁ ଫେରୁଥିଲେ। ଏହାସହ ସ୍ତ୍ରୀଙ୍କୁ ମାରପିଟ୍ କରୁଥିଲେ। ନିର୍ଯାତନା ସହି ନ ପାରି ଶେଷରେ ସ୍ତ୍ରୀ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ବାବୁଲିଙ୍କୁ ଗିରଫ କରିଥିଲା।



ଚିକିତ୍ସାରେ ଅବହେଳାରୁ ରୋଗୀ ମୃତ୍ୟୁ ଅଭିଯୋଗ

ଡାକ୍ତରଖାନାରେ ଉତ୍ତେଜନା

ବାଲିଅନ୍ତା,୨୨।୨(ସମିସ): ବାଲକାଟି ଫାଣ୍ଡି ଅଧୀନ ପଞ୍ଚାୟତ ରୋଡ୍ ନିକଟସ୍ଥ ଏକ ଘରୋଇ ହସ୍ପିଟାଲରେ ଆଜି ଅପରାହ୍ଣରେ ଗୋଡ଼ରେ ଅସ୍ତ୍ରୋପଚାର କରାଇଥିବା ଜଣେ ବ୍ୟକ୍ତିଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ଦେଖାଦେଇଛି। ଡାକ୍ତରଙ୍କ ଚିକିତ୍ସାରେ ଅବହେଳା ନେଇ ରୋଗୀର ମୃତ୍ୟୁ ଘଟିଥିବା ଅଭିଯୋଗ କରି ମୃତକଙ୍କ ସମ୍ପର୍କୀୟ ପାଟିତୁଣ୍ଡ କରିଥିଲେ। ଏ ନେଇ ଦୀର୍ଘ ସମୟ ଧରି ଉତ୍ତେଜନା ଦେଖା ଦେଇଥିଲା। ଖବର ପାଇ ବାଲକାଟି ଫାଣ୍ଡି



ପୁଲିସ ସମ୍ପର୍କୀୟ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ସୂଚନା ଅନୁସାରେ ଭଦ୍ରକ ଜିଲ୍ଲା ନରେନ୍ଦ୍ରପୁର ଥାନା ଅଞ୍ଚଳର ସୁବାସ ଚନ୍ଦ୍ର ମହାଳିକ (୫୬) ନାମକ ଜଣେ ବ୍ୟକ୍ତି ଆଣ୍ଠୁଗଣ୍ଠି ରୋଗରେ ପୀଡ଼ିତ ଥିଲେ। ୨ ସପ୍ତାହ ତଳେ ଉକ୍ତ ହସ୍ପିଟାଲରେ ଆଣ୍ଠୁ ଅସ୍ତ୍ରୋପଚାର କରାଇଥିଲେ। ଆଜି ପୂର୍ବାହ୍ଣରେ ସୁବାସଙ୍କ ଅବସ୍ଥା ଅଧିକ ଖରାପ ହୋଇପଡ଼ିବାରୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ଅପରାହ୍ଣରେ ତାଙ୍କର ମୃତ୍ୟୁ ଘଟିଥିଲା।

ରାଷ୍ଟ୍ର ପରିଚାଳନାରେ ନ୍ୟାୟ ଇଞ୍ଜିନ୍ ସଦୃଶ: ନ୍ୟାୟମୂର୍ତ୍ତି ଶଶିକାନ୍ତ ମିଶ୍ର

ଭୁବନେଶ୍ୱର,୨୨।୨(ସମିସ): ଭାରତର ସମ୍ବିଧାନ ରାଷ୍ଟ୍ରର ନାଗରିକଙ୍କୁ ବ୍ୟକ୍ତିଗତ ସ୍ତରରେ ଏବଂ ସାମୂହିକ ଭାବେ ପ୍ରତ୍ୟେକ କ୍ଷେତ୍ରରେ ଉତ୍କର୍ଷତା ବୃଦ୍ଧି କରିବା ସୁନିଶ୍ଚିତ କରିଛି। ଯାହାଦ୍ୱାରା କି ରାଷ୍ଟ୍ର ନିରନ୍ତର ଭାବରେ ଉଚ୍ଚତର ସ୍ତରକୁ ଯାଇ ସଫଳତା ହାସଲ କରି ପାରିବ ବୋଲି ଶନିବାର ଓଡ଼ିଶା ହାଇକୋର୍ଟର ବିଚାରପତି ନ୍ୟାୟମୂର୍ତ୍ତି ଶଶିକାନ୍ତ ମିଶ୍ର କହିଥିଲେ। ଭାରତ ସମ୍ବିଧାନକୁ ସମ୍ମାନ ଦେବା ଆମର ମୌଳିକ ଦାୟିତ୍ୱ ଏବଂ ନ୍ୟାୟ ଏକ ଇଞ୍ଜିନ୍ ସଦୃଶ, ଯାହାକି ରାଷ୍ଟ୍ରକୁ ପରିଚାଳନା କରିଥାଏ ବୋଲି କହିଥିଲେ ନ୍ୟାୟମୂର୍ତ୍ତି ଶ୍ରୀ ମିଶ୍ର। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ସୋଆ ବକ୍ତୃତାମାଳାର ଏକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜଷ୍ଟିସ୍ ମିଶ୍ର ଏହା କହିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ ଜଣେ ହୁଏତ ସମ୍ବିଧାନ ବିଧି ବ୍ୟବସ୍ଥାକୁ ପ୍ରତ୍ୟେକ ଦିନ ପାଳନ କରୁ ନଥାଇପାରେ। କିନ୍ତୁ ନ୍ୟାୟ, ସମାନତା ଭଳି ନୀତି ଆଦର୍ଶକୁ ଯଦି ତାର ଦୈନନ୍ଦିନ କାର୍ଯ୍ୟରେ ପ୍ରତିଫଳିତ ହୁଏ। ତେବେ ସେ ସମ୍ବିଧାନକୁ ପାଳନ କରୁଛି ବୋଲି କୁହାଯାଇପାରିବ। ଭାରତୀୟ ସମ୍ବିଧାନ ଧାରା ୨୧ର ଗୁରୁତ୍ୱ ସମ୍ପର୍କରେ ଦର୍ଶାଇ ସେ କହିଥିଲେ ଯେ, ଏଥିରେ ବ୍ୟକ୍ତିଗତ ସ୍ୱତନ୍ତ୍ରତାକୁ ଦର୍ଶାଉଥିବାବେଳେ ଆଇନ୍‌ରେ ଏହାକୁ ବାହାର କରି ନେବାର ବ୍ୟବସ୍ଥା ରହିଛି। ସେହିପରି ଧାରା୧୪ ଏବଂ ଧାରା ୨୧ ମଧ୍ୟ ଜେଲ୍‌ରେ ଥିବା ବିଚାରଧୀନ କଏଦୀ ଏବଂ ଦୋଷୀମାନଙ୍କ କ୍ଷେତ୍ରରେ କାର୍ଯ୍ୟକାରୀ ହୋଇଥାଏ ବୋଲି ସେ କହିଥିଲେ। ଯଦିଓ ଭାରତୀୟ ଆଇନ ବ୍ୟବସ୍ଥା ଅନ୍ୟ ଦେଶଗୁଡିକରୁ ଉଦ୍ଧୃତ କରାଯାଇଛି। ତେବେ ଏହାର ମହତ୍ୱ ଏବଂ ଗୁରୁତ୍ୱ ଭାରତୀୟ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ସୋଆର ଉପକୁଳପତି ପ୍ରଫେସର ପ୍ରଶାନ୍ତ କୁମାର ପାତ୍ର ଅଧ୍ୟକ୍ଷତା କରିଥିବାବେଳେ ସୋଆ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ' (ଏସ୍‌ଏନ୍‌ଆଇଏଲ୍)ର ଡିନ୍ ପ୍ରଫେସର ଏସ୍‌କେଆଜାଦ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



କୋର୍ଟ ପ୍ରାଙ୍ଗଣରେ ବିକ୍ଷୋଭ, ଦସ୍ତଖତ ସଂଗ୍ରହ

ସାମିଲ ହେଲେ ଶତାଧିକ ଆଇନଜୀବୀ

ଭୁବନେଶ୍ୱର,୨୨।୨(ସମିସ): ରାଜ୍ୟ ସରକାର ଭୁବନେଶ୍ୱରକୁ ସ୍ୱତନ୍ତ୍ର ଜିଲ୍ଲା ଭାବେ ପ୍ରସ୍ତାବ ତାଲିକାରେ ରଖିଥିବାରୁ "ଭୁବନେଶ୍ୱର ଜିଲ୍ଲା ଅଭିଯାନ' ପକ୍ଷରୁ ସ୍ୱାଗତ ଜଣାଯାଇଛି। ତେବେ ସ୍ପଷ୍ଟ ଘୋଷଣା ଓ ଜିଲ୍ଲା ମାନ୍ୟତା ମିଳିବା ପର୍ଯ୍ୟନ୍ତ ଦସ୍ତଖତ ସଂଗ୍ରହ ଓ ବିକ୍ଷୋଭ ଅଭିଯାନ ଜାରି ରହିବ ବୋଲି ଅଭିଯାନ ପକ୍ଷରୁ କୁହାଯାଇଛି। ବିଭିନ୍ନ ସାମାଜିକ ଓ ପେସାଗତ ସଂଗଠନଙ୍କ ମିଳିତ ମଞ୍ଚ ଅଧୀନରେ ଚାଲୁଥିବା ଏହି ଅଭିଯାନ ପକ୍ଷରୁ ଭୁବନେଶ୍ୱର କୋର୍ଟ ପ୍ରାଙ୍ଗଣରେ ଦସ୍ତଖତ ସଂଗ୍ରହ କରାଯାଇଥିଲା। ପରେ ପୁରୁଣା ବିଏମ୍‌ସି କାର୍ଯ୍ୟାଳୟ ଓ ନିବନ୍ଧକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ଅଭିଯାନର ଆବାହକ ଲିଙ୍ଗରାଜ ସାହୁଙ୍କ ସଂଯୋଜନାରେ ହୋଇଥିବା ଦସ୍ତଖତ ସଂଗ୍ରହରେ ଭୁବନେଶ୍ୱର ଓକିଲ ସଂଘର ସଭାପତି ଅଶୋକ କୁମାର ପାତ୍ର, ସମ୍ପାଦକ ସତ୍ୟ ରଞ୍ଜନ ସେନାପତି, ବରିଷ୍ଠ ଆଇନଜୀବୀ ସନ୍ତୋଷ ଚୌଧୁରୀ, ଜୟନ୍ତ କୁମାର ଜେନା ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ବିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ହୋଇଥିବା ଆନ୍ଦୋଳନରେ ଲିଙ୍ଗରାଜ ଦାଶ, ଅକ୍ଷୟ କୁମାର ଦାସ, ସରୋଜ କୁମାର ସାହୁ, ସୁମନ ରାଉତରାୟ, ସଞ୍ଜୀବ ପୂଜାପଣ୍ଡା, ସୁରେଶ କୁମାର ଦାସ, ବିମଳ କୁମାର ଦାସ, ରାଜ୍ୟ ଷ୍ଟାମ୍ପ ଭେଣ୍ଡର ମହାସଂଘ ସମ୍ପାଦକ ରାମକୃଷ୍ଣ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଅଭିଯାନ ପକ୍ଷରୁ କୁହାଯାଇଛି ଯେ ଭୁବନେଶ୍ୱରକୁ ଜିଲ୍ଲା ଘୋଷଣା ନ କରାଯାଏ ପର୍ଯ୍ୟନ୍ତ ଆନ୍ଦୋଳନ ଅଧିକ ଜୋରଦାର ହେବ।

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଆକ୍ରମଣ; ୩ ଗିରଫ


ଭୁବନେଶ୍ୱର,୨୨।୨(ସମିସ): ପୂର୍ବ ଶତ୍ରୁତାକୁ କେନ୍ଦ୍ର ଆକ୍ରମଣ ଅଭିଯୋଗରେ ଖଣ୍ଡଗିରି ଥାନା ପୁଲିସ ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଦୀପ୍ତିରଞ୍ଜନ, ଅତୁଲ୍ୟ କୁମାର ଗୁରୁ ଏବଂ ନମସ୍ମିତା ସାହୁ।



ପୁଲିସ ସୂଚନା ମୁତାବକ, ଗତ ୩୧ ତାରିଖରେ ଚିଣ୍ଟୁ ଓରଫ୍ ରଶ୍ମୀରଞ୍ଜନ ଦାସ ଖଣ୍ଡଗିରି ମେଳାକୁ ଅପେରା ଦେଖିବା ପାଇଁ ଯାଇଥିଲେ। ସେହିଦିନ ରାତି ପ୍ରାୟ ସାଢ଼େ ୧ଟା ସମୟରେ ସେ ଖଣ୍ଡଗିରିରୁ ଫେରୁଥିବା ବେଳେ ହଠାତ ଚମ୍ପା ଓରଫ୍ ଦୀପ୍ତିରଞ୍ଜନ, ଲିକୁନ ଓରଫ୍ ପ୍ରତୀକ ବେହେରା, ଆଇଗିଣିଆର ସୋନୁ, ସୁବାସ ନଗର ବସ୍ତିର ରିଙ୍କୁ ସତ୍ୟଜିତ ଓରଫ୍ ରାଜା ନାୟକ, ଓମ୍ ପ୍ରକାଶ ଏବଂ ରାକେଶ ସେନାପତି ମୋଟରସାଇକଲରେ ଆସିଥିଲେ। ସେମାନେ କଟୁରି ଧରି ଚିଣ୍ଟୁ ଓରଫ୍ ରଶ୍ମୀ ରଞ୍ଜନ ଦାସଙ୍କୁ ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ କଟୁରିରେ ଆକ୍ରମଣ କରି ଆହତ କରିଥିଲେ। ଏହି ସମୟରେ ଏମ୍ସ ହସ୍ପିଟାଲର ମୁଖ୍ୟ ଫାଟକର ସୁରକ୍ଷା କର୍ମୀ ଓ ଅନ୍ୟମାନେ ତୁରନ୍ତ ହସ୍ତକ୍ଷେପ କରି ତାଙ୍କୁ ରକ୍ଷା କରିଥିଲେ। ସୁରକ୍ଷା କର୍ମୀମାନଙ୍କ ହସ୍ତକ୍ଷେପ ଦେଖି ଅଭିଯୁକ୍ତ ମାନେ ସେଠାରୁ ପଳାଇଯାଇଥିଲେ। ପରେ ସୁରକ୍ଷା କର୍ମୀମାନେ ଆହତ ଚିଣ୍ଟୁଙ୍କୁ ତୁରନ୍ତ ଏମ୍ସ ହସ୍ପିଟାଲ୍, ଭୁବନେଶ୍ୱରକୁ ଚିକିତ୍ସା ପାଇଁ ପଠାଇଥିଲେ। ଯେଉଁଠାରେ ସେ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ରହିଥିଲେ। ଅଭିଯୁକ୍ତ ଦୀପ୍ତି ରଞ୍ଜନ ଓରଫ୍ ଚାମ୍ପାଙ୍କ କବ୍‌ଜାରୁ ଗୋଟିଏ କଟୁରି ଜବତ କରାଯାଇଥିଲା। ଦୀପ୍ତି ରଞ୍ଜନ ଓରଫ୍ ଚମ୍ପାଙ୍କ ନାମରେ ବିଭିନ୍ନ ଥାନାରେ ୭ଟି ଭିନ୍ନ ଭିନ୍ନ ଆପରାଧିକ ମାମଲା ରହିଥିବା ବେଳେ, ଅତୁଲ୍ୟ ଓରଫ୍ ଅତୁଲ କୁମାର ଗୁରୁ ଓରଫ ରାହୁଲଙ୍କ ନାମରେ ବିଭିନ୍ନ ଥାନାରେ ୨ଟି ମାମଲା ରହିଛି।

ସମାଜସେବୀ ଯାମିନୀକାନ୍ତ ପଟ୍ଟନାୟକଙ୍କ ପରଲୋକ

ଭୁବନେଶ୍ୱର,୨୨।୨(ସମିସ): ଅବିଭକ୍ତ କଟକ ଜିଲ୍ଲା ୨୨ମୌଜାସ୍ଥିତ ବାଗଲପୁର ଗ୍ରାମର ଯାମିନୀକାନ୍ତ ପଟ୍ଟନାୟକ(ଗୁଲୁ ଭାଇ)ଙ୍କ ୮୯ ବର୍ଷ ବୟସରେ କଟକର ଏକ ଘରୋଇ ଡାକ୍ତରଖାନାରେ ପରଲୋକ ହୋଇଯାଇଛି। ସେ ଦୀର୍ଘ ୭୦ ବର୍ଷ ଧରି କଟକରେ ଅବସ୍ଥାନ କରିବା ସହ ବହୁ ସାମାଜିକ ଏବଂ ଧର୍ମାନୁଷ୍ଠାନ ସହ ଜଡିତ ରହି ସାମାଜିକ କାର୍ଯ୍ୟକ୍ରମମାନ କରି ଆସୁଥିଲେ। ସେ ଜଣେ ସରଳ, ସ୍ନେହୀ, ମେଳାପୀ ବ୍ୟକ୍ତି ଥିଲେ। ସେ ପୂର୍ବତନ ରାଜସ୍ୱ ମନ୍ତ୍ରୀ ବାଙ୍କବିହାରୀ ଦାସ ଏବଂ ଓଡିଶା ହାଇକୋର୍ଟର ପୂର୍ବତନ ଏ ଜି ବାରିଷ୍ଟର ଗୋବିନ୍ଦ ଦାସଙ୍କ ସଢୁ ଅଟନ୍ତି। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ତିନି ସାନ ଭାଇ, ସାନ ଭାଇବୋହୂ, ପୁତ୍ର, ପୁତ୍ରବଧୂ, ପୁତୁରା, ପୁତୁରା ବୋହୂ, ଝିଅ ଜ୍ୱାଇଁ ନାତି, ନାତୁଣୀ ପ୍ରମୁଖ ଉପସ୍ଥିତ ଥିଲେ। ୬ ବର୍ଷ ପୂର୍ବରୁ ତାଙ୍କ ପତ୍ନୀ ବିଳାସମଞ୍ଜରୀଙ୍କ ଦେହାନ୍ତ ହୋଇଥିଲା। ତାଙ୍କ ପରଲୋକରେ ଶୋକର ଛାୟା ଖେଳିଯାଇଛି। ସତୀଚଉଁରା ଶ୍ମଶାନରେ ଦାହ ସଂସ୍କାର କରାଯାଇଛି। ତାଙ୍କ ଦାହ ସଂସ୍କାର କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷଦର୍ଶନ କରିଥିଲେ।



ଜୀବନର କେତେ ରଙ୍ଗ

କର୍ମକୁ ସାଥୀ କରି ଚାଲିଛନ୍ତି ବିଜୟ

ଭୁବନେଶ୍ୱର, ୨୨।୨ (ସମିସ): ରାଜଧାନୀକୁ ଯିଏ ଆସିଛି, ଯେମିତି ଆସିଛି ଏ ସହର ତା'କୁ ବାଟ ଦେଖାଇଛି, ମୁଣ୍ଡକୁ ଛାତ, ପେଟକୁ ଭାତ ଯୋଗାଇବାର ଭିନ୍ନ ଭିନ୍ନ ରାହା ଦେଇଛି। କାମ ଆଶାରେ ମଣିଷ ସବୁଦିନ ପାଇଁ ପଛରେ ଛାଡ଼ି ଆସିଛି ତା'ର ଅତୀତ। ରାଜଧାନୀ ଆଉ ରୋଜଗାରର ଶତରଞ୍ଜ ଭିତରେ ସିଏ ନିଜେ ନିଜକୁ ଛନ୍ଦି ଦେଇଛି। ଆଉ ଦି ପାଇସା ରୋଜଗାରର ଆଶାରେ ଏଇଠି ହିଁ ରହିଯାଇଛି। ଏ ଯାତ୍ରାକୁ ସେ ସମୟେ ସମୟେ ମନେ ପକାଇଛି।



ସେହିଭଳି ଜଣେ ବ୍ୟକ୍ତି ହେଲେ ବିଜୟ ସାହୁ। ପ୍ରତିଦିନ ସକାଳ ହେଲେ ତାଙ୍କୁ ଜାଗମରା ଖେଳ ପଡିଆଠାରେ ଦେଖିବାକୁ ମିଳେ। ଛତୁ ବିକ୍ରି ବର୍ତ୍ତମାନ ତାଙ୍କ ରୋଜଗାରର ମାଧ୍ୟମ। ସକାଳୁ ସଞ୍ଜ ଯାଏଁ ସେଇଠି ଗ୍ରାହକ ଅପେକ୍ଷାରେ ବସିଥାନ୍ତି। ଥଟ୍ଟା ମଜା କଥାରେ ସେ ଲୋକଙ୍କ ମନୋରଞ୍ଜନ କରିଥାନ୍ତି। ଖରା, ବର୍ଷା ଏବଂ ଶୀତ କେବେ ତାଙ୍କ କାମରେ ବାଧକ ସାଜିନି। କଥାରେ କଥାରେ କୁହନ୍ତି ପେଟ ପୋଷ, ନାହିଁ ଦୋଷ। ସବୁବେଳେ କର୍ମ ଉପରେ ଭରସା ରଖି କାମ କରି ଦି ପଇସା ରୋଜଗାର କରିବା ହିଁ ତାଙ୍କ ଧର୍ମ ବୋଲି କୁହନ୍ତି। ପେଟ ପାଟଣା ପାଇଁ ଯିଏ ଦିନେ ଘରୁ ଗୋଡ କାଢ଼ିଛି ସେ ଆଉ ଫେରିନି। କାରଣ ସମୟ ସହ ରୋଜଗାର, ପରିବାରର ଦାୟିତ୍ୱ, ପିଲାଙ୍କ ପାଠପଢା ଆଉ ସେ ଜାଗାରେ ତାକୁ ବାନ୍ଧି ରଖିପାରିନି। ବିଜୟଙ୍କ ଘର ଗଞ୍ଜାମ ଜିଲ୍ଲା, କିନ୍ତୁ ରାଜଧାନୀରେ ଆସି ପେଟପାଟଣା କରି ଘର ଚଳାଉଛନ୍ତି। ବର୍ତ୍ତମାନ ଜାଗମରା ଅଞ୍ଚଳରେ ରହୁଛନ୍ତି। ଦୀର୍ଘ ୩୬ ବର୍ଷ ହେବ ସେ ଏଠି ରହିଲେଣି। ହସ ମଜା କଥା କହି ଗ୍ରାହକଙ୍କ ମନ କିଣନ୍ତି। ବର୍ତ୍ତମାନ ସେ ଜଣେ ଛତୁ ବେପାରୀ। ହେଲେ ରାଜଧାନୀକୁ କାମ ସନ୍ଧାନରେ ଆସି ଆଉ ଏଠାରୁ ଫେରି ପାରିନାହାନ୍ତି। ପରିବାର ସହ ମିଶି ପେଟପାଟଣା ପାଇଁ ଏଇଠି ରହୁଛନ୍ତି। କେବଳ ପର୍ବପର୍ବାଣୀ ସମୟରେ ଘରକୁ ଯାଇଥାନ୍ତି। ଏଠାକୁ ଆସିବା ଦିନରୁ ଭିନ୍ନ ଭିନ୍ନ ବେପାର ଏବଂ ମିସ୍ତ୍ରୀ କାମ କରି ଦି ପଇସା ରୋଜଗାର ରେ ପୁରା ପରିବାର ଚଳେ। ଋତୁ ଅନୁଯାୟୀ ମୁଖ୍ୟତଃ ସେ ବେପାର କରିଥାନ୍ତି। ପଛରେ ଛାଡି ଆସିଥିବା ଘର, ବାଡି ଆଉ ସେ ସମ୍ପର୍କ ସବୁକୁ ଆଉ ଫେରି ହେଇନି ବୋଲି କୁହନ୍ତି ବିଜୟ।

ବେପରୁଆ ଡ୍ରାଇଭରଙ୍କ ଦଖଲରେ ରାଜଧାନୀର ରାଜରାସ୍ତା

ସାପ ଭଳି ବାଇକ୍ ଚଳାଉଥିଲେ, ବୃଦ୍ଧାଙ୍କୁ ଧକ୍କା ଦେଲେ

ଭୁବନେଶ୍ୱର,୨୨।୨(ସମିସ):



ରାଜଧାନୀ ରାଜରାସ୍ତାରେ ବେପରୁଆ ଡ୍ରାଇଭରଙ୍କ ଉନ୍ମତ୍ତକାଣ୍ଡ ଦେଖିବାକୁ ମିଳିଛି। ନୂଆପଲ୍ଲୀ ଥାନା ଫାୟାର ଷ୍ଟେସନ ଫ୍ଲାଏ ଓଭରରେ ସାପ ଭଳି ଅଙ୍କା ବଙ୍କା ଗାଡ଼ି ଚାଳନା କରି ଶେଷରେ ଜଣେ ବୃଦ୍ଧାଙ୍କୁ ଏକପ୍ରକାର ମରଣ ମୁହଁକୁ ଠେଲି ଦେଇଛନ୍ତି। ଗାଡ଼ିରୁ ପଡ଼ିଯିବା ଯୋଗୁଁ ତାଙ୍କ ମୁଣ୍ଡର ପଛପାଖରେ ଗଭୀର ଆଘାତ ଲାଗିଛି। ସଙ୍କଟାପନ୍ନ ଅବସ୍ଥାରେ ବୃଦ୍ଧାଙ୍କୁ ପ୍ରଥମେ ଏମ୍ସ ଓ ପରେ ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଛି।

ମିଳିଥିବା ସୂଚନା ମୁତାବକ, ରବିବାର ସନ୍ଧ୍ୟାରେ ବୃଦ୍ଧା ଜଣଙ୍କ ତାଙ୍କ ସମ୍ପର୍କୀୟଙ୍କ ସହ ଏକ ବାଇକ୍‌ରେ ଖଣ୍ଡଗିରିରୁ ଜୟଦେବ ବିହାର ଅଭିମୁଖେ ଆସୁଥିଲେ। ପଛରୁ ଅନ୍ୟ ଏକ ବାଇକ୍‌ରେ ବେପରୁଆ ଡ୍ରାଇଭର ଜଣଙ୍କ ଆସୁଥିଲେ। ତାଙ୍କ ବାଇକ୍‌ର ଗତି ୭୦ରୁ ୮୦ କିଲୋମିଟର ଘଣ୍ଟା ପ୍ରତି ବେଗ ଥିଲା। ଏହା ସହ ସାପ ଭଳି ବାଇକ୍‌କୁ ବାଁ ଡାହାଣ କରି ଚଳାଉଥିଲେ। ବାଟ ସାରା ହର୍ଣ୍ଣ ମାରି ମାରି ଲୋକଙ୍କୁ ବିରକ୍ତ କରୁଥିଲେ। ଫାୟାର ଷ୍ଟେସନ ନିକଟରେ ରୋଡ୍ ରୋମିଓ ଭାରସାମ୍ୟ ହରାଇ ବୃଦ୍ଧାଙ୍କ ବାଇକ୍‌କୁ ଧକ୍କା ଦେଇଥିଲେ। ନିଜେ ପଡ଼ିଯିବା ସହ ବୃଦ୍ଧାଙ୍କୁ ଗୁରୁତର କରି ଦେଇଥିଲେ। ବୃଦ୍ଧା କିଛି ଦୋଷ ନ କରି ମଧ୍ୟ ରାଶ୍ ଡ୍ରାଇଭରଙ୍କ ଶିକାର ହେଲେ।

କମିସନରେଟ୍ ପୁଲିସ ପକ୍ଷରୁ ଏମାନଙ୍କୁ ସାବାଡ଼ କରିବାକୁ ଅନେକ ସମୟରେ ବିଭିନ୍ନ ଡ୍ରାଇଭ୍ କରାଯାଏ। ହେଲେ ଏହି ଡ୍ରାଇଭ୍ ଏବେ କାଁ ଭାଁ ଦେଖିବାକୁ ମିଳୁଛି। ଯାହାଫଳରେ ବେପରୁଆ ଡ୍ରାଇଭରଙ୍କ ଉତ୍ପାତ ବଢିବାରେ ଲାଗିଛି। ପୁଲିସର ଅନୁପସ୍ଥିତି ଯୋଗୁଁ ଏମାନେ ରାଜରାସ୍ତାକୁ ସମ୍ପୂର୍ଣ୍ଣ ଭାବେ ନିଜ କବ୍‌ଜାକୁ ନେଇଛନ୍ତି। ବେପରୁଆ ଓ ରାଶ୍ ଡ୍ରାଇଭିଂ ଯୋଗୁଁ ବାଇକ୍ ଦୁର୍ଘଟଣାରେ ଜୀବନ ହରାଇବାର ଘଟଣା ରାଜଧାନୀରେ କ୍ରମାଗତ ବଢ଼ି ଚାଲିଛି। ବେପରୁଆ ବାଇକ୍ ଚାଳନା ଯୋଗୁଁ ଦୈନିକ ଦୁର୍ଘଟଣା ଘଟୁଛି, ଯାହା ପରିବାର ପାଇଁ ଦୁଃଖର କାରଣ ପାଲଟିଛି। ଏହି ରାଶ୍ ଡ୍ରାଇଭିଂ କେବଳ ଚାଳକଙ୍କୁ ନୁହେଁ, ରାସ୍ତାରେ ଚାଲୁଥିବା ନିରୀହ ଲୋକଙ୍କୁ ମଧ୍ୟ ଜୀବନ ହରାଇବାକୁ ବାଧ୍ୟ କରୁଛି। ଟ୍ରାଫିକ୍ ପୁଲିସ୍ ଓ ପ୍ରଶାସନ ପକ୍ଷରୁ ବାରମ୍ବାର ସଚେତନତା କାର୍ଯ୍ୟକ୍ରମ ଚଳାଯାଉଛି। ହେଲେ ମଧ୍ୟ ଯୁବକମାନଙ୍କର ବେପରୁଆ ମନୋଭାବ ପରିବର୍ତ୍ତନ ହେଉନାହିଁ।

ବିଶେଷଜ୍ଞମାନେ କହୁଛନ୍ତି ଯେ ରାଶ୍ ଡ୍ରାଇଭିଂ ରୋକିବା ପାଇଁ କଡ଼ା କାର୍ଯ୍ୟାନୁଷ୍ଠାନ ଆବଶ୍ୟକ। ସ୍ପିଡ୍ ଗନ୍, ଆଲକୋହଲ୍ ଚେକିଂ, ହେଲମେଟ୍ ନ ପିନ୍ଧିବା ଉପରେ କଡ଼ା ଜରିମାନା ଓ ଲାଇସେନ୍ସ ବାତିଲ୍ କରିବା ଜରୁରୀ। ସମାଜର ପ୍ରତ୍ୟେକ ସ୍ତରରେ ସଚେତନତା ବଢ଼ାଇବା ଦରକାର। ସ୍କୁଲ୍ ଓ କଲେଜରେ ରୋଡ୍ ସେଫ୍ଟି ଶିକ୍ଷା ଦିଆଯିବା ଉଚିତ୍।

ସିଟି ଭୁବନେଶ୍ୱର





ଓକେସିଏଲ୍‌ର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୨୨।୨(ସମିସ): ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ ଅଧୀନରେ କାର୍ଯ୍ୟରତ ଓଡ଼ିଶା ନଲେଜ କର୍ପୋରେସନ ଲିମିଟେଡ୍ ତଥା ଓକେସିଏଲ୍‌ର ବାର୍ଷିକ ଉତ୍ସବ ରେଳ ଅଡିଟୋରିଅମ୍‌ରେ ଆୟୋଜିତ ହୋଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ମୁକେଶ ମହାଲିଙ୍ଗ ଉପସ୍ଥିତ ଥିଲେ। ସେ ଓଡ଼ିଶାକୁ ସମ୍ପୂର୍ଣ୍ଣ ଡିଜିଟାଲ୍ ସାକ୍ଷର ରାଜ୍ୟରେ ପରିଣତ କରିବା ପାଇଁ ତାଙ୍କର ଦୃଷ୍ଟିକୋଣ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମଟି ଓକେସିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ପ୍ରଦୀପ କୁମାର ରାଉତଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ସେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ଏକ ହଜାରରୁ ଅଧିକ ନିର୍ଦ୍ଦେଶକ, କେନ୍ଦ୍ର ମୁଖ୍ୟମାନଙ୍କୁ ସମ୍ବୋଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭୋପାଳ, ମଧ୍ୟପ୍ରଦେଶସ୍ଥିତ ନାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ରିଚର୍ସ୍ ଟ୍ରେନିଂ ଆଣ୍ଡ ରିସର୍ଚ୍ଚର ଡ. ସୁମନ ପଟ୍ଟନାୟକ ମଧ୍ୟ ଉପସ୍ଥିତ ଥିଲେ। ପ୍ରବନ୍ଧକ ନିର୍ଦ୍ଦେଶକ ଡ. ମନୋରଞ୍ଜନ ପୁଥାଳ ମଧ୍ୟ ଏ ସମ୍ପର୍କରେ ନିଜ ବକ୍ତବ୍ୟ ରଖିଥିଲେ। ୨୦୨୫ ବର୍ଷ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ପାଇଁ ଓକେସିଏଲ୍‌ର ଉଚ୍ଚ କାର୍ଯ୍ୟଦକ୍ଷ ଜିଲ୍ଲା ଲିଡ୍ କୋର୍ଡିନେଟର ଏବଂ ଅନୁମୋଦିତ ଲର୍ଣ୍ଣିଂ ସେଣ୍ଟରଗୁଡ଼ିକୁ ମଧ୍ୟ ପୁରସ୍କୃତ କରାଯାଇଥିଲା।

‘ସୁର ଷଡ଼ଜ’ର ପ୍ରଥମ ବାର୍ଷିକ ଉତ୍ସବ

ଭୁବନେଶ୍ୱର,୨୨।୨(ସମିସ): ଶାସ୍ତ୍ରୀୟ ସଙ୍ଗୀତ ଅନୁଷ୍ଠାନ ସୁର ଷଡ଼ଜର ପ୍ରଥମ ବାର୍ଷିକ ଉତ୍ସବ ଅବସରରେ ଏକ ହିନ୍ଦୁସ୍ତାନୀ ଶାସ୍ତ୍ରୀୟସଙ୍ଗୀତ ସମାରୋହ ଷଡ଼ଜ ଉତ୍ସବ ବୁଦ୍ଧ ମନ୍ଦିରଠାରେ ଅନୁଷ୍ଠିତ ହୋଇଛି। ଏହି ସମାରୋହରେ ଅତିଥି ଭାବେ ସିତାର ବାଦକ ତଥା ନାବାର୍ଡର ପୂର୍ବତନ ଉପମୁଖ୍ୟ ପ୍ରବନ୍ଧକ ସୁବିର ମିତ୍ର, ଗାୟିକା ତଥା ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ବିକାଶ ପରିଷଦର ସମ୍ପାଦିକା ଗୁରୁ ରଂଜିତା ସେନାପତି ଏବଂ ଗୀତିକାର ମନୋଜ ମହନ୍ତ ପ୍ରମୁଖ ଯୋଗଦେଇ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ଅନୁଷ୍ଠାନର ଆଭିମୁଖ୍ୟ ସମ୍ପର୍କରେ ସଭାପତି ଗଣେଷ ବେହେରା ପ୍ରାରମ୍ଭିକ ଭାଷଣ ରଖିଥିଲେ। କାର୍ଯ୍ୟକ୍ରମର ପ୍ରଥମ ପ୍ରସ୍ତୁତିରେ ଧୃତିମୟ ବେହେରା ରାଗ ମଧୁବନ୍ତିରେ ବିଳମ୍ବିତ ଏବଂ ଦ୍ରୁତ ଖୟାଲ ପରିବେଷଣ କରି ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ପରେ ପରେ କଣ୍ଠଶିଳ୍ପୀ ଶଶାଙ୍କ ଶେଖର ଶାସ୍ତ୍ରୀୟ ସଙ୍ଗୀତ ଦକ୍ଷତାକୁ ରାଗ - ରାଗେଶ୍ରୀ ବିଳମ୍ବିତ ଓ ଦ୍ରୁତ ଖୟାଲ ପରିବେଷଣ କରିଥିଲେ। ଅନୁଷ୍ଠାନର ମୁଖ୍ୟ ମାର୍ଗଦର୍ଶକ ଗୁରୁ ଚନ୍ଦନ କୁମାର ଜେନା ରାଗ - ଜୋଗରେ ବିଳମ୍ବିତ ଓ ଦ୍ରୁତ ଖୟାଲ୍ ପ୍ରସ୍ତୁତ କରିଥିଲେ। ଗୁରୁ କୁଳମଣି ସାହୁ ତାଙ୍କର ଶିଷ୍ୟଗଣଙ୍କୁ ନେଇ ଏକ ବୃନ୍ଦ ତବଲା ବାଦନ ପ୍ରସ୍ତୁତ କରିଥିଲେ। କାର୍ଯ୍ୟକ୍ରମର ଶେଷରେ ସୁର ଷଡ଼ଜର ସମସ୍ତ ଛାତ୍ରଛାତ୍ରୀ ଗୁରୁ ଚନ୍ଦନ ଜେନାଙ୍କ ସ୍ୱରଚିତ ୬ଟି ବନ୍ଦିଶକୁ ନେଇ ଏକ ବନ୍ଦିଶ୍ ମାଳା ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମାମା ସ୍ୱାଇଁ ସଂଯୋଜନା କରିଥିଲେ।

୨୫ରୁ ଲୋକ ଅଧିକାର ଯାତ୍ରା

ଭୁବନେଶ୍ୱର,୨୨।୨(ସମିସ): ରାଜ୍ୟରେ ବିକାଶ ନାମରେ ପ୍ରାକୃତିକ ସମ୍ପଦର ଅବିଚାରିତ ଶୋଷଣ ଓ ଅତ୍ୟଧିକ ପ୍ରଦୂଷଣ ଚାଲିଥିବାରୁ ଭବିଷ୍ୟତ ପିଢ଼ି ପାଇଁ ରାଜ୍ୟ ସମ୍ବଳଶୂନ୍ୟ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଜଳ, ଜମି, ଜଙ୍ଗଲକୁ ଶସ୍ତାରେ ନିଲାମ କରି ଆଦିବାସୀ, ଦଳିତ, ଛୋଟ ଚାଷୀ ସମେତ ପ୍ରାୟ ୭୦ ପ୍ରତିଶତ ଶ୍ରମଜୀବୀ ଲୋକଙ୍କ ଜୀବିକା ସ୍ରୋତକୁ ନଷ୍ଟ କରିଦେବା ଦ୍ୱାରା କେବେ ମଧ୍ୟ ପ୍ରକୃତ ବିକାଶ ହୋଇପାରେ ନାହିଁ। ଏହି ପରିପ୍ରେକ୍ଷୀରେ ଲୋକଶକ୍ତି ଅଭିଯାନ, ଜନ ଆନ୍ଦୋଳନମାନଙ୍କ ରାଷ୍ଟ୍ରୀୟ ସମନ୍ୱୟ ଓ ସେଣ୍ଟର ଫର୍ କ୍ଲାଇମେଟ ଜଷ୍ଟିସ ପକ୍ଷରୁ ବିକଳ୍ପ ବିକାଶ ନେଇ ରାଜ୍ୟବ୍ୟାପୀ ଚର୍ଚ୍ଚା ସୃଷ୍ଟି ଓ ଜନ ଜାଗରଣ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆସନ୍ତା ୨୫ରୁ ଉତ୍କଳ ଗୌରବ ମଧୁସୂଦନଙ୍କ ଜନ୍ମପୀଠରୁ ‘ପ୍ରାକୃତିକ ସମ୍ପଦ ସୁରକ୍ଷା ପାଇଁ ଲୋକ ଅଧିକାର ଯାତ୍ରା’ର ଶୁଭାରମ୍ଭ ହେବ। ଯାତ୍ରାର ଉଦ୍‌ଯାପନୀ ୨୨ ମାର୍ଚ୍ଚରେ ହେବ। ଶେଷରେ ୨୯ ମାର୍ଚ୍ଚ ସହିଦ ଲକ୍ଷ୍ମଣ ନାୟକଙ୍କ ଫାଶୀ ଦିବସ ଅବସରରେ ଭୁବନେଶ୍ୱରରେ ଏକ ବିଶାଳ ସମାବେଶ ଆୟୋଜିତ ହେବ ବୋଲି ରବିବାର ଲୋହିଆ ଏକାଡେମୀଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା ଓ ଗାନ୍ଧୀବାଦୀ ନେତା ଡ. ବିଶ୍ୱଜିତ୍ ପ୍ରମୁଖ ସୂଚନା ଦେଇଥିଲେ।

ବିଧାୟକ ପାଣ୍ଠିରୁ ନିକୁଞ୍ଜ ବିହାରୀ ପୀଠର ଉନ୍ନତିକରଣ

ହଂସପାଳ,୨୨।୨(ସମିସ): ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ ବାଲିଅନ୍ତା ପଞ୍ଚାୟତରେ ପହଞ୍ଚି ନିକୁଞ୍ଜ ବିହାରୀ ପୀଠର ଉନ୍ନତିକରଣ ନିମନ୍ତେ ବିଧାୟକ ଆଞ୍ଚଳିକ ପାଣ୍ଠିରୁ ୧୬ ଲକ୍ଷ ୫୦ ହଜାର ଟଙ୍କାର ପ୍ରକଳ୍ପ ଉଦ୍‌ଘାଟନ କରିଥିଲେ। ବିଧାୟକ ପହଞ୍ଚିବା କ୍ଷଣି ସେଠାରେ ଉପସ୍ଥିତ ଥିବା ବହୁ କର୍ମୀ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲିଅନ୍ତା ବ୍ଲକ୍ ଅଧକ୍ଷା ବାସନ୍ତୀ ଖଟୁଆ, ଉପାଧକ୍ଷା ଇତିଶ୍ରୀ ଜେନା, ୧୬ ନଂ ବିଜେଡି ଜିଲ୍ଲାପରିଷଦ ସଭ୍ୟ ମହେଶ୍ୱର ଦାସ, ବାଲିଅନ୍ତା ସରପଞ୍ଚ କୃଷ୍ଣ କେଶବ ଆପଟ, ସମିତି ସଭ୍ୟ କୁନି ପ୍ରଧାନ, ବିଜେଡି ବ୍ଲକ୍ ସଭାପତି ପ୍ରଦୀପ ଜେନାମଣି, ବିଜେଡି ପଞ୍ଚାୟତ ସଭାପତି ରବୀନ୍ଦ୍ର ରାଉତରାୟ, ପୂର୍ବତନ ସମିତି ସଭ୍ୟ ଦେବଶ୍ରୀ ବେହେରା ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜେଶ ହୋତା, ନିରଞ୍ଜନ ବେହେରା, ପପୁ ରାଉତରାୟ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ଏସ୍‌କେ ସଲିମ୍‌ଙ୍କ ସମେତ ମନ୍ଦିର କମିଟି ସଦସ୍ୟ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

ମାତୃଭାଷାର ମହକ ଓ ମିଠାପଣର ବିକଳ୍ପ ନାହିଁ

ଭୁବନେଶ୍ୱର,୨୨।୨(ସମିସ):



ସମଗ୍ର ବିଶ୍ୱରେ ମାତୃଭାଷାର ମହକ ଓ ମିଠାପଣର ବିକଳ୍ପ ନାହିଁ। ଏହା କେବଳ ଗୋଟିଏ ଦିବସ ପାଳନରେ ସୀମିତ ନୁହେଁ, ଏହାର ଆବେଦନ ଓ ଆଭିମୁଖ୍ୟ ସର୍ବଦା ସ୍ୱଚ୍ଛ ବୋଲି ବିଶ୍ୱ ମାତୃଭାଷା ଦିବସ ପାଳନ ଅବସରରେ କେଦାରନାଥ ଗବେଷଣା ପ୍ରତିଷ୍ଠାନରେ ଆୟୋଜିତ ସଭାରେ ମତ ପ୍ରକାଶ ପାଇଛି। ପ୍ରତିଷ୍ଠାନର ସଭାପତି ବରିଷ୍ଠ ପ୍ରଶାସକ ରଘୁନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବକୁ ଉଦ୍‌ଘାଟନ କରି ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ କହିଲେ ଯେ, ଭାଷାକୁ ଅଣଦେଖା କି ଅବହେଳା କରାଗଲେ ଶିକ୍ଷା ବ୍ୟବସ୍ଥା ଦୁର୍ବଳ ହେବାର ଆଶଙ୍କା ରହିଛି। ଏହି ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାଡ୍ରାସ ବିଶ୍ୱ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ସିନିରୁଦ୍ଧ ଦାଶ ଭାଷାର ଶବ୍ଦ ତାତ୍ତ୍ୱିକ ବାକ୍ୟଗତ ସୌନ୍ଦର୍ଯ୍ୟର ଉଦାହରଣ ଦେଇ ଅଭିଧାନ ଓ ବ୍ୟାକରଣ ଭାଷାକୁ ଆକର୍ଷଣୀୟ କରେ ବୋଲି କହିଥିଲେ। ମୁଖ୍ୟବକ୍ତା ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ପ୍ରଫେସର କାହ୍ନୁଚରଣ ପାଢ଼ୀ ମାତୃଭାଷାର ଆଭିମୁଖ୍ୟ ଓ ଆବଶ୍ୟକତା ଉପରେ ମତ ରଖିଥିଲେ। ପ୍ରାରମ୍ଭରେ ପଣ୍ଡିତ ବିରଞ୍ଚି ନାରାୟଣ ମିଶ୍ର ଓ ଡାକ୍ତର ଜୀବନକୃଷ୍ଣ ମିଶ୍ର ବେଦପାଠ କରିଥିବା ବେଳେ ଯୁଗ୍ମ ସମ୍ପାଦକ ଡ. ଦେବାଶିଷ ମହାପାତ୍ର ସ୍ୱାଗତ ସୂଚନା ଓ ସମ୍ପାଦକ ଡ. ରମେଶ ଚନ୍ଦ୍ର ପାଣି ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଡ. ମମତା ମିଶ୍ର, କ୍ଷେତ୍ର ମୋହନ ଦାଶ ଓ ଡ. ମନ୍ମଥ ଶତପଥୀ, ଇଂ. ଲଡୁ କିଶୋର ପଡ଼ିଆରୀ ପ୍ରମୁଖ ବହୁ ବିଦ୍ୱାନ ଯୋଗ ଦେଇଥିଲେ। ଶେଷରେ ଯୁଗ୍ମ ସମ୍ପାଦକ ତନୟା ଦାସ ଗୋସ୍ୱାମୀ ଧନ୍ୟବାଦ ଅର୍ପଣ କରିଥିଲେ।

‘ଆମେ ଓଡ଼ିଆ, ଆମ ଭାଷା ଓଡ଼ିଆ’ କାର୍ଯ୍ୟକ୍ରମ



ଭୁବନେଶ୍ୱର,୨୨।୨(ସମିସ): ଏମ୍‌ଡି କ୍ରିଏସନ ଓ ଗ୍ରୁପ୍ ପକ୍ଷରୁ “ଆମେ ଓଡ଼ିଆ, ଆମ ଭାଷା ଓଡ଼ିଆ’ କାର୍ଯ୍ୟକ୍ରମ ଉତ୍କଳ ମଣ୍ଡପଠାରେ ଅନୁଷ୍ଠିତ ହୋଇଛି। ସମୃଦ୍ଧ କଳାରେ ପରିପୂର୍ଣ୍ଣ ଉତ୍କଳ ଭୂମିରେ ଲୋକକଳାର ବିକାଶ, ଓଡ଼ିଆ ସଂସ୍କୃତିର ରକ୍ଷା ସହ କ୍ୟାନ୍‌ସର୍ ଭଳି ରୋଗରେ ପୀଡ଼ିତ ଲୋକଙ୍କୁ ସହୟତାର ହାତ ବଢ଼ାଇବା ଓ ତାଙ୍କ ମୁହରେ ହସ ଫୁଟାଇବା ଆମ ଲକ୍ଷ୍ୟ ବୋଲି ଏମ୍‌ଡି କ୍ରିଏସନ୍ ଓ ଗ୍ରୁପ୍‌ର ପ୍ରତିଷ୍ଠାତା ମମତା ଦାଶ କହିଛନ୍ତି। କାର୍ଯ୍ୟକ୍ରମେର ମୁଖ୍ୟ ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ, ସମ୍ମାନିତ ଅତିଥି ଭାବେ ରୋଟାରୀ ପୂର୍ବତନ ଗଭର୍ଣ୍ଣର ଯଜ୍ଞାଶିଷ ମହାପାତ୍ର, ବରିଷ୍ଠ ସିନେ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର, ଗାୟିକା ତୃପ୍ତି ଦାସ, ସିନେ ସମୀକ୍ଷକ ସୂର୍ଯ୍ୟ ଦେଓ, ଗାୟିକା ଶୈଳବାଳା ମହାପାତ୍ର, ସଂଗୀତକାର ଲକ୍ଷ୍ମୀକାନ୍ତ ପାଲିତ ପ୍ରମୁଖ ଯୋଗ ଦେଇଥିଲେ। ଓଡ଼ିଶାର ପାରମ୍ପରିକ ଲୋକନୃତ୍ୟ ବାଘ ନାଚ, କାଠ ପାଦ ନାଚ ରୟାଲ ଡ୍ୟାନ୍ସ ଗ୍ରୁପ୍ ଦ୍ୱାରା ପରିବେଷଣ କରାଯାଇଥିଲା। ଏଥିସହ ଏମ୍‌ଡି ଡ୍ୟାନ୍ସ ଗ୍ରୁପ୍ ଦ୍ୱାରା ସମ୍ବଲପୁରୀ ନୃତ୍ୟ, ଆଦିବାସୀ ନୃତ୍ୟ, ଓଡ଼ିଆ ଚଳଚ୍ଚିତ୍ରର ବିଭିନ୍ନ ସଙ୍ଗୀତ ପରିବେଷଣ କରାଯାଇଥିଲା। ରମାଦେବୀ ବାଳିକା ଆଶ୍ରମ ବିଦ୍ୟାଳୟର ପିଲାମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

‘ମାତୃଭାଷାରେ ବିଜ୍ଞାନ ଶିକ୍ଷା: ସମସ୍ୟା ଓ ସମ୍ଭାବନା’ ଆଲୋଚନା

ଭୁବନେଶ୍ୱର,୨୨।୨(ସମିସ): ଓଡିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଝୁମୁକା ଫାଉଣ୍ଡେସନ ଟ୍ରଷ୍ଟ ଆନୁକୂଲ୍ୟରେ ବିଶ୍ୱ ମାତୃଭାଷା ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ‘ମାତୃଭାଷାରେ ବିଜ୍ଞାନ ଶିକ୍ଷା : ସମସ୍ୟା ଓ ସମ୍ଭାବନା’ ଶୀର୍ଷକ ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ରେଡ୍‌କ୍ରସ୍ ଭବନରେ ଅନୁଷ୍ଠିତ



ହୋଇଯାଇଛି। ଏହି ଆଲୋଚନାଚକ୍ରରେ ବିଭାଗୀୟ ସ୍ୱତନ୍ତ୍ର ସଚିବ ତଥା ଗାଳ୍ପିକ ଦେବ ପ୍ରସାଦ ମିଶ୍ର ଅତିଥି ଭାବେ ଯୋଗଦେଇ କହିଲେ ଯେ, ଆମ ମାତୃଭାଷା ସକଳ ଜ୍ଞାନବିଜ୍ଞାନର ଉତ୍ସ ଭାବେ ମାନ୍ୟତା ଲାଭ କରିଥିବାରୁ ତାହା ପାଠପଢ଼ାର ମାଧ୍ୟମ ହେବା ଉଚିତ। ପ୍ରବୀଣ ବିଜ୍ଞାନ ସାହିତ୍ୟ ଲେଖକ ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା ଭିତ୍ତି ଭାଷଣ ଦେଇ ବିଜ୍ଞାନ ବିଷୟକ ପାଠ୍ୟକ୍ରମ ଉପଯୁକ୍ତ ଭାବେ ଉଚ୍ଚ ମାଧ୍ୟମିକ ଯାଏ ମାତୃଭାଷା ଓ ବିଶ୍ୱବିଦ୍ୟାଳୟ ସ୍ତରରେ ଇଂରାଜୀରେ ଶିକ୍ଷାଦାନ କରିବା ବିଚାରଯୋଗ୍ୟ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ପ୍ରାବନ୍ଧିକ ଓ ସ୍ତମ୍ଭକାର ଡ. ଚିତ୍ତରଞ୍ଜନ ମିଶ୍ର ବିଜ୍ଞାନ ହେଉ ବା ଯେ କୌଣସି ପାଠ୍ୟକ୍ରମ ମାତୃଭାଷାରେ ହିଁ ଶିକ୍ଷାଦାନ ହେବା ଉଚିତ। ଯାହା ବିଦ୍ୟାର୍ଥୀର ମନ ଓ ହୃଦୟକୁ ଛୁଇଁଥାଏ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ପୂର୍ବତନ ଶିକ୍ଷା, ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ପ୍ରମୁଖ ଶାସନ ସଚିବ ଅଶୋକ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠାନର ପରିଚାଳନା ଟ୍ରଷ୍ଟି ଓ “ଝୁମୁକା’ ସମ୍ପାଦକ ମାନସରଞ୍ଜନ ସାମଲ ସ୍ୱାଗତ ସୂଚନା ଦେଇ ବିଦ୍ୟାର୍ଥୀର ବୌଦ୍ଧିକ ବିକାଶରେ ମାତୃଭାଷା ମାଧ୍ୟମ ଯଥେଷ୍ଟ ସହାୟକ ହେବ ବୋଲି କହିଥିଲେ। ସାହିତ୍ୟିକା କମଳିନୀ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସୁଜାତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ବାବାଜି ସତ୍ୟାନନ୍ଦ ଦାସଙ୍କ ସ୍ୱନକ୍ଷତ୍ର

ଭୁବନେଶ୍ୱର,୨୨।୨(ସମିସ): ଗୁରୁକୃପା ଚାରିଟେବୁଲ ସୋସାଇଟି ପକ୍ଷରୁ ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ମହିମା ପ୍ରଚାରକ ବାବାଜି ସତ୍ୟାନନ୍ଦ ଦାସ ମହାରାଜଙ୍କ ସ୍ୱନକ୍ଷତ୍ର ଉତ୍ସବ ଆୟୋଜିତ ହୋଇଛି। ମହନ୍ତ ଚିନ୍ତାମଣି ପର୍ବତ ମହାରାଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସେବକ ସାମନ୍ତ ସୁଦର୍ଶନ ପୂଜାପଣ୍ଡା ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ସନ୍ଥ ସ୍ୱାମୀ ଶ୍ରଦ୍ଧାନନ୍ଦ ଗିରି ଉପସ୍ଥିତ ଥିଲେ। ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କୁ ‘ପ୍ରଥମ ଗୁରୁକୃପା ସମ୍ମାନ’ରେ ସମ୍ମାନିତ କରାଯାଇଥିଲା। ଇଂ ବିଷ୍ଣୁ ଚରଣ ସ୍ୱାଇଁ ସ୍ୱାଗତ ଭାଷଣ ଓ ଆଇନଜୀବୀ ବୀର ନାରାୟଣ ପାତ୍ର ଧନ୍ୟବାଦ ଦେଇଥିଲେ। ରାଧାବଲ୍ଲଭ ମଠର ମହନ୍ତ ରାମକୃଷ୍ଣ ଦାସ, ମହନ୍ତ ସୁବଳ ଦାସ, ସ୍ୱାମୀ ଗୋକୁଳାନନ୍ଦ ସରସ୍ୱତୀ ଓ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ଭାସ୍କର ମିଶ୍ରଙ୍କ ଦ୍ୱାରା ସ୍ମରଣିକା ‘ଗୁରୁକୃପା’ ଉନ୍ମୋଚନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବାବା ଗିରିଶ ଦାସ, ନାଇଜରର ପୂର୍ବତନ କୁଳସଚିବ ଡ. ଅଜୟ ନାୟକ, ମା ଶାରଳାଙ୍କ ଅଙ୍ଗଲାଗି ସେବକ ରମାକାନ୍ତ ରାଉଳ, ବିଶ୍ୱନାଥ ରାଉଳ ଓ ମା’ମଙ୍ଗଳାଙ୍କ ଅଙ୍ଗଲାଗି ସେବକ ପଣ୍ଡିତ ସୁଦାମ ଚରଣ ଦୀକ୍ଷିତ ପ୍ରମୁଖ ଉପସ୍ଥିତ ଥିଲେ।

ଉତ୍କଳ ବିଶ୍ୱବିଦ୍ୟାଳୟରେ ମାତୃଭାଷା ଦିବସ

ଭୁବନେଶ୍ୱର, ୨୨।୨ (ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ



ଭାଷା ଓ ସାହିତ୍ୟ ବିଭାଗରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଛି। ବିଭାଗ-ମୁଖ୍ୟ ଡ. ରୁଦ୍ରନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ ଶାନ୍ତିନିକେତନର ପ୍ରାକ୍ତନ ପ୍ରଫେସର କୈଳାସ ପଟ୍ଟନାୟକ ଯୋଗ ଦେଇଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ, ପ୍ରଫେସର ଦେବାଶିଷ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ମାତୃଭାଷା ଦିବସର ଐତିହାସିକ ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିବାବେଳେ ବିଭାଗର ପରିଦର୍ଶକ ପ୍ରଫେସର ମଣୀନ୍ଦ୍ର କୁମାର ମେହେର, ବ୍ୟାସକବି ଫକୀରମୋହନ ଓ ସ୍ୱଭାବ-କବି ଗଙ୍ଗାଧର ମେହେରଙ୍କ କବିତାର ଦୃଷ୍ଟାନ୍ତ ଉପସ୍ଥାପନ କରି ମାତୃଭାଷାର ମହତ୍ତ୍ୱ ପ୍ରତିପାଦନ କରିଥିଲେ। ପ୍ରାଧ୍ୟାପକ ଡ. ସଂଗ୍ରାମ କେଶରୀ ରାଉତ ଧନ୍ୟବାଦ ଦେଇଥିଲେ।


ପରିବେଶ ସୁରକ୍ଷା ପାଇଁ ସରକାର ବିଶେଷ ଗୁରୁତ୍ୱ ଦିଅନ୍ତୁ

ଭୁବନେଶ୍ୱର,୨୨।୨(ସମିସ): ବର୍ତ୍ତମାନ ବାୟୁ, ଜଳ, ମୃତ୍ତିକା ସମ୍ପୂର୍ଣ୍ଣ ଭାବେ ପ୍ରଦୂଷିତ ହୋଇଗଲାଣି। ଏହି ଦୂଷିତ ପରିବେଶରେ କେବଳ ମନୁଷ୍ୟ ନୁହେଁ, ସମସ୍ତ ଜୀବଜଗତ ଅତିଷ୍ଠ ହୋଇ ପଡ଼ିଲାଣି। ପୃଥିବୀ ପୃଷ୍ଠରୁ ଅନେକ ଜୀବଜନ୍ତୁଙ୍କର ବଂଶ ଲୋପ ପାଇଗଲାଣି। ବାୟୁ, ଶବ୍ଦ ଓ ଜଳ ପ୍ରଦୂଷିତ ହୋଇ ବିଭିନ୍ନ ରୋଗ ବଢ଼ିବା ବେଳେ, ପ୍ରତିବର୍ଷ ଭୂତଳ ଜଳସ୍ତର କମିବାରେ ଲାଗିଛି। ତେଣୁ ସରକାର ବିକାଶ ସହିତ ପରିବେଶ ସୁରକ୍ଷା ପ୍ରତି ଧ୍ୟାନ ଦେବାକୁ ପ୍ରେରଣା ଇଣ୍ଟରନ୍ୟାସନାଲ ଗ୍ରୀନ ଆର୍ମି ଆର୍ମିର କମାଣ୍ଡାଣ୍ଟ ଇନ ଚିଫ ଡ. ଦିଲ୍ଲୀପ ଶ୍ରୀଚନ୍ଦନ, ଓଡ଼ିଶା ପାଇକ ଆଖଡ଼ା ମହାସଂଘ ସଭାପତି ଡ. ପ୍ରକାଶ ଶ୍ରୀଚନ୍ଦନ, ସମାଜସେବୀ ମିର ଅହମଦ ଅଲିଙ୍କ ସମେତ ବହୁ ପରିବେଶବିତ ଓଡ଼ିଶାର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କୁ ଏକ ଆବେଦନ ପତ୍ର ପ୍ରଦାନ କରିଛନ୍ତି। ଏପରିକି ଜନ ପ୍ରତିନିଧି, ସାମାଜିକ କର୍ମୀ, ସଚେତନ ନାଗରିକ ପରିବେଶ ସୁରକ୍ଷା ପ୍ରତି ଧ୍ୟାନ ଦେବାକୁ ସେ ଅନୁରୋଧ କରିଛନ୍ତି।

୨୮ ତମ କଳିଙ୍ଗ ନାଟ୍ୟ ମହୋତ୍ସବର ତୃତୀୟ ସନ୍ଧ୍ୟା

‘ଅବ୍ ନା ବନେଗୀ ଦେହରୀ’ ମଞ୍ଚସ୍ଥ

ଭୁବନେଶ୍ୱର,୨୨।୨(ସମିସ): ଥରେ ରେବତୀ ମନ୍ଦିର ପାଖରେ କୂପ ମଧ୍ୟକୁ ଡେଇଁ ଆତ୍ମହତ୍ୟା କରିବାକୁ ଚେଷ୍ଟା କରିବା ସମୟରେ ତାକୁ ଶିବ ମନ୍ଦିରର ମହନ୍ତ ଗିରିବାବା ଉଦ୍ଧାର କରିଥିଲେ। ସେ ରେବତୀର ଘଟଣା ସବୁକୁ ଧ୍ୟାନର ସହ ଶୁଣିବା ପରେ ଦୁଇଜଣଙ୍କ ଭିତରେ ଏକ ଆଧ୍ୟାତ୍ମିକ ପ୍ରେମ ସମ୍ପର୍କ ଗଢ଼ି ଉଠିଲା। ଗିରିବାବା ଜଣେ ଧର୍ମୀୟ ସନ୍ନ୍ୟାସୀ ଥିଲେ ଯିଏକି ବିବାହ କରିବା ଏବଂ ଶାରୀରିକ ସମ୍ପର୍କ ନ ରଖିବାର ସଂକଳ୍ପ ନେଇଥିଲେ। ତେଣୁ ଏହି ପ୍ରେମ ସମ୍ପର୍କକୁ ସେ ପ୍ରତ୍ୟାଖ୍ୟାନ ସ୍ୱରୂପ ଏକ ଆଦର୍ଶଗତ ଉଦାହରଣର ନଜିର ରଖିବାକୁ ଜୀବନ୍ତ ସମାଧି ନେଇଥିଲେ। ଯେମିତି କି କୌଣସି ଧର୍ମୀୟ ଭାବନାରେ ବ୍ୟାଘାତ ସୃଷ୍ଟି ନ ହେବ। ଶେଷରେ ରେବତୀ ଏସବୁ ଘଟଣା ପ୍ରବାହରୁ ନିଜକୁ ମୁକ୍ତ କରିବାକୁ ଯାଇ ନୂତନ ଜୀବନ ଧାରଣର ମାର୍ଗକୁ ବାଛି ନେଇଥିଲା, ଏମିତି କିଛି କଥାବସ୍ତୁକୁ ନେଇ ହିନ୍ଦୀ ନାଟକ ‘ଅବ୍ ନା ବନେଗୀ ଦେହରୀ’ ରବିବାର ରବୀନ୍ଦ୍ର ମଣ୍ଡପରେ ମଞ୍ଚସ୍ଥ ହୋଇଯାଇଛି। ଏହି ନାଟକକୁ ଲକ୍ଷ୍ନୌ ଭାରତେନ୍ଦୁ ନାଟ୍ୟ ଏକାଡ଼େମୀ ପକ୍ଷରୁ ପରିବେଷଣ କରାଯାଇଥିଲା। ଏହାର ନିର୍ଦ୍ଦେଶନା ବିପିନ୍ କୁମାର କରିଥିବାବେଳେ ନାଟ୍ୟ ରୂପାନ୍ତରରେ ଅସିଫ୍ ଅଲ୍ଲୀ ରହିଥିଲେ। ଶତାବ୍ଦୀର କଳାକାର ଆନୁକୂଲ୍ୟରେ



ଆୟୋଜିତ ୨୮ ତମ କଳିଙ୍ଗ ନାଟ୍ୟ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଅତିରିକ୍ତ ମୁଖ୍ୟ ସଚିବ ଡ. ଆର୍‌ଏନ୍ ସେନାପତି ଯୋଗଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ବିଜେପି ଉପସଭାପତି ଗୋଲକ ପ୍ରସାଦ ମହାପାତ୍ର, ନାଲ୍‌କୋ ସିଏମ୍‌ଡ଼ି ବିଜେନ୍ଦ୍ର ପ୍ରତାପ ସିଂ, ଜିନ୍ଦଲ ଷ୍ଟିଲ୍‌ର ସଭାପତି ପ୍ରଶାନ୍ତ ହୋତା ଯୋଗଦେଇଥିଲେ। ଅନୁଷ୍ଠାନର ସଭାପତି ଗୌରହରି ଦାସ ସଭାପତିତ୍ୱ କରିଥିବା ବେଳେ ସାଧାରଣ ସମ୍ପାଦକ ଧିରେନ୍ଦ୍ରନାଥ ମଲ୍ଲିକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

ବିଜେଡି ପକ୍ଷରୁ ମହାରାଜା ଶ୍ରୀରାମଚନ୍ଦ୍ରଙ୍କ ପୁଣ୍ୟ ତିଥି

ଭୁବନେଶ୍ୱର,୨୨।୨(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓଙ୍କର ପୁଣ୍ୟ ତିଥି ପାଳିତ ହୋଇଛି। ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ରାଜଧାନୀର ପାୱାର ହାଉସ ଛକ ନିକଟରେ ଅବସ୍ଥିତ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ପୁଣ୍ୟ ତିଥି ପାଳିତ ହୋଇଯାଇଛି। ସଭାର ପ୍ରାରମ୍ଭରେ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ।



ଶିକ୍ଷାବିତ୍ କାମଦେବ ମହାପାତ୍ର ମହାରାଜାଙ୍କ ଜୀବନ ଆଧାରିତ ଏକ ସ୍ୱରଚିତ କବିତା ପାଠ କରିଥିଲେ। ଏହି ସଭାରେ ଅତିଥି ଭାବେ ସୁନାରାମ ସୋରେନ, ଅନୁପମା ବେହେରା, ସମାଜସେବୀ ମନୋରଞ୍ଜନ ମହାନ୍, ପଣ୍ଡିତ ଗିରିଜା ଶଙ୍କର ମହାପାତ୍ର, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ, ପ୍ରଭାତ ବିଶ୍ୱାଳ, ପ୍ରାଧ୍ୟାପକ ରଙ୍ଗାଧର ସାହୁ, ବିଜୟ କୁମାର ସାହୁ, ନୀ ବେହେରା ପ୍ରମୁଖ ବରପୁତ୍ରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଅମିତ୍ ପାତାଳ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

ବୈଷ୍ଣବ ପରିଡ଼ାଙ୍କ ଜୟନ୍ତୀ ସମାରୋହ

ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ସ୍ୱର୍ଣ୍ଣପଦକ ବିଜୟିନୀଙ୍କୁ ‘ବୈଷ୍ଣବ ପରିଡ଼ା ସ୍ମୃତି ସମ୍ମାନ’

ଭୁବନେଶ୍ୱର,୨୨।୨(ସମିସ):



ରାଜନୀତିଜ୍ଞ, ପୂର୍ବତନ ରାଜ୍ୟସଭା ସାଂସଦ, ସୁସାହିତ୍ୟିକ ତଥା “ଭାଷା ସୁରକ୍ଷା ସମ୍ମିଳନୀ’ର ପ୍ରତିଷ୍ଠାତା ସ୍ୱର୍ଗତ ବୈଷ୍ଣବ ପରିଡ଼ାଙ୍କ ୮୫ତମ ଜୟନ୍ତୀ ସମାରୋହ ରବିବାର ଲୋହିଆ ଏକାଡେମୀ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶିଷ୍ଟ ଗାନ୍ଧୀବାଦୀ ଓ ସର୍ବୋଦୟ ନେତ୍ରୀ ତଥା ଉତ୍କଳ ଗାନ୍ଧୀ ସ୍ମାରକୀ ନିଧିର ସଭାପତି କ୍ରିଷ୍ଣା ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଶ୍ରମିକ ନେତା, ଆଇଏନ୍‌ଟିୟୁସିର ଉପସଭାପତି ତଥା ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ, ସିପିଆଇ (ଏମ୍)ର ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ସନ୍ତୋଷ ଦାସ ଓ ସାହିତ୍ୟକ ଡ. ବିଜୟାନନ୍ଦ ସିଂହ ଯୋଗଦେଇଥିଲେ। ଏହି ଅବସରରେ ସାହିତ୍ୟକ ଓ ସମାଲୋଚକ ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ପରିଦର୍ଶକ ପ୍ରଫେସର ଡ. ମଣୀନ୍ଦ୍ର କୁମାର ମେହେର “ନୂତନ ଜାତୀୟ ଶିକ୍ଷାନୀତିରେ ମାତୃଭାଷାର ସ୍ଥାନ’ ଶୀର୍ଷକ ପଞ୍ଚମ ବୈଷ୍ଣବ ପରିଡ଼ା ସ୍ମାରକୀ ବକ୍ତୃତା ପ୍ରଦାନ କରିଥିଲେ। ସାମ୍ବାଦିକ ରବି ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହ ଅବସରରେ ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା, ସାହିତ୍ୟ ବିଭାଗର ବିଗତ ବର୍ଷରେ ସର୍ବୋଚ୍ଚ ନମ୍ବରପ୍ରାପ୍ତ ସ୍ୱର୍ଣ୍ଣପଦକ ବିଜୟିନୀ ଛାତ୍ରୀ ଜ୍ୟୋତିର୍ମୟୀ ପୃଷ୍ଟିଙ୍କୁ “ବୈଷ୍ଣବ ପରିଡ଼ା ସ୍ମୃତି ସମ୍ମାନ-୨୦୨୬’ ପ୍ରଦାନ କରାଯାଇଥିଲା। ସମ୍ମାନ ସ୍ୱରୂପ ସ୍ମୃତି ଫଳକ, ୧୦ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଥିଲା। ବୈଷ୍ଣବ ପରିଡ଼ା ସ୍ମୃତିନ୍ୟାସର ସମ୍ପାଦକ ଅମିତାଭ ଖୁଲାର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଉପସଭାପତି ନଟବର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍ମୃତିନ୍ୟାସର ବରିଷ୍ଠ ସଦସ୍ୟ ବିଶ୍ୱନାଥ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବୈଷ୍ଣବ ପରିଡ଼ା ସ୍ମୃତିନ୍ୟାସର ଆବାହିକା ଡ. ସ୍ୱର୍ଣ୍ଣଲତା ପରିଡ଼ାଙ୍କ ଦ୍ୱାରା ରଚିତ ଅନୁବାଦ ଗଳ୍ପ ସଂକଳନ “ଆଲିଶା ଓ ରଷୀୟ ପରୀ କାହାଣୀ’ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।

ଖବରକାଗଜ ବିତରକ ରଞ୍ଜନ ରାଉତଙ୍କ ଶ୍ରଦ୍ଧାଞ୍ଜଳି ସଭା



ଭୁବନେଶ୍ୱର,୨୨।୨(ସମିସ): ନିୟୁଜ୍‌ପେପର ସପ୍ଲାୟରସ୍ ଆସୋସିଏସନ୍ ମାଷ୍ଟର କ୍ୟାଣ୍ଟିନ୍ ବିତରଣ କେନ୍ଦ୍ରରେ ବିତରକ ଭାବେ କାର୍ଯ୍ୟ କରୁଥିବା ରଞ୍ଜନ କୁମାର ରାଉତଙ୍କ ଦେହାନ୍ତ ହୋଇଯାଇଛି। କ୍ୟାନ୍ସର ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ଗତ ୨୦ ତାରିଖ ରାତିରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତାଙ୍କ ଅକାଳ ବିୟୋଗରେ ମାଷ୍ଟରକ୍ୟାଣ୍ଟିନ ପଏଣ୍ଟର ସମସ୍ତ ବିତରକ ରଞ୍ଜନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ନିରବ ପ୍ରାର୍ଥନା କରିଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ ୩ ଶହରୁ ଅଧିକ ବିତରକ ବନ୍ଧୁ ଉପସ୍ଥିତ ରହିଥିଲେ।

ପ୍ରାଚୀ ଏନ୍‌କ୍ଲେଭ୍‌ର ବାର୍ଷିକୋତ୍ସବ

ଭୁବନେଶ୍ୱର,୨୨।୨(ସମିସ): ଚନ୍ଦ୍ରଶେଖରପୁରସ୍ଥିତ ପ୍ରାଚୀ ଏନ୍‌କ୍ଲେଭ୍ କଲୋନୀ ୱେଲ୍‌ଫେୟାର୍ ଆସୋସିଏସନ୍‌ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆସୋସିଏସନ୍ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ରାଜ୍ୟର ପୂର୍ବତନ ପୁଲିସ ଡିଜି ତଥା ଓପିଏସ୍‌ସିର ଅଧ୍ୟକ୍ଷ ଡ. ସତ୍ୟଜିତ ମହାନ୍ତି ଯୋଗଦାନ କରିଥିଲେ। ସଂଘ ପକ୍ଷରୁ ସଭାପତି ଡ. ପାଣିଗ୍ରାହୀ ମୁଖ୍ୟ ଅତିଥି ଡ. ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରିବା ସହ ଡ. ମହାନ୍ତି ତାଙ୍କ ଅଭିଭାଷଣରେ ଏହି ଆବାସିକ ଅଞ୍ଚଳର ଅଧିବାସୀମାନଙ୍କର ଶୃଙ୍ଖଳିତ ଜୀବନଯାପନ, ସମ୍ପ୍ରଦାୟ ମନୋଭାବ ଏବଂ ପରସ୍ପର ପ୍ରତି ଆନ୍ତରିକତା ପ୍ରଦର୍ଶନ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ପାଦକ ଡ. କୀର୍ତ୍ତି ରଞ୍ଜନ ମଲ୍ଲିକ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। କୋଷାଧ୍ୟକ୍ଷ ଶ୍ରୀକାନ୍ତ ଦାଶ ଆୟବ୍ୟୟର ବିବରଣୀ ଉପସ୍ଥାପନ କରିଥିଲେ। ଉପ-ସଭାପତି ଭାଗୀରଥି ସୋରେନ ନିଜର ମତ ଉପସ୍ଥାପନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

କଟକ ସିଟି



ବାରଙ୍ଗରେ ନିର୍ମାଣାଧୀନ ସେତୁ ଭୁଶୁଡ଼ିଲା

● ନିମ୍ନମାନର କାର୍ଯ୍ୟ ଅଭିଯୋଗ, ଅଳ୍ପକେ ବର୍ତ୍ତିଲେ ଶ୍ରମିକ



ବାରଙ୍ଗ,୨୨।୨(ସମିସ): ବାରଙ୍ଗ ବ୍ଲକ ବେଲଗଛିଆ ଓ ଦାଡାପାଟଣା ପଞ୍ଚାୟତକୁ ସଂଯୋଗ କରୁଥିବା ନିର୍ମାଣଧୀନ ବିଜୁ ସେତୁରେ ରବିବାର ଏକ ବଡ଼ ଅଘଟଣ ଘଟିଯାଇଛି। ସେତୁ ଉପରେ ଢଳେଇ କାର୍ଯ୍ୟ ଚାଲିଥିବା ସମୟରେ ହଠାତ୍ ଗୋଟିଏ ପାଶ୍ୱର୍ର ଲୁହା ବାଡ଼ ଓ ଛଡ଼ ଭୁଶୁଡ଼ି ପଡ଼ିଥିଲା। ଏହି ସମୟରେ ସେତୁ ଉପରେ କାର୍ଯ୍ୟରତ ଶ୍ରମିକମାନେ ଭୟଭୀତ ହୋଇ ଦୌଡ଼ି ପଳାଇବାରୁ ସୌଭାଗ୍ୟବଶତଃ କାହାର କୌଣସି ଜୀବନହାନି ଘଟିନାହିଁ। ତେବେ ଏହି ଘଟଣା ସେତୁ ନିର୍ମାଣର ଗୁଣବତ୍ତା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିବା ସହ ସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ସୂଚନାଯୋଗ୍ୟ ଯେ, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ପୁରୀ ମୁଖ୍ୟ କେନାଲ ଉପରେ ପ୍ରାୟ ୫ କୋଟି ୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ସେତୁ ନିର୍ମାଣ ହେଉଛି। ୨୦୨୩ ଜୁନ୍ ମାସରେ ଏହାର ଶୁଭ ଦିଆଯାଇଥିଲା ଏବଂ ୧୫ ମାସ ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ମାତ୍ର ୩୨ ମାସ ବିତିଯାଇଥିଲେ ମଧ୍ୟ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ଏହି ବିଳମ୍ବ ଓ ନିମ୍ନମାନର ନିର୍ମାଣ କାର୍ଯ୍ୟ ପାଇଁ ସେତୁଟି ଭୁଶୁଡ଼ିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। କେନାଲ ଅପର ପାଶ୍ୱର୍ରେ ଚାଷ ଜମି ଥିବାରୁ ସେତୁ କାର୍ଯ୍ୟରେ ବିଳମ୍ବ ଯୋଗୁଁ ଚାଷୀ ଓ ସାଧାରଣ ଜନତା ଯାତାୟାତରେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଘଟଣା ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ କହିଛନ୍ତି ଯେ ଢଳେଇ ସମୟରେ ପାଶ୍ୱର୍ରେ ଥିବା ଏକ ଲୁହା ଖସି ପଡ଼ିଥିଲା, ଯାହା ଫଳରେ କିଛି ସମୟ କାର୍ଯ୍ୟ ବନ୍ଦ ରହିଥିଲା। ଏଥିରେ କୌଣସି ବଡ଼ କ୍ଷତି ହୋଇନାହିଁ ଏବଂ ଖୁବଶୀଘ୍ର କାର୍ଯ୍ୟ ପୁଣି ଆରମ୍ଭ ହେବ ବୋଲି ସେ ସୂଚନା ଦେଇଛନ୍ତି।

■ କଟକରେ ନିର୍ମାଣ ଶ୍ରମିକ ସହାୟତା ଶିବିର

୪୦୯୯ ହିତାଧିକାରୀଙ୍କୁ ୨୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବଣ୍ଟନ



କଟକ,୨୨।୨(ସମିସ): କଟକ ଜିଲ୍ଲା ପ୍ରଶାସନ ଓ ଶ୍ରମ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ନୂଆପଡ଼ା ବାଲିସାହିସ୍ଥିତ ଗାଦି ଗୋସାଇଁ ପଡ଼ିଆଠାରେ ଏକ ସ୍ୱତନ୍ତ୍ର ନିର୍ମାଣ ଶ୍ରମିକ ସହାୟତା ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଟକ ସଦର ବିଧାୟକ ଇଂ ପ୍ରକାଶଚନ୍ଦ୍ର ସେଠୀ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଡ. ଦିବ୍ୟଲୋଚନ ମହାନ୍ତ ଯୋଗ ଦେଇଥିଲେ। ଶିବିରରେ ମୋଟ ୪୦୯୯ ଜଣ ହିତାଧିକାରୀଙ୍କୁ ଶିକ୍ଷା ବୃତ୍ତି, ବିବାହ, ପ୍ରସୂତି ଓ ମୃତ୍ୟୁକାଳୀନ ସହାୟତା ବାବଦକୁ ମୋଟ ୨୬ କୋଟି ୨୦ ଲକ୍ଷ ୭୮ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏଥିସହ ୫୦ ଜଣ ନୂତନ ଶ୍ରମିକଙ୍କୁ ପରିଚୟପତ୍ର ମଧ୍ୟ ବଣ୍ଟନ କରାଯାଇଛି। ପ୍ରଭାଗୀୟ ଶ୍ରମ ଆୟୁକ୍ତ ହରପ୍ରିୟା ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଶିବିରରେ ଜିଲ୍ଲା ଶ୍ରମ ଅଧିକାରୀ ପ୍ରୀତିବନ୍ଧନ ଘଡ଼ାଇ ଓ ସହକାରୀ ଶ୍ରମ ଅଧିକାରୀ ମୋନାଲିସା ପାଢ଼ୀଙ୍କ ସମେତ ଅନ୍ୟ ବିଭାଗୀୟ କର୍ମଚାରୀ ସହଯୋଗ କରିଥିଲେ।

ଉତ୍କଳ ସେବକ ସମାଜ ପକ୍ଷରୁ 'ବାଲ୍ୟ ବିବାହ ମୁକ୍ତି ରଥ'



କଟକ,୨୨।୨(ସମିସ): ବାଲ୍ୟ ବିବାହ ପରି ଏକ ସାମାଜିକ କୁପ୍ରଥାକୁ ସମୂଳେ ବିନାଶ କରିବା ଲକ୍ଷ୍ୟରେ ଜିଲ୍ଲା ପ୍ରଶାସନର ସହଯୋଗରେ ଉତ୍କଳ ସେବକ ସମାଜ ପକ୍ଷରୁ ଏକ "ବାଲ୍ୟ ବିବାହ ମୁକ୍ତି ରଥ' ଆରମ୍ଭ ହୋଇଛି। ଶୋଭନୀୟ ଶିକ୍ଷାଶ୍ରମରେ ଆୟୋଜିତ ଏହି ସମାରୋହରେ ଉତ୍କଳ ସେବକ ସମାଜର ସମ୍ପାଦକ ଡ. ଅମିୟ ଭୂଷଣ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ୨୦୩୦ ସୁଦ୍ଧା ଭାରତକୁ ବାଲ୍ୟ ବିବାହ ମୁକ୍ତ କରିବା ପାଇଁ ସରକାରଙ୍କ ଯେଉଁ ଲକ୍ଷ୍ୟ ରହିଛି, ସେଥିରେ ଏହି ସଚେତନତା ରଥ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ସଦସ୍ୟା ଚନ୍ଦନା ଦାସ ଓ ମନସ୍ୱିତା ଖୁଣ୍ଟିଆ, ରାଜ୍ୟ ମହିଳା କମିଶନ ସଦସ୍ୟା ପ୍ରତିଭା ଶତପଥୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ରଶ୍ମିତା ମହାନ୍ତି ଉପସ୍ଥିତ ସଦସ୍ୟ ଓ ଶତାଧିକ ଛାତ୍ରଛାତ୍ରୀଙ୍କୁ ବାଲ୍ୟ ବିବାହ ରୋକିବା ପାଇଁ ଶପଥ ପାଠ କରାଇଥିଲେ। ଶିଶୁ ମଙ୍ଗଳ ସମିତିର ସଦସ୍ୟ, ଚାଇଲ୍ଡ ଲାଇନର କର୍ମକର୍ତ୍ତା ଏବଂ ସାମାଜିକ କର୍ମୀମାନେ ସାମିଲ ଥିଲେ। ଉତ୍କଳ ସେବକ ସମାଜର ନିର୍ଦ୍ଦେଶକ ଇଂ ଅନ୍ୱୟ ଅଭିନବ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ଡ. ଅରୁନ୍ଧତୀ ଦେବୀ ଧନ୍ୟବାଦ ଦେଇଥିଲେ।

ବେନାମୀ ମାରଣାସ୍ତ୍ର କାରବାର

ପୁଲିସ ଜବତ କରିପାରିନି ୨୦୦ ବେଆଇନ ବନ୍ଧୁକ





● ୪୨ ମୌଜା ନକଲି କାରଖାନା ଠାବ ଘଟଣାରେ ହୋଇଥିଲା ୧ କୋଟି ଟଙ୍କାର କାରବାର

● ନୂଆପଡ଼ା ଗୁଳିକାଣ୍ଡରେ ବ୍ୟବହାର ହୋଇଛି ମୁଙ୍ଗେର୍ ବନ୍ଧୁକ ମାଇକା-୬୯

କଟକ,୨୨।୨(ସମିସ):

୪୨ ମୌଜା ବନ୍ଧୁକ କାରଖାନାରୁ କଟକ ସହର ଓ ଗ୍ରାମାଞ୍ଚଳରେ ମୋଟ୍ ୨୦୦ଟି ବନ୍ଧୁକ ବିକ୍ରି ହୋଇଥିଲା। ଏହି ବନ୍ଧୁକକୁ କଟକ ଓ ଭୁବନେଶ୍ୱରର ଅପରାଧୀମାନେ କିଣି ନେଇଥିବା ବର୍ଷକ ପୂର୍ବରୁ ଏସ୍‌ଟିଏଫ୍‌ର ସ୍ପେସାଲ୍ ସ୍କ୍ୱାଡ୍ ଜାଣିବାକୁ ପାଇଥିଲା। ଗୋଟିଏ ବନ୍ଧୁକର ଦାମ ସର୍ବନିମ୍ନ ୫୦ ହଜାର ଟଙ୍କାରେ ବିକ୍ରି ହୋଇଥିଲା। ତେବେ ମୋଟ୍ ୧କୋଟି ଟଙ୍କାର କାରବାର ହୋଇଥିବା ତଦନ୍ତରୁ ଏସ୍‌ଟିଏଫ୍ ଜାଣିଥିବା ବେଳେ ପୁଲିସ ତୁରନ୍ତ ଏହାକୁ ଚଢ଼ଉ କରି ଜବତ କରିବାକୁ ବିଭାଗୀୟ ନିଷ୍ପତ୍ତି ନିଆଯାଇଥିଲା। ମୁଖ୍ୟ ଅଭିଯୁକ୍ତ ଶରତ ବେହେରା(ଯାଦବ) ବନ୍ଧୁକଗୁଡ଼ିକୁ ଲୋକାଲ୍ ବଜାରରେ ବିକ୍ରି କରିଥିବା ପ୍ରମାଣ କମିସନରେଟ୍ ପୁଲିସ ସଂଗ୍ରହ କରିଥିଲା। କଟକ-ଭୁବନେଶ୍ୱରରେ ୨୦୦ ବନ୍ଧୁକ ବିକ୍ରିକୁ ବାଦ୍ ଦେଲେ ରାଜ୍ୟ ଏବଂ ରାଜ୍ୟ ବାହାରକୁ ଶହ ଶହ ବନ୍ଧୁକ ୪୨ ମୌଜା ଥାନା ଅନ୍ତର୍ଗତ ଧୂଳେଶ୍ୱର ଗାଁରେ ଚାଲିଥିବା ବେଆଇନ ବନ୍ଧୁକ କାରଖାନାରୁ ବିକ୍ରି ହୋଇଥିବା ପୁଲିସକୁ ସ୍ପଷ୍ଟ ସୂଚନା ମିଳିଥିଲା। ହେଲେ ବନ୍ଧୁକ କାରଖାନା ଠାବ ଘଟଣାକୁ ୧ବର୍ଷ ବିତିଯାଇଥିବା ବେଳେ ଏପର୍ଯ୍ୟନ୍ତ ଏହି କାରଖାନାରୁ ସପ୍ଲାଏ ହୋଇଥିବା ଗୋଟିଏ ବି ବନ୍ଧୁକ ଠାବ କରାଯାଇ ପାରିନାହିଁ। ନୂଆପଡ଼ା ଗୁଳିକାଣ୍ଡରେ ମୁଙ୍ଗେର୍ ବନ୍ଧୁକ ମାଇକା-୬୯ ବ୍ୟବହାର କରାଯାଇଥିବା ବେଳେ ପୁଲିସ ଏହି ତଥ୍ୟକୁ ଗ୍ରହଣ କରୁନାହିଁ। ପୁଲିସ ଏହି ବନ୍ଧୁକ କଳାହାଣ୍ଡିରୁ ଆସିଥିବା ସୂଚନା ଦେଉଛି। ଏକ ନିର୍ଭରଯୋଗ୍ୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଏହି ଡିଜାଇନ୍‌ର ବନ୍ଧୁକ ୪୨ମୌଜା ବେଆଇନ ବନ୍ଧୁକ କାରଖାନାରୁ ନିର୍ମିତ ହୋଇଥିଲା। କଟକ ସହର ଓ ଗ୍ରାମାଞ୍ଚଳରେ ବିକ୍ରି ହୋଇଥିବା ୨୦୦ ବନ୍ଧୁକକୁ ତୁରନ୍ତ ଚଢ଼ଉ କରାଯାଇ ଜବତ କରା ନଗଲେ, ଆଗାମୀ ଦିନରେ ଅପରାଧୀମାନେ ଖୁଲମ୍‌ଖୁଲା ଧମକ ଚମକ ଦେବା ସହିତ ଅନେକ ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହିବାର ଆଶଙ୍କା ରହିଛି।

ସୂଚନା ଅନୁସାରେ, ୪୨ ମୌଜାରେ ବନ୍ଧୁକ ସମ୍ପୂର୍ଣ୍ଣ ଭାବେ ତିଆରି ହେଉ ନଥିଲା। କୋଲକାତାରୁ କଞ୍ଚାମାଲ୍ ଆଣିବା ପରେ ଏଠାରେ କେବଳ ଛାଞ୍ଚ ତଥା ବ୍ୟାରେଲ୍, ସ୍ଲାଇଡ୍ ଏବଂ ହ୍ୟାଣ୍ଡଗ୍ରୀପ୍ ତିଆରି କରାଯାଉଥିଲା। ଏହାପରେ ବନ୍ଧୁକ ଗୁଡ଼ିକୁ ମୁଙ୍ଗେର୍‌କୁ ପଠାଯାଉଥିଲା। ସେଠାରେ ଟ୍ରିଗର୍, ମାଗାଜିନ୍, କ୍ୟାଟରିଜ୍, ହାମର୍, ମୋଜେଲ୍, ହ୍ୟାଣ୍ଡଗ୍ରୀପ୍ କଭର୍, ସେପ୍ଟି ଲକ୍, ରି କଏଲ ସ୍ପ୍ରିଙ୍ଗ୍, ଫ୍ରଣ୍ଟ-ଷ୍ଟ୍ରାପ୍ ଓ ସ୍ଲାଇଡ୍ ଲକ୍ ଇତ୍ୟାଦି ପ୍ରସ୍ତୁତ ହେଉଥିଲା। ମୁଙ୍ଗେରରୁ ଏସବୁ ସାମଗ୍ରୀ ଅଣାଯିବା ପରେ ଯେଉଁଗୁଡ଼ିକ ଏ ୦ । ୧ ର ବିକ୍ରି କରାଯିବ, ତାହାକୁ ଫାଇନାଲ୍ ଟଚ୍ ଦିଆଯାଉଥିଲା। ଏହାକୁ ମୁଙ୍ଗେରରୁ ଅଣାଯାଇ ୪୨ମୌଜାରେ ପହଞ୍ଚାଯାଉଥିଲା। ଏହାପରେ ଗୋଟିଏ ବନ୍ଧୁକକୁ ୫୦ହଜାର ଟଙ୍କାରେ ବିକ୍ରି କରାଯାଉଥିଲା। ଏହାକୁ ବାଦ ଦେଲେ କେତେକ କୁଖ୍ୟାତ ବନ୍ଧୁକ ବେପାରୀ କଟକକୁ ବନ୍ଧୁକ ସପ୍ଲାଏ କରୁଥିଲେ। ଗତବର୍ଷ ମାର୍ଚ୍ଚ ୭ ତାରିଖରେ ନିମ୍‌ଚୌଡିର ଆରଏନ୍‌ଟି କଲେଜ ନିକଟସ୍ଥ ନିଛାଟିଆ ରାସ୍ତାରେ ବନ୍ଧୁକ ବିକ୍ରୟ ପାଇଁ ଡିଲ୍ ହେଉଥିବା ବେଳେ ଅଚାନକ କମିସନରେଟ୍ ପୁଲିସର ସ୍ପେସାଲ୍ ସ୍କ୍ୱାଡ୍ ଚଢ଼ଉ କରି ୩ଟି ମୁଙ୍ଗେର୍ ବନ୍ଧୁକ ସମେତ ୧୫ଟି ଅଫୁଟା ଗୁଳି ଓ ୩ଟି ବାଇକ୍ ଜବତ କରିଥିଲା। ଏହାର ମାସକ ପୂର୍ବରୁ ବାରଙ୍ଗ, ନରାଜ ଓ ସିଡିଏ ଅଞ୍ଚଳରୁ ପୁଲିସ ୫ଟି ବିଦେଶୀ ପିସ୍ତଲ ଜବତ କରିଥିଲା। ଯେଉଁଥିରେ ୩ଟି ୯ ଏମ୍‌ଏମ୍ ପିସ୍ତଲ ଓ ଦୁଇଟି ୭.୬୫ ଏମ୍‌ଏମ୍ ପିସ୍ତଲ ରହିଥିଲା। ଏଥିସହ ୩୦ରାଉଣ୍ଡ ଗୁଳି ମଧ୍ୟ ମିଳିଥିଲା। ତେବେ ପୁଲିସ ସମ୍ପୃକ୍ତ ୩ ବନ୍ଧୁକ ବେପାରୀଙ୍କୁ ଥାନାରେ ପଚରା ଉଚରା କରିବା ବେଳେ ବନ୍ଧୁକ କାରବାର ସଂକ୍ରାନ୍ତରେ ବହୁ ଚାଞ୍ଚଲ୍ୟକାର ତଥ୍ୟ ଜାଣିବାକୁ ପାଇଥିଲା। ସିଧାସଳଖ ଭାବେ ଗ୍ୟାଙ୍ଗଷ୍ଟାର୍ ସକିଲ୍‌ର ଲିଙ୍କ୍ ମଧ୍ୟ ପୁଲିସକୁ ମିଳିଥିଲା। ଗତ ଦେଢ଼ବର୍ଷ ମଧ୍ୟରେ ସମୁଦାୟ ୨୮ ଜଣ ଚୋରା ବନ୍ଧୁକ କାରବାରରେ ଲିପ୍ତ ଥିବା ଅପରାଧୀଙ୍କୁ ପୁଲିସ ଗିରଫ କରି ସାରିଲାଣି। ପ୍ରତ୍ୟେକ ଚୋରା ବନ୍ଧୁକ ବେପାରିଙ୍କ ଲିଙ୍କ୍ ସକିଲ୍ ସହିତ ରହିଥିବା ଜଣାପଡ଼ିଛି। ଧଳସାମନ୍ତ ତଥା ତ୍ରି-ବ୍ରଦର୍ସର ଅପରାଧ ସାମ୍ରାଜ୍ୟ ଧୂଳିସାତ୍ ହୋଇଥିବା ବେଳେ ଏବେ ଗ୍ୟାଙ୍ଗଷ୍ଟର୍ ସକିଲର ସହଯୋଗୀ କଟକ ସହରରେ ଚୋରା ବନ୍ଧୁକ ସିଣ୍ଡିକେଟ୍ ଚଳାଉଥିବା ଖବର ମିଳିଛି। ଅନ୍ୟପଟେ ୪୨ ମୌଜା ବେଆଇନ ବନ୍ଧୁକ କାରଖାନାରୁ ବିକ୍ରି ହୋଇଥିବା ୨୦୦ଟି ବନ୍ଧୁକ ଏବେ ପୁଲିସ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି।

ବାରବାଟୀ-କଟକ ବିଜେଡିର ପ୍ରସ୍ତୁତି ବୈଠକ



୨୪ରେ ବିଧାନସଭା ଘେରିବ ଦଳ

କଟକ,୨୨।୨(ସମିସ): ଆସନ୍ତା ଫେବୃଆରୀ ୨୪ ତାରିଖରେ ବିଜୁ ଜନତା ଦଳ ପକ୍ଷରୁ ଆହୂତ 'ବିଧାନସଭା ଚଲୋ' କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରବିବାର ସକାଳେ ବାରବାଟୀ ଷ୍ଟାଡିୟମ ନିକଟରେ କଟକ ମେୟର ତଥା ବିଜେଡି ରାଜ୍ୟ କୋଷାଧ୍ୟକ୍ଷ ସୁବାସ ସିଂହଙ୍କ ନେତୃତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟରେ ବଢୁଥିବା ଦରଦାମ ବୃଦ୍ଧି, ମଣ୍ଡିରେ ଧାନ ପଡ଼ିରହିବା, ଚାଷୀଙ୍କ ସମସ୍ୟା, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଏବଂ ନୂତନ ଭତ୍ତା କାର୍ଡ ପ୍ରଦାନରେ ସରକାରଙ୍କ ବିଳମ୍ବ ନୀତି ବିରୋଧରେ ଦଳ ପକ୍ଷରୁ ଏହି ପ୍ରତିବାଦ କରାଯିବ। ଏହି ବୈଠକରେ କଟକ ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂ, ଜିଲ୍ଲା ମହିଳା ସଭାପତି ଅନିତା ବେହେରା, କାର୍ଯ୍ୟକାରୀ ମହିଳା ସଭାପତି ପୂର୍ଣ୍ଣିମା ସିଂହ ଓ ପୂର୍ବତନ ସହର ସଭାପତି ମଧୁସୂଦନ ସାହୁ, ଏକରାମ ହୁସେନ, ରମଜାନ ଖାନ, ପ୍ରଫୁଲ୍ଲ ବେହେରାଙ୍କ ସମେତ ବହୁ ବରିଷ୍ଠ ନେତା ଓ କର୍ପୋରେଟର ଯୋଗଦେଇଥିଲେ। ସଭାରେ ବାରବାଟୀ-କଟକ ବିଜେଡିର ଆଗଧାଡ଼ିର ନେତୃବୃନ୍ଦ, ଯୁବ, ମହିଳା ଓ ଛାତ୍ର ସଂଗଠନର କର୍ମକର୍ତ୍ତାମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ।

ଝାଞ୍ଜିରୀ ମଙ୍ଗଳାଙ୍କ ପୀଠରେ ଶାନ୍ତିଯଜ୍ଞ




କଟକ,୨୨।୨(ସମିସ): ଓଡ଼ିଶା ସଙ୍ଗୀତ ଜଗତର କଲ୍ୟାଣ ଏବଂ ଶାନ୍ତି ନିମନ୍ତେ କଟକସ୍ଥିତ ପ୍ରସିଦ୍ଧ ମାଁ ଝାଞ୍ଜିରୀ ମଙ୍ଗଳାଙ୍କ ମନ୍ଦିର ପରିସରରେ ରବିବାର ଏକ ଭବ୍ୟ ଶାନ୍ତିଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ନିକଟରେ ପ୍ରାଣ ହରାଇଥିବା ତିନି ପ୍ରତିଭାବାନ ସଙ୍ଗୀତ ନିର୍ଦ୍ଦେଶକ ସ୍ୱର୍ଗତ ଅଭିଜିତ ମଜୁମଦାର, ସ୍ୱର୍ଗତ ଶାନ୍ତିରାଜ ଖୋସଲା ଓ ସ୍ୱର୍ଗତ ସଞ୍ଜୟ ସାହୁଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଏହି ହୋମଯଜ୍ଞର ଆୟୋଜନ କରାଯାଇଥିଲା। ସଙ୍ଗୀତ କ୍ଷେତ୍ରରେ ଯେପରି କୌଣସି କଳାକାରଙ୍କର ଆଉ ଅକାଳ ବିୟୋଗ ନ ଘଟେ, ସେଥିପାଇଁ ଶତାଧିକ କଳାକାର ଓ ଶ୍ରଦ୍ଧାଳୁ ମାଁଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଯଜ୍ଞ ପରେ ଉପସ୍ଥିତ କଳାକାର ଓ ପରିବାର ସଦସ୍ୟମାନେ ଦିବଂଗତ ସଙ୍ଗୀତ ନିର୍ଦ୍ଦେଶକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ଗରିବ ଓ ଅସହାୟ ଲୋକଙ୍କୁ ଅନ୍ନଭୋଜନ ମଧ୍ୟ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନିରୁଦ୍ଧ ଧଳ, ପ୍ରମୋଦ ନନ୍ଦ, ଦେବାଶିଷ ତ୍ରିପାଠୀ, ନିର୍ମଳ ନାୟକ, ଯତୀନ୍ଦ୍ର ପ୍ରଧାନ ଓ ଜିତୁ ସାବତଙ୍କ ସମେତ ସଙ୍ଗୀତ ଜଗତର ଅନେକ ଜଣାଶୁଣା ବ୍ୟକ୍ତି ସପରିବାର ଯୋଗଦେଇଥିଲେ। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ସମଗ୍ର ସଙ୍ଗୀତ କ୍ଷେତ୍ରରେ ଏକ ଭାବପୂର୍ଣ୍ଣ ପରିବେଶ ସୃଷ୍ଟି କରିଥିଲା।

ପ୍ରାପ୍ୟ ମାଗିବାରୁ ଡେଲିଭରି ବୟଙ୍କ ବିରୋଧରେ ଅଭିଯୋଗ

● କଟକର ବିଭିନ୍ନ ଅଞ୍ଚଳରେ ସେବା ଠପ୍


କଟକ,୨୨।୨(ସମିସ): ସିଡିଏ ସେକ୍ଟର-୨ସ୍ଥିତ ବ୍ଲିଙ୍କଇଟ୍ ଅନଲାଇନ ଡେଲିଭରି ସଂସ୍ଥାରେ କାର୍ଯ୍ୟରତ ୭୦ରୁ ଅଧିକ କର୍ମଚାରୀ ସେମାନଙ୍କର ନ୍ୟାଯ୍ୟ ଦାବିକୁ ନେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଉଚିତ ପ୍ରାପ୍ୟ ପ୍ରଦାନ, ଦୁର୍ଘଟଣା ବୀମା ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ସୁବିଧା ସୁଯୋଗ ପାଇଁ କର୍ମଚାରୀମାନେ ଗତ ୨୧ ତାରିଖ ସକାଳେ କର୍ତ୍ତୃପକ୍ଷଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସେହିଦିନ ରାତି ୧୦ଟା ସୁଦ୍ଧା ଦାବି ପୂରଣ ହେବ ବୋଲି ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ ସଂସ୍ଥା ଏହାକୁ କାର୍ଯ୍ୟକାରୀ କରି ନ ଥିଲା। ଫଳରେ ଆଜି ସକାଳୁ ଡେଲିଭରି ବୟମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି, ଯାହାଦ୍ୱାରା ସିଡିଏ, ଓଡ଼ିଆ ବଜାର, ଚାନ୍ଦିନୀଚୌକ, ଚଣ୍ଡୀ ଛକ, ନରାଜ ଏବଂ ଆଇନ ବିଶ୍ୱବିଦ୍ୟାଳୟ ପରି ପ୍ରମୁଖ ଅଞ୍ଚଳରେ ଅନଲାଇନ ସେବା ସମ୍ପୂର୍ଣ୍ଣ ଭାବେ ଠପ୍ ହୋଇଯାଇଛି। କର୍ମଚାରୀଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ବ୍ଲିଙ୍କଇଟ୍ କର୍ତ୍ତୃପକ୍ଷ ଦମନମୂଳକ ନୀତି ଆପଣେଇଥିବା ଅଭିଯୋଗ ହୋଇଛି। ଆନ୍ଦୋଳନର ନେତୃତ୍ୱ ନେଉଥିବା ୬ ଜଣ କର୍ମଚାରୀ ରାମଚନ୍ଦ୍ର ସାହୁ, ପିଙ୍କୁନ ରାଉତ, ଜିତୁ ସାମଲ, ସୌଭାଗ୍ୟ ବେହେରା, ମନୋଜ ସାହୁ ଓ ବିଶାଲ ଜେନାଙ୍କ ବିରୋଧରେ ବିଡାନାସୀ ଥାନାରେ କମ୍ପାନୀର ସିକ୍ୟୁରିଟି ମ୍ୟାନେଜର ଏତଲା ଦେଇଛନ୍ତି। ସଂସ୍ଥାର ମନମାନି ବିରୋଧରେ ଆନ୍ଦୋଳନର ନେତୃତ୍ୱ ନେଉଥିବା କର୍ମଚାରୀ ମଧ୍ୟ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ସେମାନଙ୍କର ଅଭିଯୋଗ ଯେ ସେମାନେ ନିଜର ନ୍ୟାଯ୍ୟ ଅଧିକାର ମାଗୁଥିବା ବେଳେ କର୍ତ୍ତୃପକ୍ଷ ମିଥ୍ୟା ମାମଲା କରି ସେମାନଙ୍କ ସ୍ୱର ଚାପିବାକୁ ଚେଷ୍ଟା କରୁଛନ୍ତି। ଯେ ପର୍ଯ୍ୟନ୍ତ ଦାବି ପୂରଣ ହୋଇନାହିଁ ଏବଂ ଉଚିତ ଶ୍ରମିକ ନୀତି ଆପଣାଯାଇ ନାହିଁ, ସେ ପର୍ଯ୍ୟନ୍ତ ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପାଇଁ ଚାଲୁ ରହିବ ବୋଲି କର୍ମଚାରୀମାନେ ସ୍ପଷ୍ଟ କରିଛନ୍ତି।

ବିଜୟ ପଢ଼ିହାରୀ ଇସ୍‌କଫ୍‌ର ଜାତୀୟ ସାଧାରଣ ସମ୍ପାଦକ



କଟକ,୨୨।୨(ସମିସ): ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସମିତି (ଇସକଫ)ର ଜାତୀୟ ସମ୍ମିଳନୀ ଚେନ୍ନାଇଠାରେ ଗତ ୧୯ ଏବଂ ୨୦ ତାରିଖ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ, ସମାଜସେବୀ ତଥା ଶାନ୍ତି ମୈତ୍ରୀ ଆନ୍ଦୋଳନର ଅଗ୍ରଣୀ ନେତା ବିଜୟକୁମାର ପଢ଼ିହାରୀ ପୁଣିଥରେ ଇସକଫର ଜାତୀୟ ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଶ୍ରୀ ପଢ଼ିହାରୀ ସମ୍ପ୍ରତି ସମ୍ବାଦପତ୍ର ବିକ୍ରେତା ସଂଘର ସଭାପତି ଭାବେ କାର୍ଯ୍ୟରତ ଥିବା ବେଳେ, ତାଙ୍କର ଦକ୍ଷ ନେତୃତ୍ୱ ଓ ସାଂସ୍କୃତିକ କ୍ଷେତ୍ରରେ ଅବଦାନ ପାଇଁ ତାଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପୁନର୍ବାର ପ୍ରଦାନ କରାଯାଇଛି। ତାଙ୍କର ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ବିଶେଷକରି ଓଡ଼ିଶାର ସାଂସ୍କୃତିକ ଓ ସାମାଜିକ ସଂଗଠନଗୁଡ଼ିକ ଏଥିପାଇଁ ଖୁସି ବ୍ୟକ୍ତ କରିଛନ୍ତି।

ଓଷ୍ଟା ପକ୍ଷରୁ ୧୧୮ ବିଦ୍ୟାର୍ଥୀଙ୍କୁ ମେଧାବୃତ୍ତି ପ୍ରଦାନ



କଟକ,୨୨।୨(ସମିସ): ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଆନୁକୂଲ୍ୟରେ ମେଧାବୃତ୍ତି ସମ୍ବର୍ଦ୍ଧନା ସମାରୋହ ନିଜସ୍ୱ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଓଷ୍ଟାର ସଭାପତି ଅକ୍ଷୟ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଉଦ୍‌ଘାଟକ ଭାବେ ଭଗବାନ ପ୍ରସାଦ ସାହୁ, ସ୍ୱତନ୍ତ୍ର ଶାସନ ସଚିବ, ଆଇନ୍ ବିଭାଗ ଯୋଗଦେଇ ଉକ୍ତ ସମାରୋହକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ରୂପେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବିରେନ୍ଦ୍ର କେରକୋରା, ମୁଖ୍ୟବକ୍ତା ଭାବେ ଉପ ହିସାବ ନିୟନ୍ତ୍ରକ ସୁଶ୍ରୀ ଧରିତ୍ରୀ ବରାଳ ଯୋଗ ଦେଇଥିଲେ। ସାଧାରଣ ସଂପାଦକ ରଞ୍ଜନ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମଞ୍ଚାସୀନ ଓଷ୍ଟାର କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ଯୁଗ୍ମ ସାଧାରଣ ସଂପାଦକ ବ୍ରଜକିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶୈକ୍ଷିକ କମିଟି ସଂପାଦକ ପ୍ରଣବ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଓଡିଶାର ବିଭିନ୍ନ କୋଣ ଅନୁକୋଣରୁ ଓଷ୍ଟା ମେଧା ଅନ୍ୱେଷଣ ପରୀକ୍ଷାରେ କୃତୀ ୧୧୮ ଜଣ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କରି ବୃତ୍ତି ରାଶି ପ୍ରଦାନ କରାଯାଇଥିଲା। ଓଷ୍ଟାର ନେତୃମଣ୍ଡଳୀ ସଞ୍ଜୟ ସିଂହ, ତ୍ରିଲୋଚନ ଦାଶସହଯୋଗ କରିଥିଲେ। ରାଜ୍ୟ ଓଷ୍ଟାର କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ ଧନ୍ୟବାଦ ଦେଇଥିଲେ।

ରେଭେନ୍ସା ଅଧ୍ୟାପକଙ୍କୁ କେନ୍ଦ୍ରୀୟ ଗବେଷଣା ଅନୁଦାନ

ହିମାଳୟ ଗ୍ଲାସିୟର ଉପରେ ହେବ ବୈଜ୍ଞାନିକ ଅନୁଧ୍ୟାନ



● ଏଏନ୍‌ଆର୍‌ଏଫ୍ ପକ୍ଷରୁ ୬୦ ଲକ୍ଷ ଟଙ୍କାର ପ୍ରକଳ୍ପ ମଞ୍ଜୁର

● ହିମାଳୟର ବରଫସ୍ରୋତର ଗତିଶୀଳତା ପରଖିବେ ଡ. ନୀରସିନ୍ଧୁ

କଟକ,୨୨।୨(ସମିସ):

ଓଡ଼ିଶାର ଗୌରବମୟ ଶିକ୍ଷାନୁଷ୍ଠାନ ରେଭେନ୍ସା ବିଶ୍ୱବିଦ୍ୟାଳୟ ପାଇଁ ଏକ ବଡ଼ ସଫଳତା ଆସିଛି। ବିଶ୍ୱବିଦ୍ୟାଳୟର ଭୂତତ୍ତ୍ୱ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. ନୀରସିନ୍ଧୁ ଦେଶିନାୟକଙ୍କୁ ଭାରତ ସରକାରଙ୍କ ଅନୁସନ୍ଧାନ ନ୍ୟାସନାଲ ରିସର୍ଚ୍ଚ ଫାଉଣ୍ଡେସନ (ଏଏନଆରଏଫ) ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ଗବେଷଣା ପ୍ରକଳ୍ପ ମଞ୍ଜୁର ହୋଇଛି। ପ୍ରାୟ ୬୦ ଲକ୍ଷ ଟଙ୍କା ବ୍ୟୟ ଅଟକଳର ଏହି ପ୍ରକଳ୍ପ ମାଧ୍ୟମରେ ଡ. ଦେଶିନାୟକ ପଶ୍ଚିମ ହିମାଳୟ ଅଞ୍ଚଳରେ ଥିବା ବରଫ ସ୍ରୋତ ଏବଂ ବରଫ ହ୍ରଦଗୁଡ଼ିକର ଗତିଶୀଳତା ଉପରେ ଗଭୀର ଅନୁଧ୍ୟାନ କରିବେ। ଏହି ଗବେଷଣାରେ ସେ ଆଧୁନିକ ରିମୋଟ୍ ସେନ୍ସିଂ ଏବଂ ଡିପ୍ ଲର୍ଣ୍ଣିଂ ଭଳି ଅତ୍ୟାଧୁନିକ ଜ୍ଞାନକୌଶଳର ବ୍ୟବହାର କରିବେ। ଏହି ଅନୁଦାନ ବଳରେ ବିଶ୍ୱବିଦ୍ୟାଳୟର ଭୂତତ୍ତ୍ୱ ବିଜ୍ଞାନ ବିଭାଗରେ ଏକ ଅତ୍ୟାଧୁନିକ ୱାର୍କଷ୍ଟେସନ ସ୍ଥାପନ କରାଯିବ। ଏଥିସହ ଗବେଷଣା କାର୍ଯ୍ୟରେ ସହାୟତା ପାଇଁ ଜଣେ ଜୁନିୟର ରିସର୍ଚ୍ଚ ଫେଲୋଙ୍କୁ ମଧ୍ୟ ନିୟୋଜିତ କରାଯିବ। ଡ. ଦେଶିନାୟକଙ୍କ ଏହି ସଫଳତା ପଛରେ ଏକ ପ୍ରେରଣାଦାୟୀ କାହାଣୀ ରହିଛି। କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ବ୍ଲକର ଦୁର୍ଗମ ଲଙ୍କାଗଡ଼ ଗ୍ରାମରୁ ଆସି ସେ ଆଜି ଏହି ଶୀର୍ଷରେ ପହଞ୍ଚିଛନ୍ତି। ସେ ଆଇଆଇଟି (ଆଇଆଇଟି-ଆଇଏସଏମ) ଧାନବାଦରୁ ପିଏଚଡି ହାସଲ କରିବା ସହ ତାଙ୍କ ନାମରେ ୪ଟି ପେଟେଣ୍ଟ ଏବଂ ଅନେକ ଉଚ୍ଚକୋଟୀର ଗବେଷଣା ପ୍ରବନ୍ଧ ରହିଛି। ସେ ମଧ୍ୟ ପୂର୍ବରୁ ଓଡ଼ିଶା ସରକାରଙ୍କ ମୁଖ୍ୟମନ୍ତ୍ରୀ ରିସର୍ଚ୍ଚ ଇନୋଭେସନ କାର୍ଯ୍ୟକ୍ରମରେ ଅନୁଦାନ ପାଇସାରିଛନ୍ତି। ହିମାଳୟ ପାର୍ବତ୍ୟ ଅଞ୍ଚଳରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଏବଂ ଏହାର ଭୂ-ବିଜ୍ଞାନ ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ କରିବାରେ ଏହି ଗବେଷଣା ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ। ସାଟେଲାଇଟ୍ ତଥ୍ୟର ବିଶ୍ଳେଷଣ କରି ପରିବେଶ ପରିବର୍ତ୍ତନର ସଠିକ୍ ଆକଳନ କରାଯାଇପାରିବ। ଡ. ଦେଶିନାୟକଙ୍କ ଏହି କୃତିତ୍ୱ ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ, ଶିକ୍ଷାବିତ୍ ଏବଂ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଏହା କେବଳ ରେଭେନ୍ସା ନୁହେଁ, ବରଂ ସମଗ୍ର ଓଡ଼ିଶା ପାଇଁ ଏକ ଗର୍ବର ବିଷୟ।

ମାଟ୍ରିକ ପରୀକ୍ଷାରେ ଛାତ୍ରଛାତ୍ରୀଙ୍କୁ ଭୁଲ୍ ପ୍ରଶ୍ନପତ୍ର ସେଟ୍ ପ୍ରଦାନ ଘଟଣା

ଅବ୍ୟବସ୍ଥାରେ ଚାଲିଥିଲା ପରୀକ୍ଷା କେନ୍ଦ୍ର, ଇନ୍‌ଭିଜିଲେଟର ନିଲମ୍ବିତ!

ବ୍ରହ୍ମପୁର,୨୨।୨(ସମିସ)

ସ୍ଥାନୀୟ ସରକାରୀ କ୍ୱିନ ଅଫ୍ ଦି ମିସନ୍ ଉଚ୍ଚ ବିଦ୍ୟାଳୟରେ ମାଟ୍ରିକ ପରୀକ୍ଷା ବେଳେ ପ୍ରଥମ ଦିନରେ ହିଁ ପରୀକ୍ଷା ପରିଚାଳନାରେ ବ୍ୟାପକ ତ୍ରୁଟି ରହିଥିଲା । ପରୀକ୍ଷା କେନ୍ଦ୍ରରେ ପ୍ରାୟ ୧୫ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଓଡ଼ିଆ ବିଷୟ ପ୍ରଶ୍ନପତ୍ରର ଭୁଲ ସେଟ୍ ପ୍ରଦାନ କରାଯାଇଥିଲା । ପ୍ରାୟ ଅଧଘଣ୍ଟା ପରେ ପୁଣିଥରେ ଉକ୍ତ ପ୍ରଶ୍ନପତ୍ର ଛାତ୍ରଛାତ୍ରୀଙ୍କଠାରୁ ଫେରାଇ ନିଆଯାଥିଲା । ତ୍ରୁଟିରେ ସୁଧାର ଆଣିବା ନିମନ୍ତେ ପରୀକ୍ଷାର୍ଥୀଙ୍କ 'ଓମ୍ଆର' ସିଟ୍‌ରେ ହ୍ୱାଇଟ ଇରେଜକୁ ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି । ଏନେଇ ଶନିବାର ଅଭିଭାବକ ଓ ପାରୀକ୍ଷାର୍ଥୀ ଜିଲ୍ଲା ଶିକ୍ଷାଧିକାରୀ ଓ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଏହି ଘଟଣାକୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ତଦନ୍ତ ଜାରି ରହିଥିବା ବେଳେ ଜଣେ କର୍ମଚାରୀଙ୍କ ବିରୋଧରେ ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି । ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା ଜଣେ ଇନ୍‌ଭିଜିଲେଟରଙ୍କୁ ନିଲମ୍ବିତ କରାଯାଇଥିବା ଜଣାପଡ଼ିଛି ।

କିନ୍ତୁ ଏ ସମ୍ପର୍କରେ ଜିଲ୍ଲା ଶିକ୍ଷାଧିକାରୀଙ୍କ ସମେତ ଜିଲ୍ଲା ଶିକ୍ଷା ପ୍ରଶାସନର ବରିଷ୍ଠ ଅଧିକାରୀଙ୍କୁ ବାରମ୍ବାର ଯୋଗାଯୋଗ କରାଯାଉଥିଲେ ହେଁ ସମ୍ଭବ ହୋଇନଥିଲା । ଅନ୍ୟପକ୍ଷରେ ମାଧ୍ୟମିକ ଶିକ୍ଷା ବୋର୍ଡ ଏବଂ ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ଜାରି ହୋଇଥିବା ନିୟମାବଳୀ ମଧ୍ୟରୁ ଅନେକ ନିମୟକୁ ସଠିକ ଭାବେ ଉକ୍ତ ପରୀକ୍ଷା କେନ୍ଦ୍ରରେ ପାଳନ କରାଯାଇନି । ଘଟଣା ବିଷୟରେ ବିଭିନ୍ନ ଦିଗରୁ ଅନୁସନ୍ଧାନ ପରେ ଶିକ୍ଷା ପ୍ରଶାସନର ଦୋଷ ଦୁର୍ବଳତା ସାମ୍ନାକୁ ଆସିଛି । ପରୀକ୍ଷା ପୂର୍ବରୁ ଶିକ୍ଷା ବିଭାଗ ପକ୍ଷରୁ ପ୍ରାକ୍-ପ୍ରସ୍ତୁତି, ପରିଚାଳନା ପାଇଁ ପ୍ରଶିକ୍ଷଣ ଓ ଆବଶ୍ୟକୀୟ ସ୍ଥାନରେ ଅଭିଜ୍ଞ ଅଧିକାରୀଙ୍କ ଠାରୁ ସହଯୋଗ, ପରାମର୍ଶ ନେଇ ସଠିକ କାର୍ଯ୍ୟକାରୀ କରାଯାଇଥିଲେ ଏହି ପରି ବିଭ୍ରାଟ ହୋଇନଥାନ୍ତା ବୋଲି ମତପ୍ରକାଶ ପାଇଛି ।

ଅଘଟଣ ଘଟିଥିବା ପରୀକ୍ଷା କେନ୍ଦ୍ରର ରୁମ୍ ନମ୍ବର ୬ର ବୋଡର୍ ପକ୍ଷରୁ ଜାରି ହୋଇଥିବା 'ସିଟିଂ ଆରେଞ୍ଜମେଣ୍ଟ' ନିୟମକୁ ସଠିକ ଭାବେ ପାଳନ କରାଯାଇନି । ଏହା ସହ ପରୀକ୍ଷା କେନ୍ଦ୍ରର ଦାୟିତ୍ୱରେ ଥିବା ଅଧୀକ୍ଷକ ଓ ଡେପୁଟି ଅଧୀକ୍ଷକ ଛାତଛାତ୍ରୀଙ୍କୁ 'ଉତ୍ତର ଖାତା କିମ୍ବା ଓଏମଆର' ସିଲ କରିବା ପୂର୍ବରୁ କୌଣସି ପ୍ରକାର ତ୍ରୁଟି କିମ୍ବା ସମସ୍ୟା ଦେଖିଲେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବାର ନିୟମ ରହିଛି । କିନ୍ତୁ ପରୀକ୍ଷା କେନ୍ଦ୍ର କର୍ତ୍ତୃପକ୍ଷ ଗତ ଶନିବାର ସୁଦ୍ଧା ଏନେଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇନଥିଲେ । ସେହିପରି ଛାତ୍ରଛାତ୍ରୀ ପରୀକ୍ଷାର ଉତ୍ତର କିମ୍ବା କିଛି ତଥ୍ୟ ପ୍ରଦାନ ବେଳେ କୌଣସି କାରଣରୁ ଯଦି 'ଓଏମଆର' ସିଟରେ ଭୁଲ ଉଲ୍ଲେଖ କରନ୍ତି ।

● କର୍ମଚାରୀଙ୍କ ଦୋଷ ଦୁର୍ବଳତା ଘୋଡ଼ାଉଛି ଜିଲ୍ଲା ଶିକ୍ଷା ପ୍ରଶାସନ

ତେବେ ନିୟମ ମୁତାବକ ଉକ୍ତ ଛାତ୍ରଛାତ୍ରୀଙ୍କୁ ଅନ୍ୟ ଏକ 'ଓଏମଆର' ସିଟ ଯୋଗାଇବା ସହ ତାହାକୁ 'ସବ୍ ଷ୍ଟାଣ୍ଡାଡର୍' ଦର୍ଶାଇ ଘଟଣା ସମ୍ପର୍କରେ ବୋଡର୍ ଓ ଜିଲ୍ଲା ଶିକ୍ଷା ବିଭାଗକୁ ଅବଗତ କରାଇବା ପରୀକ୍ଷା କେନ୍ଦ୍ରର ଦାୟିତ୍ୱରେ ଥିବା ଅଧୀକ୍ଷକ କାର୍ଯ୍ୟ ରହିଥାଏ । କିନ୍ତୁ ଉକ୍ତ ନିୟମକୁ ମଧ୍ୟ ପାଳନ କରାଯାଇନଥିବା ଅଭିଯୋଗ ହୋଇଛି । ଅନ୍ୟପକ୍ଷରେ ପରୀକ୍ଷା ପରିଚାଳନା ନିମନ୍ତେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନଥିବାରୁ ବିଭିନ୍ନ ବ୍ଲକ ଶିକ୍ଷା ପ୍ରଶାସନର ଶିକ୍ଷକଙ୍କୁ ମାଟ୍ରିକ ପରୀକ୍ଷାରେ ନିୟୋଜିତ କରାଯାଇଛି । ଉକ୍ତ ଶିକ୍ଷକମାନେ ଉପଯୁକ୍ତ ପ୍ରଶିକ୍ଷଣ ବିନା ଏହିପରି ପରୀକ୍ଷା ପରିଚାଳନାରେ ନିୟୋଜିତ ହୋଇଛନ୍ତି । ଆବଶ୍ୟକୀୟ ଅଭିଜ୍ଞତା ନଥିବା କାରଣରୁ ପରୀକ୍ଷାରେ ସ୍ୱଚ୍ଛତାକୁ ନେଇ ଅଭିଭାବକଙ୍କ ଠାରୁ ଆରମ୍ଭ କରି ଛାତ୍ରଛାତ୍ରୀ ସଂକୋଚ ପ୍ରକାଶ କରିଛନ୍ତି । ଏଭଳି ଭାବେ ଜିଲ୍ଲାର ଆନେକ ପରୀକ୍ଷା କେନ୍ଦ୍ରରେ କାର୍ଯ୍ୟରତ ବହୁ କର୍ମଚାରୀ ପରୀକ୍ଷା ପରିଚାଳନାର ନୀତିନିୟମ ସଠିକ ଭାବେ ପାଳନ କରୁନଥିବା ଅଭିଯୋଗ ରହିଛି ।

ଏଭଳି ଅମାନିଆ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ଜିଲ୍ଲା ଶିକ୍ଷା ପ୍ରଶାସନ ପକ୍ଷରୁ ସେମାନଙ୍କ ଦୋଷଦୁର୍ବଳତା ଘୋଡ଼ାଉଥିବା ଦେଖିବାକୁ ମିଳିଛି । ଫଳରେ ଦିନକୁ ଦିନ କର୍ମଚାରୀମାନଙ୍କ ଅମାନିଆ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି । ତେଣୁ ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହୋଇଛି ।

● ମଦ ପିଇବାକୁ ଟଙ୍କା ନ ଦେବାରୁ ତୁମୂଳକାଣ୍ଡ

ପୁଅର କାତି ଚୋଟରେ ବାପା ଗୁରୁତର

ଦିଗପହଣ୍ଡି,୨୨।୨(ସମିସ): ଦିଗପହଣ୍ଡି ବ୍ଲକ ବି. ତୁରୁବୁଡ଼ି ପଞ୍ଚାୟତ ଦସିପୁର ଗାଁରେ ଶନିବାର ରାତି ପ୍ରାୟ ୧ଟାରେ ଗ୍ରାମର କେ.ବୁଲୁ ରେଡ୍ଡୀଙ୍କୁ ତାଙ୍କ ପୁଅ କେ.ଧନୁ ରେଡ୍ଡୀ କାତିରେ ମୁଣ୍ଡକୁ ହାଣି ଦେଇଥିବା ଅଭିଯୋଗ ହୋଇଛି । ବୁଲୁଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି । ତାଙ୍କୁ ଗୁରୁତର ଅବସ୍ଥାରେ ଦିଗପହଣ୍ଡି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ବୁଲୁଙ୍କ ବଡ଼ପୁଅ କିଛିବର୍ଷ ପୂର୍ବେ ମୃତ୍ୟୁବରଣ କରିଥିବା ବେଳେ ସାମାନ୍ୟ ମାନସିକ ବିକୃତ ଥିବା ସାନପୁଅ ତିରୁପତିରେ ଶ୍ରମିକ ଭାବେ କାର୍ଯ୍ୟ କରନ୍ତି । କିଛିଦିନ ହେଲା ସେ ଗାଁକୁ ଫେରିଥିଲେ । ଶନିବାର ରାତିରେ ଧନୁ ମଦ ପିଇବାକୁ ଘରେ ପଇସା ମାଗିଥିଲେ । ମା, ବାପା ଓ ସ୍ତ୍ରୀ ମନା କରିବାରୁ ଉତ୍ତେଜିତ ହୋଇ ସେମାନଙ୍କୁ ଆକ୍ରମଣ କରିଥିଲେ । ବାପା ପ୍ରତିବାଦ କରିବାରୁ ସେ କାତିରେ ତାଙ୍କୁ ଆକ୍ରମଣ କରିଥିଲେ ବୋଲି ଜଣାପଡିଛି । ସନ୍ଧ୍ୟା ସୁଦ୍ଧା ଏନେଇ ଦିଗପହଣ୍ଡି ଥାନାରେ ଏତଲା ହୋଇ ନଥିବା ଜଣାପଡ଼ିଛି ।



ଅଟୋକୁ ଧକ୍କା ଦେଲା ଟ୍ରକ୍; ୪ ଆହତ

ରଙ୍ଗେଇଲୁଣ୍ଡା,୨୨।୨(ସମିସ): ରବିବାର ସନ୍ଧ୍ୟାରେ ୧୬ ନଂ ଜାତୀୟ ରାଜପଥ ଗୋଳନ୍ଥରା ଥାନା କନିଷି ଗାଁ ନିକଟରେ ଏକ ଯାତ୍ରୀବାହୀ ଅଟୋକୁ ଏକ ଟ୍ରକ୍ ଧକ୍କା ଦେବାରୁ ଅଟୋ ଚାଳକ ସମେତ ୪ ଜଣ ଯାତ୍ରୀ ଆହତ ହୋଇଛନ୍ତି । ଅଟୋ ନଂ. ଓଡି୧୩କେ -୩୬୨୩ ବ୍ରହ୍ମପୁର ପଟୁ କିଛି ଯାତ୍ରୀ ଆଣି କନିଷି ଗାଁ ନିକଟରେ ଓହ୍ଲାଉଥିବା ବେଳେ ପଛରୁ ଆସୁଥିବା ଏକ ଟ୍ରକ୍ (ନଂ.ଟିଏନ୍୨୯ସିବି-୩୯୧୭) ଧକ୍କା ଦେଇଥିଲା । ଫଳରେ ଅଟୋ ଚାଳକ ସହ ଦୁଇଜଣ ମହିଳା ଓ ଜଣେ ପୁରୁଷ ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ଏବଂ ଗୋଳନ୍ଥରା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିବାବେଳେ ଆହତଙ୍କ ପରିଚୟ ମିଳିପାରିନାହିଁ ।

● ଖଣ୍ଡା ଦେଖାଇ ବଟି ଆଦାୟ ଘଟଣା

ଅଭିଯୁକ୍ତଙ୍କୁ ଚିହ୍ନଟ କରିପାରୁନି ପୁଲିସ

ବ୍ରହ୍ମପୁର,୨୨।୨(ସମିସ): ରେଷ୍ଟୁରାଣ୍ଟ ଉପରକୁ ବୋମାମାଡ଼, ଖଣ୍ଡା ଦେଖାଇ ବଟି ଆଦାୟ ଘଟଣାର ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପୁଲିସ ଚିହ୍ନଟ କରି ପାରୁନଥିବା ଜଣାପଡିଛି । ଗତ ଜାନୁୟାରୀ ୫ତାରିଖ ରାତିରେ ସୁବାରାଓ ଛକ ନିକଟରେ ଥିବା ଅଲିଭ୍ ରେଷ୍ଟୁରାଣ୍ଟ ଉପରକୁ ବୋମାମାଡ଼ ହୋଇଥିଲା । ଏହି ଘଟଣାରେ ପୁଲିସ ଅଭିଯୁକ୍ତଙ୍କୁ ଧରିବା ତ ଦୂରର କଥା ଚିହ୍ନଟ ବି କରିପାରୁନି ।

ସେହିପରି ଜାନୁୟାରୀ ୨୬ ରାତି ୧୧ଟା ବେଳେ ସୁବାରାଓ ଛକ ନିକଟସ୍ଥ ଗଳି ଅର୍ଥାତ ଖ୍ରୀଷ୍ଟିଆନ ସାହିରେ ଥିବା ଏକ ଲଜ୍ ସମ୍ମୁଖରେ ୩ଜଣ ଦୁର୍ବୃତ୍ତ ଗୋଟିଏ ସ୍କୁଟିରେ ଖଣ୍ଡା ଧରି ଆସି ବାଇକରେ ଯାଉଥିବା ଦୁଇ ଯୁବକଙ୍କୁ ଅଟକାଇ ମାରପିଟ କରିବା ସହ ଟଙ୍କା ଆଦାୟ କରୁଥିବା ଭାଇରାଲ୍ ହୋଇଥିବା ଭିଡ଼ିଓରୁ ସ୍ପଷ୍ଟ ଜଣାପଡ଼ିଥିଲା । ଏହାସହ ନିକଟରେ ଥିବା ଏକ କାରକୁ ପଥର ମାଡ଼ କରିଥିଲେ । ଏନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି । ପୁଲିସ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ଏଯାବତ ଅଭିଯୁକ୍ତ ଚିହ୍ନଟ ହୋଇନଥିବା ଜଣାପଡିଛି । ଉପରୋକ୍ତ ଦୁଇଟି ଘଟଣାକୁ ଏକ ମାସରୁ ଅଧିକ ସମୟ ବିତି ଯାଇଥିଲେ ମଧ୍ୟ ପୁଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପୁଲିସ ଚିହ୍ନଟ କରିପାରୁନଥିବା ଜଣାପଡିଛି ।

ବନ୍ଦ ଘରେ ଅଗ୍ନିକାଣ୍ଡ

ଫାଟିଲା ଗ୍ୟାସ୍ ସିଲିଣ୍ଡର; ଭୁଶୁଡ଼ିଲା କାନ୍ଥ

ବ୍ରହ୍ମପୁର,୨୨।୨(ସମିସ): ଆଙ୍କୁଲି କାଳଞ୍ଜି ସାହିରେ ଜଣେ ବ୍ୟକ୍ତିଙ୍କ ଘରେ ନିଆଁ ଲାଗିଯିବାରୁ ଗ୍ୟାସ ସିଲିଣ୍ଡର ଫାଟି ଯାଇଛି । ଏହାଯୋଗୁଁ ସେହି ଘରର କାନ୍ଥ ଭାଙ୍ଗିବା ସହ ଆସଭାବପତ୍ର ପୋଡି ବ୍ୟାପକ କ୍ଷୟକ୍ଷତି ହୋଇଛି । ବ୍ରହ୍ମପୁର ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ୧ଘଣ୍ଟା ପରିଶ୍ରମ କରିବା ପରେ ଘର ଭିତରେ ନିଆଁକୁ ଆୟତ କରିଛନ୍ତି । ସୂଚନାପ୍ରକାରେ, ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଆଙ୍କୁଲି କାଳଞ୍ଜି ସାହିରେ ରହୁଥିବା ରଞ୍ଜିତ ନାୟକଙ୍କ ପତ୍ନୀ ଲିଜା ନାୟକ ରବିବାର ପୂର୍ବାହ୍ନରେ ମନ୍ଦିର ଯାଇଥିଲେ । ଘରେ କେହି ନଥିବାରୁ ତାଲା ପଡିଥିଲା । ହେଲେ ଘର ଭିତରୁ ଧୂଆଁ ବାହାରୁଥିବା ନେଇ ଲିଜାଙ୍କ ପଡୋଶୀ ଫୋନ କରି ଜଣାଇଥିଲେ । କିଛି ସମୟ ଧୂଆଁ ବାହାରିବା ପରେ ରୋଷେଇ ଘରେ ରଖାଯାଇଥିବା ଗ୍ୟାସ ସିଲିଣ୍ଡର ଫାଟି ଯାଇଥିଲା । ସେହିପରି ଘର ଭିତରେ ଥିବା ବିଭିନ୍ନ ସାମଗ୍ରୀ ପୋଡି ନଷ୍ଟ ହୋଇ ଯାଇଥିଲା । ଘରୁ ନିଆଁ ଲିଭାଇବାକୁ ଚେଷ୍ଟା କରି ଲିଜା ଆହତ ହୋଇଥିଲେ । ପୁଲିସ ଓ ଅଗ୍ନିଶମ ବିଭାଗ ସହ ସ୍ଥାନୀୟ ବାସିନ୍ଦା ସହଯୋଗରେ ନିଆଁକୁ ଆୟତ କରାଯାଇଥିଲେ ମଧ୍ୟ ସେତେବେଳକୁ ଟିଭି, ଫ୍ରିଜ ଭଳି ବହୁ ମୂଲ୍ୟବାନ ସାମଗ୍ରୀ ପୋଡି ନଷ୍ଟ ହୋଇସାରିଥିଲା । ଅଗ୍ନିକାଣ୍ଡରେ ତାଙ୍କ ଘରେ ଥିବା ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡି ନଷ୍ଟ ହୋଇ ଯାଇଥିବା ଲିଜା ଅଭିଯୋଗ କରିଛନ୍ତି । ରାଜସ୍ୱ ବିଭାଗ କର୍ମଚାରୀ ପହଞ୍ଚି କ୍ଷୟକ୍ଷତି ଆକଳନ କରିବା ସହ ସରକାରୀ ସହାୟତା ପ୍ରଦାନ ଦିଗରେ ପଦକ୍ଷେପ ନେଇଛନ୍ତି । ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡିଥିବା ବେଳେ ସର୍ଟସର୍କିଟ ନତୁବା ଗ୍ୟାସ ଲିକରୁ ଏହା ଘଟିଥିବା ସନ୍ଦେହ କରାଯାଉଛି ।



କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା



ବ୍ରହ୍ମପୁର,୨୨।୨(ସମିସ): କଳବାଡ଼ କ୍ଲଷ୍ଟର ଅନ୍ତର୍ଗତ କମାକୁଲମଣି ପ୍ରାଥମିକ ବିଦ୍ୟାଳୟରେ ଦୁଇଦିନିଆ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ସିଆରସିସି ସୁଜିତ କୁମାର ପାଢ଼ୀଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ବିଷୟ ଭିତ୍ତିକ ସମସ୍ତ ଶ୍ରେଣୀ ଓ ସମସ୍ତ ବର୍ଗର ଛାତ୍ରଛାତ୍ରୀ ମାନଙ୍କ ପାଇଁ ପ୍ରଜୁଜ୍ୟ ମୋଟ ୫୦ରୁ ଅଧିକ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କରାଯାଇ ପ୍ରଦର୍ଶନ କରାଯାଇଥିଲା । କର୍ମଶାଳାର ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଗଞ୍ଜାମ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଏସ୍ ଧନଞ୍ଜୟ, ଗୋଷ୍ଠୀ ଶିକ୍ଷା ଅଧିକାରୀ ପନ୍ନଗ ଭୂଷଣ ମାଝୀ, ସମ୍ମାନିତ ଅତିଥି ରୂପେ ଏବିଇଓ ତ୍ରିନାଥ ମଲ୍ଲିକ, ନାୟକ ସେଠି, ମେଘନାଥ ବେହେରା, ୱାର୍ଡ ସଭ୍ୟା ଲକ୍ଷ୍ମୀ ରେଡ୍ଡୀ, ଏସଏମସି ସଭାପତି ଲକ୍ଷ୍ମଣ ରେଡ୍ଡୀ, ଝଟି ପଦର ସିଆରସିସି ଏ ଦମୟନ୍ତୀ, ବି ଭେଙ୍କେଟ ରାଓ, ଧର୍ମରାଜ ବେହେରା ପ୍ରମୁଖ ଯୋଗ ଦେଇଥିଲେ ।

ଏହି କର୍ମଶାଳାରେ ଶିକ୍ଷକ ବାଳକୃଷ୍ଣ ସାହୁ, ଗଙ୍ଗାଧର ବିଶୋୟୀ, ଦିଲେଶ୍ୱର ରାଉଳ, ପିତାମ୍ବର ସେଠି, ଦେବରାଜ ମଲ୍ଲିକ, କୃଷ୍ଣଚନ୍ଦ୍ର ବିଶୋୟୀ, ଗୌରୀ ଶଙ୍କର ସାହୁ, ୱେଙ୍କେଟ ରାଓ ଶିକ୍ଷୟିତ୍ରୀ ମହେଶ୍ୱତା ପାତ୍ର, ତନୁଜା ସାବତ, ମୀରାବାଇ ବିଶୋୟୀ, ଆଲୁ ରେଣୁ, ନମିତା ବେହେରା, ଶିକ୍ଷା କୁମାରୀ ପାତ୍ର, ମାମିନୀ ସାହୁ ଓ ବି ପୂଜା ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

ମାଗଣା ସ୍ୱାସ୍ଥ୍ୟ ଶିବିର

ବ୍ରହ୍ମପୁର,୨୨।୨(ସମିସ): ଭାବିନୀପୁର ଗ୍ରାମ ପଞ୍ଚାୟତ ଓ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲ ପକ୍ଷରୁ ପଞ୍ଚାୟତରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ ରଞ୍ଜିତ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରିଣୀ ନିରୁପମା ପ୍ରଧାନ, ଏଡିଓ ବସନ୍ତ ରାଉଳ, କୈଳାଶ ଶତପଥି, ସଂଗ୍ରାମ ଆଚାର୍ଯ୍ୟ, ଦଣ୍ଡପାଣି ପାତ୍ରଙ୍କ ସମେତ ସମସ୍ତ ୱାର୍ଡ ସଭ୍ୟ ଉପସ୍ଥିତ ଥିଲେ । ଶିବିରରେ ୧୨୬ଜଣଙ୍କ ରୋଗୀଙ୍କ ବିଭିନ୍ନ ପରୀକ୍ଷା କରିବା ସହ ଅଭିଜ୍ଞ ଡ଼ାକ୍ତର ମାନେ ଚିକିତ୍ସା କରି ଔଷଧ ଖାଇବାକୁ ପରାମର୍ଶ ଦେଇଥିଲେ ।



ତ୍ରିଧାରା ସାହିତ୍ୟ ସଂସଦର ଆଲୋଚନାଚକ୍ର

ବ୍ରହ୍ମପୁର,୨୨।୨(ସମିସ): ତ୍ରିଧାରା ସାହିତ୍ୟ ସଂସଦ ପକ୍ଷରୁ ଆଭାସୀରେ ବିଶ୍ୱ ମାତୃଭାଷା ଦିବସ ଅବସରରେ ଏକ ଆନ୍ତର୍ଜାତୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ମାତୃଭାଷା ହିଁ ନିଜ ଜାତି ଓ ସଂସ୍କୃତିକୁ ପରିଚୟ ପ୍ରଦାନ କରିଥାଏ । ନିଜ ମାତୃଭାଷା ହିଁ ସବୁଠାରୁ ବଡ଼ ଓ ମହାନ୍ । ଗୋଟିଏ ଭାଷା ବଞ୍ଚିଲେ ଗୋଟିଏ ଜାତି ବଞ୍ଚିବ । ଓଡ଼ିଆ ଭାଷାର କ୍ରମବିକାଶ ସମ୍ପର୍କରେ ଅନେକ ତଥ୍ୟ ଲୋକଲୋଚନକୁ ଆଣିବା ସହ ଓଡ଼ିଆସାହିତ୍ୟର ଯୁଗ ବିଭାଜନ କଥାକୁ ଖୁବ୍ ସୁନ୍ଦର ଭାବରେ ଆଲୋଚନା କରାଯାଇଛି । ସରକାରୀ ବିଦ୍ୟାଳୟର ମାତୃଭାଷା ଶିକ୍ଷା ଓ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ର ମାତୃଭାଷା ଶିକ୍ଷା ସମ୍ବନ୍ଧୀୟ ସମସ୍ୟା ଓ ସମାଧାନ ସମ୍ପର୍କରେ ଏକ ସାରଗର୍ଭକ ଆଲୋଚନା ହୋଇଥିଲା । ଯେଉଁଠି ରହିଲେ ବି ନିଜ ମାତୃଭାଷା କୁ କେହି କେବେ ବି ଭୁଲି ନାହାନ୍ତି । କାର୍ଯ୍ୟକ୍ରମରେ ସଭାପତି ଡକ୍ଟର ପ୍ରମୋଦ କୁମାର ଦ୍ୱିବେଦୀ, ମୁଖ୍ୟ ଅତିଥି ଭାବେ ଡଃ ନୃସିଂହ ଚରଣ ମିଶ୍ର, ମୁଖ୍ୟ ବକ୍ତା ଭାବେ ଡକ୍ଟର ଇଂ ସଞ୍ଜୟ କୁମାର ପଣ୍ଡା ଯୋଗଦାନ କରି ନିଜ ନିଜର ସାରଗର୍ଭକ ଭାଷଣ ପ୍ରଦାନ କରିଥିଲେ । ସଂସଦର ସମ୍ପାଦକ ଡକ୍ଟର ଲକ୍ଷ୍ମୀ ନାରାୟଣ ଦାଶ ଅତିଥି ପରିଚୟନ ପ୍ରଦାନ କରିଥିଲେ । ଉପସଭାପତି ଡକ୍ଟର ଅଶୋକ କୁମାର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବନ୍ଦନା ପଣ୍ଡା, ବିଘ୍ନେଶ୍ୱର ସାହୁ, ଡକ୍ଟର ଜ୍ୟୋତିର୍ମୟୀ ତ୍ରିପାଠୀ, ଲକ୍ଷ୍ମୀ ନାରାୟଣ ପଣ୍ଡା, ମଧୁସ୍ମିତା ମିଶ୍ର, ଡାକ୍ତର ଗାୟତ୍ରୀ ସାହୁ, ଗାୟତ୍ରୀ ରଥ, ମନୀଷା ଦେବୀ, ଗାୟତ୍ରୀ ଗୈଡ, ଗାୟତ୍ରୀ ରଥ ଷଡ଼ଙ୍ଗୀ, ପ୍ରଭାତ ଷଡ଼ଙ୍ଗୀ ପ୍ରମୁଖଙ୍କ ସମେତ ବହୁ ସାହିତ୍ୟପ୍ରେମୀ ଅଂଶଗ୍ରହଣ କରିଥିଲେ ।



ବ୍ରହ୍ମପୁର ମହାନଗର ନିଗମ ଲାଇବ୍ରେରୀକୁ ୱାଟ୍‌କୋ ଜିଏମ୍ ଇଂ. ବିକାଶ ପାଢ଼ୀଙ୍କ ପୁସ୍ତକ ପ୍ରଦାନ

ପ୍ରି-ୱେଡିଂ ଫଟୋସୁଟ୍‌ର ହବ୍ ପାଲଟିଛି ବ୍ରହ୍ମପୁର

ବ୍ରହ୍ମପୁର,୨୨।୨(ସମିସ)

ସମୟ ବଦଳିବା ସଙ୍ଗେ ସଙ୍ଗେ ଆମ ପ୍ରଥା, ପରମ୍ପରା ମଧ୍ୟ ଆଧୁନିତାର ସାଥେ ତାଳ ଦେଇଚାଲିଛି । ବିବାହ, ବ୍ରତଠାରୁ ଆରମ୍ଭ କରି ଜନ୍ମଦିନ ପାଳନ ପୂର୍ବରୁ ମଧ୍ୟ ଫଟୋସୁଟ୍ ନିତ୍ୟାନ୍ତ ହୋଇପଡ଼ିଛି । ଯାହା ପ୍ରି ଫଟୋ ସୁଟ୍ କୁହାଯାଉଛି । ଏଥିପାଇଁ ଅନେକ ଯୋଜନା ଆଗୁଆ ପ୍ରସ୍ତୁତ ହେଉଛି । ନାନା ରକମର ଫଟୋ ଉଠା ସାଙ୍ଗକୁ ଭିଡ଼ିଓ ଉତ୍ତୋଳନ କରାଯାଉଛି । ସତେ ଯେମିତି ନୂଆ ଚଳଚ୍ଚିତ୍ରଟିଏ ନିର୍ମାଣ ଚାଲିଛି । ଏହି ପରମ୍ପରା ଗଞ୍ଜାମ ଜିଲ୍ଲା ସମେତ ବ୍ରହ୍ମପୁର ସହରରେ ବହୁ ବର୍ଷ ପୂର୍ବରୁ ଚାଲିଥିଲା । ଏଥିପାଇଁ ବିଭିନ୍ନ ସହର ବାହାରେ ଜାଗା ଚିହ୍ନଟ ହେଉଥିଲା । ରାଜ୍ୟ ବାହାରକୁ ମଧ୍ୟ ଭାବି କନ୍ୟା-ବର ଯାଉଥିଲେ । ବିଭାଘରକୁ ସ୍ମରଣୀୟ କରିବାକୁ ଅନେକ ବଡ଼ ବଡ଼ ପର୍ଯ୍ୟଟନ କ୍ଷେତ୍ରକୁ ଯାଇ ଫଟୋ ଉଠାଉଥିଲେ । ସେଥିରେ ସମ୍ପ୍ରତି ପରିବର୍ତ୍ତନ ଘଟିଛି । ଲୋକାଲକୁ ସମ୍ପ୍ରତି ବେଶ୍ ଗୁରୁତ୍ୱ ଦେଉଛନ୍ତି ନୂଆ ପିଢି । ଏଥିପାଇଁ ସହର ଭିତରେ ପ୍ରାତଃ ଓ ସଞ୍ଜ ସମୟକୁ ବଛାଯାଉଛି ।



ଫଟୋସୁଟ୍ ବେଳେ ପାରମ୍ପରିକ ପୋଷାକ ସହ ଆଧୁନିକ ଷ୍ଟାଇଲ୍ ମିଶାଇ ନୂତନ କନ୍ସେପ୍ଟ ଦେଖାଯାଉଛି । ଏଥିପାଇଁ ଦକ୍ଷିଣ ଓଡ଼ିଶାର ବ୍ୟବସାୟିକ ରାଜଧାନୀ ଭାବେ ପରିଚିତ ବ୍ରହ୍ମପୁର ସହରରେ ଏବେ ପ୍ରି ୱେଡ଼ିଂ ଫଟୋସୁଟ୍‌ର ଆସର ଜମୁଛି । ସହରର ପ୍ରତ୍ୟେକ ଛକ, ମୁଖ୍ୟ ରାସ୍ତା ଓ ପାର୍କ ଗୁଡ଼ିକରେ ସକାଳ ଓ ସନ୍ଧ୍ୟାରେ ଫଟୋସୁଟ ପାଇଁ ଜମୁଥିବା ଦୃଶ୍ୟ ସାଧାରଣ ହୋଇପଡ଼ିଛି । ବିଶେଷ କରି ସହରର ପ୍ରମୁଖ ପାର୍କ ଓ ଖୋଲା ଜାଗାଗୁଡ଼ିକ ଏହି ପାଇଁ ଆକର୍ଷଣ କେନ୍ଦ୍ର ହୋଇଉଠିଛି । ସନ୍ଧ୍ୟା ସମୟରେ ଆଲୋକ ସଜ୍ଜା, ଡ୍ରୋନ୍ କ୍ୟାମେରା ଓ ଭିଡିଓ ଟିମ୍‌ର ଭିଡ଼ ଲକ୍ଷ୍ୟ କରାଯାଉଛି । ଏହାଫଳରେ ସ୍ଥାନୀୟ ଫଟୋଗ୍ରାଫରଙ୍କ ପାଇଁ ନୂଆ ରୋଜଗାର ସୁଯୋଗ ସୃଷ୍ଟି ହୋଇଛି । ଅନେକ ଯୁବକ-ଯୁବତୀ ପେଶାଦାର ଭାବେ ପ୍ରି-ୱେଡ଼ିଂ ସୁଟ୍‌ରେ ଜଡ଼ିତ ହୋଇ ଭଲ ଆୟ କରୁଛନ୍ତି । ବିବାହ ଉତ୍ସବକୁ ଆଡ଼ମ୍ବରମୟ କରିବା ପାଇଁ ଯୁବପିଢ଼ିର ଆଗ୍ରହ ବଢୁଥିବାରୁ ଏହି ପ୍ରବୃତ୍ତି ଦିନକୁ ଦିନ ବଢୁଛି । ସୋସିଆଲ୍ ମିଡିଆରେ ଫଟୋ ଓ ରିଲ୍ ଭାଇରାଲ୍ ହେବା ମଧ୍ୟ ଏହାର ମୂଳ କାରଣ ମନେ କରାଯାଉଛି ।

ସମାଜ ବିଜ୍ଞାନୀମାନଙ୍କ ମତାନୁସାରେ, ଏହା ନୂତନ ପିଢ଼ିର ଆଧୁନିକ ଚେତନା ଓ ଅଭିବ୍ୟକ୍ତିର ପ୍ରତୀକ । ସାମଗ୍ରୀକ ଭାବେ ଦେଖିଲେ, ବ୍ରହ୍ମପୁର ସହରରେ ପ୍ରି-ୱେଡ଼ିଂ ଫଟୋସୁଟ୍ ଏକ ନୂତନ ଟ୍ରେଣ୍ଡ ଭାବେ ଜମିଯାଇଛି । ଯାହା ସହରର ସାମାଜିକ ଓ ଆର୍ଥିକ ପରିବେଶରେ ନୂଆ ପରିବର୍ତ୍ତନ ଆଣୁଛି । ବିବାହ ଋତୁରେ ସକାଳୁ ବ୍ରହ୍ମପୁର ବଜାରରେ ଦେଖିବାକୁ ମିଳୁଛି କପଲଙ୍କ ସହ ଫଟୋଗ୍ରାଫରଙ୍କୁ । ସହରର ରାସ୍ତାଘାଟ, ବଜାର, ପାର୍କରେ ସୁଟିଂ ହେଉଛି । ପରେ ଟିଜର ଓ ପି-ୱେଡିଂ ଭିଡିଓ ହୋଇ ସୋସିଆଲ ମିଡିଆରେ ଘୂରି ବୁଲୁଛି ।

● ପ୍ରତି ଛକରେ ଓ ରାସ୍ତାକଡ଼ ପାର୍କରେ ଜମୁଛି ଫଟୋସୁଟ୍‌ର ଆସର

● ଲୋକାଲ୍‌କୁ ଗୁରୁତ୍ୱ, ବାହାରକୁ ଯାଉନାହାନ୍ତି ଭାବି ବର-କନ୍ୟା

ଏନେଇ ଫଟୋଗ୍ରାଫର ମାନଙ୍କ ମତ ଅନୁସାରେ ଲୋକାଲ୍‌ରେ ଫଟୋସୁଟ୍ କରିବା ଦ୍ୱାରା ସମୟ ତ ବଞ୍ଚୁଛି । ଏଥିସହ ପକେଟ୍ ଫ୍ରେଣ୍ଡଲି । ଫୁଟେଜ୍‌ରେ ସମସ୍ୟାରେ ରହିଲେ ପୁଣିଥରେ ଆସି ଉତ୍ତୋଳନ କରାଯାଇପାରୁଛି । ସହରର ଭାପୁର ବଜାର, ଅନ୍ନପୂର୍ଣ୍ଣା ମାର୍କେଟ, ଅର୍ବାନ ବ୍ୟାଙ୍କ୍ ରୋଡ୍, ରାମଲିଙ୍ଗେଶ୍ୱର ପାର୍କ, ବଡ଼ବଜାର, ସାନବଜାର, ହନୁମାନ ବଜାର, ଭିଭିଆଇପି ରୋଡ଼ ସମେତ ବିଭିନ୍ନ ରାସ୍ତା, ମନ୍ଦିର ଅଞ୍ଚଳ ଏବେ ଫିଲ୍ମସିଟି ପାଲଟିଛି । ଫଟୋସୁଟ୍ ବେଳେ ବଜାରର ଏକ ଚା' ଦୋକାନ ଆଗରେ ବସି ଭାବି ସ୍ୱାମୀ-ସ୍ତ୍ରୀ ଚାହା ପିଇବା, ପେପର ପଢିବା ଆଦି ସମୟରେ ଫଟୋ ଓ ଭିଡ଼ିଓକୁ ସମ୍ପ୍ରତି ଅଗ୍ରାଧିକାର ଦିଆଯାଉଛି । ଏହା ସହ ବିଭିନ୍ନ ସମୟରେ ଚାଲିଥିବା ଟ୍ରେଣ୍ଡିଂକୁ ଧରି ଫଟୋ ଉଠାଯାଉଛି । ଯାହାକୁ ଦର୍ଶକ ମଧ୍ୟ ବେଶ ପସନ୍ଦ କରୁଛନ୍ତି ।

'ସୁଭଦ୍ରା ଶକ୍ତି ମେଳା'ର ପଞ୍ଚମ ଦିନରେ ଓଡ଼ିଆ ସଂସ୍କୃତିକୁ ହତ୍ୟା

ଜଗନ୍ନାଥଙ୍କ ଜଣାଣରେ ଫ୍ୟାଶନ୍ ଶୋ'







ପାରଳାଖେମୁଣ୍ଡି, ୨୨।୨(ସମିସ)

ପାରଳାଖେମୁଣ୍ଡି ସ୍ଥିତ ଗଜପତି ଷ୍ଟାଡିୟମ ଠାରେ ଚାଲିଛି ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳା। ଆଜି ଏହି ମେଳାର ପଞ୍ଚମ ଦିବସର ରଙ୍ଗାରଙ୍ଗ ସାଂସ୍କୃତିକ ନୃତ୍ୟଗୀତ ପରିବେଷଣ ସମୟରେ ଓଡ଼ିଆ ସଂସ୍କୃତିକୁ ହତ୍ୟା କରାଯାଇଛି। ଏକ ନୃତ୍ୟ ଦଳ ଜଗନ୍ନାଥ ଜଣାଣ ତଥା 'ଆହେ ନୀଳ ଶଇଳ' ଗୀତ ବଜାଇ ଏଥିରେ ନୃତ୍ୟାଙ୍ଗନାମାନେ ଅପସଂସ୍କୃତି ପରିପାଟି ତଥା ପୋଷାକରେ ସଜ୍ଜିତ ହୋଇ ଫେସନ୍ ଶୋ ପରିବେଷଣ କରିଥିଲେ। ଯାହାକୁ ନେଇ କିଛି ସ୍ଥାନୀୟ ସମାଜସେବୀ ମାନେ ତୀବ୍ର ପ୍ରତିକ୍ରିୟା ରଖି ଅଧିକାରୀଙ୍କ ନିକଟରେ ଆପତ୍ତି କରିଥିବା ଦେଖିବାକୁ ମିଳିଥିଲା। ତେବେ ଅଧିକାରୀଙ୍କ ଗଣମାଧ୍ୟମ ଆଗରେ ମତରଖିବା ସଭିଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ଏହି କାର୍ଯ୍ୟକ୍ରମରେ ଏଭଳି ବ୍ୟତିକ୍ରମ ଥରେ ନୁହେଁ ଦୁଇ ଦୁଇଥର ହେଲାଣି।

ପ୍ରଥମ ଦିବସରେ 'ପାରଳାଖେମୁଣ୍ଡି' ବନାନକୁ ଅପଭ୍ରଂଶ କରି ଲେଖି ସରକାରଙ୍କ ଓଡିଆ ଅସ୍ମିତାକୁ ହତ୍ୟା କରାଯାଇଥିବାବେଳେ ଆଜି ସିଧାସଳଖ ଓଡିଆଙ୍କ ଆରାଧ୍ୟ ଦେବତା ତଥା ଜଗତର ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜଣାଣ 'ଆହେ ନୀଳ ଶଇଳ' ଭଳି ଜଣାଣରେ ଫ୍ୟାସନ୍ ଶୋ କରି ଓଡିଆ ସଂସ୍କୃତିକୁ ହତ୍ୟା କରାଯାଇଥିବାର ଅଭିଯୋଗ ହୋଇଛି। ଏହି ପବିତ୍ର ଗୀତରେ ଅପସଂସ୍କୃତି ପୋଷାକ ପିନ୍ଧି ରାମ୍ପରେ ଚାଲିବା ଦୃଶ୍ୟ ଶ୍ରୋତାଙ୍କୁ ବିସ୍ମିତ କରିଥିଲା। ଯାହାକୁ ନେଇ ବିଭିନ୍ନ ମହଲରେ ଦୃଢ଼ ନିନ୍ଦା କରାଯାଇଥିବା ବେଳେ ଆଜି ପଞ୍ଚମ ଦିନରେ ସଂସ୍କୃତିକୁ ହତ୍ୟା କରିବା ଭଳି ନୃତ୍ୟ ପରିବେଶଣକୁ ନେଇ ନାନାଦି ଆଲୋଚନା ହୋଇଛି। ଏଭଳି ଘଟଣାକୁ ଦେଖିଲେ ଜିଲ୍ଲାରେ ଓଡିଆ ଅସ୍ମିତା ଓ ସଂସ୍କୃତିକୁ କୁଠାରଘାତ କରାଯାଉଥିବାର ସାଧାରଣରେ ଆଲୋଚନା ହେଉଛି। ଏହି ସୁଭଦ୍ରା ଶକ୍ତି ମେଳା ଦ୍ୱାରା ମୁଖ୍ୟକରି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନେ କିଭଳି ଶସକ୍ତିକରଣ ହୋଇପାରିବେ ଏବଂ ଆର୍ଥିକ ସ୍ୱାବଲମ୍ବୀ ହୋଇପାରିବେ ମୂଳ ଉଦ୍ଦେଶ୍ୟ ରହିଥିବା ବେଳେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ସ୍ୱୟଂ ସହାୟକ ଗୋଷ୍ଠୀମାନେ ନିଜେ ଉତ୍ପାଦିତ ହସ୍ତତନ୍ତ, ହସ୍ତଶିଳ୍ପ, ଖାଦ୍ୟ ପଦାର୍ଥ ଓ ଗୃହସଜ୍ଜା ସାମଗ୍ରୀ ପ୍ରଦର୍ଶନ ଓ ବିକ୍ରି କିପରି କରିପାରିବେ ସେଥି ସକାଶେ ମହିଳାମାନଙ୍କୁ ନେଇ ସୁଭଦ୍ରା ଶକ୍ତି ମେଳାର ଲକ୍ଷ୍ୟ ରହିଛି। ହେଲେ କିଛି ନ୍ୟସ୍ତସ୍ୱାର୍ଥ ଅଧିକାରୀଙ୍କ ରଙ୍ଗୀନ ମିଜାଜ ଯୋଗୁଁ ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରଭୁ ଜଗନ୍ନାଥ ତଥା ଓଡିଆ ସଂସ୍କୃତିକୁ ଅପମାନ କରିଥିବା ସଭିଏଁଙ୍କ ମନକୁ କୁଠାରଘାତ କରିଛି।

କ୍ଷମା ପ୍ରାର୍ଥନା ଦାବିକଲେ ସମାଜସେବୀ

ଅନ୍ୟପକ୍ଷରେ ଏନେଇ ଜିଲ୍ଲାପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ପୃଥ୍ୱୀରାଜ ମଣ୍ଡଳଙ୍କ ପ୍ରତିକ୍ରିୟା ସଭିଏଁଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ତାଙ୍କୁ ଗଣମାଧ୍ୟମ ପ୍ରତିନିଧି ମାନେ ପଚାରିବାରେ ସେ କହିଛନ୍ତି ଯେ, ଭଜନରେ ଏଭଳି କିଛି ଅଶ୍ଳୀଳତା କରିଥିବା କିମ୍ବା ଏନେଇ କୌଣସି ବିରୋଧାଭାଷ ରହିଥିବା ଆମ୍ଭେ ଭାବୁନାହୁଁ। ଆମ୍ଭ ଓଡିଆଙ୍କ ବିଭିନ୍ନ ହସ୍ତତନ୍ତ୍ର ବସ୍ତ୍ରକୁ ହେଉ କି ପାରମ୍ପାରିକ ବସ୍ତ୍ରକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟ ରହିଥିବା କହିଛନ୍ତି। ଏହାସହ ଶ୍ରୀ ମଣ୍ଡଳ ଆହୁରି କହିଥିଲେ ଯେ, ପ୍ରଭୁଙ୍କୁ ଆରାଧନା କରି ଗଜପତିରେ ଏପରି ପ୍ରଥମ ଥର ପାଇଁ ଏଭଳି କାର୍ଯ୍ୟକ୍ରମ କରାଯାଇଥିବା କହିଛନ୍ତି। ତେବେ ବିଭାଗୀୟ ଅଧିକାରୀଙ୍କ ଏପରି ଉତ୍ତର ଶୁଣି ସଭିଏଁ ଆଶ୍ଚର୍ଯ୍ୟ ଚକିତ ହୋଇଥିବା ବେଳେ ଏପରି ଅଶ୍ଳୀଳତା ହୋଇଥିବା ଆମ୍ଭେ ଭାବୁ ନାହୁଁ ବୋଲି କହିବା କେତେ ଦୂର ଯୁକ୍ତିଯୁକ୍ତ ବୋଲି ଆଲୋଚନା ହେଉଛି। ଏନେଇ ସମାଜସେବୀ ଲୋକନାଥ ମିଶ୍ର, ବି. କୁର୍ମାରେଡ୍ଡି, ପି.କେ. ପାଢ଼ୀ ପ୍ରମୁଖ ଅଧିକାରୀ ଜଣକ ଦୃଷ୍ଟି ଆକର୍ଷଣ କରି ଆପତ୍ତି କରିଥିଲେ ମଧ୍ୟ ସେ ଭୁଲକୁ ସୁଧାରିବା ପରିବର୍ତ୍ତେ ଓଲଟି ଗଣମାଧ୍ୟମରେ ଏପରି ପ୍ରତିକ୍ରିୟା ଦେଇଥିବାରୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷରେ ଏହି ସୁଭଦ୍ରା ଶକ୍ତିମେଳାରେ ସହରର ନାମରେ ବନାନ ତ୍ରୁଟି ଓ ପରେ ଜଗନ୍ନାଥ ଜଣାଣରେ ଫ୍ୟାସେନ୍ ଶୋ ପ୍ରଦର୍ଶନ ଆଦିକୁ ନେଇ ପ୍ରଶାସନ କ୍ଷମାମାଗନ୍ତୁ ବୋଲି ଦାବି ହୋଇଛି।


ଅଜଣା ଜନ୍ତୁ ଆକ୍ରମଣରେ ୧୬ ଛେଳି ମୃତ

କାଶୀନଗର, ୨୨।୨(ସମିସ): କାଶୀନଗର ଅଞ୍ଚଳରେ ଅଜଣା ଜନ୍ତୁ ୧୬ ଛେଳି ମାରିଛି। ସୂଚନା ମୁତାବକ, ଶନିବାର ସନ୍ଧ୍ୟାରେ କାଶୀନଗର ବ୍ଲକ କିଡିଗାଁ ଗ୍ରାମବାସୀ ଭି. ରାମଣା ତାଙ୍କ ଛେଳିପଲ ଚରାଇବାକୁ କାଶୀନଗର ସହରର ଏକ ଜମି କ୍ଷେତକୁ ନେଇଥିଲେ। ସେଠାରେ ଛେଳିଙ୍କୁ ରଖିଥିବା ସମୟରେ କୌଣସି ଏକ ବନ୍ୟ ଜନ୍ତୁ ଛେଳିପଲକୁ ଆକ୍ରମଣ କରିଥିଲା। ଏଥିରେ ୧୨ ଛେଳିଙ୍କ ମୃତ୍ୟୁ ହୋଇଥିବା ବେଳେ ଉପରେ ୪ ଛେଳି ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଘଟଣା ଘଟିବାର କିଛି ସମୟରେ ମାଲିକ ଜଣକ ସମାଜସେବୀ



ପାନାସା ନାଗାରାଜୁଙ୍କୁ ଜଣାଇଥିଲେ। ଯୁବକ ଜଣକ ବନବିଭାଗକୁ ସୂଚନା ଦେଇଥିଲେ। ସଙ୍ଗେ ସଙ୍ଗେ ଫରେଷ୍ଟ ରେଞ୍ଜର ବ୍ରହ୍ମାନନ୍ଦ ସାହୁଙ୍କ ତତ୍ତ୍ୱାବଧାନରେ ଫରେଷ୍ଟର ବଳରାମ ଶବର ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପରବର୍ତ୍ତୀ ସମୟରେ ବନ ବିଭାଗ ପକ୍ଷରୁ ପଶୁଚିକିତ୍ସା ବିଭାଗକୁ ସୂଚନା ଦେଇ ମୃତ ଛେଳଙ୍କ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଫରେଷ୍ଟର ସୂଚନା ଦେଇଛନ୍ତି। ମୃତ ଛେଳି ମାଲିକଙ୍କୁ ସରକାରଙ୍କ ପକ୍ଷରୁ ସହାୟକ ଅନୁକମ୍ପା ରାଶି ପ୍ରଦାନ ନିମନ୍ତେ ଅନୁରୋଧ କରାଯାଇଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ପରେ ସରକାର ସହାୟକ ପାଇଁ ଚେଷ୍ଟା କରାଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ବର୍ତ୍ତମାନ କିନ୍ତୁ ଆକ୍ରମଣ କରିଥିବା ଜନ୍ତୁ ବଣୁଆ ବିଲୁଆ ହୋଇଥିବା ସନ୍ଦେହ କରାଯାଉଛି।

ନୂତନ ଆଇଆଇସିଙ୍କ ଦାୟିତ୍ୱ ଗ୍ରହଣ



ରାୟଗଡ଼, ୨୨।୨(ସମିସ): ରାୟଗଡ଼ ଥାନାରେ ନୂତନ ଥାନା ଅଧିକାରୀ ଭାବେ ଅଶ୍ୱିନ କୁମାର ଭିତିରିଆ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ଏଠାରେ ଥିବା କମଳା ଚୌଧୁରୀଙ୍କୁ ସେରଙ୍ଗ ଥାନାକୁ ବଦଳି ହୋଇଛି। ତାଙ୍କ ସ୍ଥାନରେ ଆର. ଉଦୟଗିରି ଥାନା ଅଧିକାରୀ ଥିବା ଶ୍ରୀ ଭିତିରିଆ ରାୟଗଡ଼ ଥାନା ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଅଞ୍ଚଳରେ ସମସ୍ତ ପ୍ରକାର ଅସାମାଜିକ କାର୍ଯ୍ୟ କଳାପକୁ ଦମନ ସହ ଲୋକଙ୍କୁ ଉତ୍ତମ ସେବା ଯୋଗାଇ ଦିଆଯିବ ବୋଲି ଶ୍ରୀ ଭିତିରିଆ କହିଛନ୍ତି।

ବିଦ୍ୟାଳୟ ଭୋଜନାଳୟ ଗୃହ ନିର୍ମାଣ ଅଧପନ୍ତରିଆ

● ବିନା ସୂଚନାଫଳକରେ ଚାଲିଛି କାମ



ଗୁମ୍ମା, ୨୨।୨(ସମିସ): ସରକାର ଉପାନ୍ତ ଅଞ୍ଚଳରେ ପାଠ ପଢୁଥିବା ଆଦିବାସୀ ଅନ୍ତେବାସୀ ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷା ଅନୁଷ୍ଠାନରେ ରହିବା, ଖାଇବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ବାସ୍ତବରେ ସରକାରୀ ଅର୍ଥ ସଠିକ ଭାବେ କାର୍ଯ୍ୟକାରୀ ହେଉନଥିବା ଦେଖିବାକୁ ମିଳିଛି।

ସୂଚନା ଅନୁଯାୟୀ ଗୁମ୍ମା ସଦର ମହକୁମା ସରକାରୀ ଉଚ୍ଚ ବିଦ୍ୟାଳୟର ଅନ୍ତେବାସୀଙ୍କ ପାଇଁ ଭୋଜନାଳୟ ଗୃହ ନିର୍ମାଣ ପାଇଁ ୨୦ ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି। କିନ୍ତୁ ଠିକାଦାରଙ୍କ ଅବହେଳା ଯୋଗୁଁ ଉକ୍ତ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ଭାବେ ଦୀର୍ଘ ୬ମାସ ହେବ ବନ୍ଦ ରହିଛି। ସେହିପରି ଭୁବନି ସରକାରୀ ବିଦ୍ୟାଳୟ ଭୋଜନାଳୟ ନିମନ୍ତେ ୨୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଗୃହ କାର୍ଯ୍ୟ ମଧ୍ୟ ଅଧାପନ୍ତରିଆ ଭାବେ ପଡ଼ି ରହିଛି। ସରକାରୀ ନିୟମ ଅନୁସାରେ ନିର୍ମାଣ କାର୍ଯ୍ୟ ଆରମ୍ଭରୁ ସୂଚନା ଫଳକ ବାଧ୍ୟତାମୂଳକ ଥିବାବେଳେ ଉଭୟ ନିର୍ମାଣ କାର୍ଯ୍ୟ ଅଧା ହେଲାଣି କିନ୍ତୁ କୌଣସି ସ୍ଥାନରେ ସୂଚନା ଫଳକ ନଥିବା ସାଧାରଣରେ ଚିନ୍ତାର ବିଷୟ ପାଲଟିଛି। ଠିକାଦାର ଜୁଏଲ ଶିବ ଗୌଡ଼ ନାମକ ଜଣେ ପେଟି ଠିକାଦାରଙ୍କ ଦ୍ୱାରା କାର୍ଯ୍ୟ କରୁଥିବା ବେଳେ ପେଟି ଠିକାଦାର ସୁକେଇ ଗ୍ରାମର ଶ୍ରମିକ ମଜୁରୀ ଟଙ୍କା ଦେଇନଥିବା ଅଭିଯୋଗ ହୋଇଛି। ଉକ୍ତ ଠିକାଦାରକୁ ନୋଟିସ କରାଯାଇଛି ତୁରନ୍ତ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଏନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଶିବ ବେହେରା କହିଛନ୍ତି।

ଆଇସିୟୁ ନ ଥିବା ଓ ଚିକିତ୍ସା ଅବହେଳାରୁ ମହିଳାଙ୍କ ମୃତ୍ୟୁ ଅଭିଯୋଗ

ପାରଳାଖେମୁଣ୍ଡି/ଗୁମ୍ମା, ୨୨।୨(ସମିସ): ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅବ୍ୟବସ୍ଥା ଘେରରେ ରହିଥିବା କାହାକୁ ଅଛପା ନାହିଁ। ବାରମ୍ବାର ଚିକିତ୍ସାଳୟର ଅବ୍ୟବସ୍ଥା ଓ ବିଭିନ୍ନ ସମସ୍ୟାକୁ ନେଇ ନୂଆ ନୂଆ ବିବାଦ ଆଦି ଉପୁଜୁଥିଲେ ମଧ୍ୟ ସରକାର କିମ୍ବା ଜିଲ୍ଲା ପ୍ରଶାସନ ଚେଇଁ ଶୋଇଛି। କେତେବେଳେ ଚିକିତ୍ସାରେ ଅବହେଳା ତ ଆଉ କେବେକେତେବେଳେ ଡାକ୍ତରଙ୍କ ଅଭାବ ଆଦିକୁ ନେଇ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟ। ଏହି ଚିକିତ୍ସାଳୟକୁ ଦୈନନ୍ଦିନ ଜିଲ୍ଲାର କୋଣ ଅନୁକୋଣରୁ ରୋଗୀଙ୍କ ସୁଅ ଛୁଟୁଥିବା ବେଳେ ପଡୋଶୀ ଜିଲ୍ଲା ରାୟଗଡ଼ା ଏବଂ ପଡୋଶୀ ରାଜ୍ୟ ଆନ୍ଧ୍ରର ଶ୍ରୀକାକୁଲମ ଜିଲ୍ଲାର ରୋଗୀ ମଧ୍ୟ ଏହିଚିକିତ୍ସାଳୟ ଉପରେ ନିର୍ଭର କରିଥାନ୍ତି। ହେଲେ ଏଠାରେ ବାସ୍ତବ ଚିତ୍ର ଅଲଗା। ରୋଗୀଙ୍କ ଅବସ୍ଥା ଟିକିଏ ଜଟିଳ ଥିଲେ ବ୍ରହ୍ମପୁର କିମ୍ବା ଅନ୍ୟତ୍ର ସ୍ଥାନାନ୍ତର କରିଦିଆଯାଏ। ଜିଲ୍ଲାସ୍ତରୀୟ ସରକାରୀ ଚିକିତ୍ସାଳୟ ହୋଇଥିଲେ ହେଁ ଏଠାରେ ଆଜି ପର୍ଯ୍ୟନ୍ତ ଆଇସିୟୁ ନଥିବା ଯୋଗୁଁ ଜଟିଳ ସ୍ୱାସ୍ଥ୍ୟ ଜନିତ ସମସ୍ୟାରେ ଥିବା ରୋଗୀଙ୍କ ମୃତ୍ୟୁ ହେଉଛି।



ଶନିବାର ବିଳମ୍ବିତ ରାତିରେ ଚିକିତ୍ସା ଅବହେଳାରୁ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରିଛନ୍ତି ପରିବାର ଲୋକେ। ମୃତ ମହିଳା ଜଣଙ୍କ ହେଲେ ଗୁମ୍ମା ବ୍ଲକ ଗାଇବା ଖ୍ରୀଷ୍ଟିଆନ ସାହିର ଦୀପ୍ତିରାଣୀ ବେବର୍ତ୍ତା(୪୨)। ଶନିବାର ମଧ୍ୟରାତ୍ର ପ୍ରାୟ ଗୋଟାଏ ବେଳେ ଦୀପ୍ତିରାଣୀ ଅସୁସ୍ଥ ହୋଇ ପଡ଼ିବାରୁ ପରିବାର ଲୋକେ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ପହଞ୍ଚିବା ପରେ ଡାକ୍ତର ଗୁରୁତର ସହ ରୋଗୀଙ୍କ ଚିକିତ୍ସା କରିନଥିଲେ କି ଜରୁରୀସେବା ମଧ୍ୟ ଯୋଗାଇ ନଥିଲେ। ଯାହାଫଳରେ ରାତି ସାଢ଼େ ଗୋଟାଏ ବେଳେ ରୋଗୀଙ୍କ ମୃତ୍ୟୁ ହୋଇଥିବା ବେଳେ ଆୟୁସିୟୁ ନଥିବା ଏବଂ ଚିକିତ୍ସାରେ ଅହେତୁକ ବିଳମ୍ବ ଯୋଗୁଁ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। କାର୍ଯ୍ୟରତ ଡାକ୍ତର କେବଳ ମୋବାଇଲ ଦେଖିବାରେ ବ୍ୟସ୍ତ ରହିଥିଲେ ବୋଲି ମୃତକଙ୍କ ସମ୍ପର୍କୀୟ ପ୍ରେମ କୁମାର ବେବର୍ତ୍ତା, ଜନସନ ବେବେର୍ତ୍ତା ଓ ଜଗଦୀଶ ବେବେର୍ତ୍ତା କହିଛନ୍ତି। ଆଇସିୟୁର ବ୍ୟବସ୍ଥା ନଥିବା ଯୋଗୁଁ ଦୀପ୍ତିରାଣୀଙ୍କ ମୃତ୍ୟୁ ଘଟିଛି ବୋଲି ସମାଜସେବୀ ଜସ୍ମିନ୍ ଶେଖ୍ କହିଛନ୍ତି ଯେ। ଏପରି ପ୍ରତିଦିନ କେତେ ଯେ ଦୀପ୍ତିରାଣୀଙ୍କ ଜୀବନ ଦୀପ ଲିଭୁଛି ତାର ହିସାବ ନାହିଁ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ହୋଇଥିଲେ ହେଁ ଏଠାରେ ଯେତିକି ଅନ୍ତତଃ ବ୍ୟବସ୍ଥା ରହିବା କଥା ତାହା ନାହିଁ। ଏଥିଯୋଗୁଁ ଗୁରୁତର ରୋଗୀ ମରିବା ଛଡା ଆଉ କିଛି ବାଟ ନାହିଁ। ଏଠାରୁ ଉଚ୍ଚ ଚିକିତ୍ସା ପାଇଁ ବ୍ରହ୍ମପୁର କିମ୍ବା ଅନ୍ୟକେଉଁଠାକୁ ରୋଗୀଙ୍କୁ ସ୍ଥାନାନ୍ତର କରାଯାଉଛି ତେବେ ସେଠାରେ ଆର୍ଥିକ ଶୋଷଣର ଶିକାର ମଧ୍ୟ ହେଉଛନ୍ତି ଲୋକେ। ଆଦିବାସୀ ଅଧ୍ୟୁଷିତ ତଥା ଉପାନ୍ତ ଜିଲ୍ଲା ପ୍ରତି ରାଜ୍ୟ ସରକାର ଓ ପ୍ରଶାସନ ନିରବଦ୍ରଷ୍ଟା ସାଜିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ସିୟୁଟିଏମ୍‌ର ବାର୍ଷିକ ଉତ୍ସବ 'ଗଜଜ୍ୟୋତି' ଉଦ୍‌ଯାପିତ

ପାରଳାଖେମୁଣ୍ଡି, ୨୨।୨(ସମିସ): ସେଞ୍ଚୁରିଆନ୍ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟର(ସିୟୁଟିଏମ୍) ପାରଳାଖେମୁଣ୍ଡି କ୍ୟାମ୍ପସର ବାର୍ଷିକ ଉତ୍ସବ 'ଗଜଜ୍ୟୋତି' ସମାପନ ହୋଇଛି। ୩ ଦିନ ଧରି ଏହି ଉତ୍ସବ ହୋଇଥିଲା। ବିଶ୍ୱବିଦ୍ୟାଳୟ ସଭାପତି ଡ. ମୁକ୍ତିକାନ୍ତ ମିଶ୍ର, ଉପାଧ୍ୟକ୍ଷ ପ୍ରଫେସର ଡିଏନ୍ ରାଓ,



ଉପକୁଳପତି ଡ. ସୁପ୍ରିୟା ପଟ୍ଟନାୟକ, ଭାଇସ୍‌ଚାନ୍ସେଲର ଡ. ବିଶ୍ୱଜିତ ମିଶ୍ର, ରେଜିଷ୍ଟ୍ରାର ଡ. ଅନିତା ପାତ୍ର ଏବଂ ନିର୍ଦ୍ଦେଶକ (ପ୍ରଶାସନ) ଡ. ଦୁର୍ଗା ପ୍ରସାଦ ପାଢ଼ୀଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗଜପତି ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା ଓ ଆର୍. ଉଦୟଗିରି ଏସ୍‌ଡିପିଓ ରାକେଶ ସାହୁ ଯୋଗ ଦେଇଥିଲେ। ପ୍ରଥମ ଦିବସରେ କ୍ୟାମ୍ପସର ୭ଟି ସ୍କୁଲକୁ ନେଇ ଆରମ୍ଭ ହୋଇଥିଲା। ଏକ ଉତ୍ସାହୀ ପ୍ରତିଯୋଗିତାରେ ସୃଜନଶୀଳତା, ନବସୃଜନ, ବୈଷୟିକ ଉତ୍କର୍ଷତା ଏବଂ ସ୍ଥାୟୀତ୍ୱକୁ ଆଲୋକିତ କରିଥିଲା। ସ୍କୁଲ ଅଫ୍ ନର୍ସିଂ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସ୍କୁଲ ଅଫ ଏଗ୍ରିକଲ୍‌ଚର ଦ୍ୱିତୀୟ, ଏସଓଇଟି ଏବଂ ଏସଓଭିଇଟି ତୃତୀୟ ହୋଇଥିଲା। ଏହି ଅବସରରେ ଏକ ମେଗା ବିତର୍କ ପ୍ରତିଯୋଗିତା ହୋଇଥିଲା। ୧୮ ଅଂଶଗ୍ରହଣକାରୀଙ୍କୁ ନେଇ ଗଠିତ ହୋଇଥିଲା ଯେଉଁମାନେ ଅସାଧାରଣ ବକ୍ତୃତା ଦକ୍ଷତା ପ୍ରଦର୍ଶନ କରିଥିଲେ। ଦ୍ୱିତୀୟ ଦିନ ଏକ ପ୍ରେରଣାଦାୟକ ପୋଡକାଷ୍ଟ ଅଧିବେଶନ ସହିତ ଆରମ୍ଭ ହୋଇଥିଲା। ଏଥିରେ ସିୟୁଟିଏମ୍‌ର ଜଣେ ପୂର୍ବତନ ଛାତ୍ର ଏବଂ ଅପରେସନ୍ ସିନ୍ଦୁର ସମୟରେ ତାଙ୍କ ସାହସିକତା ପାଇଁ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଗ୍ରୁପ୍ କ୍ୟାପଟେନ ବିପୁଲ କୁମାର ଯୋଗ ଦେଇଥିଲେ। କ୍ରାଫ୍ଟନ୍ ଗ୍ରୁପ୍ ଦ୍ୱାରା ଇ-କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। ସନ୍ଧ୍ୟାରେ ବିଶ୍ୱବିଦ୍ୟାଳୟର ସଙ୍ଗୀତ, ନାଟକ ଏବଂ ନୃତ୍ୟ କ୍ଲବ୍ ଦ୍ୱାରା ଆକର୍ଷଣୀୟ ପ୍ରଦର୍ଶନ କରାଯାଇଥିଲା। ତୃତୀୟ ଦିନ ଯଥା ସମାପନ ଉତ୍ସବରେ, ମେଗା ପ୍ରୋଜେକ୍ଟ ଏକ୍ସପୋରେ କ୍ୟାମ୍ପସର ୮ ସ୍କୁଲର ଛାତ୍ରଛାତ୍ରୀଙ୍କ ଦ୍ୱାରା ୮୪ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଅପରାହ୍ନରେ ଅଧ୍ୟାପକ ଏବଂ କର୍ମଚାରୀମାନଙ୍କୁ ସମ୍ମାନିତ କରାଯାଇଥିଲା। ସାଂସ୍କୃତିକ ବିଭାଗରେ ଅଧ୍ୟାପକ ଏବଂ କର୍ମଚାରୀଙ୍କ ଦ୍ୱାରା ସ୍ପନ୍ଦନଶୀଳ ନୃତ୍ୟ, ସଙ୍ଗୀତ ଏବଂ ନାଟକ ପ୍ରଦର୍ଶନ କରାଯାଇଥିଲା। ଗ୍ରାଣ୍ଡ ଫିନାଲେରେ ବଲିଉଡ୍ ଗାୟକ ବରୁଣ ଜୈନ ଯୋଗ ଦେଇଥିଲେ।

ନାଟକ 'କଳଙ୍କ ମୋ ପାଇଁ ଚନ୍ଦନ ଟୋପା' ମଞ୍ଚସ୍ଥ

ଜି.ଉଦୟଗିରି, ୨୨।୨(ସମିସ): ଜି.ଉଦୟଗିରି ନିକଟସ୍ଥ କଳିଙ୍ଗା ଶ୍ରୀ ରାମେଶ୍ୱର ଯୁବକଳା ପରିଷଦର ପ୍ରଥମ ଅବଦାନରେ ଚଳିତ ବର୍ଷ ସାମାଜିକ ନାଟକ କଳଙ୍କ ମୋପାଇଁ ଚନ୍ଦନ ଟୋପା ମଞ୍ଚସ୍ଥ ହୋଇଛି। ଅଜୟସଙ୍କ ଦ୍ୱାରା ରଚିତ ଏହି ନାଟକରେ ବ୍ରହ୍ମପୁରର ବରିଷ୍ଠ ନିର୍ଦ୍ଦେଶକ କୃଷ୍ଣ କୁମାର ପଣ୍ଡା, ସହନିର୍ଦ୍ଦେଶକ ପ୍ରତାପ ପାତ୍ର ନିର୍ଦ୍ଦେଶନା ଦେଉଥିବା ବେଳେ ବ୍ରହ୍ମପୁର ସଙ୍ଗୀତକାର ସୁଜିତ ପାଢ଼ୀ ସଙ୍ଗୀତ ଦେଇଥିଲେ। କଳାପରିଷଦ ସଭାପତି ମାଖନ ନାୟକ, ସମ୍ପାଦକ ବେଣୁରାଜ ପ୍ରଧାନ, ମ୍ୟାନେଜର ସୀତାକାନ୍ତ ପ୍ରଧାନଙ୍କ ତତ୍ତ୍ୱାବଧାନରେ କଳାକାର ନିଖୁଣ ଅଭିନୟ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଟକ ଉଚ୍ଚ ନ୍ୟାୟାଳୟର ଆଇନଜୀବୀ ଜିତେନ୍ଦ୍ର କୁମାର ଦିଗାଲ, ସମ୍ମାନିତ ଅତିଥିଭାବେ ସମୀର କୁମାର ପାଢ଼ୀ, ପୁଲିସ ବିଭାଗ ସର୍ଜନ ଅନିଲ କୁମାର ପ୍ରଧାନ ଓ କଳିଙ୍ଗା ନାଏବ ସରପଞ୍ଚ କୁମଶ୍ରୀ ପ୍ରଧାନ ମଞ୍ଚାସୀନ ଥିଲେ। ଆମନ ଚନ୍ଦ୍ର ନାୟକ ଅତିଥିଙ୍କୁ ସ୍ୱାଗତ କରିଥିଲେ।



ହାତୀ ମୃତ୍ୟୁ ଘଟଣାରେ ଆଉ ୩ ଗିରଫ



ବାଲିଗୁଡା, ୨୨।୨(ସମିସ): ବହୁ ଚର୍ଚ୍ଚିତ ହାତୀ ମୃତ୍ୟୁ ଘଟଣାରେ ଆଉ ୩ ଜଣ ଗିରଫ। ବାଲିଗୁଡା ବନଖଣ୍ଡ ଅନ୍ତର୍ଗତ ବେଲଘର ବନାଞ୍ଚଳରେ ହାତୀ ମୃତ୍ୟୁ ଘଟଣାରେ ଆଜି ଆଉ ତିନି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗିରଫ ବ୍ୟକ୍ତି ହେଲେ କେ.ଶ୍ୟାମ ପାତ୍ର (୭୬), ବୃଷବ ପାତ୍ର (୪୪) ଏବଂ ଗୋକୁଳ ପାତ୍ର। ସେମାନଙ୍କ ଘର ଝିରିପାଣି ଗ୍ରାମର ବୋଲି ଜଣାପଡ଼ିଛି। ବେଲଘର ବନାଞ୍ଚଳ କେଶ ନମ୍ବର ୭୨ରେ ମାମଲା ରୁଜୁ କରି ତୁମୁଡିବନ୍ଧ ଜେଏମଏଫସି କୋର୍ଟକୁ ଚାଲାଣ କରାଯାଇଛି। ହାତୀ ମୃତ୍ୟୁ ଘଟଣାରେ ପୂର୍ବରୁ ୭ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରଯାଇଥିଲା। ବର୍ତ୍ତମାନ ଗିରଫଙ୍କ ସଂଖ୍ୟା ୧୦ରେ ପହଞ୍ଚିଛି। ସୂଚନା ଯୋଗ୍ୟ ଯେ ଏସିଏଫ ସୂର୍ଯ୍ୟକାନ୍ତ ବେହେରା ତଦନ୍ତ ଠିକ ଭାବରେ କରି ନଥିବା କାରଣରୁ ତାଙ୍କୁ ନିଲମ୍ବନ କରାଯାଇଛି। ଘଟଣାରେ ସମ୍ପୃକ୍ତ ଥିବା ବେଲଘରର ଡେପୁଟି ରେଞ୍ଜର ବିନୟ ବିଶି ବର୍ତ୍ତମାନ ସୁଦ୍ଧା ଫେରାର ଅଛନ୍ତି। ସେ ହାତୀ ମୃତ୍ୟୁ ପରେ ତରବରିଆ ଭାବେ ପୋତି ଦେଇଥିଲେ।

ମୋହନା ସାମ୍ବାଦିକ ସଂଘର ଷଷ୍ଠ ବାର୍ଷିକ ଉତ୍ସବ

'ସମାଜ ପରିବର୍ତ୍ତନରେ ସାମ୍ବାଦିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'



● ବିଶିଷ୍ଟ ବ୍ୟକ୍ତି ଓ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା
● ମୃତ ଚାଷୀ ପରିବାରଙ୍କୁ ଆର୍ଥିକ ସହାୟତା
● ଦିବ୍ୟାଙ୍ଗଙ୍କୁ ବସ୍ତ୍ର ବଣ୍ଟନ

ମୋହନା, ୨୨।୨(ସମିସ)

ମୋହନା ସାମ୍ବାଦିକ ସଂଘର ଷଷ୍ଠ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପରେ ପ୍ରେସ୍ କ୍ଲବ ସଭାପତି ସୁମନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ମୋହନା ବିଧାୟକ ଦାଶରଥି ଗମାଙ୍ଗ ଯୋଗଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ସାମ୍ବାଦିକ ସଂଘ (ଓୟୁଜେ)ର ରାଜ୍ୟ ସାଧାରଣ ସମ୍ପାଦକ ରୂପେଶ କୁମାର ସାହୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିରାଙ୍ଗ ବୌଦ୍ଧ ମନ୍ଦିର ବଡ଼ ଗୁରୁଜୀ ଏଚ.ଇ ଜିଗମେ ଗିଂପୋଛେ, ସାନ ଗୁରୁଜୀ ଝେନପୋ ପେମା ଟେମ୍ପଲ, ମୋହନା ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀ ପ୍ରସାଦ ବିଷୋୟୀ, ମୋହନା ଥାନା ଅଧିକାରୀ ଓଁ ନାରାୟଣ ପାତ୍ର, ଅଡବା ଥାନାର ଶୁଭ୍ରାନ୍ତ ପଣ୍ଡା, ଡା.ଅମୃତରାଜ ଜେନା ଓ ଉତ୍କଳ ଜର୍ଣ୍ଣାଲିଷ୍ଟ ଆସୋସିଏସନ ଜିଲ୍ଲା ସମ୍ପାଦକ ସୁଜିତ ବିଷୋୟୀ ମଞ୍ଚାସୀନ ଥିଲେ। ସାମ୍ବାଦିକ ମାନେ ସମାଜର ଜାଗ୍ରତ ପ୍ରହରୀ। ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ସାମ୍ବାଦିକ ନିଜ ଜୀବନକୁ ବାଜି ଲଗାଇ ଖବର ସଂଗ୍ରହ କରିଥାନ୍ତି। ସମାଜ ପରିବର୍ତ୍ତନ ଓ ଅଞ୍ଚଳର ଉନ୍ନତିରେ ସାମ୍ବାଦିକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଅତିଥିମାନେ କହିଛନ୍ତି। କିନ୍ତୁ ପରିତାପର ବିଷୟ ସାମ୍ବାଦିକଙ୍କ ସରକାରୀ ସହାୟତା ତଥା ସୁରକ୍ଷା ପାଇଁ କୌଣସି କଡ଼ା ଆଇନ ହୋଇପାରିନାହିଁ ବୋଲି ଅତିଥିମାନେ କହିଛନ୍ତି। ଏହି ଉତ୍ସବ ଅବସରରେ ବରିଷ୍ଠ ଶିକ୍ଷାବିତ ମଧୁସୂଦନ ପାଢ଼ୀ, ସାମ୍ବାଦିକ ଅଶ୍ୱିନୀ ପାତ୍ର, ଆଇନଜୀବୀ ଦୁର୍ଯ୍ୟୋଧନ କରଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ କଣ୍ଟାହୁରୁ ଆଶ୍ରମ ବିଦ୍ୟାଳୟ ଛାତ୍ରୀ ସ୍ମୃତିରାଣୀ ରଇତ, ହିଲଟପ କଲେଜ ଛାତ୍ରୀ ଯମୁନା ଗୌଡ଼, ମୋହନା ପିଏମଶ୍ରୀ ଏସଏସଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ର ତପନ ଗୌଡ଼ ଓ ଛାତ୍ରୀ ଶ୍ରୀୟାରାଣୀ ସାହୁଙ୍କୁ ରାଜ୍ୟସ୍ତରୀୟ ପ୍ରତିଭା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଗତବର୍ଷ ପ୍ରତାପପୁର ଗାଁରେ ଚାଷ ଉଜୁଡି ଯିବା ଯୋଗୁଁ ଲକ୍ଷ୍ମଣ ନାୟକ ନାମକ ଜଣେ ଚାଷୀ ଜମିରେ ବିଷ ପିଇ ଆତ୍ମହତ୍ୟା କରିଥିଲେ। ତାଙ୍କ ପରିବାରକୁ ମୋହନା ପ୍ରେସ କ୍ଲବ ଉଦ୍ୟମରେ ୨୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏଥିସହ ସମସ୍ତ ଅତିଥି ଓ ବିଭିନ୍ନ ସାମ୍ବାଦିକ ସଂଘ, ଆଶାକର୍ମୀ, ଡ୍ରାଇଭର ସଂଘ ତଥା ଉପସ୍ଥିତ ସରକାରୀ କର୍ମଚାରୀ ଓ ବୁଦ୍ଧିଜୀବୀଙ୍କୁ ସମ୍ମାନିତ କରାଯାଇଥିବା ବେଳେ ମୋହନା ବଧିର ବିଦ୍ୟାଳୟ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ବସ୍ତ୍ର ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୋହନା ପ୍ରେସ୍ କ୍ଲବ ସମ୍ପାଦକ ବାବୁଲା ସେଠୀ ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଉପସଭାପତି ଅଂଶୁମାନ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ବରିଷ୍ଠ ଉପଦେଷ୍ଟା ପଞ୍ଚାନନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ମୋହନା ପ୍ରେସ କ୍ଲବର ବରିଷ୍ଠ ଉପଦେଷ୍ଟା ଲକ୍ଷ୍ମଣ ଚୌଧୁରୀ, ବାଦଲ ବେହେରା, ୟୁ. ରାଜେନ୍ଦ୍ର ଦୋରା, ଆଇନ ପରାମର୍ଶଦାତା ସୀମାଞ୍ଚଳ କାର୍ଜି, ସହ ସମ୍ପାଦକ ନୃସିଂହନାଥ ପୂଜାରୀ, କୋଷାଧ୍ୟକ୍ଷ ପ୍ରମୋଦ ଦୋରା, ସଦସ୍ୟ ସୁକାନ୍ତ ରଥ, ବିମଳ ମଲ୍ଲିକ, ମୋଜେସ ରଇତ, ଜଗନ୍ନାଥ ଦାସ, ଟିଟି ମଲ୍ଲିକ, ନିର୍ମଳ ପାଲ, ବିଭୁତି ମଲ୍ଲିକ, ଚନ୍ଦନ ପଟ୍ଟନାୟକ ଓ ମୁକ୍ତିମଣ୍ଡପ ଦଣ୍ଡସେନା ପରିଚାଳନା କରିଥିଲେ।

ସକାଳ
THE SAKALA

ଧର୍ମଶାଳାରେ ସମ୍ପତ୍ତି ହଡ଼ପ୍ ପାଇଁ ଯୁବକଙ୍କୁ ହତ୍ୟା ଘଟଣା

ଚାରିମାସ ପରେ ରୁଜୁ ହେଲା ଏତଲା

ଯାଜପୁର, ୨୨।୨(ସମିସ)

ଧର୍ମଶାଳା ଥାନା ଅନ୍ତର୍ଗତ ଗଙ୍ଗାଧରପୁର ଗ୍ରାମରେ କୋଟି କୋଟି ଟଙ୍କାର ପୈତୃକ ସମ୍ପତ୍ତି ହଡ଼ପ୍ କରିନେବା ପରେ ଘଟଣାକୁ ଚାପିଦେବା ପାଇଁ ଜଣେ ଯୁବକଙ୍କୁ ତାଙ୍କ ବଡ଼ଭାଇ, ଭଉଣୀ ଓ ପରିବାର ଲୋକେ ମିଳିମିଶି ହତ୍ୟା କରିବା ଅଭିଯୋଗର ଏତଲାକୁ ପୁଲିସ ୪ ମାସ ପରେ ପଞ୍ଜୀକରଣ କରିଥିଲା। ତେବେ ଏତଲା ପଞ୍ଜୀକରଣକୁ ଇତିମଧ୍ୟରେ ଅଢ଼େଇ ମାସ ବିତିଯିବାକୁ ବସିଥିଲେ ମଧ୍ୟ ଏତେ ବଡ ସ୍ପର୍ଶକାତର ଘଟଣାର ତଦନ୍ତ ପ୍ରକ୍ରିୟାରେ କୌଣସି ଅଗ୍ରଗତି ଘଟିନାହିଁ। ପୁଲିସର ଏତାଦୃଶ ନିରବତା ଯୋଗୁଁ ଅଭିଯୋଗ କାରିଣୀ ବିଧବା ମହିଳା ଓ ତାଙ୍କ ଦୁଇ ପିଲାଙ୍କ ଜୀବନ ଦୁର୍ବିସହ ହୋଇପଡ଼ିଛି।

ସୂଚନା ଅନୁଯାୟୀ ଯାଜପୁର ଜିଲ୍ଲା ଜେନାପୁର ଥାନା ରାମଚନ୍ଦ୍ରପୁର ଗ୍ରାମର ବିକ୍ରମ ବେହେରାଙ୍କ ଭଉଣୀ ଝରଣା ଧର୍ମଶାଳା ଥାନା ଗଙ୍ଗାଧରପୁର ଗ୍ରାମର ମକରଧ୍ୱଜ ସାହୁଙ୍କ ପୁଅ ପ୍ରଶାନ୍ତ ସାହୁଙ୍କୁ ବିବାହ କରିଥିଲେ। ତାଙ୍କର ଗୋଟିଏ ୧୬ ବର୍ଷର ପୁଅ ଓ ୧୯ ବର୍ଷର ଝିଅ ଅଛନ୍ତି। ଶାଶୁ ଘରଲୋକେ ସ୍ୱାମୀକୁ ହାତକରି ଝରଣାଙ୍କ ଉପରେ ଅତ୍ୟାଚାର କରିବା ଯୋଗୁଁ ସେ ଜୀବନ ବିକଳରେ ଶାଶୂଘରୁ ଚାଲିଆସି ପୁଅଝିଅ ସହିତ ବାପଘରେ ରହୁଥିଲେ। ଗତ ଜୁଲାଇ ୨୦ ତାରିଖରେ ଶେଷଥର ପାଇଁ ପ୍ରଶାନ୍ତ ଶଶୁର ଘରକୁ ଆସି ନିଜ ପିଲାମାନଙ୍କ ସହ କଥାହୋଇ କିଛିଦିନ ମଧ୍ୟରେ ସମସ୍ତଙ୍କୁ ତାଙ୍କ ଘରକୁ ନେଇ ଯିବାକୁ କହି ଯାଇଥିଲେ। ତେବେ ଅଭିଯୋଗକାରିଣୀ ଦୁଇ ପିଲାଙ୍କ ସହ ତାଙ୍କ ବାପଘରେ ଥିବା ସମୟରେ ଗତ ଅଗଷ୍ଟ ୨ ତାରିଖରେ ତାଙ୍କ ଘରଡିହ ସହ ଧର୍ମଶାଳା ତହସିଲର ଜାରକା ନୂଆଗାଁ ମୌଜାରେ ଥିବା ୨ଏକର ୨୨ ଡେସିମିଲ, ଗଙ୍ଗାଧରପୁର ମୌଜାରେ ଥିବା ୬୪ ଡେସିମିଲ ଓ ପଲାର ମୌଜାରେ ଥିବା ୩୯ ଡେସିମିଲ (ମୋଟ ୩ ଏକର ୨୫ ଡେସମିଲ) ବହୁ କୋଟି ଟଙ୍କାର ପୈତୃକ ସମ୍ପତ୍ତିକୁ ତଞ୍ଚକତା କରି ତାଙ୍କ ବିବାହିତା ନଣନ୍ଦ ଓ ଦେଢ଼ଶୁର ନିଜ ନାମରେ କରାଇ ନେଇଥିଲେ। ଜମି କବଲା ହେବାର ୧୩ ଦିନ ପରେ ଅର୍ଥାତ ଅଗଷ୍ଟ ୧୫ ତାରିଖରେ ନଣନ୍ଦଙ୍କ ଘରେ ତାଙ୍କ ସ୍ୱାମୀଙ୍କ ଅସ୍ୱାଭାବିକ ଭାବେ ମୃତ୍ୟୁ ଘଟିଥିଲା। ଯେଉଁ ନଣନ୍ଦ



ତଞ୍ଚକତା କରି ତାଙ୍କ ସମ୍ପତ୍ତି ହଡ଼ପ୍ କରିଛନ୍ତି ତାଙ୍କରି ଘରେ ସ୍ୱାମୀଙ୍କ ମୃତ୍ୟୁ ହୋଇଥିବାରୁ ସମ୍ପତ୍ତି ହଡ଼ପ୍ ପାଇଁ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଝରଣା ଜାଣି ପାରିଥିଲେ। ଏପରିକି ତାଙ୍କ ସ୍ୱାମୀ ପଢ଼ାଲେଖା ଜାଣିଥିବା ସହିତ ନିଜର ଦୁଇ ପିଲା ଓ ସ୍ତ୍ରୀ ଥାଉଥାଉ ସେ କିପରି ନିଜର ଘରଡିହ ସହିତ ସମସ୍ତ ପୈତୃକ ସମ୍ପତ୍ତିକୁ ଅନ୍ୟ ନାମରେ କବଲା କରିଦେଲେ ଓ ହୋଇଥିବା କବଲାରେ ଦସ୍ତଖତ ବଦଳରେ ସେ କିପରି କେବଳ ଟିପଚିହ୍ନ ଦେଇ ସମ୍ପତ୍ତି ହସ୍ତାନ୍ତର କଲେ ତାହା ଅଧିକ ସନ୍ଦେହ ସୃଷ୍ଟି କରିଥିଲା। ଯାହାକୁ ନେଇ ଝରଣା ବାରମ୍ବାର ଧର୍ମଶାଳା ଥାନା ଏବଂ ଏସପି, ଡିଜିପି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିବା ପରେ ୪ ମାସ ପରେ ଏତଲାକୁ ପଞ୍ଜୀକରଣ କରିଥିଲା ପୁଲିସ। ଅଭିଯୋଗ କାରିଣୀ ଝରଣା ସାହୁଙ୍କୁ ଧର୍ମଶାଳା ଥାନାକୁ ଡକାଇ ଗତ ଡିସେମ୍ବର ୯ ତାରିଖରେ ତାଙ୍କ ଏତଲାକୁ ଥାନା କେଶ ନଂ ୭୪୩/୨୫ରେ ପଞ୍ଜିକୃତ କରିବା ସହ ଅଭିଯୁକ୍ତମାନଙ୍କ ବିରୋଧରେ ନରହତ୍ୟା ଓ ମିଳିତ ଷଡ଼ଯନ୍ତ୍ର କରି ସମ୍ପତ୍ତି ହଡ଼ପ୍ ପରି ଦଫା ରୁଜୁ କରି କେଶ ପଞ୍ଜୀକରଣ କରିଥିଲା। ଏଥିସହ ଅଭିଯୁକ୍ତମାନଙ୍କ ବିରୋଧରେ ଖୁବଶୀଘ୍ର କାର୍ଯ୍ୟାନୁଷ୍ଠାନ ଆରମ୍ଭ ହେବ ଓ ତାଙ୍କୁ ନ୍ୟାୟ ମିଳିବ ବୋଲି ପୁଲିସ ଝରଣାକୁ ପ୍ରତିଶ୍ରୁତି ଦେଇଥିଲା। ତେବେ ଏତଲା ପଞ୍ଜୀକରଣକୁ ଅଢ଼େଇ ମାସ ବିତି ଯାଇଥିଲା ବେଳେ ଅଭିଯୁକ୍ତ ମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବା ତ ଦୂରର କଥା ଅଦ୍ୟାବଧି ଏହି ମାମଲାରେ ପୁଲିସ ତଦନ୍ତର ଚିହ୍ନବର୍ଣ୍ଣ ମିଳିନାହିଁ ବୋଲି ଅଭିଯୋଗ କାରିଣୀ କ୍ଷୋଭର ସହ ଅଭିଯୋଗ କରିଛନ୍ତି।

ଦେଶୀ ମଦ ଜବତ; ୨ ଗିରଫ

ପାଣିକୋଇଲି, ୨୨।୨(ସମିସ): ପାଣିକୋଇଲି ପୁଲିସ ଦୁଇଟି ସ୍ଥାନରେ ଚଢ଼ାଉ କରି ଦେଶୀ ମଦ ଜବତ କରିବା ସହ ୨ଟି ମାମଲା ରୁଜୁ କରି ୨ଜଣଙ୍କୁ ଗିରଫ କରିଛି। ପ୍ରକାଶଯେ ଶଙ୍ଖଚିଲା ଫାଣ୍ଡି ଅନ୍ତର୍ଗତ ନାଉଡପୁର ଛକରେ ଦେଶୀ ମଦ ବିକ୍ରି ଖବର ପାଇଁ ସନ୍ଧ୍ୟା ପାଟ୍ରୋଲିଂ ସମୟରେ ନାଉଡ଼ପୁର ଛକରେ କନେଷ୍ଟବଳ ଭୀମ ନାୟକ ଓ ଖଗେଶ୍ୱର ମଲିକ ଚଢାଉ କରିଥିଲେ। ନାଉଡ଼ପୁର ଗ୍ରାମର କୈଳାସ ଦଳେଇକୁ ସନ୍ଦେହଜନକ ଭାବେ ଧରିବାରୁ ତା ନିକଟରୁ ଏକ ଜରି ବ୍ୟାଗରେ ୨୫ଟି ଆସ୍କାଫର୍ଟି ପାଉଚ ଜବତ କରିଥିଲେ। ସେହିପରି ସବଇନ୍ସପେକ୍ଟର ମିନତୀ ବେହେରା ସନ୍ଧ୍ୟା ପାଟ୍ରୋଲିଂ ସମୟରେ ଏହି ଥାନା ଅନ୍ତର୍ଗତ ମୁଲରୀ ଗ୍ରାମର କରୁଣାକର ମଲ୍ଲିକଙ୍କ ଠାରୁ ବୋତଲରେ ଭର୍ତ୍ତି ଦୁଇ ଲିଟର ଓ ଏକ ଜାରକିନରେ ୫ଲିଟର ମହୁଲି ମଦ ଜବତ କରିଥିଲେ। ଏନେଇ ଦୁଇଟି ମାମଲା ୫୩/୨୬ ଓ ୫୪/୨୬ ରୁଜୁ କରିବା ସହ ୨ଜଣଙ୍କୁ ଗିରଫ କରିଛି।

ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ

କୟାଁଗୋଲା, ୨୨।୨(ସମିସ): ଦଶରଥପୁର ବ୍ଲକ କନିକାପଡ଼ା ପଞ୍ଚାୟତ ମାନସିଂହପାଟଣା ଗ୍ରାମରେ ଭାଗେଶ୍ୱର ମହାଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ରବିବାର ଅଙ୍କୁରାରୋପଣ, ଯଜ୍ଞଶାଳା ପ୍ରସ୍ତୁତି, କୁଣ୍ଡ ମଣ୍ଡଳ ପ୍ରସ୍ତୁତିକରଣ ସହ କଳସ ଶୋଭାଯାତ୍ରା ଆଦି ଅନୁଷ୍ଠିତ ହୋଇଯାଇଛି। ସୋମବାର ସୂର୍ଯ୍ୟପୂଜା, ଗୁରୁପୂଜା, ଧେନୁପୂଜା, ଯଜ୍ଞ ମଣ୍ଡପେ ସର୍ବ ଦେବଦେବୀ ପୂଜା, ମନ୍ଦିର ମଧ୍ୟେ ଲିଙ୍ଗ ସ୍ଥାପନ ପରେ ମଙ୍ଗଳବାର ସୂର୍ଯ୍ୟପୂଜା, ରୁଦ୍ରାଭିଷେକ, ଚଣ୍ଡୀପୂଜା ପୂର୍ଣ୍ଣାହୁତି ଆଦି କାର୍ଯ୍ୟକ୍ରମ ରହିଛି। ହଜାର ହଜାର ଶ୍ରଦ୍ଧାଳୁ ଭାଗେଶ୍ୱର ମହାଦେବଙ୍କ ମନ୍ଦିର ନିକଟରେ ଉପସ୍ଥିତ ରହି ଦର୍ଶନ କରିଛନ୍ତି।

ମିଶନଶକ୍ତି ଜୀବିକା ମିଶନ ବୈଠକ




ଧର୍ମଶାଳା, ୨୨।୨(ସମିସ): ଧର୍ମଶାଳା ବ୍ଲକ ଜାରକାସ୍ଥିତ ଧର୍ମଶାଳା ଷ୍ଟାଡିୟମ ହଲରେ ମିଶନଶକ୍ତି ଓ ଜୀବିକା ମିଶନ ମା' ମାନଙ୍କର ଏକ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଅତିଥି ଭାବେ ଯୋଗଦେଇ ମିଶନଶକ୍ତି ଓ ଜୀବିକା ମିଶନରେ ମା'ମାନେ କିଭଳି ସରକାରୀ ଅର୍ଥରେ ଲାଭବାନ ହୋଇପାରିବେ ଓ ରାଜ୍ୟ ସରକାର ଏଥିଲାଗି ଏକ ଫଣ୍ଡ ଗଠନ କରିଥିବା ବେଳେ ମହିଳମାନେ ଏହାର ଫାଇଦା ନେଇପାରିବେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଶହ ଶହ ସଂଖ୍ୟାରେ ମିଶନଶକ୍ତି ଓ ଜୀବିକା ମିଶନର ମାମାନେ ଯୋଗଦେଇଥିଲେ।

ବିଶ୍ୱ ହିନ୍ଦୁ ପରିଷଦର ନେତାଙ୍କୁ ସମ୍ବର୍ଦ୍ଧନା

ପାଣିକୋଇଲି, ୨୨।୨(ସମିସ): ବିଶ୍ୱ ହିନ୍ଦୁ ପରିଷଦର ଯୁବା ଶକ୍ତି ସଙ୍ଗଠନ ବଜରଙ୍ଗ ଦଳର ରାଷ୍ଟ୍ରୀୟ ସଂଯୋଜକ କିଶନ ଲାଲ ପ୍ରଜାପତଙ୍କ ବାଲେଶ୍ୱର ଜିଲ୍ଲା ବଜରଙ୍ଗ ଦଳର ତ୍ରୀଶୁଳ ଦୀକ୍ଷା କାର୍ଯ୍ୟକ୍ରମରେ ଓଡ଼ିଶା ପୂର୍ବ ପ୍ରାନ୍ତ ସଂଯୋଜକ ପ୍ରଭାତ ଭୂଷଣ ତ୍ରିପାଠୀ, ପ୍ରାନ୍ତ ମିଳନ କେନ୍ଦ୍ର ପ୍ରମୁଖ ବିପିନ ବିହାରୀ ପଣ୍ଡା, ପ୍ରାନ୍ତ ମହାବିଦ୍ୟାଳୟ ପ୍ରମୁଖ ଶ୍ୟାମ ସୁନ୍ଦର ଦାଶ, କେନ୍ଦ୍ରାପଡ଼ା ଜିଲ୍ଲା ବିଭାଗ ସଂଯୋଜକ ଚନ୍ଦ୍ରକାନ୍ତ କରଙ୍କ ସହିତ ଯୋଗ ଦେବାକୁ ଯାଉଥିବା ବେଳେ ଯାଜପୁର ଜିଲ୍ଲା ବିଶ୍ୱ ହିନ୍ଦୁ ପରିଷଦ ତରଫରୁ ସମ୍ପାଦକ ରାଜ କିଶୋର ମଲିକ ଏବଂ ସଂଯୋଜକ ବସନ୍ତ କୁମାର ପାତ୍ରଙ୍କ ନେତୃତ୍ୱରେ ପାଣିକୋଇଲି ଠାର ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

ନାଟ୍ୟ ନିର୍ଦ୍ଦେଶକ ଶତ୍ରୁଘ୍ନ ମହିଙ୍କ ପରଲୋକ



ପାଣିକୋଇଲି, ୨୨।୨(ସମିସ): ପାଣିକୋଇଲି ନିକଟସ୍ଥ ତଥା ଯାଜପୁର ବ୍ଲକ ମାଳଆନନ୍ଦପୁରପୁର ପଞ୍ଚାୟତ ନମଟିକିରି ଗ୍ରାମର ନାଟ୍ୟ ନିର୍ଦ୍ଦେଶକ ଶତ୍ରୁଘ୍ନ ମହିଙ୍କର (୭୬) ନିଜ ବାସଗୃହରେ ପରଲୋକ ଘଟିଛି। ଶ୍ରୀ ମହି କିଛି ଦିନ ହେବ ଅସୁସ୍ଥ ହୋଇ ଘରେ ରହୁଥିଲେ। ୧୯୬୮ ମସିହାରେ ପ୍ରଥମେ ସେ ଯାତ୍ରା ଜଗତରେ ପାଦ ଥାପିଥିଲେ। ପ୍ରଥମେ ନାରୀ ଭୂମିକା ଓ ପରେ ଜଣେ ସଫଳ ଅଭିନେତା ଭାବେ କାର୍ଯ୍ୟକରିବା ପରେ ସେ ହୋଟେଲ ବ୍ୟବସାୟକୁ ଅପଣେଇଥିଲେ। ଏହା ସହିତ ଜଣେ ନାଟ୍ୟ ନିର୍ଦ୍ଦେଶକ ଭାବେ କାମ କରୁଥିଲେ। ପାଣିକୋଇଲି ବଜାର ଗଣେଶ କମିଟି ଓ ମେଳଣ କମିଟିର ଜଣେ ସକ୍ରିୟ ସଦସ୍ୟ ଭାବେ କାର୍ଯ୍ୟକରିଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ମାତ୍ରେ ପାଣିକୋଇଲିରୁ ତାଙ୍କ ବାସଭବନକୁ ଲୋକଙ୍କ ସୁଅ ଛୁଟିଥିଲା। ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ସମେତ ବହୁ ରାଜନୈତିକ ବ୍ୟକ୍ତି, ବୁଦ୍ଧିଜୀବୀ, ବ୍ୟବସାୟୀ କଳାକାର, ସାମ୍ବାଦିକ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ଶେଷରେ ତାଙ୍କ ମରଶରୀରକୁ ଗ୍ରାମ ପରିକ୍ରମା କରିବା ପରେ ଯାଜପୁରର ମହାବାରୁଣୀ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

ପୁରାତନ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ

ପ୍ରୀତିପୁର, ୨୨।୨(ସମିସ): ବନ୍ଧମୁଣ୍ଡା ସ୍ଥିତ ମୁରଲୀଧର ହାଇସ୍କୁଲ ପରିସରରେ ସ୍କୁଲର ୧୯୭୭ ବ୍ୟାଚ୍‌ର ଛାତ୍ରଛାତ୍ରୀଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପ୍ରଧାନ ଶିକ୍ଷକ ବାମନ ଚରଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅବସର ପ୍ରାପ୍ତ ଅନ୍ୟତମ ପ୍ରଧାନ ଶିକ୍ଷକ ବସନ୍ତ କୁମାର ଜେନା, ବିଶ୍ୱନାଥ ତ୍ରିପାଠୀ ଓ ସୁରେନ୍ଦ୍ର କୁମାର ଦ୍ୱିବେଦୀ ପ୍ରମୁଖ ଗୁରୁଜୀମାନେ ଅତିଥି ଭାବରେ ଯୋଗ ଦେଇଥିଲେ। ସଭା ସଂଯୋଜକ ଓ ସଞ୍ଚାଳକ ଭାବରେ ଡ.ଶ୍ରୀନିବାସ ତ୍ରିପାଠୀ, ନିତ୍ୟାନନ୍ଦ ମହାନ୍ତି ଯୋଗ ଦେଇଥିଲେ। ପ୍ରଥମେ ଗୁରୁପୂଜନ ସହିତ ଗୁରୁମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପ୍ରଦୀପ ନାଥଶର୍ମା, ଗଗନ ବିହାରୀ ପ୍ରଧାନ, ରବୀନ୍ଦ୍ର ମୁଦୁଲୀ, ଜଳଧର ପରିଡ଼ା ଓ ବାସୁଦେବ ଭୂୟାଁ ପ୍ରମୁଖ ଏହାର ସଞ୍ଚାଳନ ସହିତ କାର୍ଯ୍ୟକ୍ରମ ଆୟୋଜନରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ। ବୟସାଧିକ୍ୟ ସତ୍ତ୍ୱେ ପୁରାତନ ଛାତ୍ରଙ୍କ ମଧ୍ୟରୁ ଗୋଲେଖ ମିଶ୍ର, ସତ୍ୟାନନ୍ଦ ମାଟିଆ, ଗୋକୁଳ ଚନ୍ଦ୍ର ଧଳ, ମାନଗୋବିନ୍ଦ ପରିଡ଼ା, ବସନ୍ତ କୁମାର ପରିଡ଼ା, ମୁରଲୀଧର ଧଳ, ରୁଦ୍ରପ୍ରତାପ ନାୟକ, ଜ୍ଞାନବ ରାୟ, ଶରତ କୁମାର ଦାଶ, ପ୍ରଶାନ୍ତ କୁମାର ମହାନ୍ତି, ରବିନାରାୟଣ ବିଶ୍ୱାଳ, ବିଚିତ୍ରାନନ୍ଦ ଜେନା, ରବୀନ୍ଦ୍ର ମୁଦୁଲି, ତ୍ରିଲୋଚନ ବିଶ୍ୱାଳ, ଗୋବିନ୍ଦ ପ୍ରଧାନ ପ୍ରମୁଖ ଅତୀତକୁ ମନେ ପକାଇଥିଲେ। ଗଗନ ବିହାରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

ବ୍ୟାସନଗରରେ ଭିଜନ କୋରେଇ ସମ୍ମେଳନ



ବ୍ୟାସନଗର, ୨୨।୨(ସମିସ): କୋରେଇ ନିର୍ବାଚନମଣ୍ଡଳୀର ସାମଗ୍ରିକ ବିକାଶ ଲକ୍ଷ୍ୟ ନେଇ କୋରେଇ ଭିଜନ ସମ୍ମେଳନ ରବିବାର ସ୍ଥାନୀୟ ବ୍ୟାସନଗରରେ ଅନୁଷ୍ଠିତ ହେଇଯାଇଛି। କୋରେଇ ଉନ୍ନୟନ ପରିଷଦ ଆନୁକୂଲ୍ୟରେ ଏହି କର୍ମଶାଳାରେ କୋରେଇର ବିଭିନ୍ନ ପଞ୍ଚାୟତ ଓ ପୌରପରିଷଦର ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ବିଭିନ୍ନ ସଂଗଠନର ନେତୃବୃନ୍ଦ ଯୋଗଦେଇଥିଲେ। ପରିଷଦର ସଭାପତି ଶ୍ରୀଧର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମେଳନୀରେ ମୁଖ୍ୟଅତିଥି ଭାବରେ କଟକ ବାରବାଟୀର ପୂର୍ବତନ ବିଧାୟକ ମହମ୍ମଦ ମୋକିମ ଯୋଗଦେଇ କୋରେଇର ବିକାଶ ପାଇଁ ଯେଉଁ ସମସ୍ୟା ଅଛି, ସେଗୁଡ଼ିକୁ ସାମୂହିକ ମୁକାବିଲାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିବା ସହିତ ସବୁ ପ୍ରକାରର ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ଓଡ଼ିଶା ସୂଚନା ଅଧିକାରର ଆବାହକ ପ୍ରଦୀପ ପ୍ରଧାନ, କୋରେଇ ଉନ୍ନୟନ ପରିଷଦର ମୁଖ୍ୟ ଉପଦେଷ୍ଟା ତଥା ଜାତୀୟ ମାନବାଧିକାର କମିଶନ ସଦସ୍ୟ ମନୋଜ ଜେନା ଯୋଗଦେଇଥିଲେ। ପ୍ରାରମ୍ଭରେ ପରିଷଦର ସହସମ୍ପାଦକ ଅଶ୍ୱିନୀ କୁମାର ଦାସ ଅତିଥି ସ୍ୱାଗତ ଭାଷଣ ଦେଇଥିଲେ। ପରେ କୋରେଇ ଉନ୍ନୟନ ପରିଷଦର ସମ୍ପାଦକ ଆଲୋକ କୁମାର ଦାଶ ବିଶେଷଜ୍ଞମାନଙ୍କ ଦ୍ୱାରା ମୁଖ୍ୟତଃ ୪୫ଗୋଟି କୋରେଇର ମୁଖ୍ୟ ସାମୂହିକ ସମସ୍ୟାକୁ ନେଇକି ଯେଉଁ ଭିଜନ ଦସ୍ତାବିଜ ପ୍ରସ୍ତୁତ କରାଯାଇଥିଲା ତାହାକୁ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଅଭିଭାବକ ସଂଘର ସଭାପତି ବାସୁଦେବ ଭଞ୍ଜ, ବରିଷ୍ଠ ନାଗରିକ ମଞ୍ଚ ପାଣିକୋଇଲିର ସଭାପତି ତଥା ପରିଷଦର ଉପଦେଷ୍ଟା ନୃସିଂହ ଚରଣ ଦଳେଇ, ବାମପନ୍ଥୀ ନେତା ପ୍ରଫୁଲ୍ଲ ନାୟକ, ଆଲୋକ ମହାନ୍ତି, ଉପଦେଷ୍ଟା ମଦନ ମୋହନ କର, ଯାଜପୁର ଜିଲ୍ଲା ଲେଖିକା ସଂସଦ ବ୍ରଜେଶ୍ୱରୀ ସିଂହ, ସାମାଜିକ କର୍ମୀ ଶରତ ମଲିକ, ସନ୍ତୋଷ ବେହେରା, ଶଶୀଭୂଷଣ ମଲ୍ଲିକ ପ୍ରମୁଖ କୋରେଇ ବିଭିନ୍ନ ସମସ୍ୟା କଥା ନିଜ ବକ୍ତବ୍ୟରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଷଦର ଉପଦେଷ୍ଟା କୈଳାଶ ସାମଲ, ସତ୍ୟରଞ୍ଜନ ସ୍ୱାଇଁ, ଉପସଭାପତି ଅମୁଲ୍ୟ ଦାସ, ସସ୍ମିତା ସାହୁ, କୋଷାଧକ୍ଷ ପ୍ରସନ୍ନ ସ୍ୱାଇଁ, ବରିଷ୍ଠ ସଭ୍ୟ ବସନ୍ତ କୁମାର କର, ଜଳଧର ଜେନା, ଶରତ ଦାସ, ରବିନାରାୟଣ ରାଉତ, ଗୋକୁଳାନନ୍ଦ ମହାପାତ୍ର, ଶରତ ପୃଷ୍ଟି, ଅନିରୁଦ୍ଧ ମିଶ୍ର, ବୈଷ୍ଣବ ପାତ୍ର, ଭରତ ବେହେରା, ନାରାୟଣ ମଲ୍ଲିକ, ବିଚିତ୍ର ଜେନା, ବିନାୟକ ରାୟ, ତରୁଣ ସାହୁ, ନିରୁପମା ମଲ୍ଲିକ, ଶ୍ରୀକାନ୍ତ ମହାନ୍ତି, ଅଶୋକ ବେହେରା, ଦୀପକ ମହାପାତ୍ର, ଦିଲ୍ଲୀପ କର, ଗଣେଶ ପ୍ରସାଦ ମଲ୍ଲିକ, ସଞ୍ଜୟ, ସୂର୍ଯ୍ୟମଣି ମହାପାତ୍ର, ତାରିଣୀ ପଟ୍ଟନାୟକ, ସୂର୍ଯ୍ୟମଣି ପାତ୍ର, ଶିବପ୍ରସାଦ ପଣ୍ଡା, ରବୀନ୍ଦ୍ର ଦାସ, ପ୍ରଭାକର ସାହୁ, ଲକ୍ଷ୍ମୀଧର ଦାଶ, କାହ୍ନୁ ଚରଣ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ମୋହନ ଚରଣ ଖୁଣ୍ଟିଆ, ଗୟାଧର ମଲିକ, ପ୍ରଶାନ୍ତ ବିଶ୍ୱାଳ, ପ୍ରତିମା ଦାସ, ସାରଥୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପରିଷଦର ବରିଷ୍ଠ ସଦସ୍ୟ ରବିନାରାୟଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

'କଳାର ପଣତ ତଳେ' ପୁସ୍ତକ ଲୋକାର୍ପିତ



ପାଣିକୋଇଲି, ୨୨।୨(ସମିସ): କୋରେଇ ବ୍ଲକ ଧନେଶ୍ୱର ପଞ୍ଚାୟତ ବେଗନାଠାରେ ଆଜି ପଣ୍ଡିତ ଡ. ସୂର୍ଯ୍ୟମଣି ଖୁଣ୍ଟିଆଙ୍କ 'କଳାର ପଣତ ତଳେ' ପୁସ୍ତକ ଲୋକାର୍ପଣ ହୋଇଯାଇଛି। ପ୍ରାକ୍ତନ ସାଂସଦ ଡ. ରାମଚନ୍ଦ୍ର ଖୁଣ୍ଟିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁସ୍ତକ ଲୋକାର୍ପଣ ଉତ୍ସବ ଓ 'କପିଳା ଘାଟର ଡଙ୍ଗା' କବିତା ପୁସ୍ତକରେ ମାନବିକ ଆବେଦନ ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଗୀତିକବି ନନ୍ଦକିଶୋର ସିଂହ, ମୁଖ୍ୟବକ୍ତା ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଶିଶୁ ସାହିତ୍ୟିକ ଡ. ରାଜକିଶୋର ପାଢ଼ୀ, ସମ୍ମାନିତ ଅତିଥି ଭାବେ ଗୋକର୍ଣ୍ଣିକାର ସମ୍ପାଦକ ଡ. ରମାକାନ୍ତ ଜେନା, ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଶିବ ଚରଣ ମାଝୀ, ଆଲୋଚକ ଭାବେ ଡ, ସୁବ୍ରତ ଦାସ, ଡ. ଶ୍ରୀହରି ଧଳ, ଡ. ଚିତ୍ତରଞ୍ଜନ ବେହେରା, ଡ. ଅକ୍ଷୟ କୁମାର ମହାନ୍ତି ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପୁସ୍ତକର ଲେଖକ ଡ. ଖୁଣ୍ଟିଆ 'ଆମ ଘର ସେଇଠି ଓ କପିଳା ଘାଟର ଡଙ୍ଗା' କବିତା ପାଠ କରିବା ସହ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। କବି ଦୟାନିଧି ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଶ୍ରୀ ମାଝୀ 'କଳାର ପଣତ ତଳେ' ପୁସ୍ତକର ସମୀକ୍ଷା କରିଥିଲେ। ଦୀନବନ୍ଧୁ ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ।

ଅସହାୟ ପରିବାରକୁ ସହାୟତା ପ୍ରଦାନ

ଧର୍ମଶାଳା, ୨୨।୨(ସମିସ): କୋଟପୁର ପଞ୍ଚାୟତ ମୁରତପୁର ଗ୍ରାମର ବାସହରା ଜଣେ ବିଧବାଙ୍କୁ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଦେଢ଼ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। କୋଟପୁର ପଞ୍ଚାୟତ ମୁରତପୁର ଗ୍ରାମରେ ସୁଲୋଚନା ନାୟକ ନାମକ ଜଣେ ବିଧବା ମହିଳା ନିଜର ଏକ ଭିନ୍ନକ୍ଷମ ପୁଅକୁ ନେଇ ଭଙ୍ଗାଚାଳିଆ ଘରେ ରହିଆସୁଥିବା ବେଳେ ବର୍ଷା ଓ ଖରାରେ ଘରେ ଚଳିବା ତାଙ୍କ ପକ୍ଷେ ଅସମ୍ଭବ ହୋଇପଡ଼ିଥିଲା। ଏନେଇ ବିଭିନ୍ନ ସ୍ଥାନରେ ଗୁହାରୀ କରି ହତାସ ହୋଇଥିଲେ। ଗତ ୧୫ ତାରିଖରେ କୋଟପୁର ଠାରେ ଅନୁଷ୍ଠିତ ଏକ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଯୋଗଦେବାକୁ ବିଧାୟକ ଶ୍ରୀ ସାହୁ ଯାଇଥିବା ବେଳେ ବିଧବା ଜଣକ ତାଙ୍କୁ ଭେଟି ଭଙ୍ଗା କୁଡିଆ ଘରେ ଚଳିବା ସମ୍ଭବପର ହେଉନଥିବାରୁ ପକ୍କା ଘରଟିଏ କରି ଦେବାକୁ ଅନୁରୋଧ କରିଥିଲେ। ତେବେ ବିଧବା ଜଣକ ସରକାରୀ ଜାଗାରେ ରହୁଥିବାରୁ ସେଠାରେ ତାଙ୍କୁ ସରକାରୀ ବାସଗୃହ ଯୋଗାଇ ଦେବା ସମ୍ଭବପର ହୋଇନଥିଲା। ଏହାକୁ ବିଧାୟକ ଶ୍ରୀ ସାହୁ ଅତି ଗୁରୁତର ଭାବେ ଗ୍ରହଣ କରି ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ସହାୟତାରେ ବାସହୀନ ବିଧବାଙ୍କୁ ଆଜି ଦେଢ଼ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ସେହିପରି ଏହି ନିର୍ବାଚନ ମଣ୍ଡଳୀ ଜାବରା ଠାରେ ରହୁଥିବା ଶୁଭାସିନୀ ପାଲଙ୍କୁ ଘର କରିବା ପାଇଁ ଟ୍ରଷ୍ଟ ପକ୍ଷରୁ ଦେଢ଼ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଟ୍ରଷ୍ଟ ପକ୍ଷରୁ ଆଜି ୧୫ ନଂ ଜୋନ ବିଜେପି ମଣ୍ଡଳ ସଭାପତି ପ୍ରଶାନ୍ତ କୁମାର ନାୟକ, ନିଗମାନନ୍ଦ ଦାସ, ଦିବଜ୍ୟୋତି ପରିଡ଼ା, ସଞ୍ଜିତ ସାମଲ, ଅଚ୍ୟୁତ ଦଳାଇ, ସୌମେନ୍ଦ୍ର ସାମଲ, ବିଭୁ ଦଳାଇ ପ୍ରମୁଖ ଟ୍ରଷ୍ଟର ସଦସ୍ୟମାନେ ସେଠାରେ ପହଁଚି ନୂତନ ଗୃହ ନିର୍ମାଣ ପାଇଁ ସୁଭାଶିନୀଙ୍କୁ ଦେଢ଼ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

ସଂସ୍କୃତ ବିଭାଗର ବାର୍ଷିକ ପାଠଚକ୍ର



ମଙ୍ଗଳପୁର/କୟାଁଗୋଲା, ୨୨।୨(ସମିସ): ଦଶରଥପୁର ବ୍ଲକର ସାଧୁଗୌରେଶ୍ୱର ମହାବିଦ୍ୟାଳୟ ସଂସ୍କୃତ ବିଭାଗ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। 'ସଂସ୍କୃତ ସାହିତ୍ୟରେ ଭାରତୀୟ ଜ୍ଞାନ ପରମ୍ପରା' ଶୀର୍ଷକ ଆଲୋଚନାଚକ୍ରରେ ଅଧ୍ୟକ୍ଷ ଡ. ଜିତେନ୍ଦ୍ର କୁମାର ଦାଶ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ସଂସ୍କୃତ ଭାଷା ସାହିତ୍ୟର ବିଶିଷ୍ଟ ବିଦ୍ୱାନ ଡ. ମଧୁସୂଦନ ମିଶ୍ର ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଜଗନ୍ନାଥ ସଂସ୍କୃତିର ଗବେଷକ ଡ. କୃଷ୍ଣ କେଶବ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ପୁରୀ ଶ୍ରୀଜଗନ୍ନାଥ ବିଶ୍ୱବିଦ୍ୟାଳୟ ସାହିତ୍ୟ ବିଭାଗର ମୁଖ୍ୟ ଡ. ବସନ୍ତ କୁମାର ମିଶ୍ର, ସମ୍ମାନିତ ବକ୍ତା ଭାବେ ବାକ୍ୟରଣ ବିଭାଗ ମୁଖ୍ୟ ପ୍ରଫେସର ଡ. ପୂର୍ଣ୍ଣଚନ୍ଦ୍ର ପାଢ଼ି ଯୋଗ ଦାନ କରିଥିଲେ। ବିଭାଗର ମୁଖ୍ୟ ଅଧ୍ୟାପିକା ସ୍ମିତାରାଣୀ ଭଞ୍ଜ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ଡ. ଭଗ୍ୟଶ୍ରୀ ରାୟ ପାଠଚକ୍ରର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅଧ୍ୟାପିକା ବିମାଳିନୀ କର ଧନ୍ୟବାଦ ଅର୍ପଣ କରିଥିଲେ। ସଂଘମିତ୍ରା ସାହୁ ବିଭାଗ ପ୍ରତି ଅବଦାନ ଥିବା ମହାପୁରୁଷ ମାନଙ୍କର ସ୍ମୃତି ଚାରଣ କରିଥିଲେ। ପାଠଚକ୍ରରେ ଅଧ୍ୟାପକ ଉମାକାନ୍ତ ସାହୁ, ଡ. ଶରତ ଚନ୍ଦ୍ର ସାହୁ, ଦେବୀ ପ୍ରସାଦ ସାହୁ, ପ୍ରଦୀପ କୁମାର ଶତପଥୀ, ରବିନାରାୟଣ ଦାଶ, ଡ. ସତ୍ୟରଞ୍ଜନ ନାୟକ, ଗଣେଶ ପ୍ରସାଦ ପଣ୍ଡା, ଅଧ୍ୟାପିକା ଡ. ସୁନୀତା ସାମଲ, ଶୁଭଲକ୍ଷ୍ମୀ ସେଠୀ, ତନ୍ମୟୀ ଦାସ, ଡ. ସୁମତି ଦେଇ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

ଶୁଖିଗଲାଣି ଆମ୍ବ ନଈ

ବିପଦରେ ୩ ଶହ ଏକର ଡାଲୁଅ ଧାନ

ପ୍ରୀତିପୁର, ୨୨।୨(ସମିସ)

ଆମ୍ବ ନଈର ନାଳରୁ ପାଣି ଶୁଖିଯିବାରୁ ୩ଶହ ଏକର ଜମିରେ ଡାଲୁଅ ଚାଷ କରିଥିବା ଚାଷୀମାନଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ୭ଟି ଗାଁର ଚାଷୀମାନେ ଏନେଇ ପ୍ରଶାସନର ସହଯୋଗ ଲୋଡିଛନ୍ତି। ପ୍ରକାଶ ଯେ ବିଞ୍ଝାରପୁର ବ୍ଲକର ତାଲୁକପଡ଼ା ଠାରୁ ଅଣ୍ଟାଳୋ ପର୍ଯ୍ୟନ୍ତ ବର୍ଷାଦିନରେ ଜଳ ନିଷ୍କାସନ ହେଉନଥିବାରୁ ବର୍ଷାଦିନିଆ ଧାନ ପଚି ନଷ୍ଟ ହୋଇଯାଉଥିବାରୁ ଚାଷୀମାନେ ଏହି ଧାନଚାଷ ୨୦୨୦ ମସିହାରୁ ଚାଷ କରିବା ଛାଡ଼ି ଦେଇଥିଲେ। ସେମାନେ ଚଳିତ ବର୍ଷ ଡାଲୁଅ ଧାନ ଚାଷ କରିଥିଲେ। ଶତାଧିକ ଚାଷୀ ପ୍ରାୟ ତିନିଶହ ଏକର ଜମିରେ ଡାଲୁଅ ଚାଷ କରିଥିଲେ। ତାଲୁକପଡ଼ା ଠାରୁ ଅଣ୍ଟାଳୋ ପର୍ଯ୍ୟନ୍ତ ଚାଷୀ ମାନେ ଏହି ଚାଷର ଜଳସେଚନ ପାଇଁ ଚାଷୀମାନେ ଆମ୍ବ ନଈର ନାଳର ପାଣି ଉପରେ ନିର୍ଭର କରୁଥିଲେ। ରୁଆ ପୋତା ପରେ ମାଘ ଫଗୁଣ ମାସରେ ବର୍ଷା ହେଉଥିବାରୁ ନାଳପାଣି ଓ ବର୍ଷା ପାଣିରେ ରବି ଧାନ ଫସଲ ସଫଳ ଉତ୍ପାଦନ ହେଉଥିଲା। ଦୁଃଖର କଥା ଚଳିତ ବର୍ଷ ଅଧିକ ଚାଷୀ ରବି ଧାନ ଚାଷ ପ୍ରତି ଆକର୍ଷିତ ହୋଇଥିଲେ। ମାତ୍ର ବର୍ଷା ନହେବା, ପାଣିପମ୍ପର ବହୁଳ ପ୍ରୟୋଗ ଫଳରେ ନାଳରୁ ପାଣି ଶୁଖିବାକୁ ଆରମ୍ଭ କରିଥିଲା। ଯେଉଁ କେତେଜଣ ଜଳନିଧି ଯୋଜନାରେ ଉଠା ଜଳସେଚନ ପଏଣ୍ଟ ବସାଇଛନ୍ତି ତାହା ସମୁଦ୍ରକୁ ଶଙ୍ଖେ ପରି। ରାହାସ, ଗୁହାଳି, ଶିଶିରଣା ଗିରାମମାନଙ୍କର ଚାଷୀମାନେ ବିଧାୟିକା ପ୍ରମିଳା ମଲିକଙ୍କୁ ଭେଟି କେନାଲ ପାଣି ଛାଡିବା ପାଇଁ ଧାନ ଫସଲକୁ ବଞ୍ଚାଇ ରଖିବା ପାଇଁ ଅନୁରୋଧ କରିଥିଲେ। ବିଧାୟିକା ଶ୍ରୀମତୀ ମଲିକ ପ୍ରଶାସନକୁ ଭେଟି କେନାଲ ଜଳ ଯୋଗାଇ ଦେବାର ବ୍ୟବସ୍ଥା କରିଥିଲେ। ମାତ୍ର ଆକୁଲିଆ ଠାରୁ ଖରିଆ ପର୍ଯ୍ୟନ୍ତ ବହଳ ଦଳ ପ୍ରତିବନ୍ଧକ ସାଜିଥିଲା। ମଇଁଦା ନିକଟରେ କେନାଲ ଜଳ ବୋହି ଯାଉଥିବାରୁ ଶିଶିରଣା ଆମ୍ବନାଳ ନିକଟକୁ ବୁନ୍ଦାଏ ପାଣି ପହଞ୍ଚି ପାରିଲାନାହିଁ। ନାଳର ପାଣି କମିଯିବାରୁ ମାଛ ନଷ୍ଟ ହେବାର ଆଶଙ୍କାରେ ମାଛଚାଷୀମାନେ ନାଳରୁ ପାଣି ବୁହାଇ ନେଇ ଏହାକୁ ଶୁଖାଇ ଦେଇଥିଲେ। ବର୍ତ୍ତମାନ ଚାଷ କରିଥିବା ଚାଷୀ ଓ ଭାଗଚାଷୀ ମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଫସଲକୁ ବଞ୍ଚାଇ ରଖିବା ପାଇଁ କିପରି ପାଣି ମିଳିବ ସେଥିପାଇଁ ଚାଷୀ ପରିବାରରେ ଭାଳେଣି ପଡ଼ିଛି। ଖରିଆ ନାଳରୁ ଦଳ ସଫା କରାଯାଇ ଅନ୍ୟୁନ ଏକମାସ ପାଇଁ କେନାଲ ପାଣି ଯୋଗାଇ ଦେବାପାଇଁ ବିଧାୟିକାଓ ଯାଜପୁର ଜିଲ୍ଲାପାଳଙ୍କ ନିକଟରେ ଆଞ୍ଚଳିକ କୃଷି ଉନ୍ନୟନ ପରିଷଦର ସଭାପତି ବୀରଭଦ୍ର ସାମଲ, ବିନୋଦ ସାମଲ, ନିରାକାର ମଲିକ, ପ୍ରାକ୍ତନ ସରପଞ୍ଚ ଉମାକାନ୍ତ ମଲିକ, ଶିକ୍ଷାବିତ୍ ରାମଚନ୍ଦ୍ର ନାୟକ, ହେମନ୍ତ କୁମାର ସାମଲ, ପ୍ରମୋଦ କୁମାର ସାମଲ, ଅନୀଲ କୁମାର ସାମଲ, ପ୍ରଦୀପ୍ତ କୁମାର ସାମଲ, ବସନ୍ତ କୁମାର ସେଠି, ଧନେଶ୍ୱର ସାମଲ, ଉମେଶଚନ୍ଦ୍ର ସାମଲ, ସୁରେଶ ସାମଲ, ପ୍ରଶାନ୍ତ କୁମାର ସାମଲ, ସୁଶାନ୍ତ ସାମଲ ଓ ଧନେଶ୍ୱର ଦାସଙ୍କ ସମେତ ଶତାଧିକ ଚାଷୀ ନିବେଦନ କରିଛନ୍ତି।



ହଜିହଜି ଯାଉଛି କୃଷି ଦ୍ରବ୍ୟର ସ୍ୱାଦ

ରାସାୟନିକ ସାର ଓ କୀଟନାଶକର ବହୁଳ ବ୍ୟବହାର

ବନ୍ତ/ଆଗରପଡ଼ା,୨୨।୨(ସମିସ):



ପ୍ରକୃତିର ପରିବର୍ତ୍ତନର ପ୍ରଭାବ ଚାଷ କ୍ଷେତ୍ରରେ ବହୁଳ ଭାବରେ ପଡୁଛି। ତେଣୁ ଋତୁଗତ ସମସ୍ୟାକୁ ଆଖି ଆଗରେ ରଖି ସ୍ୱଳ୍ପ ପରିଶ୍ରମରେ ଅଧିକ ଲାଭ ଆଶାରେ ଚାଷୀ କୃଷି କ୍ଷେତ୍ରରେ ବହୁଳ ପରିମାଣରେ ରାସାୟନିକ ସାର ଓ କୀଟନାଶକ ପ୍ରୟୋଗ କରୁଥିବାରୁ ଏହାର ଫଳସ୍ୱରୂପ ଦିନକୁ ଦିନ ମାଟିର ମହକ ହଜିହଜି ଯାଉଛି। ଯାହାଦ୍ୱାରା ଉତ୍ପାଦିତ କୃଷି ଦ୍ରବ୍ୟର ସ୍ୱାଦ ଓ ଗନ୍ଧ କମିକମି ଯାଉଛି। ମାଟିର ନିଜର ପ୍ରାକୃତିକ ଉର୍ବରତା କେବଳ ଜୈବିକ ସାର ପ୍ରୟୋଗ ଫଳରେ ସୁରକ୍ଷିତ ରହିଥାଏ। ପ୍ରକୃତି କୋଳରେ ସବୁଜ କୃଷି ଉତ୍ପାଦନ ପ୍ରକ୍ରିୟା ଏକ ନିରନ୍ତର ପ୍ରକ୍ରିୟା ହୋଇଥିବାବେଳେ ପ୍ରକୃତିର ପରିବର୍ତ୍ତନ ଯୋଗୁଁ ଏଥିରେ ବର୍ତ୍ତମାନ ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଏଭଳି ଏକ ବ୍ୟତିକ୍ରମ ଭିତରେ କୃଷିଜାତ ଦ୍ରବ୍ୟର ଉତ୍ପାଦନ ବୃଦ୍ଧି ପାଉଛି ସତ ମାତ୍ର ଏହାଦ୍ୱାରା ମାଟିର ଗୁଣବତ୍ତା କମି ଯାଉଥିବାବେଳେ ଉତ୍ପାଦିତ ଦ୍ରବ୍ୟ ପ୍ରଭାବିତ ହେଉଛି। ଗୋଟିଏ କ୍ଷେତରେ ବାରମ୍ବାର ଗୋଟିଏ ପ୍ରକାର ଫସଲ କରିବା ସହ ପର୍ଯ୍ୟାୟକ୍ରମେ ଏଥିରେ ରାସାୟନିକ ସାର ଓ କୀଟନାଶକର ବହୁଳ ବ୍ୟବହାର ହେବା ଦ୍ୱାରା ଏପରି ଅବସ୍ଥା ସୃଷ୍ଟି ହେଉଥିବାର ଜଣାପଡ଼ିଛି।

ବନ୍ତ ଅଞ୍ଚଳ ଏକ କୃଷି ପ୍ରଧାନ ଅଞ୍ଚଳ। ବିଶେଷତଃ ଧାନ ଚାଷ ଉପରେ ନିର୍ଭର କରୁଥିବା ଚାଷୀଙ୍କର ବର୍ଷା, ଖରା ଓ ଶୀତଦିନିଆ ପନିପରିବା ଚାଷ ପ୍ରତି ବିଶେଷ ଆଗ୍ରହ ରହିଥାଏ। ଦିନ ଥିଲା ଏହି ଅଞ୍ଚଳରୁ ଉତ୍ପାଦିତ ହେଉଥିବା କୃଷିଦ୍ରବ୍ୟର ସ୍ୱାଦ ଓ ଗନ୍ଧ ଥିଲା ନିଆରା। ଚାଷୀ ଦେଶୀ ବିହନ ଚାଷ କରି ସେଥିରୁ ସେ ବିହନ ରଖୁଥିଲେ। କ୍ଷେତରେ ବିଭିନ୍ନ ପ୍ରକାର ଜୈବ ଖତ ବ୍ୟବହାର କରୁଥିଲେ। ସେଥିରେ ଯେଉଁ କୃଷି ଦ୍ରବ୍ୟ ଉତ୍ପାଦନ ହେଉଥିଲା ଖାଉଟି ଉକ୍ତ କୃଷି ଦ୍ରବ୍ୟ ପ୍ରତି ଆକୃଷ୍ଟ ହେଉଥିଲେ। ଜୈବିକ ପଦ୍ଧତିରେ ଉତ୍ପାଦିତ କୃଷି ଦ୍ରବ୍ୟକୁ ଗାଁ ଗହଳି ଓ ଛକ ବଜାରଠାରୁ ଆରମ୍ଭ କରି ଆଗରପଡ଼ା ଓ ବନ୍ତ ଅଞ୍ଚଳରେ ଥିବା ସାପ୍ତାହିକ ହାଟରେ ବିକ୍ରିବଟା କରୁଥିଲେ। କିନ୍ତୁ ସମୟ ଚକ୍ରରେ ହଜିଯାଉଛି ଜୈବିକ ସାର ବ୍ୟବହାର କୃଷି ଦ୍ରବ୍ୟ। ଦେଶୀ ସ୍ଥାନରେ ବିଦେଶୀ ଦ୍ରବ୍ୟକୁ ନେବାକୁ ଖାଉଟିଙ୍କୁ ଏକ ପ୍ରକାର ବାଧ୍ୟ କରାଯାଉଛି। ଘର ଅଗଣାରେ ଶାଗ, ଲଙ୍କା, ଧନିଆପତ୍ର ଆଦି ଘରେ ବ୍ୟବହାର ପାଇଁ ଲଗାଇଲେ ମଧ୍ୟ ଚାଷୀ ଜୈବିକ ସାର ବଦଳରେ ରାସାୟନିକ ସାର ଓ କୀଟନାଶକର ବ୍ୟବହାର କରୁଥିବାର ଦେଖିବାକୁ ମିଳୁଛି। ସେହିପରି କ୍ଷେତରେ ରାସାୟନିକ ଘାସମରା ଔଷଧର ବ୍ୟବହାର କ୍ଷେତକୁ ପ୍ରଭାବିତ କରୁଛି। ଯଦ୍ୱାରା ଦିନକୁ ଦିନ କ୍ଷେତରୁ ହିତକାରୀ କୀଟଙ୍କ ବଂଶ ଲୋପ ପାଇଚାଲିଛି। ଚାଷୀ ତା' କ୍ଷେତରେ ଆଉ ଗୋବର ଖତର ବ୍ୟବହାର କରୁନାହିଁ। ଚାଷୀ ଚାଷ ଜମିର ଉର୍ବରତା ବଢ଼ାଇବା ପାଇଁ କ୍ଷେତରେ ଆଉ ସେହି ପ୍ରକାରର ଚାଷ କରୁଥିବା ଦେଖିବାକୁ ମିଳୁନି। ଏ କଥାକୁ ଚାଷୀ ମଧ୍ୟ ସ୍ୱୀକାର କରୁଛନ୍ତି। ତେଣୁ ଦିନକୁ ଦିନ ମାଟିର ଉର୍ବରତା କମିବା ସାଙ୍ଗକୁ ରାସାୟନିକ ସାର ଔଷଧର ବହୁଳ ବ୍ୟବହାର ଯୋଗୁଁ ବିଭିନ୍ନ ପ୍ରକାର ଭୟଙ୍କର ରୋଗ ମଧ୍ୟ ବଢ଼ି ଚାଲିଛି। ପରୋକ୍ଷରେ କହିବାକୁ ଗଲେ ଆମ୍ଭେମାନେ ବର୍ତ୍ତମାନ ବିଷ ଖାଇବାରେ ଲାଗିପଡ଼ିଛେ। ତେଣୁ ଚାଷୀଙ୍କୁ ଜୈବିକ ପଦ୍ଧତିରେ ଚାଷ କରିବା ପାଇଁ ପ୍ରବର୍ତ୍ତାଇବା ସହ ଓ ଚାଷ କ୍ଷେତରେ ବହୁଳ ପରିମାଣର ରାସାୟନିକ ସାର ଓ କୀଟନାଶକର ବ୍ୟବହାରଠାରୁ ଦୂରେଇ ରଖିବାକୁ ଚେଷ୍ଟିତ ହେବା ପାଇଁ ପ୍ରଶାସନ ବ୍ୟାପକ ସଚେତନତା ସୃଷ୍ଟି କରିବାର ପଦକ୍ଷେପ ନେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀଙ୍କ ସମେତ ପରିବେଶବିତ୍‌ମାନେ ମତ ପ୍ରକାଶ କରିଛନ୍ତି।

କୀର୍ତ୍ତନ ମଣ୍ଡପ ଉଦ୍ୟୋକ୍ତାଙ୍କୁ ସମ୍ବର୍ଦ୍ଧନା



ବାରିକପୁର,୨୨।୨(ସମିସ): ନବଗ୍ରହ ପ୍ରତିଷ୍ଠା ଉପଲକ୍ଷେ ଭଣ୍ଡାରିପୋଖରୀ ବ୍ଲକ୍ ଚତୁର୍ଭୁଜପୁର ମାଳଦା ଛୋଟେଶ୍ୱର ପୀଠରେ ରବିବାର ଏକ ସମ୍ବର୍ଦ୍ଧନା ଉତ୍ସବ ସାମ୍ବାଦିକ ଦୁର୍ଯ୍ୟୋଧନ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ୱାମୀ ରାଜ ରାଜେଶ୍ୱରୀ, ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ସଦସ୍ୟା ଗୀତାଞ୍ଜଳି ସାମଲ, ବରିଷ୍ଠ ନାଗରିକ ସୁଦାମ ଚରଣ ଦାସ, ଯୁବ ନେତା ପ୍ରତ୍ୟୁଷ ସାମଲ, ଅଜୟ କୁମାର ରାଉତ ପ୍ରମୁଖ ଯୋଗଦେଇ ବୈଦିକ ଅନୁଷ୍ଠାନ ଯୋଗୁଁ ଗ୍ରାମରେ ସୁନ୍ଦର ଭାଇଚାରା ସୃଷ୍ଟି ହୋଇଛି ବୋଲି ମତବ୍ୟକ୍ତ କରିଥିଲେ। ସରକାରୀ ପ୍ରୋତ୍ସାହନ ବିନା ଗ୍ରାମର ଯୁବ ଉଦ୍ୟୋକ୍ତା ଇଂ.ଦେବଦତ୍ତ ବାରିକ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି କୀର୍ତ୍ତନ ମଣ୍ଡପ ନିର୍ମାଣ, ମହାଦେବଙ୍କ ପୀଠରେ ଦେବଦେବୀଙ୍କ ବାସସ୍ଥଳୀ ଓ ନବଗ୍ରହ ସ୍ଥାପନ କରି ପ୍ରତିଷ୍ଠା କରିଥିବାରୁ ଅତିଥିମାନେ ତାଙ୍କୁ ସାଧୁବାଦ ଜଣାଇଥିଲେ। ସାମ୍ପ୍ରତିକ ସମୟରେ ପ୍ରତ୍ୟେକ ଗ୍ରାମର ଶିକ୍ଷିତ ଯୁବକମାନେ ଏଭଳି ବୈଦିକ ଅନୁଷ୍ଠାନ ନିର୍ମାଣରେ ମନୋନିବେଶ କରିବା ଉଚିତ୍ ବୋଲି ମୁଖ୍ୟ ଅତିଥି କହିଥିଲେ। ଏହି ଅବସରରେ ଗ୍ରାମବାସୀମାନଙ୍କ ତରଫରୁ ଅତିଥିମାନେ ଦେବଦତ୍ତ ଓ ତାଙ୍କ ପତ୍ନୀ ପ୍ରଜ୍ଞାପରମିତାଙ୍କୁ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମକୁ ଗ୍ରାମବାସୀ ଗୋବର୍ଦ୍ଧନ ଦାସ, ଶଶିକାନ୍ତ ଦାସ, ପରେଶ ବେହେରା, କାର୍ତ୍ତିକ ଚନ୍ଦ୍ର ସାମଲ, ପ୍ରଭାକର ଦାସ, ନିରାକାର ବେହେରା, ବୃନ୍ଦାବନ ବେହେରା, ମନୋଜ ବେହେରା, କାହ୍ନୁଚରଣ ବାରିକ ପ୍ରମୁଖ ପରିଚାଳନା କରିଥିଲେ।

ଅସହାୟ କର୍କଟ ପୀଡ଼ିତଙ୍କୁ ସହାୟତା ପ୍ରଦାନ



ଧାମନଗର,୨୨।୨(ସମିସ): ଭଦ୍ରକ ସମାଜ ମଙ୍ଗଳ ହୁଣ୍ଡିଦାନ ଶାଖା ତରଫରୁ ଅସହାୟ କର୍କଟ ପୀଡ଼ିତଙ୍କୁ ସହାୟତା ପ୍ରଦାନ କରାଯାଇଛି। ଏହି ଅବସରରେ ନବଜୀବନ ଫାଉଣ୍ଡେସନର ରାଜ୍ୟ ମୁଖ୍ୟ ମାନସ ରଞ୍ଜନ ସାହୁଙ୍କ ସଂଯୋଜନାରେ ରାଜ୍ୟ ସମାଜ ମଙ୍ଗଳ ହୁଣ୍ଡି ଭଦ୍ରକ ଶାଖା ପକ୍ଷରୁ ବେତାଳିଗାଁ ହାଟ ଗାନ୍ଧୀ ମଣ୍ଡପଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଧାମନଗର ବ୍ଲକ୍ ଧୂଷୁରୀ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ହସନାବାଦ ସରପଞ୍ଚ ଅଜୟ ମଲ୍ଲିକ, ହାଇକୋର୍ଟ ଆଇନଜୀବୀ ଦେବାଶିଷ ସାମଲ, ବ୍ଲକ୍ କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ବେହେରା, ଶିକ୍ଷାବିତ୍ କ୍ଷୀରୋଦ ବଳ, ସାମ୍ବାଦିକ ନରେନ୍ଦ୍ର ସାମଲ, ଅବସରପ୍ରାପ୍ତ ସୈନିକ କାଶୀନାଥ ମହାନ୍ତି, ଅଧ୍ୟାପକ ବିଜୟ କୁମାର ଦାଶ, ଚାଷୀ ନେତା ପୀତବାସ ମହାନ୍ତି, ବ୍ରଜେନ୍ଦ୍ର ମହାନ୍ତି, ବରିଷ୍ଠ ନାଗରିକ ତ୍ରିଲୋଚନ ଦାସ, ବିଦ୍ୟାଧର ବାରିକ, ସମାଜସେବୀ ବିରଞ୍ଚି ନାରାୟଣ ମହାଳିକ, ଦୀପ୍ତିରଞ୍ଜନ ବିଶ୍ୱାଳ, ଯୁବ ନେତା କାଳନ୍ଦୀ ସେଠୀ, ହିମାଂଶୁ ଜେନା, ଜୟ ପ୍ରକାଶ ନାୟକ, ଚନ୍ଦନ ଜେନା ପ୍ରମୁଖ ଅତିଥି ଭାବରେ ଯୋଗଦେଇ ପାଳସାହି ପଞ୍ଚାୟତ ଯେନାସାହିର କର୍କଟ ପୀଡ଼ିତା ଝୁନୁରାଣୀ ଯେନାଙ୍କୁ ୧୦ ହଜାର ୧୩୮ ଟଙ୍କା ପ୍ରଦାନ କରାଯାଇଥିଲା। ସମାଜ ମଙ୍ଗଳ ହୁଣ୍ଡିର ପ୍ରତିଷ୍ଠାତା ସମାଜସେବୀ ନାରାୟଣ ଚନ୍ଦ୍ର ଓଝାଙ୍କ ଅସହାୟ କର୍କଟ ପୀଡ଼ିତଙ୍କୁ ସହଯୋଗ ଓ ଏଭଳି ଅଭିନବ ପ୍ରୟାସକୁ ପ୍ରଶଂସା କରିବା ସହ କୃତଜ୍ଞତା ଜ୍ଞାପନ କରିଛନ୍ତି। ସମାଜସେବୀ ମିଥୁନ ଯେନା, ସତ୍ୟ ସାଏନ୍ତ, ଶୁଭସ୍ମିତା ପଲାଇ, ଆଲୋକ ଦାସ, ସୌମ୍ୟ ରଞ୍ଜନ ସାହୁ, ଏଲିଲତା ନାୟକ, ଆୟୁଷ୍ମାନ ସାହୁ ଆଦି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶିକ୍ଷକ ଚିତ୍ରଭାନୁ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

● ବାବାମଣି ଡିଗ୍ରୀ ମହାବିଦ୍ୟାଳୟରେ ମାନସିକ ଅବସାଦ କର୍ମଶାଳା

ସୁଖମୟ ଜୀବନ ନିମନ୍ତେ ମାନସିକ ସୁସ୍ଥତା ଜରୁରୀ

ଭଦ୍ରକ,୨୨।୨(ସମିସ): ଏକ ସୁଖମୟ ଜୀବନଯାପନ ନିମିତ ଶାରୀରିକ ସୁସ୍ଥତା ସହ ମାନସିକ ସୁସ୍ଥତା ମଧ୍ୟ ଖୁବ୍ ଜରୁରୀ। କିନ୍ତୁ ପ୍ରତିଯୋଗିତା ସମ୍ପନ୍ନ ଜଗତରେ ବ୍ୟକ୍ତି ନିଜର କାମନାକୁ ଚରିତାର୍ଥ କରିବାକୁ ଯାଇ ବିଫଳ ହେଲେ ଧୈର୍ଯ୍ୟହରା ହୋଇଥାଏ ଏବଂ ନିଜର କ୍ଷତି ସାଧନ କରିଥାଏ। ମାନସିକ ଅବସାଦ ଓ ଚାପର ବଶବର୍ତ୍ତି ହୋଇ ଆତ୍ମହତ୍ୟାର କରୁଣ କାହାଣୀ ବହୁ ଉଦାହରଣ ଆମପାଖରେ ଅଛି। ଏ ମାନସିକ ରୋଗର ଲକ୍ଷଣ କାରଣ ପ୍ରତିକାର ଆବଶ୍ୟକତା ଦୃଷ୍ଟିରୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ବାବାମଣି ଡିଗ୍ରୀ କଲେଜ ଏନ୍‌ଏସ୍‌ଏସ୍ ସଂସ୍ଥା ସହଯୋଗରେ ଏକ ମାନସିକ ଅବସାଦ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଆଲୋଚକ କ୍ଲିନିକାଲ ସାଇକୋଲଜିଷ୍ଟ ଲୋନି ଲିଓନି ବେହେରା ଏ



ସମ୍ବନ୍ଧରେ ଉପସ୍ଥିତ ଶତାଧିକ ଛାତ୍ରଛାତ୍ରୀଙ୍କଠାରେ ଆଲୋଚନା କରିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ସଂଗ୍ରାମ କିଶୋର ମହାନ୍ତିଙ୍କ ସଞ୍ଚାଳନରେ ଏବଂ ଅଧ୍ୟାପକ ପ୍ରଶାନ୍ତ କୁମାର ଦାସଙ୍କ ସଭାପତିତ୍ୱରେ ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଇଂ. ଅଭୟ ସୂତାର, ଅତିଥି ଭାବେ ଡ. ଅନିଲ ଦାସ, ଅଧ୍ୟାପକ ବିଜୟ କୁମାର ଦାଶ, କୋର୍ଡିନେଟର ଦେବେନ୍ଦ୍ର ନାୟକ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ +୨ ଅଧ୍ୟକ୍ଷ ନିହାର ରଞ୍ଜନ କର, ସୁବାସ ଚନ୍ଦ୍ର ପଣ୍ଡା, କେଶବକର ପଣ୍ଡା, ଶିବପ୍ରସାଦ ସାହୁ, ଲକ୍ଷ୍ମୀପ୍ରିୟା ରାଉତ, ମନ୍ଦାକିନୀ ମହାପାତ୍ର, କରିସ୍ମା ମହାନ୍ତି ପ୍ରମୁଖ ଅଧ୍ୟାପକ/ଅଧ୍ୟାପିକା ସହଯୋଗ କରିଥିଲେ।

ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ଅବସରକାଳୀନ ସମ୍ବର୍ଦ୍ଧନା



ଦୋଳସାହି,୨୨।୨(ସମିସ): ତିହିଡ଼ି ବ୍ଲକ୍ ଅଧୀନ ତାଳପଦା ପଞ୍ଚାୟତର ଆଗିରିଆ ଗାଁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଓ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ସରପଞ୍ଚ ଦୀନବନ୍ଧୁ ପତି, ସମ୍ମାନିତ ଅତିଥି ମନୋରଞ୍ଜନ ନାୟକ, ରୂପେଶ ସାହୁ, ସରୋଜ ଦାସ, ଶିବବ୍ରତ ମିଶ୍ର, କାଲାମ୍ ଖାଁ, ରମାକାନ୍ତ ଦାସ, ଶନିଶ୍ଚର ମହାଳିକ ଭାବେ ଯୋଗଦେଇଥିଲେ। ଶିକ୍ଷକ ମାୟାଧର ସାହୁ ସଭାପତିତ୍ୱ କରିଥିବାବେଳେ ଶିକ୍ଷକ ମନ୍ମଥ କୁମାର ଦାସ ସଭା ପରିଚାଳନା କରିଥିଲେ। ଆଗିରିଆ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସଞ୍ଜୁଲତା ବେହେରା ବିଦ୍ୟାଳୟର ବିବରଣୀ ପାଠ କରିଥିଲେ। ବର୍ଣ୍ଣାଢ୍ୟ ପରିବେଶରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଉଜ୍ଜ୍ୱଳା ମଞ୍ଜରୀ ବାରିକ ଓ ପ୍ରଭାତୀ ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁବାସ ବେହେରା, ବିଜୟ ବହେରା, ଭାସ୍କର ଚନ୍ଦ୍ର ବେହେରା, ରବିନାରାୟଣ ବେହେରା, ଦେବବ୍ରତ ଶତପଥୀ, ସଞ୍ଜୟ ମହାଳିକ, ସନ୍ତୋଷ ପାଣିଗ୍ରାହୀ, ଚନ୍ଦନ ମଲ୍ଲିକ ଓ ସମସ୍ତ ଗ୍ରାମବାସୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶ୍ରୀଗଣେଶ ସଂଗୀତ ବିଦ୍ୟାଳୟ ଅଧ୍ୟାପକ ଅଜୟ ପ୍ରଧାନ ଓ ସାଥୀ ଅଧ୍ୟାପକ, ଶିକ୍ଷାର୍ଥୀମାନେ "ବନ୍ଦେ ଉତ୍କଳ ଜନନୀ' ସ୍ୱାଗତ ସଂଗୀତ ଓ ବିଦାୟ ସଂଗୀତ ଗାନ କରିଥିଲେ। ପରିଶେଷରେ ମୁଖ୍ୟ ଅତିଥି ବିଦ୍ୟାଳୟର ପିଲାମାନଙ୍କୁ ପୁରସ୍କାର ଟ୍ରଫି ପ୍ରଦାନ କରିଥିଲେ।

ପଲିଥିନ୍ ତଳେ ଚାଷୀଙ୍କ ଭାଗ୍ୟ



ବାରିକପୁର,୨୨।୨(ସମିସ): ଏବେ ରାଜ୍ୟରେ ଲଘୁଚାପଜନିତ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଯୋଗୁଁ ସୋମବାର ଓ ମଙ୍ଗଳବାର ଦୁଇଦିନ ଧରି ବର୍ଷା ହୋଇପାରେ ବୋଲି ଅନୁମାନ କରାଯାଉଛି। ବର୍ଷା ହେଲେ ଖରିଫ୍ ଧାନ ବିକ୍ରି ପାଇଁ ଅପେକ୍ଷାରେ ଥିବା ଚାଷୀମାନେ ଭୀଷଣ କ୍ଷତିଗ୍ରସ୍ତ ହେବେ। ସେମାନଙ୍କର ବର୍ଷଯାକର ଅମଳ ସମ୍ପତ୍ତିକୁ ପଲିଥିନ୍ ଘୋଡ଼ାଇ ରଖିଛନ୍ତି।

ସୂଚନା ମୁତାବକ, ଭଣ୍ଡାରିପୋଖରୀ ବ୍ଲକ୍‌ର ୧୬ଟି ମଣ୍ଡିରେ ହଜାର ହଜାର କ୍ୱିଣ୍ଟାଲ ଧାନ ଗଚ୍ଛିତ ରହିଛି। ଏକ ସପ୍ତାହରୁ ଅଧିକ ହେବ ଜିଲ୍ଲା ମିଲର ସଂଘ ଶସ୍ୟ ସ୍ଥାନାନ୍ତରିତ କରୁନାହାନ୍ତି। ତେଣୁ ମଣ୍ଡିରେ ବସ୍ତା ବସ୍ତା ଧାନ ନାଟ ହୋଇ ରହିଛି। ବର୍ଷା ଆଶଙ୍କା କରି ସେଥିରେ ପଲିଥିନ୍ ଆବୃତ ହୋଇଥିଲେ ସୁଦ୍ଧା ତାହା ଶସ୍ୟ ସୁରକ୍ଷା ପାଇଁ ପର୍ଯ୍ୟାପ୍ତ ନୁହେଁ। ଯଦି ସାମାନ୍ୟ ବର୍ଷା ହୁଏ ତାହେଲେ କିଛି ପରିମାଣରେ ଧାନ ସୁରକ୍ଷା ହୋଇପାରିବ। ବର୍ଷାର ପରିମାଣ ବୃଦ୍ଧି ହେଲେ ଚାଷୀଙ୍କ ସର୍ବନାଶ ହେବ। ପ୍ରଶାସନ ଏଯାଏଁ ମଣ୍ଡିରୁ ଧାନ ନେବା ପାଇଁ କିଛି ବିକଳ୍ପ ବ୍ୟବସ୍ଥା କରୁନାହାନ୍ତି। ଫଳରେ ହଜାର ହଜାର ଚାଷୀ ଏବେ ସୁଦ୍ଧା ଧାନ ବିକ୍ରି କରି ନ ପାରି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଧାନ କ୍ରୟରେ ପୂର୍ବରୁ ଏଭଳି ଅବ୍ୟବସ୍ଥା କେବେ ବି ଦେଖାଦେଇ ନ ଥିଲା। ତେଣୁ ଚାଷୀମାନେ ଏବେ ଭାଗ୍ୟକୁ ଆଦରି ଧାନ ବିକ୍ରି ପାଇଁ କେବଳ ଦିନ ଗଣୁଛନ୍ତି।

■ ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ମେଢ଼ କମିଟି ପାଇଁ ନିର୍ଦ୍ଦେଶନାମା

ଡିଜେରେ ଲାଗିବନି ଭାଇବ୍ରେଟର

ଭଦ୍ରକ,୨୨।୨(ସମିସ): ଶ୍ରୀରାମ ନବମୀ ମହୋତ୍ସବକୁ ଭବ୍ୟ ଓ ଦିବ୍ୟ ଭାବେ ପାଳନ କରିବାକୁ ଯୋଜନା ପ୍ରସ୍ତୁତ କରିଛି ଶ୍ରୀରାମ ମହାଯଜ୍ଞ ସମିତି। ଚଳିତ ବର୍ଷ ଶ୍ରୀରାମ ନବମୀ ଦିନ ଅତି ଆକର୍ଷଣ ପାଲଟିଥିବା ନଗର ସଙ୍କୀର୍ତ୍ତନ ଶୋଭାଯାତ୍ରାକୁ ସରସ, ସୁନ୍ଦର ଓ ଶୃଙ୍ଖଳିତ ଭାବେ ପରିଚାଳନା ଉଦ୍ଦେଶ୍ୟରେ ସମସ୍ତ ମେଢ଼ କମିଟି ପାଇଁ ନିର୍ଦ୍ଦେଶନାମା ଏକ ପ୍ରେସ୍ ବିବୃତିରେ ଜାରି କରିଛି। ନିର୍ଦ୍ଦେଶନାମା ଅନୁସାରେ ମେଢ଼ ସହ ସଂଲଗ୍ନ ଥିବା ସାଉଣ୍ଡ ଗାଡ଼ିରେ ଭାଇବ୍ରେଟର ଲାଗିବ ନାହିଁ। ଯାହାକୁ ସୁପ୍ରିମକୋର୍ଟ ବ୍ୟାନ୍ କରିଛନ୍ତି। ଉଭୟ ମେଢ଼ ଓ ଡିଜେ ଗାଡ଼ିର ଉଚ୍ଚତା ଗ୍ରାଉଣ୍ଡ ଲେଭୁଲରୁ ୧୪ ଫୁଟ୍‌ରୁ କମ୍ ଏବଂ ଓସାର ୧୦ ଫୁଟ୍‌ରୁ କମ୍ ରହିବ। ନଗର ସଙ୍କୀର୍ତ୍ତନ ଶୋଭାଯାତ୍ରା ଦିନ ସମସ୍ତ ଶ୍ରୀରାମ ଭକ୍ତ ସାତ୍ୱିକ ଭୋଜନ ଗ୍ରହଣ କରିବାକୁ ଆଗ୍ରହ କରାଯାଇଛି। ଭଦ୍ରକ ପୌରପାଳିକା ଓ ଭଦ୍ରକ ବ୍ଲକ୍‌ରୁ ବାହାରୁଥିବା ସମସ୍ତ ମେଢ଼ ନେହେରୁ ଷ୍ଟାଡିୟମ୍‌ରେ ଅପରାହ୍ଣ ୩ଟାରେ ଏବଂ ଅନ୍ୟାନ୍ୟ ବ୍ଲକ୍ ଯଥାକ୍ରମେ ଖଇରା, ଚାନ୍ଦବାଲି, ଧାମନଗର, ତିହିଡ଼ି, ବାସୁଦେବପୁର, ବନ୍ତ ଓ ଭଣ୍ଡାରିପୋଖରୀ ବ୍ଲକ୍‌ରୁ ବାହାରୁଥିବା ମେଢ଼ଗୁଡ଼ିକ ନୂଆ ବସ୍‌ଷ୍ଟାଣ୍ଡ ଗୋଶାଳା ଛକରେ ଅପରାହ୍ଣ ୩ଟାରେ ପହଞ୍ଚିବେ। ପୁରୁଣା ବଜାରଆଡୁ ଆସୁଥିବା ମେଢ଼ଗୁଡ଼ିକ ମୋଚି ଛକରେ ଅପରାହ୍ଣରେ ୩ଟାରେ ମିଶିବେ। ଭଦ୍ରକ କଲେଜ ଛକଆଡୁ ଆସୁଥିବା ସମସ୍ତ ମେଢ଼ ବନ୍ତ ଛକରେ ଅପରାହ୍ଣ ୩ଟାରେ ମିଶିବେ। ଅସ୍ଥଳ ମେଢ଼ ଟାଉନ୍ ହଲ୍ ଛକରେ ଅପରାହ୍ଣ ୪ଟା ଏବଂ କୁଆଁଶ ମେଢ଼ ଅପରାହ୍ଣ ୪.୩୦ରେ ଟାଉନ୍ ଥାନା ଛକରେ ମିଶିବେ। ମଠସାହି ରାସ୍ତାରେ ଆସୁଥିବା ମେଢ଼ଗୁଡ଼ିକ ଗୋଶାଳା ଛକରେ ଅପରାହ୍ଣ ୪ଟାରେ ମିଶିବେ। ସମସ୍ତ ସୂଚନା ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ମେଢ଼ କମିଟିକୁ ଅବଗତ କରିଦିଆଯାଉଛି। ଯଦି କୌଣସି ମେଢ଼ ନିର୍ଦ୍ଧାରିତ ନିର୍ଦ୍ଦେଶନାମାକୁ ଅବମାନନା କିମ୍ବା ଅବଜ୍ଞା କଲେ ଉକ୍ତ ମେଢ଼ କମିଟି କ୍ଷେତ୍ରରେ ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ନବଗ୍ରହ ମନ୍ଦିରର ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ

ବାସୁଦେବପୁର,୨୨।୨(ସମିସ): ବାସୁଦେବପୁର ପୌରପାଳିକାର ତେନ୍ତୁଳିଆ ଗାଁର ଶ୍ରୀଶ୍ରୀ ନବଗ୍ରହ ମହାପ୍ରଭୁଙ୍କର ୨୦ତମ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ



ହୋଇଯାଇଛି। ଏହି ଅବସରରେ ଏକ କଳସ ଶୋଭାଯାତ୍ରାରେ ଘଟ ଉତ୍ତୋଳନ କରିଥିଲେ। ଶ୍ରୀଶ୍ରୀ ନବଗ୍ରହଙ୍କ ସହସ୍ର ନାମଯଜ୍ଞ, ବିଷ୍ଣୁ ଓ ଶିବଙ୍କର ସହସ୍ର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ପଣ୍ଡିତମାନଙ୍କ ହୋମଯଜ୍ଞରେ ବେଦମନ୍ତ୍ର ଧ୍ୱନୀରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଭକ୍ତମାନଙ୍କ ଦ୍ୱାରା ଗୀତାପାଠ ଅନୁଷ୍ଠିତ ହୋଇଯାଇଛି। ତିନିଦିନ ଧରି ଚାଲିଥିବା ବାର୍ଷିକ ଉତ୍ସବ ଶେଷ ହୋଇଯାଇଛି। ଶହଶହ ଭକ୍ତି ଅର୍ଘ୍ୟରେ ଭକ୍ତ ପୂଜାର୍ଚ୍ଚନା କରି ଆଶୀର୍ବାଦ କାମନା କରିଥିଲେ। ମନ୍ଦିର କମିଟି ପକ୍ଷରୁ ହଜାର ହଜାର ଭକ୍ତଙ୍କ ଲାଗି ପ୍ରସାଦସେବନ ବ୍ୟବସ୍ଥା କରାଯାଇଥିଲା। ଭଜନ ସନ୍ଧ୍ୟାରେ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ।

ଚୋରା ମଦ ବିକ୍ରିକୁ ବିରୋଧ; ଦୋକାନ ଭାଙ୍ଗିଲେ ଶତାଧିକ ମହିଳା



ଧାମନଗର/ଅସୁରାଳି,୨୨।୨(ସମିସ): ଧାମନଗର ବ୍ଲକ୍ ଓ ଧୂଷୁରୀ ଥାନା ଅନ୍ତର୍ଗତ ନଦିଗାଁ ପଞ୍ଚାୟତ ଅଧୀନସ୍ଥ ତିନିଘରିଆ ଗ୍ରାମରେ ଚୋରା ମଦ ବିକ୍ରିକୁ ନେଇ ଶତାଧିକ ମହିଳାଙ୍କ ଆକ୍ରୋଶ ଓ ଉତ୍ତେଜନା ସହିତ ଦୋକାନ ଭାଙ୍ଗିବା ଦୃଶ୍ୟ ଦେଖିବାକୁ ମିଳିଛି। କୋଚିଲା ନାୟକାଣୀ ପୀଠ ନିକଟରେ ବାବୁଲି ମଲିକ ଦୀର୍ଘଦିନ ଧରି ଅବାଧ ମଦ ବିକ୍ରି କରୁଥିବା ଅଭିଯୋଗ ହୋଇଥିଲା। ସ୍ଥାନୀୟ ମହିଳାମାନେ ଏହାକୁ ବିରୋଧ କରି ଉକ୍ତ ଘର ଉପରେ ଚଢ଼ଉ କରିଥିଲେ। ମହିଳାମାନେ ବସ୍ତା ବସ୍ତା ମଦ ଜବତ କରିବା ସହିତ ଘରକୁ ଭାଙ୍ଗିଦେଇଥିବା ଦେଖିବାକୁ ମିଳିଥିଲା। ଏହା ସହ ରାସ୍ତା ଉପରେ ମଦ ବୋତଲ ଭାଙ୍ଗି ଦେବା ସହିତ ଘୋର୍ ବିରୋଧ କରିଥିଲେ। ଖବର ପାଇ ଧୂଷୁରୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ମହିଳାମାନଙ୍କୁ ବୁଝାସୁଝା କରି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଏହି ମଦ ବିରୋଧୀ ଅଭିଯାନରେ ଭଗବତୀ ସାହୁ, ବାସନ୍ତୀଲତା ସାହୁଙ୍କ ସମେତ ବହୁ ମହିଳା ମଦ ବିରୋଧରେ ସାମିଲ୍ ହୋଇଥିବାବେଳେ ଉକ୍ତ ଅଞ୍ଚଳରେ ଚୋରା ମଦ ବିକ୍ରିକୁ ବିରୋଧ କରିଥିବାରୁ ମହିଳାମାନଙ୍କ ଏହି ପଦକ୍ଷେପକୁ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ମଦ ବିକ୍ରିକୁ ନେଇ ଧୂଷୁରୀ ଥାନାରେ କେସ୍ ନଂ ୧୮୪/୨୬ରେ ଏକ ମାମଲା ରୁଜୁ କରାଯାଇଛି ବୋଲି ଆଇଆଇସି ଅଜୟ କୁମାର ସୁଦର୍ଶନ ବେଜଙ୍କଠାରୁ ସୂଚନା ମିଳିଛି।

ଆଉ ଦେଖିବାକୁ ମିଳୁନି ଓଡ଼ିଆ ଘରର ମୁଖ୍ୟ ଆଭିଜାତ୍ୟର ପ୍ରତୀକ

ସମୟଚକ୍ରରେ ବିଲୁପ୍ତ ହେବାକୁ ବସିଛି ଅମାର

ବନ୍ତ/ଆଗରପଡ଼ା,୨୨।୨(ସମିସ):



ସମୟଚକ୍ରରେ ଗୋଟିକ ପରେ ଗୋଟିଏ ପୁରୁଣା ଜିନିଷର ଅନ୍ତର୍ଦ୍ଧାନ ପରିପ୍ରେକ୍ଷୀରେ ଏବେ ଅମାର ବି ଓଡ଼ିଆ ଘରୁ ବିଦାୟ ନେଇଛି। ଯଦିବା କେଉଁଠି କେମିତି ରହିଛି ତାହା ପୁଣି ଅଦରକାରୀ, ଅବ୍ୟବହୃତ ଆଉ ଭଗ୍ନପ୍ରାୟ।

ସୂଚନା ଅନୁଯାୟୀ, ଏକଦା ଆଭିଜାତ୍ୟର ପ୍ରତୀକ ଓ ଚାଷୀ ଘରର ଏକ ବଳିଷ୍ଠ ଖୁଣ୍ଟ ଭାବେ ପ୍ରତୀୟମାନ ଅମାରର ଉପସ୍ଥିତି ସେ ବେଳରେ ବେଶ୍ ପରିଚୟ ବହନ କରୁଥିଲା। ଓଡ଼ିଆ ଘରେ ଚାଷକୁ ପ୍ରାଧାନ୍ୟ ଦେଇ ପ୍ରତିବର୍ଷ ଚାଷରୁ ମିଳୁଥିବା ଅମାପ ଧାନକୁ ଯେଉଁ ସ୍ଥାନରେ ଠୁଳ କରି ସୁରକ୍ଷିତ ରଖାଯାଉଥିଲା ତାହାହିଁ ହେଉଛି ଅମାର ବା ଅମ୍ବାର। ଏହା ପ୍ରକାରାନ୍ତରେ କାଠପଟା, ମାଟି କାନ୍ଥ ଅଥବା ବହୁତ ସ୍ଥାନରେ ସିମେଣ୍ଟ ଘର ମଧ୍ୟରେ ହୋଇଥାଏ। ଏମିତିକି ଚାଷୀ ତା'ର ଧାନକୁ ମାଟି ମଧ୍ୟରେ ପୋତି ଧାନକୁ ମଧ୍ୟ ରଖିଥାଏ କିମ୍ବା ଛଣରେ ତିଆରି ଧାନ ଓଳିଆ ଭିତରେ ମଧ୍ୟ ଧାନକୁ ନିରାପଦରେ ବର୍ଷ ବର୍ଷ ଧରି ରଖାଯାଏ। ଅମାର କିନ୍ତୁ ସବୁଠାରୁ ନିରାପଦ ଆଉ ସୁରକ୍ଷିତ ସ୍ଥାନ। ବିଶେଷ କରି ଆଗେ ଛଣଛପର ଘରେ ଅମାରର ଉପସ୍ଥିତି ବେଶ୍ ଗୁରୁତ୍ୱ ବହନ କରୁଥିଲା। ଘରର ଅମାରକୁ ଦେଖି ପରିବାର ସମ୍ପର୍କରେ ଅବଗତ ମଧ୍ୟ ହେଉଥିଲା। କହିବାକୁ ଗଲେ ଅମାରର ଗୁରୁତ୍ୱ ସେବେଳରେ ଯାହା ଥିଲା ତାହା ଏବେ ବିଲୁପ୍ତ ପ୍ରାୟ। କାଁ ଭାଁ କେଉଁଠି ଏବେ ଅମାରକୁ ଦେଖିବାକୁ ମିଳୁଛି। ଯଦିବା ତା'ର ଉପସ୍ଥିତି ଅନୁଭବ କରାଯାଉଛି ତାହା ପୁଣି ଜରାଜୀର୍ଣ୍ଣ ଓ ଅବ୍ୟବହୃତ। ଉକ୍ତ ଭଣ୍ଡାରଗୃହଟି ଏବେ ହୋଇଯାଇଛି ଅଦରକାରୀ। ଓଡ଼ିଆ ଘରର ମୁଖ୍ୟ ଆଭିଜାତ୍ୟର ପ୍ରତୀକ ଅମାର ଏବେ ଦେଖିବାକୁ ମିଳୁନି। ଆଧୁନିକ ଯୁଗରେ ସମୟଚକ୍ରରେ ଧାନ, ବିରି, ମୁଗ, ବାଦାମ ଭଳି ଖାଦ୍ୟଶସ୍ୟକୁ ସୁରକ୍ଷିତ ରଖିବାକୁ ଏବେ ବହୁ ପ୍ରକାର ମାଧ୍ୟମ ଉପଲବ୍ଧ ହେଉଥିବାରୁ ଅମାର ଏବେ ଅଦରକାରୀ ହୋଇପଡ଼ିଛି। ବର୍ତ୍ତମାନ ସମୟରେ ଚାଷ ଜମିରୁ ଓ ଧାନ ଖଳାରୁ ଧାନ ବିକ୍ରି ହୋଇଯାଉଥିବା ଫଳରେ ଅମାରର ଆବଶ୍ୟକତା ପଡୁନାହିଁ ବୋଲି ବହୁ ବରିଷ୍ଠ ଚାଷୀ କହୁଥିବାବେଳେ ଅମାର କ'ଣ ବୋଲି ଆଜିକା ପିଲା ପଚାରୁଥିବା ଶୁଣିବାକୁ ମିଳୁଛି। ବହୁ ବୟୋଜ୍ୟେଷ୍ଠ ବ୍ୟକ୍ତି ଅମାର ଆଗାମୀ ଦିନରେ ସମ୍ପୂର୍ଣ୍ଣ ଇତିହାସ ପାଲଟିଯିବ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି। ସୁତରାଂ ଓଡ଼ିଆ ଘରର ବହୁ ପାରମ୍ପରିକ ଜିନିଷର ଲୁପ୍ତପ୍ରାୟ ପରେ ଅମାର ଯେ ଏବେ ଆଉ ଦେଖିବାକୁ ମିଳିବନି ତାହା ଜଳଜଳ ଦିଶୁଥିବାବେଳେ ଆଗାମୀ ପିଢ଼ି କେବଳ ପଢ଼ା ବହିରେ ଅମାରର ଚିତ୍ର ଦେଖି ଅନୁଭବ କରୁଥିବେ ସିନା ବାସ୍ତବରେ କିନ୍ତୁ ଦେଖିପାରିବେନି, ତାହା ହିଁ ହେଉଛି ବିଡ଼ମ୍ବନା।

ଶ୍ରୀକ୍ଷେତ୍ର ସିଟି

୨୨/୨/୨୦୨୬ (ରବିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୫,୮୨,୫୦୩/- ସୁନା:୦୫.୧୬୦ ଗ୍ରାମ୍ ରୁପା: ୧୦.୫୯୦ ଗ୍ରାମ୍



ମାର୍ଚ୍ଚ ୩ରେ ଚନ୍ଦ୍ରଗ୍ରହଣ

ଶ୍ରୀମନ୍ଦିରରେ ହେବ ସ୍ୱତନ୍ତ୍ର ନୀତି

ପୁରୀ,୨୨।୨(ସମିସ)

ଆସନ୍ତା ମାର୍ଚ୍ଚ ୩ ତାରିଖ ଅର୍ଥାତ୍ ଦୋଳ ପୂର୍ଣ୍ଣିମାରେ ସଂଘଟିତ ହେବ ଚନ୍ଦ୍ରଗ୍ରହଣ। ଏଥିପାଇଁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହେବ। ଆସନ୍ତା ମଙ୍ଗଳବାର ଛତିଶା ନିଯୋଗ ବୈଠକ ଚନ୍ଦ୍ରଗ୍ରହଣର ନୀତି ନିର୍ଘଣ୍ଟ କରାଯିବ। ମାର୍ଚ୍ଚ ୩ ତାରିଖ ଅପରାହ୍ଣ ୩ଟା ୨୦ ମିନିଟ୍ ୧୭ ସେକେଣ୍ଡରେ ଗ୍ରହଣ ସ୍ପର୍ଶ ଥିବାରୁ ସେହି ସମୟରୁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହେବ। ତେବେ ଗ୍ରହଣ ସ୍ପର୍ଶର ୯ ଘଣ୍ଟା ପୂର୍ବରୁ ପାକତ୍ୟାଗ ଏବଂ ଦେବନୀତି ନିଷେଧ ଥିବାରୁ ପୂର୍ବଦିନ ରାତି ୩ଟାରୁ ଶ୍ରୀମନ୍ଦିର ଦ୍ୱାରଫିଟା ନୀତି ଅନୁଷ୍ଠିତ ହେବ। ପରେ ମଙ୍ଗଳ ଆଳତି ନୀତି ସହିତ ଅବକାଶ ନୀତି ଶେଷ ହେବା ପରେ ଦେବନୀତିକୁ ବନ୍ଦ କରାଯିବ। ଦୋଳପୂର୍ଣ୍ଣିମା ଦିନ ସକାଳ ୬ଟା ୮ ମିନିଟ୍ ସୂର୍ଯ୍ୟୋଦୟ ସମୟ ଥିବାବେଳେ ଏହି ସମୟରୁ ଶ୍ରୀମନ୍ଦିରରେ ଦେବନୀତି ବନ୍ଦ ରହିବ। ଭକ୍ତମାନେ ମହାପ୍ରଭୁଙ୍କୁ ରତ୍ନସିଂହାସନରେ ଦର୍ଶନ କରିପାରିବେ।

୨୪ରେ ଛତିଶା ନିଯୋଗ ବୈଠକରେ ହେବ ନୀତି ନିର୍ଘଣ୍ଟ



ଜଗନ୍ନାଥ ସଂସ୍କୃତି ପ୍ରଚାରକ ପଣ୍ଡିତ ପଦ୍ମନାଭ ତ୍ରିପାଠୀ ଶର୍ମା କହିଛନ୍ତି, 'ଗ୍ରହଣ ସ୍ନାନ ନୀତି ପରେ ରୋଷହୋମ, ଦ୍ୱାରପାଳ ପୂଜା, ସୂର୍ଯ୍ୟପୂଜା ଓ ଗ୍ରହଣ ପୂଜା ନୀତି ହୋଇ ଖଇକୋରା ଭୋଗ ଅନୁଷ୍ଠିତ ହେବ। ଏହାପରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଦୋଳଗୋବିନ୍ଦ, ଭୂଦେବୀ, ଶ୍ରୀଦେବୀ ଦୋଳ ବିମାନରେ ବିଜେ କରି ଦୋଳବେଦୀକୁ ବିଜେ କରିବେ। ସେଠାରେ ଠାକୁରଙ୍କର ତିନି ଧୂପ, ରାଜନୀତି, ବନ୍ଦାପନା ସମେତ ଅନ୍ୟାନ୍ୟ ନୀତିକାନ୍ତି ଅନୁଷ୍ଠିତ ହେବ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ସୁନାବେଶ ବା ରାଜରାଜେଶ୍ୱର ବେଶ ଅନୁଷ୍ଠିତ ହେବ। ଭକ୍ତମାନେ ଦୋଳପୂର୍ଣ୍ଣିମା ରାତିରେ ମହାପ୍ରଭୁଙ୍କ ସୁନାବେଶ ଦର୍ଶନ ସହିତ ଦୋଳବେଦୀରେ ଠାକୁରଙ୍କୁ ମଧ୍ୟ ଦର୍ଶନ କରିପାରିବେ।

ଅପରାହ୍ଣ ୩ଟା ୨୦ ମିନିଟ୍ ୧୭ ସେକେଣ୍ଡରେ ଗ୍ରହଣ ସ୍ପର୍ଶ ସମୟ ଥିବାବେଳେ ସନ୍ଧ୍ୟା ୬ଟା ୪୭ ମିନିଟ୍ ୧୩ ସେକେଣ୍ଡରେ ଗ୍ରହଣ ସର୍ବମୋକ୍ଷ ହେବ। ବିଧି ଓ ପରମ୍ପରା ଅନୁଯାୟୀ ଗ୍ରହଣ ସ୍ପର୍ଶର ୯ ଘଣ୍ଟା ପୂର୍ବରୁ ଦେବନୀତି ଓ ପାକତ୍ୟାଗ ନିଷେଧ। ମଙ୍ଗଳବାର ସକାଳ ୬ଟା ୮ ମିନିଟରେ ସୂର୍ଯ୍ୟୋଦୟ ସମୟରୁ ଦେବନୀତି ଏବଂ ପାକତ୍ୟାଗ ବିଧି ରହିଛି। ସନ୍ଧ୍ୟା ୬ଟା ୪୭ ମିନିଟ୍ ୧୩ ସେକେଣ୍ଡରେ ଗ୍ରହଣ ସର୍ବମୋକ୍ଷ ହେବା ପରେ ଦୋଳପର୍ବ ପାଳନ କରୁଥିବା ବ୍ୟକ୍ତିମାନେ ଠାକୁରଙ୍କୁ ଦୋଳବେଦୀରେ ବିଜେ କରି ଏହି ପର୍ବ ପାଳନ କରିପାରିବେ। ଅନ୍ୟପକ୍ଷରେ ଦୋଳ ପୂର୍ଣ୍ଣିମାରେ ଚନ୍ଦ୍ରଗ୍ରହଣ ପଡୁଥିବାରୁ ମହାପ୍ରଭୁଙ୍କ ସକାଳ ଧୂପ ନୀତି ଶେଷ ହେଲା ବେଳକୁ ସନ୍ଧ୍ୟା ୭ଟା ହୋଇଯାଇଥିବ। ଯେଉଁ ଭକ୍ତମାନେ ମହାପ୍ରସାଦ ନେବାକୁ ଇଚ୍ଛା କରିବେ ସେମାନେ ସନ୍ଧ୍ୟା ବେଳେ ସକାଳ ଧୂପରୁ ବାହାରିଥିବା ମହାପ୍ରସାଦ ସହ ଶୁଖିଲି ଭୋଗ ନେଇପାରିବେ। କିନ୍ତୁ ବରାଦି ଭୋଗ ବାହାରିବାରେ ଅହେତୁକ ବିଳମ୍ବ ହେବାକୁ ଥିବାରୁ ଚନ୍ଦ୍ରଗ୍ରହଣ ଦିନ ଭକ୍ତଙ୍କୁ ବରାଦି ଭୋଗ ମିଳି ନ ପାରେ।

ବେଆଇନ ଇଟାଭାଟିରେ ବୁଲିଲା ବୁଲ୍‌ଡୋଜର

ପୁରୀ,୨୨।୨(ସମିସ): ପୁରୀ ସହର ଉପକଣ୍ଠରେ ବେଆଇନ ଭାବେ ମାଳମାଳ ଇଟାଭାଟି ଚାଲୁଥିବା ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା। ମାସେ ପୂର୍ବରୁ ଏହାର ତଦନ୍ତ କରାଯାଇଥିଲା। ପୁରୀ ସଦର ଅଞ୍ଚଳର ବିଭିନ୍ନ ଜାଗାରେ ବେଆଇନ ଭାବେ ଇଟାଭାଟି ହୋଇଥିବା ଜଣାପଡ଼ିଥିଲା। ବିଶେଷକରି ବାଲିପଡ଼ାରେ ବେଆଇନ ଇଟାଭାଟି ଖଣି ଅଧିକାରୀ ନଜରକୁ ଆସିବା ପରେ ଏହାକୁ ନେଇ ଖୋଳତାଡ଼ କରାଯାଇଥିଲା। ଗତ ୯ ତାରିଖରେ ଉପଜିଲ୍ଲାପାଳ ସମ୍ପୃକ୍ତ ଇଟାଭାଟି ମାଲିକଙ୍କୁ ନୋଟିସ୍ ଜାରି କରିଥିଲେ। ୭ ଦିନ ପୂର୍ବରୁ ଏହି ବେଆଇନ ଇଟାଭାଟି ଉଚ୍ଛେଦ ହେବ ବୋଲି ଜଣାଇ ଦିଆଯାଇଥିବା ବେଳେ ରବିବାର ଭଙ୍ଗାଯାଇଛି। ଭାର୍ଗବୀ ନଦୀପଠାରେ ଚାଲିଥିବା ବେଆଇନ ଇଟାଭାଟିରେ ବୁଲିଛି ବୁଲ୍‌ଡୋଜର। ଖଣି ଅଧିକାରୀଙ୍କ ସମେତ ଅତିରିକ୍ତ ତହସିଲ୍‌ଦାର, ଆର୍‌ଆଇ, ପୁଲିସ ଏବଂ ଅଗ୍ନିଶମ ଅଧିକାରୀଙ୍କ ଉପସ୍ଥିତିରେ ଏହି ଉଚ୍ଛେଦ କରାଯାଇଥିଲା। ଶୁଖୁଥିବା ଇଟା ଏବଂ ପୋଡ଼ା ଯାଇଥିବା ଇଟାଭାଟିରେ ବୁଲ୍‌ଡୋଜର ମାଡ଼ କରାଯାଇଥିଲା। ଏହି ସମୟରେ ବେଆଇନ ଭାବେ ଇଟାଭାଟି କରିଥିବା ବ୍ୟକ୍ତିଙ୍କ ପରିବାରର ମହିଳାମାନେ ପହଞ୍ଚି ଅଧିକାରୀମାନଙ୍କୁ ଗୁହାରି କରିଥିଲେ। ପାଖାପାଖି ୧୧ ଜଣଙ୍କର ୩୦ରୁ ୪୦ ହଜାର ଇଟା ନଷ୍ଟ କରାଯାଇଥିଲା। ସୂଚନା ଅନୁଯାୟୀ, ସଦର ବ୍ଲକ୍‌ର ୫ଟି ଆର୍‌ଆଇ ସର୍କଲରେ ବେଆଇନ ଇଟାଭାଟି ଉଚ୍ଛେଦ ହେବ ବୋଲି ସ୍ଥିର ହୋଇଛି। ରବିବାର ଗୋଟିଏ ସର୍କଲରେ ଉଚ୍ଛେଦ କରାଯାଇଥିବା ବେଳେ ଆଗକୁ ଆହୁରି ୪ଟି ସର୍କଲରେ ଉଚ୍ଛେଦ କରାଯିବ ବୋଲି ଅତିରିକ୍ତ ତହସିଲ୍‌ଦାର ସୂଚନା ଦେଇଛନ୍ତି।

ସୂଚନାଥାଉ କି, ପୁରୀ ଜିଲ୍ଲାରେ ବେଧଡ଼କ ଚାଲିଛି ମାଳମାଳ ଇଟାଭାଟି। ଲୁଟ୍ ହେଉଛି ବାଲି, ମାଟି। ବିଶେଷକରି ଅନେକ ଜାଗାରେ ନଦୀର ଭିତର ପାଶ୍ୱର୍ ପଠାରେ ବେଆଇନ ଭାବେ ଇଟାଭାଟି

୫ଟି ଆର୍‌ଆଇ ସର୍କଲରେ ହେବ ଉଚ୍ଛେଦ

କରାଯାଇଛି। ଇଟା ମାଫିଆମାନେ ସେହି ନଦୀପଠାକୁ ତାଡ଼ି ଇଟା ପ୍ରସ୍ତୁତ କରୁଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏଥିଯୋଗୁଁ ନଦୀବନ୍ଧଗୁଡ଼ିକ ଦୁର୍ବଳ ହେଉଛି। ଫଳରେ ନଦୀରେ ପାଣି ଆସିଲେ ଘାଇ ସୃଷ୍ଟି ହେବାର ଭୟ ବି ରହୁଛି। ଏହି ବାଲି ଏବଂ ମାଟି ବେପାରୀଙ୍କ ଯୋଗୁଁ ଜନଜୀବନ ବିପଦରେ ପଡୁଥିଲେ ମଧ୍ୟ ଏଥିପ୍ରତି ଅଧିକାରୀଙ୍କ ନିଘା ନାହିଁ। ବରଂ ସେମାନଙ୍କ ସହ ହାତ ମିଳାଇ ଏଭଳି ବେଆଇନ କାର୍ଯ୍ୟକୁ ପ୍ରୋତ୍ସାହନ ଦେଉଥିବା ଅଭିଯୋଗ ହୋଇଆସୁଛି।

ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ାଣ ଭିଡିଓ ଭାଇରାଲ

ପୁରୀ,୨୨।୨(ସମିସ): ପୁଣି ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମନ୍ଦିର ଉପରେ ଡ୍ରୋନ୍ ଉଡ଼ିବା ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ରବି ପ୍ରଭୁ ନାମକ ବ୍ୟକ୍ତି ତାଙ୍କ ଇନ୍‌ଷ୍ଟାଗ୍ରାମ୍ ଆଇଡିରେ ମନ୍ଦିର ଉପରେ ଡ୍ରୋନ୍ ଉଡ଼ାଣ ଭିଡିଓ ଅପ୍‌ଲୋଡ୍ କରିଛନ୍ତି। ମାତ୍ର ୨୪ ସେକେଣ୍ଡର ଏହି ଭିଡିଓରେ ସେ ବ୍ୟକ୍ତି ଜଣକ ଡ୍ରୋନ୍ ଧରି ହାତରେ ଦେଖାଇବାର ଦୃଶ୍ୟ ରହିଛି। ତେବେ ଭିଡିଓଟି ୬ ଘଣ୍ଟା ପୂର୍ବରୁ ରବି ପ୍ରଭୁ ତାଙ୍କ ଆଇଡିରେ ଅପ୍‌ଲୋଡ୍ କରିଥିବାବେଳେ ଏହି ଡ୍ରୋନ୍ ଭିଡିଓ ଶ୍ରୀମନ୍ଦିର ଉପରେ କେବେ ଉଡ଼ିଥିଲା ତାହା ସ୍ପଷ୍ଟ ହୋଇନାହିଁ। ବାରମ୍ବାର ମନ୍ଦିର ଉପରେ ଡ୍ରୋନ୍ ଉଡୁଛି। ଏହା ଉପରେ ଅଙ୍କୁଶ ଲାଗିପାରୁ ନ ଥିବାବେଳେ ବିଭିନ୍ନ ସମୟରେ ଡ୍ରୋନ୍ ଜବତ କରାଯାଉଥିବାବେଳେ ଉଡ଼ାଣକାରୀଙ୍କୁ ମଧ୍ୟ କାବୁ କରାଯାଉଛି। ହେଲେ ଶ୍ରୀମନ୍ଦିର ଆଇନରେ ଏ ନେଇ କଡ଼ା ଦଣ୍ଡବିଧାନର ପ୍ରାବଧାନ ନ ଥିବାବେଳେ ଏଭଳି ଘଟଣା ବାରମ୍ବାର ଘଟିଚାଲିଛି। ଶ୍ରୀମନ୍ଦିର ଆଇନରେ ସଂଶୋଧନ ହୋଇ କଡ଼ା ଦଣ୍ଡବିଧାନ ହେଲେ ଏଥିରେ ରୋକ୍ ଲାଗିପାରିବ ବୋଲି କୁହାଯାଉଛି।

ହାପିନେସ୍ ଫାଉଣ୍ଡେସନର କ୍ଲିନ୍ ଅପ୍ ପୁରୀ କ୍ୟାମ୍ପେନ

ପୁରୀ,୨୨।୨(ସମିସ): ପୁରୀର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ହାପିନେସ୍ ଫାଉଣ୍ଡେସନ ତରଫରୁ କ୍ଲିନ୍ ଅପ୍ ପୁରୀ କ୍ୟାମ୍ପେନ୍‌ର ଶୁଭାରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଶତାଧିକ ସ୍ୱେଚ୍ଛାସେବୀଙ୍କ ସହଯୋଗରେ ତାଳବଣିଆ ମଧୁର ଜଳ ପ୍ରକଳ୍ପ ଅଞ୍ଚଳ ସଫେଇ କରାଯାଇଛି।



ଏହି କାର୍ଯ୍ୟକ୍ରମ ପୁରୀର ଶ୍ରୀଜଗନ୍ନାଥ ଅନୁରାଗୀ ଟ୍ରଷ୍ଟ, ଆସୋସିଏସନ ଅଫ୍ ଟୁଇଟର ଆକ୍ଟିଭିଷ୍ଟ, ଶ୍ରୀଜଗନ୍ନାଥ ଗୋ ସେବା ସଂସ୍ଥାନମ୍, ସ୍ୱଚ୍ଛ ସମାଜ ମିଶନ ଓ ଉମିଦ୍ ଫାଉଣ୍ଡେସନର ସେଚ୍ଛାସେବୀଙ୍କ ମିଳିତ ଉଦ୍ୟମରେ ସମ୍ପନ୍ନ ହୋଇଥିଲା। ଏଥିରେ ସ୍ୱେଚ୍ଛାସେବୀ ଅଜୟ କୁମାର ପ୍ରଧାନ ଓ ସଞ୍ଜୀବ କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ତାଳବଣିଆ ଥାନାର ଭାରପ୍ରାପ୍ତ ଅଧିକାରୀ ଅଭିନବ ମିଶ୍ର ଯୋଗଦେଇ ସ୍ୱେଚ୍ଛାସେବୀମାନଙ୍କୁ ଉତ୍ସାହିତ କରିବା ସହିତ ପ୍ରଶଂସା କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ପ୍ରଦୀପ୍ତ କୁମାର ପ୍ରଧାନ ଓ କାର୍ଯ୍ୟକାରୀ ସମ୍ପାଦକ ସୌମ୍ୟ ରଞ୍ଜନ ସାହୁ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

ଆୟୁର୍ବେଦ ସେବା ସୁଦୃଢ଼ୀକରଣ ପାଇଁ 'ସମ୍ପର୍କ'ର ଦାବି

ପୁରୀ,୨୨।୨(ସମିସ): ପୁରୀ ଜିଲ୍ଲାରେ ଆୟୁର୍ବେଦ ଚିକିତ୍ସା ବ୍ୟବସ୍ଥାକୁ ସୁଦୃଢ଼ କରିବା, ମାନବ ସମ୍ପଦ ବୃଦ୍ଧି ଓ ସେବା ବିସ୍ତାର କରିବାକୁ ନେଇ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସମ୍ପର୍କ' ପକ୍ଷରୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ନିବେଦନପତ୍ର ପ୍ରଦାଦ କରାଯାଇଛି। ସମ୍ପର୍କର ସମ୍ପାଦକ ସୌମେନ୍ଦ୍ର ଦାସଙ୍କ ନେତୃତ୍ୱରେ ମନ୍ତ୍ରୀଙ୍କୁ ଦିଆଯାଇଥିବା ଅନୁରୋଧ ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ପୁରୀର ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ଓ ସଂଲଗ୍ନ ଆୟୁର୍ବେଦ ଚିକିତ୍ସାଳୟରେ ସାଧାରଣ ଲୋକଙ୍କ ଆଗ୍ରହ ଦିନକୁ ଦିନ ବୃଦ୍ଧି ପାଉଥିବା ସତ୍ତ୍ୱେ ଡାକ୍ତର, ପ୍ରାଧ୍ୟାପକ, ନର୍ସ, ଫାର୍ମାସିଷ୍ଟ ଓ ପାରାମେଡିକାଲ୍ କର୍ମଚାରୀଙ୍କ ଗୁରୁତର ଅଭାବ ଦେଖାଯାଉଛି। ସେହିପରି ପଞ୍ଚକର୍ମ ବିଭାଗରେ ଆଧୁନିକ ଉପକରଣର ଅଭାବ ଓ ଆବଶ୍ୟକ ଔଷଧର ନିୟମିତ ଯୋଗାଣ ନ ଥିବାରୁ ରୋଗୀମାନେ ପୂର୍ଣ୍ଣ ସେବା ପାଇପାରୁନାହାନ୍ତି। ତେଣୁ ସମ୍ପର୍କ ପକ୍ଷରୁ ସରକାରଙ୍କ ନିକଟରେ ପୁରୀ ଜିଲ୍ଲାର ସମସ୍ତ ଆୟୁର୍ବେଦ ଚିକିତ୍ସାଳୟରେ ଖାଲି ପଦ ଶୀଘ୍ର ପୂରଣ, ପଞ୍ଚକର୍ମ ବିଭାଗକୁ ଆଧୁନିକ ଓ ସୁସଜ୍ଜିତ କରଯିବା, ଆବଶ୍ୟକ ଆୟୁର୍ବେଦିକ ଔଷଧର ନିୟମିତ ଯୋଗାଣ ସୁନିଶ୍ଚିତ କରିବା, ଚିକିତ୍ସାଳୟ ପରିସରରେ ଔଷଧୀୟ ଉଦ୍ଭିଦ ଉଦ୍ୟାନ ସ୍ଥାପନ ଓ ଗବେଷଣା କାର୍ଯ୍ୟକ୍ରମ ପ୍ରୋତ୍ସାହନ, ସହର ଓ ଗ୍ରାମାଞ୍ଚଳରେ ନିୟମିତ ନିଃଶୁଳ୍କ ଆୟୁର୍ବେଦ ସ୍ୱାସ୍ଥ୍ୟ ଶିବିର ଆୟୋଜନ ଓ ଆୟୁର୍ବେଦ ସେବାକୁ ରାଜ୍ୟ ସ୍ୱାସ୍ଥ୍ୟ ଯୋଜନାରେ ସକ୍ରିୟ ଭାବରେ ସମ୍ମିଳିତ କରାଯିବା ନେଇ ଦାବି ରଖାଯାଇଛି। ସଂଗଠନ ପକ୍ଷରୁ କୁହାଯାଇଛି ଯେ, ଯଦି ଉପରୋକ୍ତ ପଦକ୍ଷେପଗୁଡ଼ିକ ଶୀଘ୍ର ଗ୍ରହଣ କରାଯାଏ ତେବେ ପୁରୀ ଜିଲ୍ଲାରେ ଆୟୁର୍ବେଦ ଚିକିତ୍ସା ବ୍ୟବସ୍ଥା ଆହୁରି ସୁଦୃଢ଼ ହେବ ଓ ସାଧାରଣ ଲୋକେ ବ୍ୟାପକ ଭାବେ ଲାଭାନ୍ୱିତ ହେବେ। ସରକାର ଏହି ଦାବିଗୁଡ଼ିକୁ ସଦୟ ଦୃଷ୍ଟିରେ ନେଇ ଶୀଘ୍ର ପଦକ୍ଷେପ ଗ୍ରହଣ କରିବେ ବୋଲି ସଂଗଠନ ଆଶା ପ୍ରକାଶ କରିଛି। ଏହି ଅବସରରେ ବିଶ୍ୱଜିତ୍ ମିଶ୍ର, ଶୁଭ ପ୍ରସାଦ ଶର୍ମା, ରାକେଶ ସେଠୀ, ଅଶ୍ରୁଜିତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ବିନାୟକ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ବିଦ୍ୟାର୍ଥୀ ଉଚ୍ଚାକାଂକ୍ଷୀ ହେବାକୁ ପରାମର୍ଶ

ପୁରୀ,୨୨।୨(ସମିସ): ନବକଳେବର ରୋଡ୍ ମଧୁବନସ୍ଥିତ ବିନାୟକ ବିଦ୍ୟାମନ୍ଦିରର ପଞ୍ଚଦଶତମ ବାର୍ଷିକ ଉତ୍ସବ ଭୋଳାନାଥ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ଶିକ୍ଷାବିତ୍ ରାମଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ ପ୍ରାକ୍ତନ ନଗରପାଳ ସୁରେନ୍ଦ୍ର ନାଥ ଦାଶ। ଅନ୍ୟମାନଙ୍କ ମଧ୍ୟରେ ଓସେପାର ଯୁଗ୍ମ ନିର୍ଦ୍ଦେଶିକା ମମତା ମିଶ୍ର ମୁଖ୍ୟଅତିଥି, ପିଲାଙ୍କ ବିଜ୍ଞାନ କେନ୍ଦ୍ର ଅନୁସନ୍ଧାନର ସମ୍ପାଦକ ସୁରେନ୍ଦ୍ର କୁମାର ଦାଶ ମୁଖ୍ୟବକ୍ତା, ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ରତ୍ନାକର ବେହେରା, ରାଜକିଶୋର ସାହୁ ଏବଂ ସମାଜସେବୀ ପ୍ରଦ୍ୟୁମ୍ନ ମିଶ୍ର ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ସଂଯୁକ୍ତା ପ୍ରଧାନ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଏବଂ ପ୍ରଧାନଶିକ୍ଷକ ତଥା ସମ୍ପାଦକ ମନୋରଞ୍ଜନ ତ୍ରିପାଠୀ ବିବରଣୀ ପାଠ କରିଥିଲେ। ଅତିଥିମାନେ ରାଷ୍ଟ୍ର ଗଠନରେ ବିଦ୍ୟାର୍ଥୀଗଣ ନିଜକୁ ଭାଗିଦାର କରି ଉଚ୍ଚାକାଂକ୍ଷୀ ହେବାକୁ ପରାମର୍ଶ



ଦେଇଥିଲେ। ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଭୋଳାନାଥ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରବୀଣ କୁମାର ମହାନ୍ତି ଏବଂ ଆଞ୍ଚଳିକ ସାଧନା କେନ୍ଦ୍ର ସଂଯୋଜକ ସସ୍ମିତା ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଶିକ୍ଷାବିକାଶ ପରିଷଦ ମେଧା ବୃତ୍ତି ପାଇଥିବା ଶ୍ରେୟାଶୀ ଶ୍ରୀପାଦ ପ୍ରଧାନ, ପ୍ରତ୍ୟାଶା ପ୍ରିୟଦର୍ଶିନୀ ପଲେଇ, ଶ୍ରୀ ମହାପାତ୍ର, ବିଦ୍ୟାଶ୍ରୀ ସାହୁ, ଜଗନ୍ନାଥ ପ୍ରସାଦ ସାହୁ, ପ୍ରଭୁ ପ୍ରସାଦ ମହାନ୍ତି, ଅଂଶୁମାନ ଦାଶ, ବିଶ୍ୱରୂପା ପୃଷ୍ଟି, ସୌମ୍ୟଜିତ୍ ବେହେରା, ପଞ୍ଚମ ଶ୍ରେଣୀ ସରକାରୀ ବୃତ୍ତିଧାରୀ ବିଦ୍ୟାଶ୍ରୀ ସାହୁ, ଆର୍ଯ୍ୟଭଟ୍ଟ ଗଣିତ ମେଧାବୃତ୍ତିଧାରୀ ଦେବସ୍ମିତା ଜେନାଙ୍କ ସମେତ କ୍ରୀଡ଼ା ଚାମ୍ପିଅନ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ବିକାଶ ଦତ୍ତ।

ସଭା ପର୍ବ ପରେ ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କୁନି କୁନି ବିଦ୍ୟାର୍ଥୀ କଳାକାରମାନେ ଗଣେଶ ବନ୍ଦନା, ମଙ୍ଗଳା ଚରଣ, ଦାଣ୍ଡିଆ ନୃତ୍ୟ, ଦେଶାତ୍ମବୋଧ ସଙ୍ଗୀତ, ସମ୍ବଲପୁରୀ ନୃତ୍ୟ, ଜଗା ହାତରେ ପଘା, ରାଗିଛ କି ବାପା ତୁମେ, ଠୁକୁଲ୍ ଠାକୁଲ୍, ନହ୍ନା ମୁନ୍ନା ରାହି ହୁଁ ଆଦି ନୃତ୍ୟ ପରିବେଷଣ କରିଥିଲେ। ଗୀତିନାଟ୍ୟ "ଧର୍ମପଦ" ବିଶେଷ ଆକର୍ଷଣୀୟ ହୋଇଥିଲା। ବିଦ୍ୟାଳୟର ସମସ୍ତ ଗୁରୁମା' ଗୁରୁଜୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଡେଲାଙ୍ଗରେ ଆପ୍‌ର ସାଂଗଠନିକ ବୈଠକ

ପୁରୀ,୨୨।୨(ସମିସ): ରବିବାର ଡେଲାଙ୍ଗରେ ଆମ୍ ଆଦ୍‌ମୀ ପାର୍ଟି(ଆପ୍)ର ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯଇଛି। ନୂତନ ଭାବେ ଦାୟିତ୍ୱ ପାଇଥିବା ଆପ୍ ଓଡ଼ିଶା ଲିଗାଲ ସେଲ ସଭାପତି ସାର୍ଥକ ପରିଡ଼ାଙ୍କ ନେତୃତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପୁରୀ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି, ସମ୍ପାଦକ ସତ୍ୟଜିତ୍ ମହାନ୍ତି, କୋଷାଧ୍ୟକ୍ଷ ଅଭିଷେକ ପାଣିଗ୍ରାହୀ ଏବଂ ଦୁର୍ଗାଦାସପୁର ପଞ୍ଚାୟତର ଆପ୍ ନେତା ଭାଗିରଥି ନାୟକ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ଡେଲାଙ୍ଗ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରୁ ତପନ ସ୍ୱାଇଁ, ମନୋଜ ପରିଡ଼ା, ଦୀପକ କୁମାର ଭୁଜବଳଙ୍କ ସହ ଅନେକ ନୂତନ ସାଥୀ ପାର୍ଟିରେ ଯୋଗଦେଇଥିଲେ। ପାର୍ଟିର ବିଚାରଧାରା ଏବଂ ଆଗାମୀ ସାଂଗଠନିକ କାର୍ଯ୍ୟପନ୍ଥା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଆପ୍ ସାଧାରଣ ଜନତାଙ୍କ ପାର୍ଟି, ତେଣୁ ସାଧାରଣ ଜନତାଙ୍କ ସ୍ୱରକୁ ସରକାରଙ୍କ ପାଖରେ ପହଞ୍ଚାଇ କେମିତି ମୌଳିକ ସମସ୍ୟାର ସମାଧାନ ହୋଇପାରିବ ସେଥିପ୍ରତି ଡେଲାଙ୍ଗ ପିପିଲିରେ କାମ କରିବାକୁ ଜିଲ୍ଲା ସଭାପତି ଶ୍ରୀ ମହାନ୍ତି ଆହ୍ୱାନ ଦେଇଛନ୍ତି।

ନୈତିକ ଶିକ୍ଷା ଏକ ବିକଶିତ ଭାରତ ପାଇଁ ଆବଶ୍ୟକତା



ପୁରୀ,୨୨।୨(ସମିସ): ଆଜିର ଶିଶୁ କାଲିର ଭବିଷ୍ୟତ। ଏଣୁ କେବଳ ପାଠ୍ୟକ୍ରମ ଶିକ୍ଷା ନୁହେଁ ଏକ ବିକଶିତ ଭାରତବର୍ଷ ପାଇଁ ପିଲାମାନଙ୍କୁ ନୈତିକ ଶିକ୍ଷା ଓ ଦେଶାତ୍ମବୋଧର ଶିକ୍ଷା ଦେବା ଶିକ୍ଷାନୁଷ୍ଠାନର ଦାୟିତ୍ୱ ବୋଲି କହିଛନ୍ତି ସମାଜସେବୀ ବଦ୍ରି ମିଶ୍ର। ଝାଡ଼େଶ୍ୱର କ୍ଲବ୍ ପରିସରରେ ଡିଏମ୍ ପବ୍ଲିକ୍ ସ୍କୁଲର ଚତୁର୍ଥ ବାର୍ଷିକ ଉତ୍ସବରେ ଶ୍ରୀ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିଶୁ ଭଗବାନଙ୍କର ଏକ ସୁନ୍ଦର ସୃଷ୍ଟି ବୋଲି କହିଥିଲେ। ସ୍କୁଲ ସଭାପତି ସତ୍ୟନାରାୟଣ ଦାଶଙ୍କ ଅଧ୍ୟକ୍ଷତା ଓ ବିଦ୍ୟାଳୟର ଅଧ୍ୟକ୍ଷା ସଂଘମିତ୍ରା ଶତପଥୀଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡ. ବରେନ ଚନ୍ଦ୍ର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଶିକ୍ଷାବିତ୍ ପ୍ରମୋଦ କୁମାର କର ଓ ପ୍ରାକ୍ତନ କାଉନ୍‌ସିଲର ପ୍ରିତମ୍ ଜଗଦେବ ଯୋଗଦେଇ ବ୍ୟବସ୍ଥିତ ଶିକ୍ଷା ପଦ୍ଧତି, ଭଲମଣିଷ ତିଆରି କରୁ ବୋଲି ମତବ୍ୟକ୍ତ କରିଥିଲେ।

ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀ ତଥା କୋମଳମତି ଶିଶୁମାନେ ଚିତ୍ତାକର୍ଷକ ନୃତ୍ୟ ସଂଗୀତ ପରିବେଷଣ କରିଥିଲେ। ଅତିଥିମାନଙ୍କ ଦ୍ୱାରା ପିଲାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ପ୍ରଦୀପ ଶତପଥୀ।

ବାର୍ଷିକୋତ୍ସବରେ କୃତୀ ଛାତ୍ରଛାତ୍ରୀ ପୁରସ୍କୃତ



ପୁରୀ,୨୨।୨(ସମିସ): ଶ୍ରୀମନ୍ଦିର ସୁଆର ମହାସୁଆର ନିଯୋଗ ଦ୍ୱାରା ପରିଚାଳିତ ଲିଲି ଚାମ୍ପସ ଇଂରାଜୀ ମିଡିୟମ୍ ସ୍କୁଲର ସପ୍ତମ ବାର୍ଷିକୋତ୍ସବ 'ଉଡାନ' ସ୍ଥାନୀୟ ପୌରସଦନଠାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ନିଯୋଗର ସମ୍ପାଦକ ନାରାୟଣ ମହାସୁଆରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଉପଜିଲ୍ଲାପାଳ ରାଜ କିଶୋର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଆଶୀର୍ବାଣୀ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ କୃଷ୍ଣ ଚନ୍ଦ୍ର ସାମନ୍ତରାୟ ଏବଂ ମଧୁସୂଦନ ସିଂହାରୀ, ସୁଆର ମହାସୁଆର ନିଯୋଗ ସଭାପତି ପଦ୍ମନାଭ ମହାସୁଆର ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ବିନୋଦିନୀ କହଁର ଏବଂ ଉପସଭାପତି ବଙ୍କି ରାମଚନ୍ଦ୍ର ପ୍ରତିହାରୀ ମଞ୍ଚାସୀନ ଥିଲେ। ଅନୁଷ୍ଠାନର ସମ୍ପାଦିକା ତଥା ଅଧ୍ୟକ୍ଷ ରାଜଶ୍ରୀ କହଁର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନର ନିର୍ଦ୍ଦେଶକ ରବି ନାରାୟଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ସଭାକାର୍ଯ୍ୟକୁ ସାହିତ୍ୟିକ ଶ୍ୟାମ ପ୍ରକାଶ ସେନାପତି ସଞ୍ଚାଳନ କରିଥିଲେ। କୁନିକୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତାକର୍ଷକ ନୃତ୍ୟ ଗୀତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ରକ୍ତଦାନ ସେବାରେ 'ସମର୍ପଣ' ସମୃଦ୍ଧ ଓ ବିକଶିତ ହେଉ

ଜଗନ୍ନାଥଙ୍କ ପ୍ରେରଣାରେ ଅଟଳ ରକ୍ତଦାନ ଅଭିଯାନ: ସ୍ୱାସ୍ଥ୍ୟ ମନ୍ତ୍ରୀ

ପୁରୀ,୨୨।୨(ସମିସ)

ରକ୍ତଦାନ ମହାପୁଣ୍ୟ। ଏହି ସେବାରେ ସମର୍ପିତ ଓଡ଼ିଶାର ଅନନ୍ୟ ଅନୁଷ୍ଠାନ 'ସମର୍ପଣ' ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ସମୃଦ୍ଧ ଓ ବିକଶିତ ହେଉ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ। କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସର ସହଯୋଗରେ ସମର୍ପଣ ପକ୍ଷରୁ ରାଜ୍ୟସ୍ତରୀୟ ରକ୍ତଦାତା ସମାବେଶକୁ ଉଦ୍‌ଘାଟନ କରି ମନ୍ତ୍ରୀ କହିଥିଲେ ଯେ, ସରକାରଙ୍କ ଉଦ୍ୟମରେ ପ୍ରାକ୍ତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ନାମରେ ଓଡ଼ିଶାବାସୀଙ୍କ ପାଇଁ ହେଉଥିବା ଅଟଳ ରକ୍ତଦାନ ଅଭିଯାନ, ପୁରୀ ହସ୍ପିଟାଲରେ ବର୍ଣ୍ଣ ୟୁନିଟ୍ ଓ ରକ୍ତ ପୃଥକୀକରଣ ମେସିନ ସ୍ଥାପନର ପ୍ରଥମ ପ୍ରେରଣା ହିଁ ମହାପ୍ରଭୁ ଶ୍ରୀଜଗନ୍ନାଥ। ଆମ ସରକାର ଶ୍ରୀଜଗନ୍ନାଥ ପୁରୀର ସ୍ୱାସ୍ଥ୍ୟ ବିକାଶ ପାଇଁ ସଂକଳ୍ପବଦ୍ଧ। ଅନୁଷ୍ଠାନର ସଭାପତି ଡ. ଅଭିମନ୍ୟୁ



ଭୂୟାଁଙ୍କ ସଭାପତିତ୍ୱ ଓ ସମ୍ପାଦିକା ଜୟନ୍ତୀ ମହାପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସମାବେଶରେ ଅତିଥି ଭାବେ ପ୍ରାକ୍ତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ବିଜେପି ଜିଲ୍ଲା ସଭାପତି ଡା. ଦେବେନ୍ଦ୍ର ନାଥ ତରେଇ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅକ୍ଷୟ କୁମାର ଶତପଥୀ, ସମାଜସେବୀ ତଥା ଶତକ ରକ୍ତଦାତା ବଦ୍ରି ମିଶ୍ର, ସଦାଶିବ ପରିସରର ଭାରପ୍ରାପ୍ତ ନିର୍ଦ୍ଦେଶିକା ପ୍ରଫେସର ନିର୍ମଳା ପାଣିଗ୍ରାହୀ, ଡ. ଅମରେନ୍ଦ୍ର ନାୟକ, ଡା. ସଞ୍ଜୟ କୁମାର ସାହୁ, ଡା. ବିମଳ କୁମାର ସାହୁ, ଶିଳ୍ପପତି ରାଜକିଶୋର ପାତ୍ର, କୃଷ୍ଣଚନ୍ଦ୍ର ପାତ୍ର, ଗୋବିନ୍ଦ ପାତ୍ର, ଶିବ ନାରାୟଣ ସେନାପତି ଯୋଗଦେଇଥିଲେ।

କେଦାରନାଥ ମହାପାତ୍ର, ସୌମ୍ୟରଞ୍ଜନ ପାତ୍ର, ବିସ୍ମିତା ମହାନ୍ତି, ମଧୁମିତା ମହାପାତ୍ର, ରଶ୍ମୀ ରଞ୍ଜନ ଦାଶ, ସାଗରିକା ରଥ, ବଳରାମ ପାତ୍ର, ଶ୍ୟାମ ପ୍ରକାଶ ସେନାପତି, ମାନସୀ ରଥ, ଚନ୍ଦ୍ରମଣି ଦାସ ପ୍ରମୁଖ ମଞ୍ଚାସୀନ ଥିଲେ।

ଅନୁଷ୍ଠାନର ଆବାହକ ମଧୁସୂଦନ ମିଶ୍ରଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ଡ. ବିଶ୍ୱନାଥ ମିଶ୍ର, ଆମ ଓଡ଼ିଶା, ହୋପ୍ ଇଜ୍ ଲାଇଫ୍, ସାହି ଭାଇ, ମିଶନ ଓଡ଼ିଶା, ଜୀବନ ବିନ୍ଦୁ, ସେଣ୍ଟ ଜନ୍ ଆମ୍ବୁଲାନ୍ସ, ଭାରତ ବିକାଶ ପରିଷଦ, କଳିଙ୍ଗ ବୈଶ୍ୟ ସଂଘ, ରୋଟାରୀ କ୍ଲବ୍ ଅଫ୍ ଜଗନ୍ନାଥ ଧାମ, ହାପିନେସ୍ ଫାଉଣ୍ଡେସନ, ଦି ବେଲ୍, ଉର୍ଜାବାନ ଓଡ଼ିଶା, ଯୁବ ରେଡ୍‌କ୍ରସ ଦୟା ବିହାର ସମେତ ୪୦ଟି ଅନୁଷ୍ଠାନ, ବଲାଙ୍ଗିରର ବିଙ୍ଗ୍ ହ୍ୟୁମାନ ଫାଉଣ୍ଡେସନ ଓ ବୌଦ୍ଧର ନିଫା, ବ୍ରହ୍ମପୁରର ଲକ୍ଷ୍ମୀନାରାୟଣ ପାତ୍ର, ବାରିପଦାର ନିରୋଜ କୁମାର ପୋଥାଳ, କଟକର ସ୍ୱପ୍ନା ଫାଉଣ୍ଡେସନ, ଅକ୍ଷୟ କୁମାର ମାନସିଂହ ଓ ଇତିଶ୍ରୀ ସୁନ୍ଦରାଙ୍କ ସମେତ ଓଡ଼ିଶାର ୧୦୦ ନିୟମିତ ରକ୍ତଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ ଶିକ୍ଷାବିତ୍ ଶିବାନୀ ଭୂୟାଁ।

ଯାତ୍ରୀ ପ୍ରତୀକ୍ଷାଳୟ ପାଲଟିଛି କବାଡ଼ିଆ ଗୋଦାମ



ନିରାକାରପୁର,୨୨।୨ (ସମିସ): ଖୋର୍ଦ୍ଧା ଜିଲ୍ଲା ୧୬ ନଂ ଜାତୀୟ ରାଜପଥ ରାମେଶ୍ୱର ଛକ ଯାତ୍ରୀ ପ୍ରତୀକ୍ଷାଳୟ ଏବେ ପାଲଟିଛି କବାଡିଆ ଗୋଦାମ। ଦୀର୍ଘ ଦିନ ହେବ ଜଣେ ବ୍ୟକ୍ତି ଏହି ସ୍ଥାନଟିକୁ କବଜ୍ଜା କରି ରହୁଥିବାବେଳେ ପରେ ଏହାକୁ କବାଡିଆ ଗୋଦାମ କରିଦେଇଛନ୍ତି। ଏଣେ ଖରା ବର୍ଷାରେ ଯାତ୍ରୀ ମାନେ ବସ୍‌କୁ ଖୋଲା ଆକାଶ ତଳେ ଅପେକ୍ଷା କରୁଥିବା ଦେଖାଯାଉଛି। ପ୍ରକାଶ ଥାଉ କି ୧୬ ନଂ ଜାତୀୟ ରାଜପଥ ୬ ଲାଇନ ବିଶିଷ୍ଟ ହେବା ସମୟରେ ଏହି ଛକରେ ଓଭର ବ୍ରିଜ ହେବା ସହିତ ଛକର ଦୁଇ ପଟେ ଦୁଇଟି ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କରାଯାଇଥିଲା। କିନ୍ତୁ ଏହାକୁ ଜରି ପାଲ ଘୋଡା ଯାଇ ରଖାଯାଇ ଥିବାରୁ ଏହା ଯାତ୍ରୀଙ୍କ ସୁବିଧାରେ ଲାଗି ପାରୁ ନାହିଁ। ତେଣୁ ବିଭାଗୀୟ କର୍ତ୍ତୃପକ୍ଷ ଏହାକୁ ଯାତ୍ରୀଙ୍କ ବ୍ୟବହାର ପାଇଁ କିପରି ବ୍ୟବହାର ହୋଇ ପାରିବ ପଦକ୍ଷେପ ନେବାକୁ ଦାବି କରାଯାଇଛି।

ଏନ୍‌ଏଚ୍ ପାଲଟିଛି ଗଞ୍ଜେଇ ମାଫିଆଙ୍କ ଗଳା ରାସ୍ତା

ଖୋର୍ଦ୍ଧା,୨୨।୨(ସମିସ)

ଗଞ୍ଜେଇ ମାଫିଆଙ୍କ ଲାଗି ଗଳାରାସ୍ତା ପାଲଟିଛି ଜାତୀୟ ରାଜପଥ। ଦୈନିକ ଦିନ ଓ ରାତିରେ ଅବକାରୀ ଏବଂ ପୁଲିସକୁ ଚକମା ଦେଇ ବିଭିନ୍ନ ଫନ୍ଦିରେ ମାଫିଆମାନେ ଗଞ୍ଜେଇ ଚାଲାଣ କରୁଛନ୍ତି। ବୌଦ୍ଧ, କନ୍ଧମାଳ, ଫୁଲବାଣୀ, ସୋନପୁର ଭଳି ଜିଲ୍ଲାରୁ ବିପୁଳ ମାତ୍ରାରେ ଚୋରା ଗଞ୍ଜେଇ ଆସି ଖୋର୍ଦ୍ଧାରେ ମଧ୍ୟ ରହୁଛି। ଏପରିକି ଏଠାରୁ ଗଞ୍ଜେଇ ଓ ଭାଙ୍ଗ ଜାତୀୟ ରାଜପଥ ଦେଇ କଟକ, ପୁରୀ, ଭୁବନେଶ୍ୱର ପ୍ରମୁଖ ଅଂଚଳକୁ ମାଫିଆମାନେ ଚାଲାଣ କରି ବେଶ୍ ଲାଭବାନ ହେଉଥିବାବେଳେ ଏଥିରେ କଲେଜ ପଢୁଆ ଛାତ୍ରଙ୍କୁ ଅର୍ଥ ପ୍ରଲୋଭନ ଦେଖାଇ ତାଙ୍କ ଜରିଆରେ ବେପାର ଜମାଇଥିବା କୁହାଯାଉଛି। ଅବକାରୀ ବିଭାଗ ଏହାକୁ ଗୁରୁତ୍ୱର ସହ ନେଇଥିବାବେଳେ ଅବକାରୀ ଅଧିକ୍ଷକ ସୁମତୀ ତ୍ରିପାଠୀଙ୍କ ତତ୍ୱାବଧାନରେ ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ଅବକାରୀ ଟିମ ଚଢଉ ଆରମ୍ଭ କରିଛି। ଆଜିସୁଦ୍ଧା ୬ମାସ ଭିତରେ ଅବକାରୀ ଟିମ୍ ଜାତୀୟ ରାଜପଥ ସମେତ ଏହା ନିକଟ ବିଭିନ୍ନ ସ୍ଥାନରେ ଚଢଉ କରି ପ୍ରାୟ ୨କୁଇଁଟାଲ ୨୦କେଜି ଗଞ୍ଜାଇ ଜବତ କରିଥିବାବେଳେ ୧୦ଜଣ ବେପାରୀଙ୍କୁ ଗିରଫ କରିଛି।

ସେହିପରି ୨୦୨୩-୨୪ରେ ୨୬ଟି ମାମଲାରେ ୩୬୬.୪୫କେଜି ଏବଂ ୨୦୨୪-୨୫ରେ ୩୩ଟି ମାମଲାରେ ୧୮୯୩.୯କେଜି ଗଞ୍ଜେଇ ଜବତ ହୋଇଥିବା ଅବକାରୀ ଅଧିକ୍ଷକ ଶ୍ରୀମତୀ ତ୍ରିପାଠୀ ସୂଚନା ଦେଇଛନ୍ତି। ଏତେ ଧରପଗଡ ପରେ ବି କମୁନି ବେପାରୀଙ୍କ ସଂଖ୍ୟା। ବରଂ ବେଳକୁ ବେଳ ପ୍ରତିଛକ ଓ ନିଛାଟିଆ ସ୍ଥାନମାନଙ୍କରେ ଗଞ୍ଜେଡଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳୁଛି। ଖୋର୍ଦ୍ଧା ସହର ଏବଂ ଏହାର ଗ୍ରାମାଂଚଳର ପ୍ରତିଛକ,

୬ ମାସରେ ଧରାହେଲାଣି ୨ କ୍ୱିଣ୍ଟାଲ, ଗିରଫ ହେଲେଣି ୧୦

ଗଳି ଆଦିସ୍ଥାନମାନଙ୍କରେ ଥିବା ଦୋକାନ ଗୁଡିକରେ ଏବେ ଛତୁଫୁଟିଲାଭଳି ଗଞ୍ଜେଇ ପୁଡିଆ ମିଳୁଛି।

ମିଳିଥିବା ସୂଚନା ଅନୁସାରେ, ଗତ ସେପ୍ଟେମ୍ବରରୁ ଆଜିସୁଦ୍ଧା ପ୍ରାୟ ୬ମାସ ଭିତରେ ୨କ୍ୱିଣ୍ଟାଲ ୨୦କେଜି ୩୦୦ଗ୍ରାମ ଗଞ୍ଜେଇ ବିଭିନ୍ନସ୍ଥାନରୁ ଅବକାରୀ ବିଭାଗ ଧରିଛି। ଏହି ଘଟଣାରେ ୧୦ଜଣଙ୍କୁ ଅବକାରୀ ବିଭାଗ ଗିରଫ କରିଛି। ତେବେ ଗତ ସେପ୍ଟେମ୍ବର ୨ରେ ଖୋର୍ଦ୍ଧା ବାଇପାସରୁ ଅବକାରୀ ଟିମ୍ ୬କେଜି ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରିଥିଲା। ଉକ୍ତ ମାସ ୨୦ ତାରିଖରେ ଅବକାରୀ ମୋବାଇଲ ଟିମ୍ ୩୫କେଜି ଗଞ୍ଜେଇ ସମେତ କାର ଜବତ କରିବା ସହ ଜଣଙ୍କୁ ଗିରଫ କରିଥିଲା। ସେହିଦିନ ମଧ୍ୟ ସଦର ଅବକାରୀ ଟିମ୍ ୫କେଜି ଗଞ୍ଜେଇ ସମେତ ଜଣଙ୍କୁ ଗିରଫ କରିଥିଲା। ୨୬ ନଭେମ୍ବର ରେ ମେଡିକାଲ୍ ଛକ ଠାରୁ ୨୬କେଜି ଗଞ୍ଜେଇ ଓ କାର୍ କୁ ଜବତ କରିବା ସହ ଜଣଙ୍କୁ ଗିରଫ କରିଥିଲେ। ଡିସେମ୍ବର ୩୦ରେ ସାରୁଅ ଶୁଖୁଆ ବଜାର ଓ ଏନ୍‌ଏଚ୍-୧୬ ମଳିପଡା ଓଭରବ୍ରିଜ ନିକଟରୁ ୨ଟି କାର ସମେତ ୪୫କେଜି ଜବତ କରି ୨ଜଣଙ୍କୁ ଗିରଫ କରିଥିଲା। ଗତ ୧୭ ତାରିଖରେ ସାରୁଅ ଛକ ନିକଟରୁ ୧ କେଜି ସମେତ ଜଣଙ୍କୁ ଗିରଫ କରିଥିବାବେଳେ ଉକ୍ତଦିନ ଜଙ୍କିଆ ଥାନା ଲହଙ୍ଗା ଓଭରବ୍ରିଜ ନିକଟରୁ ୧୨କେଜି ଗଞ୍ଜେଇ ସମେତ ଜଣଙ୍କୁ ଗିରଫ କରିଥିଲା। ଗତ ୧୯ ରେ ଗେଡିଆପଲ୍ଲୀ ବଜାରରୁ ୨୦.୩୦୦ ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରିଥିଲା। ଆଜି ୫୭ନଂ ଜାତୀୟ ରାଜପଥର ସାରୁଅ ଶୁଖୁଆ ବଜାର ନିକଟରୁ ୭୦କେଜି ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଏତେ ପରେ ବି ଥମୁନି ଏ ବେଆଇନ୍ ନିଶା ବେପାର। ତେଣୁ ନିଶା କାରବାର ଲୋପ କରାଯିବା ଦିଗରେ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେବାକୁ ସାଧାରଣରେ ଦାବୀ ହେଉଛି।

ଗଞ୍ଜେଇ ବୋଝେଇ କାର ଜବତ, ଜଣେ ଗିରଫ



ଖୋର୍ଦ୍ଧା,୨୨।୨(ସମିସ): ୫୭ନଂ ଜାତୀୟ ରାଜପଥର ସାରୁଅ ଶୁଖୁଆ ବଜାର ନିକଟରୁ ଅବକାରୀ ମୋବାଇଲ ସ୍କ୍ୱାଡ ଚଢଉ କରି ଏକ କାର ଭିତରୁ ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଗିରଫ ଜଣକ ହେଲେ କନ୍ଧମାଳ ଜିଲ୍ଲା ବିଶିଆପଡା ତାଳପଦା କମାରସାହି ର ଆଲୋକ ବିନ୍ଧାଣି (୨୨)। ତା ଠାରୁ ଅବକାରୀ ମୋବାଇଲ ସ୍କ୍ୱାର୍ଡ ୭୦କେଜି ଗଞ୍ଜେଇ ସମେତ ଚାଲାଣରେ ବ୍ୟବହୃତ କାର୍, ଏକ ମୋବାଇଲ ଫୋନ୍ ଓ ନଗଦ ୧ହଜାର ଟଙ୍କା କୁ ଜବତ କରିଛି। ଜବତ ଗଞ୍ଜେଇର ମୂଲ୍ୟ ୭ଲକ୍ଷ ହେବ ବୋଲି ଅବକାରୀ ବିଭାଗ ଆକଳନ କରିଛି। ଫୁଲବାଣୀ ଦିଗରୁ ଗଞ୍ଜେଇ ବୋଝେଇ ହୋଇ ଭୁବନେଶ୍ୱର ଅଭିମୁଖେ ଏକ କାର ଆସୁଥିବା ଅବକାରୀ ମୋବାଇଲ ସ୍କ୍ୱାର୍ଡ ବିଶେଷ ସୂତ୍ରରୁ ଖବର ପାଇଥିଲା। ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ସୁମତୀ ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ କାରକୁ ଧରିବା ଲାଗି ଏକ ଟିମ୍ କରାଯାଇଥିଲା। ଏହି ଟିମ୍ ମୋବାଇଲ ଇନ୍ସପେକ୍ଟର ତପସ୍ୱିନୀ ବରାଳ ଓ ସଦର ଇନ୍ସପେକ୍ଟର ରାଧାକାନ୍ତ ଭୋଇଙ୍କ ନେତୃତ୍ୱରେ ସାରୁଅ ଶୁଖୁଆ ବଜାର ନିକଟରେ ଛପି ରହିଥିଲେ। ସକାଳ ୬ରୁ ଦିନ ସାଢେ ୧୦ପର୍ଯ୍ୟନ୍ତ ନୟାଗଡ ଦିଗରୁ ଆସୁଥିବା କାରକୁ ନଜର ରଖିଲେ। ଏହି ସମୟରେ ଓଡି.୦୨ସିଏଚ୍-୨୩୦୮ ନଂ ବିଶିଷ୍ଟ କାର୍ ଉପରେ ସନ୍ଦେହ ହେବାରୁ ତାକୁ ଯାଂଚ କରିଥିଲେ। ଗାଡି ଭିତରୁ ୧୭ଜେ ୫ଶହ ଓଜନର ଗଞ୍ଜେଇ ରଖାଯାଇଥିବା ୪ଟି ବସ୍ତାକୁ ଜବତ କରିଥିଲେ। ଏହି ସମୟରେ ଗାଡି ଚାଳକ ଆଲୋକ ଖସିବାକୁ ଉଦ୍ୟମ କରିଥିଲେ ହେଁ ତାକୁ ଅବକାରୀ ଟିମ୍ କାବୁ କରିଥିଲା। ଅବକାରୀ ମୋବାଇଲ ସ୍କ୍ୱାର୍ଡ ବେଆଇନ ଗଞ୍ଜେଇ ଚାଲାଣ ଅଭଯୋଗରେ ୪୬୧/୨୬ ନଂ ମାମଲାରେ ଆଲୋକକୁ ଗିରଫ କରି କୋର୍ଟ ଚାଲାଣ କରିଛି।

ସ୍ୱାସ୍ଥ୍ୟସେବା ଶିବିର ଉଦ୍‌ଘାଟିତ

ନିରାକାରପୁର,୨୨।୨ (ସମିସ): ଖୋର୍ଦ୍ଧା ଜିଲ୍ଲା ଲେଣ୍ଡୋ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଲଳିତା ପାଟପୁର ଗ୍ରାମରେ ବୃନ୍ଦାବନ ଚନ୍ଦ୍ର ଦେବ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଉଦ୍‌ଘାଟିତ ହୋଇ ଯାଇଛି। ଲଳିତା ପାଟପୁର ଗ୍ରାମର ଡାକ୍ତର ବୈକୁଣ୍ଠ ନାଥ ତ୍ରିପାଠୀଙ୍କୁ ସମ୍ମାନିତ କରାଯାଇ ଥିଲା। ପଣ୍ଡିତ ରଘୁନାଥ କର ଡ଼ଃ ବି.ଏନ. ତ୍ରିପାଠୀଙ୍କୁ ଉପଢୌକନ ଦେବା ସହ ଆର୍ଶିବଚନ ଦେଇଥିଲେ। ଆଜି ପ୍ରଥମ ଦିବସରେ ୩୦ ଜଣ ରୋଗୀ ଚିକିତ୍ସା ପାଇଁ ଆସିଥିଲେ। ଏହି ଶିବିରରେ ସମାଜ ସେବୀ ଦୁଃଖିଶ୍ୟାମ ମହାପାତ୍ର, ଅନନ୍ତ ସାହୁ, ଅକ୍ଷୟ ସାହୁ, ପଦ୍ମଲାଭ ସାହୁ ଅମରେଶ ପ୍ରଧାନ, ଦେବବ୍ରତ ସାମନ୍ତରାୟ, ସାମ୍ବାଦିକ ହିମାଂଶୁ ଭୂଷଣ ଚମ୍ପତି ରାୟ ଉପସ୍ଥିତ ଥିଲେ। ପରିଶେଷରେ ଅବସରପ୍ରାପ୍ତ କ୍ୟାପିଟାଲ ହସପିଟାଲ୍ ଡାକ୍ତର ବୈକୁଣ୍ଠ ନାଥ ତ୍ରିପାଠୀ ରୋଗୀ ମାନଙ୍କୁ ସଚେତନତା ଉପରେ ସଂକ୍ଷିପ୍ତ ଅଭିଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପକ ଶ୍ୟାମସୁନ୍ଦର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ଜୟଦୁର୍ଗା ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ବାଙ୍କୀ ଆଥଲେଟିକ ଆସୋସିଏସନ୍ ଚାମ୍ପିଅନ



ବେଗୁନିଆ,୨୨।୨(ସମିସ): ବେଗୁନିଆ ବ୍ଲକ ସିମୋର ପଞ୍ଚାୟତ ଅନ୍ତର୍ଗତ କଣ୍ଟାମଲିମ ଗ୍ରାମରେ ସାତ ଦିନ ଧରି ୩୧ ତମ ବାର୍ଷିକ ଜୟଦୁର୍ଗା ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ରବିବାର ଅପରାହ୍ନରେ ବାଙ୍କୀ ଆଥଲେଟିକ ଆସୋସିଏସନ୍ ଓ ଖୋର୍ଦ୍ଧା ଜୟଦୁର୍ଗା କ୍ଲବ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିବା ବେଳେ ଟାଇବ୍ରେକରରେ ବାଙ୍କୀ ଆଥଲେଟିକ ଆସୋସିଏସନ୍ ୨-୧ଗୋଲରେ ବିଜୟୀ ହୋଇ ଚାମ୍ପିଅନ ହୋଇଛି। ଏ ନେଇ ପୁରସ୍କାର ବିତରଣ ସଭାରେ ଗ୍ରାମ୍ୟ କମିଟି ସଭାପତି ଜମ୍ବେଶ୍ୱର ରାଉତରାୟଙ୍କ ଅଧ୍ୟକ୍ଷତା ଓ ଉପ ସଭାପତି ଅଜୟ କୁମାର ମାର୍ଥାଙ୍କ ସଂଯୋଜନାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି, ସରପଞ୍ଚ ହାଡୁବନ୍ଧୁ ମହାପାତ୍ର, ସମାଜସେବୀ ମନୋଜ କୁମାର ପ୍ରଧାନ, ପୂର୍ବତନ ସମିତି ସଭ୍ୟ ଡ. ଶିଶିର କୁମାର ଆଚାର୍ଯ୍ୟ, ବୌଦ୍ଧ ଜିଲ୍ଲା ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା, ନାଏବ ସରପଞ୍ଚ ଉଷାରାଣୀ ମାର୍ଥା, ଗ୍ରାମ୍ୟକମିଟି ଉପଦେଷ୍ଟା ଚନ୍ଦ୍ର ଶେଖର ପାତ୍ର, ସମ୍ପାଦକ ଆର୍ତ୍ତବନ୍ଧୁମାଝୀ ଓ କୋଷାଧ୍ୟକ୍ଷ ବାଉରୀ ବନ୍ଧୁ ପାଇକରାୟ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବିଜେତା ଏବଂ ଉପ ବିଜେତା ଦଳକୁ ନଗଦ ୭ ହଜାର ଟଙ୍କା ଓ ୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଖେଳକୁ ମ୍ୟାଚ କମିଶନର ଦୟାନ୍ ଖାଁଙ୍କ ନିର୍ଦ୍ଦେଶକ୍ରମେ ରେଫରୀ ସୌକତ୍ ଅଲ୍ଲୀ ଖାଁଙ୍କ ନେତୃତ୍ୱରେ ଲାଇନ ମ୍ୟାନ ଭାବେ ବିଦେଶୀ ନାୟକ,ପ୍ରଫୁଲ୍ଲ ବେହେରା ଓ ଗିରିଶ ଜାନି ସହଯୋଗ କରିଥିଲେ।

ଆଇନମନ୍ତ୍ରୀଙ୍କ ପୈତୃକ ଘରୁ ମାରଣାସ୍ତ୍ର ଦେଖାଇ ଲୁଟ୍ ଅଭିଯୋଗ

ବାଣପୁର,୨୨।୨(ସମିସ) : ନାରୁଣୀ ଥାନା ଅଧିନ ଗମ୍ଭାରୀମୁଣ୍ଡା ପୁଲିସ ବିଟ ହାଉସ ଅନ୍ତର୍ଗତ ଗୋଡ଼ିଝର ଗ୍ରାମସ୍ଥିତ ଚିଲିକା ବିଧାୟକ ତଥା ଓଡିଶାର ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ପୈତୃକ ବାସଭବନରେ ଗୁରୁବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଘରର ମୁଖ୍ୟ ଦ୍ୱାର ଖୋଲି ଘରେ ପଶି ଘରେ ଥିବା ମହିଳାଙ୍କୁ ମାରଣାସ୍ତ୍ର ଦେଖାଇ ଭୟଭୀତ କରାଇ ସୁନାର ଦୁଇଟି ଚେନ ସହ ନଗଦ ୫ହଜାର ଟଙ୍କା ଲୁଟି ନେଇ ଫେରାର ହୋଇ ଯାଇଥିଲେ। ଏ ନେଇ ନାରୁଣୀ ଥାନାରେ ଅଭିଯୋଗ ହୋଇ ଥିବା ବେଳେ ଅଭିଯୋଗ ଆଧାରରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ସହାୟତାରେ ଘଟଣାର ତଦନ୍ତ ଚଳାଇ ଥିବା ସୂଚନା ମିଳିଛି। ଅଭିଯୋକ ମୁତାବକ ନାରୁଣୀ ଥାନା ଅନ୍ତର୍ଗତ ଗୋଡ଼ିଝର ଗ୍ରାମସ୍ଥିତ ଆଇନ ମନ୍ତ୍ରୀ ହରିଚନ୍ଦନଙ୍କ ପୈତୃକ ବାସଭବନରେ ମନ୍ତ୍ରୀଙ୍କ ବଡ଼ ବାପାଙ୍କ ପୁଅ ତଥା ବର୍ତ୍ତମାନର ଖୋର୍ଦ୍ଧା ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ଦୁଷ୍ମନ୍ତ ହରିଚନ୍ଦନ ଓ ତାଙ୍କ ଧର୍ମପତ୍ନୀ ବସବାସ କରନ୍ତି। ତେବେ ଗୁରୁବାର ଦୁଷ୍ମନ୍ତ କୌଣସି କାମରେ ବାହାରକୁ ଯାଇଥିବା ବେଳେ ତାଙ୍କ ପତ୍ନୀ ଘରେ ଏକାକି ଥିଲେ। ଗ୍ରାମରେ ଏକ ବାହାଘର କାର୍ଯ୍ୟରେ ଗ୍ରାମର ପ୍ରାୟତଃ ଲୋକେ ବରଯାତ୍ରୀରେ ବାହାରକୁ ଚାଲି ଯାଇଥିବାର ସୁଯୋଗ ନେଇ ବିଳମ୍ବିତ ରାତ୍ରରେ ଦୁଇ ଜଣ ଦୁର୍ବୃତ୍ତ ଘରର ମୁଖ୍ୟ କବାଟ ଦେଇ ଘର ଭିତରେ ପ୍ରବେଶ କରି ଦୁଷ୍ମନ୍ତଙ୍କ ପତ୍ନୀଙ୍କୁ ମାରଣାସ୍ତ୍ର ଦେଖାଇ ତାଙ୍କୁ ଭୟଭୀତ କରାଇ ସେ ବେକରେ ପିନ୍ଧିଥିବା ୨ଟି ସୁନା ଚେନ ଝାମ୍ପି ନେବା ସହିତ ପାଖରେ ଥିବା ଏକ ଭ୍ୟାନିଟିରେ ରଖିଥିବା ନଗଦ ୫ ହଜାର ଟଙ୍କା ଲୁଟି ନେଇ ସେଠାରୁ ଫେରାର ହୋଇ ଯିବାରେ ସକ୍ଷମ ହୋଇଥିଲେ। ଦୁଷ୍ମନ୍ତ ଘରେ ପହଞ୍ଚି ପତ୍ନୀଙ୍କ ଠାରୁ ଘଟଣା ସମ୍ପର୍କରେ ଜାଣିବାକୁ ପାଇ ନାରୁଣୀ ଥାନାରେ ଅଭିଯୋଗ କରିଥିଲେ। ପୂର୍ବରୁ ମଧ୍ୟ ୨ଜଣ ଯୁବକ ମାରଣାସ୍ତ୍ର ଧରି ଦୁଷ୍ମନ୍ତଙ୍କ ଘରେ ପଶି ଥିବା ନେଇ ଦୁଷ୍ମନ୍ତ ନାରୁଣୀ ଥାନାରେ ଅଭିଯୋଗ କରିଥିଲେ। ବର୍ତ୍ତମାନ ୮ ମାସ ହେବ ଗମ୍ଭାରୀମୁଣ୍ଡା ସ୍ଥିତ ପୁଲିସ ବିଟ ହାଉସରେ କୌଣସି ଅଧିକାରୀ ନଥିବା ବେଳେ କେବଳ ଦୁଇ ଜଣ କନେଷ୍ଟବଳଙ୍କୁ ନେଇ ପୁଲିସ ବିଟ ହାଉସରେ ଚାଲିଥିବାରୁ ନାରୁଣୀ ଥାନା ଅଧିନ ଗମ୍ଭାରୀମୁଣ୍ଡା ଅଞ୍ଚଳରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇ ଚାଲିଛି। ଯଦି ଖୋଦ ରାଜ୍ୟର ଆଇନ ମନ୍ତ୍ରୀଙ୍କ ଘରୁ ଲୁଟ ହୋଇ ପାରୁଛି, ତେବେ ଏଠାରେ ସାଧାରଣ ଜନତା କେତେ ସୁରକ୍ଷିତ ତାହା ସ୍ପଷ୍ଟ ବାରି ହୋଇ ପଡୁଥିବା ବେଳେ ଅଞ୍ଚଳରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ପଡିଥିବାରୁ ଜନସାଧାରଣ ଅସନ୍ତୋଷ ପ୍ରକାଶ କରିଛନ୍ତି।

ବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଲାଗିଛି ଅସ୍ପଷ୍ଟ ନାମଫଳକ



ବେଗୁନିଆ,୨୨।୨(ସମିସ): ବେଗୁନିଆ ସଦର ମହକୁମାସ୍ଥିତ ସର୍ବ ପୁରାତନ ୧୯୪୪ ମସିହାରେ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ନିର୍ମାଣ ହୋଇଥିଲା। ଏଥିରେ ବହୁ ଛାତ୍ରଛାତ୍ରୀ ଅଧ୍ୟୟନ କରି ସରକାରୀ ଓ ବେସରକାରୀ ଅନୁଷ୍ଠାନର ଉଚ୍ଚ ପଦ୍ ପଦବୀରେ କାର୍ଯ୍ୟ କରି ଆସୁଛନ୍ତି। ଏହି ବିଦ୍ୟାଳୟର ନାମ ଫଳକ ଅସ୍ପଷ୍ଟ ଲେଖା ହୋଇଥିବାରୁ ପୁରାତନ ଛାତ୍ର ମହମ୍ମଦ ମୋହି ଉଦ୍ଦିନ ଅହମ୍ମଦ (ସିଲୁ ଭାଇ) ଫୋନ କରି କ୍ଷୋଭର ସହ ଗଣ ମାଧ୍ୟମ ପ୍ରତିନିଧିଙ୍କୁ ଜଣାଇ ଥିଲେ। କିନ୍ତୁ ପରିତାପର ବିଷୟ ଲୋକଙ୍କ ସରକାରରେ ବିଦ୍ୟାଳୟର ବ୍ଲକ ପ୍ରଶାସନ ପକ୍ଷରୁ ରଙ୍ଗ କରା ଯାଇଥିବା ବେଳେ ମୁଖ୍ୟ ଫାଟକରେ ବିଦ୍ୟାଳୟର ନାମ ଅସ୍ପଷ୍ଟ ଲେଖା ପ୍ରତି ନଜର ଥିବା କଥା ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କୁ ଯୋଗାଯୋଗ କରିବାରୁ କହିଛନ୍ତି। ଯାହା କି ପ୍ରଧାନଶିକ୍ଷକ ଶ୍ରୀ ସ୍ୱାଇଁ ଯୋଗ ଦେବା ପୂର୍ବରୁ ବିଦ୍ୟାଳୟ ମୁଖ୍ୟ ଫାଟକରେ ଅସ୍ପଷ୍ଟ ଲେଖା ହୋଇ ରହିଥିବାର ଦେଖି ଦାୟିତ୍ୱ ଗ୍ରହଣ କରିବା ପରେ ପରିଚାଳନା କମିଟିକୁ ଜଣାଇବା ସହ ପ୍ରସ୍ତାବ ଆଗତ କରି ଅନୁମୋଦନ ପାଇଁ ପଠାଯାଇଛି। ଆଗାମୀ ଦିନରେ ଆବଶ୍ୟକୀୟ ଅର୍ଥ ମଞ୍ଜୁର କରାଯାଇ ନୂତନ ଭାବେ କରିବାକୁ ଚେଷ୍ଟା ଜାରି ରହିଛି।

ବାଲୁଗାଁ ବଜାର ଜବରଦଖଲ ଉଚ୍ଛେଦରେ ପାତରଅନ୍ତର ନୀତି

ବାଲୁଗାଁ, ୨୨।୨(ସମିସ): ଚିଲିକା ତଟଦେଶସ୍ଥିତ ବାଲୁଗାଁ ସହର ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳ ସହ ମତ୍ସ୍ୟ ବ୍ୟବସାୟର ପେଣ୍ଠସ୍ଥଳ ଭାବେ ବେଶ ପରିଚିତ ହୋଇଥିବା ବେଳେ ନୌବାଳକ ତାଲିମ କେନ୍ଦ୍ର ଚିଲିକା ଅବସ୍ଥିତ। ବାଲୁଗାଁ ସହର ଉପରେ ବାଣପୁର ତଥା ଆଖପାଖ ଛୋଟ ବଡ଼ ବଜାର ନିର୍ଭର କରୁଥିବା ବେଳେ ଏଠାକୁ ଦୈନନ୍ଦିନ ହଜାର ହଜାର ଜନସାଧାରଣ, ବ୍ୟବସାୟୀ ଓ ପର୍ଯ୍ୟଟକଙ୍କ ସହ ବହୁ ଯାନବାହାନ ଯାତାୟତ କରୁଥିବାରୁ ସଦାସର୍ବଦା ଟ୍ରାଫିକ ସମସ୍ୟା ଦେଖା ଦେଉଛି। ଏହାର ସ୍ଥାୟୀ ସମାଧାନ ସହ ବାଲୁଗାଁ ସହରକୁ ସୁନ୍ଦର କରିବା ନିମନ୍ତେ ବଜାରର ମୁଖ୍ୟ ରାସ୍ତାର ପ୍ରଶସ୍ତିକରଣ ଆବଶ୍ୟକତା ରହିଥିବାରୁ ବାଲୁଗାଁ ବଜାର ଦେଇ ଯାଇଥିବା ରାଜ୍ୟ ୫ ନମ୍ବର ରାଜପଥ ବଜାର ଉଭୟ ପାଶ୍ୱର୍ରେ ଜବର ଦଖଲ କରି ଦୋକାନ ଘର କରିଆସୁଥିବା ବ୍ୟକ୍ତି ବିଶେଷଙ୍କୁ ଉଚ୍ଛେଦ ନିମନ୍ତେ ମାପ ଚିହ୍ନଟ କରାଯାଇ ଉଚ୍ଛେଦ କରାଯାଇ ଥିବା ବେଳେ ଜବର ଦଖଲ ଉଚ୍ଛେଦ କାର୍ଯ୍ୟରେ ପାନ୍ତର ଅନ୍ତର କରାଯାଇଥିବା ନେଇ ଅଭିଯୋଗ କରିଥିଲେ ସ୍ଥାନୀୟ ବାସିନ୍ଦା। ରାଜସ୍ୱ ଓ ପୂର୍ତ୍ତ ଦୁଇ ବିଭାଗ ତରଫରୁ ପୃଥକ ଭାବେ ମାପ ଚିହ୍ନଟ କରାଯାଇ ଥିବା ବେଳେ ଅଲଗା ଅଲଗା ଦୁଇ ପ୍ରକାର ମାପ ଚିହ୍ନଟ ହୋଇଥିବାରୁ ଏହାକୁ ନେଇ ଜନସାଧାରଣ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ କେଉଁ ମାପ ଚିହ୍ନଟ ସଠିକ୍ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଜଣେ ଘରୋଇ ମପାଳି ଦ୍ୱାରା ମାପ ଚିହ୍ନଟ କରାଯାଇଥିବା ବେଳେ ପ୍ରଚୁର ଅର୍ଥ ନେଣଦେଣ କରାଯାଇ ପ୍ରିୟାପ୍ରିତି ତୋଷଣରେ ମାପ ଚିହ୍ନଟରେ ଏପଟ ସେପଟ କରାଯାଇଥିବା ଅଭିଯୋଗ ହେଉଛି। ରାଜସ୍ୱ ବିଭାଗ ଓ ପୂର୍ତ୍ତବିଭାଗ ପରସ୍ପର ନିଜ ମୁଣ୍ଡରୁ ଦୋଷ ଛଡ଼ାଇ କାହା ସ୍ୱାର୍ଥରେ ପରସ୍ପରକୁ ଦୋଷ ଲଦି ଚାଲିଛନ୍ତି, ଏହାକୁ ନେଇ ସନ୍ଦେହ ଉପୁଜୁଥିବା ବେଳେ ଅଭିଜ୍ଞ ମପାଳି ଦ୍ୱାରା ପୁନର୍ବାର ମାପ ଚିହ୍ନଟ କରିବା ପାଇଁ ସାଧାରଣରେ ଦାବି ହୋଇଆସୁଅଛି। ମାପ ଚିହ୍ନଟରେ ଅନିୟମିୟତା ସମ୍ପର୍କରେ ଚିଲିକା ତହସିଲଦାର କାହ୍ନୁଚରଣ ଘଡେଇଙ୍କୁ ପଚାରିବାରେ ସେ ପୂର୍ତ୍ତ ବିଭାଗକୁ ପଚାରିବାକୁ କହିଥିବା ବେଳେ ପୂର୍ତ୍ତ ବିଭାଗର ଏସଡିଓ ସାଇଦୀପ୍ ସାହୁଙ୍କୁ ଏ ସମ୍ପର୍କରେ ପଚାରିବାରେ ସେ ରାଜସ୍ୱ ବିଭାଗକୁ ଦେଖାଉଛନ୍ତି।

ପୁନଃ ମାପଚିହ୍ନଟ ଦାବି

୭୫ ବ୍ୟାଚର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ



ନିରାକାରପୁର,୨୨।୨ (ସମିସ): କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟର ୧୯୭୫ ବ୍ୟାଚର ସୁବର୍ଣ୍ଣ ଜୟନ୍ତୀ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟର ଇଣ୍ଟରମିଡିଏଟ ଇନ୍ ସାଇନ୍ସ ଶ୍ରେଣୀରୁ ଉତ୍ତୀର୍ଣ୍ଣ ହୋଇଥିବା ବିଦ୍ୟାର୍ଥୀଙ୍କ ୫୦ ବର୍ଷ ପୂର୍ତ୍ତି ଅବସରରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଭୁଷଣ୍ଡପୁର ମୁଳିଝରଗଡ ସ୍ଥିତ ମା' ଉଗ୍ରତାରାଙ୍କ ପୀଠରେ ସମାପନ ହୋଇଯାଇଛି। ଅବସରପ୍ରାପ୍ତ ପୂଜ୍ୟ ଗୁରୁ ପ୍ରଫେସର ଗୌକ୍ଷରହରି ପ୍ରଧାନ ଇଂରାଜୀ ବିଭାଗ, ପ୍ରଫେସର ହର ପ୍ରସାଦ ମହାପାତ୍ର ଉଦ୍ଭିଦ ବିଜ୍ଞାନ ବିଭାଗ, ବାଇଧର ପ୍ରଧାନ ଯୋଗଦେଇ ପୁରାତନ ବିଦ୍ୟାର୍ଥୀ ମାନଙ୍କୁ ଆଶୀର୍ବଚନ ପ୍ରଦାନ କରିଥିଲେ। ଉଭୟ ଗୁରୁ ଓ ପୁରାତନ ବିଦ୍ୟାର୍ଥୀ ମାନେ ଆନନ୍ଦ ଉଲ୍ଲାସରେ ମଜ୍ଜି ଯାଇଥିଲେ।

ଜଟଣୀରେ ବୁଲା କୁକୁରଙ୍କ ଦୌରାତ୍ମ୍ୟ; ଚୁପ୍ ବସିଛି ପୌରପାଳିକା

ଜଟଣୀ,୨୨।୨(ସମିସ)

ଜଟଣୀ ସହରରେ ବୁଲା କୁକୁରଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ସହରର ଛକ ବଜାରଠାରୁ ଆରମ୍ଭ କରି ଗଳିକନ୍ଦିରେ ମାଳ ମାଳ କୁକୁର ବୁଲୁଛନ୍ତି। ଅଞ୍ଚଳରେ କୁକୁରଙ୍କ ଦୌରାତ୍ମ୍ୟ ବଢ଼ିବା ସହ ରାସ୍ତା ଘାଟରେ ଏମାନଙ୍କ ପାଇଁ ଲୋକେ ଯାତାୟାତ କରିବାକୁ ଭୟ କରୁଛନ୍ତି। ଅନେକ ସମୟରେ ମାଳ ମାଳ କୁକୁର ଏକାଠି ହୋଇ ଲୋକଙ୍କୁ କାମୁଡ଼ିବାକୁ ଗୋଡ଼େଇ ଆସୁଛନ୍ତି। ସେହିପରି ଅନେକ ସମୟରେ କୁକୁର ଗୁଡ଼ିକ ବାଇକ ସାମ୍ନାକୁ ଦୌଡ଼ି ଆସିବାରୁ ଦୁର୍ଘଟଣା ମଧ୍ୟ ଘଟୁଛି। ଏଥିରେ ବାଇକ ଚାଳକ ଓ କୁକୁର ମଧ୍ୟ ଆହତ ହେଉଛନ୍ତି। ଅନ୍ୟପଟେ ରାତି ସମୟରେ ପାଗଳ ହୋଇଯାଇଥିବା କୁକୁର ଚାଲି ଚାଲି ଯାଉଥିବା ଲୋକଙ୍କୁ ଗୋଡ଼ାଇ ଗୋଡ଼ାଇ କାମୁଡୁଛନ୍ତି। ତେଣୁ ଦିନକୁ ଦିନ ଏମାନଙ୍କ ଦୌରାତ୍ମ୍ୟ ବଢୁଥିବା ବେଳେ ନିୟନ୍ତ୍ରଣ କରାଯାଉ ନାହିଁ। ଅଞ୍ଚଳବାସୀଙ୍କ ବାରମ୍ବାର ଅଭିଯୋଗ ପରେ ବି ପୌରପାଳିକା କୌଣସି ପଦକ୍ଷେପ ନେଉନଥିବା ଅଭିଯୋଗ ହୋଇଛି।


ଜଟଣୀ ପୌରପାଳିକା ଅଧିନରେ ୨୩ଟି ୱାର୍ଡ ରହିଛି। ଏହି ସବୁ ୱାଡର୍ ଗୁଡ଼ିକରେ ଆଗ ଅପେକ୍ଷା ବର୍ତ୍ତମାନ ସମୟରେ ୪୦ପ୍ରତିଶତରୁ ଅଧିକ ବୁଲା କୁକୁରଙ୍କ ସଂଖ୍ୟା ବଢ଼ିଥିବା ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି। ତେଣୁ ସେହି ତୁଳନାରେ କୁକୁରଙ୍କ ଦୌରାତ୍ମ୍ୟ ବଢ଼ିବା ସହ ପଥଚାରୀ ଓ ବାଇକ୍ ଚାଳକକୁ ଗୋଡ଼ାଇ ଗୋଡ଼ାଇ କାମୁଡ଼ିବାକୁ ଗୋଡାଉଛନ୍ତି। କିଛି ଅଞ୍ଚଳରେ ମାଳ ମାଳ କୁକୁର ଏକାଠି ହୋଇ ରାସ୍ତାରେ ଶୋଇ ରହୁଛନ୍ତି। ଫଳରେ ସେହି ରାସ୍ତାଦେଇ ଯିବାକୁ ଭୟ ଲୋକଙ୍କୁ ଲାଗୁଛି। ସବୁଠୁ ବଡ଼ କଥା ହେଉଛି ବିଳମ୍ବିତ



ରାତିରେ ଯଦି କୌଣସି ବ୍ୟକ୍ତି ଚାଲି ଚାଲି ନିଜ ଘରକୁ ଫେରୁଛି, ତାହେଲେ କୁକୁରଙ୍କ ପାଇଁ ଯିବା ସମ୍ଭବ ମଧ୍ୟ ହେଉନାହିଁ। ଏମାନଙ୍କ ଦୌରାତ୍ମ୍ୟ ପାଇଁ ସହରବାସୀ କଲବଲ୍ ହେଉଥିବା ବେଳେ ପୌରପାଳିକା ବେଫିକର୍ ହୋଇ ଚୁପ୍ ବସିଛି। କୁକୁର ବଂଶ ନିୟନ୍ତ୍ରଣ ତଥା ଦୌରାତ୍ମ୍ୟ ବନ୍ଦ କରିବା ପାଇଁ ନା ଅଛି ଡଗ୍ କ୍ୟାନେଲ୍ ନା କୁକୁର ରଖି ବନ୍ଧ୍ୟାକରଣ ବ୍ୟବସ୍ଥା ଅଛି। କୁକୁରଙ୍କ ପାଇଁ ପୌରପାଳିକା ହାତରେ କୌଣସି ବ୍ୟବସ୍ଥା ନଥିବାରୁ ଏଭଳି ସମସ୍ୟା ବଢୁଥିବା ଜଣାପଡ଼ିଛି। ସ୍ଥାନୀୟ ବାସିନ୍ଦା ନିହାର ରଞ୍ଜନ ବେହେରା କହିଛନ୍ତି ଯେ, କିଛି ଦିନ ପୂର୍ବେ କୁକୁର ଗୁଡ଼ିକ ପିଲା ଜନ୍ମ କରିଛନ୍ତି। ନୂତନ କରି ଶହ ଶହ କୁକୁର ଏବେ ସବୁଆଡ଼େ ବୁଲୁଛନ୍ତି। କୁକୁର ସଂଖ୍ୟା ବୃଦ୍ଧିକୁ ପ୍ରଶାସନ ଗୁରୁତର ନେଉନାହିଁ। ଫଳରେ ଅଞ୍ଚଳବାସୀ ଏମାନଙ୍କ ପାଇଁ ଅତିଷ୍ଠ ହେଲେଣି। କୁକୁର ବନ୍ଧ୍ୟାକରଣ ବ୍ୟବସ୍ଥା ସହ ଆବଶ୍ୟକୀୟ ଡାକ୍ତର, କୁକୁର ଧରା କର୍ମଚାରୀ ଓ ଗାଡ଼ି ସହ ଭିତ୍ତିଭୂମି ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ପୌର ନିର୍ବାହୀ ଅଧିକାରିଣୀ ଆକ୍ରିତି ଗୋଏଙ୍କା କହିଛନ୍ତି ଯେ, କୁକୁର ବନ୍ଧ୍ୟାକରଣ କିମ୍ବା ନିୟନ୍ତ୍ରଣ ପାଇଁ କୌଣସି ବ୍ୟବସ୍ଥା ନାହିଁ। ତେଣୁ ଏଥିପାଇଁ କୌଣସି ପଦକ୍ଷେପ ନିଆଯାଇ ପାରୁନାହିଁ।

● ସେଲ୍‌ଫି ଜୋନ୍ 'ଆମ ବେଗୁନିଆ'

ଛାଡ଼ିଗଲାଣି ରଙ୍ଗ, ଜଳୁନି ଲାଇଟ



ବେଗୁନିଆ,୨୨।୨(ସମିସ): ବେଗୁନିଆ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଜନ ସାଧାରଣ ଓ ପର୍ଯ୍ୟଟକମାନଙ୍କୁ ସ୍ଥାନ ସମ୍ବନ୍ଧରେ ସୂଚିତ କରିବା ଓ ଅବସର ସମୟରେ ବିନୋଦନ ପାଇଁ ମୋବାଇଲ ଯୋଗେ ଫଟୋ ଉଠାଇବା ପାଇଁ "ଆମ ବେଗୁନିଆ" ଲେଖା ହୋଇଥିବା ସେଲଫି ଜୋନ ନିର୍ମାଣ ହୋଇଥିଲା। ଏହି ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିରଙ୍କୁଶ ଶାସନ କାଳରେ ଦେଖିବାକୁ ମିଳିଥିବା ବେଳେ ଯାହା ରାତ୍ରରେ ସେଲଫି ଜୋନଟିରେ ଲାଇଟ୍ ଲଗା ଯାଇଥିବାରୁ ଅତ୍ୟନ୍ତ ମନୋରମ ଦୃଶ୍ୟ ସୃଷ୍ଟି ହୋଇଥାଏ। ବର୍ତ୍ତମାନ ରାଜ୍ୟରେ ଲୋକଙ୍କ ସରକାର ଶାସନ କରୁଥିବାରୁ ପ୍ରଶାସନିକ ସ୍ତରରେ ଅଣଦେଖା କରାଯାଇ "ଆମ ବେଗୁନିଆ' ସେଲଫି ଜୋନର ରକ୍ଷଣାବେକ୍ଷଣ ଅଭାବରୁ ଲାଇଟ୍ର ମରାମତି ନ କରିବା ଓ ରଙ୍ଗ ଉଡ଼ି ଯାଇ ଦେଢ଼ ବର୍ଷରୁ ଅଧିକ ସମୟ ଅସୁନ୍ଦର ଅବସ୍ଥାରେ ପଡ଼ି ରହିଛି। ଏଥିପ୍ରତି ବ୍ଲକ ପ୍ରଶାସନ ପକ୍ଷରୁ ନଜର ପଡ଼ିବା ଦୂର କଥା ମରାମତି କରିବାକୁ କେହି ନାଁ ଗନ୍ଧ ଧରୁ ନାହାନ୍ତି। ଏହାକୁ ତୁରନ୍ତ ମରାମତି କରିବା ପାଇଁ ସଚେତନ ନାଗରିକ ମାନେ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାକୁ ନେଇ ବ୍ଲକ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅମୂଲ୍ୟ କୁମାର ବାହିନୀପତିଙ୍କୁ ଯୋଗାଯୋଗ କରିବାରୁ ତୁରନ୍ତ ମରାମତି କରିବା ପାଇଁ ସହମତି ପ୍ରଦାନ କରିଛନ୍ତି।

ରାଜରାସ୍ତା ଉପରେ ପରିବା ହାଟ; ବିପଦକୁ ଆମନ୍ତ୍ରଣ

ଯୋଡ଼ା, ୨୨।୨(ସମିସ)





କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକାରେ ପରିବା ଚାଷୀଙ୍କୁ ନିଜ ଉତ୍ପାଦକୁ ବିକ୍ରି କରିବା ପାଇଁ ଜାଗା ଖଣ୍ଡିଏ ମିଳି ପାରୁ ନ ଥିବା ବେଳେ ବିପଦସଂକୁଳ ଭାବେ ରାଜ୍ୟ ରାଜପଥ (ରଣାଶାଳଠାରୁ କାଳିମାଟି ଦେଇ ପଲାଶପଙ୍ଗାକୁ ସଂଯୋଗ କରୁଥିବା ବିଜୁ ଏକ୍ସପ୍ରେସ ୨) ଉପରେ ପରିବା ବିକ୍ରି କରିବା ଉଭୟ ଗ୍ରାହକ ଏବଂ ବିକ୍ରେତାଙ୍କ ପାଇଁ ଯନ୍ତ୍ରଣାଦାୟକ ହେଉଛି। ଏହା ଏକ ବିପଦସଙ୍କୁଳ ହାଟ ବୋଲି ସାଧାରଣରେ ଆଲୋଚନା ହେଉଛି। ଯୋଡ଼ା ଖଣି ଅଞ୍ଚଳରେ ନିକଟବର୍ତ୍ତୀ ଅଞ୍ଚଳରୁ ଦୈନିକ ଶହ ଶହ ଚାଷୀ ପରିବା ବିକ୍ରି କରିବାକୁ ଆସିଥାନ୍ତି। ଉକ୍ତ ଚାଷୀଙ୍କ ପାଇଁ ଏକ ଉତ୍କୃଷ୍ଟ ଜାଗା ପୌରପାଳିକା ପକ୍ଷରୁ ଦିଆ ଯାଇ ପାରୁ ନ ଥିବା ହେତୁ ବିପଦପୂର୍ଣ ଭାବେ ରାସ୍ତା ଉପରେ ବସି ପରିବା ବିକ୍ରି କରୁଥିବା ଦେଖିବାକୁ ମିଳିଛି। ଉକ୍ତ ରାସ୍ତାଟିରେ ସର୍ବଦା ଚାରିଚକିଆ ଯାନ, ପରିବହନ ବସ ଚଳାଚଳ କରୁଛି। ଖାସ କରି ରବିବାର ଉକ୍ତ ରାସ୍ତା ଉପରେ ପରିବା ହାଟ ବସିବା ଦ୍ୱାରା ରାସ୍ତାରେ ଟ୍ରାଫିକ ସମସ୍ୟା ଉପୁଜୁଛି। ପରିବା ଚାଷୀ ଯେତିକି ବିପଦପୂର୍ଣ୍ଣ ଭାବେ ପରିବା ବିକୁଛନ୍ତି ସେତିକି ଅସହଜ ଭାବେ ଜନସାଧାରଣ ପରିବା କିଣୁଛନ୍ତି ମଧ୍ୟ। ରାସ୍ତାର ଉଭୟ ପାର୍ଶ୍ୱରେ ପରିବା ବିକ୍ରି ସାଙ୍ଗକୁ ମଟରସାଇକଲ ପାର୍କିଙ୍ଗ ସ୍ଥାନଟିକୁ ଆହୁରି ଗହଳି କରି ଦେଉଛି। ଏହି ସ୍ଥାନଟି ଯୋଡ଼ା ବସଷ୍ଟାଣ୍ଡ ନିକଟ ହୋଇଥିବାରୁ ବଡ଼ବିଲକୁ ଯାଉଥିବା କିମ୍ବା ବଡ଼ବିଲରୁ ଆସୁଥିବା ବସଗୁଡିକ ପାଇଁ ସମସ୍ୟା ହେବା ସହ ଯେ କୌଣସି ମୁହୂର୍ତ୍ତରେ ଦୁର୍ଘଟଣା ହେବାର ଆଶଙ୍କା ରହିଥିବା ନେଇ ବୁଦ୍ଧିଜୀବୀ ମତ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ ଖଣି ଅଞ୍ଚଳରେ ବସବାସ କରୁଥିବା ହଜାର ହଜାର ଲୋକ ରାତି ପାହିଲେ ବ୍ୟାଗ ଧରି ପରିବା ବଜାରକୁ ଆସିଥିବା ବେଳେ ପରିବା ଚାଷୀ ମଧ୍ୟ ଦୈନିକ ତାଜା ପରିବା ଧରି ଯୋଡ଼ା ପହଞ୍ଚିଥାନ୍ତି। ଯୋଡ଼ାର ବୁଦ୍ଧିଜୀବୀଙ୍କ କହିବାନୁଯାୟୀ, ଆଜିର ବ୍ୟସ୍ତବହୁଳ ଜୀବନ ଭିତରେ ତଥା ଅସନ୍ତୁଳିତ ଖାଦ୍ୟ ପାନୀୟ ଭିତରେ ଏହି ପରିବା ଚାଷୀ ହିଁ ଲୋକଙ୍କୁ ତାଜା ଓ ପୁଷ୍ଟିକର ପରିବା ଯୋଡ଼ା ଜନସାଧାରଣଙ୍କ ନିକଟରେ ପହଞ୍ଚାଉଛନ୍ତି। ତେଣୁ ପରିବା ଚାଷୀଙ୍କ ସୁରକ୍ଷାକୁ ଆଖି ଆଗରେ ରଖି ଯୋଡ଼ା ପୌରପାଳିକା ଚାଷୀଙ୍କୁ ଏକ ସୁରକ୍ଷିତ ସ୍ଥାନ ଯୋଗାଇ ଦେବା ଉଚିତ। ତେବେ ଏନେଇ ଯୋଡ଼ା ବିକାଶ ପରିଷଦର ସଭାପତି ରାସ୍ତା ଉପରେ ପରିବା ହାଟକୁ ସ୍ଥାନାନ୍ତରିତ କରିବା ପାଇଁ ବାରମ୍ବାର ପୌରପାଳିକାର ଦୃଷ୍ଟି ଆକର୍ଷଣ କରିଥିବା କଥା କହୁଥିବା ବେଳେ ସ୍ଥାନର ଅଭାବ ଥିବା ପୌରପାଳିକା କହିଛି। ଯୋଡ଼ାର ସଞ୍ଜୟ ପାତ୍ର, ନରେଶ ପାତ୍ର, ସୁଶାନ୍ତ ବାରିକ, ସତ୍ୟ ସାହୁ ପ୍ରମୁଖ ଉକ୍ତ ସ୍ଥାନରେ ପରିବା ହାଟକୁ ନେଇ ଦୁଃଖ ପ୍ରକାଶ କରିବା ସହ ଯାନ୍ତ୍ରିକ ତ୍ରୁଟି ଦ୍ୱାରା ଯେ କୌଣସି ମୁହୂର୍ତ୍ତରେ ଦୁଘଟଣା ଘଟି ଧନଜୀବନ ହାନି ହେବ ବୋଲି କହିଛନ୍ତି। ସାଂସଦ ପ୍ରତିନିଧି ବି ଏନ ଦାଶ ମଧ ରାସ୍ତା ଉପରେ ପରିବା ହାଟକୁ ନେଇ ଚିନ୍ତା ପ୍ରକାଶ କରି ଖୁବ କମ ଦିନ ଭିତରେ ଏମଏମଟିସି କଲୋନୀ ମଧକୁ ପରିବା ହାଟ ସ୍ଥାନାନ୍ତରିତ ପ୍ରସ୍ତାବ ରଖିବେ ବୋଲି କହିଛନ୍ତି। ଏ ସଂକ୍ରାନ୍ତରେ ଯୋଡ଼ା ପୌରପାଳିକା ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହେଉଛି।

● ତେଲକୋଇ ପ୍ରେସ୍‌କ୍ଲବ୍‌ରେ ନୂତନ କର୍ମକର୍ତ୍ତା

କୈଳାସ ସଭାପତି, ଅକ୍ଷୟ ସମ୍ପାଦକ, ଅମରେଶ କୋଷାଧ୍ୟକ୍ଷ

ତେଲକୋଇ, ୨୨।୨(ସମିସ): ତେଲକୋଇ ବ୍ଲକ ସଦର ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ଆଜି ତେଲକୋଇ ପ୍ରେସ କ୍ଲବ୍ ପକ୍ଷରୁ ନୂତନ କର୍ମକର୍ତ୍ତା ଚୟନ ପ୍ରକ୍ରିୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରେସ କ୍ଲବର ବରିଷ୍ଠ ସଦସ୍ୟ ଈଶ୍ୱରଚନ୍ଦ୍ର ବାରିକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମେ ସାମ୍ବାଦିକ ବିରଞ୍ଚି ବେହେରାଙ୍କ ପିତୃଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏହାପରେ କ୍ଲବର୍ ସମସ୍ତ ସଦସ୍ୟଙ୍କ ଉପସ୍ଥିତି ଓ ସର୍ବସମ୍ମତିକ୍ରମେ ନୂତନ କର୍ମକର୍ତ୍ତା ଚୟନ ପ୍ରକ୍ରିୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭାପତି ଭାବେ କୈଳାସଚନ୍ଦ୍ର ପ୍ରଧାନ, ସମ୍ପାଦକ ଭାବେ ଅକ୍ଷୟ ପ୍ରଧାନ ଓ କୋଷାଧ୍ୟକ୍ଷ ଭାବେ ଅମରେଶ ପ୍ରଧାନ ମନୋନୀତ ହୋଇଛନ୍ତି। ସେହିପରି ଉପସଭାପତି ଭାବେ ଈଶ୍ୱରଚନ୍ଦ୍ର ବାରିକ, ସହସମ୍ପାଦକ ଭାବେ ଅନୁକୂଳ ବିଶ୍ୱାଳ ମନୋନୀତ ହୋଇଛନ୍ତି। ଏହାସହିତ ଉପଦେଷ୍ଟାମଣ୍ଡଳୀରେ ସାମ୍ବାଦିକ ଲୋକନାଥ ସାହୁ, ଡମ୍ବୁରୁଧର ଖୁଣ୍ଟିଆ, ବିରଞ୍ଚି ବେହେରା, ବିଭୂତି ପ୍ରଧାନ, ଧିରେନ୍ ପରିଡ଼ା ମନୋନୀତ ହୋଇଛନ୍ତି। ଏହି ଅବସରରେ ନୂତନ କର୍ମକର୍ତ୍ତାଙ୍କୁ ସ୍ୱାଗତ କରାଯିବା ସହିତ ଆଗାମୀ ୩ବର୍ଷ ପାଇଁ ଦାୟିତ୍ୱ ଅର୍ପଣ କରାଯାଇଛି। ତେଲକୋଇ ଅଞ୍ଚଳର ବିଭିନ୍ନ ମୌଳିକ ସମସ୍ୟା ଓ ତାର ସମାଧାନ, ଅଞ୍ଚଳ ବିକାଶ ଏବଂ ସାମ୍ବାଦିକତା କ୍ଷେତ୍ରରେ ସ୍ୱାଭିମାନକୁ ପ୍ରେସ କ୍ଲବ୍ ଗୁରୁତ୍ୱ ଦେବ ବୋଲି କୁହାଯାଇଥିଲା। ଗ୍ରାମାଞ୍ଚଳରେ କାର୍ଯ୍ୟରତ ସାମ୍ବାଦିକଙ୍କୁ ଆର୍ଥିକ ସହାୟତା, ରାଜ୍ୟରେ ସାମ୍ବାଦିକ ସୁରକ୍ଷା ଆଇନ୍ ପ୍ରଣୟନ ପାଇଁ ଦୃଢ଼ ଦାବି ହୋଇଥିଲା। ଦୁର୍ନୀତି ଭ୍ରଷ୍ଟାଚାର ବିରୋଧରେ ସାମ୍ବାଦିକମାନେ ନିଜର କଲମ ମୁନକୁ ଅଧିକରୁ ଅଧିକ ଶାଣିତ କରିବାକୁ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ଅକ୍ଷୟ ପ୍ରଧାନ, ଡିଲେଶ୍ୱର ସାହୁ, ଅମରେଶ ପ୍ରଧାନ, କୈଳାସଚନ୍ଦ୍ର ପ୍ରଧାନ, ଅନୁକୂଳ ବିଶ୍ୱାଳ, ଡମ୍ବୁରୁଧର ଖୁଣ୍ଟିଆ, ଈଶ୍ୱରଚନ୍ଦ୍ର ବାରିକ, ବିଭୂତି ପ୍ରଧାନ, ଧିରେନ ପରିଡ଼ା, ଭୋଳେଶ୍ୱର ପାତ୍ର, ଦେବାଶିଷ ପାତ୍ରଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

ଦୁଇ ବାଇକ୍ ଧକ୍କାରେ ୩ ଗୁରୁତର ସହ ୪ ଆହତ



ବାଲିବନ୍ଧ, ୨୨।୨(ସମିସ): ରବିବାର ଝୁମ୍ପୁରା ଥାନା ନିକଟରେ ଦୁଇ ବାଇକ ଧକ୍କା ହେବା ଫଳରେ ୩ ଜଣ ଗୁରୁତର ଆହତଙ୍କ ସହ ଆଉ ଜଣେ ସାମାନ୍ୟ ଆହତ ହୋଇଛନ୍ତି। ଗୁରୁତର ୩ ଜଣ ହେଲେ ଝୁମ୍ପୁରା ଥାନା ରାମଚନ୍ଦ୍ରପୁର ଗ୍ରାମର ଡାକ୍ତର ମୁଣ୍ଡା (୧୮), କାଶିପାଳ ଗ୍ରାମର ରୋହିତ ପ୍ରଧାନ (୧୯) ଓ କଟଲପଶି ଗ୍ରାମର ଅଙ୍କିତ କୁମାର (୧୭)। ବଳରାମପୁର ଗ୍ରାମର ଶ୍ରୀରାମ ମୁଣ୍ଡା (୧୯) ଆହତ ହୋଇଛନ୍ତି। ଝୁମ୍ପୁରା ଥାନା ନିକଟରେ ଉଭୟ ବାଇକ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁଇ ଜଣ ରାସ୍ତା ଉପରେ ଛିଟିକି ପଡ଼ିବାରୁ ମୁଣ୍ଡ, ମୁହଁ ଏବଂ ଛାତିରେ ଆଘାତ ଲାଗିଥିଲା। ଖବର ପାଇ ପୁଲିସ ଘଟଣାସ୍ଥଳରୁ ସେମାନଙ୍କୁ ଉଦ୍ଧାର କରି ଝୁମ୍ପୁରା ଡାକ୍ତରଖାନାକୁ ନେଇ ପ୍ରାଥମିକ ଚିକିତ୍ସା କରିଥିଲେ। ତିନି ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଜଟିଳ ହେବାରୁ ତାଙ୍କୁ କେନ୍ଦୁଝର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ପୁଲିସ ବାଇକଦ୍ୱୟକୁ ଜବତ କରିଛି।

ଜଳ ସମ୍ପଦ ବିଭାଗ ଅଫିସରେ ଡିଇଓ ପଦ ଖାଲି; କାର୍ଯ୍ୟ ବାଧାପ୍ରାପ୍ତ

ହାଟଡ଼ିହୀ,୨୨।୨(ସମିସ): ବୈତରଣୀ ଜଳସମ୍ପଦ ଡ଼ିଭିଜନ ତଥା ଶାଳଣିଆଁ ସବ୍‌ଡ଼ିଭିଜନ ଅଧୀନ ବନ୍ତ ଜଳସମ୍ପଦ ବିଭାଗ କାର୍ଯ୍ୟାଳୟରେ କୌଣସି ଡାଟା ଏଣ୍ଟ୍ରି ଅପରେଟର ନିଯୁକ୍ତି ହୋଇ ନଥିବାରୁ ବିଭିନ୍ନ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ବନ୍ତ ଜଳସମ୍ପଦ ବିଭାଗ କାର୍ଯ୍ୟାଳୟରେ ଦୁଇଟି ସେକ୍ସନ କାର୍ଯ୍ୟ କରୁଛି। ସେଥିମଧ୍ୟରେ ସେକ୍ସନ ୨ ଓ ସେକ୍ସନ ୩ ରହିଛି। ଦୁଇଟି ସେକ୍ସନରେ ୨ ଜଣ କନିଷ୍ଠ ଯନ୍ତ୍ରୀ ରହିଛନ୍ତି। ସେକ୍ସନ ୨ ଅଧୀନରେ ୧୮ ଟି କେନାଲ ରହିଥିବାବେଳେ ୯ଟି ପାଣି ପଞ୍ଚାୟତ କାର୍ଯ୍ୟ କରୁଛି। ସେହିପରି ସେକ୍ସନ ୩ ଅଧୀନରେ ୧୯ ଟି କେନାଲ ରହିଥିବା ବେଳେ ଜଳସମ୍ପଦ ବିଭାଗର ୯ ଟି ପାଣି ପଞ୍ଚାୟତ କାର୍ଯ୍ୟ କରୁଛି। ଏହି ଦୁଇଟି ସେକ୍ସନରେ ବିଭିନ୍ନ ସମୟରେ ବିଭିନ୍ନ କାର୍ଯ୍ୟ ସମ୍ପାଦନ ପାଇଁ କୌଣସି ଡାଟା ଏଣ୍ଟ୍ରି ଅପରେଟର ନଥିବାରୁ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ବର୍ତ୍ତମାନ ପ୍ରାୟ ସରକାରୀ ଅଫିସଗୁଡ଼ିକରେ ସମସ୍ତ କାର୍ଯ୍ୟ କମ୍ପ୍ୟୁଟର ଓ ଅନଲାଇନ ମାଧ୍ୟମରେ କରାଯାଉଛି। ହେଲେ, ଏଠାରେ ଡାଟା ଏଣ୍ଟ୍ରି ଅପରେଟର ନଥିବାରୁ ବିଭିନ୍ନ ସରକାରୀ କାର୍ଯ୍ୟଗୁଡିକ ସଠିକ୍ ସମୟରେ ସମ୍ପାଦିତ ହୋଇପାରୁନାହିଁ। ଅପରପକ୍ଷେ କେନ୍ଦୁଝର ଜିଲ୍ଲା ଅଧୀନରେ ଡ଼ିଭିଜନ ଓ ସବ୍‌ଡ଼ିଭିଜନ ରହିଥିବା ବେଳେ ଭଦ୍ରକ ଜିଲ୍ଲା ଅଧୀନରେ ବନ୍ତ ଜଳସମ୍ପଦ ବିଭାଗର ଦୁଇଟି ସେକ୍ସନ ଅଫିସ ଉପରେ କାହାର ନଜର ପଡୁ ନଥିବା ଜଣାଯାଇଛି। ଫଳରେ ଦୁଇଟି ସେକ୍ସନରେ ସରକାରୀ କାର୍ଯ୍ୟ ଗୁଡିକରେ ବାଧା ସୃଷ୍ଟି ହେଉଛି। ରାଜ୍ୟ ସରକାର ତଥା ରାଜ୍ୟ ଜଳସେଚନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ବନ୍ତ ଜଳସମ୍ପଦ ବିଭାଗ ଅଫିସରେ ଜଣେ ଡାଟା ଏଣ୍ଟ୍ରି ଅପରେଟର ନିଯୁକ୍ତି କଲେ ସମସ୍ତ ସରକାରୀ ଅନ୍‌ଲାଇନ କାର୍ଯ୍ୟଗୁଡିକ ସୁବିଧାରେ ହୋଇପାରିବ ବୋଲି ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।

ରାଜ୍ୟ ବିଦ୍ୟୁତ୍ କର୍ମଚାରୀ ଫେଡେରେସନ୍‌ର ରାଜ୍ୟ ସମ୍ମିଳନୀ ଉଦଯାପିତ



କେନ୍ଦୁଝର, ୨୨।୨(ସମିସ): କେନ୍ଦୁଝର ସହରର ଅଡିଟୋରିଅମ ହଲରେ ଏଆଇଟିୟୁସି ସହବନ୍ଧିତ ବିଦ୍ୟୁତ୍ କର୍ମଚାରୀ ଫେଡେରେସନର ୫୧ତମ ସମ୍ମିଳନୀ ଉଦଯାପିତ ହୋଇଯାଇଛି। ଫେଡେରେସନ ଅଧ୍ୟକ୍ଷ ସାଥୀ ରାମକୃଷ୍ଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଦୁଇଦିନିଆ ସମ୍ମିଳନୀରେ ରାଜ୍ୟର ୩୦ଟି ଜିଲ୍ଲାର ବିଦ୍ୟୁତ କର୍ମଚାରୀ ୟୁନିୟନର ୫ ଶହ ନିର୍ବାଚିତ ପ୍ରତିନିଧି ଯୋଗଦେଇଥିଲେ। ଅଧ୍ୟକ୍ଷ ସାଥୀ ପଣ୍ଡା ବିଧିବଦ୍ଧ ଭାବେ ସମ୍ମିଳନୀକୁ ଉଦଘାଟନ କରିବା ପରେ ଦିବଂଗତ ନେତା ଓ କର୍ମୀ ମାନଙ୍କ ସ୍ମୃତିରେ ନିରବ ପ୍ରାର୍ଥନା କରାଯାଇଥିଲା। ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷା ତଥା କେନ୍ଦୁଝର ପୌରପରିଷଦର ଅଧ୍ୟକ୍ଷା ନିକୁ ସାହୁ ସ୍ୱାଗତ ଅଭିଭାଷଣ ରଖିଥିଲେ। ବିଦ୍ୟୁତ୍ ଫେଡେରେସନ ସର୍ବଭାରତୀୟ ସାଧାରଣ ସମ୍ପାଦକ ସାଥୀ ମୋହନ ଶର୍ମା, ଉତ୍ତର ପୂର୍ବାଞ୍ଚଳ ସମ୍ପାଦକ ସାଥୀ ବୈଦ୍ୟନାଥ ସିଂ, ଉପ ସାଧାରଣ ସମ୍ପାଦକ ଅରୁଣ ଛୋଟରାଜ, ଏଆଇଟିୟୁସି, ଓଡ଼ିଶା ରାଜ୍ୟ କାର୍ଯ୍ୟକାରି ସଭାପତି ସାଥୀ ମହେଶ୍ୱର ରାଉତ ସାଧାରଣ ସମ୍ପାଦକ ସାଥୀ ବିଜୟ ଜେନା ନିଜ ନିଜର ବକ୍ତବ୍ୟ ରଖିଥିଲେ। ଫେଡେରେସନ ପରିଚାଳନା ପାଇଁ ଏକ ୧୦୧ ଜଣିଆ ରାଜ୍ୟ ପରିଷଦ ଓ ୩୫ ଜଣିଆ କମିଟି ନିର୍ବାଚିତ କରାଯାଇଥିଲା। ସାଥୀ ରାମକୃଷ୍ଣ ପଣ୍ଡା ପୁନର୍ବାର ଅଧ୍ୟକ୍ଷ ଓ ସାଥୀ ସତ୍ୟବାଦୀ ବାଘ ସାଧାରଣ ସମ୍ପାଦକ ଭାବରେ ନିର୍ବାଚିତ ହୋଇଥିଲେ। ଏହା ବ୍ୟତୀତ ଉପ ସାଧାରଣ ସମ୍ପାଦକ ଭାବରେ ସାଥୀ ଶମ୍ଭୁପ୍ରସାଦ ମହାପାତ୍ର, ସୁକାନ୍ତ କୁମାର ବେହେରା କୋଷାଧ୍ୟକ୍ଷ ସହିତ ୫ ଜଣ ଉପଦେଷ୍ଟା, ୭ ଜଣ ଭାଇସ ଚେୟାରମ୍ୟାନ, ୫ ଜଣ ଉପ ସାଧାରଣ ସମ୍ପାଦକ, ୧୪ ଜଣ ସମ୍ପାଦକ ଭାବରେ ନିର୍ବାଚିତ ହୋଇଥିଲେ। ଆୟୋଜକ କମିଟିର କନଭେନର ସାଥୀ ପଙ୍କଜ କୁମାର ଜେନାଙ୍କ ସମେତ ସମସ୍ତ ସାଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

କର୍କଟ ରୋଗୀଙ୍କୁ ସହାୟତା



ଆନନ୍ଦପୁର, ୨୨।୨ (ସମିସ): ହାଟଡିହି ବ୍ଲକ ଅନ୍ତର୍ଗତ କପୁଣ୍ଡି ଗ୍ରାମରେ କର୍କଟ ରୋଗରେ ପୀଡ଼ିତ କୁନି ଜେନାଙ୍କ ଉଚ୍ଚତର ଚିକିତ୍ସା ପାଇଁ ବିଜେପି ନେତା ବିଶ୍ୱନାଥ ପ୍ରତାପ ଆର୍ଥିକ ସହଯୋଗ କରିଛନ୍ତି। କର୍କଟ ରୋଗରେ ବାପା ଅପରେସନ ହୋଇଥିବା ବେଳେ ପୁଅ ମଳକଣ୍ଟକ ରୋଗରେ ଅପରେସନ ହୋଇ ଅର୍ଥ ଅଭାବରୁ ଯନ୍ତ୍ରଣାରେ ଜର୍ଜରିତ ହେଉଥିବାରୁ ସହାୟତା ପାଇଁ ଅନୁରୋଧ କରିଥିଲେ। ସୁନା ଗହଣା ବିକି ବାପ ପୁଅଙ୍କ ମେଡିକାଲ ଖର୍ଚ୍ଚକରିବା ସହ ସାହି-ପଡିଶା ବନ୍ଧୁ-ବାନ୍ଧବ ଯଥା ସମ୍ଭବ ସାହାଯ୍ୟ କରିଛନ୍ତି। ଗୋଟିଏ ପୁଅ ବଳରାମ ଜେନା ଏକ ମେଡ଼ିସିନ ଷ୍ଟୋରରେ କାମକରି ଯାହା ରୋଜଗାର କରନ୍ତି। ସେଥିରେ ଘର ଚଳେ କିନ୍ତୁ ସେ ବି ୩ମାସ ହେବ ଅପରେସନ ହୋଇ ଘରେ ଅସୁସ୍ଥ ଅବସ୍ଥାରେ ପଡିରହିଛନ୍ତି।

ବିଦ୍ୟାଳୟସ୍ତରୀୟ ବିଶ୍ୱ ଚିନ୍ତନ ଦିବସ




କେନ୍ଦୁଝର, ୨୨।୨(ସମିସ): ମୋଚିବନ୍ଧ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ବିଶ୍ୱ ଚିନ୍ତନ ଦିବସ ପାଳିତ ହୋଇଯାଇଛି। ସ୍କାଉଟ-ଗାଇଡ ପ୍ରତିଷ୍ଠାତାଙ୍କ ଜନ୍ମଦିନ ଅବସରରେ ବିଶ୍ୱ ଚିନ୍ତନ ଦିବସର ବିଷୟବସ୍ତୁ ଆମ ବନ୍ଧୁତ୍ୱଞ୍ଚ ଉପରେ ଉତ୍ସବର ମୁଖ୍ୟଅତିଥି କେନ୍ଦୁଝର ସ୍କାଉଟ କମିସନର ସୁଶୀଲ ନାୟକ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ସ୍କାଉଟ ମାଷ୍ଟର ତଥା କେନ୍ଦୁଝର ସ୍କାଉଟ ଗାଇଡ଼ ସହସମ୍ପାଦକ ଫକୀର ମୋହନ ମହାନ୍ତ ଚିନ୍ତନ ଦିବସର ଉଦ୍ଦେଶ୍ୟ ଏବଂ ଇତିହାସ ସମ୍ବନ୍ଧରେ ସୂଚନା ଦେବା ସହ ପିଲାମାନେ କିପରି ଶୃଙ୍ଖଳିତ ହୋଇପାରିବେ ସେ ଦିଗରେ ପରାମର୍ଶ ଦେଇଥିଲେ। ପ୍ରତ୍ୟେକ ସ୍କାଉଟ ଗାଇଡ଼ କିପରି ଜଣେ ଜଣେ ସମାଜର ସେବକ ହୋଇପାରିବେ, ସେ ସମ୍ବନ୍ଧରେ ସମସ୍ତଙ୍କଠାରୁ ଚିନ୍ତନ ସଂଗ୍ରହ କରାଯାଇଥିଲା। ସମସ୍ତଙ୍କ ମଧ୍ୟରେ ସେବା ମନୋଭାବ ଜାଗ୍ରତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ତେଜସ୍ୱିନୀ ପାତ୍ର ସ୍କାଉଟ ଗାଇଡ଼ଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ।

ଗୋ-ମାଂସ ଚାଲାଣ; ଟ୍ରକ୍ ଅଟକ



ତୁରୁମୁଙ୍ଗା, ୨୨।୨(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥ ତୁରୁମୁଙ୍ଗା ନିକଟରୁ ରବିବାର ଓଡି୦୯ ସି୮୨୫୨ ନମ୍ବର ବିଶିଷ୍ଟ ଏକ ଟ୍ରକର ଡ୍ରାଇଭର ଗାଡ଼ିରେ ପଲିଥିନ ସାହାଯ୍ୟରେ ଗୋ ମାଂସ ନେଉଥିବା ସନ୍ଦେହରେ ସ୍ଥାନୀୟ ଲୋକେ ଟ୍ରକକୁ ଅଟକ ରଖିବା ସହ ଡ୍ରାଇଭରକୁ ଅଟକ ରଖି ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ତୁରୁମୁଙ୍ଗା ପୁଲିସ ପହଞ୍ଚି ଡ୍ରାଇଭରକୁ ଥାନାକୁ ଆଣିଥିବା ବେଳେ ଟ୍ରକକୁ ଅଟକ ରଖି ଘଟଣାର ତଦନ୍ତ ଜାରି ରଖିବା ସହ ପୁଲିସ ଉକ୍ତ ମାଂସକୁ ଜବତ କରିଛି। ଏନେଇ ତୁରୁମୁଙ୍ଗା ଥାନାରେ ଏକ ମାମଲା ରୁଜୁ ହୋଇଛି।

ତେଲକୋଇ ସାମ୍ବାଦିକଙ୍କ ପିତୃ ବିୟୋଗ



ତେଲକୋଇ,୨୨।୨(ସମିସ): ତେଲକୋଇ ବ୍ଲକ୍‌ରେ କାର୍ଯ୍ୟରତ ସାମ୍ବାଦିକ ବିରଞ୍ଚି କୁମାର ବେହେରାଙ୍କ ପିତା ଗୌରହରି ବେହେରାଙ୍କ ବିୟୋଗ ଘଟିଯାଇଛି। ଗତକାଲି ରାତି ୯ଟା ୪୫ ମିନିଟ୍ ସମୟରେ ଖୁଣ୍ଟାପଡାସ୍ଥିତ ବାସଭବନରେ ତାଙ୍କ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୯୦ ବର୍ଷ ହୋଇଥିଲା। ସେ ଖୁଣ୍ଟାପଡା ବ୍ରହ୍ମେଶ୍ୱର ମକର ମେଳା କମିଟି, ଅଷ୍ଟପ୍ରହରୀ କମିଟି, ଦୋଳ ଉତ୍ସବ କମିଟି, ବ୍ରହ୍ମେଶ୍ୱର ହାଇସ୍କୁଲର ପ୍ରତିଷ୍ଠାତା ସଦସ୍ୟ, ୩ ନଂ ୱାର୍ଡର ପୂର୍ବତନ ମେମ୍ବର ତଥା ନିଖିଳ ଉତ୍କଳ ତଅାଁଳା ସମାଜ ତେଲକୋଇ ଶାଖାର ପୂର୍ବତନ ସଭାପତି ରହିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପୁଅ, ବୋହୂ, ଝିଅ, ନାତିନାତୁଣୀ ତଥା ସମ୍ପର୍କୀୟ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ଅମର ଆତ୍ମାର ସଦଗତି ନିମନ୍ତେ ତେଲକୋଇ ପ୍ରେସ କ୍ଲବ ପକ୍ଷରୁ ଗୋଟିଏ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପାର୍ଥିବ ଶରୀର ଶେଷ ଦର୍ଶନ କରିଥିଲେ। ଗାଁରେ ଥିବା ତାଙ୍କ ନିଜସ୍ୱ ଜମିରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

ମିଳିତ ସାହିତ୍ୟ ମଞ୍ଚର ପ୍ରତିଭା ସମ୍ବର୍ଦ୍ଧନା



ଆନନ୍ଦପୁର, ୨୨।୨ (ସମିସ): ମିଳିତ ସାହିତ୍ୟ ମଞ୍ଚ ଦ୍ୱାରା ବରିଷ୍ଠ ଲେଖକ ରତ୍ନାକର ଦାସଙ୍କ ସମ୍ମାନାର୍ଥେ ଅଭିନନ୍ଦନ ଗ୍ରନ୍ଥ ଉନ୍ମୋଚନ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବାଳକୃଷ୍ଣ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା, ମୁଖ୍ୟବକ୍ତା ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ଡକ୍ଟର ରାମଚନ୍ଦ୍ର ନାୟକ, ସ୍ୱତନ୍ତ୍ର ଅତିଥି ଭାବେ ପ୍ରଫେସର ରମାକାନ୍ତ ନାୟକ, ସ୍ୱତନ୍ତ୍ର ବକ୍ତା ଭାବେ ପ୍ରଫେସର ଡକ୍ଟର ନାରାୟଣ ସେନାପତି, ସମ୍ମାନିତ ଅତିଥି ଭାବେ ଡକ୍ଟର ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, କବି ଡ.ଅଶୋକ ପୁହାଣ ସମ୍ବର୍ଦ୍ଧିତ ପ୍ରତିଭା ରତ୍ନାକର ଦାସଙ୍କ ସାହିତ୍ୟ କୃତି ଓ ସାଙ୍ଗଠନିକ ଦକ୍ଷତା ସମ୍ପର୍କିତ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଭିନନ୍ଦନ ଗ୍ରନ୍ଥ "ସମାଦର ରତ୍ନାକର"କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଚତୁର୍ଭୁଜ ଜେନାଙ୍କ ପୁସ୍ତକ "ଭିଟା ମାଟିର ମୋହ" ବିଦ୍ୟୁତପ୍ରଭା ଦେଓଙ୍କ "ସେକାଳ ଏକାଳ" ବାମନ ଚରଣ ବେହେରାଙ୍କ "କବିତା ପୀୟୂଷ" ଚିନ୍ତାମଣି ଦାସଙ୍କ "ଅନ୍ୟ ଏକ ମେଘଦୂତ" ସମେତ ମୁଖପତ୍ର "ଶିଶୁ ବିଭବ" ଲୋକାର୍ପିତ ହୋଇଥିଲା। ମିଳିତ ମଞ୍ଚ ଦ୍ୱାରା ବରିଷ୍ଠ ବିଦ୍ୱାନ ବାଳକୃଷ୍ଣ ରାଉତ ଓ ଜୟନାରାୟଣ ଜଗଦେବ ମହାପାତ୍ର ଓ ଶିଶୁ ସାହିତ୍ୟ ଗବେଷକ ଡକ୍ଟର ଅନ୍ତର୍ଯ୍ୟାମୀ ପ୍ରଧାନଙ୍କୁ ଫଳକ ଉତ୍ତରୀୟ ଅର୍ପଣ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ମିଳିତ ମଞ୍ଚ ତରଫରୁ କବି ମୁରଲୀଧର ବେହେରା ପ୍ରାକ୍ ସୂଚନା, ଅନ୍ତର୍ଯ୍ୟାମୀ ରାଉତ ଅତିଥି ପରିଚୟ ଚତୁର୍ଭୁଜ ପହି ମଞ୍ଚ ସଂଯୋଜନା କରିଥିବା ବେଳେ ନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ରୁଙ୍ଗଟା ଏକାଦଶକୁ ହରାଇ ବଡ଼ବିଲ ପୁଲିସ ଟିମ୍ ଚାମ୍ପିଅନ

ଯୋଡ଼ା,୨୨।୨ (ସମିସ)



ଗତ ଫେବୃଆରୀ ୧୭ ତାରିଖରେ ଆରମ୍ଭ ହୋଇଥିବା ପ୍ରଥମ ସଂସ୍କରଣ ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ୫ ଦିନିଆ ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ବଡ଼ବିଲ ଆଖପାଖ ଅଞ୍ଚଳର ୧୬ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ବଡବିଲ ପୁଲିସ ଟିମ୍ ଓ ରୁଙ୍ଗଟା ଏକାଦଶ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବଡବିଲ ପୁଲିସ ଟିମ୍ ଟସ୍ ଜିତି ବ୍ୟାଟିଂର ନିଷ୍ପତ୍ତି ନେଇ ୯୨ ରନ ସଂଗ୍ରହ କରିଥିଲା ବେଳେ ରୁଙ୍ଗଟା ଏକାଦଶ ନିର୍ଦ୍ଧାରିତ ୧୦ ଓଭରରେ ୮୨ ରନ କରି ପରାଜିତ ହୋଇଥିଲେ। ବଡବିଲ ପୁଲିସ ଟିମ୍ ୧୦ ରନ ବ୍ୟବଧାନରେ ବିଜୟ ହାସଲ କରିଥିବା ବେଳେ ଅଧିନାୟକ ପ୍ରଶାନ୍ତ ସାମଲ ନିଜର ବ୍ୟକ୍ତିଗତ ୭ ରନ ସହିତ ୨ଟି ୱିକେଟ୍ ହାସଲ କରିବା ସହ ପ୍ଲେୟାର ଅଫ ଦ ମ୍ୟାଚରେ ପୁରସ୍କୃତ ହୋଇଥିଲେ। ନିଜ ଚମତ୍କାର ବ୍ୟାଟିଂ ଏବଂ ବୋଲିଂ ବଳରେ ରୁଙ୍ଗଟା ଏକାଦଶର ସତ୍ୟବାନ ଆପଙ୍ଗ ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ୫୭ ରନ୍ ସହିତ ୫ ୱିକେଟ୍ ସଂଗ୍ରହ କରି ସର୍ବଶ୍ରେଷ୍ଠ ଖେଳାଳିର ଟାଇଟଲ୍ ହାସଲ କରିଥିଲେ। ସେହିଭଳି ବଡବିଲ ପୁଲିସ ଟିମର ରାଜନ୍ ଟୁର୍ଣ୍ଣାମେଣ୍ଟର ବେଷ୍ଟ ବ୍ୟାଟର ଏବଂ ପ୍ରଶାନ୍ତ ସାମଲ ବେଷ୍ଟ ବୋଲରର ଟାଇଟଲ୍ ଜିତିଥିଲେ। ରାଜନ୍ ଟୁର୍ଣ୍ଣାମେଣ୍ଟରେ ୧୨୦ ରନ୍ କରିଥିବା ବେଳେ ପ୍ରଶାନ୍ତ ସାମଲ ସମୁଦାୟ ୪ଟି ଇନିଂସରେ ୮ ଟି ୱିକେଟ୍ ହାସଲ କରିଥିଲେ। ରୁଙ୍ଗଟା ଏକାଦଶ ନିଜର ଉତ୍କୃଷ୍ଟ ପ୍ରଦର୍ଶନ ସହ ସର୍ବୋତ୍ତମ ଅନୁଶାସନ ଟିମ୍ ଭାବରେ ପୁରସ୍କୃତ ହୋଇଥିଲା। ରୁଙ୍ଗଟା ମାଇନ୍ସ ଲିମିଟେଡ ପକ୍ଷରୁ ନିଗମ ସାମାଜିକ ଦାୟିତ୍ୱ(ସିଏସଆର) ଦ୍ୱାରା ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଆସିଥିବା ଦଳ ଏବଂ ଖେଳାଳିଙ୍କ ପ୍ରଦର୍ଶନ ଏବଂ ଉତ୍ସାହ ଚର୍ଚ୍ଚାର ବିଷୟ ଥିଲା। ଟୁର୍ଣ୍ଣାମେଣ୍ଟର ଚମ୍ପିୟାନ ଦଳକୁ ୩୦ ହଜାର ଟଙ୍କା ଓ ରନର୍ସ ଅପ ଟିମକୁ ୨୦ ହଜାର ଟଙ୍କାର ପୁରସ୍କାର ପ୍ରଦାନ ସହ ଟ୍ରଫି ପ୍ରଦାନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ସାଂସଦ ପ୍ରତିନିଧି ଗଣେଶ୍ୱର ମହାନ୍ତ, ସିଏମ ପ୍ରତିନିଧି ରାଜୁ ମହାନ୍ତ, ପୌରସଭ୍ୟା ବବିରାଣୀ ମହାନ୍ତ, ସମାଜସେବୀ ଲକ୍ଷ୍ମଣ ମହାନ୍ତ, ବଡବିଲ ଏସଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ, ବଡ଼ବିଲ ଆଇଆଇସି ଅଶୋକ ନାୟକ, ଯୋଡ଼ା ଆଇଆଇସି ପ୍ରଶାନ୍ତ ସାମଲ, ସିଜିଏମ ବିଶ୍ୱରଞ୍ଜନ ପାଢ଼ୀ, ସିଜିଏମ୍, ମାନବ ସମ୍ବଳ ଆନନ୍ଦ ଚରଣ ସାହୁ, ପ୍ଲାଣ୍ଟ ମୁଖ୍ୟ ସୁରେଶ ମହାପାତ୍ର, କାରଖାନା ପରିଚାଳକ ଭି.ଏନ.ଝା, କଲ୍ୟାଣ କମଳ ଭୂୟାଁ, କେ.ସି. ପାତ୍ରଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଟୁର୍ଣ୍ଣାମେଣ୍ଟରେ ସୁନୀଲ ଗୁପ୍ତା, ପୁରେନ୍ଦ୍ର ମହାନ୍ତ, ଜେଠୁରାମ ପାତ୍ର ପରିଚାଳନା କରିଥିବା ବେଳେ ବିଘ୍ନେଶ ପରିଡ଼ା, ସୁବଳ ଜେନା ସ୍କୋର ବୋର୍ଡ କାର୍ଯ୍ୟ ତୁଲାଇଥିଲେ। ସୁରେଶ ସାଣ୍ଡିଲ, ବିନ୍ନୀ କର ଧାରା ବିବରଣୀ ପ୍ରବେଶ କରେଇଥିଲେ। କମ୍ପାନୀ ନିର୍ଦ୍ଦେଶକ ପ୍ରଣୟ ଦେଓ ଏବଂ ସମାଜସେବୀ ଲକ୍ଷଣ ମହାନ୍ତଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମଟି ପରିଚାଳିତ ହୋଇଥିଲା।

ବାରିପଦା ଷ୍ଟେସନ କଳେବର ସଙ୍କୁଚିତ ନେଇ ଅସନ୍ତୋଷ

୧୭ କୋଟିର ପ୍ରକଳ୍ପ ୭ କୋଟିରେ ସୀମିତ

ବାରିପଦା, ୨୨।୨(ସମିସ)



ମୟୂରଭଞ୍ଜ ଜିଲ୍ଲାର ମୁଖ୍ୟାଳୟରେ ପ୍ରମୁଖ ରେଳ ଷ୍ଟେସନ ବାରିପଦାକୁ ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ପୁନଃବିକାଶ କରାଯାଉଥିବାବେଳେ କଳେବର ସଙ୍କୁଚିତ ନେଇ ଜିଲ୍ଲାବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ପ୍ରାରମ୍ଭିକ ଡିଟେଲ୍ଡ ପ୍ରୋଜେକ୍ଟ ରିପୋର୍ଟ (ଡିପିଆର) ଅନୁଯାୟୀ ଘୋଷଣା ହୋଇଥିବା ଅନେକ ସୁବିଧା ଏବେ ପୂର୍ଣ୍ଣ ରୂପ ନେଇନାହିଁ। ଯାହା ରେଳ ବିଭାଗର ଯୋଜନାକୁ ପୂର୍ଣ୍ଣ ରୂପ ଦେଇପାରିନି। ନୂତନ ପ୍ରକଳ୍ପର ବଡ଼ ବଡ଼ କାର୍ଯ୍ୟ ନ ହେବା ବା ନିର୍ମାଣରୁ ବାଦ ଦିଆଯିବା ଜନ ଅସନ୍ତୋଷର ମୁଖ୍ୟ କାରଣ ହୋଇଛି। ଅମୃତ ଭାରତ ଯୋଜନାରେ ଏହି ଷ୍ଟେସନ୍ ପାଇଁ ପ୍ରାରମ୍ଭରେ ପ୍ରାୟ ୧୭ କୋଟି ଟଙ୍କାର ବଜେଟ୍ ଅନୁମୋଦିତ ହୋଇଥିଲା। ଏହା ଦକ୍ଷିଣ-ପୂର୍ବ ରେଳବାଇ (ଏସଇଆର)ର ଖଡଗପୁର ଡିଭିଜନ୍ ଅଧୀନରେ ଅଛି। ଓଡ଼ିଶାର ୫୯ଟି ଷ୍ଟେସନ୍ ମଧ୍ୟରୁ ଅନ୍ୟତମ ହୋଇଥିବାବେଳେ ଏହାକୁ ଅବହେଳା କରାଯାଇଛି। ନିର୍ମାଣ କାମ ପର୍ଯ୍ୟାୟକ୍ରମେ ଚାଲିଛି ସତ, କିନ୍ତୁ ଡିପିଆରରେ ଥିବା ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ବାଦ ଦେବାର କାରଣ କେହି ଖୋଜି ପାଉନାହାନ୍ତି। ଡବଲ ଇଞ୍ଜିନ ସରକାରରେ ମୟୂରଭଞ୍ଜ ଜନସାଧାରଣ ସମସ୍ତ ସାଂସଦ, ବିଧାୟକଙ୍କୁ ବହୁ ଭୋଟରେ ବିଜୟୀ କରିଥିଲେ ହେଁ ସେମାନଙ୍କ ମଧ୍ୟରୁ କେହି ପାଟି ଖୋଲୁନାହାନ୍ତି। ଜିଲ୍ଲାର ଅଣରାଜନୈତିକ ସଂଗଠନ ଭଞ୍ଜସେନା ମଧ୍ୟ ଏ ପର୍ଯ୍ୟନ୍ତ କାରଣ ଜାଣିବାକୁ ଚାହିଁନାହାଁନ୍ତି।

ବର୍ତ୍ତମାନର ରିପୋର୍ଟ ଅନୁଯାୟୀ, ପ୍ରକଳ୍ପର ବଜେଟ୍ ୧୭ କୋଟିରୁ କମି କମି ୭ କୋଟି ଟଙ୍କାରେ ପହଞ୍ଚିଛି। ଫଳରେ ୪୦/୫୦ ବର୍ଷକୁ ଆଖିରେ ରଖି ହେବାକୁ ଥିବା ପ୍ରକଳ୍ପ ଅଧାପନ୍ତରିଆରେ ରହିଛି। ଯାହା ଅନେକ ବଡ଼ ସୁବିଧାର ଅଭାବର କାରଣ ହୋଇଛି। ଉଦାହରଣ ସ୍ୱରୂପ, ଫୁଟ୍ ଓଭରବ୍ରିଜ୍ (ଏଫଓବି) ନିର୍ମାଣକୁ ବାଦ କରାଯାଇଛି। ଏସଇଆରର ରିପୋର୍ଟ ଅନୁଯାୟୀ, ଷ୍ଟେସନରେ ମାତ୍ର ଏକ ପ୍ଲାଟଫର୍ମ ଥିବାରୁ ଏହି ସୁବିଧାକୁ କମ୍ପିଟେଣ୍ଟ ଅଥରିଟି ଅନୁମୋଦନରେ ବାଦ୍ ଦିଆଯାଇଛି। ଭବିଷ୍ୟତରେ ଅଧିକ ଲାଇନ୍ ଓ ପ୍ଲାଟଫର୍ମ ଯୋଡ଼ାଯିବାର ଯୋଜନା ଏହି କାର୍ଯ୍ୟ ପାଇଁ ନାନା ପ୍ରଶ୍ନ ଉଠାଇଛି। ଯାତ୍ରୀମାନେ ଟ୍ରାକ୍ ପାର୍ ହେବାକୁ ଅସୁବିଧା ଭୋଗୁଛନ୍ତି। ଯାତ୍ରୀ ସୁରକ୍ଷା ନେଇ ସମସ୍ୟା ବଢ଼ିବା ଆଶା କରାଯାଉଛି। ଏହାବ୍ୟତୀତ ବଡ଼ ସ୍କେଲରେ ସମ୍ପ୍ରସାରଣ ଯେମିତି ଏକାଧିକ ପ୍ଲାଟଫର୍ମ, ରୁଫ୍ ପ୍ଲାଜା, ଏକଜିକ୍ୟୁଟିଭ୍ ଲାଉଞ୍ଜ୍, କିଡ୍ସ ପ୍ଲେ ଏରିଆ ଭଳି ସୁବିଧା ଡିପିଆରରେ ଥିଲେ ମଧ୍ୟ ଏବେ ଅଗ୍ରାଧିକାର ଦିଆଯାଇନାହିଁ। ବଜେଟ୍ କମିଯିବାରୁ ଏହି ବଡ଼ ଯୋଜନାଗୁଡ଼ିକୁ ଫେଜ୍-୧ରେ ବାଦ୍ ଦିଆଯାଇଥିବା ଅନୁମାନ କରାଯାଇଛି। ଅନ୍ୟ ବଡ଼ ଷ୍ଟେସନରେ ଏହି ସୁବିଧା ଯୋଗ କରାଯାଉଛି, କିନ୍ତୁ ବାରିପଦାରେ କେବଳ ଛୋଟ ଉନ୍ନତି ଯେମିତି ନୂଆ ବୁକିଂ କାଉଣ୍ଟର୍, ଭିନ୍ନକ୍ଷମଙ୍କ ପାଇଁ ସୁବିଧା, ପ୍ଲାଟଫର୍ମ ସେଲଟର ହେଉଛି। କିଛି ମାତ୍ରାରେ ଷ୍ଟେସନକୁ ଭବିଷ୍ୟତମୁଖୀ କରିବାରେ ବିଫଳ ହୋଇଥିବା ଅଭିଯୋଗ ହୋଇଛି। ଲିଫ୍ଟ ଓ ଏସ୍କାଲେଟର୍ ଭଳି ଆଧୁନିକ ସୁବିଧା ମଧ୍ୟ ଏବେ ପର୍ଯ୍ୟନ୍ତ ଯୋଗ କରାଯାଇନାହିଁ। ଡିପିଆରରେ ଏହା ଭିନ୍ନକ୍ଷମ ଓ ବୟସ୍କ ଯାତ୍ରୀଙ୍କ ପାଇଁ ଆବଶ୍ୟକ ବୋଲି ଉଲ୍ଲେଖ ଥିଲା। କିନ୍ତୁ ଛୋଟ ଷ୍ଟେସନ୍ ହୋଇଥିବାରୁ ଏହାକୁ ବାଦ୍ ଦିଆଯାଇଛି। ଫଳରେ ଯାତ୍ରୀ ରାମ୍ପ, ଖସଡା ନ ଥିବା ଟାଇଲ୍ସ ଭଳି ମୌଳିକ ସୁବିଧାରେ ସନ୍ତୁଷ୍ଟ ହେବାକୁ ପଡ଼ୁଛି। ଏହା ଷ୍ଟେସନରେ ଆଧୁନିକତାକୁ ହ୍ରାସ କରିଛି ଓ ପର୍ଯ୍ୟଟନ ବୃଦ୍ଧିରେ ବାଧା ସୃଷ୍ଟି କରିଛି ବୋଲି ବୁଦ୍ଧିଜୀବୀ ବିଭୁଦତ୍ତ ଦାସ କହିଛନ୍ତି।

ମୁହଁ ଖୋଲୁନାହାନ୍ତି ଡବଲ ଇଞ୍ଜିନ ଜନପ୍ରତିନିଧି

ସେହିପରି ରେଳ ସୁରକ୍ଷା ପୁଲିସ ପାଇଁ ନୂତନ କୋଠାରେ ପ୍ରକୋଷ୍ଠ ନାହିଁ। ରେଳ ଧାରଣାର ଅପରପାର୍ଶ୍ୱରେ ସେହି ପୁରୁଣା ଘରେ କାର୍ଯ୍ୟ ତୁଲାଉଛନ୍ତି ସୁରକ୍ଷା ବାହିନୀ। ଏହି ଅସନ୍ତୋଷ କେବଳ ବାରିପଦାରେ ନୁହେଁ, ଅନ୍ୟ କିଛି ଷ୍ଟେସନରେ ମଧ୍ୟ ଦେଖାଯାଉଛି। ରେଳବାଇ କହୁଛି ଯେ କାମ ଚାଲିଛି ଓ ପୂର୍ଣ୍ଣ ହେବା ପରେ ସୁବିଧା ବଢ଼ିବ। କିନ୍ତୁ ଯାହା ହୋଇନାହିଁ ତାହା ଲୋକଙ୍କ ମନରେ ପ୍ରଶ୍ନ ଉଠାଉଛି। ଏହି ପରିସ୍ଥିତିରେ ବାରିପଦାର ପରିବହନ ଓ ପର୍ଯ୍ୟଟନ ବିକାଶରେ ବାଧା ସୃଷ୍ଟି ହୋଇପାରେ। ଏ ନେଇ ଏସଇଆରର ସିପିଆରଓ ଓମ ପ୍ରକାଶ ସରଣ କହିଛନ୍ତି, ନିୟମ ଅନୁସାରେ ଯାହା ରେଳ ମନ୍ତ୍ରଣାଳୟରୁ କରିବାକୁ କୁହାଯାଇଥିଲା କରାଯାଇଛି। ଆଗାମୀ ଦିନରେ ଯଦି ବିଭାଗ ପକ୍ଷରୁ ଭିତିଭୂମି ବିକାଶ କରିବାକୁ କୁହାଯିବ, ତେବେ କରାଯିବ ବୋଲି ସେ କହିଛନ୍ତି। ତେବେ ଜିଲ୍ଲାର ହକରୁ ଦକ୍ଷିଣ-ପୂର୍ବ ରେଳବାଇ ବଞ୍ଚିତ କଲେ ମୟୂରଭଞ୍ଜ ରେଳଯାତ୍ରୀ ଫୋରମ ତୀବ୍ର ପ୍ରତିବାଦ କରିବ ବୋଲି ଅଭିଜିତ ରାମ ଚେତାବନୀ ଦେଇଛନ୍ତି।

ଦୁର୍ଘଟଣାରେ ଅଜଣା ବୃଦ୍ଧଙ୍କ ମୃତ୍ୟୁ

ବିଶୋଇ, ୨୨।୨(ସମିସ): ବିଶୋଇ ଥାନା ଅନ୍ତର୍ଗତ ୪୯ ନଂ ଜାତୀୟ ରାଜପଥ ଡାକଚୋଟି ଛକ ନିକଟରେ ଦୁର୍ଘଟଣାରେ ଅଜଣା ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ଶନିବାର ବିଳମ୍ବିତ ରାତିରେ ୪୯ ନଂ ରାଜପଥ ଉପରେ ନୀଳ ରଙ୍ଗର ପୋଷାକ ପିନ୍ଧିଥିବା ୬୫ରୁ ୭୦ ବର୍ଷ ବୟସର ଜଣେ ଅଜଣା ବୃଦ୍ଧଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଦେଖିବାକୁ ମିଳିବା ପରେ ବିଶୋଇ ପୁଲିସ ପହଞ୍ଚି ମୃତଦେହକୁ ଜବତ କରିଥିଲା। ଏହି ଘଟଣାକୁ ନେଇ ବିଶୋଇ ଥାନାରେ କେସ ୩୭/୨୬ରେ ଏକ ମାମଲା ରୁଜୁ ହୋଇଛି। ଆଜି ଦିନ ତମାମ ରାସ୍ତା ଉପରେ ମୃତଦେହ ପଡ଼ିରହିଥିବାବେଳେ ଅପରାହ୍ନରେ ମୃତଦେହକୁ ଉଦ୍ଧାର କରାଯାଇ ବାରିପଦା ଶବଗୃହକୁ ପଠାଯାଇଛି। ବୃଦ୍ଧ ପାଖରୁ ଏକ ବ୍ୟାଗ ଓ ମନିପର୍ସକୁ ପୁଲିସ ଜବତ କରିଛି।

ଉନ୍ନୟନ କମିଶନରଙ୍କ ବାରିପଦା ଗସ୍ତ

ଡମ ସମାଜ ବିକାଶ ନେଇ କ୍ଷେତ୍ର ପରିଦର୍ଶନ

ବାରିପଦା, ୨୨।୨(ସମିସ): କେନ୍ଦ୍ର ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଉନ୍ନୟନ କମିଶନର ବାରିପଦା ଗସ୍ତରେ ଆସି ବିଭିନ୍ନ ସ୍ଥାନ ପରିଦର୍ଶନ କରିଛନ୍ତି। ଓଡ଼ିଶା



ଡମ ସମାଜ ବିକାଶ ଟ୍ରଷ୍ଟର ପୂର୍ଣ୍ଣଚନ୍ଦ୍ରପୁରସ୍ଥ ଜିଲ୍ଲା କାର୍ଯ୍ୟାଳୟକୁ ପ୍ରଥମେ ଯାଇଥିଲେ। ଟ୍ରଷ୍ଟ ସଭାପତି, ଉପସଭାପତି, ସମ୍ପାଦକ ଓ ସମସ୍ତ ସଦସ୍ୟ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏଥିସହିତ ଭୁଗଡ଼ାକଟା, ଯାମୁନାଦେଇ ଆଦି ସ୍ଥାନରେ ଡମ ସମ୍ପ୍ରଦାୟର ଲୋକଙ୍କ ସହ ଆଲୋଚନା କରିଥିଲେ। ସ୍ୱାଧୀନତାର ୭୮ ବର୍ଷ ପରେ ମଧ୍ୟ ବାରିପଦା ସହରରେ ଲୋକଙ୍କ ଅବସ୍ଥା ଦେଖି ଦୁଃଖ ପ୍ରକାଶ କରିଥିଲେ। ଡମ ସମାଜ ବାଉଁଶ ଉପରେ ନିର୍ଭରଶୀଳ ଅଟନ୍ତି। ଏହାଦ୍ୱାରା ସେମାନେ କିପରି ରୋଜଗାରକ୍ଷମ ହେବେ, ସେନେଇ ଆଲୋଚନା କରିଥିଲେ। ଉଚ୍ଚଶିକ୍ଷା, ଜମି, ଘର ଆଦି ପ୍ରଦାନ ବାବଦରେ ଆଲୋଚନା କରିଛନ୍ତି। ଡମ ସମାଜ କିପରି ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିବ, ସେନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଜଣାଇବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

କାକବନ୍ଧ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ



ରାସଗୋବିନ୍ଦପୁର, ୨୨।୨(ସମିସ): ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ କାକବନ୍ଧ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଏସଏମସି ଅଧ୍ୟକ୍ଷ ଶିବ ହେମ୍ବ୍ରମଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶାର କଳା ସଂସ୍କୃତି କେବଳ ଗ୍ରାମାଞ୍ଚଳରେ ଲୁଚି ରହିଛି ବୋଲି କହିଥିଲେ। ବିଇଓ ବିଜୟ ପାଣିଗ୍ରାହୀ ସ୍ୱତନ୍ତ୍ର ଅତିଥି, ବ୍ଲକ ମଙ୍ଗଳ ଅଧିକାରୀ ଦୀପକ କୁମାର ମାର୍ଣ୍ଡି, ମୟୂରଭଞ୍ଜ ଜିଲ୍ଲାର ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଅଜୟ ଜେନା, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ବିଜୟ ବାରିକ, ସୁକୁମାର ରାଉତ, ସେରାଳ ହଂସଦା, ଦେବେନ୍ଦ୍ର ପଣ୍ଡା, ଦୀପକ ଦଣ୍ଡପାଟ, ପ୍ରଦୀପ ଭୂୟାଁ, ବିଜୟ ନାୟକ, ପଦ୍ମାବତୀ ମହାନ୍ତି, ଅଲେଖ ପାଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସନ୍ଧ୍ୟାରେ ଛାତ୍ରଛାତ୍ରୀଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ଅତିଥି ଓ ଦର୍ଶକଙ୍କୁ ମୋହିତ କରିଥିଲା। କୃତୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିବାବେଳେ ପ୍ରଧାନଶିକ୍ଷକ ଜୟନ୍ତ ପାଣିଗ୍ରାହୀ ସମସ୍ତଙ୍କ ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ। ସହକାରୀ ଶିକ୍ଷକ ଅଭିଳାଷ ଦେ ଧନ୍ୟବାଦ ଜ୍ଞାପନ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଶକୁନ୍ତଳା ମହାନ୍ତି, ସୋନାଲୀ ଗିରି, ମାନସୀରାଣୀ ଜେନା, ଚିତ୍ତରଞ୍ଜନ ଜେନା, ରତନ ପ୍ରଧାନ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ।

କପ୍ତିପଦା ଏବିଓଙ୍କ ମନମୁଖୀ କାର୍ଯ୍ୟ ଅଭିଯୋଗ

କପ୍ତିପଦା, ୨୨।୨(ସମିସ): କପ୍ତିପଦା ବ୍ଲକରେ ଦୀର୍ଘଦିନ ଦିନ ଧରି ଶିକ୍ଷାଧିକାରୀ ପଦବୀ ଖାଲି ପଡ଼ିଥିବାରୁ ଜଣେ ବିଇଓଙ୍କ ଦାୟିତ୍ୱରେ ଚାଲିଛି। ମାତ୍ର ସେ ୩ଟି ବ୍ଲକ ଦାୟିତ୍ୱରେ ଥିବା ଯୋଗୁଁ ଏବିଇଓ ଘନଶ୍ୟାମ ସିଂ କାମ ଚଳାଉଛନ୍ତି। ଅନ୍ୟ ୨ଜଣ ଏବିଇଓ ଅନ୍ୟ ଦାୟିତ୍ୱରେ ଥିବାବେଳେ ଏବିଇଓ ଘନଶ୍ୟାମ ସିଂ ମନମୁଖୀ ଭାବେ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। କପ୍ତିପଦା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଚିଠିକୁ ନେଇ କପ୍ତିପଦା ବ୍ଲକର ଶିକ୍ଷକ ଶିକ୍ଷୟିତ୍ରୀ ଦ୍ୱନ୍ଦ୍ୱରେ ପଡ଼ିଥିବାର ସୂଚନା ମିଳିଛି। ନୂତନ ପାଠ୍ୟକ୍ରମ ତାଲିମ କେନ୍ଦ୍ରରେ ଯୋଗଦାନ ପାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀ ପତ୍ର ସଂଖ୍ୟା ୪୪୮/୪୫୩, ୩।୨।୨୦୨୬ ଅନୁଯାୟୀ ୨୦୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଏକ ତାଲିକା ପ୍ରସ୍ତୁତ କରିଥିବାବେଳେ ସେହି ତାଲିକାରେ ଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରୁ ଦିଲ୍ଲୀପ ଦଳେଇ, କରୁଣାକର ମଣ୍ଡଳ, ମହେନ୍ଦ୍ର ସାହୁ, ରାଜକିଶୋର ବେହେରା, ସୁବଳ ଶଙ୍ଖୁଆ ଓ ବିଦ୍ୟାଧର ବେହେରା ଭଳି ଅନେକ ଶିକ୍ଷକଙ୍କୁ ଚିଠି ନଂ ୪୬୯, ୧୬।୨।୨୦୨୬ ଅନୁଯାୟୀ ଦଶମ ଶ୍ରେଣୀ ପରୀକ୍ଷା ଦାୟିତ୍ୱ ଦିଆଯାଇଥିବା ଦେଖିବାକୁ ମିଳିଛି। ଏଠାରେ ପ୍ରଶ୍ନ ଉଠୁଛି, ଜଣକୁ ଦୁଇଟି ଦାୟିତ୍ୱ ଦେଇଥିବାରୁ ଚିଠି ନଂ ୪୬୯ ଅନୁଯାୟୀ ସେମାନେ ଟ୍ରେନିଂ ଛାଡି ମ୍ୟାଟ୍ରିକ ପରୀକ୍ଷାରେ ଯୋଗ ଦେବାକୁ ବାଧ୍ୟ ହୋଇଛନ୍ତି। ସେମାନଙ୍କର ଟ୍ରେନିଂ ଅଧାପନ୍ତରିଆ ହୋଇଥିବାବେଳେ ଆଗାମୀ ଦିନରେ ସେମାନେ ପୁଣି ଟ୍ରେନିଂ ନେବେ। ତେବେ ଏବିଇଓଙ୍କ ଖାମଖିଆଲି ଓ ମନମାନୀ କାମ ଯୋଗୁଁ ଅଯଥା ଅପବ୍ୟୟ ହେବ। ଏ ସବୁକୁ କିଏ ଭରଣା କରିବ ବୋଲି ଶିକ୍ଷାବିତ ପ୍ରଶ୍ନ ଉଠାଇଛନ୍ତି। ଏ ନେଇ ଏବିଇଓ ଘନଶ୍ୟାମ ସିଂଙ୍କୁ ପଚାରିବାରୁ ମନମାନୀ ନୁହେଁ କାର୍ଯ୍ୟଭାର ବଢ଼ିଛି। ବିଇଓ ନ ଥିବାବେଳେ ଅନ୍ୟ ୨ଜଣ ଏବିଇଓଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। କାର୍ଯ୍ୟକ୍ରମରେ ତ୍ରୁଟି ପାଇଁ ମୋର ଭୁଲ ହୋଇଯାଇଛି। ଆଗାମୀ ଦିନରେ ପରୀକ୍ଷା ଦାୟିତ୍ୱରେ ଥିବା ଶିକ୍ଷକଙ୍କର ପୁନଶ୍ଚ ଟ୍ରେନିଂ ହେବ। ଏଥିପାଇଁ ବିଭାଗ ପକ୍ଷରୁ ମୋତେ ଯେଉଁ ଦଣ୍ଡ ମିଳିବ, ଗ୍ରହଣ କରିବି ବୋଲି କହିଛନ୍ତି।

ଜିଲ୍ଲା ମୁଖ୍ୟାଳୟର ବିଭିନ୍ନ କୋର୍ଟରେ ୨୧ ସରକାରୀ ଆଇନଜୀବୀଙ୍କ ନିଯୁକ୍ତି

ବାରିପଦା, ୨୨।୨(ସମିସ): ରାଜ୍ୟ ଆଇନ ବିଭାଗ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାରେ ଥିବା ବିଭିନ୍ନ କୋର୍ଟରେ ସରକାରୀ ଓକିଲ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ ପାଇଛି। ତଦନୁଯାୟୀ ଜିଲ୍ଲା ମୁଖ୍ୟାଳୟ ବାରିପଦାରେ ଥିବା ବିଭିନ୍ନ କୋର୍ଟରେ ୨୧ ଜଣ ଆଇନଜୀବୀ ସରକାରୀ ପ୍ଲିଡର, ସହକାରୀ ସରକାରୀ ପ୍ଲିଡର, ସ୍ୱତନ୍ତ୍ର ପିପି, ଅତିରିକ୍ତ ପିପି, ସହଯୋଗୀ ଆଇନଜୀବୀ ଓ ସହକାରୀ ପିପି ନିଯୁକ୍ତି ଦିଆଯାଇଛି। ଜିଲ୍ଲା ଓ ଦୌରା ଜଜ୍‌ରେ ଉମାକାନ୍ତ ରାଉତ, ହରିଶଙ୍କର ଜ୍ୟୋତିଷୀ, ତାପସ ଦତ୍ତ ନିଯୁକ୍ତ ହୋଇଥିବାବେଳେ ଅତିରିକ୍ତ ଜିଲ୍ଲା ଜଜ୍ କୋର୍ଟ-୧ରେ ଅଭୟ ମହାପାତ୍ର, ଚନ୍ଦ୍ରଶେଖର ଦାସ, ଅରବିନ୍ଦ ସାହୁ, ଅତିରିକ୍ତ ଜିଲ୍ଲା ଜଜ୍ କୋର୍ଟ-୨ରେ ଧିରେନ୍ଦ୍ର ପଣ୍ଡା, ଗଣେଶ୍ୱର ସାହୁ, ଉଗ୍ରସେନ ଗିରି, ଆଡହକ୍ ଏଡିଜେ ଫାଷ୍ଟଟ୍ରାକ ସେସନ କୋର୍ଟରେ ପ୍ରଭାତ ବେହେରା, ସିଜିଏମଙ୍କ କୋର୍ଟରେ ଲିଙ୍ଗରାଜ ମିଶ୍ର, ସୁରେଇ ମାଝୀ, ଅତିରିକ୍ତ ସିଭିଲ ଜଜ୍ ସିନିଅର ଡିଭିଜନଙ୍କ କୋର୍ଟରେ ନରୋତ୍ତମ ପାଣିଗ୍ରାହୀ, ଅତିରିକ୍ତ ସିଭିଲ ଜଜ୍ ସିନିୟର ଡିଭିଜନ କୋର୍ଟ-୨ରେ ଶ୍ୱେତାକେତୁ ଦତ୍ତ, ସିଭିଲ ଜଜ୍ ଜୁନିୟର ଡିଭିଜନ କମ୍ ଏସଡିଜେଏମ କୋର୍ଟରେ ବସନ୍ତ ମହାନ୍ତ, ଜେଏମଏଫସି-୧(କଗ୍‌ଟେକିଂ)ରେ ଶ୍ରଦ୍ଧାଞ୍ଜଳି ପଣ୍ଡା, ଜେଏମଏଫସି କୋର୍ଟରେ ସନ୍ଦୀପ ମିଶ୍ର, ରାଜେଶ ପ୍ରହରାଜ, ଅବନୀ ଶଙ୍କର ଷଡଙ୍ଗୀ, ସୁନୀଲ ନାୟକ ଓ ପିଏମଜେଜେବି କୋର୍ଟରେ ପ୍ରଶାନ୍ତ ବେହେରାଙ୍କୁ ନିଯୁକ୍ତ କରାଯାଇଛି। ସେହିପରି ଜିଲ୍ଲାର ବିଭିନ୍ନ ଉପଖଣ୍ଡ ଓ ତହସିଲ ଅଧୀନରେ ଥିବା କୋର୍ଟରେ ମଧ୍ୟ ସରକାରୀ ଓକିଲ ନିଯୁକ୍ତି ମିଳିଛି।

ଏମ୍‌ପିସି ସ୍ୱୟଂଶାସିତ କଲେଜ ବାର୍ଷିକ ଉତ୍ସବ ଉଦ୍‌ଯାପିତ



ବାରିପଦା, ୨୨।୨(ସମିସ): ସ୍ଥାନୀୟ ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ 'ଋତୁ ଏକ: ରଙ୍ଗ ଅନେକ' ଉଦଯାପିତ ହୋଇଯାଇଛି। ତିନିଦିନ ଧରି ଚାଲିଥିବା ଏହି ଉତ୍ସବର ଉଦଯାପନୀ ସମାରୋହରେ ଦର୍ଶନ ବିଭାଗ ମୁଖ୍ୟ ଡ. ଦୀପକ ବେହେରା ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଏମପିସି କଲେଜର ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକା ନିଜର ସ୍ୱତନ୍ତ୍ରତାରେ ଅନନ୍ୟ। ଏକ ଗୁଣାତ୍ମକ ଶୈକ୍ଷିକ ବାତାବରଣ ସୃଷ୍ଟିରେ ସମସ୍ତଙ୍କ ଅବଦାନକୁ ସଶ୍ରଦ୍ଧ ସ୍ୱୀକୃତି ଦେବା ସହ ଆଗାମୀ ଦିନରେ ଏହି ଧାରା ବଜାୟ ରହିବ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ଛାତ୍ର ସଂସଦ ଉପଦେଷ୍ଟା ଡକ୍ଟର ଟୁଡୁ, ସମ୍ମାନିତ ଅତିଥି ଭାବେ ଡ. ସରୋଜ ନାୟକ, ଡ. ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ର, ଭୀମଚରଣ ମୁର୍ମୁ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣାଦାୟୀ ଅଭିଭାଷଣ ରଖିଥିଲେ। ଏ ଅବସରରେ ଛାତ୍ର ପରିଷଦ ଓ ଇଲୋକ୍ୟୁଲ କ୍ଲବ ପକ୍ଷରୁ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କଲେଜ ଆଇକ୍ୟୁଏସି ସେଲ ପକ୍ଷରୁ ପ୍ରକାଶିତ ଦୁଇଟି ଗବେଷଣାଧର୍ମୀ ପୁସ୍ତକ ଲୋକାର୍ପଣ କରାଯାଇଥିଲା। ଅର୍ଥନୀତି ବିଭାଗ ମୁଖ୍ୟ ଡ. ସିଦ୍ଧେଶ୍ୱର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ପରେ କଲେଜ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ ନାଟ୍ୟ ବ୍ୟକ୍ତିତ୍ୱ ଚିନ୍ମୟ ଦାସ ପଟ୍ଟନାୟକଙ୍କ ରଚନା ଓ ନିର୍ଦ୍ଦେଶନାରେ କଲେଜ ଷ୍ଟାଫଙ୍କ ଦ୍ୱାରା ଉଦାହରଣ -୨ ଶୀର୍ଷକରେ ନାଟକ ପରିବେଷଣ କରାଯାଇଥିଲା।

ଜିଲ୍ଲାସ୍ତରୀୟ ଶ୍ରୀମା'ଙ୍କ ଜୟନ୍ତୀ



ବାରିପଦା, ୨୨।୨(ସମିସ): ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ଛଉ ପଡ଼ିଆ ନିକଟସ୍ଥ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର ପରିସରରେ ଜିଲ୍ଲାସ୍ତରୀୟ ଶ୍ରୀମାଙ୍କ ଜନ୍ମ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି କଳ୍ପନା ଷଡ଼ଙ୍ଗୀ ଆଧ୍ୟାତ୍ମିକ ପତାକା ଉତ୍ତୋଳନ କରି ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ବନ୍ଦେ ମାତରମ ଗାନ ଓ ମାର୍ଚ୍ଚପାଷ୍ଟ ପରେ ସମାଧି ପୀଠରେ ସମବେତ ଧ୍ୟାନ ଅନୁଷ୍ଠିତ ହୋଇଥିଲା। ଏ ଅବସରରେ ଜିଲ୍ଲାର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସମୂହର ବିଜ୍ଞାନ ପ୍ରଦର୍ଶନୀ, ହସ୍ତକଳା, ସାହିତ୍ୟ ଓ କଳା ପରିଷଦର କର୍ମଶାଳା ଅନୁଷ୍ଠିତ ହୋଇଥିଲା। ବିଜ୍ଞାନ ପ୍ରଦର୍ଶନୀରେ ବାରିପଦା ଶିକ୍ଷାକେନ୍ଦ୍ରର ୮ମ ଶ୍ରେଣୀ ଛାତ୍ରୀ ରଶ୍ମିରେଖା ଗିରି ପ୍ରଥମ ଓ ଛାତ୍ର ପ୍ରତୀକ କୁମାର ସାହୁ ଦ୍ୱିତୀୟ, କୁଳିଅଣା କେନ୍ଦ୍ରର ୭ମ ଶ୍ରେଣୀ ଛାତ୍ର ଚିରଞ୍ଜିବୀ ବେହେରା ୩ୟ ସ୍ଥାନ ଅଧିକାର କରିଥିଲେ। ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ କବିତାରାଣୀ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ସମ୍ପାଦକ ତଥା ବଡ଼ସାହି ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରବୋଧ କୁମାର ମହାପାତ୍ର, ସଦସ୍ୟ କଲ୍ୟାଣ କୁମାର ସିହ୍ନା, ଜିଲ୍ଲା ପାଠଚକ୍ର ସଂଯୋଜକ ଗଣେଶ ପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ।

କବି ସଙ୍ଗମ ଅନୁଷ୍ଠାନର ମାତୃଭାଷା ଦିବସ

ବେତନଟୀ, ୨୨।୨(ସମିସ): ବେତନଟୀର ଅଖିଳ ଭାରତୀୟ ବହୁଭାଷୀ ସାହିତ୍ୟ ପରିଷଦ କବି ସଙ୍ଗମ ପକ୍ଷରୁ ମାତୃଭାଷା ଦିବସ ପାଳନ କରାଯାଇଛି। ଏ ଅବସରରେ ବହୁଭାଷୀ କବିତା ପାଠ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଇନ୍ଦିରାନଗରସ୍ଥ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସଭାରେ କବି ସଂଗମ ଅନୁଷ୍ଠାନର ପ୍ରତିଷ୍ଠାତା ଆଶୁକବି ବାସୁଦେବ ନାପିତ ସଭାପତିତ୍ୱ କରିଥିଲେ।



ସାଧାରଣ ସମ୍ପାଦକ ଡଃ ରମାକାନ୍ତ ମହାନ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଭିନ୍ନ ଭାଷାର ଶତାଧିକ କବି, କବୟିତ୍ରୀ, ମହିଳା, ସାମାଜିକ ସଂଗଠନର କର୍ମକର୍ତ୍ତାଙ୍କ ଦ୍ୱାରା ସଂସ୍କୃତ, ଓଡ଼ିଆ, ହିନ୍ଦୀ, ବଙ୍ଗଳା, ଅହମିଆ, ଇଂରାଜୀ, ସାନ୍ତାଳୀ, ମୁଣ୍ଡାରୀ ଇତ୍ୟାଦି ଭାଷାର କବିତା ଓ ବକ୍ତବ୍ୟ ପ୍ରଦାନ କରି ସଭାର ଗୁରୁତ୍ୱ ବୃଦ୍ଧି କରିଥିଲେ। କବିତା ପାଠ ସଂଯୋଜନା ନାରୀନେତ୍ରୀ ନିର୍ମଳା ସାହୁ କରିଥିଲେ। ଇତ୍ୟବସରରେ ଅଲିଚିକି ଶିକ୍ଷକ ଭାବେ ଡିଙ୍ଗରା ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ତଥା ସଦ୍ୟ ରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ବର୍ଦ୍ଧିତ ମୋଚିରାମ ସୋରେନଙ୍କୁ ସ୍ୱତନ୍ତ୍ର ଭାବେ ଅନ୍ୟ ଚାରିଜଣ ପ୍ରତିଭା, ଶିକ୍ଷୟିତ୍ରୀ କ୍ଷୀରମଣି ସିଂ, ଅଧ୍ୟାପିକା ବାଳିମଣି ସିଂ, ଝୁମର ବିଶାରଦ ଲାଲମୋହନ ମହାନ୍ତ, ଦୋଳଗୋବିନ୍ଦ ମହାନ୍ତଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ମଙ୍ଗଳାଚରଣ ପାଠ ସହ ଉପସଭାପତି ବିଜୟ ଦ୍ୱିବେଦୀ ଉଦଘାଟନ କରିଥିବାବେଳେ କାର୍ଯ୍ୟକାରୀ ସଭାପତି ସଚ୍ଚିଦାନନ୍ଦ ମହାନ୍ତି, ସଂଗଠନ ଉପଦେଷ୍ଟା ରବୀନ୍ଦ୍ର ମିଶ୍ର, ମୟୁର ସାହିତ୍ୟ ସଂସଦ ସମ୍ପାଦକ ଯତୀନ୍ଦ୍ରନାଥ ସାହୁ, ଝୁମର ଶିଳ୍ପୀ ଦୋଳଗୋବିନ୍ଦ ମହାନ୍ତ, ଡାକ୍ତର ଆଶିଷ ବାର୍ନାଜୀ, ବ୍ରହ୍ମାନନ୍ଦ ସିଂ ପ୍ରମୁଖ ଯୋଗ ଦେଇଥିଲେ। ସୋନାଲୀ ଓ ଦେବକାନ୍ତ ନାପିତ, କମଳଲୋଚନ କର, ଗତିକୃଷ୍ଣ ମହାନ୍ତ, କବିତା ସିଂ ପ୍ରମୁଖ ସହଯୋଗ କରିଥିଲେ। ସମ୍ପାଦକ ଦୁର୍ଯ୍ୟୋଧନ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

ତାଲା ବନ୍ଦ ଘରୁ ଚୋରି

ରାଇରଙ୍ଗପୁର, ୨୨।୨(ସମିସ): ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଞ୍ଚଳରେ ତାଲା ବନ୍ଦ ଘରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି ହୋଇଛି। ଏ ନେଇ ଭେଦୁବେଡା ଗ୍ରାମର ଜଙ୍ଗଲ ପୂର୍ତ୍ତି ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଛନ୍ତି। ସେ ତାଙ୍କ ପରିବାର ଲୋକଙ୍କ ସହ କ୍ରୀଡ଼ା ଦେଖିବାକୁ ଯାଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଚୋରି କରିଛନ୍ତି।

ରାଜ୍ୟପାଳଙ୍କ ଦିନିକିଆ ବାରିପଦା ଗସ୍ତ

ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କୁ କଲେ ଦର୍ଶନ

ବାରିପଦା, ୨୨।୨(ସମିସ): ଦିନିକିଆ ବାରିପଦା ଗସ୍ତରେ ରାଜ୍ୟପାଳ ହରିବାବୁ କମ୍ଭମପାଟି ଆସି ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ରିଜର୍ଭ ପୁଲିସ ପଡ଼ିଆ ହ୍ୟାଲିପ୍ୟାଡ୍‌ରେ ଅବତରଣ କରିବା ପରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ, ସାର୍ବଜନୀନ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ଜିଲ୍ଲାପାଳ ହେମକାନ୍ତ ସଏ, ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲୀ ପ୍ରମୁଖ ଉପସ୍ଥିତ ରହି ସ୍ୱାଗତ କରିଥିଲେ। ରାଜ୍ୟପାଳ ପ୍ରଥମେ ଦ୍ୱିତୀୟ ଶ୍ରୀକ୍ଷେତ୍ର କୁହାଯାଉଥିବା ବାରିପଦାସ୍ଥ ଜଗନ୍ନାଥ ମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିଥିଲେ। ଏ ଅବସରରେ ରାଜ୍ୟବାସୀଙ୍କ ଶାନ୍ତି ଓ ସମୃଦ୍ଧି କାମନା କରି ରାଜ୍ୟପାଳ ପୂଜାର୍ଚ୍ଚନା କରିଥିଲେ। ପରେ କଲେଜ ପଡ଼ିଆରେ ଅନୁଷ୍ଠିତ ହୋଇଥିବା ସାର୍ବଜନୀନ



ସାମାଜିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏ ଅବସରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ, ସାର୍ବଜନୀନ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡ. ମହାପାତ୍ରଙ୍କ ପୁତ୍ର ଆୟୁଷ୍ମାନ ଆସ୍ତିକ ମହାପାତ୍ରଙ୍କ ବ୍ରତପୋନୟନ କାର୍ଯ୍ୟକ୍ରମରେ ଯୋଗଦେଇ ଆଶୀର୍ବାଦ ପ୍ରଦାନ କରିଥିଲେ। ପାରମ୍ପରିକ ମୂଲ୍ୟବୋଧ ଓ ସାଂସ୍କୃତିକ ପରମ୍ପରାର ସୁରକ୍ଷା ପ୍ରତି ଗୁରୁତ୍ୱାରୋପ କରିବା ସହ ସେଗୁଡ଼ିକୁ ବଜାୟ ରଖିବା ପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜନପ୍ରତିନିଧିଙ୍କ ସମେତ ବିଭିନ୍ନ ବର୍ଗରେ ପ୍ରତିଷ୍ଠିତ ବ୍ୟକ୍ତି ଓ ବହୁ ସଂଖ୍ୟାରେ ସ୍ଥାନୀୟ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ରାଜ୍ୟପାଳଙ୍କ ଗସ୍ତ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ବ୍ୟାପକ ପ୍ରସ୍ତୁତି କରାଯାଇଥିବାବେଳେ ସୁଚାରୁରୂପେ ସମସ୍ତ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା।

ନଦୀରେ ବିଷ ପ୍ରୟୋଗ କରି ମାଛ ଧରାଯାଉଥିବା ଅଭିଯୋଗ

କୁଆମରା, ୨୨।୨(ସମିସ): ଗୋପବନ୍ଧୁନଗର ବ୍ଲକ ଦେଇ ପ୍ରବାହିତ ନାଲୁହା ଓ ଗଙ୍ଗାହାର ନଦୀରେ ବିଷ ପ୍ରୟୋଗ କରି ମାଛଧରା ଯାଉଥିବା ଅଭିଯୋଗ ହୋଇଛି। କେତେକ ଅସାମାଜିକ ବ୍ୟକ୍ତି ସନ୍ଧ୍ୟା ହେଲେ ଉପର ମୁଣ୍ଡାରେ ବିଷ ପ୍ରୟୋଗ କରିବା ଦ୍ୱାରା ମାଛ ନିସ୍ତେଜ ହୋଇପଡୁଛନ୍ତି। ଫଳରେ ନଦୀ ଜଳରେ ଭାସି ଭାସି ତଳମୁଣ୍ଡରେ ଲାଗୁଛନ୍ତି। ଯାହାକି ମାଛକୁ ଜାଲରେ ଧରିବା ସହଜ ହେଉଛି। ଭୋଲପଦାଠାରୁ ପଟିସାରୀ ପର୍ଯ୍ୟନ୍ତ ଏଭଳି ମାଛ ଧରାଯାଉଥିବା ଜଣାପଡ଼ିଛି। ମାଛକୁ ପରଦିନ ଗାଁ ଗଣ୍ଡା ଓ ଅଧିକ ମାଛ ହେଲେ ବଜାରରେ ବିକ୍ରି କରାଯାଉଥିବା ଦେଖିବାକୁ ମିଳୁଛି। ବିଶେଷକରି ଚିଙ୍ଗୁଡ଼ି ଅଧିକ ମାତ୍ରାରେ ଧରାପଡ଼ୁଛନ୍ତି। ଏପରି କରିବା ଦ୍ୱାରା ନଦୀର ଜଳ ବିଷାକ୍ତ ହେବା ସହ ବୁଲା ଗୋରୁଗାଈ ପ୍ରତି ବିପଦ ଦେଖାଦେଇଛି। ତତ୍‌ସହିତ ବିଷାକ୍ତ ମାଛ ଖାଇବା ଦ୍ୱାରା ମଣିଷର ଯେ କ'ଣ କ୍ଷତି ଘଟିବ, ତାହା କିଏ କହିପାରିବ। ଗତ ଡିସେମ୍ବର ମାସଠାରୁ ଏହି କୌଶଳରେ ମାଛ ଧରା ଚାଲିଥିବା ଅଞ୍ଚଳବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଏ ଦିଗରେ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହେଉଛି।

ପ୍ରଣାମ ଚିତ୍ରଡ଼ା ଫାଉଣ୍ଡେସନର ପ୍ରଥମ ଅଧିବେଶନ

ଓଡ଼ିଆ ନବବର୍ଷକୁ ନିଆରା ଢଙ୍ଗରେ ପାଳନ କରିବାକୁ ନିଷ୍ପତ୍ତି

ମୋରଡା, ୨୨।୨(ସମିସ)



ରବିବାର ମୋରଡା ବ୍ଲକ ସଦର ମହକୁମା ଚିତ୍ରଡାରେ ଥିବା ବିଟେକ କମ୍ପ୍ୟୁଟର ଇନଷ୍ଟିଚ୍ୟୁଟରେ 'ପ୍ରଣାମ ଚିତ୍ରଡା' ଫାଉଣ୍ଡେସନ ତରଫରୁ କର୍ମକର୍ତ୍ତାଙ୍କୁ ନେଇ ପ୍ରଥମ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଉପସଭାପତି ତପନ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଅଧିବେଶନରେ ସାଧାରଣ ସମ୍ପାଦକ ବିଜୟ କୁମାର ସାହୁ ସ୍ୱାଗତ ଭାଷଣ ରଖିବା ସହିତ ଆଗାମୀ କାର୍ଯ୍ୟକ୍ରମ ବାବଦରେ ବିବରଣୀ ପ୍ରଦାନ କରିଥିଲେ। ଆଗାମୀ ଏପ୍ରିଲ ୧୪ ତାରିଖ ଓଡ଼ିଆ ନବବର୍ଷ ଦିନ ଫାଉଣ୍ଡେସନ ପକ୍ଷରୁ ଚିତ୍ରଡାରେ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କ ଦ୍ୱାରା ବକ୍ତୃତା, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, ଓଡିଶୀ ନୃତ୍ୟ ପରିବେଷଣ ହେବା ସହିତ ସମସ୍ତ ପ୍ରତିଯୋଗୀଙ୍କୁ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯିବ। ଉକ୍ତ କାର୍ଯ୍ୟକ୍ରମ ବେଶ ସ୍ୱତନ୍ତ୍ର ହେବା ସହିତ ଅଞ୍ଚଳରେ ଏକ ନୂତନ ସୁନ୍ଦର କାର୍ଯ୍ୟକ୍ରମ ହେବ ବୋଲି ଅଧିବେଶନରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମକୁ ସୁରୁଖୁରୁରେ ପରିଚାଳନା ପାଇଁ କର୍ମକକର୍ତ୍ତାଙ୍କ ମଧ୍ୟରେ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଉକ୍ତ ଅଧିବେଶନରେ ଅଜୟ କୁମାର ପାଲ, ଅଦିତ ବେହେରା, ସରୋଜ ପ୍ରକାଶ ମହାନ୍ତ, ଫାଉଣ୍ଡେସନର ଆଇନ ଓ ସଂଯୋଜକ ଅନ୍ତର୍ଯ୍ୟାମୀ ବେହେରା, ସଂଗଠନ ସମ୍ପାଦକ ସ୍ମାରକ ମାଝୀ, ଭାଷା ସାହିତ୍ୟ, ଗଣମାଧ୍ୟମ, କଳା, ସଂସ୍କୃତି ସମ୍ପାଦକ ଦୀପକ ବେହେରା, ବିଶ୍ୱବନ୍ଦନ ବେହେରା, ପରିତୋଷ ବାରିକ, ଅମରେନ୍ଦ୍ର ସିଂବାବୁ ଓ ଚିତ୍ତରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

ସୁଧୁରୁନି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସମସ୍ୟା, ଛାତ୍ରଛାତ୍ରୀ ବିମୁଖ

ଭାରପ୍ରାପ୍ତ କୁଳପତିଙ୍କ ପ୍ରତି ତେଜୁଛି ଅସନ୍ତୋଷ

କୋରାପୁଟ,୨୨।୨(ସମିସ): ଆଦିବାସୀ ଅଧ୍ୟୁଷିତ ଅବିଭକ୍ତ କୋରାପୁଟ ଜିଲ୍ଲାରେ ଉଚ୍ଚ ଶିକ୍ଷାର ବିକାଶ ନିମନ୍ତେ ୨୦୦୯ରେ ତତ୍କାଳୀନ ଉପା ସରକାର କୋରାପୁଟ ଠାରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ଉପାନ୍ତ ଅଞ୍ଚଳରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେଲେ ସେହି ଅଞ୍ଚଳର ଗରିବ ଛାତ୍ର ଛାତ୍ରୀ ଅତି କମ୍ ଖର୍ଚ୍ଚରେ ଉଚ୍ଚ ଶିକ୍ଷା ଗ୍ରହଣ କରି ପାରିବେ ବୋଲି ସରକାରଙ୍କ ଚିନ୍ତାଧାରା ଥିଲା। ଉପା ସରକାରଙ୍କ ନିଷ୍ପତିକୁ ସ୍ୱଗତ କରି ନବୀନ ପଟ୍ଟନାୟକଙ୍କ ନେତୃତାଧୀନ ପୂର୍ବ ସରକାର କେନ୍ଦ୍ର ସରକାରଙ୍କୁ ପୂର୍ଣ୍ଣ ସହଯୋଗ କରି ବିଶ୍ୱବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସ ନିମନ୍ତେ ସଂପୂର୍ଣ୍ଣ ମାଗଣାରେ ସୁନାବେଡ଼ା ଠାରେ ୪୮୦ ଏକର ସରକାରୀ ଜମି ଯୋଗାଇ ଦେଇଥିଲେ। ବର୍ତ୍ତମାନ ସେହି ସ୍ଥାନରେ ବିଶ୍ୱବିଦ୍ୟାଳୟର ପ୍ରଶାସନିକ କୋଠା ସମେତ ସବୁ ବିଭାଗର ଶ୍ରେଣୀ ଗୃହ, କୁଳପତି, କୁଳ ସଚିବଙ୍କ ବାସଗୃହ, ହଷ୍ଟେଲ ଏବଂ ଅଧିକାରୀ, କର୍ମଚାରୀ ମାନଙ୍କ ବାସଗୃହ ନିର୍ମାଣ କାର୍ଯ୍ୟ ହୋଇଛି। ଏହା ମଧ୍ୟରେ ନୂଆ ନୂଆ ବିଷୟରେ ଶିକ୍ଷାଦାନ ଆରମ୍ଭ ହୋଇଛି। କିନ୍ତୁ ବିଡ଼ମ୍ବନାର ବିଷୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାର ୧୫ ବର୍ଷ ପରେ ମଧ୍ୟ ଛାତ୍ର ଛାତ୍ରୀ ମାନଙ୍କୁ ସର୍ବନିମ୍ନ ସୁବିଧା ଯୋଗାଇ ଦେବା କିମ୍ବା ସ୍ଥାୟୀ କର୍ମଚାରୀ ନିଯୁକ୍ତି ସମ୍ପୂର୍ଣ୍ଣ ହୋଇ ପାରୁନି। ରାଜ୍ୟ ଓ ରାଜ୍ୟ ବାହାରୁ ଶହ ଶହ ପିଲା କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରି ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବା ପାଇଁ ଆସୁଛନ୍ତି। କିନ୍ତୁ ଏଠାରେ ଆସିବା ପରେ ସେମାନଙ୍କ ସ୍ୱପ୍ନର କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଯେ ସମସ୍ୟାରେ ଭରି ରହିଥିବା ଏକ ଅନୁଷ୍ଠାନ ବୋଲି ଅନୁଭବ କରୁଛନ୍ତି। ଗତ କିଛି ବର୍ଷ ହେଲା କେବଳ ବିଶ୍ୱବିଦ୍ୟାଳୟର ଭିତ୍ତିଭୂମିର ନିର୍ମାଣ ବ୍ୟତୀତ ଆଉ କିଛି ହୋଇନଥିବା ମନେ ହେଉଛି। ବିଭିନ୍ନ ସମସ୍ୟାର ସମାଧାନ ଦାବି କରି ଛାତ୍ରଛାତ୍ରୀ ଗତ ୭-୮ ବର୍ଷ ମଧ୍ୟରେ ପ୍ରାୟ ୨୦ରୁ ଅଧିକ ଥର ଆନ୍ଦୋଳନ କରିଛନ୍ତି। ସବୁ ସମୟରେ କେବଳ ପ୍ରତିଶ୍ରୁତି ଦେଇ କର୍ତ୍ତୃପକ୍ଷ ଆନ୍ଦୋଳନ ପ୍ରତ୍ୟାହାର କରାଇ ନିଅନ୍ତି। ଏପରିକି ୨୦୧୮ରେ ଛାତ୍ର ଛାତ୍ରୀ ମାନଙ୍କ ନ୍ୟାଯ୍ୟ ଦାବି ପୂରଣ ପାଇଁ ଆୟୋଜିତ ଆନ୍ଦୋଳନକୁ ପ୍ରତିହତ କରିବା ପାଇଁ ତତ୍କାଳୀନ କୁଳପତି ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି ସାଇନ୍ ଏ ଡାଏ ଘୋଷଣା କରି ବିଶ୍ୱବିଦ୍ୟାଳୟ ଇତିହାସରେ କଳଙ୍କିତ ଅଧ୍ୟାୟ ରଚିଥିଲେ। ଏହା ସତ୍ୱେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପଢ଼ିବା ପାଇଁ ବର୍ତ୍ତମାନ ମଧ୍ୟ ପିଲା ଆସୁଛନ୍ତି। କିନ୍ତୁ ଏ ଯାଏ କୌଣସି ସମସ୍ୟାର ସମାଧାନ ହୋଇ ପାରୁନି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବାରୁ ବିଶ୍ୱବିଦ୍ୟାଳୟର ଅନେକ ସମସ୍ୟା ଦୂର ହେବା ସମସ୍ତେ ଆଶା କରିବା ସ୍ୱାଭାବିକ, ଏହା ମଧ୍ୟରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦୁଇଥର ବିଶ୍ୱବିଦ୍ୟାଳୟ ପରିଦର୍ଶନ କରି ଦୀର୍ଘ ସୂଚିର ପ୍ରତିଶ୍ରୁତି ଦେଇଥିଲେ। ହେଲେ ମନ୍ତ୍ରୀଙ୍କ ୭୦ ପ୍ରତିଶତ ପ୍ରତିଶ୍ରୁତି ପୂରଣ ହୋଇ ନଥିବା ମନେ ହେଉଛି। ଅନ୍ୟ ପକ୍ଷରେ ଛାତ୍ରଛାତ୍ରୀ ସେମାନଙ୍କ ନ୍ୟାଯ୍ୟ ଦାବି ପାଇଁ ଲଢେଇ କରୁଥିବା ବେଳେ କୁଳପତି ଏବଂ ଅଧ୍ୟାପକ ମାନଙ୍କ ଆଚରଣ ଛାତ୍ରଛାତ୍ରୀ ମାନଙ୍କ ପ୍ରତି ଦିନକୁ ଦିନ ଅସହ୍ୟ ହେଉଥିବା ଅଭିଯୋଗ ହେଉଛି। ଏହା ଶୁକ୍ରବାର ଦିନର ଆନ୍ଦୋଳନରୁ ସ୍ପଷ୍ଟ ବୁଝା ପଡୁଛି। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର କାର୍ଯ୍ୟକର୍ତ୍ତା ମାନଙ୍କ ନେତୃତ୍ୱରେ ଆନ୍ଦୋଳନ କରାଯାଇ ସ୍ଥାୟୀ କୁଳପତିଙ୍କ ସମେତ ବିଭିନ୍ନ ବିଭାଗର ସ୍ଥାୟୀ ଅଧ୍ୟାପକ ନିଯୁକ୍ତି, କ୍ୟାମ୍ପସ ପରିସରରେ ଫ୍ରି ୱାଇଫାଇ, ଛାତ୍ରାବାସ, ଛାତ୍ରୀ ନିବାସରେ ଅହରହ ଜଳ ଯୋଗାଣ, ଉନ୍ନତ ମାନର ଖାଦ୍ୟ ଦିଆଯିବା, ଛାତ୍ରୀ ନିବାସରେ ଲାଇବ୍ରେରୀ ସ୍ଥାପନା, ବିଶ୍ୱବିଦ୍ୟାଳୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ସମସ୍ତ ଔଷଧ ଗଚ୍ଛିତ ରଖିବା, କୃଷି ଓ ଫରେଷ୍ଟ୍ରି ବିଭାଗର ପରୀକ୍ଷା କରାଯିବା ଇତ୍ୟାଦି ଦାବି ସହ ଭାରପ୍ରାପ୍ତ କୁଳପତି ଏବଂ କୃଷି ବିଜ୍ଞାନ ବିଭାଗ ମୁଖ୍ୟ ଡ. ମଞ୍ଜୁ ଶ୍ରୀ ସିଂ ଏବଂ ଫରେଷ୍ଟ୍ରି ବିଭାଗ ମୁଖ୍ୟ ଡ. ସଞ୍ଜୟ ପ୍ରଧାନଙ୍କୁ ତୁରନ୍ତ ହଟାଇବା ଦାବିରେ ଆନ୍ଦୋଳନ କରିଥିଲେ। ଦୀର୍ଘ ସମୟର ଆଲୋଚନା ପରେ ଭାରପ୍ରାପ୍ତ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା ସେମାନଙ୍କ ଦାବି ପୂରଣ ପାଇଁ ଏକ ସପ୍ତାହ ସମୟ ନେବା ପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା। ତେବେ ସାତ ଦିନ ମଧ୍ୟରେ ସେମାନଙ୍କ ଦାବି ପୂରଣ ନହେଲେ ପୁନର୍ବାର ଆନ୍ଦୋଳନ କରାଯିବ ବୋଲି ସୂଚନା ମିଳିଛି। ସୂଚନା ଥାଉକି ଗତ ୧୦ ମାସ ହେଲାଣି ବିଶ୍ୱବିଦ୍ୟାଳୟରେ ନିୟମିତ କୁଳପତି କେହି ନାହାନ୍ତି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଓଡ଼ିଶାର । କିନ୍ତୁ ୧୦ ମାସ କାଳ କୁଳପତି ପଦ ପୂରଣ ନହେବା ପରିତାପର ବିଷୟ ବୋଲି ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି କୃଷି ବିଭାଗ ମୁଖ୍ୟ ଡ. ମଞ୍ଜୁ ଶ୍ରୀ ସିଂ ବ୍ୟକ୍ତିଗତ ରୋଶକୁ ନେଇ ଭାରପ୍ରାପ୍ତ କୁଳପତିଙ୍କ ଉପରେ ଚାପ ପକାଇ ଗତବର୍ଷ ଅକ୍ଟୋବର ମାସରେ ଜଣେ ଛାତ୍ରୀଙ୍କ ସହ ୫ ଜଣଙ୍କୁ ବିଶ୍ୱବିଦ୍ୟାଳୟରୁ ବହିଷ୍କାର କରାଇଥିଲେ। କୃଷି ଓ ଡାଇରୀ ସାଇନ୍ସ ବିଭାଗର ପରୀକ୍ଷା ଦୁଇ ବର୍ଷ ହେଲା କରା ଯାଉନାହିଁ। ଉଭୟ ବିଭାଗର ମୁଖ୍ୟ ରାଜନୈତିକ କ୍ଷମତା ଦେଖାଇ ପ୍ରତି କଥାରେ ଛାତ୍ରଛାତ୍ରୀ ମାନଙ୍କୁ ଧମକାଇ ନିୟନ୍ତ୍ରଣ କରୁଥିବା ଅଭିଯୋଗ ଉଠାଇଛନ୍ତି। ତେଣୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଉଭୟଙ୍କୁ ତୁରନ୍ତ ହଟାଇବାକୁ ବିଦ୍ୟାର୍ଥୀ ପରିଷଦ ଦାବି କରିଛି। ଯଦି ସରକାର ଏଥିପ୍ରତି ଗୁରୁତ୍ୱ ନଦିଅନ୍ତି ତାହେଲେ ଓଡ଼ିଶାର ଏକମାତ୍ର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଆସନ୍ତା ଦିନରେ କଳା ଅଧ୍ୟାୟ ଲିପିବଦ୍ଧ କରିବ ବୋଲି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ନେତା ଦିବ୍ୟ ଜ୍ୟୋତି ନନ୍ଦ ପ୍ରତିକ୍ରିୟା ଦେଇଛନ୍ତି।



ଅଧ୍ୟାପକ ଦମ୍ପତିଙ୍କୁ ବହିଷ୍କାର ଦାବି

ପହଁରିବା କୌଶଳ ଉପରେ ତାଲିମ



କୋରାପୁଟ,୨୨।୨(ସମିସ): କୋରାପୁଟ ଜିଲ୍ଲାର ବିଭିନ୍ନ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ ଏବଂ ଗ୍ରାମାଞ୍ଚଳର ଯୁବକ ଯୁବତୀ ମାନଙ୍କୁ ଓଏମପି ଠାରେ ଥିବା ପୋଖରୀରେ ପହଁରିବା ଏବଂ ବୁଡ଼ି ଯିବା ପରେ ମୌଳିକ ବଞ୍ଚିବା କୌଶଳ ଉପରେ ତାଲିମ ପ୍ରଦାନ କରାଯାଉଛି। ଓସଡମାଦ୍ୱାରାସମର୍ଥିତଏବଂଓଡ୍ରାଫ,ଓଏସଏପିତୃତୀୟବାଟାଲିୟନଓକୋରାପୁଟଜିଲ୍ଲା ପ୍ରଶାସନ ଦ୍ୱାରା ମିଳିତ ଭାବେ ଆୟୋଜନ କରାଯାଉଛି। ୧୦ଟି ବ୍ୟାଚରେ ୩୦୦ ଜଣ ପ୍ରଶିକ୍ଷାର୍ଥୀଙ୍କୁ ତାଲିମ ପ୍ରଦାନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଆଜି ସୁଦ୍ଧା ୫ଟି ବ୍ୟାଚର ୧୩୫ ଜଣଙ୍କୁ ତାଲିମ ଦିଆଯାଇଛି। ସହର ଏବଂ ଗ୍ରାମାଞ୍ଚଳର ଛାତ୍ରଛାତ୍ରୀ ଓ ଯୁବକ ମାନେ ତାଲିମ ଶିବିରରେ ଅଂଶ ଗ୍ରହଣ କରିବାକୁ ପ୍ରଶାସନ ପକ୍ଷରୁ ଆହ୍ୱାନ କରାଯାଇଛି।

ବିଶ୍ୱ ମାତୃଭାଷା ଦିବସ ପାଳିତ



ଗୁଣପୁର,୨୨।୨ (ସମିସ): କଳିଙ୍ଗ ସାହିତ୍ୟ ଘର ଗୁଣପୁର ପକ୍ଷରୁ ମାତୃଭାଷା ଦିବସ ପାଳିତ ହୋଇଯାଇଛି। କଳିଙ୍ଗ ସାହିତ୍ୟ ଘରର ଆବାହକ ଶକ୍ତି ଦାଶଙ୍କ ଆହ୍ୱାନକ୍ରମେ ଅୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା, ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ୍ ତଥା ସାହିତ୍ୟିକ ସୋମନାଥ ଗୌଡ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ତଥା ସାହିତ୍ୟିକ ନୀଳାଞ୍ଚଳ ମିଶ୍ର ସମାଜସେବୀତଥାବଂଶଧାରାଉଚ୍ଚମାଧ୍ୟମିକବିଦ୍ୟାଳୟରଅଧ୍ୟକ୍ଷଲକ୍ଷ୍ମୀମହାଙ୍କୁଡଯୋଗ ଦେଇଥିଲେ। ଶିଶୁ ପ୍ରତିଭା ମହୋତ୍ସବ କମିଟିର ସଭାପତି ତଥା ଶିକ୍ଷାବିତ ଜଗନ୍ନାଥ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ତଥା ବରିଷ୍ଠ ସାମ୍ବାଦିକ କାଳି ଶଙ୍କର ରଥ, ଓଡିଶା ଦୁର୍ନୀତି ସଂଘର୍ଷ ମଞ୍ଚର ଉପ ସଭାପତି ସୂର୍ଯ୍ୟ ପ୍ରକାଶ ପଟ୍ଟନାୟକ, କଳିଙ୍ଗ ସାମ୍ବାଦିକ ସଂଘ କୋଷାଧ୍ୟକ୍ଷ ରଞ୍ଜିତ କୁମାର ପାଢ଼ୀ ଉପସ୍ଥିତ ଥିଲେ। ମାତୃଭାଷାର ପ୍ରସାର, ପ୍ରଚାର ନିମନ୍ତେ ସବୁ ସ୍ତରରେ ପ୍ରସ୍ତୁତି ଆବଶ୍ୟକ ବୋଲି ସମସ୍ତ ଅତିଥି ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନନ୍ତ ପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଲକ୍ଷ୍ମୀ ମହାଙ୍କୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ କୁ କଳିଙ୍ଗ ସାହିତ୍ୟ ଘର ର ସଦସ୍ୟ ରାମ କୁମ୍ଭାର, ଏଙ୍କେଟି କୈବର୍ତ୍ତ, ସନ୍ତୋଷ କୁମ୍ଭାର, ସୀମାଞ୍ଚଳ ଗୌଡ଼ ପ୍ରମୁଖ ପରିଚାଳନା କରିଥିଲେ।

ପଞ୍ଚାୟତ ଗୃହ ନିର୍ମାଣକୁ ନେଇ ବିଡିଓଙ୍କ ବୈଠକ



କୁନ୍ଦୁରା, ୨୨।୨(ସମିସ): କୁନ୍ଦୁରା ବ୍ଲକ କାର୍ଯ୍ୟାଳୟରେ ନୂତନ ପଞ୍ଚାୟତ ଗୃହ ନିର୍ମାଣକୁ ନେଇ ବିଡିଓଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନା ପଞ୍ଚାୟତ ନୂତନ ପଞ୍ଚାୟତ ଭବନ ନିର୍ମାଣକୁ ନେଇ ହୋଇ ପାରୁନାହିଁ ସମାଧାନ। ପଞ୍ଚାୟତର ଗୋଟିଏ ଗୋଷ୍ଠଇ ଆସନା ଠାରେ ଗୃହ ନିର୍ମାଣ ପାଇଁ ଦାବୀ କରୁଥିବା ବେଳେ ଆଉ ଏକ ଗୋଷ୍ଠୟଓଷ ପୁରୁଣା ପଞ୍ଚାୟତ କାର୍ଯ୍ୟାଳୟ ଉଦଳଗୁଡ଼ା ଠାରେ ନୂତନ ଗୃହ ନିର୍ମାଣ ଦାବି ରଖିଛନ୍ତି । ଏହି ସମସ୍ୟା ସମାଧାନ ନିମନ୍ତେ ପୂର୍ବରୁ ବିଡିଓ ବହୁବାର ଆଲୋଚନା କରିଥିଲେ। କିନ୍ତୁ ବିଫଳ ହୋଇଥିଲେ । ଆଜି ଶେଷ ନିଷ୍ପତ୍ତି ପାଇଁ ବିଡିଓ ପି ମନସ୍ୱିତା ଆସନା ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟ, ସଭ୍ୟା ସରପଞ୍ଚ ଓ ସମିତି ସଭ୍ୟ।ଙ୍କୁ ପତ୍ର ସଂଖ୍ୟା ୫୭୩ ଅନୁସାରେ ବ୍ଲକ କାର୍ଯ୍ୟାଳୟରେ ଡାକିଥିଲେ। ସମସ୍ତ ପ୍ରତିନିଧିଙ୍କ ସହ ଆଲୋଚନା କରି ବ୍ୟକ୍ତିଗତ ମତାମତ ନେଇଥିଲେ ଓ ଶେଷରେ ଉଭୟ ସ୍ଥାନରେ ଗୃହ ନିର୍ମାଣ ପାଇଁ ସମାନ ମତାମତ ରହିଲା। ପଞ୍ଚାୟତରେ ୧୧ ଟି ୱାଡର୍ରୁ ୧୦ ଜଣ ୱାଡର୍ ମେମ୍ବର ରହିଛନ୍ତି ଓ ସେଥିରୁ ଆଜି ଜଣେ ଅନୁପସ୍ଥିତ ରହିଲେ। ସରପଞ୍ଚଙ୍କ ସହ ୧୦ ଜଣ ଉପସ୍ଥିତ ରହି ଆସନା ପାଇଁ ପାଞ୍ଚ ଜଣ ଏବଂ ଉଦଳଗୁଡ଼ା ପାଇଁ ପାଞ୍ଚଜଣ ମତ ରଖିଥିଲେ। ଯେହେତୁ ଏହି ମତାମତକୁ ଆଧାର କରି ଏହି ଦୁଇଟି ସ୍ଥାନରେ କରାଯାଇ ପାରିବ ନାହିଁ । ତେଣୁ ତହସିଲଦାରଙ୍କ ସହ ଆଲୋଚନା କରି ଦୁଇ ଗାଁ ମଝିରେ ସରକାରୀ ଜାଗା ଚିହ୍ନଟ କରି ଗୃହ ନିର୍ମାଣ ପାଇଁ ପଦକ୍ଷେପ ନିଆଯିବ ବୋଲି ବିଡିଓ କହିଛନ୍ତି।

ଉତ୍କଳ ସମ୍ମିଳନୀ କୋରାପୁଟ ଜିଲ୍ଲା ଶାଖା ବୈଠକ ସ୍ଥଗିତ

ରାଜ୍ୟ ମନ୍ତ୍ରୀ ଯୋଗ ନ ଦେବାରୁ କାର୍ଯ୍ୟକ୍ରମ ନୋହିଲା



ଜୟପୁର, ୨୨।୨(ସମିସ) : କୋରାପୁଟ ଜିଲ୍ଲା ଶାଖା ଉତ୍କଳ ସମ୍ମିଳନୀର ଏକ ବୈଠକ ରବିବାର ଜୟପୁର ସହରର ଖାଲସାହିସ୍ଥ ହରିଶ୍ଚନ୍ଦ୍ର ବକ୍ସିପାତ୍ର ସ୍ମୃତି ଉଦ୍ୟାନ ଠାରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଶାଖା ସଭାପତି ମଦନ ମୋହନ ନାୟକ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଶାଖା ସମ୍ପାଦକ ନବୀନ ମାଦଳା ଗତ ବୈଠକର ଆଲୋଚନାର ବିବରଣୀ ପ୍ରଦାନ କରିଥିବା ବେଳେ ଉପ ସଭାପତି ରାଜେନ୍ଦ୍ର କୁମାର ଗୌଡ଼ ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଆସନ୍ତା ଫେବୃୟାରୀ ୨୮ ଏବଂ ମାର୍ଚ୍ଚ ୧ ତାରିଖରେ ଜୟପୁର ଠାରେ ସ୍ୱତନ୍ତ୍ର ସମ୍ମିଳନୀ ବୈଠକ ଉପରେ ଆଲୋଚନା ହୋଇଥିଲା। ବୈଠକରେ ଯୋଗ ଦେବାକୁ ରାଜ୍ୟ ସରକାରଙ୍କ ମନ୍ତ୍ରୀ ମାନଙ୍କୁ ଅନୁରୋଧ କରାଯାଇଥିଲା। କିନ୍ତୁ ବିଧାନସଭା ଅଧିବେଶନ ଚାଲୁ ରହିଥିବା ଯୋଗୁଁ ଏହି ବୈଠକରେ ମନ୍ତ୍ରୀ ମାନେ ଯୋଗଦେବା ଆଶା ନଥିବା ନେଇ ସୂଚନା ଦିଆଯାଇଥିଲା । ଏହି ରାଜ୍ୟ ସ୍ତରୀୟ ସ୍ୱତନ୍ତ୍ର ସମ୍ମିଳନୀ ଫେବୃୟାରୀ ୨୮ ଏବଂ ମାର୍ଚ୍ଚ ୧ ତାରିଖରେ ଜୟପୁରରେ ହେବାକୁ ଘୋଷିତ ହୋଇଥିଲା। ତାହା ସାମୟିକ ଭାବେ ସ୍ଥଗିତ ନିଷ୍ପତ୍ତି ସହ ପୁଣି ଆସନ୍ତା କିଛି ଦିନ ପରେ ଏହି ବୈଠକ ହେବାକୁ ରହିଥିବା ବେଳେ ଏଥିରେ ଯେପରି ଓଡିଶାର ମନ୍ତ୍ରୀ ମାନେ ଯୋଗ ଦେବେ ସେ ସମ୍ପର୍କରେ ଯୋଗାଯୋଗ ଏବଂ ଅତିଥି ସମ୍ପର୍କ ନେଇ ଉପଦେଷ୍ଟା ଭୃଗୁ ବକ୍ସିପାତ୍ରଙ୍କୁ ଦାୟିତ୍ୱ ଦେବାକୁ ବୈଠକରେ ସ୍ଥିର ହୋଇଥିଲା। ତେଣୁ ଆସନ୍ତା ଦୁଇଦିନ ଧରି ଅନୁଷ୍ଠିତ ହେବାକୁ ଥିବା ସ୍ୱତନ୍ତ୍ର ଅଧିବେଶନକୁ ସାମୟିକ ଭାବେ ସ୍ଥଗିତ ରଖିବାକୁ ନିଷ୍ପତି ଗ୍ରହଣ କରାଯାଇଛି। ଏହିପରି ଅବିଭକ୍ତ କୋରାପୁଟ ଜିଲ୍ଲାରେ ଜଣେ ମନ୍ତ୍ରୀ ରହିଛନ୍ତି ଏବଂ ଜୟପୁରକୁ ବିମାନ ସେବା ବ୍ୟବସ୍ଥା ରହିଥିବା ବେଳେ ବିଧାନସଭା ଅଧିବେଶନ ଆଳ ଦେଖାଇ ରାଜ୍ୟ ମନ୍ତ୍ରୀ ମାନେ ଯୋଗ ନଦେବାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଆଜିର ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୁଗ୍ମ ସଂପାଦକ ଚନ୍ଦ୍ରକାନ୍ତ ସୂତାର, ବରିଷ୍ଠ ସଦସ୍ୟ ପ୍ରଫୁଲ୍ଲ ଦାସ ଶୁଭେନ୍ଦୁ ବ୍ରହ୍ମା, ଦିଲୀପ ଦାସ ପ୍ରମୁଖ ଯୋଗ ଦେଇଥିବା ବେଳେ ସଂଗଠନ ସଂପାଦକ ପରମେଶ୍ୱର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ବାଲିମେଳା ମୁଖ୍ୟ ରାସ୍ତା ଅଳିଆଗଦା



କୋରୁକୋଣ୍ଡା,୨୨।୨(ସମିସ): ମାଲକାନଗିରି ଜିଲ୍ଲାର ଏକମାତ୍ର ପୌର ପରିଷଦ ବାଲିମେଳା ସହରର ପ୍ରବେଶ ଦ୍ୱାରରେ ଅଳିଆ ଆବର୍ଜନା ପକାଯିବାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ସରକାର ଏବଂ ପ୍ରଶାସନ ପକ୍ଷରୁ ପ୍ରତିବର୍ଷ ପ୍ଲାଷ୍ଟିକ ମୁକ୍ତ ଅଞ୍ଚଳ କରିବାକୁ ସଚେତନ କାର୍ଯ୍ୟକ୍ରମ କରାଯାଉଥିବା ବେଳେ ଖୋଦ୍ ପୌର ପରିଷଦ ଅଞ୍ଚଳର ପ୍ରବେଶ ଦ୍ୱାରରେ ଅଳିଆଗଦା ଓ ଆବର୍ଜନା ପୂର୍ଣ୍ଣ ପରିବେଶ ଦେଖି ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ବାଲିମେଳା ପେଟ୍ରୋଲ ପମ୍ପ ସମ୍ମୁଖ ନିର୍ମାଣାଧୀନ ଗୋଷ୍ଠୀ କେନ୍ଦ୍ର ଠାରୁ ଆରମ୍ଭ କରି ଚିତ୍ରକୋଣ୍ଡା ଛକ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ଅଳିଆ ଆବର୍ଜନା କୁଢ କୁଢ ଅଳିଆ ଆବର୍ଜନା ପକାଯାଉଛି। ବାଲିମେଳା ସହରର ବିଭିନ୍ନ ଦୋକାନ ବଜାର ଏବଂ ଘରର ଅଳିଆ ଆବର୍ଜନା, ପ୍ଲାଷ୍ଟିକ ଜରି , ପ୍ଲାଷ୍ଟିକ ବୋତଲ ଭଳି ବିଷାକ୍ତ ସାମଗ୍ରୀ ପକାଇବା ଫଳରେ ଉଭୟ ପାର୍ଶ୍ୱରେ ଥିବା ଜଙ୍ଗଲ ପରିବେଶ ନଷ୍ଟ ହେଉଥିବା ଦେଖିବାକୁ ମିଳୁଛି। ଅପରପକ୍ଷରେ କୌଣସି ଆଗନ୍ତୁକ ସହର ମଧ୍ୟରେ ପ୍ରବେଶ ବେଳେ ଅଳିଆଗଦାର ଦୃଶ୍ୟ ଦେଖିବା ଦ୍ୱାରା ସହରବାସୀଙ୍କ ଛବି କ୍ଷୁର୍ଣ୍ଣ ହେଉଥିବା ଚର୍ଚ୍ଚା ହେଉଛି। ଦିନେ ଦୁଇ ଦିନ ନୁହେଁ ବରଂ ବର୍ଷ ବର୍ଷ ଧରି ସହରର ଅଳିଆ ଆବର୍ଜନା ଏଠାରେ ପକାଯାଉଛି। ସ୍ଥାନୀୟ ପ୍ରଶାସନ ଅଧିକାରୀ ମାନେ ଦେଖି ଅଣଦେଖା କରୁଥିବା ଅଭିଯୋଗ ହୋଇଛି। ଏଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ ଉକ୍ତ ରାସ୍ତା ଉଭୟ ପାର୍ଶ୍ୱରୁ ଅଳିଆ ଆବର୍ଜନା ହଟାଇ ଆଭ୍ୟନ୍ତରୀଣ ଅଞ୍ଚଳରେ ଅଳିଆଗଦା କରି ଫିଙ୍ଗିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ଆମ୍ବ ବଉଳରେ ମହକୁଛି ଗାଁ ଓ ସହରର ପରିବେଶ



ଉମରକୋଟ,୨୨।୨(ସମିସ): ବସନ୍ତ ଋତୁର ଆଗମନରେ ହସି ଉଠିଛି ପ୍ରକୃତି ରାଣୀ। ଏବେ ବଉଳ ବାସ୍ନାରେ ମହକୁଛି ପଲ୍ଲୀ ପରିବେଶ। କଥାରେ କହନ୍ତି ଆମ୍ବ ବଉଳଇ ଫଗୁଣ ମାସରେ, ଦିଗଚହଟଇ ତାର ସୁବାସେ । ଭଅଁର ଓ ମହୁମାଛିଙ୍କ ଗୁଣୁଗୁଣୁ ଶବ୍ଦରେ ମୁଖରିତ ହେଉଛି ସବୁଜ ପରିବେଶ। ପ୍ରକୃତିର ଏହି ସୁନ୍ଦର ଦୃଶ୍ୟ ଓ ମହକ କବି ଓ ଭାବୁକଙ୍କ ମନକୁ ଚଞ୍ଚଳ କରିଛି। ଆମ୍ବଗଛରେ ହଳଦୀ ରଙ୍ଗର ଆମ୍ବ ବଉଳ ପେଣ୍ଡା ପେଣ୍ଡା ହୋଇ ଝୁଲୁଛି। ବଉଳର ମହମହ ବାସ୍ନା ସମସ୍ତଙ୍କୁ ମୁଗ୍ଧ କରିଦେଉଛି। ଋତୁରାଜ ବସନ୍ତକୁ ସ୍ୱାଗତ କରିବାକୁ ଆମ୍ବଗଛରେ ସତେ ଯେମିତି ବଉଳ ନେସି ହୋଇରହିଛି। ପ୍ରକୃତି ଘେରା ଉମରକୋଟ ବ୍ଲକ୍‌ର ରାସ୍ତାପାଖର୍ ଠାରୁ ଆରମ୍ଭ କରି ବାଡ଼ି ବଗିଚା ସବୁଠାରେ ଆମ୍ବଗଛରେ ଭର୍ତ୍ତି ହୋଇ ରହିଛି ବଉଳ। କେତେକ ଗଛରେ ଏତେ ବଉଳ ଆସିଛି ଯେ ପତ୍ର ଦେଖାଯାଉ ନାହିଁ। ଏଥିରୁ ଅନୁମାନ କରାଯାଉଛି, ଏବର୍ଷ ଆମ୍ବ ଭଲ ଆସିବ। ଏଥର ଜଳବାୟୁ ସ୍ୱାଭାବିକ ଯୋଗୁ ଗଛରେ ଅଧିକ ବଉଳ ରହିଛି। ରାସ୍ତାରେ ଯାଉଥିବା ପଥିକ କ୍ଳାନ୍ତି ଦୂର କରିବା ପାଇଁ ଆମ୍ବ ଗଛ ତଳେ ବସି ବଉଳର ବାସ୍ନାରେ ତୃପ୍ତି ପାଇପାରୁଛି। ଗଛର ଗହଳି ଭିତରୁ ଭାସି ଆସୁଥିବା କୋଇଲିର କୁହୁ କୁହୁ ସ୍ୱର ବାଟୋଇର ମନକୁ ଅଧିକ ରୋମାଞ୍ଚିତ କରୁଛି। ଅନ୍ୟପକ୍ଷେ ରାସ୍ତା ଚଉଡ଼ା ପ୍ରକ୍ରିୟାରେ ଅନେକ ଆମ୍ବଗଛ ଟଳି ପଡ଼ିଥିବାରୁ ବଉଳର ପରିମାଣ କମିଯାଇଥିବା ପ୍ରକୃତିପ୍ରେମୀ କ୍ଷୋଭର ସହ କହିଛନ୍ତି। ଗଛରେ ଯଦି ଭଲ ବଉଳ ଆସେ, ଭଲ ଆମ୍ବ ମଧ୍ୟ ଆସିଥାଏ। ଗଛରେ ଭଲ ଆମ୍ବ ଆସିଲେ ସ୍ଥାନୀୟ ଲୋକେ ବିକ୍ରିକରି ପରିବାର ପ୍ରତିପୋଷଣ କରନ୍ତି। ତେବେ ଆସନ୍ତାଦିନରେ ପରିବେଶର ସୁରକ୍ଷା କରା ନଗଲେ ରାସ୍ତାପାର୍ଶ୍ୱରେ ଦେଖାଦେଉଥିବା ବଉଳ ଆଉ ମିଳି ନପାରେ। ବ୍ୟବସାୟିକ ଭିତ୍ତିରେ ଚାଷ କରୁଥିବା ଚାଷୀମାନେ ଚଳିତ ବର୍ଷ ଆମ୍ବରୁ ବେଶ ଦୁଇପଇସା ରୋଜଗାର ଆଶା ରଖିଥିବା କହିଛନ୍ତି। କଲମୀ ଆମ୍ବତୋଟାର ଗଛ ଗୁଡିକରେ ବଉଳ ଭରି ହୋଇ ରହିଛି।

ଆଦାୟ ହୋଇନି ୩୯୨୩୪.୭୫ଲକ୍ଷ ଟଙ୍କାର ଜଳକର

ରାୟଗଡ଼ା,୨୨।୨(ସମିସ): ଗତ ଦଶ ବର୍ଷରେ ଜଳକର ବାବଦକୁ ଅଦ୍ୟାବଧି ବୃହତ୍ ,ମଧ୍ୟମ, କ୍ଷୁଦ୍ର ଶିଳ୍ପ ଓ କଳ କାରଖାନା, ହୋଟେଲ, ଦୋକାନ, ସରକାରୀ ଅନୁଷ୍ଠାନଗୁଡିକରେ ୩୯୨କୋଟି ୩୪ଲକ୍ଷ ୭୫ହଜାର ଟଙ୍କା ବକେୟା ରହିଥିବା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ରାୟଗଡ଼ା ବିଧାୟକ କାଡ୍ରକା ଆପଲାସ୍ୱାମୀଙ୍କ ଗତ ୧୯ ତାରିଖରେ ପଚାରି ଯାଇଥିବା ଅଣତାରକା ପ୍ରଶ୍ନ ସଂଖ୍ୟା ୩୮୧ର ଉତ୍ତର ଦେଇ ତଥ୍ୟ ଉପସ୍ଥାପନା କରିଛନ୍ତି। ବିଧାୟକ ଶ୍ରୀ କାଡ୍ରକା ଉକ୍ତ ଅଣତାରକା ପ୍ରଶ୍ନରେ ଜିଲ୍ଲାରେ ଗଢି ଉଠିଥିବା ସରକାରୀ ବେସରକାରୀ ଅନୁଷ୍ଠାନ, ହୋଟେଲ,ଦୋକାନ ଓ କଳ କାରଖାନାରୁ ପ୍ରତ୍ୟେକ ମାସରେ କେତେ ଜଳକର ଆଦାୟ କରାଯାଏ ଏବଂ ଏହି ଜଳକର ମାସ ୱାରୀ ନା ବର୍ଷ ୱାରୀ ପୈଠ କରିବାର ସରକାରୀ ନିର୍ଦ୍ଦେଶ ରହିଛି, ଗତ ଦଶ ବର୍ଷରେ ଜଳକର ବାବଦକୁ ଅଦ୍ୟାବଧି ବୃହତ୍, ମଧ୍ୟମ, ଛୋଟ ଶିଳ୍ପ ଓ କାରଖାନା, ହୋଟେଲ ,ଦୋକାନ, ସରକାରୀ ଅନୁଷ୍ଠାନଗୁଡିକରେ କେତେ ଟଙ୍କା ବକେୟା ରହିଛି ଏବଂ ଜିଲ୍ଲାର ଯେଉଁ ସଂସ୍ଥା/ଶିକ୍ଷାନୁଷ୍ଠାନ ଗୁଡିକ ସଠିକ୍ ସମୟରେ ଜଳକର ଦେଉନାହାନ୍ତି ବିଭାଗ ପକ୍ଷରୁ ତାହା ଉପରେ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଓ ସମୁଦାୟ କେତେ ଜଳକର ବକେୟା ରହିଛି ଏବଂ ଶିଳ୍ପପାଇଁ ଜଳକର ବୃଦ୍ଧି କରିବାକୁ ସରକାରଙ୍କ ଆଭିମୁଖ୍ୟ କଣ ରହିଛି ବୋଲି ଉଲ୍ଲେଖ କରିଥିଲେ। ଏହାର ଉତ୍ତରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ଗୃହରେ ଦେଇଥିବା ତଥ୍ୟ ଉପସ୍ଥାପନରେ ଜଣାପଡିଛି ଯେ, ଜିଲ୍ଲାରେ ଗଢିଉଠିଥିବା ସରକାରୀ ବେସରକାରୀ ଅନୁଷ୍ଠାନ, ହୋଟେଲ, କଳ କାରଖାନାରୁ ପ୍ରତ୍ୟେକ ମାସରେ ୧କୋଟି ୫୪ଲକ୍ଷ ୯୩ହଜାର ୪ଶହ ଟଙ୍କା (୧୫୪.୯୩୪)ର ଜଳକର ଆଦାୟ କରାଯାଇଥାଏ। ଏହି ଜଳକର ମାସୱାରୀ ପୈଠ କରିବା ପାଇଁ ଇରିଗେସନ ଆକ୍ଟ ୧୯୫୯ ଏବଂ ଇରିଗେସନ ରୁଲ୍ ୧୯୬୧ରେ ନିର୍ଦ୍ଦେଶ ରହିଛି। ଗତ ଦଶ ବର୍ଷରେ ଜଳକର ବାବଦକୁ ୩୯୨୩୪.୭୫ଲକ୍ଷ ଟଙ୍କା ବକେୟା ରହିଛି ବୋଲି ମୁଖ୍ୟମନ୍ତ୍ରୀ ଉତରରେ ଉଲ୍ଲେଖ କରିଛନ୍ତି। ସେହିପରି ଯେଉଁ ସଂସ୍ଥା/ଶିକ୍ଷାନୁଷ୍ଠାନଗୁଡିକ ବକେୟା ଜଳକର ପୈଠ କରୁନାହାନ୍ତି ସେମାନଙ୍କ ବିରୁଦ୍ଧରେ ଓପିଡିଆର ଆକ୍ଟ ୧୯୬୨ଆଧାରରେ ଆଇନଗତ ରିକୋଭରୀ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ସଂପୃକ୍ତ ଅବଗତ କରାଯାଇଥିବା ଉଲ୍ଲେଖ କରାଯାଇଛି। ସେହିପରି ଶିଳ୍ପ ପାଇଁ ଜଳକର ବାର୍ଷିକ ୧୦ପ୍ରତିଶତ ହାରରେ ବୃଦ୍ଧି କରିବା ପାଇଁ ଓଡିଶା ଇରିଗେସନ ରୁଲ୍,୧୯୬୧ର ସଂଶୋଧିତ ନିୟମ ଓଡିଶା ଇରିଗେସନ(ଆମେଣ୍ଡମେଣ୍ଟ) ରୁଲସ,୨୦୧୬ର ସବ୍ ରୁଲ ୨(ଏଫ) ଅଫ ରୁଲ ୨୩ଏ ଅନୁସାରେ ଉଲ୍ଲେଖ ରହିଥିବା ମୁଖ୍ୟମନ୍ତ୍ରୀ ତଥ୍ୟରେ ପ୍ରକାଶ କରିଛନ୍ତି।

ପରିବେଶ ସୁରକ୍ଷା, ପାରମ୍ପରିକ କୃଷି ଓ ଖାଦ୍ୟ ନେଇ ଆଲୋଚନାଚକ୍ର



ବିଷମ କଟକ, ୨୨।୨(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକର ସ୍ଥାନୀୟ ମିନି ଷ୍ଟାଡିଅମରେ ଜନ ଜାଗରଣ ମଞ୍ଚ ଓ ଆମ୍ରଟ୍ରଷ୍ଟ ଆନୁକୂଲ୍ୟରେ ଗ୍ରାମୀଣ ଚର୍ଚ୍ଚା ୨୦୨୬ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରବିବାର ଦିନ ଆରମ୍ଭ ହୋଇଥିବା ବେଳେ ତିନିଦିନ ପର୍ଯ୍ୟନ୍ତ ଜାରିରହିବ। ୨୦୨୬ ଗ୍ରାମୀଣ ଚର୍ଚ୍ଚା କାର୍ଯ୍ୟକ୍ରମରେ ଓଡ଼ିଶା, ଛତିଶଗଡ଼, ଝାରଖଣ୍ଡ, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ରାଜସ୍ଥାନ ଓ ମହାରାଷ୍ଟ୍ରରୁ ୩,୦୦୦ ରୁ ଅଧିକ ଆଦିବାସୀ ନେତା ଏକତ୍ରିତ ହୋଇଛନ୍ତି। ୫୦ରୁ ଅଧିକ ତୃଣମୂଳ ସଂଗଠନଙ୍କ ପ୍ରତିନିଧିମାନେ ନିଜ ଅନୁଭବ ଅଦାନ-ପ୍ରଦାନ, ପ୍ରଶ୍ନଉତ୍ତର ଉପରେ ଆଧାରିତ ସ୍ଥାନୀୟ ସମସ୍ୟା ଚିହ୍ନଟ ଏବଂ ତାର ସମାଧାନ ପନ୍ଥା ପ୍ରସ୍ତୁତ କରିବା ପାଇଁ ଏକତ୍ରିତ ହୋଇଛନ୍ତି। ସେମାନଙ୍କର ଏହି ସହଭାଗିତା ବିକଶିତ ଭାରତ ୨୦୪୭ ଏବଂ ବିକଶିତ ଓଡିଶା ୨୦୩୬ ଚିନ୍ତନକୁ ସୁଦୃଢ କରିବା ଲକ୍ଷରେ କାର୍ଯ୍ୟକ୍ରମଟି ଏକ ଉତ୍ସାହଭରା ଉଦ୍‌ଘାଟନୀ ଅଧିବେଶନ ସହିତ ଆରମ୍ଭ ହୋଇଥିଲା, ଯେଉଁଥିରେ ଆଦିବାସି ପାରମ୍ପରିକ ଗୀତ ଏବଂ ନୃତ୍ୟ ପ୍ରଦର୍ଶନ ଓ ବିଭିନ୍ନ ସଂଗଠନର ପତାକା ପ୍ରଦର୍ଶନ ମାଧ୍ୟମରେ ତୃଣମୂଳ ସଂଗଠନ ମାନଙ୍କର ବିବିଧତା ପ୍ରକାଶ ପାଇଥିଲା। ପ୍ରଥମ ଦିନଟିର ମୁଖ୍ୟ ଆକର୍ଷଣ ଥିଲା 'ପରିବେଶ ସୁରକ୍ଷା' ଉପରେ ଆଲୋଚନାଚକ୍ର, ଜମି, ଜଙ୍ଗଲ ଓ ପାରମ୍ପରିକ କୃଷି ଏବଂ ଖାଦ୍ୟ ପ୍ରଣାଳୀ । ବାସ୍ତବତାକୁ ଆଧାର କରି ଏହି ଆଲୋଚନା ଚକ୍ରରେ ପ୍ରକୃତିର ନିୟମ, ଜଳବାୟୁ ସହନଶୀଳତା ଓ ପାରମ୍ପରିକ ଖାଦ୍ୟ ପ୍ରଥା ଇତ୍ୟାଦି ଉପରେ ଚର୍ଚ୍ଚା ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଭକ୍ତା ଭାବେ ଓଡ଼ିଶା ଶ୍ରମଜୀବୀ ମଞ୍ଚର ଆବାହକ ଅଞ୍ଜନ ପ୍ରଧାନ ଯୋଗ ଦେଇ ଆଦିବାସୀ ସମ୍ପ୍ରଦାୟର ଜ୍ଞାନ, ପାରମ୍ପରିକ ଜୀବନଶୈଳୀ ଦେଶର ଭବିଷ୍ୟତ ସଂଗେ ଗଭୀର ଭାବରେ ଜଡିତ। ପୀଢି ପରେ ପିଢି ଆମେ ପ୍ରକୃତି ସହ ହାତ ମିଳାଇ, ପ୍ରକୃତି ସୁରକ୍ଷା ସହ ସାଂସ୍କୃତିକ ମୂଲ୍ୟବୋଧ ମାଧ୍ୟମରେ ଜୀବନ ବିତାଉଛୁ। ଏହା କେବଳ ପରମ୍ପରା ନୁହେଁ, ସମସ୍ୟାର ସମାଧାନ ମଧ୍ୟ। ମୁଖ୍ୟ ଅତିଥିଭାବେ ରାୟଗଡ଼ାର ବିଶିଷ୍ଟ ଆଇନଜୀବୀ ଶଙ୍କର ପ୍ରସାଦ ପାଣି ମଞ୍ଚରେ ଯୋଗଦେଇ ଭାରତର ବିକାଶ ମୂଳରେ ହେଉଛି ଗ୍ରାମାଞ୍ଚଳର ପ୍ରଗତି। ଆଦିବାସୀ ସମ୍ପ୍ରଦାୟ ଏହି ଯାତ୍ରାରେ ପ୍ରକୃତ ଅଂଶୀଦାର ହେବା ପାଇଁ ଉଭୟ ଅଧିକାର ଓ ଦାୟିତ୍ୱ ପ୍ରତି ସଚେତନ ହେବା ଆବଶ୍ୟକ ବୋଲି କହିଥିଲେ। ଓଡିଶାର ଏକ ପାରମ୍ପରିକ ଖେଳ 'ପିଠୁ'ର ଆୟୋଜନ କରା ଯାଇଥିଲା । ଶେଷରେ 'ଆଦି ପ୍ରତିଭା' କାର୍ଯ୍ୟକ୍ରମ ମାଧ୍ୟମରେ ଆଦିବାସୀ ଯୁବକ ଯୁବତୀ ମାନେ ପାରମ୍ପରିକ ସଙ୍ଗୀତ, ନୃତ୍ୟ ମାଧ୍ୟମରେ ଆଦିମ ସଂସ୍କୃତିକୁ ଅଭିବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମର ପ୍ରଥମ ଦିନ ପରିସମାପ୍ତିରେ ସାମୂହିକ ମତାମତ ଗ୍ରହଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲା ଓ ରାଜ୍ୟ ବାହାରରୁ ଆସିଥିବା ଆଦିବାସୀ ସମ୍ପ୍ରଦାୟ ତରଫରୁ ବିଭିନ୍ନ ଷ୍ଟଲ୍ ଖୋଲାଯାଇ ସେମାନଙ୍କ କଳା ଓ ସଂସ୍କୃତିର ସୁନ୍ଦର ସାମଗ୍ରୀ ପ୍ରଦର୍ଶନ କରାଯାଇଥିଲା।

ଆତ୍ମସମର୍ପଣ କଲେ ଟପ୍ ମାଓନେତା ଦେବଜୀ ଓ ମଲ୍ଲା

ମାଲକାନଗିରି, ୨୨ ।୨(ସମିସ)

ମାଲକାନଗିରି ଜିଲ୍ଲା ପଡ଼ୋଶୀ ରାଜ୍ୟ ତେଲେଙ୍ଗାନା ରାଜ୍ୟରୁ ଆସିଛି ବଡ଼ ଖବର। ଭାରତୀୟ ମାଓବାଦୀ ସଂଗଠନର କେନ୍ଦ୍ରୀୟ କମିଟିର ଦୁଇ ବଡ଼ ମାଓ ନେତା ଦେବଜୀ ଏବଂ ମଲ୍ଲା ରାଜରେଡ଼ି ତେଲେଙ୍ଗାନା ପୁଲିସ ଏସ୍ଆଇବି ନିକଟରେ ଆତ୍ମସମର୍ପଣ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଦେଶର ନକ୍ସଲ ପ୍ରଭାବିତ ଅଞ୍ଚଳରେ ନକ୍ସଲ ମୁକ୍ତ ଅଭିଯାନ ପୂର୍ବ ନିର୍ଦ୍ଧାରିତ ସମୟସୀମା ମାର୍ଚ୍ଚ ୨୦୨୬ ପୂର୍ବରୁ ପ୍ରତିବନ୍ଧିତ ଭାରତୀୟ ମାଓବାଦୀ ସଂଗଠନକୁ ଶକ୍ତ ଝଟ୍‌କା ଲାଗିଛି। କେନ୍ଦ୍ରୀୟ ନକ୍ସଲ ସଂଗଠନର ସାଧାରଣ ସମ୍ପାଦକ ଦେବଜୀ ଓରଫ ଟିପରି ତିରୁପତି , କେନ୍ଦ୍ରୀୟ କମିଟି ସଦସ୍ୟ



ମଲ୍ଲା ରାଜରେଡ଼ି ଏବଂ ସଂଗ୍ରାମଙ୍କ ଅନ୍ୟ ୧୩ ଜଣ ହାର୍ଡକୋର ନକ୍ସଲ ସମେତ ମୋଟ ୧୬ ଜଣ ମାଓବାଦୀ ତେଲେଙ୍ଗାନା ପୁଲିସ ନିକଟରେ ଆତ୍ମସମର୍ପଣ କରିବାର ସୂଚନା ମିଳିଛି। ଗତ କିଛି ଦିନ ପୂର୍ବରୁ କେବଳ ଦେବଜୀ ଏବଂ ରାଜରେଡ଼ିଙ୍କୁ ଟାର୍ଗେଟ କରି ଅପରେସନ କାଗାର -୨ ଆରମ୍ଭ କରାଯାଇଥିଲା। ଅପରେସନ ଏବେ ସଫଳ ହେବାକୁ ଯାଉଛି। ଏହି ଅପରେସନ ମାଧ୍ୟମରେ ଦେଶର ସବୁଠାରୁ ବଡ଼ ମାଓବାଦୀ ମାନେ ଆତ୍ମସମର୍ପଣ କରିବାକୁ ଯାଉଛନ୍ତି। ଆଗାମୀ ଦୁଇ ଦିନ ମଧ୍ୟରେ ଆତ୍ମସମର୍ପଣ କରିଥିବା ଦୁଇ କେନ୍ଦ୍ରୀୟ କମିଟି ସଦସ୍ୟ ଗଣମାଧ୍ୟମ ସମ୍ମୁଖକୁ ଆସିବାର କାର୍ଯ୍ୟକ୍ରମ ରହିଥିବା ପୁଲିସ ସୂତ୍ରରୁ ସୂଚନା ମିଳିଛି।

ବଟ ଗଣେଶ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ



କୋରାପୁଟ,୨୨।୨(ସମିସ): କୋରାପୁଟ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ନିର୍ମିତ ବଟ ଗଣେଶଙ୍କ ଭବ୍ୟ ମନ୍ଦିର ମହାସମାରୋହରେ ପ୍ରତିଷ୍ଠା କାର୍ଯ୍ୟ ଉଦ୍‌ଯାପିତ ହୋଇଛି। ପ୍ରତିଷ୍ଠା ଉତ୍ସବର ଶେଷ ଦିନରେ ପ୍ରଥମେ ସକାଳୁ ସୂର୍ଯ୍ୟ ପୂଜା ଠାରୁ ଆରମ୍ଭ କରି ବିଗ୍ରହ ମାନଙ୍କର ନଗର ପରିକ୍ରମା, ମନ୍ଦିର ଚୂଡ଼ାରେ ଧ୍ୱଜ ଅଙ୍କୁଶ ସ୍ଥାପନ ଏବଂ ପାଶ୍ୱର୍ଦେବତା ସ୍ଥାପନ କରାଯାଇଥିଲା। ଏହାପରେ ଠାକୁରମାନଙ୍କ ତଥା ଶ୍ରୀବଟ ଗଣେଶ, ମା'ମହାଲକ୍ଷ୍ମୀ ଓ ମା' ସରସ୍ୱତୀଙ୍କୁ ମନ୍ଦିର ଭିତରେ ପ୍ରବେଶ କରାଯାଇଥିଲା। ଅଗ୍ରପୂଜ୍ୟ ଗଣେଶଙ୍କ ମନ୍ଦିର ବଟବୃକ୍ଷ ତଳେ ହୋଇ ଥିବାରୁ ଏହି ମନ୍ଦିରର ନାମ ବଟ ଗଣେଶ ରଖା ଯାଇଅଛି। ଚାରିଦିନ ଧରି ଚାଲିଥିବା ଏହି ଧାର୍ମିକ ଅନୁଷ୍ଠାନରେ ସ୍ଥାନୀୟ ଭକ୍ତମାନଙ୍କ ସହ ହଜାର ହଜାର ସନତାନୀଙ୍କ ଭାରି ଭିଡ଼ ଦେଖିବାକୁ ମିଳିଥିଲା। ସମସ୍ତ କାର୍ଯ୍ୟକ୍ରମର ପରିଚାଳନା ଦାୟିତ୍ୱରେ ଥିବା କମିଟିର ପ୍ରସନ୍ନ କୁମାର ନାୟକ, ନିତ୍ୟାନନ୍ଦ ଭତ୍ରା, ମନୋଜ ବାରିକ ଓ ଜଗନ୍ନାଥ ନାୟକଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

୩୦ ଏକର ପାଳଗଦାରେ ନିଆଁ ଲାଗିଗଲା



କୁନ୍ଦୁରା,୨୨।୨(ସମିସ): କୁନ୍ଦୁରା ବ୍ଲକ୍ ଅନ୍ତର୍ଗତ ଘୁମର ଠାରେ ଏକ ଖଳାରେ ନିଆଁ ଲାଗି ଯିବାରୁ ୩୦ ଏକର ଜମିର ପାଳଗଦା ପୋଡ଼ି ସଂପୂର୍ଣ୍ଣ ପାଉଁଶ ହୋଇଯାଇଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଘୁମର ପଞ୍ଚାୟତର ସରପଞ୍ଚ ରାମଚନ୍ଦ୍ର ବଣୁଆଙ୍କ ଜମିରେ ଧାନ ଅମଳ ପରେ ଗୋଟିଏ ଖଳାରେ ଗଦା କରି ରଖିଥିଲେ। କିନ୍ତୁ ଆଜି ସକାଳ ୧୦ଟା ବେଳେ କୌଣସି କାରଣରୁ ପାଳଗଦାରେ ନିଆଁ ଲାଗି ଯାଇଥିଲା। ଏହା ଦେଖିବା ପରେ ଗ୍ରାମବାସୀ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ଏବଂ ବୈପାରିଗୁଡା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀର ଓଆଇସି ଜୟକୃଷ୍ଣ ସ୍ୱାଇଁ, ଗାଡ଼ି ଚାଳକ ଅଚ୍ୟୁତ ଓରାମ, ଅଗ୍ନିକ ସତ୍ୟରାମ ନାୟକ, ସଚିନ ବାରିକ, ଆର୍. ଆର୍. ସ୍ୱାଇଁ, ବୃଷଭ ସାହୁ, ଗୋବର୍ଦ୍ଧନ ହିକିମ୍ ଏବଂ ରାଜେଶ ପ୍ରଧାନ ଦୁଇଟି ଦମକଳ ଗାଡ଼ି ସହ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଗ୍ରାମବାସୀଙ୍କ ସହଯୋଗରେ ୩୦ ଏକର ପାଳଗଦାକୁ ତିନି ଘଣ୍ଟା ଧରି ଅକ୍ଲାନ୍ତ ପରିଶ୍ରମ ପରେ ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ଏକ ଲକ୍ଷ ଟଙ୍କାର କ୍ଷୟକ୍ଷତିର ଆକଳନ କରାଯାଇଛି। ଅଗ୍ନିଶମ ବାହିନୀ ତୁରନ୍ତ ନିଆଁକୁ ଆୟତ୍ତ କରିବାରୁ ଅନ୍ୟ ଚାଷୀ ମାନଙ୍କ ପାଳଗଦା ନିଆଁ ଦାଉରୁ ରକ୍ଷା ପାଇଯାଇଛି।

ମନ୍ଦିର ନବୀକରଣ ପାଇଁ ଚାଷୀ ଦେଲେ ୫ ଲକ୍ଷ ଟଙ୍କା




ଗୁଣୁପୁର, ୨୨।୨(ସମିସ): ଗୁଣୁପୁର ସହରର ମା' ଗ୍ରାମଦେବୀ ମନ୍ଦିରର ନବୀକରଣ କାର୍ଯ୍ୟ ଜାରି ରହିଛି। ପ୍ରାୟ ୧ କୋଟି ୫୦ ଲକ୍ଷ ଟଙ୍କା ଏହି ନିର୍ମାଣ କାର୍ଯ୍ୟରେ ଖର୍ଚ୍ଚ ହେବ ଆକଳନ କରାଯାଇଥିବା ନେଇ ସଭାପତି ଏସ୍ ବାବା ପ୍ରସାଦ କହିଛନ୍ତି। ଏହି ମନ୍ଦିର ସହର ବାସୀଙ୍କ ପାଇଁ ଏକ ମୁଖ୍ୟ ମନ୍ଦିର ଅଟେ। ତେଣୁ ଏହି ମନ୍ଦିରର ନିର୍ମାଣ ସକାଶେ ବହୁ ସାଧାରଣ ଲୋକେ ଆର୍ଥିକ ସହାୟତା କରିଥିବା ଦେଖିବାକୁ ମିଳିଛି। ଆଜି ଗୁଣୁପୁର ସହରର ପାଇକ ସାହିରେ ରହୁଥିବା ପନିଟି ବାଲାସା ଶ୍ରୀ ରାମୁଲୁ ନାମକ ଜଣେ ସାଧାରଣ ଚାଷୀ ମନ୍ଦିର ନିର୍ମାଣ ପାଇଁ ୫ ଲକ୍ଷ ଟଙ୍କା ଦାନ କରିଛନ୍ତି। ଯାହାକି ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଜଣେ ସାଧାରଣ ଚାଷୀ ଏତେ ଟଙ୍କା ଦେଇଥିବା ଘଟଣା ସୋସିଆଲ୍ ମିଡିଆର ଘୁରି ବୁଲିବା ପରେ ବହୁ ଲୋକେ ତାଙ୍କୁ ପ୍ରଶଂସା କରିଥିବା ଦେଖିବାକୁ ମିଳିଛି। ଶ୍ରୀ ରାମୁଲୁ ଏହି ଅର୍ଥ ଦାନ ସମୟରେ ମନ୍ଦିର ନିର୍ମାଣ କାର୍ଯ୍ୟ ଦାୟୀତ୍ୱରେ ଥିବା ଏସ୍ ବାବା ପ୍ରସାଦ, ଗୁଣୁପୁର ପୌର ଉପାଧ୍ୟକ୍ଷା ଶିବ ପ୍ରସାଦ ଗୋଡ଼, ଏ ନାଗୁ, କୋଣ୍ଡା ବାବୁ, ସାହି ବାସିନ୍ଦା ଓ ଶ୍ରୀରାମୁଲୁଙ୍କ ପରିବାର ଲୋକେ ଉପସ୍ଥିତ ଥିଲେ।

ଦଶମନ୍ତପୁର ବ୍ଲକ୍ ମହକୁମାରେ ବସ୍‌ଷ୍ଟାଣ୍ଡ କେବେ?

ପୋଡ଼ାଗଡ଼,୨୨।୨(ସମିସ): ସ୍ୱାଧୀନତାର ଦୀର୍ଘ ବର୍ଷ ବିତିଯାଇଥିଲେ ସୁଦ୍ଧା ଅନେକ ବ୍ଲକ୍ ମହକୁମାରେ ବସ୍‌ଷ୍ଟାଣ୍ଡ ହୋଇପାରୁ ନାହିଁ। ବସ ଷ୍ଟାଣ୍ଡ ନଥିବାରୁ ଅନେକ ସମୟରେ ଯାତ୍ରୀ ମାନେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏପରି ଦୃଶ୍ୟ ଦେଖିବାକୁ ମିଳିଛି କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ସଦର ମହକୁମା ଠାରେ। ସଦର ମହକୁମାରେ ଦିନକୁ ହଜାରରୁ ଅଧିକ ଯାତ୍ରୀ କୋରାପୁଟ ଲକ୍ଷ୍ମୀପୁର କାଶୀପୁର, ଏପରିକି ରାୟଗଡ଼ା ନିମନ୍ତେ ଅନେକ ଯାତ୍ରୀ ବସ ଯୋଗେ ଯାଇଥାନ୍ତି। ଏହି ବ୍ଲକ ସଦର ମହକୁମାରେ ପ୍ରାୟ ୮ ପଞ୍ଚାୟତବାସୀ ନିର୍ଭର କରିଥାନ୍ତି। ଯେହେତୁ ଲକ୍ଷ୍ମୀ ବସ ବା ମୁଖ୍ୟମନ୍ତ୍ରୀ ବସ ଯୋଗେ ପଞ୍ଚାୟତରୁ ବ୍ଲକକୁ ଆସିଥାନ୍ତି। କିନ୍ତୁ ଏଠାରେ କୌଣସି ବସଷ୍ଟାଣ୍ଡ ସୁବିଧା ନଥିବାରୁ ବ୍ଲକ ପ୍ରାଶ୍ୱର୍ରେ ଥିବା ଦୋକାନ କିମ୍ବା ଗଛ ମୂଳରେ ବସ ଅପେକ୍ଷାରେ ବାସି ରୁହନ୍ତି। ଗ୍ରୀଷ୍ମ ଋତୁ କିମ୍ବା ଶୀତ ଋତୁରେ ଯେମିତି ସେମିତି ଦୋକାନ ବାରଣ୍ଡା କିମ୍ବା ଗଛ ମୂଳରେ ରହି ଯାଆନ୍ତି। କିନ୍ତୁ ବର୍ଷା ଋତୁରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୁଅ ପିଲା ଚଳି ଯିବ। କିନ୍ତୁ ମହିଳା ମାନଙ୍କୁ ଅନେକ ସମୟରେ ବାତ୍ରୁମ୍ ଲାଗିଲେ ବସ ରହିବା ସ୍ଥାନରୁ ପ୍ରାୟ ୫୦୦ମିଟରରୁ ଦୂର୍ର ନାଳକୁ ଯିବାକୁ ପଡୁଛି। ଏହା ସତ୍ତ୍ୱେ ଅନେକ ସମୟରେ ଅସାମାଜିକ ବ୍ୟକ୍ତିମାନେ ଯାତ୍ରୀ ମାନଙ୍କୁ ଅନେକ କମେଣ୍ଟ କରୁଥିବା ମଧ୍ୟ ସ୍ଥାନୀୟ ଲୋକ କହିଛନ୍ତି। ଅନ୍ୟ ଆଡ଼େ ଯଦି ଦେଖିବା ତାହେଲେ ଗତ ଦିନମାନଙ୍କରେ ଲମତା ପୁଟ ସେମିଳି ଗୁଡା ଏହିପରି ଅନେକ ବ୍ଲକ ସଦର ମହକୁମା ମାନଙ୍କରେ ବସ ଷ୍ଟାଣ୍ଡ ନିର୍ମିତ ହେଇଥିବା ବେଳେ ଦଶାମନ୍ତ ପୁର ବ୍ଲକ ରେ କେବେ ହେବବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏନେଇ ଆମେ ବରିଷ୍ଠ ବିଜେଡି ନେତା ତଥା ବିଜେଡିଜିଲ୍ଲା ଉପ ସଭାପତି ନାରାୟଣ ବିଶଇ ଙ୍କୁ କହି ଛନ୍ତି କି ଗତ ସରକାର ଦଶମନ୍ତପୁର ବ୍ଲକରେ ବସଷ୍ଟାଣ୍ଡ ନିର୍ମିତ ପାଇଁ ପଇସା ସେକ୍ସନ କରିଥିଲେ। କିନ୍ତୁ ଏବର ସରକାରଙ୍କ ଉଦାସୀନତା ହେତୁ ବସ ଷ୍ଟାଣ୍ଡ ନିର୍ମିତ ଯାଇପାରୁ ନାହିଁ କିନ୍ତୁ ଏହା ଟେଣ୍ଡର ପ୍ରକ୍ରିୟା ରେ ରହିଥିବା କହି ଛନ୍ତି। ଏହା ମଧ୍ୟ କହିଛନ୍ତି କି ଜାଗା ଚିହ୍ନଟ ହଇ ସାରିଥିବା ମଧ୍ୟ କହିଛନ୍ତି। ଅନ୍ୟ ଆଡ଼େ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ଜିଲ୍ଲା ପରିଷଦ ରମାକାନ୍ତ ଦଳେଇ କହିଛନ୍ତି କି ଅତିଶୀଘ୍ର ଦଶମନ୍ତପୁରରେ ନୂତନ ବସ ଷ୍ଟାଣ୍ଡ ହେବ ଜାଗା ଚିହ୍ନଟ ହେଇଛି ଚନ୍ଦନ । ଶ୍ରୀ କ୍ଷେତ୍ର ନିକଟରେ ବଲି କହିଛନ୍ତି। ଦେଖିବାକୁ ରହିଲା ଦଶମନ୍ତପୁର ବ୍ଲକ ସଦର ମହକୁମାରେ ବସ ଷ୍ଟାଣ୍ଡ କେବେ ନିର୍ମିତ ହେଉଛି ଓ ଯାତ୍ରୀ ଉପକୃତ ହେବେ ତାହା ଦେଖିବାକୁ ରହିଲା।

କେନ୍ଦୁପୁଟ ବିଦ୍ୟାଳୟରେ ନାହିଁ ଶୌଚାଳୟ ଶ୍ରେଣୀଗୃହ



ବୈପାରୀଗୁଡ଼ା,୨୨।୨(ସମିସ): ଯୋଜନା ପରେ ଯୋଜନା ହେଉଛି, ତଥାପି ସରକାରୀ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ସଜଡ଼ା ହୋଇପାରୁନାହିଁ। ୧୯୭୦ ମସିହାରେ ସ୍ଥାପନ କରାଯାଇଥିବା ସର୍ବ ପୁରାତନ ବିଦ୍ୟାଳୟ ଅବ୍ୟବସ୍ଥା ଯୋଗୁଁ ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନରେ ବାଧକ ସାଜୁଛି। ଭିତ୍ତିଭୂମିର ଅଭାବ ପରିଲକ୍ଷିତ ହେଉଛି। ବର୍ଷକୁ ବର୍ଷ ସରକାରୀ ବିଦ୍ୟାଳୟଗୁଡ଼ିକର ସ୍ଥିତି ଖରାପ ହେଉଥିବାରୁ ଅଭିଭାବକ ଓ ଛାତ୍ରୀଛାତ୍ର ଘରୋଇ ବିଦ୍ୟାଳୟମୁହାଁ ହେଉଛନ୍ତି। ଛାତ୍ରଛାତ୍ରୀଙ୍କ ଲାଗି ନା ଅଛି ଶ୍ରେଣୀଗୃହ ନା ଶୌଚାଳୟ। ଏଭଳି ଚିତ୍ର ବୈପାରୀଗୁଡା ବ୍ଲକ କାଠପୋଡ଼ା ପଞ୍ଚାୟତର କେନ୍ଦୁପୁଟ ପ୍ରାଥମିକ ବିଦ୍ୟାଳୟ ଠାରେ ଦେଖିବାକୁ ମିଳିଛି। କେନ୍ଦୁପୁଟ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ବ୍ୟବସ୍ଥା ରହିଥିବା ବେଳେ ଶ୍ରେଣୀକୋଠାରୀ ଅଭାବ ସାଙ୍ଗକୁ ଶୌଚାଳୟ ମଧ୍ୟ ନାହିଁ। ବିଦ୍ୟାଳୟ ର ମୋଟ ୮୫ ପିଲା ପଢୁଥିବା ବେଳେ କେବଳ ୪୫ ଜଣ ଛାତ୍ରୀ ଏଠାରେ ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟରେ ଶୌଚାଳୟ ନ ଥିବା ଯୋଗୁଁ ନାହିଁ ନଥିବା ଅସୁବିଧା ସମ୍ମୁଖୀନ ହେଉଛନ୍ତି । ଛାତ୍ରୀଛାତ୍ର ବାହାରେ ଶୌଚ କରିବାକୁ ବାଧ ହେଉଛନ୍ତି। ଏଠାରେ ସ୍ୱଚ୍ଛ ଭାରତ ମିଶନ ଏକ ପ୍ରକାର ଫେଲ୍ ମାରିଛି । ବିଦ୍ୟାଳୟରେ ପିଲାଙ୍କୁ ପାଠ ପଢାଇବା ପାଇଁ ଶିକ୍ଷକ ଶିକ୍ଷୟିତ୍ରୀ ୩ ଜଣ ଅଛନ୍ତି । କିନ୍ତୁ ଶ୍ରେଣୀ ଗୃହ ଅଭାବ ଯୋଗୁଁ ଅସୁବିଧା ସମ୍ମୁଖୀନ ହେଉଛନ୍ତି । ଅନ୍ୟପଟେ ଗୋଟିଏ ଶ୍ରେଣୀଗୃହରେ ୩ଟି ଶ୍ରେଣୀ ପିଲା ପାଠ ପଢ଼ାଯାଉଥିବା ବେଳେ ବଳକା ଛାତ୍ରୀଛାତ୍ର ବାରଣ୍ଡାରେ ବସୁଛନ୍ତି। ସେହିପରି କାର୍ଯ୍ୟାଳୟ ନ ଥିବାରୁ ବାରଣ୍ଡାରେ ଚାଲିଛି ସ୍କୁଲ କାର୍ଯ୍ୟାଳୟ। ଏନେଇ ବହୁବାର ଅଭିଯୋଗ କରାଯାଇଛି । କିନ୍ତୁ ଫଳ ଶୂନ ବୋଲି ପ୍ରକାଶ କରିଛନ୍ତି ପ୍ରଧାନ ଶିକ୍ଷକ ଏସ ଶ୍ରୀଧର ରାଓ। କେନ୍ଦୁପୁଟ ବିଦ୍ୟାଳୟ ଭିତିଭୂମି ଅଭାବ ଯୋଗୁଁ ଏସବୁ ଯେପରି କାଗଜ କଲମରେ ସୀମିତ ରହିଛି ବୋଲି ବୁଦ୍ଧିଜୀବୀ ମହଲରେ ପ୍ରକାଶ ପାଇଛି।

କାଶୀପୁରରେ ବଜରଙ୍ଗ ଦଳ ବୈଠକ

ନୂତନ ଦାୟିତ୍ୱ ଘୋଷଣା



ରାୟଗଡ଼ା/ କାଶୀପୁର,୨୨।୨(ସମିସ): ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ବାଲିଗୁଡା ହନୁମାନ ମନ୍ଦିର ପ୍ରାଙ୍ଗଣରେ ଆଜି ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସଂଗଠନକୁ ସୁଦୃଢ଼ କରିବା, ହିନ୍ଦୁ ସମାଜକୁ ସଂଗଠିତ କରିବା ଓ ସ୍ଥାନୀୟ ସ୍ତରରେ କାର୍ଯ୍ୟକର୍ତ୍ତାଙ୍କୁ ସକ୍ରିୟ କରିବା ନେଇ ଆଲୋଚନା ହୋଇଥିଲା। ସେଥିସହ କାଶୀପୁର ବ୍ଲକ ଓ କାଶୀପୁର ପଞ୍ଚାୟତ ପାଇଁ ବଜରଙ୍ଗ ଦଳର ନୂତନ କାର୍ଯ୍ୟକର୍ତ୍ତାଙ୍କୁ ଦାୟିତ୍ୱ ଘୋଷଣା କରାଗଲା। ନୂତନ ଦାୟିତ୍ୱପ୍ରାପ୍ତ ଭାବେ ଟିକିରି ପଞ୍ଚାୟତ ପାଇଁ ବିଶ୍ୱହିନ୍ଦୁ ପରିଷଦ ସଭାପତି ଭାବେ ପ୍ରଫୁଲ ବେହେରା, ବଜରଙ୍ଗ ଦଳ କାଶୀପୁର ବ୍ଲକ ସହ ସଂଯୋଜକ ଜିତେନ୍ଦ୍ର ବେହେରା , କାଶୀପୁର ପଞ୍ଚାୟତ ସଂଯୋଜକ ପବିତ୍ର ବେହେରା, ସହ-ସଂଯୋଜକ ବାଦଲ କୁମାର ଖୁଣ୍ଟିଆ, ମିଳନ କେନ୍ଦ୍ର ପ୍ରମୁଖ କାର୍ତ୍ତିକ ମାଝୀ, ସୁରକ୍ଷା ପ୍ରମୁଖ: ଶୁଭମ ଖୁଣ୍ଟିଆ,ଗୋ ସୁରକ୍ଷା ପ୍ରମୁଖ ପବନ ଗୌଡ଼,ବଳ ଉପାସନା ପ୍ରମୁଖ, କିସାନ ଗୁରୁ,ବିଦ୍ୟାର୍ଥ ପ୍ରମୁଖ, ଇଶ୍ୱର ପୂଜାରୀ ଏହି ବୈଠକରେ ବିଶ୍ୱହିନ୍ଦୁ ପରିଷଦ ଜିଲ୍ଲା ସଂପାଦକ କୁନା ରମେଶ, ଜିଲ୍ଲା ସହ-ସଂପାଦକ ଗୋପୀନାଥ ବ୍ରହ୍ମା, ବଜରଙ୍ଗ ଦଳ ଜିଲ୍ଲା ସହ-ସଂଯୋଜକ ଶସ୍ୟଜ୍ୟୋତି ବେହେରା,ବଜରଙ୍ଗ ଦଳ ବିଭାଗ ସଂଯୋଜକ ଇ.ଶକ୍ତି ଧରଣ, ବଜରଙ୍ଗ ଦଳ କାର୍ଯ୍ୟକର୍ତ୍ତା ମାନସ ଦାସ , ବଜରଙ୍ଗ ଦଳ କାଶୀପୁର ବ୍ଲକ ସଂଯୋଜକ ନ.କିରଣ, ବିଶ୍ୱହିନ୍ଦୁ ପରିଷଦ କାଶୀପୁର ବ୍ଲକ ସଭାପତି ପ୍ରଦୀପ ନାୟକ ପ୍ରମୁଖ ଉପସ୍ଥିତ ରହି ନୂତନ କାର୍ଯ୍ୟକର୍ତ୍ତାମାନଙ୍କୁ ସଂଗଠନର ଦାୟିତ୍ୱ ଓ ଲକ୍ଷ୍ୟ ସମ୍ପର୍କରେ ଦିଗଦର୍ଶନ ଦେଇଥିଲେ। ବୈଠକଟି ହିନ୍ଦୁ ସମାଜର ସେବା ଓ ସଂଗଠନର ସୁଦୃଢତା ପାଇଁ ସଙ୍କଳ୍ପ ସହ ସଫଳତାର ସହିତ ସମାପ୍ତ ହୋଇଥିଲା।

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ କୋଠା ଉଦ୍‌ଘାଟିତ



ଗୁଣପୁର,୨୨ ।୨(ସମିସ): ରାୟଗଡ଼ା ଜିଲ୍ଲା ଗୁଣପୁର ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଉଦ୍‌ଘାଟନ ହୋଇଯାଇଛି। ଗୁଣପୁର ସହରର ଜଗନ୍ନାଥ ନଗର ସ୍ଥିତ ଦ୍ୱିତୀୟ ଗଳିରେ ନୂତନ କୋଠା ଉଦ୍‌ଘାଟନ ଉତ୍ସବ ହୋଇଥିଲା। ରବିବାର ରାଜଯୋଗିନୀ ବ୍ରହ୍ମକୁମାରୀ ଭିନା ଦିଦି (ଗୀତାଜ୍ଞାନ ବିଦୁଷୀ) ଙ୍କ କରକମଳରେ ଏହା ଉଦଘାଟନ ହୋଇଥିଲା। ପ୍ରଥମେ ଶାନ୍ତି ଯାତ୍ରା ହୋଇଥିଲା। ମଞ୍ଚରେ ରାଜ ଯୋଗିନୀ ଭି.କେ.ବିନା ଦିଦି ମୁଖ୍ୟବକ୍ତା ଭାବେ ଯୋଗଦେଇଥିବାବେଳେ ମୁଖ୍ୟ ଅତିଥି ଭାବେ ଗୁଣୁପୁରର ପୂର୍ବତନ ବିଧାୟକ ରଘୁନାଥ ଗମାଙ୍ଗ ମଞ୍ଚାସିନ ଥିଲେ। ରାଜ ଯୋଗୀନୀ ଭୀନା ତାଙ୍କ ବକ୍ତବ୍ୟରେ ଏହି ଅନୁଷ୍ଠାନ ବର୍ତ୍ତମାନ ୯୦ ବର୍ଷରେ ପହଞ୍ଚି ଥିବା ବେଳେ ବିଶ୍ୱର ୧୪୦ ଦେଶରେ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଚାଲୁ ରହିଥିବା କହିଥିଲେ। ଏକତା, ବିଶ୍ୱସନୀତାରେ ସମରସତା ସୃଷ୍ଟି ହୋଇଥାଏ। ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟରେ ମହିଳା ମାନଙ୍କର ନେତୃତ୍ୱ ନେଇଥାନ୍ତି। ଏଠାରେ ମହିଳା ମାନେ ଗୁରୁମାତା। ମନୁଷ୍ୟକୁ ଯେତେ ଆଧାକିକ ବାଦୀ କରି ପାରିବା ସେତିକି ବିକାଶ ହୋଇପାରିବ ବୋଲି ସେ ତାଙ୍କ ବକ୍ତବ୍ୟରେ କହିଥିଲେ। ଅକ୍ଷର ଜ୍ଞାନ ସ୍ହ ଆହଜ୍ଞାନ ଦେବା ଅନୁଷ୍ଠାନର ଲକ୍ଷ୍ୟ। ଏକତା, ସଶକ୍ତ ଏବଂ ଶକ୍ତିଶାଳୀ କରିବା ଲକ୍ଷ୍ୟ ହେଉଛି ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ କାର୍ଯ୍ୟ ବୋଲି ମତ ରଖିଥିଲେ। ଜଣେ ଅନ୍ୟ ଜଣେ ପ୍ରତି ବିଶ୍ୱସନୀୟତା ହରାଉଥିବାରୁ ସମାଜରେ ବିଶୃଙ୍ଖଳା ଦେଖାଦେଇଛି। ତେଣୁ ସମସ୍ତେ ଏ ଦିଗରେ ସଚେତନ ହେବା ଆବଶ୍ୟକ ବୋଲି କାର୍ଯ୍ୟକ୍ରମରେ ଅନ୍ୟ ବ୍ରହ୍ମକୁମାରୀ ମାନଙ୍କ ଦ୍ୱାରା ମତ ପ୍ରକାଶ ପାଇଥିଲା। ରାଜଯୋଗିନୀ ଶ୍ରୀମନ୍ଦି ରାଜଯୋଗିନି ଗୀତା ସମ୍ମୁଖି ମଧ୍ୟ କାର୍ଯ୍ୟକ୍ରମରେ ମଞ୍ଚାସୀନ ଥିଲେ। ସଂଧ୍ୟାରେ ହୋଇଥିବା ଗୀତା ପ୍ରବଚନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୌର ପରିଷଦର ଅଧ୍ୟକ୍ଷା ମମତା ଗୌଡ ଯୋଗଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ରାଜଯୋଗୀନୀ ସୁମତି, ରାଜ ଯୋଗୀନି ଜୟନ୍ତୀ, ରାଜଯୋଗିନି ଶଶୀ ପ୍ରମୁଖ ଉପସ୍ଥିତ ଥିଲେ। ଗୁଣପୁର ଅଞ୍ଚଳର ସମସ୍ତ ବ୍ରହ୍ମକୁମାରୀ ଏବଂ ବ୍ରହ୍ମାକୁମାର ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଆସନାରେ ପ୍ରଥମ ଭତ୍ତା ପ୍ରଦାନ



କୁନ୍ଦୁରା, ୨୨।୨(ସମିସ): କୁନ୍ଦୁରା ବ୍ଲକ ଅନ୍ତର୍ଗତ ଆସନା ପଞ୍ଚାୟତର ଆସନା ଗାଁରେ ପ୍ରଥମ କରି ଭତ୍ତା ପ୍ରଦାନ ଆରମ୍ଭ ହେଲା । ବ୍ଲକ ପ୍ରଶାସନକୁ କୃତଜ୍ଞତା ଜଣାଇଛନ୍ତି ଅଞ୍ଚଳବାସୀ । ପୂର୍ବରୁ ଆଠ କିଲୋମିଟର ଦୂରରେ ତଥା ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଉତ୍ତୁଲଗୁଡା ଠାରେ ଭତ୍ତା ପ୍ରଦାନ କରାଯାଉଥିଲା । ଫଳରେ ଅଞ୍ଚବାସୀଙ୍କୁ ଯାତାୟାତ ପାଇଁ ଅସୁବିଧା ସମ୍ମୁଖୀନ ହେବାକୁ ପଡୁଥିଲା। ଏନେଇ ଅଞ୍ଚଳବାସୀଙ୍କ ବହୁବାର ଅଭିଯୋଗ ପରେ ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଆସନା ଠାରେ ଗତକାଲି ଠାରୁ ଭତ୍ତା ପ୍ରଦାନ କାର୍ଯ୍ୟକ୍ରମ ଆରମ୍ଭ କରିଛି । ସୂଚନା ଥାଉକି, ଆସନା ହେଉଛି ଏହି ପଞ୍ଚାୟତର ମଝି ଗାଁ, ଏଠାରେ ଭତ୍ତା ପ୍ରଦାନ କରାଯିବାରୁ ପୂର୍ବରୁ ୭,୮ କିମି ଦୂର ଯିବା ପରିବର୍ତ୍ତେ ୧,୨ କିମି ଭିତରେ ହିତାଧିକାରୀ ଭତ୍ତା ପାଇପାରିଛନ୍ତି । ଏ ନେଇ ହିତାଧିକାରୀ ମାନେ ଖୁସିବ୍ୟକ୍ତ କରିଛନ୍ତି ଓ ଭତ୍ତା ଭଳି ପିଡିଏସ୍ ସମାଗ୍ରୀ ବଣ୍ଟନ ପାଇଁ ମଧ୍ୟ ଦାବି ରହିଛି । ଆଗାମୀ ଦିନରେ ଏଠାରେ ପିଡିଏସ୍ ସମାଗ୍ରୀ ବଣ୍ଟନ ପାଇଁ ପଦକ୍ଷେପ ନିଆଯିବ ବୋଲି ବିଡିଓ କହିଛନ୍ତି ଓ ତେଣୁ ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିବେଦନ କରିଛନ୍ତି । ପଞ୍ଚାୟତରେ ସମୁଦାୟ ୨୧ ଖଣ୍ଡ ଗାଁ ରହିଛି ସେଥିରୁ ଆସନା ଠାରେ ପ୍ରାୟ ୧୫ ଖଣ୍ଡ ଗାଁରୁ ପ୍ରାୟ ୧୮୦ ଏବଂ ଉଦଳଗୁଡ଼ା ଠାରୁ ୬ ଖଣ୍ଡ ଗାଁରୁ ପ୍ରାୟ ୭୦ ସମୁଦାୟ ପ୍ରାୟ ୨୫୦ ହିତାଧିକାରୀଙ୍କୁ ଆଜି ଭତ୍ତା ପ୍ରଦାନ କରାଯାଇ ଥିବା ସୂଚନା ଦେଇଛନ୍ତି ପିଇଓ । ଭତ୍ତା ବଣ୍ଟନ ସମୟରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସମେତ ପିଇଓ ଗୌରାଙ୍ଗ ଚରଣ ମାଝୀ,ଜିଆରଏସ୍ ସୁଶାନ୍ତ ମାଣ୍ଡିଙ୍ଗା,ନାଏବ ସରପଞ୍ଚ ରାମସିଂ ଗୌଡ, ୱାର୍ଡ ସଭ୍ୟ ଲକ୍ଷଣ ଖିଲ, ଧନପତି ସାନ୍ତା,ୱାର୍ଡ ସଭ୍ୟା ସୁବାଇ ଉଦଳବାଡ଼ିଆ, କୁସୁମାକମାର ଏବଂ ବିମଳା ନାୟକ , ସାମ୍ବାଦିକ ସଂଘ ସଭାପତି ସନ୍ତୋଷ କୁମାର ପ୍ରହରାଜ ଓ ସୁରେନ୍ଦ୍ର ସଗରିଆ ପ୍ରମୁଖ ଉପସ୍ଥିତ ଥିଲେ।

ଡିଏମ୍ଏଫ୍ ପାଣ୍ଠିରେ ଜିଲ୍ଲାରେ ୨୪୪.୬୬କୋଟି ଟଙ୍କା ସଂଗୃହୀତ

ରାୟଗଡ଼ା,୨୨।୨(ସମିସ)

ଯୋଜନା ଓ ସଂଯୋଜନା ବିଭାଗ ତରଫରୁ ପ୍ରାପ୍ତ ତଥ୍ୟ ଅନୁସାରେ ରାୟଗଡ଼ା ଜିଲ୍ଲାରେ ବିଗତ ୫ ବର୍ଷ (୨୦୨୦-୨୧ ରୁ ୨୦୨୪-୨୫)ମଧ୍ୟରେ ମୋଟ ୨୪୪.୬୬କୋଟି ଟଙ୍କା ଜିଲ୍ଲା ଖଣିଜ ପାଣ୍ଠି (ଡିଏମଏଫ) ସଂଗୃହିତ ହୋଇଛି ଏବଂ ଏଯାବତ୍ ସଂଗୃହିତ ପାଣ୍ଠିରୁ ୨୯୭.୫୨କୋଟି ଟଙ୍କା ବିଭିନ୍ନ ପ୍ରକଳ୍ପ ପାଇଁ ମଂଜୁରୀ ପାଇଥିବା ବେଳେ ଏଥି ମଧ୍ୟରୁ ୨୧୨.୪୦କୋଟି ଟଙ୍କା ବିଭିନ୍ନ ପ୍ରକଳ୍ପ ପାଇଁ ଖର୍ଚ୍ଚ ହୋଇଥିବା ନେଇ ରାୟଗଡା ବିଧାୟକ କାଡ୍ରକା ଆପଲାସ୍ୱାମୀଙ୍କ ଅଣତାରକା ପ୍ରଶ୍ନ ସଂଖ୍ୟା ୫୮୮/୧୯/୨/୨୦୨୬ର ଉତ୍ତରରେ ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତିଭୂଷଣ ଜେନା ଉପସ୍ଥାପନା କରିଥିଲେ। ସଂଗୃହୀତ ହୋଇଥିବା ପାଣ୍ଠିର ବର୍ଷୱାରୀ ଓ ଖଣିୱାରୀ ତଥ୍ୟ ବିଧାୟକଙ୍କୁ ପ୍ରଦାନ କରାଯାଇଛି। ରାୟଗଡ଼ା ବିଧାୟକ ଶ୍ରୀ କାଡ୍ରକା ଶିଳ୍ପ ସମୃଦ୍ଧ ରାୟଗଡା ଜିଲ୍ଲାକୁ ଗତ ୫ବର୍ଷରେ କେତେ ଜିଲ୍ଲା ଖଣିଜ ପାଣ୍ଠି ସଂଗୃହିତ ହୋଇଛି, ବର୍ତ୍ତମାନ ସୁଦ୍ଧା ସଂଗୃହିତ ମୋଟ ପାଣ୍ଠିରୁ କେତେ ଅର୍ଥ ବିଭିନ୍ନ ପ୍ରକଳ୍ପ ପାଇଁ ମଞ୍ଜୁର କରାଯାଇଛି ଏବଂ ବାସ୍ତବରେ କେତେ ଅର୍ଥ ଖର୍ଚ୍ଚ କରାଯାଇଛି ବୋଲି ପ୍ରଶ୍ନରେ ଉଲ୍ଲେଖ କରିବା ସହ ଡିଏମ୍ଏଫ ପାଣ୍ଠି ଅଧିନରେ ଜିଲ୍ଲାରେ କେତୋଟି ପ୍ରକଳ୍ପ ହାତକୁ ନିଆଯାଇଥିଲା, ସେଥିମଧ୍ୟରୁ କେତୋଟି ସଂପୂର୍ଣ୍ଣ ହୋଇଛି ଏବଂ ଅଧାରେ ପଡିଥିବା ପ୍ରକଳ୍ପଗୁଡିକର

- ଏଯାବତ ଅଡିଟ୍ ହୋଇନି: ଇସ୍ପାତ ଓ ଖଣି ମନ୍ତ୍ରୀ
- ୩ ବର୍ଷ ହେଲା ଖର୍ଚ୍ଚ ହୋଇନି ଡିଏମଏଫ ପାଣ୍ଠି : ବିଧାୟକ

ସଂଖ୍ୟା କେତେ ଏବଂ ଏହାର ବିଳମ୍ବ ପାଇଁ କେଉଁ କେଉଁ ବିଭାଗ ଦାୟୀ ରହିବେ ଓ ଡିଏମଏଫ ପାଣ୍ଠିର ବ୍ୟବହାର ସମ୍ପର୍କରେ ଅର୍ଥ ବିଭାଗ ପକ୍ଷରୁ ଶେଷ ଥର ପାଇଁ କେବେ ଅଡିଟ୍ କରାଯାଇଥିଲା ବୋଲି ଇସ୍ପାତ ଓ ଖଣି ବିଭାଗୀୟ ମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ। ଯାହାର ଉତରରେ ମନ୍ତ୍ରୀ ଶ୍ରୀ ଜେନା ଡିଏମ୍ଏଫ ପାଣ୍ଠି ଅଧୀନରେ ରାୟଗଡା ଜିଲ୍ଲାରେ ଏଯାବତ୍ ୧୪୨୬ଗୋଟି ପ୍ରକଳ୍ପ ହାତକୁ ନିଆଯାଇଥିଲା ଏବଂ ସେଥିମଧ୍ୟରୁ ୭୨୧ଟି ପ୍ରକଳ୍ପ ସଂପୂର୍ଣ୍ଣ ହୋଇଥିବା ବେଳେ ୨୪୪ଗୋଟି ପ୍ରକଳ୍ପ କାର୍ଯ୍ୟ ଚାଲୁଥିବା ତଥ୍ୟରେ ଉପସ୍ଥାପନା କରିଛନ୍ତି। ସେହିପରି ରାୟଗଡ଼ା ଜିଲ୍ଲା ଡିଏମଏଫ ପାଣ୍ଠିର ବ୍ୟବହାର ସଂପର୍କରେ ଅର୍ଥ ବିଭାଗ ପକ୍ଷରୁ ଏଯାବତ୍ କୌଣସି ଅଡିଟ୍ କରାଯାଇ ନ ଥିବା ମନ୍ତ୍ରୀ ବିଧାୟକଙ୍କ ପ୍ରଶ୍ନର ଉତର ରଖିଛନ୍ତି। ତେବେ ଏଠାରେ ପ୍ରଶ୍ନ ଉଠେ ଯେ, ହଜାର ହଜାର କୋଟି ଟଙ୍କାର ପାଣ୍ଠି ଆଦାୟରେ କାହିଁକି ଅର୍ଥ ବିଭାଗ ପକ୍ଷରୁ ଅଡିଟ୍ କରାଯାଇ ନାହିଁ ତାହା ତଦନ୍ତ ସାପେକ୍ଷ ବୋଲି ବୁଦ୍ଧିଜୀବି ମାନେ ମତ ରଖୁଛନ୍ତି। ରାୟଗଡ଼ା ଜିଲ୍ଲାରେ ଉତ୍କଳ ଆଲୁମିନାର ବାଫଲିମାଳି ବକ୍ସାଇଟ ମାଇନ୍ସ, ପ୍ରଧାନ ଇଣ୍ଡିଷ୍ଟ୍ରିଜର ବନ୍ଧମାଣ୍ଡି ଗ୍ରାଫାଇଟ୍ ମାଇନ୍ସ, ଷ୍ଟୋନ ଫିଲ୍ଡସର ବାସିଙ୍ଗ-ଗୋର୍ଜା ଡେକୋରେଟିଭ୍ ଷ୍ଟୋନ ମାଇନ୍ସ,ଟେଡଲିଗୁଡା ଡେକୋରେଟିଭ୍ ଷ୍ଟୋନ ମାଇନ୍ସ,କଂଟ୍ରାବାଲି ଡେକୋରେଟିଭ୍ ଷ୍ଟୋନ ମାଇନ୍ସ, ପାଇକମାଧୋଖୋଲା ଡେକୋରେଟିଭ୍ ଷ୍ଟୋନ ମାଇନ୍ସ, ହିନ୍ଦୁସ୍ଥାନ ମିନିରେଲର ବଡଆଗୁଳ ଡେକୋରେଟିଭ୍ ଷ୍ଟୋନ ମାଇନ୍ସ ସମେତ ଜିଲ୍ଲାର ବିଭିନ୍ନ ତହସିଲ ଅନ୍ତର୍ଗତ ବାଲିଘାଟ ଓ ବିଭିନ୍ନ ଷ୍ଟୋନ କୁଆରୀରୁ ଗତ ୫ବର୍ଷ ମଧ୍ୟରେ ୨୪୪କୋଟି ୬୫ଲକ୍ଷ ୫୦ହଜାର ୬୦୦ଟଙ୍କା ଆଦାୟ ହୋଇଥିବା ତଥ୍ୟରୁ ଜଣାପଡିଛି। ତଥାପି ଜିଲ୍ଲାରେ ଆଜି ବି ଅନେକ ଦୁର୍ଗମ ଅଞ୍ଚଳର ଗ୍ରାମକୁ ନିତିଦିନିଆ ରାସ୍ତା ନ ଥିବା, ପାନୀୟ ଜଳର ଘୋର ସଙ୍କଟ, ଶିକ୍ଷା,ସ୍ୱାସ୍ଥ୍ୟ ଓ ମୌଳିକ ଅଧିକାରକୁ ନେଇ ଗ୍ରାମବାସୀମାନେ ବର୍ଷ ବର୍ଷ ଧରି ସରକାର ତଥା ପ୍ରଶାସନ ଠାରେ ଗୁହାରୀ କରି ନୟାନ୍ତ ହେଉଛନ୍ତି। ରାୟଗଡ଼ା ଜିଲ୍ଲାର ଡିଏମଏଫ ପାଣ୍ଠି ଗତ ତିନି ବର୍ଷ ହେଲା ଖର୍ଚ୍ଚ ହୋଇ ନ ଥିବା ବେଳେ ଏଥି ପୂର୍ବରୁ ରାୟଗଡ଼ା ସହରର କାନ୍ଥ ବାଡ଼ରେ ଚିତ୍ର ଆଙ୍କି ସହରକୁ ସୁନ୍ଦର ଦେଖାଇବା ଆଳରେ ପ୍ରଶାସନ ପାଣ୍ଠି ଅର୍ଥ ଖର୍ଚ୍ଚ କରିଥିବା ବେଳେ ବର୍ତ୍ତମାନର ନୂତନ ଗାଇଡ୍‌ଲାଇନ ଅନୁଯାୟୀ କେବଳ ଖଣି ପ୍ରଭାବିତ ଅଞ୍ଚଳରେ ଏହି ପାଣ୍ଠି ଖର୍ଚ୍ଚ କରିବାକୁ ନିର୍ଦ୍ଦେଶ ରହିଥିବା ନେଇ ରାୟଗଡା ବିଧାୟକ ଶ୍ରୀ କାଡ୍ରକା କହିବା ସହ ଡିଏମଏଫ ପାଣ୍ଠିର ସଠିକ ବିନିଯୋଗ ପାଇଁ ସେ ସ୍ୱତନ୍ତ୍ର ଦୃଷ୍ଟି ଦେବେ ବୋଲି କହିଛନ୍ତି।

ଇନ୍ଦ୍ରାବତୀ-ନବରଙ୍ଗପୁର ମୁଖ୍ୟରାସ୍ତା ନବୀକରଣ ନିମ୍ନମାନର, ଉଠିଲାଣି ପିଚୁ

ରାସ୍ତାରୁ ହଟୁନି ବିଦ୍ୟୁତ୍ ଖୁଣ୍ଟ, ଦୁର୍ଘଟଣା ଆଶଙ୍କା

ତେନ୍ତୁଳିଖୁଣ୍ଟି ୨୨।୨(ସମିସ): ନବରଙ୍ଗପୁର ଜିଲ୍ଲା ଠାରୁ ଇନ୍ଦ୍ରାବତୀ ପ୍ରକଳ୍ପ ସହର ପର୍ଯ୍ୟନ୍ତ ତିନୋଟି ପର୍ଯ୍ୟାୟରେ କାର୍ଯ୍ୟ ଜାରି ରହିଛି। ଚରାମୁଳା ଠାରୁ ଇନ୍ଦ୍ରାବତୀ ପର୍ଯ୍ୟନ୍ତ ହୋଇଥିବା ପିଚୁ ରାସ୍ତାର ଅନେକ ସ୍ଥାନରେ ପିଚୁ ଉଠିଯାଉଥିବା ଅଭିଯୋଗ କରି ଅସନ୍ତୋଷ ପ୍ରକାଶ କରିଛନ୍ତି ତେନ୍ତୁଳିଖୁଣ୍ଟି ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ ନାଗ। ସୂଚନା ଅନୁଯାୟୀ, ଆଉଲିଗୁମା ନିକଟସ୍ଥ ଏକ ସ୍ଥାନରେ ନୂତନ ଭାବେ ହୋଇଥିବା ଏହି ରାସ୍ତାର ପିଚୁ ଉଠି ରାସ୍ତା ନଷ୍ଟ ହୋଇଛି । ନିର୍ମାଣ ଆରମ୍ଭରୁ ରାସ୍ତାର ଏଭଳି ଅବସ୍ଥାକୁ ନେଇ ଅସନ୍ତୋଷ ପ୍ରକାଶ ପାଉଛି। ଅନେକ ସ୍ଥାନରେ ବିଦ୍ୟୁତ ଖୁଣ୍ଟ, ବୃକ୍ଷ, ପାଇପ୍ ଏୟାର ଭଲବ ଆଦି ପାଇଁ ରାସ୍ତା ସଠିକ ଭାବରେ ରୋଲିଙ୍ଗ ନକରି ପିଚୁ ପକାଯାଇଥିବାରୁ ରାସ୍ତାର ସ୍ଥାୟୀତ୍ୱକୁ ନେଇ ମଧ୍ୟ ପ୍ରଶ୍ନ ଉଠୁଛି। ବିଭାଗୀୟ ସମନ୍ୱୟ ଅଭାବ ହେତୁ କାର୍ଯ୍ୟ ମନ ଇଚ୍ଛା ହେଉଛି । ସମସ୍ତ ବିଭାଗର ଅନୁମତି ନନେଇ କାର୍ଯ୍ୟ ଆରମ୍ଭ ହୋଇ ସାରିବାକୁ ବସିଲାଣି ହେଲେ ରାସ୍ତା ରେ ଥିବା ବୃକ୍ଷ, ପାଇପ ଲାଇନ, ବିଦ୍ୟୁତ ଖୁଣ୍ଟ ଆଦି ହଟା ଯାଇନାହିଁ । ଯାହାକୁ ନେଇ ଅସନ୍ତୋଷ ବୃଦ୍ଧି ପାଇବା ସହ ପ୍ରଶାସନ ରେ ଢିଲାପଣ ପତିତ ହେଉଥିବା ଚର୍ଚ୍ଚା ହେଉଛି । ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ରାସ୍ତା ସଠିକ୍ ଭାବେ ନିର୍ମାଣ ପାଇଁ ଦାବି ହେଉଛି।

ସକାଳ
THE SAKALA

ଲାଘବ ହେଉନି ମଧୁବାବୁ ପେନସନ ଯୋଜନା ଯନ୍ତ୍ରଣା

ବଲାଙ୍ଗିର,୨୨।୨(ସମିସ)

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଓଡିଶା ସରକାର
Social Security & Empowerment of Persons With Disabilities Department, Government of Odisha

- ଅପେକ୍ଷାରେ ହଜାର ହଜାର ହିତାଧିକାରୀ
- ବିଭିନ୍ନ ଅଧିକାରୀଙ୍କ ପାଖରେ ପଡ଼ିଛି ଆବେଦନ ପତ୍ର
- ଯାଞ୍ଚ କରୁନାହାନ୍ତି କି ମଞ୍ଜୁର କରୁନାହାନ୍ତି

ବଲାଙ୍ଗିର ଜିଲ୍ଲାର ଗ୍ରାମାଞ୍ଚଳରେ ଅନେକ ବୃଦ୍ଧ, ବିଧବା ଓ ଦିବ୍ୟାଙ୍ଗ ମଧୁବାବୁ ପେନସନ ଯୋଜନା ଅଧୀନରେ ପେନସନ ପାଇବା ପାଇଁ ବର୍ଷ ବର୍ଷ ହେଲା ଅପେକ୍ଷା କରିଛନ୍ତି। ଯୋଜନାଟି ଗରିବ ଓ ଅସହାୟ ଲୋକଙ୍କ ପାଇଁ ଏକ ଆଶାର ଆଲୋକ। ବଲାଙ୍ଗିର ଜିଲ୍ଲାରେ ବାସ୍ତବ ଚିତ୍ର କିନ୍ତୁ ନୈରାଶଜନକ। ରାଜ୍ୟରେ ବିଜେପି ସରକାର ଗଠନ କରିବା ପରେ ଭତ୍ତା ବୃଦ୍ଧି, ସାମାଜିକ ସୁରକ୍ଷା ବ୍ୟବସ୍ଥାରେ ରହିଥିବା ଯୋଜନାକୁ ତ୍ୱରାନ୍ୱିତ କରିବାକୁ ପ୍ରତିଶ୍ରୁତି ଦେଇଥିଲା; କିନ୍ତୁ ସରକାର ଗଠନ ହେବାର ୨ ବର୍ଷ ବିତିବାକୁ ବସିଥିବା ବେଳେ ଆଜି ବି ମଧୁବାବୁ ପେନସନ ଭତ୍ତା ପାଇବା ଅପେକ୍ଷାରେ ହଜାର ହଜାର ହିତାଧିକାରୀ ଚାତକ ଭଳି ଚାହିଁ ବସିଛନ୍ତି। ବିଭିନ୍ନ ବର୍ଗର ଅସହାୟ, ଗରିବ ବୃଦ୍ଧ, ବିଧବା, ଭିନ୍ନକ୍ଷମମାନଙ୍କ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ପେନସନର କିଛି ଟଙ୍କା ହେଉଛି ଜୀବନର ଆଧାର। କିଛି ବର୍ଷ ହେଲା ଏହି ଭତ୍ତା ବା ପେନସନ ଟଙ୍କା ପାଇଁ ହିତାଧିକାରୀମାନଙ୍କ ଲମ୍ବା ଲାଇନ୍ ରହିଛି। ଭିନ୍ନ ଭିନ୍ନ ଅଧିକାରୀଙ୍କ ପାଖରେ ଶହ ଶହ ଆବେଦନ ପତ୍ର ପଡି ରହିଛି। ଆବଶ୍ୟକ ସମୟରେ ଯାଞ୍ଚ କିମ୍ବା ପଦକ୍ଷେପ ନିଆଯାଉ ନ ଥିବାରୁ ଅନେକ ଯୋଗ୍ୟ ହିତାଧିକାରୀ ଏହି ଯୋଜନାରେ ସାମିଲ ହେବାରୁ ବଞ୍ଚିତ ରହିଥିବା ଅଭିଯୋଗ ହୋଇଛି। ଅନେକ ଆବେଦନ ପତ୍ର ଯାଞ୍ଚ ପ୍ରକ୍ରିୟାରେ ଅଟକି ରହିଛି। କେହି ଡକ୍ୟୁମେଣ୍ଟ ଅଭାବ, କେହି ଅନଲାଇନ୍ ଅପଲୋଡ୍ ହୋଇ ନ ଥିବା ବାହାନା କରୁଥିବା ଅଭିଯୋଗ ହୋଇଛି।

ତେବେ ମିଳିଥିବା ସୂଚନା ଅନୁସାରେ ଜିଲ୍ଲାରେ ସମୁଦାୟ ୨୮ ହଜାର ୫ ଜଣଙ୍କ ଆବେଦନ ପତ୍ର ମଞ୍ଜୁର ନ ହୋଇ ବିଭିନ୍ନ ଅଧିକାରୀଙ୍କ କାର୍ଯ୍ୟାଳୟରେ ନାଲି ଫିତାରେ ବାନ୍ଧି ହୋଇପଡିଛି। ଜିଲ୍ଲାର ୧୪ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପ୍ରାୟ ୧୪ ହଜାର ୨୧୧ ଆବେଦନ ପତ୍ର ପଡ଼ିରହିଛି। ହାରାହାରି ପ୍ରତି ବ୍ଲକରେ ପ୍ରାୟ ହଜାରେ ହିତାଧିକାରୀଙ୍କ ଆବେଦନ ପତ୍ର ପଡ଼ି ରହିଛି। ସେହିପରି ପୌର ନିର୍ବାହୀ ଅଧିକାରୀଙ୍କ ପାଖରେ ୭୪୬ ଆବେଦନ ପତ୍ର ଯାଞ୍ଚ ନ ହୋଇ ପଡିରହିଥିବା ଜଣାପଡିଛି।୨୧୪୭ ଜଣ ହିତାଧିକାରୀଙ୍କ ଆବେଦନ ପତ୍ର ଜିଲ୍ଲାର ବିଭିନ୍ନ ବ୍ଲକର ବିଡ଼ିଓଙ୍କ ପାଖରେ ପଡିରହିଥିବା ବେଳେ ସଂପୃକ୍ତ ଅଧିକାରୀମାନେ ଏହାକୁ ଯାଞ୍ଚ କରିବା ଦିଗରେ ମଧ ତତ୍ପରତା ଦେଖାଉ ନ ଥିବା ଅଭିଯୋଗ ହୋଇଛି। ସେହିପରି ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀଙ୍କ ପାଖରେ ଜିଲ୍ଲାର ୧୦ ହଜାର ୮୭୫ ହିତାଧିକାରୀଙ୍କ ଆବେଦନ ପତ୍ର ପଡିରହିଥିବା ବେଳେ ୪ ଜଣ ହିତାଧିକାରୀଙ୍କ ଆବେଦନ ପତ୍ର ବିଭିନ୍ନ ତହସିଲଦାରଙ୍କ ପାଖରେ ପଡିରହିଥିବା ଜଣାପଡିଛି। ସେହିପରି ୨୨ ହିତାଧିକାରୀଙ୍କ ଆବେଦନ ପତ୍ର ଉପ ଜିଲ୍ଲାପାଳଙ୍କ ପାଖରେ ପଡିରହିଥିବା ବେଳେ ଏହିଭଳି ଭାବେ ପ୍ରାୟ ୨୮ ହଜାରରୁ ଅଧିକ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରୁ ବଞ୍ଚିତ ରଖାଯାଇଥିବା ଅଭିଯୋଗ ହୋଇଛି।

ବିଶେଷ କରି ଡିଜିଟାଲ୍ ପ୍ରଣାଳୀରେ ଆବେଦନ ବ୍ୟବସ୍ଥା ଆସିବା ପରେ ଅନେକ ଅଶିକ୍ଷିତ ହିତାଧିକାରୀମାନେ ସମସ୍ୟାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। କେତେକ ଗ୍ରାମରେ ତାଲିକା ପ୍ରକାଶ ହେଉ ନ ଥିବାରୁ ଲୋକମାନେ ଠିକ୍ ସୂଚନା ପାଉନାହାନ୍ତି। ଲାଭାନ୍ୱିତ ଚୟନ ପ୍ରକ୍ରିୟାରେ ସ୍ୱଚ୍ଛତା ନ ଥିବା ନେଇ ମଧ ଅଭିଯୋଗ ହୋଇଛି। କେହି ଯୋଗ୍ୟ ହୋଇଥିଲେ ମଧ ବଞ୍ଚିତ ରହିଯାଉଛନ୍ତି। ଆଉ କେହି ଅଯୋଗ୍ୟ ଲୋକ ହୋଇ ମଧ ଯୋଜନାର ଫାଇଦା ଉଠାଇ ନେଉଥିବା ଅଭିଯୋଗ ହୋଇଛି। ଯୋଜନାର ଉଦ୍ଦେଶ୍ୟ ଯଦି ସତରେ ଗରିବ ଓ ଅସହାୟଙ୍କ ସହାୟତା କରିବା ତେବେ ବଲାଙ୍ଗିର ଜିଲ୍ଲାରେ ଲମ୍ବିଥିବା ଆବେଦନଗୁଡ଼ିକୁ ଶୀଘ୍ର ସମାଧାନ କରିବା ଆବଶ୍ୟକ। ନଚେତ୍ ପେନସନ ପାଇଁ ଅପେକ୍ଷା କରୁଥିବା ଲାଭାନ୍ୱିତମାନଙ୍କ ଆଶା ଧୀରେ ଧୀରେ ନିରାଶାରେ ପରିଣତ ହେଉଛି। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ ନ କରିବାର ପରିତାପର ବିଷୟ।

ବାଇକ୍ ଧକ୍କାରେ ସାଇକଲ ଚାଳକ ମୃତ



ବଲାଙ୍ଗିର,୨୨।୨(ସମିସ): ବଲାଙ୍ଗିର ଇନ୍ଦିରାନଗର ଛକ ନିକଟରେ ବାଇକ ଧକ୍କାରେ ଗୁରୁତର ଆହତ ହୋଇଥିବା ରାଜେନ୍ଦ୍ର ରଣା (୬୧) ନାମକ ଜଣେ ବୃଦ୍ଧଙ୍କ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଛି। ଟାଉନ ଥାନା ପୁଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା।

ପରିବାର ଲୋକେ ଦୁର୍ଘଟଣାସ୍ଥଳକୁ ମୃତଦେହ ଆଣି ରାସ୍ତାରୋକ କରିଥିଲେ। ଟାଉନ ଥାନା ଅଧିକାରୀ ଅବନୀ ସାହୁ ଓ ବଲାଙ୍ଗିର ତହସିଲଦାର ଲଗ୍ନଜିତ ବେହେରା ଘଟଣାସ୍ଥଳକୁ ଆସି ମୃତକଙ୍କ ସମ୍ପର୍କୀୟଙ୍କୁ ବୁଝାସୁଝା କରିଥିଲେ। ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ସହାୟତା ଦେବାକୁ ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା।

ଏ ନେଇ ବଲାଙ୍ଗିର ଟାଉନ ପୁଲିସ ଦୁର୍ଘଟଣା ଘଟାଇଥିବା ବାଇକଚାଳକ ମାଲଗୋଦାମପଡ଼ାର ଗୋପାଳ ମେହେର (୩୬)ଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

କଣ୍ଟାବାଞ୍ଜିରେ ରାତି ହେଲେ ବେଧଡ଼କ ବେଆଇନ ମଦ ବିକ୍ରି

କଣ୍ଟାବାଞ୍ଜି,୨୨।୨(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସହରରେ ବେଆଇନ ବିଦେଶୀ ମଦ ଡେଲିଭରି ଚାଲିଛି। ଯେଉଁଠିକୁ ଫୋନ୍ କଲେ ରାତିସାରା ବିଦେଶୀ ମଦ ପହଞ୍ଚୁଛି। ଏଥିଯୋଗୁ

- ଫୋନ୍ କଲେ ହୋଟେଲ ଓ ବିଭିନ୍ନ ସ୍ଥାନକୁ ମଦ ଡେଲିଭରି
- ସବୁ ଜାଣିଥିଲେ ବି ହାତବାନ୍ଧି ଚୁପ୍ ବସିଛି ପୁଲିସ, ଅବକାରୀ ବିଭାଗ

ସହରରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହେଉଛି। କଣ୍ଟାବାଞ୍ଜି ସହରରେ ୨ଟି ଲାଇସେନ୍ସପ୍ରାପ୍ତ ମଦ ଦୋକାନ ରହିଛି। ରାତି ୧୦ଟା ହେଲେ ଏହି ଦୁଇ ବିଦେଶୀ ମଦ ଦୋକାନ ବନ୍ଦ ହେଉଛି। ଏହାପରେ ଡେଲିଭରି ବଏମାନେ ମତ ନେଇ ବେପାରରେ ଲାଗି ପଡୁଛନ୍ତି। ଏମାନେ ରାତି ସାରା କଣ୍ଟାବାଞ୍ଜି ସହରେ ଥିବା ବଡ଼ ବଡ଼ ହୋଟେଲ,ଘର ଏବଂ ବିଭିନ୍ନ ସ୍ଥାନକୁ ଏମାନେ ବିପୁଳ ପରିମାଣର ମଦ ଧରି ଡେଲିଭରି କରୁଛନ୍ତି। ଏଥିଯୋଗୁଁ ନିଶାଶକ୍ତ ବ୍ୟକ୍ତିଙ୍କୁ ସହଜେ ମଦ ମିଳି ଯାଉଛି। ଏହାଫଳରେ ଅସାମାଜିକ ବ୍ୟକ୍ତିମାନେ ରାତିରେ ମଦ ପିଇ କଣ୍ଟାବାଞ୍ଜି ସହର ଏବଂ ସହର ବାହାରେ ଚୋରି, ଡକାୟତି କରୁଛନ୍ତି। ଏଣୁ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହେବାରେ ଲାଗିଛି। ସହର ଭିତରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହେବାରେ ସିଧାସଳଖ ମଦ ଡେଲିଭରି କରୁଥିବା ଯୁବକମାନେ ହିଁ ଦାୟି। ଅନ୍ୟପକ୍ଷରେ ଏହି ବେଆଇନ ମଦ ଡେଲିଭରି କରୁଥିବା ଯୁବକମାନଙ୍କୁ କଣ୍ଟାବାଞ୍ଜିରେ ଥିବା ଏହି ଦୁଇଟି ଲାଇସେନ୍ସପ୍ରାପ୍ତ ମଦ ଦୋକାନ କେଉଁ ନିୟମ ଅନୁଯାୟୀ ଏମାନଙ୍କୁ ଏକା ସାଙ୍ଗରେ ଏତେ ପରିମାଣର ମଦ ଦେଉଛନ୍ତି ତାହା ପ୍ରଶ୍ନ ସୃଷ୍ଟି କରିଛି। ଅବକାରୀ ବିଭାଗ ଏ ଦିଗରେ ଆଦୌ ଦୃଷ୍ଟ ଦେଉନି। ସେହିପରି କଣ୍ଟାବାଞ୍ଜି ସହରରେ ବେଆଇନ ଭାବେ ରାତି ସାରା ମଦ ଡେଲିଭରି କରୁଥିବା ଯୁବକମାନଙ୍କ ବିଷୟରେ କଣ୍ଟାବାଞ୍ଜି ପୁଲିସ ଏବଂ ଅବକାରୀ ପୁଲିସ ପାଖରେ ସବୁ



ଖବର ଅଛି; ହେଲେ ପୁଲିସ ଓ ଅବକାରୀ ବିଭାଗ ଚୁପ୍। କିଛି ଜାଣି ନ ଥିବାର ଅଭିନୟ କରୁଛି। ବେଆଇନ ଭାବେ ମଦ ଡେଲିଭରି କରୁଥିବା ଯୁବକମାନଙ୍କଠାରୁ ପୁଲିସ ଓ ଅବକାରୀ ବିଭାଗ ମୋଟା ଅଙ୍କର ହାତଗଞ୍ଜା ନେଇ ଅନ୍ଧ ସାଜିଛି। କହିବାକୁ ଗଲେ ପୁଲିସ ଓ ଅବକାରୀ ବିଭାଗ ହିଁ ଏହି ବେଆଇନ କାରବାରକୁ ସହଯୋଗ କରୁଛି।

ଅଜଣା ଗାଡ଼ି ଧକ୍କାରେ ବାଇକ୍ ଚାଳକ ଗୁରୁତର

ବଲାଙ୍ଗିର, ୨୨।୨ (ସମିସ): ବଲାଙ୍ଗିର ଜିଲ୍ଲା ପୁଇଁନ୍ତଲା ଥାନା ବଲାଙ୍ଗିର-ରଣ୍ଡା ରାସ୍ତାରେ ଅଜଣା ଗାଡ଼ି ଧକ୍କାରେ ପୁଇଁନ୍ତଲା ଥାନା ରାଘବପାଲିର ଶଙ୍କର ବାରିକ (୨୯) ଗୁରୁତର ହୋଇଛନ୍ତି। ତାଙ୍କ ନିଜ ଘର ଦେଓଗାଁ ଥାନା କରୁଆଁଝର ଗାଁ। ସେ ରାଘବପାଲିରେ ରହୁଛନ୍ତି। ରବିବାର ଅପରାହ୍ନ ପ୍ରାୟ ୨ଟା ୩୦ରେ ଶଙ୍କର ବାଇକ୍‌ରେ ଆସୁଥିବା ବେଳେ କୌଣସି ଅଜଣା ଗାଡ଼ି ବାଇକକୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଶଙ୍କରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଭୀମ ଭୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପୁଇଁନ୍ତଲା ପୁଲିସ ମାମଲା ରୁଜୁ ସହ ତଦନ୍ତ କରୁଥିବା ଥାନା ଅଧିକାରୀ ସଞ୍ଜୟ ରାଉତରାୟ ସୂଚନା ଦେଇଛନ୍ତି।

ଡୁମାଲ ସମାଜ ସାଂଗଠନିକ ବୈଠକ



ବଲାଙ୍ଗିର,୨୨।୨(ସମିସ): ଜାତି ସ୍ତରରେ ସଂଗଠିତ ହୋଇ ନିଜର ସଂପ୍ରଦାୟ ବିକାଶ ସହ ଜାତି ଭିତରେ ଥିବା କୁସଂସ୍କାର ଦୂର କରିବା, ଶିକ୍ଷା କ୍ଷେତ୍ରରେ ସଚେତନତା ଆଣି ନିଜର ଜାତି ସମାଜର ପୁଅଝିଅମାନଙ୍କୁ ଉଚ୍ଚ ଶିକ୍ଷିତ କରାଇବା କ୍ଷେତ୍ରରେ ଡୁମାଲ ସମାଜ ଆଖି ଦୃଶିଆ କାମ କରିଛନ୍ତି; କିନ୍ତୁ ଏତିକି କଲେ ହେବ ନାହିଁ। ନିଜ ଭିତରେ ଏକତା ସହ ସମାଜ ପ୍ରତି ଥିବା ନିଜର ଉତ୍ତରଦାୟିତ୍ୱ ବିଶେଷ କରି ରାଜନୈତିକ ସ୍ତରରେ ଏକତାବଦ୍ଧ ହୋଇ ଅଞ୍ଚଳର ସାମଗ୍ରିକ ବିକାଶରେ ଯୋଗଦାନ କଲେ ହିଁ ଜାତି ସମାଜର ସମାଜ ପ୍ରତି ଦାୟିତ୍ୱବୋଧତା ପ୍ରମାଣିତ ହୋଇଥାଏ। ତେଣୁ ନିଜ ଜାତି ସହ ସମାଜ ପ୍ରତି ମଧ ଉତ୍ତରଦାୟିତ୍ୱ ପ୍ରମାଣର ଆବଶ୍ୟକତା ରହିଛି। ବଲାଙ୍ଗିର ବ୍ଲକ୍ ରାଣୀପାଲି ଆମ୍ବ ବଗି.ରେ ଅନୁଷ୍ଠିତ ୬୦ଘର ଡୁମାଲ ସମାଜର ସାଂଗଠନିକ ବୈଠକରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଯୋଗ ଦେଇ ଉପସ୍ଥିତ ଲୋକଙ୍କୁ ନିଜ ବକ୍ତବ୍ୟରେ ଏହା କହିଛନ୍ତି। ଏହି ଅବସରରେ ନୂତନ ଭାବେ ନିର୍ବାଚିତ ହୋଇଥିବା ୬୦ଘର ଡୁମାଲ ସମାଜର ସଭାପତି ଶରତ ମହାକୁରଙ୍କୁ ମୁଖ୍ୟ ଅତିଥି ଶ୍ରୀ ମିଶ୍ର ଉତ୍ତରୀୟ ପ୍ରଦାନ ସହ ସମ୍ବର୍ଦ୍ଧିତ କରିଥିଲେ। ଏ ଅବସରରେ ଶ୍ରୀ ମିଶ୍ର ଆହୁରି ମଧ କହିଥିଲେ ଯେ ଡୁମାଲ ସମାଜ ଏକ ସାମାଜିକ ରାଜନୈତିକ ଓ ଅର୍ଥନୈତିକ ସ୍ତରରେ ଏକ ଆଗୁଆ ଜାତି ସମାଜ। ଏମାନେ କେବଳ ନିଜ ଭିତରେ ନ ରହି ସମାଜରେ .ଲିଥିବା ଦୁର୍ନୀତି, ବେକାରୀ ସମସ୍ୟା, ମହିଳା ନିର୍ଯାତନା, .ଷୀମାନଙ୍କ ଧାନକିଣା ସମସ୍ୟା ଏ ସବୁର ସମାଧାନ ପାଇଁ ମଧ ସ୍ୱର ଉତ୍ତୋଳନ କରନ୍ତି। ପୂର୍ବତନ ସଭାପତି ଲମ୍ବୋଦର ମହାକୁର ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସୁବଳ ଖମାରୀ, ନାରାୟଣ କର୍ମ, ପିଙ୍କୁ ମହାକୁର, ବୁଢୁ କରନ, ମଧୁସୂଦନ କ୍ଷେତୀ, ଜନାର୍ଦ୍ଦନ ମେର୍ଲି, ବୃନ୍ଦଦେବ ମହାକୁର, ଅଭିମନ୍ୟୁ ପ୍ରଧାନ, ସୁଦାମ ଖମାରୀ, ମହେନ୍ଦ୍ର ମହାକୁର, ଡାକ୍ତର କ୍ଷେତି, କବିନ୍ଦ୍ର ପଧାନ, ମୀନକେତନ ଡାଙ୍ଗ, ଦୁଃଖିଶ୍ୟାମ ମହାକୁର, ମିତ୍ର ବଘାର, ସୁଶୀଳ ମହାକୁର, ହେମନ୍ତ ମହାକୁର, ସଦାନନ୍ଦ ଗୁରାଣ୍ଡି ପ୍ରମୁଖ ଉପସ୍ଥିତ ରହି ନିଜର ମତାମତ ରଖିଥିଲେ। ସଂଜୟ ମହାକୁର ସଭା ପରି.ଳନା କରିଥିଲେ। ଶଙ୍କର୍ଷଣ ଭୋଇ ଧନ୍ୟବାଦ ଦେଇଥିଲେ।

ସଇଁତଲା ବ୍ଲକ୍ ଯାଦବ ଭବନ ଗୃହ ଉଦ୍‌ଘାଟିତ



ସଇଁତଲା, ୨୨।୨(ସମିସ): ସଇଁତଲାସ୍ଥିତ ଗିରିଗୋବାର୍ଦ୍ଧନ ମନ୍ଦିର ପରିସରରେ ସଇଁତଲା ବ୍ଲକ ଯାଦବ ଭବନ ଉଦ୍‌ଘାଟିତ ହୋଇଛି। ବ୍ଲକ ଯାଦବ ସମାଜ ସଭାପତି ମନୋହର ବାଗଙ୍କ ଅଧକ୍ଷତାରେ ଅୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ଟିଟିଲାଗଡ଼ ବିଧାୟକ ନବୀନ ଜୈନ, ବ୍ଲକ ଅଧକ୍ଷା ମୋନିକା ସିଂ ଭୋଇ, ବିଡ଼ିଓ ପୁରୁଷୋତ୍ତମ ମିର୍ଦ୍ଧା, ଜିଲ୍ଲା ଯାଦବ ସମ୍ପାଦକ ଦିଲୀପ ରାଜପଳିଆ, ବ୍ଲକ ଯାଦବ ସମାଜ ସମ୍ପାଦକ ବିନୟ ଭୋଇ, ସତ୍ୟନାରାୟ ବଗର୍ତ୍ତୀ, ଜିଲ୍ଲା ଉପଦେଷ୍ଟା ସତ୍ୟ ବାଗ, ସନ୍ଦୀପ ବାଗ, ଟୁନୁ ରାଜପଳିଆ, ଫିରୋଜ ବାଗର୍ତ୍ତୀ ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟତମ ଅତିଥି ଭାବେ କ୍ଷେତ୍ରପତି ଜାଲ, ବିନୋଦ ବଗର୍ତ୍ତୀ, ନାରାୟଣଜାଲ, ଦିଲ୍ଲୀପ ବଗର୍ତ୍ତୀ, ହୀରାଧର ଗହୀର, ଗୌର ଚନ୍ଦ୍ର ରାଜପଳିଆ, ଗିରିଧାରୀ ଚନ୍ଦନ, ସଂକୀର୍ତ୍ତନ ବଗର୍ତ୍ତୀ, ମିଳନ ଗହୀର ପ୍ରମୁଖ ଉପସ୍ଥିତ ଥିଲେ।

GOVERNMENT OF ODISHA
OFFICE OF SUPERINTENDING ENGINEER
MINOR IRRIGATION DIVISION, JEYPORE
E-mail ID: - mijeypore@yahoo.co.in

32001/112/2526

NOTICE INVITING TENDER
E-Procurement Notice
Bid Identification No. MIDJEY - 21/2025-26
Letter No. 235 / Dt. 18.02.2026

The Superintending Engineer, Minor Irrigation Division, Jeypore on behalf of Governor of Odisha invites Percentage rate bids in Single cover system through Online Mode. The bid documents consisting of work, Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-procurement portal https://tendersodisha.gov.in

1.	Name of the work	:	IDF Scheme for the year 2025-26.
2.	Total Number of work	:	01 (One) No.
3.	Estimated cost	:	Approximately Rs. 20.83 lakhs .
4.	Period of completion	:	02 (Two) Calendar Months
5.	Class of Contractor	:	"C" and "B" Class Contractor
6.	Date and time of availability of bid documents in the portal	:	From 10.00 A.M of 24.02.2026 to 5.30 PM of 05.03.2026
7.	Last date /time for receipt of bids in the portal	:	5.30 P.M on 05.03.2026
8.	Date of opening of bid	:	At 11.00 A.M on 06.03.2026 in website (www.tendersorissa.gov.in)
9.	Submission of Bids	:	Online mode
10.	Name of the Officer inviting Bid	:	Superintending Engineer, Minor Irrigation Division, Jeypore
11.	Further details can be seen from the Government of Odisha Web-site:www.tendersorissa.gov.in		

Superintending Engineer
M.I. Division, Jeypore

OIPR-32001/32374/1/25-26/0001

ମର୍ଯ୍ୟାଦାର ସହ ଶବ ସତ୍କାର କଲା ବିଙ୍ଗ୍ ହ୍ୟୁମାନ ଫାଉଣ୍ଡେସନ



ବଲାଙ୍ଗିର,୨୨।୨(ସମିସ) : ବଲାଙ୍ଗିରର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ବିଙ୍ଗ ହ୍ୟୁମାନ ଫାଉଣ୍ଡେସନ ତରଫରୁ ଏକ ଅଜଣା ଶବକୁ ସମ୍ମାନ ସହ ସତ୍କାର କରାଯାଇଛି। ସୁନ୍ଦରଗଡ଼ ଜିଲ୍ଲାର ବଣେଇ ଅଞ୍ଚଳର ସରସ୍ୱତୀ ନାଏକ ବଲାଙ୍ଗିର ସହରରେ କାମ କରି ରହୁଥିଲେ। ସ୍ୱାମୀଙ୍କ ମୃତ୍ୟୁ ପରେ ଦିଅର ସହ ପେଟି ବୋହି ପେଟ ପୋଷଣ କରୁଥିଲେ। ସରସ୍ୱତୀଙ୍କ ଦେହ ଅସୁସ୍ଥ ହେବାରୁ ତାଙ୍କ ଦିଅର ତାଙ୍କୁ ଭୀମ ଭୋଇ ମେଡିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସିତ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ଜାତିରେ ବିବାହ ପାଇଁ ସୁନ୍ଦରଗଡ଼ରୁ ମଧ କେହି ଆସି ନ ଥିଲେ। ତାସହ ତାଙ୍କ ଦିଅର ମହେଶ ମଧ ଏକା ଶବ ସତ୍କାର କରିବା ପାଇଁ ଅସମର୍ଥ ହେବାରୁ ହସ୍ପିଟାଲର କର୍ତ୍ତୃପକ୍ଷ ଏବଂ ପୁଲିସ ପ୍ରଶାସନ ବିଙ୍ଗ ହ୍ୟୁମାନ ଫାଉଣ୍ଡେସନର କର୍ମକର୍ତ୍ତାଙ୍କୁ ଜଣାଇଥିଲେ। ଅନୁଷ୍ଠାନର କର୍ମକର୍ତ୍ତା ସ୍ଥାନୀୟ ବିଭୁତିପଦା ଶ୍ମଶାନରେ ସମ୍ମାନର ସହ ତାଙ୍କ ଶବ ସତ୍କାର କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ସୋମନାଥ ମିଶ୍ର, କନ୍ଦର୍ପ ରଣା, ଅରୁଣ ନାଏକ, ଖଗେଶ୍ୱର ପ୍ରଧାନ, ବିଶ୍ୱଜିତ ପଟେଲ, ଘନ ପଶୟତ, ମୁକେଶ ପଧାନ, ପଞ୍ଚା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଶବ ସତ୍କାର କରିଥିଲେ।

୪ ବର୍ଷ ହେଲା ପୋଲ କାମ ସରୁନି

କନ୍ଧମାଳ,୨୨।୨(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଲ ବ୍ଲକ୍ ସିମିଳିପଦର ପଞ୍ଚାୟତ ସିଆଳଝୁଲି ଗ୍ରାମକୁ ଯାଇଥିବା ରାସ୍ତାରେ ଏକ ନାଳ ଉପରେ ୪ ବର୍ଷ ହେଲା ପୋଲ ନିର୍ମାଣ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ଏହାଫଳରେ ଅଞ୍ଚଳବାସୀ ଯିବା ଆସିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ୧୪ ଖଣ୍ଡ ଗ୍ରାମର ପ୍ରାୟ ୧୦ ହଜାରରୁ ଅଧିକ ଲୋକ ଏହି ସିଆଳଝୁଲି ରାସ୍ତା ଉପରେ



ନିର୍ଭର କରିଥାନ୍ତି। ସିଆଳଝୁଲି, ଖମ୍ବସରିପାଲି, ଦପଲା, ହରିପୁର, ରୁଗୁଡ଼ିପାଲି, କଣ୍ଠିଆପାଲି, ମଧୁପୁର, ଗୁଆବାହାଲ ଆଦି ଗାଁର ଲୋକେ ଦୈନନ୍ଦିନ କାର୍ଯ୍ୟ ପାଇଁ ନିକଟସ୍ଥ ପଲସାଗୋରା ବଜାର ଉପରେ ନିର୍ଭର କରିଥାନ୍ତି। ସେହିପରି ଏହି ଗ୍ରାମ ଗୁଡିକର ଛାତ୍ରଛାତ୍ରୀ ନାଳ ପାରି ହୋଇ ଦପଲା ପ୍ରାଥମିକ ବିଦ୍ୟାଳୟ, କୁଣ୍ଡାମାଲ ହାଇସ୍କୁଲ ଓ ପଲସାଗୋରା କଲେଜକୁ ପାଠ ପଢିବାକୁ ଯାଇଥାନ୍ତି; ହେଲେ ଏହି ରାସ୍ତାରେ ଥିବା ନାଳ ବର୍ଷା ଦିନ ହେଲେ ସମସ୍ୟା ସୃଷ୍ଟି କରିଥାଏ। ବର୍ଷା ହେଲେ ଯୋଗାଯୋଗ ବିଛିନ୍ନ ହୋଇପଡେ। ଏହାଫଳରେ ଛାତ୍ରଛାତ୍ରୀ ତଥା ଲୋକେ ନାଳ ଭିତରେ ପଶି ବିପଦଜନକ ଅବସ୍ଥାରେ ଯାତାୟାତ କରିଥାନ୍ତି। ବର୍ଷା ମାସ ହେଲେ ଏହି ସବୁ ଗାଁକୁ ଆମ୍ବୁଲାନ୍ସ ଯାଇ ପରେ ନାହିଁ। ଏହାଫଳରେ ରୋଗୀମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏପରିକି ଏହି ରାସ୍ତା ଦେଇ ପଲସାଗୋରା, ଜୁନାନି, କୁଣ୍ଡାମାଲ, ଝିଙ୍କରପାଲି, ଡେଙ୍ଗପଦର, ମୁଣ୍ଡିପଦର ଆଦି ଗ୍ରାମର ଲୋକେ ଏହି ରାସ୍ତା ଦେଇ ଗବଜୋର ସାପ୍ତାହିକ ବଜାର, ବଲାଙ୍ଗୀର ଡାକ୍ତରଖାନା ଆଦି ସ୍ଥାନକୁ ଯିବା ପାଇଁ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ଏହି ଅଞ୍ଚଳର ଲୋକମାନେ ଏକ ସେତୁ ନିର୍ମାଣ ପାଇଁ ବାରମ୍ବାର ଲୋକପ୍ରତିନିଧିଙ୍କଠାରେ ଅଭିଯୋଗ କରିବା ପରେ ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠିରୁ ୨୦୨୩-୨୪ ଆର୍ଥିକ ବର୍ଷରେ ୧୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା; ହେଲେ ଏହି ଟଙ୍କାରେ ପୋଲ କାମ ସମ୍ପୂର୍ଣ୍ଣ ହୋଇ ନ ପାରି ଅସମ୍ପୂର୍ଣ୍ଣ ହୋଇ ପଡ଼ିରହିଛି। ପୋଲ ନ ଥିଲାବେଳେ ଲୋକେ ନାଳ ଭିତରେ ଯିବା ଆସିବା କରୁଥିଲେ; ହେଲେ ପୋଲ କାମ ଅସମ୍ପୂର୍ଣ୍ଣ ହେଇ ପଡିରହିଥିବାରୁ ଲୋକେ ଲୋକଙ୍କ ବ୍ୟକ୍ତିଗତ ଖେତ ମଧ ଦେଇ ଯାତାୟାତ କରୁଛନ୍ତି। ଆଗକୁ ବର୍ଷା ଦିନ ଆସୁଥିବାରୁ ଲୋକେ ନିଜ ଜମିରେ ଚାଷ କାର୍ଯ୍ୟ କଲେ କେଉଁ ରାସ୍ତା ଦେଇ ଯିବା ଆସିବା କରିବେ ସେ ନେଇ ଚିନ୍ତାରେ ଥିବା ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ତେଣୁ ଏହି ନାଳର ଏହି ପୋଲ କାମ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ନ ହେଲେ ଏହି ୧୪ଟି ଗ୍ରାମର ଲୋକେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରିବାକୁ ଚେତାବନୀ ଦେଇଛନ୍ତି।

OFFICE OF THE NOTIFIED AREA COUNCIL, TUSURA
(Dept. of Housing & Urban Development, Govt. of Odisha)
At/po/ps- Tusura, Dist.- Balangir-767030, email: nactusura@gmail.com

13001/357/2526

e-tender notice details
BID Identification No. Tusura NAC-1-2026
e-tender call notice / DTCN No. 154/18.02.2026

Bid Documents consisting of work, Estimated Cost, Cost of Tender Paper, EMD, time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in

1.	Name of the work	:	Civil Construction works as mentioned in website.
2.	No. of works.	:	07 nos. of Civil Projects
3.	Tender Cost	:	Rs.500000/- to Rs.20,00000/-
4.	Period of Completion	:	30days
5.	Date & Time of availability of Bid Documents in the Portal	:	From 21.02.2026, 12:00 am to 02.03.2026, 5:00 PM.
6.	Last date & time for receipt of bids in the portal.	:	On 02.03.2026 at 5:00 PM.
7.	Last date & time for deposit Of Fees& Documents (in sealed envelope) at Office tender box.	:	On 07.03.2026 at 05:00 PM.
8.	Bids received online & Offline will be opened on	:	On 10.03.2026 at 11:00 AM.
9.	Name and address of the officer inviting Bid	:	Executive Officer, Tusura NAC.

Further details can be seen from the procurement portal i.e. https://tendersodisha.gov.in

Sd/- Chandan Ku. Satpathy
Executive Officer, Tusura NAC

OIPR-13001/13167/1/25-26/0001